
ମାର୍ଚ୍ଚ ୨୦୨୦



ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ,

ଜୀବନର ପ୍ରତ୍ୟେକ ହୋଲି ଏକ ରଙ୍ଗୀନ ସ୍ମୃତିର ଦସ୍ତକ ଦିଏ । ପ୍ରକୃତିର ବାତାବରଣରେ ରଙ୍ଗୀନ ଛିଟା, ଜୀବନର ଖୋଜ ତ ଏହି ଅଟେ । ହୋଲିର ଏହି ରଙ୍ଗ ବ୍ୟକ୍ତିକୁ ଦାର୍ଶନିକ ବନେଇ ଦେଇଥାଏ । ରଙ୍ଗ, ଯୋଶ, ମସ୍ତି ଭିତରେ ସର୍ବଦା ଏକ ସନ୍ଦେଶ ଲୁଚ ରହିଥାଏ । ସୟମ ଏବଂ ବାହାଦୂରୀ ସହିତ ବ୍ୟକ୍ତିକୁ ପ୍ରତ୍ୟେକ ରଙ୍ଗର ସାମନା କରିବା ଉଚତ । କାରଣ ଜୀବନର ବିଭିନ୍ନ ରଙ୍ଗ ବିଭିନ୍ନ ସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ହୋଲିର ସ୍ପିରିଟ କୁ ଶବ୍ଦରେ ବ୍ୟକ୍ତ କରିବା କଷ୍ଟକର । ଏହାକୁ କେବଳ ଅନୁଭବ କରାଯାଇପାରେ । ହୋଲି ଆମର ଜୀବନକୁ ଅନେକ ରଙ୍ଗରେ ଭରି ଦେଇଥାଏ । ଜୀବନର ସମସ୍ତ କଟୁତାକୁ ଭୁଲି ଇର୍ଷା, ଦ୍ୱେଷରୁ ମୁକ୍ତି ପାଇ ପରସ୍ପର ସ୍ନେହ, ସୌହାର୍ଦ୍ୟପୂର୍ଣ୍ଣ ଜୀବନ ବ୍ୟତୀତ କରିବାକୁ ଏହି ଉତ୍ସବ ସନ୍ଦେଶ ଦେଇଥାଏ ।

ମନକୁ ମଜବୁତ୍ ଏବଂ ବଳବାନ ବନେଇବାକୁ ହେଲେ ସଂକଳ୍ପ ଦରକାର । କାରଣ ମନର ସ୍ୱସ୍ତ ହେବା ହିଁ ସବୁବେଳେ ହୋସରେ ରହିବା କୁହାଯାଏ । ଆମର ଇଛାଶକ୍ତି ହେଉଛି ଏମିତି ଏକ ଅସ୍ତ୍ର ଯାହା ମନକୁ ସଦୈବ ଶୁଦ୍ଧ ରଖେ । ମଧୁର ମନ, ଖୁସିର ମନ, ସର୍ବଦା ସଫଳତା ଆଡକୁ ଅଗ୍ରସର କରିବାରେ ଶକ୍ତି ଦିଏ । ମହାନ ଏବଂ ସଫଳ ବ୍ୟକ୍ତି କହିଆସିଛନ୍ତି "ଇଛା ଶକ୍ତି ହେଉଛି ଏକ ସେତୁ ସଦୃଶ" । ଜୀବନ ଏବଂ ଶାନ୍ତି ମଧ୍ୟରେ

ବନାଯାଇଥିବା ଏକ ସେତୁ ପରି । ଯଦି ସେତୁ ଅଛି, ତେବେ ଆମେ ଏହାର ଉପଯୋଗ କଣ ପାଇଁ କରୁନାହେଁ? ଆମର ମନ ଏବଂ ସମସ୍ତ ଚନ୍ତାକୁ ଶୂନ୍ୟ କରିଦିଏ ବିଶ୍ୱାସରେ ଭରା ଏଇ ଇଚ୍ଛାଶକ୍ତି । ପରିଶ୍ରମର ହିତରେ ଚାଲିବା ଏବଂ ସଫଳତାର ରାଜମାର୍ଗ ଉପରେ ଦୌଡ ଲଗେଇବା ସହଜ ହେବ, ଯଦି ଦର୍ପଣକୁ ନଜ ସମ୍ମୁଖରେ ରଖାଯାଏ । ସୁକୁରାତ ସବୁବେଳେ ତାଙ୍କ ଶିଷ୍ୟ ମାନଙ୍କୁ କହୁଥିଲେ "ତୁମେ ଯାହା, ସବୁବେଳେ ସେଇଆ ହିଁ ବନରହ । ତୁମକୁ କୌଣସି ମୁଖାର ସାହାରାରେ ରହିବାର ଆବଶ୍ୟକତା ନାହିଁ ।" ଯଦି ଏହି ପ୍ରଶ୍ନ ନଜେ ନଜକୁ ପଚାରିବା, ତେବେ ଯକାୟକ ନଜ ମୌଳକତା ଉପରେ ଭରଷା ଆସିଯିବ । ଲାଗିବ ଯେ ନୟତି ବେକାରରେ ଏମିତି ଆମକୁ ବନେଇନ । ପୁଣି ମଧ ଏକ ବିଶ୍ୱାସର ରୋମାଞ୍ଚକ ଲହର ପ୍ରତ୍ୟକ ଦିନଚର୍ଯ୍ୟାକୁ ଜୀବନ୍ତ କରିବାରେ ସାହାଯ୍ୟ କରିବ । ଚାଣକ୍ୟ କହୁଥିଲେ ଯେ ମଣିଷ କେତେ ପତଳା ହେଉ ନା କାହିଁକ, ତାହାର ଇଚ୍ଛାଶକ୍ତିରେ ଅଦ୍ଭୁତ, ଅକଳ୍ପନୀୟ କାର୍ଯ୍ୟ କରିବାର କ୍ଷମତା ଥାଏ ।

କହିବାକୁ ଗଲେ, ମାନବର ମାନସିକ ଶକ୍ତି ଅଲୌକକ ଅଟେ । ଯାହାର ଉପଯୋଗ ଆମେ କରିବାରେ ପ୍ରାୟ ଅସମର୍ଥ ରହୁ । ଆମେ ଅନୁଶାସନର ଅନୁସରଣ କରିବାକୁ କେବେବି ପସନ୍ଦ କରୁନାହୁଁ । ସେଥିପାଇଁ ଏକ ଲମ୍ବା ସମୟ କଟିଯାଏ । ଜଣା ମଧ ପଡେନା । ସେତେବେଳେ ବୁଝାଯାଏ, ଆଜି ଅନ୍ୟଲୋକ ଯେଉଁ ଉପଲବ୍ଧିକୁ ପ୍ରାପ୍ତ କରିଛି, ତାହା ଆମେ ମଧ କରିପାରିଥାନ୍ତେ? ସନ୍ତୁଳନରୁ ଦୁରରେ ରହି ଇଚ୍ଛାଶକ୍ତିକୁ କେତେବେଳେ ଜଗେଇଲେ ନାହିଁ । ସର୍ବୋତ୍ତମର ଅଧିକାରୀ ହୋଇ ମଧ ସେଥିରୁ ବଞ୍ଚିତ ରହିବାକୁ ପଡିଲା । ଏହି ପଶ୍ଚାତାପକୁ ସମୟ ଥାଉଥାଉ ରକ୍ଷା କରାଯାଇ ପାରିବ । ଏକ ପତ୍ର ଯେଉଁ ପର୍ଯ୍ୟନ୍ତ ଗଛର ଡାଳରେ ଝୁଲୁଛି, ସେ ପର୍ଯ୍ୟନ୍ତ ତାର ବୃକ୍ଷ କହିବାର ଯୋଗ୍ୟତା ଅଛି । ପକ୍ଷୀମାନଙ୍କୁ ବସା ପ୍ରଦାନ କରିବାରେ ଏବଂ ଗୁଣ୍ଡୁଚ ମୂଷାମାନଙ୍କୁ ଦୌଡାଦୌଡି କରି ଖେଳ ପ୍ରଦର୍ଶନ କରିବାର ଅବସର ପ୍ରଦାନ କରେ । ଠିକ୍ ସେହି ପ୍ରକାର ଇଚ୍ଛାଶକ୍ତି ମଧ ମନରେ ଯୋଡିହୋଇ ମନକୁ ଦୋହଲାଇ ଦିଏ, ସେତେବେଳ ପର୍ଯ୍ୟନ୍ତ ମନରେ ଯଜବା, ଜୁନୁନ ଆଉ ଯୋଶ୍ ଭରପୁର ରହେ । ବାଜପକ୍ଷୀ ସର୍ବଦା ବାଦଲ ଉପରେ ହିଁ ଉଡିବାକୁ ପସନ୍ଦ କରେ । କାରଣ ଏହା

ତାର ଇଚ୍ଛାଶକ୍ତି, ତାକୁ ବଦଳୁଥିବା ମୌସମର ମୁଡ୍ କୁ ମଧ୍ୟ ଖାତିର ନଥାଏ । ସେହି ମନୁଷ୍ୟ ମଧ୍ୟ ମହାନ, ଯିଏ ସ୍ଥିରତାକୁ ଛାଡି ଉଚ୍ଚା ଆଡକୁ ବଢିବାରେ କ୍ଷମତା ରଖେ ଏବଂ ସମର୍ପଣ ରଖେ ।

କୌଣସି କର୍ମ ବ୍ୟର୍ଥ ନୁହେଁ । କର୍ମ ଶରୀର, ବାଣୀ ଏବଂ ମନ ଦ୍ୱାରା ହିଁ କରାଯାଇଥାଏ । ସବୁ ସମୟରେ ସବୁକିଛି ଠିକ୍ ହେବ ବା ହେଉ, ଏହା ସମ୍ଭବ ନୁହେଁ । ଆହୁରି ମଧ୍ୟ ସର୍ବୋତ୍ତମ ଏବଂ ଶୁଭ ସମୟରେ କରାଯାଇଥିବା ମହାନତମ କାମରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳେ । ଜୀବନରେ ଯଦି ଦୁଃଖ ନଥାଏ, ତେବେ ସୁଖର ମୂଲ୍ୟ ସେଠି ଫିକା ପଡିଯାଏ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ କୌଣସି ନା କୌଣସି କାରଣ ମନୁଷ୍ୟକୁ ସର୍ବଦା ବିଚଳିତ କିମ୍ବା ଦୁଃଖ ଦେଇଥାଏ । ପରିବାରର କୌଣସି ସଦସ୍ୟ ହେଉ ବା ମିତ୍ର କିମ୍ବା ପଡୋଶୀର ବ୍ୟବହାରର କାରଣ ହୋଇପାରେ । ଯଦି ମଣିଷମାନଙ୍କ ପାଖରେ କୌଣସି ସମସ୍ୟା ନଥାଏ ବା ନମିଳେ, ତେବେ ରାତ୍ରିରେ କୌଣସି ପଶୁ ବା କୁକୁରର ବାରମ୍ବାର ଭୁକିବା ଦ୍ୱାରା ବି ମନୁଷ୍ୟକୁ ବିଚଳିତ କରେ ଅଥବା ସମସ୍ୟା ଦିଏ । ମନୁଷ୍ୟ ଯଦି ପ୍ରତ୍ୟେକ କ୍ଷେତ୍ରରେ ନିରାଶ ହେବାର ମନ ବନେଇ ଦିଏ ତେବେ ତାକୁ କୌଣସି ଜିନିଷ ସୁଖ ପ୍ରଦାନ କରିବାରେ ସଫଳ ହେବନାହିଁ । ଜାଗା କିମ୍ବା ମନୁଷ୍ୟ କେତେ ଖରାପ ହେଉ ନା କାହିଁକି, ଯଦି ମନୁଷ୍ୟ ନକରାତ୍ମକ ଭାବନାରେ ଫସିଯାଏ, ତେବେ ସର୍ବଦା ହିଁ ଦୁଃଖ ଭୋଗ କରେ । ମନୁଷ୍ୟ ନିଜେ ସ୍ୱୟଂର ପ୍ରୟାସ ଏବଂ ଜ୍ଞାନ ବଳରେ ହିଁ ଏଥିରୁ ବାହାରିବାର ରାସ୍ତା ଖୋଜିବା ଦରକାର । ଅଜ୍ଞାନତା ସ୍ଥିତିରେ ଅପୂର୍ଣ୍ଣତା ସ୍ୱାଭାବିକ ଅଟେ ଏବଂ ପୂର୍ଣ୍ଣତା ଏକ ପ୍ରୟାସ ମାତ୍ର । ଜ୍ଞାନର ସ୍ଥିତିରେ ଅପୂର୍ଣ୍ଣତା ଏକ ପ୍ରୟାସ ଏବଂ ପୂର୍ଣ୍ଣତା ଅପରିହାର୍ଯ୍ୟ ଅଟେ । ମନୁଷ୍ୟ ଜୀବନରେ ଆସିଥିବା ଲୋକ ଏବଂ ପରିସ୍ଥିତି ବଦଳେଇବାର ଚେଷ୍ଟାରେ ସମୟ ବ୍ୟର୍ଥ ନକରି ନିଜ ଧାରଣାକୁ ବଦଳେଇବାରେ ଚେଷ୍ଟା କରିବା ଉଚିତ । ଲୋକଙ୍କୁ ଅପୂର୍ଣ୍ଣ ହେବାର ଅଧିକାର ଅଛି । ସେମାନଙ୍କୁ ଠିକ୍ କରିବା ଆମର କାମ ନୁହେଁ । ସମାଜରେ ରହିଲେ ସ୍ୱାଭାବିକ ରୂପରେ କେତେବେଳେ ପ୍ରଶଂସା ମିଳେ ତ କେତେବେଳେ ନିନ୍ଦା । ଅନ୍ୟଠାରେ ଅପୂର୍ଣ୍ଣତା ଅନୁଭବ କରିବାର ପ୍ରବୃତ୍ତି ସ୍ୱୟଂକୁ କୌଣସି କର୍ମ କରିବାକୁ

ଦିଏନାହିଁ । ଆହୁରି ମଧ୍ୟ ନିଜ ଭିତରେ ଅପୂର୍ଣ୍ଣତାକୁ ପ୍ରବେଶ କରାଏ । ଅପୂର୍ଣ୍ଣତା ସ୍ୱୀକାର କରିବାର ଅର୍ଥ ହେଉଛି, ତା ପାଇଁ ଏମିତି ଜାଗା ବନାନ୍ତୁ ଯେପରି ସ୍ଥାନରେ କୁଡାପାତ୍ର ରଖାଯାଏ । ଆଗକୁ ବଢିବାର ଏକମାତ୍ର ରାସ୍ତା ହେଉଛି ଆମର ଭଲ କର୍ମ । ଲୋକ ଏବଂ ସ୍ଥିତିକୁ ଏମିତି ସ୍ୱୀକାର କରନ୍ତୁ ଯେପରିକି ସେମାନେ ଅଛନ୍ତି । ଯେଉଁ କ୍ଷଣରେ ଆପଣ ସ୍ଥିତି ଏବଂ ଲୋକକୁ ସ୍ୱୀକାର କରିବେ, ସେତେବେଳେ ମନ ଶାନ୍ତ, ପ୍ରତିକ୍ରିୟା ବଦଳରେ ଚିନ୍ତନ ଏବଂ କାର୍ଯ୍ୟ ପ୍ରଣାଳୀରେ ଏକ ସ୍ୱଷ୍ଟ ସ୍ଥାନ ମିଳଯିବ । ସ୍ୱୀକୃତିର ସୂତ୍ର ଭାବିଚନ୍ତି କର୍ମ କରିବାରେ ଯୋର ଦିଏ, ହତାଶ ହୋଇ କାର୍ଯ୍ୟ କରିବାକୁ କଦାପି ନୁହେଁ । କର୍ମରେ ସବୁଠାରୁ ଭଲ ସନ୍ତୁଳନ ସେତେବେଳେ ହେବ ଯେତେବେଳେ ଶାନ୍ତ ମନରେ ସମ୍ୟକ କର୍ମ କରାଯାଏ । ସେଥିପାଇଁ ଲୋକମାନଙ୍କ ପାଇଁ କିମ୍ବା ନିଜ ପାଇଁ କେତେବେଳେ ନିରାଶ ହେବା ଉଚିତ ନୁହେଁ । ନିଜ ଉତ୍ସାହକୁ ସର୍ବଦା ଜାଗ୍ରତ ରଖିବା ଉଚିତ ଏବଂ କାମ ସେଇଠି କରିବା ଉଚିତ ଯେଉଁଠି ଦରକାର ।

ଭଗବତ ଗୀତାରେ ଶ୍ରୀକୃଷ୍ଣ ସମସ୍ତ ସଦଗୁଣ ବିଷୟରେ କହିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଏହି ସମସ୍ତ ସଦଗୁଣ ମାନବ ଭିତରେ ପ୍ରଥମରୁ ହିଁ ବିଦ୍ୟମାନ ରହିଥାଏ । ପରମାଣୁ ପରି କେନ୍ଦ୍ରରେ ସକରାତ୍ମକତା ଏବଂ ପରିଧି ଉପରେ ନକରାତ୍ମକତା, ନକରାତ୍ମକତା ଅଧିକ ଗଭୀର ନୁହେଁ, କାରଣ ତାହା କେନ୍ଦ୍ରରେ ନଥାଏ । ଶାନ୍ତି ଏବଂ ଶୀତଳତା ମଣିଷର ସ୍ୱଭାବ । କଠୋରତା ଏବଂ ବିନମ୍ରତା ଜଣେ ଅନ୍ୟ ଜଣଙ୍କର ବିରୋଧାଭାଷୀ । ଜଣେ ରାଜା ଥିଲେ । ଥରେ ରାଜା ଶୁଣିବାକୁ ପାଇଲେ ଯେ ତାଙ୍କର ପୁରୁଣା ସାଙ୍ଗ ତାଙ୍କୁ ଦେଖା କରିବାକୁ ଆସୁଛନ୍ତି । ଦୁଇଜଣଯାକ ଗୁରୁକୁଳରେ ଏକାଠି ପଢୁଥିଲେ । ରାଜା ବହୁତ ଦୟାବାନ, ନୀତିଜ୍ଞ ଏବଂ ବିଜ୍ଞ ଥିଲେ । ରାଜା ଖୁସି ମନରେ ସାଙ୍ଗ ପାଖକୁ ଗଲେ ତାଙ୍କୁ ପାଛୋଟି ଆଣିବାପାଇଁ । ଯାଇ ଦେଖିଲେ ତାଙ୍କ ସାଙ୍ଗ ଜଣେ ସାଧୁ । ଦେହରେ ଛିଣ୍ଡା ବସ୍ତ୍ର ଏବଂ ଜର୍ଜର ଅବସ୍ଥା ଦେଖି, ରାଜା କିଛି ପ୍ରତିକ୍ରିୟା ନଦେଇ ବିନମ୍ରତା ପୂର୍ବକ ସାଧୁକୁ ସ୍ୱାଗତ କଲେ । କିନ୍ତୁ ସାଧୁ ଜଣଙ୍କ ଅସଭ୍ୟ ଏବଂ କଟୁ ଥିଲେ । ରାଜା ମନରେ ଭାବିଲେ, ଏହାର ବସ୍ତ୍ର ଛିଣ୍ଡା, କିନ୍ତୁ ଏହାର ଅହଂକାର ଏପର୍ଯ୍ୟନ୍ତ ତୁଟିନି । ଏମିତି ତ୍ୟାଗରେ କଣ ଲାଭ?

ଅଧିକ ବିନମ୍ର, ସମର୍ପିତ, ପ୍ରେମପୂର୍ଣ୍ଣ ବନିବା ପାଇଁ ରାଜା ସବୁକିଛି ତ୍ୟାଗ କରିବା ପାଇଁ ଭାବୁଥିଲେ । କିନ୍ତୁ ତାଙ୍କ ସାଧୁରୂପି ମିତ୍ରକୁ ଦେଖି ନିଜର ମନ୍ତବ୍ୟ ବଦଳାଇ ଦେଇଥିଲେ । ସବୁବେଳେ ଅନୁଭବ କରିବା ଉଚିତ ଯେ ନିଜର ବଳୟ ଭିତରେ ଥିବା ସୁରକ୍ଷା କବଚ ସବୁକିଛି ମିଥ୍ୟା । ଯେତେବେଳେ ଆମେ ଦୁର୍ବଳ ଏବଂ ବ୍ୟଥିତ ମନେକରୁ, ସେତେବେଳେ ଆମେ କାହା ସହିତ କଥାବାର୍ତ୍ତା ହେବାପାଇଁ ଚାହୁଁ । ଆହୁରି ମଧ୍ୟ ସମର୍ଥନ ଏବଂ ସହାନୁଭୂତି ପାଇଁ ପ୍ରାର୍ଥନା କରୁ । ଯେତେବେଳେ ଆମେ ଚିନ୍ତାଗ୍ରସ୍ତ ଥାଉ, ସେତେବେଳେ ଆମେ ଅନୁଭବ କରୁ ଯେ କାହାଦ୍ୱାରା ଆମେ ଦବି ଯାଉଛେ । ସର୍ଦୈବ ପ୍ରସନ୍ନତା ଦ୍ୱାରା ମଣିଷର ଚେତନା ଶକ୍ତି ଜାଗ୍ରତ ହୁଏ । ସ୍ୱୟଂକୁ ଚିହ୍ନିବାକୁ ହେଲେ ମନର ପ୍ରଭାବକୁ ଜାଗ୍ରତ କରିବାକୁ ପଡେ । ଜ୍ଞାନର ମନ୍ତ୍ର ହେଉଛି, ଏହି ସଂସାରରେ ଆଉ କେହି ନାହାନ୍ତି । ପ୍ରେମର ମନ୍ତ୍ର ହେଉଛି, ଏହି ସଂସାରରେ କୌଣସି ବ୍ୟକ୍ତି ଏମିତି ନାହାନ୍ତି ଯେ ମୋ ସମ୍ବନ୍ଧିତ ନୁହେଁ । ଯେତେବେଳେ ମନ ସମସ୍ତ ସଂସାର ଏବଂ ଅବଧାରଣରୁ ମୁକ୍ତ ହୋଇଯାଏ, ସେତେବେଳେ ଆପଣ ମଧ୍ୟ ମୁକ୍ତ ହୋଇଯାନ୍ତି । ଯେତେବେଳେ ଆପଣ ଜାଣିଛନ୍ତି ଯେ ସବୁକିଛି ବଦଳବାରେ ଲାଗିଛି । ସମସ୍ତ ସମ୍ବନ୍ଧ, ସମସ୍ତ ସଂସ୍କାର, ଭାବନା, ଶରୀର, ଆପଣଙ୍କ ମନ ଯାହା ଆଜି ବି ଦୁଃଖରେ ଚପକା ହୋଇଛି । ସବୁ ଆପଣଙ୍କ ପାଖକୁ ଫେରେ । ସ୍ୱୟଂ ରୁ ସ୍ୱୟଂକୁ ଫେରିବା ମନୁଷ୍ୟକୁ ଦୁଃଖରୁ ମୁକ୍ତି ଦେଇ ସନ୍ତୋଷ ପ୍ରଦାନ କରେ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଲିଟ୍ରେଚର୍ | ମମତା ଦାଶ | ୧୨ |
| ଅବସୋସ | ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ | ୧୮ |
| ଉପଦେଶ | ଭାସ୍କର ଚନ୍ଦ୍ର ଖଣ୍ଡୀ | ୨୦ |
| ତୁମେ ହିଁ ସାରଥୀ | ଆଶୁତୋଷ ମେହେର | ୨୩ |
| ଫେଡ ମୋ ଅଜ୍ଞତା | ରାଜକିଶୋର ସାଇଁ | ୨୪ |
| ନିର୍ଣ୍ଣୟ | ଶାନ୍ତିଲତା ମିଶ୍ର | ୨୬ |
| ଋତୁରାଜ | ପୁଷ୍ପାଞ୍ଜଳି ପଣ୍ଡା | ୩୧ |
| ଏତିକି ଗୁହାରି ମୋର | ଅନ୍ନପୂର୍ଣ୍ଣା ଦାସ | ୩୩ |
| ସ୍ୱପ୍ନ | ରୀତା ଅପରାଜିତା ମହାନ୍ତି | ୩୫ |
| ଶ୍ୟାମ ସୁନ୍ଦର | ଶଶଧର ମହାପାତ୍ର | ୩୭ |
| ଭଲ ପାଇବାର ଅଛି ଯଦି | ନୂତନ କୁମାର ବେହେରା | ୫୫ |
| ପାଣି ଫୋଟକାର ଏକ ......ଫାଙ୍କା ସ୍ୱାଭିମାନ | ତପନ ଦୀକ୍ଷିତ | ୫୭ |
| ଦୁରାଗ୍ରହୀ ଦୁର୍ଜନ ଦୁର୍ଯ୍ୟୋଧନ | ରାଜଶେଖର ସି "ଚମା" | ୫୮ |
| ଫୁଲରେ ଫୁଲରେ ଧରା | ଲକ୍ଷ୍ମୀକାନ୍ତ ପଟ୍ଟନାୟକ | ୬୦ |
| ଏଇ ମୋ ଗାଁ | ବୈଦ୍ୟନାଥ ପଣ୍ଡା | ୬୨ |
| କଛି ସତ କଛି ଗପ | ବିନୟ ମହାପାତ୍ର | ୬୪ |
| ହେ ଜୀବନ | ସଂଯୁକ୍ତା ମହାପାତ୍ର | ୭୧ |
| ରୌପ୍ୟମୁଦ୍ରା | ସନାତନ ମହାକୁଡ | ୭୩ |
| ଶାଶ୍ୱତ ପ୍ରେମର ଗୀତି | ଅନାମ ଚରଣ ସାହୁ | ୭୪ |
| ତମେ ହିଁ କେବଳ ତମେ | ମନୋଜ କୁମାର ପଣ୍ଡା | ୭୬ |

| | | |
|---|---|---|
| ଲଳତା | ଡକ୍ଟର ବିଜ୍ଞାନୀ ଦାସ | ୭୬ |
| ଆଜିର କବିତାଟିଏ | ରୋହିତ ସେଠୀ | ୮୬ |
| କ'ଣ ତୁମେ ଏକା ସବୁ ମୋର? | ସର୍ମିଷ୍ଠା ଭର୍‌ସାଗର | ୮୮ |
| ସାମ୍ପ୍ରତିକ କାଳେ ସଭ୍ୟତାର ଆଳେ ଭୁଲନାହିଁ ମାତୃଭାଷା | ସନ୍ତୋଷ ପଟ୍ଟନାୟକ | ୯୦ |
| ନ୍ୟାୟର ପ୍ରତିକ୍ଷାରେ | ନବେଦିତା ମହାପାତ୍ର | ୯୨ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୯୪ |
| ଫକୀର ମୋହନ | ନନ୍ଦିନୀ ରାଉତ | ୧୦୨ |
| ଏଇ ପ୍ରେମ ମୋତେ | ସତ୍ୟବ୍ରତ ସାହୁ | ୧୦୪ |
| ତୁମେ ମହେଶ୍ୱର | ପୂର୍ଣ୍ଣଚନ୍ଦ୍ର ରଣା | ୧୦୫ |
| କର୍ମ | ରମେଶ ଚନ୍ଦ୍ର ବେହେରା | ୧୦୭ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୧୦୮ |
| ଦୂର ଆକାଶର | ଅଜୟ କୁମାର ବେହେରା | ୧୧୬ |
| ଫେରିଛି ଫଗୁଣ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୧୮ |
| ହେ ପ୍ରହେଳିକା | ନରେଶ ତ୍ରିପାଠୀ | ୧୧୯ |
| ଅଟଇ ସେହି ମହତ | ହରେରାମ ପଣ୍ଡା | ୧୨୦ |
| ପରୀଙ୍କ ହ୍ରଦରେ ନୌକା ବିହାର | ପ୍ରିୟବ୍ରତ ପାତ୍ର | ୧୨୨ |
| ତମେ ଆସିଲ୍ ପରେ | ନବକିଶୋର ଦୀପ | ୧୨୮ |
| ପରୋପକାର | ନରେନ୍ଦ୍ର ପ୍ରସାଦ ବେହେରା | ୧୩୦ |
| ମାଟି ମା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୩୨ |
| ଆଶ୍ରମ ସ୍କୁଲର ଅବସ୍ଥା | ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ | ୧୩୩ |
| ଖୁସି | ଉଦୟ କୁମାର ପଣ୍ଡା | ୧୩୭ |
| ଫୁଲ ଆଉ ପୁଜାରିଣୀ | ସଙ୍ଗୀତା ମହାନ୍ତି | ୧୩୯ |

| | | |
|---|---|---|
| ବର୍ଷା....ଖରା....ଶୀତ | ନିରଞ୍ଜନ ସାହୁ | ୧୪୧ |
| କ’ଣ ନକରେ ଏ ଭୋଅଟ | ସୁଷମା ପରିଡ଼ା | ୧୪୨ |
| ଅବିବେକୀ ମଣିଷ | ବାସନ୍ତୀ ଲତା ଜେନା | ୧୪୮ |
| ପାଷାଣୀ ସାଥୀ | ଶିଶିର ସାମଲ | ୧୫୦ |
| ଝରା ଶେଫାଳ | ବିଦ୍ୟାଧର ପଣ୍ଡା | ୧୫୧ |
| ତୁମେ ଆଉ ମୁଁ | ପ୍ରକାଶ ସାହୁ | ୧୫୭ |
| କ୍ରିକେଟ କୋଇଲି | ଉଦୟନ ସୂପକାର | ୧୫୯ |
| @ ରେଡିଓ.କମ୍ | ଆରତୀ ସାହୁ (ଆଶା) | ୧୬୦ |
| ଫଗୁଣ ଛିଟା | ସରୋଜ ସାହୁ | ୧୬୫ |
| ମକର ସଂକ୍ରାନ୍ତି | ମହେଶ୍ୱର ସାହୁ | ୧୬୬ |
| ହେ ମୋ ଜଗତ ଠାକୁର | ସରସ୍ୱତୀ ପଣ୍ଡା | ୧୬୮ |
| ଭାଇ ମୋ ଭାଇ | କୁମୁଦିନୀ ବେହେରା | ୧୭୦ |
| ପ୍ରତୀକ୍ଷା | ବିନୟ ମିଶ୍ର | ୧୭୩ |
| ଔଷଧ ଦୋକାନୀ | ଦୀନବନ୍ଧୁ ପୋଇ | ୧୭୫ |
| ଜୀବନ | ଗୁଣନିଧି ଭୋଇ | ୧୭୭ |
| ଧର୍ମ | ହୃଦୟାନନ୍ଦ ପଧାନ | ୧୭୮ |
| ମୋଚ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୯ |
| ଦିନ ଦୁଃଖିନୀ ନନ୍ଦିନୀ | କରଣ ବାଳା ଦାଶ | ୧୮୨ |
| ଦୁହିତା | ପ୍ରଭାସିନୀ ସେନାପତି | ୧୮୩ |
| ନାରୀ | ପ୍ରକାଶ ରଞ୍ଜନ ସ୍ୱାଇଁ | ୧୮୪ |
| ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ | ଅଶ୍ୱିନୀ କୁମାର | ୧୮୮ |
| ସ୍ମାର୍ଟ ସିଟି | ଓଜସ୍ୱିନୀ ଏସ୍. | ୧୯୧ |
| ସ୍ମୃତି | ସୁଦାମ ଲେଙ୍କା | ୧୯୪ |

| | | |
|---|---|---|
| ତୁମେ ଗଲାପରେ | ପ୍ରଶାନ୍ତ କୁମାର ନାଥ | ୧୯୫ |
| ଦୁର୍ବଳତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୯୬ |
| ପ୍ରଭୁ ପୂଜା, ଜନନେତା ଓ ଲୋକ ସେବା | ବରଦା ପ୍ରସନ୍ନ ଦାସ | ୧୯୮ |
| ମୁକ୍ତି ପତ୍ର | ନବ କୁମାର ଦାସ | ୨୦୨ |
| ଅଭୁଲା ସ୍ମୃତି | ନବୀନ କୁମାର ପଧାନ | ୨୦୪ |
| ପ୍ରେମ ତତ୍ତ୍ୱ | ରାଜେଶ ଦୀପ | ୨୦୫ |
| ସ୍ୱଚ୍ଛତା | କେଶରୀ ପ୍ରସାଦ ମହାନ୍ତି | ୨୦୬ |
| ବୀର ସହୀଦ ମାଧୋ ସିଂହ | ପୁସ୍ତମ୍ ଯୁଆଡି | ୨୦୮ |
| କବିତା | ଦିଗମ୍ବର ମହାନନ୍ଦ | ୨୦୯ |
| ସଂପତି | ଫିରୋଜ କୁମାର ପଟେଲ | ୨୧୧ |
| ପରିଚୟ | ଅନଙ୍ଗ ମଞ୍ଜରୀ | ୨୧୩ |
| ମୃତ୍ୟୁକୁ ପ୍ରଶ୍ନ | ଅମ୍ବିକା ସ୍ୱାଇଁ | ୨୧୫ |
| କନ୍ୟାରତ୍ନ | ଶିବରାମ ଦଳେଇ | ୨୧୬ |
| ସମର୍ପଣ | ଭଜରାମ ସେଠୀ | ୨୧୯ |
| ନିଜେ ମୁଁ ଜଳୁଛି | ତାରାପ୍ରସାଦ ଜେନା | ୨୨୨ |
| ମାଆ | ଶରତ ଚନ୍ଦ୍ର ଜାଲି | ୨୨୩ |
| ଛୋଟ ମୋର ନାଆଟି | ପ୍ରଫେସର ଅନିତା ପଣ୍ଡା | ୨୨୫ |
| ଅ ଆ'କାରେ ଆ | ବନଲତା ମିଶ୍ର | ୨୨୯ |
| ଘା | ଶୁଭସ୍ମିତା ବେହେରା | ୨୩୦ |
| ଆଇ ୱିଲ୍ କଲ୍ ୟୁ ଲାଟର୍ | ଚନ୍ଦନ କୁମାର | ୨୩୧ |
| ସମୟ | ମିତ୍ରଭାନୁ ବିଶ୍ୱାଳ | ୨୩୬ |
| ବିରହ ପ୍ରେମ | ଆଶିଷ କୁମାର ସ୍ୱାଇଁ | ୨୩୮ |
| ଦାଁ | ରାଜେଶ ପୂଜାରୀ | ୨୪୦ |

| | | |
|---|---|---|
| ପ୍ରଚଳିତ ପ୍ରବଚନ ବନାମ ହେତୁବାଦୀ ବଚନ | ବାଲ୍ମୀକ ନାୟକ | ୨୪୨ |
| ଭୀର୍ନ ପ୍ରେମ | କୃଷ୍ଣ ଚନ୍ଦ୍ର ଡାକୁଆ | ୨୪୮ |
| ମାଁହାଁ ଜୀବନ ବହୁତ କଡା ଏ | ଜ୍ୟୋତିର୍ବିଦିତ୍ୟ ପୁଝାରୀ | ୨୪୯ |
| ଶ୍ରୀମଦ ଭଗବତ ଗୀତାର ସପ୍ତମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୫୧ |
| ପିରତିର୍ ଚଠି | ରୂପେଶ ସାହୁ | ୨୫୩ |
| ତମେ ଯିବ ନ | ଚିତ୍ତରଞ୍ଜନ ପଧାନ | ୨୫୫ |
| କେତେ ଦେବୁ ଟିଆ | ଆଶୁତୋଷ ଠାକୁର | ୨୫୬ |


# ଶିଶୁ ବିଭାଗ


| | | |
|---|---|---|
| ଆସ ଖେଳିବା ହୋଲି | ସତ୍ୟବ୍ରତ ସାହୁ | ୨୬୦ |
| ଅଣ୍ଡା ଦେଉଥିବା ଉଦ୍ଭିଦ | ଡ଼ଃ ରଞ୍ଜିତ କୁମାର ସାହୁ | ୨୬୧ |
| ଦେଖିବାକୁ ଯିବା ବନ | ରାଜଶେଖର ସି "ଚମା" | ୨୬୬ |
| ବିଲୁଆ ଖାଇଲା ଛେନା | ଅଙ୍କିତା ପାଢ଼ୀ | ୨୬୭ |
| ନେତାଜୀ ସୁବାସ | ରାଜକିଶୋର ସାଇଁ | ୨୭୨ |
| ବହି | ଅମ୍ବିକା ସ୍ୱାଇଁ | ୨୭୪ |
| ମାନବ ସେବା ହିଁ ଈଶ୍ୱର ଦର୍ଶନ | ଭଜରାମ ସେଠୀ | ୨୭୬ |
| ଆମ ବଗିଚା | ପ୍ରଶାନ୍ତ କୁମାର ନାଥ | ୨୭୯ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୮୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୮୧ |

# ଲିଟ୍ରେଚର୍



ମମତା ଦାଶ

ନିତିଦିନ ପରି ପ୍ରେମଲତା ଚଣ୍ଟୁ ସ୍କୁଲରୁ ଆସୁଆସୁ ତା ସ୍କୁଲ ବ୍ୟାଗ ଖୋଲି ଡାଇରି ଚେକ କରି ପକେଇଲେ – ହୋମଓ୍ୱାର୍କ କଣ ମିଳିଛି? ମୁହଁଟା ନେଫେଡେଇ ଦେଇ ଚଣ୍ଟୁକୁ କହିଲେ, ଆଜି ପାପା ଆସିଲେ ହୋମଓ୍ୱାର୍କ ଲେଖିଦେବେ । ମୋର ଆଜି ବହୁତ କାମ ଅଛି । ମୁଁ ଯାଉଛି । ଚଣ୍ଟୁ ଖେଳିବା ପାଇଁ ପଳେଇଲା । ସନ୍ଧ୍ୟାବେଳେ ପାପା ଅଫିସରୁ ଆସିଲା ପରେ ଚଣ୍ଟୁ ଦଉଡିଗଲା ହୋମଓ୍ୱାର୍କ କରିବା ପାଇଁ । କହିଲା – ପାପା ଜଲଦି ଆସ, ଆଜି ବହୁତ ହୋମଓ୍ୱାର୍କ ମିଳିଛି । ପାପା ଆଉ ଚଣ୍ଟୁ ବସିଗଲେ ହୋମ ଓ୍ୱାର୍କ ପାଇଁ । ମ୍ୟାଥ୍ ଆଉ ସାଇନ୍ସ ସରୁସରୁ ରାତି ଦଶଟା ବାଜିଲାଣି । ଚଣ୍ଟୁ କହିଲା, ପାପା ଆହୁରି ଲିଟ୍ରେଚର୍ ବି ଅଛି । ପାପା କହିଲେ, ଆଚ୍ଛା, କଣ ଅଛି ଦେଖେଇଲୁ! ପାପା ଚଣ୍ଟୁର ଡାଇରି ଖୋଲି ଦେଖିଲେ । ସଂସ୍କୃତରେ ଲେଖାହୋଇଛି – କାଳିଦାସ ପଦ୍ୟ ମେଘଦୂତ ସଂଦର୍ଭରେ ବିରହ ବେଦନାଯୁକ୍ତ ପ୍ରେମ ପତ୍ର ଲେଖିବା ପାଇଁ । ହିନ୍ଦୀରେ ଲେଖାଯାଇଛି – ଗୋପୀ ମାନଙ୍କ ବିରହ ବେଦନା ପ୍ରକଟ କରୁଥିବା ଶ୍ରୀକୃଷ୍ଣଙ୍କ ପାଖକୁ ପତ୍ର । ଆଉ ଅଂଗ୍ରେଜୀରେ ଅଲଗା ଲେଖା ଯାଇଛି "Merchant of Venice" ଉପରେ love letter ଲେଖିବା ପାଇଁ । ଟିକେ ଭାବନ୍ତୁ, ଜଦି ଏମିତି ଗୃହ କାର୍ଯ୍ୟ ପିଲାମାନେ ଘରକୁ ନେଇ ଆସନ୍ତି, ତେବେ କଣ ହେବ?

କୌଣସି ବିଦ୍ୟାର୍ଥୀ ପଞ୍ଚମ କ୍ଲାସ ରେ ପଢୁଥାଉ କିମ୍ବା ଦଶମ ଶ୍ରେଣୀର ଛାତ୍ର ହେଉ, ପ୍ରତିଯୋଗୀତା ପରୀକ୍ଷା ପାଇଁ ସ୍କୁଲରେ, କଲେଜରେ, କୋଚିଙ୍ଗ୍ ସେଣ୍ଟରରେ ସମସ୍ତଙ୍କୁ ଗୃହ କାର୍ଯ୍ୟ ଦିଆଯାଇଥାଏ । ଆଜିର ଦୁନିଆରେ ପିଲାମାନଙ୍କ ଗୃହକାର୍ଯ୍ୟ ଏକ ଚର୍ଚ୍ଚାର ବିଷୟ ବନିଯାଇଛି । ଗୃହକାର୍ଯ୍ୟ ଦରକାର କି ନୁହେଁ, ଏଥିରୁ ସମସ୍ତଙ୍କର ଅଲଗା ଅଲଗା ମତ

ମିଳଥାଏ । ଆମେରିକାର ଏକ ଅଧ୍ୟୟନରୁ ଜଣାପଡିଛି, ହୋମୱ୍ୱାର୍କ ଛୋଟ ପିଲାମାନଙ୍କ ପାଇଁ ଏକ ବୋଝ ବନଯାଇଛି । ସେମାନେ ଖେଳବା ପାଇଁ ସମୟ ପାଉନାହାନ୍ତି । ସ୍କୁଲରୁ ଫେରୁଫେରୁ ବସି ଯାଉଛନ୍ତି ହୋମୱ୍ୱାର୍କ ପାଇଁ । ଏହି ବିଷୟ ନେଇ ଓକଲାତି ଚାଲିଛି । ଯଦି ଏହି ସନ୍ଦର୍ଭରେ ଭାରତର ପିଲାମାନଙ୍କର ହୋମୱ୍ୱାର୍କ ଉପରେ ନଜର ପକାଇବା, ତେବେ ପାଇବା- ହୋମୱ୍ୱାର୍କ ତ ହୋମୱ୍ୱାର୍କ, ସେଥିରେ ପୁଣି ଲିଟ୍ରେଚର୍ ହୋମୱ୍ୱାର୍କ ମିଳଲେ ମମି ସିଧା ମୁହଁରେ ମନାକରିଦେବ । ପିଲା ବିଚରା ଥକାହରା ଅଧରାତିରେ ପାପାକୁ କହିବ – ପାପା ମୋର ହୋମୱ୍ୱାର୍କ ବନେଇଦିଅ । ପାପା ଚମକପଡି କହିବେ – ଆରେ ଏବେ ତ ମ୍ୟାଥ୍, ସାଇନ୍ସ ହୋମୱ୍ୱାର୍କ ପୁରା କରେଇଛି । ପୁଣି କଣ? ରାଗ ଗରଗର ହୋଇ ପାପା କହିବେ, ପ୍ରେମଲତା, ତୁମେ ହିନ୍ଦୀ, ଇଂରେଜୀ ଆଉ ସଂସ୍କୃତହୋମୱ୍ୱାର୍କ କରେଇଦିଅ । ମୁଁ ଖାଲି ମ୍ୟାଥ୍ ଆଉ ସାଇନ୍ସ ପଢେଇଦେବି । ଏ ଲିଟ୍ରେଚର୍ ମୋ ଦ୍ୱାରା ହବନି ।

ପ୍ରେମଲତା – ସବୁଦିନ ତ ମୁଁ ହିଁ ହୋମୱ୍ୱାର୍କ କରଉଛି । ଦିନେ ତୁମକୁ କହିଦେଲି ବୋଲି ରାଗରେ ଗରଗର ହେଉଛ..... । ପାପା ଏଠି ଚୁପ୍ ରହିବା ବୁଦ୍ଧିମାନର କାର୍ଯ୍ୟ ହେବ ବୋଲି ଭାବିବେ ।

ପ୍ରେମଲତା – ତୁମେ ଜାଣିଛ, ମୁଁ ଓଡିଆ ମିଡିୟମରେ ପଢିଛି । ମୋତେ ଲଭ୍ ର ସ୍ପେଲିଙ୍ଗ ବି ଆସେନି । ଲଭ୍ ଲେଟର କେମିତି ଲେଖିବି ।

ଚଲେଇ କହିଲା – ପାପା, ମୁଁ ଶୋଇବାକୁ ଯାଉଛି । କାଲି ସ୍କୁଲ ଯିବିନି.... । ମ୍ୟାଡମ୍ କହିଛନ୍ତି ଯିଏ ହୋମୱ୍ୱାର୍କ ନକରିବ ସିଏ ବାହାରେ ଠିଆହେବ ।

ଏଠି ହୋମୱ୍ୱାର୍କ ଯୋଉଠିକି ସେଇଠି ପଡି ରହିଲା । ହୋମୱ୍ୱାର୍କକୁ ଛାଡି ମମି-ପାପାଙ୍କର ଅଲଗା ଯୁକ୍ତିତର୍କ ଚାଲିଲା ।

ପ୍ରେମଲତା – ହେଇଟି ଶୁଣୁଛ, ପିଲାମାନଙ୍କୁ କଣ ଏମିତି ଲେଟର ଲେଖିବାକୁ ଦିଆଯାଏ! ଆମେ ତ ଗାଇ, ବଳଦ ଆଉ ବାପୁଙ୍କ ଉପରେ ନିବନ୍ଧ ଲେଖି ବିଏ ପାସ କରିଛୁ । ଶୁଣ ମ,

ତୁମେ ଯାଇ ଟିକେ ସ୍କୁଲରେ କମ୍ପ୍ଲେନ୍ କରିଦିଅ । ସେଇ ଲିଟ୍ରେଚର୍ ମ୍ୟାଡମ୍ କଣ ଭାବୁଛି କ? ପିଲ୍ମାନଙ୍କୁ କଣ ଏମିତି ହୋମଓ୍ବାର୍କ ଦିଆଯାଏ । ପିଲ୍ମାନଙ୍କୁ ପାଠ ପଢାଇବାକୁ ସ୍କୁଲ ପଠାଯାଉଛି ନା ଏଇଆ ଶିଖେଇବାକୁ ।

ପାପା କହିଲେ – "ମୁଁ ଯାଇଥାଆନ୍ତି ଯେ, ହେଲେ କାଲି ମୋ ଅଫିସ୍ ରେ ମିଟିଙ୍ଗ୍ ଅଛି । ସେଥିପାଇଁ ମୋତେ ଜଲଦି ଯିବାକୁ ପଡିବ ।

ପ୍ରେମଲତା କହିଲେ – ମୋତେ ବି ଆଗ୍ରହ ନାହିଁ ଯେ ବିନା ହୋମ୍ ଓ୍ବାର୍କ ରେ ଚଣ୍ଟୁକୁ ସ୍କୁଲ ପଠାଇଦେବି । ପ୍ରେମଲତା ସକାଳୁ ଉଠି ଇଣ୍ଟରନେଟ୍ ଠାରୁ ଆରମ୍ଭ କରି ସବୁ ପ୍ରକାର ଗାଇଡ୍ ଦେଖି ସାରିଲେଣି । ହେଲେ, ଏମିତି ଲେଟର କେଉଁଠୁ ବି ମିଳୁନାହିଁ! ତୁମେ ଗୋଟେ କାମ କର । ତୁମେ ଏହାକୁ ତୁମର ମିଡିଆ ସାଙ୍ଗକୁ ଦେଇଦିଅ । ସେ ହିଁ ଏହାର ସଲ୍ୟୁସନ ବାହାର କରିବ ।

ଆଉ ଆମର ମିଡିଆ କଣ କରିବେ ଟିକେ ଦେଖନ୍ତୁ.....ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ରେ ତଳେ ବଡବଡ ଲେଟରରେ ଲେଖା ଆସିବ – "ଆଗରେ ଅଛି, ପିଲ୍ମାନଙ୍କ ଭବିଷ୍ୟତ କୁ ନେଇ ଶିକ୍ଷକମାଙ୍କ ଅବହେଳା ।

-ମ୍ୟାଡମ ଦେଇଛି ପିଲ୍ଙ୍କୁ ସମ୍ବେଦନାତ୍ମକ ଲେଟର ହୋମଓ୍ବାର୍କରେ ।

-ସହରର ନାମୀ ସ୍କୁଲରେ ଦିଆଯାଉଛି ପିଲ୍ମାନଙ୍କୁ ସମ୍ବେଦନାର ରୋମାଞ୍ଚକର ଟ୍ରେନଙ୍ଗ୍ ।

-ଆମର ସମ୍ବାଦଦାତାଙ୍କ ଦ୍ୱାର୍ ପ୍ରିନସପାଲ ସାଙ୍ଗରେ ହେଉଥିବା କଥାବାର୍ତ୍ତାରୁ କଛି.....

ରିପୋଟର – ମ୍ୟାଡାମ୍, ଆପଣ ମାନୁଛନ୍ତି ଯେ ଲିଟ୍ରେଚର୍ ମ୍ୟାଡମଙ୍କ ଦ୍ୱାର୍ ଦିଆଯାଇଥିବା ବିରହ ବେଦନା ଲେଟର ହୋମଓ୍ବାର୍କ ନେଇ ପିଲ୍ମାନଙ୍କ ଇମୋସନ ସହିତ ଖେଳାଯାଉଛି କ?

ପ୍ରିନସିପାଲ – ଦେଖନ୍ତୁ, ଲଭ ଲେଟର ଲେଖିବା ହେଉଛି ଲିଟ୍ରେଚର୍ ର ଏକ ପାର୍ଟ । କିନ୍ତୁ ଏହାକୁ ହୋମୱାର୍କ ଦିଆଯିବା କଥା ନୁହେଁ.....

ରିପୋଟର – ଦେଖନ୍ତୁ, ପ୍ରିନ୍ସପାଲ ବି ମାନିଲେ ଯେ ସ୍କୁଲ ପ୍ରସାସନ ଦ୍ୱାରା ଭୁଲ ହୋଇଛି ବୋଲି.... ଏହା ଏକ ଗମ୍ଭୀର ସମସ୍ୟା ଅଟେ । ଏହାକୁ ଇଗ୍ନୋର କରାଯିବା କଥା ନୁହେଁ । ପିଲାମାନଙ୍କଠାରୁ ଭାରି ପରିମାଣରେ ସ୍କୁଲକୁ ଫିସ୍ ଦିଆଯାଉଛି । କିନ୍ତୁ ଏଠି କିଛି ପାଠପଢା ହେଉନି । ସ୍କୁଲରେ ପଢାଇବାକୁ ଥିବା ଟଫ୍ ଟପିକ୍ କୁ ହୋମୱାର୍କରେ ପିଲାମାନଙ୍କୁ ଦିଆଯାଉଛି । ଏହି ବିଷୟରେ ପ୍ରଶାସନ ଉପରେ ଦଖଲ କରି ସ୍କୁଲ ଉପରେ କଡା ଅନୁଶାସନର ଦାବି କରାଯାଉ ।

-ଆଗକୁ ଜଣାନାହିଁ ଲଭ୍ ଲେଟରକୁ ହୋମୱାର୍କରୁ ଫେରାଇ ଦିଆଯିବ କି ନାହିଁ! କିନ୍ତୁ ଏହି ଘଟଣା ପରେ ଚିଣ୍ଟୁ ସ୍କୁଲ ହୋମୱାର୍କ ନେଇ ମମି ପାପାଙ୍କ ପାଖକୁ ଯିବାକୁ ଆଉ କେବେ ବି ସାହସ କରିପାରିବ ନାହିଁ......

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଜଟିଳତା ଦେଖିବାକୁ ମିଳେ । ଫକୀର ମୋହନ, ଗଙ୍ଗାଧର ମେହେର ଆଦି ମହାନ ଲେଖକ ଙ୍କ କୃତି ଜୀବନ୍ତ ଏଇଥିପାଇଁ ଲାଗେଯେ ସେମାନେ ଗ୍ରାମବାସୀ । ଗାଁ ରେ ହିଁ ରହୁଥିଲେ । ଗାଁ ଜୀବନର ଗ୍ଭଲିଚଲଣ ପାଣିପବନରେ ସେମାନେ ଓତପ୍ରୋତ ଭାବରେ ଜଡିତ ଥିଲେ । ସେଥିପାଇଁ ତାଙ୍କ କାବ୍ୟ, କବିତା, ଉପନ୍ୟାସ ଆଦିରେ ଜୀବନ୍ତ ଅନୁଭବର ଅନୁଭୂତି ଦେଖାଯାଏ । ଆଧୁନିକ ସାହିତ୍ୟର ଜଟିଳତା ଏହି ଯେ ଗୁଗୁଲ୍ ରେ ଗାଁ ଆସିଯାଏ ଏବଂ ବାତ୍ତାନୁକୂଳିତ କକ୍ଷରେ ବସି କମ୍ପ୍ୟୁଟରରେ ଉତ୍ତର ବି ଆସିଯାଏ । ଆଉ ସମୀକ୍ଷକମାନେ ମଧ୍ୟ ଏହାକୁ ଅସଲ ଗାଁ ବୋଲି ମାନି ନଅନ୍ତି । କାରଣ ସମୀକ୍ଷକ ବି ଗୁଗୁଲରେ ଗାଁର ଦର୍ଶନ କରିଥାନ୍ତି । ଲେଖକର କୃତି ସର୍ବଦା କିଛି ଦର୍ପଣ ପାଇଁ ଆକୁଳ ଥାଏ । ଲେଖକର କୃତି ସମୀକ୍ଷକଙ୍କ ଧ୍ୟାନରେ କେବେ ବି ଆସେନାହିଁ.....

ସାହିତ୍ୟ ସଂସ୍କୃତ ଭାଷା ବା ସଞ୍ଜ୍ଞା ଶବ୍ଦ ଅଟେ । ଏହା ଏକ ପୁଲିଙ୍ଗ ଶବ୍ଦ ଅଟେ । ଏହି ଶବ୍ଦର ସର୍ଜନ ସହିତ (ସାଥ) ହେବାର ଭାବକୁ ପ୍ରକଟ କରେ । ଏହି ଭାବକୁ ସାହିତ୍ୟ କୁହାଯାଏ ।

ଏକାସାଙ୍ଗରେ ରହିବା ଅଥବା ମିଶିବା ସାହିତ୍ୟ ଅଟେ । ସାହିତ୍ୟ ରେ "ସ" ଉପସର୍ଗ ଥାଏ ଯାହାର ଅର୍ଥ ହେଉଛି ସହିତ ଏବଂ ପୂର୍ବକ ମଧ୍ୟ ଥାଏ । "ହିତ" ବିଶେଷଣ ଶବ୍ଦ ଅଟେ । ଭଲ କରିବା ଏବଂ ଭଲ ଚାହିଁବା ଭଳ "ହିତ" କହିଥାଏ । ଯେଉଁଥିରେ ହିତ-ସହିତ ଭାବ ଦେଖାଯାଏ, ତାହା ସାହିତ୍ୟ ଅଟେ । ଏହାର ସମାନାର୍ଥୀ ଶବ୍ଦ ପଦ୍ୟ ଏବଂ ଗଦ୍ୟ ବିଧାର ସମଗ୍ର ରୂପ ଅଟେ । ପଦ୍ୟାତ୍ମକ, ଗଦ୍ୟାତ୍ମକ ରଚନା ପଦ୍ୟ ଏବଂ ଗଦ୍ୟର ପାଣ୍ଡୁଲିପି ଏବଂ ପୁସ୍ତକ ଇତ୍ୟାଦି । ଏହି ଶବ୍ଦର ଭିନ୍ନ ଅର୍ଥ ହେଉଛି ଅପକରଣ, ସମାନ, ମିଳନ, ପ୍ରେମ, ସଂଚୟ, ଆଦି । ସାହିତ୍ୟର ସମଗ୍ର ପରିଭାଷା ଏହି ପ୍ରକାର ଅଟେ । କୌଣସି ଭାଷା କମ୍ବା ଦେଶର ପଦ୍ୟ ଏବଂ ଗଦ୍ୟ ବିଧା ଏବଂ ତାହାର ବିଷୟ ଯେଉଁଥିରେ ସ୍ଥାୟୀ, ଉଚ୍ଚ ଏବଂ ଆକର୍ଷକ ଶୈଳୀର ସମ୍ୟକ ରୂପ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ବିବେଚନ ଅଥବା ବର୍ଣ୍ଣନ ଅଥବା ଚତ୍ରଣ ହୋଇଥାଏ, ତାହାକୁ ସାହିତ୍ୟ କୁହାଯାଏ ଯାହାର ଅଧ୍ୟୟନ ଅନୁସରଣ କରି ପାଠକ ଏମିତି ଏକ ଅନ୍ତର୍ଦୃଷ୍ଟି ଅର୍ଜିତ କରିଥାଏ ଯଦ୍ୱାର୍ କୌଣସି ପ୍ରକାର କୃତିର ଆସ୍ୱାଦନ କରି ଲୋକତ୍ତର ଆନନ୍ଦର ଅନୁଭବ କରିଥାଏ ।

ଅନ୍ୟ ଏକ ସନ୍ଦର୍ଭରେ, ଥରେ ଗୋଟିଏ ସେମିନାର ପାଇଁ ମୋତେ ନିମନ୍ତ୍ରଣ ଆସିଲା । ମୋତେ ସେଥିରେ ଅଧ୍ୟକ୍ଷତା କରି ଗାଁ ବିଷୟରେ କିଛି କହିବାର ଥିଲା । ମୁଁ ଖୁସିରେ ଭାସିଗଲି । ଭାବିଲି ଆଗ ଯାଇ ଟିକେ ଗାଁ ଆଡେ ବୁଲିଆସେ । ଖବର ମିଳିଛି ଯେ ଏଥର ଫସଲ ବର୍ଷାରେ ନଷ୍ଟ ହୋଇଯାଇଛି, ଯଦ୍ୟପି ସାହିତ୍ୟ କାର୍ଯ୍ୟକ୍ରମର ଫସଲ ସହିତ କିଛି ଲେନାଦେନା ହିଁ ନଥିଲା....

ମୋ କଥା ଶୁଣି ଜଣେ ଶ୍ରୋତା ପ୍ରଶ୍ନ କଲେ – ଆପଣ କଣ ଏହା କହିବାକୁ ଚାହୁଁଛନ୍ତି ଯେ ଆପଣଙ୍କ ପାଖରେ ଜମି ଅଛି....

ଆଉଜଣେ ଶ୍ରୋତା କହିଲେ, ନିଜ ଫସଲ ତ ବରବାଦ ହେଲା ଠିକ୍ ଅଛି, ସମ୍ବନ୍ଧି ଫସଲ ବରବାଦ କଥା କହି ଆପଣ ଇମୋସନାଲ ବ୍ଲାକମେଲିଂ କରୁଛନ୍ତି ।

ଆଉଜଣେ କହିଲେ, ସାହିତ୍ୟ ଆଉ ଜମିର କଣ ସମ୍ବନ୍ଧ? ଭଲ ହେବ ଆପଣ କୌଣସି ଗୋଟିଏ କ୍ଷେତ୍ରରେ ଜମିଯାଆନ୍ତୁ । ଏହାଦ୍ୱାରା ଗ୍ରଷ ବରବାଦ ହେବାରୁ ବଞ୍ଚିଯିବ । ସେମିନାରକୁ ଛାଡି ବରବାଦ ଫସଲକୁ ବଞ୍ଚାନ୍ତୁ । କଛି ଲୋକ ତ ରବି ଆଉ ଖରିଫ୍ ଫସଲର ଟାଇମଟେବୁଲ୍ ମୋତେ ପଠାଇଦେଲେ । କହିଲେ, ସାହିତ୍ୟକୁ ଯେତିକ ସମୟ ଦେଉଛନ୍ତି ଯଦି ଫସଲକୁ ସେତିକ ସମୟ ଦେଇଥାନ୍ତେ, ଏପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଗ୍ରଷୀ ନଷ୍ଟୟ ବନଯାଇଥାନ୍ତେ.....

ସମସ୍ତ ଜ୍ଞାନ ଚର୍ଚ୍ଚା ଶୁଣିଲା ପରେ ମୁଁ ସେମିନାରକୁ ବରବାଦ ଫସଲରେ ଯୋଡିଦେଲି ଏବଂ ସାବିତ୍ କରିଦେଲି ଯେ ଗ୍ରଷୀଙ୍କ ବିଷୟରେ ଚନ୍ତା ନକରି ଜମିନ ସାହିତ୍ୟ ଲେଖିବା ଅସମ୍ଭବ । ମୋର ଏହି ବିଗ୍ଭରର ସମସ୍ତେ ପ୍ରଶଂସା କଲେ । ବିରୋଧି ମାନେ ମଧ ପରାସ୍ତ ହେଲେ । କନ୍ତୁ ଜଟିଳତା ଏବେ ବି ଅଛି । ବାତ୍ୟା, ବର୍ଷା ଏବଂ ଥଣ୍ଡାରୁ ଫସଲକୁ ବଞ୍ଚାଇବାକୁ ପଡିବ । ବୁଲା ପଶୁମାନଙ୍କ ଠାରୁ ମଧ ବଞ୍ଚାଇବାକୁ ପଡିବ । ଯେଉଁ ବିବେକହୀନ ଲୋକ ସାହିତ୍ୟକୁ ବରବାଦ କରିବାକୁ ବସିଛନ୍ତି, ସେମାନଙ୍କ ମଧରୁ ଆମେ ମଧ ଏକ.....

ଗୃହକାର୍ଯ୍ୟ ପିଲାମାନଙ୍କୁ ଏଇଥିପାଇଁ ଦିଆଯାଏ ଯେ ପିଲାମାନେ କଛିଟା ସମୟ ମା, ବାପାଙ୍କ ପାଖରେ ବସି ପ୍ରେମପୂର୍ଣ୍ଣ, ରଚପୂର୍ଣ୍ଣ ସହୃଦୟତା ମନୋଭାବ ନେଇ ନିଃସଙ୍ଗ ମୁହୂର୍ତ୍ତରୁ ବାହାରିଆସି ନଜ ଦକ୍ଷତାକୁ ବଢାଇବାର କ୍ଷମତାକୁ ପ୍ରାପ୍ତ କରିଥାନ୍ତି । ପରିସ୍ଥିତିର ପରିଭାଷା ବୁଝିବାରେ ମଧ ସୁବିଧା ହୁଏ । ନଜ ଦାୟିତ୍ୱର ବୋଧ ହୁଏ ଏବଂ ଏକ ଭଲ ସାହିତ୍ୟ ମାନବର ଗ୍ରରିତ୍ରିକ ବିକାଶରେ ସର୍ବଦା ସହାୟକ ସିଦ୍ଧ ହୁଏ ।

ସମ୍ପାଦିକା

# ଅବସୋସ



ପ୍ରାଧାପିକା ଜ୍ୟୋସ୍ନା ରାୟ

ସାରା ଏ ଜୀବନ ଗୋଟେ

ଲମ୍ବା ଅବସୋସ

ଶୂନ୍ୟରୁ ଆରମ୍ଭ ହୁଏ

ଶୂନ୍ୟେ ହୁଏ ଶେଷ।।

ଅକଳନ ଦୁଃଖ ଏଠି

ଯାତନା ଅଶେଷ

ସପ୍ତରଙ୍ଗୀ ସପନର

ଅଛିଣ୍ଡା ଆଶ୍ଳେଷ ।।

ବୁଝିବାକୁ ବେଳ କାହିଁ

ସଭିଏଁ ତ ବ୍ୟସ୍ତ

ଅହର୍ନିଶ ଷଡ଼ରିପୁ

ଦେଉଥାଏ କଷ୍ଟ।।

ଧାଉଁଥାଏ ଅବିଶ୍ରାନ୍ତ / ଅବିରାମ

ଅମଡା ଯେ ପଥ

କଣ୍ଟ ସିନା ରୁନ୍ଧିହୁଏ

ମେଣ୍ଟେନାହିଁ ଶୋଷ।।

ପାରେନାହିଁ କଛି ବୁଝି

ଅଜ୍ଞାନୀ ମଣିଷ

ଘାରିହୁଏ ଝୁରିହୁଏ

ଭୋଗୁଥାଏ ଶୋଷ।।

ମିଛମିଛ ସମ୍ପର୍କର

କଳ୍ପନା ବିଳାସ

ମିଛମାୟା ସଂସାରର

ମହ ମହ ବାସ।।

ଅଜାଣତେ ଅତର୍କିତେ

ହୋଇଯାଏ ଶେଷ

ଜୀବନରେ ଅଛି କଣ

ଶୋଷ ଖାଲି ଶୋଷ।।

ସର୍ପିଳ ଗନ୍ତବ୍ୟ ପଥ

ସଂସାରଟା ବିଷ

ଜୀବନରେ ଅଛି କଣ

ଶୋଷ ଅବସୋସ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଉପଦେଶ



ଭାସ୍କର ଚନ୍ଦ୍ର ଖଣ୍ଡା

ଭୁଲ ଆଉ ନିର୍ଭୁଲର ବିଶ୍ଲେଷଣ
ଉଚିତ ଆଉ ଅନୁଚିତର ତର୍ଜମାରେ
ଭାବନାର ପରିପ୍ରକାଶର ସୂକ୍ଷ୍ମତାରେ
ଶବ୍ଦର ସମାହାର ମଧ୍ୟରେ
ନେଇଥାଏ ଜନ୍ମ ସିଏ
ନୁହଁ ସେ ଆବଦ୍ଧ
ସମୟର ସୀମା ରେଖା ଭିତରେ ।୧।

ଦେଇ ହୁଏ ସହଜରେ ତାକୁ
ଗ୍ରହଣ ତା ଅତି କଷ୍ଟକର ।୨॥

ହଁ ସେଇ ଉପଦେଶ
ଦିନେ ପାଇ ଯାହାକୁ
ଧରିଥିଲେ ଗାଣ୍ଡିବ ଧନୁକୁ
ସେଇ ମଧ୍ୟମ ପାଣ୍ଡବ
କରିବାକୁ ଅନ୍ୟାୟର ଧ୍ୱଂସ ।୩।

ପ୍ରଭୁ ଶ୍ରୀରାମଙ୍କ ନିର୍ଦ୍ଦେଶରେ
ଶୁଣିଥିଲେ ଲକ୍ଷ୍ମଣବି
ମହତ୍ୱପୂର୍ଣ୍ଣ ଶେଷ ଉପଦେଶ
ଦଶାନନ ନିକଟରୁ
ସେଇ ଅନ୍ତିମ ମୂହୁର୍ତ୍ତରେ
ଶିକ୍ଷଣୀୟ ସେଇ ଉପଦେଶ
ଦେଇଥିଲା କହି
ସଂପାଦନ କରିବାକୁ କର୍ମ
ଯଥା ସମୟରେ ।୪।

ନେଇଥାଏ କେତେବେଳେ ସିଏ
ଏକ ଚିରନ୍ତନ ରୂପ
ଗୁରୁ ଆଉ ଶିଷ୍ୟର ସମ୍ପର୍କ ରୂପରେ
ଶାଶ୍ୱତ ପବିତ୍ର ସେ ବନ୍ଧନ
ଲଭିଥାଏ ଚରମ ତୃପ୍ତି
ବାନ୍ଧି ହୁଏ ଚିରଦିନ ପାଇଁ
ସୁଦୃଢ ରଜ୍ଜୁର ରୂପ ନେଇ
ହୋଇଥାଏ ଚିର ନମସ୍ୟ ।୫।

ଶୁଭେ ଆଜି ଅବଳାର କ୍ରନ୍ଦନ
ଶିଶୁ ହତ୍ୟା

ନାରୀ ନିର୍ଯାତନା
ଲାଂଛିତ ଅପମାନିତ
ଉତ୍ପୀଡ଼ନରେ ଭରି ଆଜି
ଧରିତ୍ରୀ ମାଆର ବକ୍ଷ  ।୬।

ଏତେ ସବୁ ହାହାକାର ପରେ
ଆସୁ ବୀଭତ୍ସତାର ଯବନିକା
ଜାତି ଧର୍ମ ନିର୍ବିଶେଷେ
ସଭିଙ୍କ ଅନ୍ତରାତ୍ମାରୁ
ହେଉ ଉଦ୍ରେକ
ମହନୀୟ ଚିନ୍ତା ଧାରାର ରୂପ ନେଇ
ସେଇ ଉପଦେଶ
ମଣିଷ ପଣିଆର ସମ୍ଭାବନାର ଉତ୍ସ
ଯାହା ଶାଶ୍ୱତ ଓ ଚିର ନମସ୍ୟ  ।୭।

ଆଲ୍ଲାହାବାଦ ବ୍ୟାଙ୍କ (ଆର. ଏମ୍. ପି. ସି.)
ନୟାପଲ୍ଲୀ, ଭୁବନେଶ୍ୱର ୭୫୧୦୧୫

# ତୁମେ ହିଁ ସାରଥୀ



ଆଶୁତୋଷ ମେହେର

ଜନମ ଦେଇଛ କରମ ଦେଇଛ
ଆଣିଛ ମରତ ପରେ,
ପର୍ଣ ନଉକା ଆଗେ ବାହି ନିଅ
ଜୀବନ ଯମୁନା ଧାରେ ।।
ତୁମେ କିଏ ବୋଲି ଖୋଜୁ ଥାଏ ମୁହିଁ
ନିରନ୍ତର ମନ କୋଣେ
ଦେବ ଦେବାଳୟେ ତୁଳସୀ ପତରେ
ଫୁଲ ବାସ ଶିହରଣେ ।।
ଖୋଜେ ସିନା ତୁମେ ନିଜକୁ ମୁଁ ପାଏ
ପ୍ରତି ଅଣୁ ପରୁମାଣେ
ତୁମ ବିନା ସତେ ସ୍ଥିତି କାହିଁ ମୋର
ତିଷ୍ଠି ନ ପାରିବି କ୍ଷଣେ ।।
ସୁନ୍ଦର ଏ ଧର୍ ସଂସାର ଭିତରେ
ସବୁଠି ତୁମରି ଛାପ
ସଖା ସହୋଦର ବନ୍ଧୁ ପରିଜନ
ପୁଣ୍ୟ ହେଉ ଅବା ପାପ ।।
ତୁମେ ହିଁ କେବଳ ଏକ ମାତ୍ର ର୍ହା
ଜୀବନ ର ଚଲ୍ ରଥେ,
ସାରଥୀ ବନିକ ବାହିନିଅ ତାକୁ
ପର୍ଣ ଆଲୁଅ ପଥେ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଫେଡ ମୋ ଅଜ୍ଞତା



ରାଜକଶୋର ସାଇଁ

ଜୟ ମା ସରସ୍ୱତୀ
ବିଦ୍ୟାଦାୟିନୀ
ଅଜ୍ଞାନ ତିମିର ମନୁ ନାଶିନୀ ।୦।
ଶୁକ୍ଳବସ୍ତ୍ର ପରିହିତା
ବୀଣା ପୁସ୍ତକ ଭୂଷିତା
ଗଲେ ଗଜମୋତି ହଂସ ବାହିନୀ ।୧।
ଅସହ୍ୟ ହେବାରୁ କ୍ଳେଶ
ମହାମୂର୍ଖ କାଳଦାସ
ତୋ ପଦେ ଗଲେ ଶରଣ ଜନନୀ ।୨।
ଏକ ମନ ଏକ ପ୍ରାଣେ
ତୋର ପାଦପଦ୍ମ ଧାନେ
ବିତାଇ ଦେଲେ ତ ଦିବା ରଜନୀ ।୩।
ଆଶ୍ରୟ ପାଇ ତୋ ପଦେ
କବି ପଣ ହେଲ୍ ଉଦେ
ଏବେବି ଘୋଷୁଛି ନାମ ମେଦିନୀ ।୪।
ରାଣୀ ଭାନୁମତୀ ଗାଥା
ଦେଲ୍ ତାଙ୍କୁ ଘୋର ବ୍ୟଥା
ସଙ୍କଟୁ ତାରିଲୁ ବୀଣା ବାଦିନୀ ।୫।

ତୋ କୃପା ଲଭିଲେ ମାତ
ମୂର୍ଖ ବୋଲାଏ ପଣ୍ଡିତ
ମୋ ଠାରେ ତୋ ଦୟା କଆଁ ହୁଏନ ।୬ ।
ଅଜ୍ଞାନ ଅନ୍ଧାରେ ମୁହିଁ
କଛି ଦେଖି ନ ପାରଇ
ଜ୍ଞାନାଲୋକେ ଅନ୍ତ କର ମୋ ଗ୍ଲାନ ।୭ ।
ଏ ମନ ବୀଣାରେ ମୋର
ତୋଳଦେ ସ୍ୱର ଝଙ୍କାର
ଗାଉଥିବି ତୋର ଗୀତି ଜନନୀ ।୮ ।
ହୃଦୟ କନ୍ଦରେ ମୋର
ବୀଣାପାଣି ବିଜେ କର
ତୋ ପରଶେ ବଦଳୁ ମୋ ଜୀବନୀ ।୯ ।
ଆହେ ମୋର ଜ୍ଞାନଦାତ୍ରୀ
ଭଗବତୀ ମୋ ଭାରତୀ
ଫେଡ ମୋ ଅଜ୍ଞତା କରେ ଦୟିନୀ ।୧୦ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ନିର୍ଣ୍ଣୟ



ଶାନ୍ତିଲତା ମିଶ୍ର

ଏତେ ବଡ ବଡ ଚଙ୍ଗୁଡି ସେ କେବେ ଦେଖି ନଥିଲା ଆଗରୁ । ଆଜି ଦେଖି ନେଇ ଆସିଲା । ଏମିତିରେ ଚଙ୍ଗୁଡି ତରକାରୀରେ ତାର ଭାରି ଲୋଭ । ଆଗ ପଛ ବିଚାର ନକରି ନେଇ ଆସିଲା ସିନା କିନ୍ତୁ ତାକୁ ରୋଷେଇ କରିବ କିଏ ? ସୁଧା ତ ସପ୍ତାହେ ହେଲାଣି ରାଗି କରି ତା ବାପ ଘରକୁ ଚାଲିଯାଇଛି ଯେ ଆସିବାର ନାଆଁ ଧରୁନ ।

ହଁ, ସେଦିନ ଟିକେ ଝଗଡା ଟା ଜୋର ଧରି ନେଇଥିଲା । ସାତ ବର୍ଷର ବିବାହ ଭିତରେ ଅନେକ ଥର ଏମିତି ଖିଟିରି ମିଟିରି ଲାଗିଛି । କେତେ ଥର ସୁଧା ରାଗି କରି ହେଉ ବା ରୁଷି କରି ବାପ ଘରକୁ ଚାଲି ଯାଇଛି ସତ କିନ୍ତୁ ତାହା ମାତ୍ର ଦିନେ କି ଦୁଇ ଦିନ ପାଇଁ । ଗୋଟାଏ ଫୋନ କଲରେ ଆସି ପୁଣି ଘରେ ହାଜର ହୋଇ ଯାଏ ।

ଗଲା ଶନିବାରରୁ ଯାଇଛି ଯେ ଆସି ଏ ଶନିବାର ହେଲାଣି ଆସିବାର ନାଁ ନାହିଁ । ଗଲା ଶୁକ୍ରବାର ସନ୍ଧ୍ୟାରେ ରବି ସଙ୍ଗେ ବର୍ଷକ ପରେ ଦେଖା ହେଲା, ତେଣୁ ଆଉ ତିନି ସାଙ୍ଗ ମିଶି ଟିକେ ସିନେମା ପଳେଇଗଲେ ତା ପରେ ଭୋକ ଲାଗିବାରୁ ହୋଟେଲରେ ଖାଇଦେଇ ଘରକୁ ଫେରୁ ଫେରୁ ରାତି ବାର ବାଜିଗଲା । ଭୁଲିଗଲା ସୁଧାକୁ ଫୋନ କରିବାକୁ । ଆଗରୁ ଏମିତି ବି କେବେ କେବେ ଭୁଲ୍ ହୋଇ ଯାଇଛି । ସୁଧା ଦେବେନ୍‌ର ଏ ପ୍ରକୃତିରେ ଅଭ୍ୟସ୍ତ ହୋଇ ଯିବା କଥା ଏତେ ବର୍ଷ ଭିତରେ ।

ରବି ବାହାରେ ରହେ । ଯେତେବେଳେ ସେ ଆସେ ଘରକୁ ଗୋଟାଏ ଦିନ ସାଙ୍ଗ ମାନଙ୍କ ସାଙ୍ଗରେ ବିତାଏ । ଏଇଟା ସେ ସୁଧାକୁ କେତେଥର କହିଛି ମଧ୍ୟ । ଦେବେନ୍ ଘରକୁ ଆସୁ ଆସୁ କବାଟ ଖୋଲି ଦେଇ ସୁଧା ରାଗରେ ବର୍ଷି ଗଲା । "ଏତେ ରାତିରେ କେହି କଣ ଘରକୁ

ଫେରେ, ଗୋଟାଏ ଫୋନ୍ କଲ୍ ତ କରି ଦେଇଥାନ୍ତ । ଅଯଥା ରୋଷେଇ ବାସ କରି ନଖାଇ ନପିଇ ଚାହିଁ ବସିଛି । ଅମଣିଷ, ପଶୁ ତୁମେ । ତୁମ ପାଖେ ରହିବା ମୁର୍ଖାମୀ ମୋର ।"

ମତେ କଣ ଅମଣିଷ ପଶୁ କହୁଛ, ତୁମେତ ଜଣେ ନାଗୁଣୀ । ଅବଶ୍ୟ ଦେବେନ୍ ଥଟ୍ଟାରେ କହିଦେଲା । କିନ୍ତୁ ସୁଧା ରାଗ ମୁଡରେ ଏମିତି ଥିଲା ସେଦିନ ଯେ ତା କଥାକୁ ବା ତା ହସକୁ ଥଟ୍ଟା ଭାବେ ନେଲାନି । ହୁଏତ ଅନ୍ଧାରରେ ତା ହସକୁ ଦେଖି ପାରି ନଥିଲା । ରାଗ ତାର ଆହୁରି ବଢି ଯାଇ ଥିଲା । କହିଥିଲା କାଲି ମୁଁ ବି ଯାଉଛି ମାସକ ପାଇଁ ମୋ ବାପ ଘର । ତୁମର ନାଗୁଣୀ ପାଖରେ ରହିବା ଦରକାର ପଡିବ ନାହିଁ । ଏପରି ଫାଙ୍କା ଧମକ ସୁଧା ବହୁତ ଥର ଦିଏ କିନ୍ତୁ କାର୍ଯ୍ୟରେ କେବେ ପରିଣତ କରେନା ।

ହଁ ଯାଅ ଯାଅ, କିଏ ଖାତିର କରୁଛି । ତୁମ ଯୋଗୁ କିଛି ଅଚଳ ହେବନି । ସତକୁ ସତ ସୁଧା ସକାଳୁ ସେ ଉଠିବା ପୂର୍ବରୁ ଚଠି ଖଣ୍ଡେ ଟେବଲ୍ ଉପରେ ଛାଡି ଦେଇ ଚାଲି ଯାଇଛି । ସକାଳୁ ଉଠି ଚା ଜଳଖିଆ ପାଇଁ ଅପେକ୍ଷା କରି ଯାଇ ରୋଷେଇ ଘର ଦେଖିଲା ବେଳକୁ ସୁଧା ନାହିଁ । ଦେବେନ୍ କିଛି ସମୟ ସ୍ଥାଣୁ ପାଲଟି ସେଇଠି ସେମିତି ଠିଆ ହୋଇ ରହିଲା । କାଲିର ଧମକ ଟା ତେବେ ଏମିତି ସେମିତି ଧମକ ନଥିଲା । ପୁଣି କାର୍ଯ୍ୟରେ ପରିଣତ କରିଦେବା ଭଳି ଏକ ଶକ୍ତିଶାଳୀ ଧମକ ଥିଲା । ଏତେ ସାହାସ ସୁଧାର ଆସିଲା କୋଉଠୁ । ଏହା ପଛରେ ଆଉ କିଛି ରହସ୍ୟ ନାହିଁ ତ । ଦେବେନ୍ ଯାହା ଯେମିତି ହେଉ ଘର କାମ ସବୁ ତୁଲେଇ ପାରିବ କିନ୍ତୁ ଅସଲ କାମ ରୋଷେଇବାସ ତାକୁ ଜମା କରିବାକୁ ଭଲ ଲାଗେନି କି ରୋଷେଇ ପରର ବାସନ, ଚୁଲ୍ହା ସଫା କରିବାକୁ ତାକୁ ମୋଟେ ଭଲ ଲାଗେନା । ଦୁଇ ଜଣ ଲୋକଙ୍କ ପାଇଁ ସେମାନେ କେବେ ଘରକାମ କରିବାକୁ ଲୋକ ରଖିବାର ଆବଶ୍ୟକତା ମନେ କରୁ ନଥିଲେ । ତେଣୁ ତାଙ୍କର ଘର କାମ ପାଇଁ ଲୋକ ନାହିଁ ନିଜେ ସବୁ କାମ କରିବାକୁ ପଡିବ ତାକୁ ଏବେ ।

ସୁଧା ସବୁବେଳେ କହେ ଲୋକ ରଖି ଯେତକ ଟଙ୍କା ଖର୍ଚ୍ଚ କରିବ ସେ ଟଙ୍କା ମତେ ଦିଅ ମୁଁ ମୋ ପାଇଁ ଶାଢି ଗହଣା କିଣିବି ତା ବଦଳରେ ଘରର କାମ ସବୁ କରିବି । ସବୁ ଠିକ୍ ଠିକ୍ ଏଯାଏ ଚାଲିଥିଲା। କିନ୍ତୁ ସୁଧାର ଏପରି ଅନ୍ତର୍ଧାନ ଟା ବଡ ବାଧିଲା ଦେବେନ୍‌କୁ । ଅଭିମାନରେ ସେ ଏଥର ଫୋନ୍ ବି କଲାନି ସୁଧାକୁ ବରଂ ତାଠୁ ଭଲ ହେବ ଯଦି ସେ

ରୋଷେଇ ଟା ଶିଖିନେବ । ତେଣୁ ସେ ଆଠ ଦିନ ହେଲା ହାତରେ ରୋଷେଇ କରି ଖାଉଛି । ତିନି ଚାରିଦିନରେ ଥରେ ବାସନ ସଫା କରୁଛି । ସବୁ ବାସନ ଯେତେବେଳେ ଶେଷ ହୋଇ ଯାଉଛି, ସେ ଗୋଟିଏ ଥାଳରେ ସବୁ ଖାଦ୍ୟ ଏକାଠି ରଖି ଖାଇଦିଏ । ତେଣୁ ବେଶୀ ବାସନ ବି ତାର ଦରକର ହୁଏନି ।

କିନ୍ତୁ ଆଠ ଦିନ ହେଲାଣି କେବେ ପୋଡା, କେବେ ଦରସିଝା, କେବେ କଞ୍ଚା, କେବେ ଲୁଣିଆ ତ କେବେ ଅଲଣା ଖାଦ୍ୟ ଖାଇ ଖାଇ ପାଟି ବିଚକେଟେଇ ଗଲାଣି । ତେଣୁ ଆଜି ଚଙ୍ଗୁଡି ଦେଖି ନେଇ ଆସିଲା ସତ ଏବେ ଭାବୁଛି ତାକୁ କପରି ରାନ୍ଧିବ । ଯଦିଓ ସେ ସପ୍ତାହେ ହବ ଇଣ୍ଟରନେଟରୁ ବିଭିନ୍ନ ପ୍ରକାର ରୋଷେଇ ଭିଡିଓ ଦେଖି ରୋଷେଇ କରୁଛି ତଥାପି ତାର ସେପରି ହଉନି ଯେପରି ସେମାନେ ବର୍ଣ୍ଣନା କରୁଛନ୍ତି । ତାର ଖାଇବା ପ୍ରତି ଯେତେ ଆଗ୍ରହ ରୋଷେଇ ପ୍ରତି ସେପରି ନାହିଁ ତେଣୁ ସେ ରୋଷେଇ ବହି ପଢୁ ବା ଭିଡିଓ ଦେଖି ଶିଘ୍ର ଶିଖି ପାରୁନି ।

ସୁଧାକୁ ଫୋନ୍ କଲେ ସେ ହୁଏତ ଆସି ଯାଆନ୍ତା । ନା ସେ ଫୋନ୍ ଏଥରକ କରିବନି । ଯିବା ପୂର୍ବରୁ ସେ ତାକୁ କିଛି କହିକି ବି ଯାଇନି ସେଥି ପାଇଁ ଦେବେନ୍ଦ୍ରର ରାଗ, ଅପମାନ ଟିକେ ବେଶୀ ବଢିଯାଇଛି ଏଥର । ନଚେତ ସେ କେବେଠୁ ଫୋନ କରି ସାରନ୍ତାଣି ସୁଧା କେବେ ଠୁ ଆସି ସାରନ୍ତାଣି । ସୁଧା ବି ତା ଫୋନ୍ କଲକୁ ଅପେକ୍ଷା ନିଶ୍ଚୟ କରିଥିବ । କରୁ । ସବୁବେଳେ ସେ ହିଁ ଫୋନ୍ କରେ ଆଗ, ଅବଶ୍ୟ ସମସ୍ତ ସମସ୍ୟା ତାରି ପାଖରୁ ଆଗ ସୃଷ୍ଟି ହୁଏ ।

କିନ୍ତୁ ଏଥରକ ନୁହେଁ । ତାକୁ ତା ସଫେଇ ବା ବୁଝେଇବା ପାଇଁ କିଛି ସୁଯୋଗ ବି ଦେଇନି ସେଦିନ । ଯାଇ ଧଡ କରି କବାଟ ବନ୍ଦ କରି ଆର ରୁମରେ ଶୋଇଗଲା । ସକାଳୁ ସେ ଉଠିବା ପୂର୍ବରୁ ଗାଏବ । ନା ଏହା ଉଚତ୍ ବ୍ୟବହାର ନୁହେଁ । କୌଣସି ସ୍ୱାମୀ ଏହାକୁ ବରଦାସ୍ତ କେବେ ବି କରିବନି । ସତରେ କଣ ସେ ଏଡେ ଅମଣିଷ ଏଡେ ବିରାଟ ପଶୁ ସୁଧାର ସହିବାର ପରିସୀମା ବାହାରକୁ ଚାଲିଗଲା ।

ଚଙ୍ଗୁଡିକୁ ବହୁତ ଦାମ୍ ଦେଇ ସେ ଆଣିଛି । ତା ବଜେଟ ବାହାରେ । ସ୍ୱାଦ ଟା ଅନ୍ୟଦିନ ମାନଙ୍କ ପରି ତା ଚଙ୍ଗୁଡି ତରକାରୀ ହୋଇଯାଏ ତେବେ ମନ ଟା ବହୁତ ଦୁଃଖ ହୋଇ ଯିବ। ଦି ତିନ ଥର ଫୋନ୍ ପାଖକୁ ଗଲା ସୁଧାକୁ ଫୋନ କରିବ ବୋଲି । କିନ୍ତୁ ଅଧା ଡାଏଲ୍ କରି ପୁଣି ରଖିଦିଏ । ନା ସୁଧା ଯଦି ତା ଜିଦିରେ ଅଟଳ ସେ ବି ତା ଜିଦି ଛାଡିବ ନାହିଁ । ଦେବେନ୍ ଭଲ ଭାବେ ଜାଣେ ସୁଧା ତା ଫୋନ୍ କଲକୁ ଚାତକ ପରି ଚାହିଁ ବସିଥିବ। ସେମିତି ବସିଥାଉ, ଆଜି ସେ ଚଙ୍ଗୁଡି ନିଜେ ରାନ୍ଧିବ ନିଜେ ଖାଇବ । ତା ପୁଣି ସୋରିଷ ବେସର ବଟା ଦେଇ ।

ସୋରିଷ ରସୁଣ କଞ୍ଚା ଲଙ୍କା ଦେଇ ବ୍ଲେଣ୍ଡରରେ ପ୍ରଥମେ ବାଟି ଦେଲା । ତାପରେ ଚଙ୍ଗୁଡିକୁ ସଫା କଲା । କିନ୍ତୁ ଚଙ୍ଗୁଡିର ଖୋଳପା ଛଡେଇବା ସଫା କରିବାକୁ ଭାରି ବିରକ୍ତ ଲାଗିଲା । ଯାହା ହେଉ ଯେମିତି ସେମିତି ହେଉ ଅଧା ଅଧା ଚୋପା ଛଡେଇ ଧୋଇ ଧାଇ ରଖିଲା । କରେଇରେ ତେଲ ପକେଇ ହଳଦି ଗୁଣ୍ଡ କାଲି କୋଉଠି ରଖି ଦେଇଥିଲା ମନେ ନାହିଁ ଖୋଜି କି ଆଣିଲା ବେଳକୁ ତେଲ ପୋଡି ଗଲାଣି । ତରତରରେ ଚଙ୍ଗୁଡି ତକ ପକେଇଦେଲା ବେଳକୁ କରେଇରେ, ଗରମ ତେଲ ଛିଟିକି ପଡିଲା କିଛି ହାତ ଉପରକୁ । ଅଜାଣତରେ ଏକ ଚିତ୍କାର ବାହାରି ଆସିଲା ପାଟିରୁ ସୁଧା ବୋଲି ।

ପାଟିକୁ ସଂଜତ କରି ନେଇ ରୋଷେଇରେ ମନ ଦେଲା । କାଲିର କିଛି ଭାତ ବଳିଥିଲା ଫ୍ରିଜ୍ ଭିତରେ, ତାକୁ ଆଣି ଗରମ କରି ଚଙ୍ଗୁଡି ତରକାରୀ ସାଥିରେ ଖାଇ ବସିଲା । ଇହି କି ପିତା । ସୋରିଷ ବି ଖଦଖଦଡିଆ ହୋଇ ବଟା ହୋଇଛି । ଜମା ସ୍ୱାଦ ଲାଗୁନି । ତା ବ୍ୟତୀତ ତେଲ ପୋଡାର ବାସ୍ନା ବି ଆସୁଛି । ଆଜି ଭଲ କରି ରୋଷେଇ ଭିଡିଓ ସବୁ ମନ ଦେଇ ଦେଖି ରୋଷେଇ କରିଥିଲା । କିନ୍ତୁ ଯୋଉଆକୁ ସେଇଆ । ସବୁଦିନ ପରି ଅସ୍ୱାଦିଆ, କିନ୍ତୁ ତରକାରି ତାକୁ ଆଜି ଖାଇବାକୁ ହେବ । ଏତେ ଟଙ୍କା ଖର୍ଚ୍ଚ କରି ଆଣିଛି ।

ଝୋଳତ ପାଟିରେ ପୁରେଇ ହେଲାନି । କିନ୍ତୁ ଚଙ୍ଗୁଡି ତକ ବାଛି ବାଛି ଖାଇଦେଲା । ଅଧାରୁ ବେଶୀ ଝୋଳ ଫୋପାଡିବାକୁ ପଡିଲା । ତେଲ ମସଲା ସବୁ ନଷ୍ଟ, ଟଙ୍କା ନଷ୍ଟ । ଅଯଥା ଜିଦିର କିଛି ଲାଭ ନାହିଁ । ନିଜକୁ ହିଁ କଷ୍ଟ ଭୋଗିବାକୁ ପଡୁଛି । ଏହା ଭିତରେ ଦୁଇ ତିନିଥର ଯାଇ ହୋଟେଲରେ ଖାଇବାକୁ ବାଧ୍ୟ ହୋଇଛି ଯୋଉଦିନ ଭାତ ପୋଡିଯାଏ ।

ପୋଡା ତରକାରି ଯେମିତି ସେମିତି କରି କଛି ଖାଇ ଦେଇ ପାରିବ ସେ ପଛେ କନ୍ତୁ ପୋଡା ଭାତ ନା, ତା ସାଙ୍ଗକୁ ଟଙ୍କାତ ଯାହା ନଷ୍ଟ ହେଉଛି ଛାଡ ।

ଖାଇବା ଅସ୍ୱାଦଠୁ ମନର ଅସ୍ୱାଦ ବେଶୀ ବଳଗଲା । ସୁଧାକୁ ଗୋଟେ ଫୋନ୍ କଲ୍ ମାରିଦେଇ ଆସୁଛି ନବାକୁ କହି ଫୋନ୍ କାଟିଦେଲା । ସୁଧାର ଉତ୍ତରକୁ ଅପେକ୍ଷା ନକରି । ଅବଶ୍ୟ ଯାଉ ଯାଉ ପୁଣି ବିଳମ୍ବ ହେଇଗଲା । ବାଟରେ କଛି ସାଙ୍ଗ ଦେଖା ହୋଇଗଲେ । ଗପୁ ଗପୁ ଟିକେ ଡେରି ହୋଇଗଲା । ହଉ ପଛେ ଯାଇ ସୁଧା ଘରେ ପହଞ୍ଚିଲା ।

ସୁଧା ବ୍ୟାଗ ପତ୍ର ବାନ୍ଧି ରେଡି ହୋଇ ବସିଥିଲା । କନ୍ତୁ ତାର ବୋଉ ଖାଇବା ପାଇଁ ବାଧ କଲେ । ଦେବେନ୍ ମନା କରୁଥିଲା କନ୍ତୁ ତାର ବୋଉ କହିଲେ ନା ପୁଅ ଆଜି ବଢିଆ ଛିଙ୍ଗୁଡି ବେସର ହୋଇଛି । ତମର ଚଙ୍ଗୁଡି ଭାରି ପ୍ରିୟ ମୁଁ ଜାଣେ । ଏ ପୁଣି ବଡ ବଡ ଆମ ଚିଲିକା ଚଙ୍ଗୁଡି ।

ସତରେ କ ସ୍ୱାଦିଷ୍ଟ । ଏଇ ଯେ ପ୍ରକୃତରେ ଆମ ଓଡିଆ ଚଙ୍ଗୁଡି ବେସର । ଯାହା ଖାଇଲେ କେବେ ପାଟିରୁ ଛାଡିବନ । ଆଉ ତା ନଜର ଚଙ୍ଗୁଡି ତରକାରୀ ଗ୍ରମ ଗ୍ରମ ପାଟିରେ ଛୁଇଁ ହେବନ । ସେ କନ୍ତୁ ସେ ବିଷୟରେ କଛି ଅବତାରଣା କଲାନ । କାରଣ ସୁଧା ଘରକୁ ଫେରିବା ପାଇଁ ତତ୍ପର । ମନରେ ଆଗର ରାଗ ରେଷ ଟିକେ ବି ନାହିଁ । । ଦେବେନ୍ ତା ବ୍ୟବହାର ପାଇଁ ଯେତିକ ଅନୁତପ୍ତ ସୁଧା ବି କଛି କମ୍ ଅନୁତପ୍ତ ନୁହେଁ ।

ଫେରିଲା ବେଳେ ସୁଧାର ବୋଉ ଟିଫିନ୍ କ୍ୟାରିଅରରେ ଆଉ କଛି ଚଙ୍ଗୁଡି ବେସର ଭାତ ସାଙ୍ଗକୁ ଫୁଲକୋବି ଭଜା, ବାଇଗଣ ଭର୍ତ୍ତା, ରାସି ବଡି ଭଜା ଦେଇଥିଲେ ଆଉ ବାରମ୍ବାର କହିଥିଲେ ପୁଅ ଆଉ କେବେ ଏମିତି ଝଗଡା କରିବନ କ ସୁଧାକୁ ନଜଣେଇ ଡେରିରେ ଆସିବନ । ବିଗ୍ଧରୀ ଏକା ଏକା ଘରେ ବହୁ ଦୁଷ୍ଚିନ୍ତା କରି ଡରି ଯାଉଛି । ସବୁ ସର୍ତ୍ତ ମଞ୍ଜୁର କହି ଦେବେନ୍ ସ୍କୁଟର ଷ୍ଟାର୍ଟ କରିଦେଲା । ଉପରକୁ ସେମାନେ ଚୁପ୍‌ଚାପ୍ ଥିଲେ ବି ମନ ଭିତରେ ଖୁସିର ଲହଡି କନ୍ତୁ ଭାଙ୍ଗୁଥିଲା ଦୁଇଜଣଙ୍କ ମନରେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଋତୁରାଜ



ପୁଷ୍ପାଞ୍ଜଳି ପଣ୍ଡା

ମଳୟ ପବନ ସହିତ
ବାସେ ବଉଳ ଫୁଲ
କୁହୁ କୁହୁ ଗାଏ କୋକିଳ
ସତେ କରୁଛି ଗେଲ।

ଋତୁରାଜ  ସାଥେ ବସିଛି
ଏଠି ମଦନ ମିତ
କଅଁଳ କରଣ ବୁଣିଛି
କମି ଆସିଲା ଶୀତ।

ପ୍ରିତୀର ଗଜଲ ଗାଉଛି
ପୁର୍ ଧରଣୀ ରାଣୀ
ହଳଦୀ ବସନ୍ତ ଉଢ଼ଇ
ଦେଇପାଟ ଓଢ଼ଣୀ ।

ଫୁଲେଇ ଫଗୁଣ ଫୁଲରେ
ଫଗୁ ଅବିର ବୋଳେ
ଗୁଣୁଗୁଣୁ ଅଳି ଗୁଞ୍ଜନ
ଉପବନରେ ଖେଳେ ।

ଭ୍ରମର ଭ୍ରମଣ କରନ୍ତି
ଆଶା ମଧୁ ମାଦକ
ପ୍ରେମ ପରିଭାଷା ବୁଝଇ
ଚତୁର୍ଦ୍ଦିଗେ ମହକ ।

ହୋଲିର ରଙ୍ଗରେ ରଙ୍ଗୀନ
ହୋଇ ପୃଥୀ ହସଇ
ସାତ ରଙ୍ଗ ମିଶି ପ୍ରେମର
ରଙ୍ଗ ଆଠ ହୁଅଇ।

ମହଣ ମହଣ ଖୁସୀର
ଋତୁରାଜ ବସନ୍ତ
ପ୍ରେମିକ ପ୍ରେମିକା ରମନ୍ତି
ପ୍ରେମ ପାଇଁ ଯେମନ୍ତ ।

ଫୁଲର ଡୋଳରେ ଝୁଲଇ
ମନ ହୃଦୟ ସତେ
ପ୍ରେମମୟ ପ୍ରେମ ଋତୁ ଟେ
ଦେଇଛନ୍ତି ଜଗତେ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ଏତିକ ଗୁହାରି ମୋର



ଅନ୍ନପୂର୍ଣ୍ଣା ଦାସ

ଆହେ ଦୟାମୟ ମଙ୍ଗଳ ଆଳୟ
ନିଖିଳ ରକ୍ଷକ ହରି
ଅଜ୍ଞାନ ଶିଶୁ ମୁଁ ତୁମ ପାଦତଳେ
ଏତିକ ମୋର ଗୁହାରି।

ବଡ଼ରେ ମୋ ଆଶା ନାହିଁ ପ୍ରଭୁ ମତେ
କ୍ଷୁଦ୍ର ଠାରୁ କ୍ଷୁଦ୍ର କର
ଜଗତର ସେବା କରୁଥାଏ ନିତି
ଧରି କ୍ଷୁଦ୍ର କଳେବର।

ବିରାଟ ଦରିଆ ନୁହେଁ ପ୍ରଭୁ ମତେ
ଟିକି ଝରଣାଟେ କର
ମଧୁର ଜଳକୁ ବିତରି ମୁଁ ନିତି
ଶୋଷ ହରେ ତଷାତର।

ଲୋଡ଼ା ନାହିଁ ମୋର ପଳାଶର ରୂପ
ହସ ଅଛି ବାସ ନାହିଁ
ରାତିଟିଏ ଲାଗି ଶେଫାଳିଟେ କର
ସୁବାସକୁ ଭରିଦେଇ।

ବିଜୁଳି ବତିଟି ନୁହେଁ ମହାପ୍ରଭୁ
ଛୋଟ ଦିପାଳୀଟେ କର
ଘିଅ ସଳତାରେ ଭରି ମୋର ଦେହ
ଜଳୁଥାଏ ନିରନ୍ତର।

ଜ୍ଞାନୀ ଗୁଣୀ ଧନୀ ନୂହେଁ ପ୍ରଭୁ ମତେ
ଭଲ ମଣିଷ ଟେ କର
ତୁମ୍ଭରି ଆଶିଷ ମଥାରେ ମୋ ଧରି
ଗ୍ଭଲୁଥାଏ ବାଟ ମୋର।

ଏସ୍.ଏ.ବି ଡିଗ୍ରୀ କଲେଜ
କୋଟଗଡ, କନ୍ଧମାଳ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସ୍ୱପ୍ନ



ରୀତା ଅପରାଜିତା ମହାନ୍ତି

ଆଖିତଳେ ସାଇତିଛି କଛି ସ୍ୱପ୍ନ
ନୂଆ କଛି ପୁରୁଣା ସ୍ୱପ୍ନ
କଛି ସ୍ୱପ୍ନ ଅତୀତର ଅନ୍ଧାରି ମୂଲକର ଗର୍ଭ ଗର୍ଭେ ଗହ୍ୱର ରେ
ପଡିଥିବା ଛିଣ୍ଡା ଲୋଚାକୋଚା ପୁରୁଣା ଅଦରକାରୀ ଜିନଷ ପରି
କଛି ସ୍ୱପ୍ନ ସୁନେଲି କୁହୁକ ଭରା........
କଛି ସ୍ୱପ୍ନ ବର୍ତ୍ତମାନର ପରିବା ଦୋକାନରୁ
କଣା ତାଜା ତଟକା ପନପରିବା ପରି ..... ।
ଆଖିତଳେ ସାଇଟିରଖିଛି କଛି ସ୍ୱପ୍ନ.......... ।
କେବେ ମୁଁ ବି ସ୍ୱପ୍ନ ଦେଖେ
ତୁମେ ଜହ୍ନ ପରି
ମୋ ଠାରୁ ଅନେକ ଦୂରରେ
ତଥାପି କାହିଁକ ସ୍ୱପ୍ନ ଦେଖେ ..?
ତୁମେ ଦୂରରେ ଥାଇ
ମତେ ଭରି ଆପଣାର ଲାଗ
ନଜର ନଜର ଲାଗ
ଭଲ ପାଇବା ପାଖରେ ସବୁ ଦୂରତା ହାର ମାନେ।
ସମ୍ପର୍କର ଡୋର ଲମ୍ବିଯାଏ ମାଇଲ ମାଇଲ, ଯୋଜନ-ଯୋଜନ.....।

ପବନ ପାଇଁ କଛି ସୀମାରେଖା ନାହିଁ

ପକ୍ଷୀ ବି ଏ ସୀମାରୁ

ସେ ସୀମାଯାଏଁ ଗ୍ଭଲିଯାଏ

ବଡ଼ ନଶ୍ଚିତ ରେ

ମଣିଷ ପାଇଁ କାହିଁକି ଏତେ

ପ୍ରାଚୀର ସୀମା -ସରହଦ -ସମାଜ -ଜାତି ......

ସବୁ ବନ୍ଧନ କେବଳ ମଣିଷ ପାଇଁ

ବେକେ ବେଳେ ଭ୍ବିଲେ ଆଶ୍ଚର୍ଯ୍ୟ ଲ୍ଗେ

ଆମେ ମଣିଷ ହେଇ

କଣ ପାଇଲୁ ....???.....

ବୋଧେ କେବଳ ସ୍ୱପ୍ନ

ଆଖି ତଳେ ସାଇତି ରଖିଛି କଛି ସ୍ୱପ୍ନ କଛି ନୂଆ କଛି ପୁରୁଣା

ପ୍ଲଟ ନ-୮୩(ସି), ଭୁବନେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ଶ୍ୟାମ ସୁନ୍ଦର



ଶଶଧର ମହାପାତ୍ର

ଶ୍ୟାମ ସହ ମୋ'ର ପ୍ରଥମ ଦେଖା ହେଇଥିଲା ତାଙ୍କ ଡିପାର୍ଟମେଣ୍ଟ କରିଡରରେ ସେ' "ଓ୍ୱାଶିଙ୍ଗଟନ୍ ହସ୍ପିଟାଲ ସେଣ୍ଟର'ରେ ରେସିଡେନ୍ସି କଲାବେଳେ । ତାଙ୍କ ଡିପାର୍ଟମେଣ୍ଟକୁ ମୁଁ ପ୍ରାୟ ସବୁଦିନେ ଯାଏ, ମୋ'ର କଛି ନା କଛି କାମ ଥାଏ । ନୂଆ ମୁହଁଟିଏ ଦେଖି ତା' ଆଡକୁ ଚାହିଁଦେଲି । ଚୁମ୍ବକ ଭଳି ମୋତେ ଯେମିତି ଟାଣି ନେଇଥିଲା ତା' ହସହସ ମୁହଁ ଓ ବ୍ୟକ୍ତିତ୍ୱ । ଦିହେଁ ଭାରତୀୟ ବୋଲି ଚିହ୍ନା ହେବାରେ ଅସୁବିଧା ହେଲାନ । ପ୍ରଥମେ ହ୍ୟାଣ୍ଡସେକ୍ ଓ ତା'ପରେ ପରିଚୟ ଦିଆନିଆ ହେଇଥିଲା ମିନଟ୍‌କରେ । ତା' ଡାକ ନାଁ "ଶ୍ୟାମ' ବୋଲି ଜାଣିଲି । ଭଲ ନାଁ ହେଉଛି "ଶ୍ୟାମ ସୁନ୍ଦର ଗଣପତି " । ଘର "ଆନ୍ଧ୍ର' ପ୍ରଦେଶର "ହାଇଦ୍ରାବାଦ' ସହରରେ । ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ତା'ର । ଘରେ ବାପା, ମା', ଗୋଟିଏ ସାନ ଭଉଣୀ । ବାପାଙ୍କ ନାଁ ହେଉଛି "ପ୍ରସାଦ' ଓ ମା' ଙ୍କ ନାଁ ହେଉଛି "ସ୍ମିତା' । ସାନ ଭଉଣୀର ନାଁ "ମଧୁ' । ବାପା ଭାରତୀୟ ରେଳ ବିଭାଗରେ ଜଣେ ଉଚ୍ଚ ପଦସ୍ଥ ଅଫିସର ଥିଲେ । ସେ' ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ତେଣୁ ପଡିଶା ଓ ସାଙ୍ଗ ମହଲରେ ବେଶ୍ ଜଣାଶୁଣା । ନଜର ତଳଆ କର୍ମଚାରୀମାନେ ତାଙ୍କୁ ବହୁତ ସମ୍ମାନ ଦେଉଥିଲେ । ସେ' ଏବେ ରିଟାୟର୍ଡ । ମା' ଜଣେ ସୁଗୃହିଣୀ । ସାନ ଭଉଣୀ ବିବାହିତା । ଭଉଣୀ "ମଧୁ' ଓ ତା'ର ସ୍ୱାମୀ "ରବି' ଦିହେଁ ଆଇ.ଟି. ଇଞ୍ଜିନିୟର ଓ ସେମାନେ ଲଣ୍ଡନରେ ରହୁଥିଲେ । ଅଳ୍ପ ବୟସରୁ ଭଉଣୀର ବା'ଘର ହେଇଯାଇଥିଲା । ସେମାନଙ୍କର ପାଞ୍ଚ ବର୍ଷର ପୁଅଟିଏ । ତା' ନାଁ "ବିବେକ' । ହାଇଦ୍ରାବାଦ ସହରରେ ଶ୍ୟାମ ବାପାଙ୍କର ଗୋଟିଏ ଦି'ମହଲା ଘର ଥିଲା । ଚଳାଚଳ ଖୁବ୍ ଭଲ । ନଜ ଘରେ ମର୍ସେଡିସ କାର୍‌ଟିଏ ଥିଲା । ନଜର ଡ୍ରାଇଭରଟିଏ ଥିଲେ ସୁଦ୍ଧା ତା' ବାପା ଓ ଶ୍ୟାମ ଡ୍ରାଇଭିଂ ଶିଖିଥିଲେ ।

ଶ୍ୟାମ ଦେଖିବାକୁ ଖୁବ୍ ପତଳା କିନ୍ତୁ, ବେଶ୍ ଡେଙ୍ଗା, ପାଖାପାଖି ୬ ଫୁଟ ହେବ, ବର୍ଣ୍ଣ ଏକଦମ କଳା, ଚମତ୍କାର କଳା ମୁଚମୁଚ ନିଶ, ଦାନ୍ତଗୁଡିକ ମୁକ୍ତା ଭଳି ଧଳା । ବର୍ଣ୍ଣ କୃଷ୍ଣ

କଳା ଯୋଗୁ ବୋଧହୁଏ ତା' ବାପା-ମା' ତା' ନାଁ ଦେଇଥିଲେ "ଶ୍ୟାମ ସୁନ୍ଦର' । ଭେକବାକ ଦେଖିଲେ ଜଣେ ପ୍ରଫେସନାଲ ଭଳି ଲାଗେ । ପୋଷାକପତ୍ର ଖୁବ୍ ପରିଷ୍କାର ପରିଚ୍ଛନ୍ନ, ଡ୍ରେସ୍ ସାଙ୍ଗକୁ ମ୍ୟାଚିଂ ଟାଇ ବେକରେ ସବୁବେଳେ । କଳା ଚେହେରାକୁ ହସଟି ତା'ର ଶ୍ରୀବର୍ଦ୍ଧନ କରେ, ଖୁବ୍ ଚମତ୍କାର ଦିଶେ । କଥାବାର୍ତ୍ତା ଭାରି ସରଳ, ସୁନ୍ଦର, ମଧୁର, ଧୀରସ୍ଥିର । କେବେ ରାଗ, ହିଂସା, ଅହଂଭାବର ଲକ୍ଷଣ ମୁଁ ତା' ପାଖରେ ଦେଖିନଥିଲି । ପିଲାବେଳୁ ଜଣେ ମେଧାବୀ ଛାତ୍ର ହିସାବରେ ତା' ସାଙ୍ଗ ଓ ଶିକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସାଭାଜନ ଥିଲା ବୋଲି ତା' ମୁଖରୁ ଶୁଣିଛି । ବୃତ୍ତିରେ ସେ' ଜଣେ ଡାକ୍ତର । "ଓସ୍ମାନିଆ ମେଡିକାଲ କଲେଜ' ରେ ସେ' ଡାକ୍ତରୀ ପାଠ ପଢିଥିଲା । ମେଡିକାଲ ଡିଗ୍ରୀ ପାଇଲା ପରେ ଆମେରିକା ଆସି ଉଚ୍ଚ ଶିକ୍ଷା କରିବାକୁ ତା'ର ବହୁତ ଇଚ୍ଛା ଥିଲା ଓ ସେଥିରେ ମଧ୍ୟ ସେ' ସଫଳ ହେଇଥିଲା । ତା' ସାଙ୍ଗରେ ମେଡିକାଲ କଲେଜରେ ପଢୁଥିବା "ଚନ୍ଦ୍ରା" ବୋଲି ଝିଅଟିଏ କେମିତି ସ୍ତ୍ରୀ ହେଇଗଲା ସେ' ଘଟଣା ରୋମାଞ୍ଚକର ନହେଲେ ବି ଶ୍ୟାମ ଜୀବନରେ ଏକ ବିଶେଷ ଘଟଣା ଓ ମୋ' ନିକଟରେ ଦିନେ ପ୍ରକାଶ କରିବାକୁ କୁଣ୍ଠାବୋଧ କରିନଥିଲା । ସେ' ଦିନଟି ଥିଲା ଏକ ଦୁଃଖର ଦିନ । ତା' ମୁହଁରୁ ସେ'କଥା ଶୁଣି ମୋ' ମନରେ ଅନେକ କଷ୍ଟ ହେଇଥିଲେ ସୁଦ୍ଧା ସମବେଦନା ଜଣେଇବା ବ୍ୟତୀତ ମୋ' ପାଖେରେ କିଛି ଅନ୍ୟ ଉପାୟ ନଥିଲା, କିଛି କରିବାର ନଥିଲା ।

"ଚନ୍ଦ୍ରା' ତା' ବାପା-ମା'ଙ୍କର ଗୋଟିଏ ମାତ୍ର ପିଲା । "ଚନ୍ଦ୍ରା' କୁ ମାତ୍ର ସାତ ବର୍ଷ ହେଇଥି ବେଳେ ସେ' ତା' ବାପାଙ୍କୁ ହରାଇଥିଲା । ମା'ଟି କଷ୍ଟେମଷ୍ଟେ ତାକୁ ବଢେଇଥିଲା, ଡାକ୍ତରୀ ପାଠ ପଢେଇଥିଲା । ଶ୍ୟାମ ଓ ଚନ୍ଦ୍ରା ଦିହେଁ "ଓସ୍ମାନିଆ ମେଡିକାଲ କଲେଜ' ରେ ଡାକ୍ତରୀ ପାଠ ପଢୁଥିଲା ବେଳେ ଚହ୍ନା ଜଣା । ମେଡିକାଲ ପାଶ୍ କରିସାରିଲା ପରେ ଦିହେଁ "ୟୁନାଇଟେଡ୍ ଷ୍ଟେଟ୍ସ୍ ମେଡିକାଲ ଲାଇସେନ୍ସିଂ ଏକ୍ସାମିନେଶନ" (ୟୁ.ଏସ୍.ଏମ୍.ଏଲ୍.ଇ.) ପାଇଁ ସାଙ୍ଗ ହୋଇ ପଢୁଥିଲେ । ବାହାର ଦେଶରୁ ମେଡିକାଲ ଡିଗ୍ରି ଧରି ଆମେରିକା ଦେଶକୁ କୌଣସି ବିଷୟରେ ଉଚ୍ଚ ଶିକ୍ଷା କ ରେସିଡେନ୍ସି ପାଇଁ ଆସିବାକୁ ହେଲେ ଏ' ପରୀକ୍ଷାରେ ନିହାତି ପାଶ୍ କରିବା ଦରକାର । ଶ୍ୟାମ (ୟୁ.ଏସ୍.ଏମ୍.ଏଲ୍.ଇ) ପରୀକ୍ଷାରେ ପାସ୍ କରିଗଲା ଅଥଚ ଚନ୍ଦ୍ରା ଫେଲ୍ ହେଇଗଲା । ଶ୍ୟାମ "ନ୍ୟୁକ୍ଲିଅର ମେଡିସିନ୍'ରେ ରେସିଡେନ୍ସି ପାଇଁ ଯୋଗ୍ୟ ବିବେଚତ ହେଲା "ୱାସିଙ୍ଗଟନ୍ ଡି.ସି.' ରେ ଥିବା "ୱାଶିଙ୍ଗଟନ୍ ହସ୍ପିଟାଲ ସେଣ୍ଟର' ରେ । ପାସପୋର୍ଟ ଓ ଭିସା ପାଇଁ ଆପ୍ଲାଇ କରି ମିଳିଗଲା । ଶ୍ୟାମ

ଆମେରିକା ଆସିବା ଖବର ଯେମିତି ଚନ୍ଦ୍ରା ଜାଣିଲା, ସେ' ଶ୍ୟାମକୁ ମନେମନେ ଭଲ ପାଉଛି ବୋଲି ଓ ବା' ହେବାକୁ ରାଜି ବୋଲି ଦିନେ ପ୍ରସ୍ତାବ ଦେଇଥିଲା । ଶ୍ୟାମ ତାକୁ ଭଲ ପାଉନଥିଲେ ସୁଦ୍ଧା ଯେହେତୁ ଦିହେଁ ସାଙ୍ଗ ହେଇ ପଢାପଢି କରୁଥିଲେ ତେଣୁ ମନ ଭିତରେ କେଉଁ ଏକ କୋଣରେ ଚନ୍ଦ୍ରା ପ୍ରତି ଦୁର୍ବଳତା ଟିକଏ ଥିଲା । ଯେବେ ଦିହେଁ ଦେଖାହୁଅନ୍ତି, ଚନ୍ଦ୍ରା ବାରମ୍ବାର ଗୁଡେଇ ତୁଡେଇ ଶ୍ୟାମକୁ ତା' ବା'ଘର ବିଷୟରେ ପ୍ରଶ୍ନ ଉଠାଏ । ପାର୍କକୁ ସାଙ୍ଗ ହୋଇ ବୁଲି ଯିବାକୁ କ ଭଲ ଏକ ରେଷ୍ଟୁରାଣ୍ଟକୁ ଖାଇବାକୁ ଯିବାକୁ କ ସିନେମା ଦେଖି ଯିବାକୁ କହେ, ଯାହାଦ୍ୱାରା ଶ୍ୟାମର ତା' ପ୍ରତି ଦୁର୍ବଳତା ବଢିବାକୁ ଲାଗିଲା । ଦିନେ ସେ' ମଧ୍ୟ ଚନ୍ଦ୍ରାର ପ୍ରସ୍ତାବରେ ନିଜର ସମ୍ମତି ଜଣାଇଲା । କିନ୍ତୁ, ଶ୍ୟାମର ସର୍ତ୍ତ ଥିଲା ଏହା କେବଳ ସମ୍ଭବ ହେବ ଯଦି ତା' ବାପା-ମା ଏ' ପ୍ରସ୍ତାବରେ ରାଜି ହୁଅନ୍ତି ।

ଶ୍ୟାମ ତା'ର ବାପ-ମା'ଙ୍କୁ ଏ' ପ୍ରସ୍ତାବ ବିଷୟରେ ଅବଗତ କରାଇଲା । ସେମାନେ ପ୍ରଥମରୁ ଅରାଜି ଥିଲେ । ସେମାନେ ଚନ୍ଦ୍ରାକୁ ବହୁତ ଥର ତାଙ୍କ ଘରକୁ ଆଗରୁ ଶ୍ୟାମ ସହିତ ଆସିବାର ଦେଖିଛନ୍ତି । ସେମାନେ ତାକୁ ଚହ୍ନିଛନ୍ତି, ଜାଣିଛନ୍ତି, ତା' ଆଗ୍ରର ବ୍ୟବହାର କେମିତି ଦେଖିଛନ୍ତି । ତାଙ୍କୁ ସେ' ଜଣେ ଜଟିଳ, କୁଟିଳ ଓ ସ୍ୱାର୍ଥପର ଝିଅଭଳି ଲାଗେ । ଯେଉଁ ଝିଅ କେବେ ଠାକୁର ପୂଜା, ବ୍ରତ, ଉପବାସରେ ବିଶ୍ୱାସ କରେନି ସେ' କେମିତି ତାଙ୍କ ଭଳି ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରକୁ ବୋହୂ ହେଇଆସିବ ? ଏହା ସଂପୂର୍ଣ୍ଣ ଅସମ୍ଭବ । ସେ' ଝିଅଟି ତାଙ୍କ ଘରପାଇଁ ବୋହୂ ହେବାକୁ ଉଚିତ୍ ହେବନାହିଁ ବୋଲି ତା' ବାପା-ମା' ଭାବିଲେ, ତେଣୁ, ସେମାନେ ଆଦୌ ଏ' ପ୍ରସ୍ତାବରେ ରାଜି ହେଲେନି । ସେମାନେ ବାରମ୍ବାର ଶ୍ୟାମକୁ ଚେତାଇ ଦେଇଥିଲେ "ଚନ୍ଦ୍ରା' ବିଛେଇଥିବା ବୁଢିଆଣୀ ଜାଲରେ ପଡି ପଛରେ ନପସ୍ତେଇବାକୁ । ସେମାନଙ୍କର ଆଶଙ୍କା ଥିଲା ଚନ୍ଦ୍ରା ଭଳି ଝିଅ ଶ୍ୟାମକୁ ବ୍ୟବହାର କରି ତା' ସ୍ୱାର୍ଥ ହାସଲ କରିସାରିଲା ପରେ ଦିନେ ତା'କୁ ରାସ୍ତାକୁ ଠେଲି ଦେବ । କିଏ ଜାଣିଥିଲା ଦିନେ ନା ଦିନେ ସେ' କଥା ସତ ହେବବୋଲି । କିନ୍ତୁ, "ଶ୍ୟାମ'ର ଜିଦ୍ ଯଦି ସେ' ବିବାହ କରିବ ତେବେ କେବଳ "ଚନ୍ଦ୍ରା'କୁ ହିଁ ବିବାହ କରିବ, ଆଉ କେଉଁ ଝିଅକୁ ନହେଁ । ପ୍ରେମରେ ପଡିବା ଏକ ଖତରନାକ ବେପାର । ସମସ୍ତେ ନିଜର ହିତାହିତ ଜ୍ଞାନ ଭୁଲିଯାଆନ୍ତି । ଶ୍ୟାମ ଜିଦ୍ ଧରିବାରୁ, ଯେହେତୁ ଏକମାତ୍ର ପୁଅ ସିଏ, ଏବଂ ଆମେରିକା ଯିବାକୁ ବସିଲାଣି, ତେଣୁ ଏଇଭଳି ଘଡିସନ୍ଧି ମୁହୂର୍ତ୍ତରେ କୌଣସି ଉପାୟ ନପାଇ ପୁଅ ମନରେ କଷ୍ଟ ଦେବାକୁ ନଭାବି ତା' ବାପା-ମା' ରାଜି ହେଇଗଲେ । ଅନ୍ୟଥା,

ଯଦି ଆମେରିକାରେ କେଉଁ ଝିଅ ସହ ପ୍ରେମରେ ପଡି ବା' ହେଇଯିବ ତେବେ ଅସୁବିଧା କଥା । ତା'ଠାରୁ ବରଂ ଶତଗୁଣ ଭଲ ଚନ୍ଦ୍ରାକୁ ବାହା ହେଲେ । ନୈଷ୍ଠିକ ବ୍ରାହ୍ମଣ ପରିବାର। ଖ୍ରୀଷ୍ଟିଆନ ବୋହୂଟିଏ ଧରି ଯଦି ଘରେ ପହଞ୍ଚିଗଲା ତେବେ ଜାତି, ଗୋତ୍ର ସବୁ ପାଣିରେ ପଡିଯିବ । ବାହାରେ ନଜର ପଡିଶା, ବନ୍ଧୁ ବାନ୍ଧବ ଓ ଅନ୍ୟ କାହାରିକୁ ମୁହଁ ଦେଖେଇ ପାରିବେ ନାହିଁ । ବାପା-ମା' ଅନ୍ୟ ଉପାୟ ନପାଇ ଏ' ପ୍ରସ୍ତାବରେ ରାଜି ହେବାକୁ ବାଧ ହେଲେ ବାଧା, ବିଘ୍ନ ସବୁ ଦୂରେଇ ଗଲା । ଶ୍ୟାମକୁ ସେମାନଙ୍କ ଆର୍ଶୀବାଦ ମିଳଗଲା। ଶ୍ୟାମ ଆମେରିକା ଯିବା ପୂର୍ବରୁ ବିଭାଘର ଭଲରେ ବହୁ ଆଡମ୍ବରରେ ସଂପୂର୍ଣ୍ଣ ହେଇଗଲା । ଶ୍ୟାମ ଓ ଚନ୍ଦ୍ରା ପବିତ୍ର ବନ୍ଧନରେ ବାନ୍ଧି ହେଇଗଲେ । ବିନା ଯୌତୁକ ଦିଆ ନଆରେ ବିବାହ କାର୍ଯ୍ୟ ସଂପୂର୍ଣ୍ଣ ହେଇଗଲା । ଶ୍ୟାମର ଇଛା ଥିଲା ଯେବେ ବା' ହେବ ବିନା ଯୌତୁକରେ ବା' ହେବ ବୋଲି । ସେଇଆ ବି ହେଲା । ତା' ବାପା-ମା'ଙ୍କର ସେଥିରେ ଆଦୌ ଆପତ୍ତି ନଥିଲା ।

ଶ୍ୟାମ ଆମେରିକା ଆସିବା ପରେ "ଭର୍ଜିନଆ' ରାଜ୍ୟର "ଆଲେକ୍ଜାଣ୍ଡ୍ରିଆ' ସହରରେ ଗୋଟିଏ ଦୁଇ ବେଡ୍‌ରୁମ ଆପାର୍ଟମେଣ୍ଟରେ ଭଡାରେ ରହୁଥିଲା । ଦୁଇ ବେଡ୍‌ରୁମ ନେବାର କାରଣ ହେଉଛି ଚନ୍ଦ୍ରା ନକଟରେ ଆମେରିକା ଆସିଯିବ ବୋଲି । ଚଳବାକୁ ଆଉ ଅସୁବିଧା ହେବନ। ଓ୍ୱାସିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟରରୁ ତା' ଆପାର୍ଟମେଣ୍ଟ ବେଶୀ ଦୂର ନୁହେଁ । ତାଙ୍କ ଡିପାର୍ଟମେଣ୍ଟରେ କଛି ଷ୍ଟାଫ୍ ମଧ " ଆଲେକ୍ଜାଣ୍ଡ୍ରିଆ' ରେ ରହି ଯିବା ଅସିବା କରନ୍ତି । ସେମାନେ ଶ୍ୟାମକୁ କହିଲେ ସେହି ଅଞ୍ଚଳରେ ରହିବାକୁ, ଏମିତିକ ସେମାନେ ମଧ ତା'ପାଇଁ ସେ' ଆପାର୍ଟମେଣ୍ଟ ବୁଝିଦେଲେ । କନ୍ତୁ, ଓ୍ୱାଶିଙ୍ଗଟନ୍ ଡି.ସି. ରେ ଟ୍ରାଫିକ୍ ଭିଡ ସବୁବେଳେ । ସେଥିପାଇଁ ଘଣ୍ଟାଏ ଲାଗିଯାଏ ଡ୍ରାଇଭିଂ କରି ଆସିବାକୁ । କଛି ଦିନ ସେ' ବସରେ ଯିବା ଆସିବା କରୁଥିଲା । ବହୁତ ସମୟ ବାଟରେ ବରବାଦ ହେଉଥିବାରୁ ଗୋଟିଏ କାର୍ କଣିବାକୁ ବାଧ ହେଲା । ଚନ୍ଦ୍ରା ଆସି ବର୍ଷେ ପରେ ତା' ସହିତ ଯୋଗ ଦେଲା। ଆମେରିକାରେ ରହି, ଦିନରାତି ପଢାପଢି କରି ଓ "କ୍ୟାପ୍‌ଲାନ୍ ଟେଷ୍ଟ ପ୍ରିପାରେସନ' ଏକ ପ୍ରାଇଭେଟ୍ କୋଚଂ ସେଣ୍ଟରରୁ କୋଚଂ ନେଇ ସେ' ମଧ (ୟୁ.ଏସ୍.ଏମ୍.ଏଲ୍.ଇ.) ପରୀକ୍ଷାରେ ପାସ୍ କରିଗଲା । ସମସ୍ତ ପଢା ଖର୍ଚ୍ଚ ଶ୍ୟାମକୁ ହିଁ ବହନ କରିବାକୁ ପଡିଥିଲା ।

ଶ୍ୟାମ ସହ ଦେଖାହୁଏ କ୍ଲାସ ରୁମରେ । ନ୍ୟୁକ୍ଲିଅର ମେଡିସିନ୍ ରେସିଡେନ୍ସି ପ୍ରୋଗାମ ଏକ ତିନ ବର୍ଷର କାଯ୍ୟର୍କ୍ରମ । ମୁଁ ସେତେବେଳେ ସେମାନଙ୍କୁ ନ୍ୟୁକ୍ଲିଅର ମେଡିସିନ୍ ଫିଜିକ୍ସ ଆଣ୍ଡ ଇନ୍ଷ୍ଟ୍ରୁମେଣ୍ଟେସନ, ଗାମା କ୍ୟାମେରା, ରେଡିଓଆକ୍ଟିଭ୍ ମାଟେରିଆଲ୍ସ୍, ରେଡିଏସନ ସେଫ୍ଟି ଓ ରେଡିଏସନ ପ୍ରଟେକ୍ସନ, ଫେଡେରାଲ୍ ରେଗୁଲେସନ ଇତ୍ୟାଦି ପାଠ ପଢାଉଥିଲି। ଦିନେ ପାଠ ପଢାଇବା ଆରମ୍ଭ କରିବା ପୂର୍ବରୁ ପେନ୍ ଡ୍ରାଇଭ୍‌ରୁ ସ୍ଲାଇଡ୍ ଗୁଡିକୁ ଲ୍ୟାପ୍‌ଟପ୍‌କୁ କପି କରିଲା ସମୟରେ ଭୁଲବଶତଃ ଆମ ଗାଁରେ "ଚନ୍ଦନ ଶ୍ରୀକ୍ଷେତ୍ର' ରେ ହେଇଥିବା "ଜଗନ୍ନାଥ ମନ୍ଦିର' ଓ ଚତୁର୍ଦ୍ଧା ମୂର୍ତ୍ତୀଙ୍କର ଫଟୋ ସ୍କ୍ରିନରେ ଆସିଗଲା । ଶ୍ୟାମର ଆଗ୍ରହ ବଢିଗଲା ସେ' ଫଟୋ ଦେଖି । ଅନ୍ୟମାନେ କ୍ଲାସରେ କଛି ନକହି ଚୂପ୍ ଥିଲାବେଳେ ଶ୍ୟାମ ଏକୁଟିଆ ମୋତେ ଫଟୋ ବିଷୟରେ ପ୍ରଶ୍ନ କଲା । ମୁଁ ପରେ କହିବି ବୋଲି କହି ପାଠ ଆରମ୍ଭ କରିଦେଲି । ଶ୍ୟାମ ସହ ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ଦେଖାହୁଏ । ତାଙ୍କ ଡିପାର୍ଟମେଣ୍ଟକୁ ଅଧିକାଂଶ ସମୟରେ କାମ ଥିଲେ ମୁଁ ଯାଏ । ମୁଁ ସେ' ଫଟୋ କଥା ପୁରାପୁରି ଭୁଲି ଯାଇଥିଲି, କନ୍ତୁ, ସେ' ଭୁଲି ନଥିଲା । କେଉଁଠି ଦେଖାହେଇଗଲେ ସେ' ମଧ ତିନ ଠାକୁରଙ୍କ କଥା ମନେ ପକାଇ ଦିଏ । ମୁଁ ତାକୁ କହେ, ଏ' ହାଟ ମଧରେ ବ୍ରହ୍ମଜ୍ଞାନ ନୁହେଁ । କେତେବେଳେ ଘଣ୍ଟେ ସମୟ ପାଇଲେ ମୋ' ଅଫିସ୍‌କୁ ଆସେ । ଆମେ ସେ' ବିଷୟରେ କଥାବାର୍ତ୍ତା ହେବା ।

ଯେହେତୁ ତା' ସ୍ତ୍ରୀ (ୟୁ.ଏସ୍.ଏମ୍.ଏଲ୍.ଇ.) ପରୀକ୍ଷାରେ ପାଶ୍ କରିଗଲା ଓ ଭଲ ସ୍କୋର ରଖିଥିଲା, ଶ୍ୟାମ ତା' ଡିରେକ୍ଟର "ଡଃ ଡୋନାଲ୍ଡ୍ ଭ୍ୟାନ ଆଲେନ୍' (ପ୍ରଫେସର ଓ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ) ଙ୍କୁ ଚନ୍ଦା ପାଇଁ "ମେଡିସିନ୍ ଡିପାର୍ଟମେଣ୍ଟରେ' ରେସିଡେନ୍ସିରେ ସିଟ୍‌ଟିଏ ପାଇଁ ଅନୁରୋଧ କରିଥିଲା । ସେ' ଜଣେ ଭାରି ସିନୟର ଓ ପ୍ରଭାବଶାଳୀ ଡାକ୍ତର ଥିଲେ ଆମ ହସ୍‌ପିଟାଲରେ । ଡଃ ଭ୍ୟାନ ମଧ ମୋ'ର ଜଣେ ଭଲ ସାଙ୍ଗ । ତାଙ୍କ ସହ ପ୍ରାୟ ୧୮ ବର୍ଷ କାଳ କାମ କରିବାର ସୁଯୋଗ ମିଳଥିଲା । ଯେତେବେଳେ ସେ' କଛି ସାହାଯ୍ୟ ମାଗନ୍ତି ମୁଁ ତାହାକୁ ତୁରନ୍ତ କରିଦିଏ । ତେଣୁ ମୋତେ ସେ' ବହୁତ ଭଲ ପାଆନ୍ତି । ତାଙ୍କ ଘରେ ପ୍ରତି ବର୍ଷ ଗ୍ରୀଷ୍ମଦିନେ ବଡବଡ ପାର୍ଟି କରି ତାଙ୍କ ଡିପାର୍ଟମେଣ୍ଟର ସମସ୍ତ ଷ୍ଟାଫ୍‌ଙ୍କୁ ଏବଂ ଆମ ପରିବାରକୁ ନିମନ୍ତ୍ରଣ କରନ୍ତି । ମୁଁ କେତେଥର ଏକୁଟିଆ ଅତିଥୀ ଭାବରେ ତାଙ୍କ ଘରକୁ ଯାଇଛି । ତାଙ୍କ ଘର ସାମାନ୍ୟ ତମର କ ଆମର ଘର ଭଳ ନୁହେଁ । ଡାକ୍ତରମାନେ ଏ' ଦେଶରେ ବହୁତ ପଇସା କମାନ୍ତି । ରାଜପ୍ରାସାଦ ଭଳ

ଏକ ସୁରମ୍ୟ ଅଟ୍ଟାଳିକା । "ଚେସିପିକ୍ ବେ' କୂଳରେ । ବତକ, ହଂସ ଖେଳୁଛନ୍ତି । ବାଡି ଦୂଆରେ ଛୋଟଛୋଟ ଲହଡି କୂଳରେ ଆସି ଭାଙ୍ଗୁଛି । ତାଙ୍କ ନଜର ଯନ୍ତ୍ରଚାଳିତ ବୋଟ୍‌ଟିଏ ଡେକ୍ ରେ ବନ୍ଧା ଯାଇଛି । ବାଡିରେ ବିଭିନ୍ନ ପ୍ରକାର ଫୁଲ ଗଛ ସବୁ ଲଗା ଯାଇଛି । କିଛି ଫୁଲ ଫୁଟି ଶୋଭା ବର୍ଦ୍ଧନ କରୁଛି । ଲନ୍ ଟି ନିଖୁଣ ଭାବେ କଟାଯାଇ ସୁନ୍ଦର ଦିଶୁଛି । ଗାର୍ଡେନ ଚେୟାର ସବୁ ପଡିଛି । ଜଣେ ମୁହୂର୍ତ୍ତେ ବସିଗଲେ ଆପେଆପେ ଭାବୁକଟିଏ ହେଇଯିବ । ଶ୍ୟାମ ମୋତେ ଅନୁରୋଧକରି କହିଥିଲା ଚନ୍ଦାର ରେସିଡେନ୍‌ସି ପାଇଁ ତାଙ୍କୁ କହିବାକୁ । ମୁଁ ମଧ୍ୟ ସେ'କଥା ଭୁଲିଯାଇ ନଥିଲି । ମୁଁ ତାଙ୍କ ଘରେ ସେ' ଭଲ ମୁଡରେ ଥିବାର ଦେଖି ଚନ୍ଦାର ରେସିଡେନ୍‌ସି ପାଇଁ ସାହାଯ୍ୟ କରିବାକୁ ତାଙ୍କୁ କହିଲି । ସେ' ନିଶ୍ଚୟ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଯାହାହେଉ, ଦିହିଁଙ୍କ ଅନୁରୋଧ ଠିକ୍ କାମ ଦେଲା । ଚନ୍ଦା ମେଡିସିନ୍ ଡିପାର୍ଟମେଣ୍ଟରେ ରେସଡେନ୍‌ସି ପାଇ ଜଏନ୍ କଲା । ଶ୍ୟାମ ଓ ଚନ୍ଦା ଦିହେଁ ବହୁତ ଖୁସି ହେଇଥିଲେ । ସେଥିପାଇଁ, ଧନ୍ୟବାଦର ପାତ୍ର ମୁଁ ହେଇଥିଲି । ଯିଏ ଯେତେବେଳେ କିଛି ସାହାଯ୍ୟ ମାଗିଥାଏ ଓ ମୋ'ଦ୍ୱାରା ଯଦି କିଛି କରିବାର ସମ୍ଭାବନା ଥାଏ ତେବେ ମୁଁ ସାଧାରଣତଃ "ହଁ" ଭରିଥାଏ । ଏ' ଦେଶରେ ରେସିଡେନ୍‌ସି କଲାବେଳେ ବେଶୀ ନହେଲେ ବି କିଛି ଦରମା ମିଳେ । ସେଥିରେ ଆରାମରେ ଜଣେ ଚଳିପାରିବ । ଯେହେତୁ ଦି'ଜଣଙ୍କର ଦରମା ମିଶି ଯାଉଥିଲା, ତେଣୁ ଚଳିବାରେ ଅସୁବିଧା ନଥିଲା । ପିଲାପିଲି ନଥିଲେ । ପିଲାଙ୍କପାଇଁ ବହୁତ ଖର୍ଚ୍ଚ କରିବାକୁ ପଡେ ଏ' ଦେଶରେ । କିନ୍ତୁ, ଯେହେତୁ ଶ୍ୟାମ କାର୍‌ଟିଏ କିଣିଥିଲା, ସେଥିପାଇଁ ଗ୍ୟାସ୍ ପୂରେଇବା ଓ ରିପେୟାରିଂ ପାଇଁ ଖର୍ଚ୍ଚ କରିବାକୁ ପଡେ । କାର୍‌ଟିଏ ଏ' ଦେଶରେ ନିହାତି ଲୋଡା । ଏଠି କାର୍ କିଣିବା ଲକ୍ସୁରି ନୁହେଁ, ବରଂ ନିହାତି ଦରକାର । ତା' ସହିତ ଅନ୍ୟ ବିଲ୍ ସବୁ ମଧ୍ୟ ଦେବାକୁ ପଡେ ।

ଶ୍ୟାମ ବହୁତ ଖୁସିରେ ଥିଲା । ଦିନେ ତା' ସ୍ତ୍ରୀ ଚନ୍ଦା ସହ ମୋତେ ଆମ ହସ୍‌ପିଟାଲ ସେଣ୍ଟରରେ ଚହ୍ଲା କରିଦେଇଥିଲା । ଚନ୍ଦା ମୋ'ର କେତେବେଳେ କେଉଁଠି ହସ୍‌ପିଟାଲରେ ଦେଖାହେଇଗଲେ ଅଟକି ଯାଏ ଓ ଆମେ ଦିହେଁ କିଛି ସମୟପାଇଁ ଦୁଃଖସୁଖ ହେଉ । ପିଲାପିଲି କେହି ନଥିଲେ, ତେଣୁ ତାଙ୍କର ପିଲାଙ୍କର ଜଞ୍ଜାଳ କିଛି ନଥିଲା । ଦିହେଁ ସାଙ୍ଗ ହୋଇ ହସ୍‌ପିଟାଲ ସେଣ୍ଟର ଯାଆନ୍ତି, ପାଠ ପଢନ୍ତି, ଅନ୍ୟ ସିନିୟର ଡାକ୍ତରଙ୍କ ସହ ରୋଗୀ ଦେଖନ୍ତି, ସାଙ୍ଗ ହୋଇ ଫେରନ୍ତି । ଶ୍ୟାମ ମଧ୍ୟ ରନ୍ଧାବଢାରେ ଚନ୍ଦାକୁ ସାହାଯ୍ୟ କରେ । ଏ'ଯାଏ ସବୁଦିନ ଦିହିଁଙ୍କର ଭଲରେ ଭଲରେ କଟୁଥିଲା । ସବୁଦିନ କିନ୍ତୁ ସମାନ ଯାଏନି ।

କଥାରେ କହନ୍ତି- "ଦଇବ ଦଉଡି ମଣିଷ ଗାଈ, ଯେଣିକ ଟାଣଇ ତେଣିକ ଯାଇ" । ହଠାତ୍ ଶ୍ୟାମର ଦେହ ଖରାପ ହେବାରୁ ସେ' ଓ୍ୱାଶିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟରରେ ଦେଖେଇବାକୁ ଗଲା, ସବୁ ପରୀକ୍ଷା ନୀରିକ୍ଷା ପରେ ଜଣାଗଲା ଯେ ଶ୍ୟାମର "ଥାଇରଏଡ କ୍ୟାନସର' ପୁଣି ରିଭାଇଭ୍ କରିଛି । ଏଠି ପାଠକମାନଙ୍କୁ ସୂଚାଇଦେବାକୁ ଚାହେଁ ଯେ ଶ୍ୟାମ ଓସ୍‌ମାନିଆ ମେଡିକାଲ କଲେଜରେ ହାଇଦ୍ରାବାଦରେ ପଢୁଥିଲାବେଳେ ତାହାର ଥାଇରଏଡ କ୍ୟାନସର ଡାଏଗ୍ନୋନସିସ୍ ହୋଇଥିଲା । ସେଥିପାଇଁ ତା'ର ରେଡିଏସନ ଟ୍ରିଟ୍‌ମେ ସେତେବେଳେ "ଟାଟା ମେମୋରିଆଲ କ୍ୟାନ୍‌ସର୍ ହସ୍‌ପିଟାଲ, ମୁମ୍ବାଇ' ରେ କରାଯାଇଥିଲା। ଏ' ପଯ୍ୟନ୍ତ ସେ' ଭଲରେ ଥିଲା । ସେ' ଭାବିଥିଲା ସେ' କ୍ୟାନସର ମୁକ୍ତ ହେଇଗଲା ବୋଲି। ତା'ର ସ୍ତ୍ରୀ ମଧ୍ୟ ଶ୍ୟାମର "ଥାଇରଏଡ କ୍ୟାନ୍‌ସର' ହେବା କଥା ଜାଣିଥିଲା ବା' ହେବା ପୂର୍ବରୁ । ଏବେ ପୁଣି ବାହାରିବାରୁ ଦିହିଁଙ୍କର ଚନ୍ତା ଖୁବ୍ ବଢିଗଲା । ସେଥିପାଇଁ ଦିହିଙ୍କ ଭିତରେ କଳି ଝଗଡା ଆରମ୍ଭ ହେଇଗଲା । ଅଶାନ୍ତି ବଢିଲା । ଦିହିଁଙ୍କ ଭିତରେ ଏକ ଛାୟା ଯୁଦ୍ଧ ଲାଗିଲା । ଚନ୍ଦ୍ରା ଶ୍ୟାମକୁ ଦୋଷଦିଏ ଯେ ତାକୁ ବା' ହେଇ ତା' ଜୀବନ ବରବାଦ ହେଇଗଲା ବୋଲି । ଶ୍ୟାମ କହେ ଯେ ସେ' ଏ' ବା'ଘରପାଇଁ ଯେତେ ଦାୟୀ ନୁହେଁ ଚନ୍ଦ୍ରା ବେଶୀ ଦାୟୀ । ଚନ୍ଦ୍ରା ତା'ପଛେପଛେ ପଡି ତା'କୁ ଭଲପାଏ ବୋଲି କହିଲା ବୋଲି ସେ' ରାଜି ହେଇଥିଲା ବା' ହେବାପାଇଁ, ଏମିତିକି ତା' ନିଜ ପରିବାରରେ ତା' ବାପା-ମା' କେହି ରାଜି ନଥିଲେ ସୁଦ୍ଧା ସେମାନଙ୍କୁ ରାଜି ହେବାକୁ ବାଧ୍ୟ କରିଥିଲା । କିନ୍ତୁ, ସେ' ଜାଣି ନଥିଲା ଯେ ସେ' ଥିଲା ଚନ୍ଦ୍ରାର ଛଳନା ବୋଲି । ସ୍ତ୍ରୀ ଭାବରେ ତା'ର ଏଭଳି ବିପଦ ସମୟରେ ସେ' ସାହାଯ୍ୟ କରିବ କ'ଣ ବରଂ ତା'ର ବେଶୀ ମାନସିକ ଟେନ୍‌ସନ୍ ବଢାଇଦେଉଛି । ଶ୍ୟାମ ରାଜି ନଥିଲେ ସୁଦ୍ଧା, ଚନ୍ଦ୍ରା ଶ୍ୟାମକୁ ଡିଭୋର୍ଷ କରିବାକୁ ଧମକ ଦେଲା । ସବୁଦିନେ କଳଗୋଳ, ତିକ୍ତତା, ଜିଦ୍ ବଢୁଥିଲା ସିନା କମୁ ନଥିଲା । ଛୋଟଛୋଟ କଥାକୁ ନେଇ ଚନ୍ଦ୍ରା ଝଗଡା ଆରମ୍ଭ କରିଦେଉଥିଲା । ତା'ର ଜିଦ୍‌ଖୋର ଇଚ୍ଛା ସବୁ ମନ ଭିତରେ ସବୁବେଳେ ଦଉଡୁଥିଲେ । ମଝିରେ ମଝିରେ ନିଆଁରେ ଘିଅ ଢାଳିବା ଭଳି କଥା ପଦେପଦେ କହି ଶ୍ୟାମକୁ ଆହୁରି ଚଡେଇ ଦେଉଥିଲା । ନିତିଦିନ ପାଟିତୁଣ୍ଡ ବଢିବଢି ଚରମ ସୀମାରେ ପହଞ୍ଚିଗଲା । ଯେଉଁ ଘରେ ସ୍ନେହ, ମମତାର ଅଭାବ, ସେ'ଘର ଦିନେ ନା ଦିନେ ତ ଭୁଷୁଡି ପଡିବ ! ଏ' ଦେଶରେ ପାରିବାରିକ ହିଂସାନେଇ ବିବାଦ ହେଲେ ପୋଲିସ୍‌କୁ ଡାକିବାକୁ ପଡିଥାଏ । କିନ୍ତୁ, ତାଙ୍କ କ୍ଷେତ୍ରରେ ତାହା ଘଟି ନଥିଲା କାରଣ କେହି କାହାର ଶାରୀରିକ କ୍ଷତି କରିନଥିଲେ । ଏଇଟା ନିହାତି ଭଲ କଥା ଥିଲା ।

ଶ୍ୟାମକୁ କ୍ଲାସ ରୁମ୍ ରେ ଦିନେ ଦେଖିଲି । ଖୁସି ନଥିଲାଭଳି ଲାଗୁଥିଲା । ଆଗଭଳି ତା' ମୁହଁରେ ହସ ନଥିଲା । ଉଦାସିଆ ହୋଇ ଚୁପ୍‌ଚାପ୍ ବସିଥିଲା । କଥାବାର୍ତ୍ତା କରୁନଥିଲା । କଥାରେ କହନ୍ତି "ଅଜାଗା ଘା'କୁ ଦେଖି ହୁଏ ନାହିଁ କି ଦେଖାଇ ବି ହୁଏନାହିଁ" । ମୋ' ଜାଣିବାରେ ଶ୍ୟାମ ତ ସେମିତିକା ମଣିଷ ଆଦୌ ନୁହେଁ । କିଛିଟା ଗଣ୍ଡଗୋଳ ନିଶ୍ଚେ ହେଇଛି ବୋଲି ଅନୁମାନ ହେଲା । ତା' କ୍ଷତ, ବିକ୍ଷତ ମନ ଭିତରେ ଥିବା କିଛି ଯନ୍ତ୍ରଣାକୁ ସେ' ଲୁଚାଇଲା ଭଳି ଲାଗୁଥି । ତା' କରୁଣ, ନିରୀହ ମୁହଁ ଅବଶ୍ୟ ସେ' କଥା କହି ଦେଉଥିଲା। କ୍ଲାସ ସରିଲାପରେ ମୁଁ ତା' ପଛେପଛେ ଗଲି, କରିଡରରେ ଶ୍ୟାମକୁ ଅଟକେଇଲି । ମୁଁ ଭଲମନ୍ଦ ଜାଣିବାକୁ ପଚାରିଲି । କିନ୍ତୁ, ସେଦିନ ଦେଖିଲି ଶ୍ୟାମ ଗୋଟାପଣେ ଖୁବ୍ ବିଚଳିତ ହେଇ ପଡିଲା । କଥା କହୁକହୁ କାନ୍ଦିବା କାନ୍ଦିବା ହେଇଯାଉଥିଲା । ଆଖିରୁ ଲୁହ ଦି'ବୁନ୍ଦା ଜକେଇ ଆସୁଥି । ମୁଁ ନକାନ୍ଦିବାକୁ ଅନୁରୋଧ କଲି । ଶ୍ୟାମ ପ୍ରଶ୍ନ କଲା - "ଡଃ ମହାପାତ୍ର, ମୁଁ ତୁମ ଅଫିସ୍‌କୁ ଏବେ ଅଳ୍ପ ସମୟପାଇଁ ଆସିପରିବି କି" ? ମୁଁ କହିଲି- କାହିଁକି ନୁହେଁ, ନିଶ୍ଚୟ ଆସିପାରିବ ! ଦିହେଁ ସାଙ୍ଗ ହୋଇ ଚାଲିଚାଲି ଆସିଲୁ ।

ମୋ' ଅଫିସ୍‌ଟି ତାଙ୍କ ଡିପାର୍ଟମେଣ୍ଟରୁ ଟିକିଏ ଦୂରରେ, ଆଉ ଏକ ବିଲ୍‌ଡିଂରେ । ହସ୍‌ପିଟାଲ ସେଣ୍ଟରଟି ବହୁତ ବଡ । ଆମେରିକାର ସବୁଠୁ ବଡ ୨୦ଟି ହସ୍‌ପିଟାଲ ମଧ୍ୟରେ ଗୋଟିଏ । ମେରୀଲାଣ୍ଡ, ଭର୍ଜିନିଆ ଓ ୱାସିଙ୍ଗଟନ୍ ଡି.ସି. ରେ ଥିବା ହସ୍‌ପିଟାଲମାନଙ୍କ ଭିତରେ ସବୁଠୁ ବଡ ଏ' ହସ୍‌ପିଟାଲଟି । ଆଜିକାଲି ଯେଉଁ ଅତ୍ୟାଧୁନିକ ମେସିନ୍ ଏବଂ ଟ୍ରିଟ୍‌ମେଣ୍ଟ ଇତ୍ୟାଦିର ସୁବିଧା ମିଳିବା କଥା, ଏଠି ସେ' ସବୁ ମିଳିବାର ବ୍ୟବସ୍ଥା ଅଛି । "ଇଷ୍ଟ ବିଲ୍‌ଡିଂ'ରେ ପଞ୍ଚମ ମହଲାରେ ମୋ' ଅଫିସ୍ । ପହଞ୍ଚିସାରିଲା ପରେ ମୁଁ କବାଟ ବନ୍ଦ କରିଦେଲି କାଳେ କିଏ ଆମ କଥାବାର୍ତ୍ତା ଶୁଣିବ ବୋଲି । କାନ୍ଦିବା ଏକ ଦୁର୍ବଳତାର ଲକ୍ଷଣ ବୋଲି ଏ' ଦେଶରେ କେହି ଅଫିସରେ କାନ୍ଦିବାକୁ ପସନ୍ଦ କରନ୍ତି ନାହିଁ । ଶ୍ୟାମ କହି ଚାଲିଥିଲା, ମୁଁ ସବୁ ନୀରବରେ ଶୁଣୁଥିଲି । କେମିତି ଚନ୍ଦ୍ରା ତାକୁ ଶେଷ ମୁହୂର୍ତ୍ତରେ ଫସେଇ ଦେଲା, ଧୋକା ଦେଲା । ସେ' ବାସ୍ତବରେ ତାକୁ ଭଲ ପାଉନଥିଲା । ଶ୍ୟାମର ଇଚ୍ଛା ଓ ତା' ବାପା-ମା'ଙ୍କ ଇଚ୍ଛା ନଥିଲେ ସୁଦ୍ଧା ସେ' ତା' ନାଗଫାଶରେ ପଡି ଶେଷରେ କେମିତି ବା' ହେଲା । ତା' ସ୍ତ୍ରୀର ମନରେ ପ୍ରବଳ ଇଚ୍ଛା ଥି

କେମିତି ସେ' ଆମେରିକା ଆସିବ ଓ ସେଥିପାଇଁ ଶ୍ୟାମ ଏକ ଉତ୍ତମ ମାଧ୍ୟମ, ତେଣୁ ତା' ସାହାଯ୍ୟ ମାଗିଥିଲା, ଶ୍ୟାମକୁ ବ୍ୟବହାର କରୁଥିଲା । ବେଳେବେଳେ କହୁ କହୁ ତା'ର କୋହ ଆସି ଯାଉଥାଏ, ଆଖିରେ ଲୁହ ଆସିଯାଉଥାଏ । ମୁଁ ତାକୁ ନାପ୍‌କିନ୍‌ଟିଏ ଦେଇ ଲୁହ ପୋଛିଦେବାପାଇଁ, ମୋ' ପାରୁପର୍ଯ୍ୟନ୍ତ ତା'କୁ ବୁଝାଉଥାଏ । ମୁଁ ଏମିତିକି ତା'କୁ ପ୍ରସ୍ତାବ ଦେଲି ତା' ସ୍ତ୍ରୀ ସହ ମୁଁ କଥା ହେବିବୋଲି ଓ ଅନୁରୋଧ କରିବିବୋଲି ଏ' ଅବସ୍ଥାରେ କେମିତି ସିଏ ଭାବିପାରୁଛି ଡିଭୋର୍ସ କରିବବୋଲି । ଶ୍ୟାମ କିନ୍ତୁ ମନା କଲା । ଶ୍ୟାମ କାଳେ ଚନ୍ଦ୍ରାକୁ ବହୁତ ବୁଝେଇଶୁଝେଇଥିଲା, କିନ୍ତୁ ସେ' ନାରାଜ । ତା'ର ଏକା ଜିଦ୍ ସେ' ଡିଭୋର୍ସ କରିବ । ଏଥିରେ ଚନ୍ଦ୍ରାର ଜଣେ ଦୂର ସଂପର୍କୀୟା ଭଉଣୀ (ପିଉସୀ ଝିଅ) ଓ ତା'ର ସ୍ୱାମୀ ନିଆଁରେ ଘିଅ ଢାଳୁଥିଲେ ବୋଲି ଶୁଣିଲି ।

ଏ' ଡିଭୋର୍ସ ଖବର ଶ୍ୟାମର ବାପା-ମା' ଶ୍ୟାମଠୁଁ ଜାଣିଲେ । ସେମାନେ ଚନ୍ଦ୍ରାକୁ ମଧ୍ୟ ଯଥାସାଧ୍ୟ ବୁଝାଇବାକୁ ଚେଷ୍ଟାକଲେ, ଯାହା ହେଲେ ଚନ୍ଦ୍ରା ଏବେ ତାଙ୍କର ବୋହୂ । କିନ୍ତୁ, କୃତକାର୍ଯ୍ୟ ହୋଇପାରିଲେନି । ସେମାନେ ଭାଙ୍ଗି ପଡିଲେ । ଶ୍ୟାମର ଅନ୍ୟ କୌଣସି ଉପାୟ ନଥିଲା । ଶେଷରେ ତା' ସ୍ତ୍ରୀ କଥାରେ ରାଜି ହେବାକୁ ବାଧ୍ୟ ହେଲା । ଏପରିକି ତାଙ୍କର ଡିଭୋର୍ସପାଇଁ କୋର୍ଟକୁ ଯିବା ତାରୀଖ ଠିକ୍ ହେଇଯାଇଛିବୋଲି ଶ୍ୟାମଠାରୁ ଶୁଣିଲି। ଏବେ ତା' ସ୍ତ୍ରୀ ତାଙ୍କ ଆପାର୍ଟମେଣ୍ଟରେ ନରହି ତା'ର ପିଉସୀ ଝିଅ ଭଉଣୀର ଆପାର୍ଟମେଣ୍ଟରେ ରହୁଛି ବୋଲି ଶ୍ୟାମ କହିଲା । ତା'ଠାରୁ ତା' ବାପା-ମା' ବେଶୀ ଦୁଃଖୀତ ହେବାର ଜାଣିଲି । ଏକମାତ୍ର ପୁଅ ସିଏ । ବିଦେଶରେ ପୁଅର ଏମିତି ଅବସ୍ଥା ଓ ଅଭାବନୀୟ ଘଟଣା କଥା ଶୁଣି ତାଙ୍କର ନିଦ ହଜିଯାଇଥିଲା । ସେମାନେ ଚନ୍ଦ୍ରାର କଥାବାର୍ତ୍ତା ଓ ବ୍ୟବହାର ଆଗରୁ ଦେଖିଛନ୍ତି, ସେ' ଏକ ଅଦ୍ଭୁତ ସ୍ୱାର୍ଥପର ଝିଅ ବୋଲି ଆଗରୁ ଜାଣିଛନ୍ତି । ସେଥିପାଇଁ ଶ୍ୟାମ ସେ' ଝିଅକୁ ନ ବା' ହେବାପାଇଁ ଶ୍ୟାମ ଉପରେ ଚାପ ପକେଇଥିଲେ । କଥାରେ କୁହନ୍ତି- "ଯିଏ ଯାହା ହାଣ୍ଡିରେ ଚାଉଳ ପକେଇଛି' । ବିଧି ଯାହାକୁ ଯାହା ସାଙ୍ଗରେ ବନ୍ଧନରେ ଯୋଡିଛି, ସେ' କେମିତି ଆନ ହେଇପାରିବ ? କିନ୍ତୁ, ଶ୍ୟାମ ଜାଣିଶୁଣି ନିଆଁ ଗିଳିଛି । ସିଏତ ଚନ୍ଦ୍ରାକୁ ବା'ହେଇ ନଥିଲା ଡିଭୋର୍ସ କରିବାକୁ । ବା' ହେଇଥିଲା ସମସ୍ତଙ୍କ ଭଳି ଘର ସଂସାର କରିବାପାଇଁ । ତା'ପାଇଁ ଏ' ଡିଭୋର୍ସ ତା' କଳ୍ପନାର ବାହାରେ । ଯେଉଁ ଚନ୍ଦ୍ରାକୁ ବା'ହେଇ ସେ' ଏକ ସୁନ୍ଦର ଘର ସଂସାର, ପିଲାଛୁଆ

କରିବାର ଅସରନ୍ତି ସ୍ୱପ୍ନ ଦେଖିଥିଲା ସେ' ସ୍ୱପ୍ନ ଆଜି ଭାଙ୍ଗିଗଲା । ସ୍ୱପ୍ନର ସେ' ହୁଲିଡଙ୍ଗା ପାଣିରେ ବୁଡି ଉବୁଟୁବୁ ହେବାକୁ ବସିଲାଣି । ଲେଡିଗୁଡ କଉଣୀକୁ ବୋହି ଗଲାଣି ।

ବହୁତ ସମୟ କଥାହେଲାପରେ ଶ୍ୟାମ ବିଦାୟ ନେବାକୁ କହିଲା । ତାଙ୍କ ଡିପାର୍ଟମେଣ୍ଟରେ ଅନ୍ୟ କାହାକୁ କ ମୋ'ର କୌଣସି ସାଙ୍ଗକୁ ଏମିତି କ ମୋ'ର ସ୍ତ୍ରୀ'କୁ ଏହି ବିଷୟରେ ନକହିବାକୁ ଅନୋରୋଧ କଲା । ମୁଁ ତା' କଥାରେ ସମ୍ମତି ହେଲି, ତା'କୁ ଭରସା ଦେଲି, ବିଶ୍ୱାସ ରଖିବାକୁ କହିଲି । ମୋତେ ଯେ କୌଣସି ସମୟରେ, ଯେ କୌଣସି ସାହାଯ୍ୟ ପାଇଁ ଚାହିଁଲେ ଫୋନ୍ କରିପାରିବ ବୋଲି କହି ତାକୁ ବିଦାୟ ଦେଲି । ସେତେବେଳକୁ ବାହାରେ ଅନ୍ଧାର ହେଇସାରିଥାଏ । ମୁଁ ଆଗରୁ ଶ୍ୟାମକୁ ଯେଉଁ ସତ୍ୟ କରିଥିଲି ମୋ' ଅଫିସକୁ ଆସିଲେ ଆମ ଗାଁ'ରେ ହୋଇଥିବା ଜଗନ୍ନାଥଙ୍କ ମନ୍ଦିର, ଦ୍ୱୀମୂର୍ତ୍ତୀ ଓ ଅନ୍ୟ ଦେବାଦେବୀଙ୍କ ଫଟୋ ଓ ଭିଡିଓ ଦେଖେଇବିବୋଲି ସେ' ସୁଯୋଗ ମୋତେ ସେ'ଦିନ ମିଳଲା ନାହିଁ । ଆମେ ଦିହେଁ ଏକରକମର ସେ' କଥା ଭୁଲିଯାଇଥିଲୁ । ବେଳେବେଳେ ଭାବେ ସେ' କଥା । ବୋଧହୁଏ ପ୍ରଭୁଙ୍କର ଇଚ୍ଛା ନଥିଲା କ କ'ଣ ? ଏ' ଗରମା ଗରମ ଆଲୋଚନାପରେ ଆଉ କୌଣସି କାମରେ ମନ ଲାଗିବା ଅସମ୍ଭବ ଭାବି ଘରକୁ ଫେରିଲି । ବାଟସାରା ମୁଁ ସେମାନଙ୍କ କଥା ଓ ଶ୍ୟାମର ବାପା-ମା' କେମିତି ଏବେ ଦିନ କାଟୁଥିବେ ସେ' କଥା ଭାବୁଥିଲି ।

ଯେଉଁ ଚନ୍ଦ୍ରା ମୋତେ ଆସୁଥିବାର ଦେଖିଲେ ଆଗରୁ ଅଟକରହି କଥା ହେଉଥିଲା, ସେହି ସ୍ତ୍ରୀଲୋକ ତା'ପରେ ଦୂରରୁ ଦେଖିଲେ ବାଟଭାଙ୍ଗି ଚାଲି ଯାଉଥିଲା କାଳେ ମୁଁ ଶ୍ୟାମ ଓ ତା' ପରିବାର ବିଷୟରେ କିଛି ପଚରା ଉଚରା କରିବି ବୋଲି । ତେଣୁ କଥାବାର୍ତ୍ତା ହେବାର ସୁଯୋଗ ମିଳ ନଥି । ଏ' ମୋ'ପାଇଁ ଥିଲା ଏକ କଳ୍ପନା ବହିର୍ଭୂତ ଘଟଣା । ସେ' ଝିଅଟି ସତରେ କ'ଣ ନକଲା ? ମୁଁ ତା'ର ଖରାପ ମତଲବ ମଧ୍ୟ ଜାଣି ଯାଇଥିଲି । ସେ' ମଧ୍ୟ ଭଲଭାବେ ଜାଣିଥିଲା ଯେ ମୁଁ ଶ୍ୟାମର ଜଣେ ଭଲ ହିତାକାଂକ୍ଷୀ ବନ୍ଧୁ ବୋଲି । ମୁଁ ମଧ୍ୟ ଏଠି କହିବାକୁ ଚାହେଁ ଯେ ଶ୍ୟାମ ସହ ମୋ'ର ବନ୍ଧୁତା ଥିଲା ମୋ'ର ପରମ ସୌଭାଗ୍ୟ । ଯେଉଁ ଝିଅ ଦିନେ ଶ୍ୟାମର ସାନ୍ନିଧ ପାଇଁ ବ୍ୟାକୁଳ ହେଉଥିଲା, ତା' ତରଫରୁ ଭଲପାଇ ଏକତରଫିଆ ପ୍ରେମ କରି ଶ୍ୟାମକୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା, ତାଙ୍କ ଆଗାମୀ ପରିବାରକୁ ବାନ୍ଧି ରଖିବାପାଇଁ ଏକ ସ୍ୱଚ୍ଛ, ସୁନ୍ଦର, ଶୃଙ୍ଖଳିତ ଜୀବନଯାପନର ସ୍ୱପ୍ନ

ଦେଖାଇଥିଲା, ସେ' ଝିଅର ଆଜି କ'ଣ ହେଲା ? ସେ' ଆଜି ପାଗିଳୀଟିଏ ଭଳି କଥା କହୁଛି, ଚତ୍କାର କରି ଉଠୁଛି, ତା'କୁ ସବୁଥିରେ ହେୟଜ୍ଞାନ କରୁଛି, ପ୍ରତି କଥାରେ ଯୁକ୍ତି ତର୍କ କରୁଛି, ଚ୍ୟାଲେଞ୍ଜ ଦେଉଛି, ବିଶ୍ୱାସଘାତକତା କରୁଛି । କୁଆଡେ ଗଲା ସେ' ମଧୁର ସଂପର୍କର ପ୍ରତିଜ୍ଞା ? କୁଆଡେ ଗଲା ସେ' ବୁଝାମଣା ? କୁଆଡେ ଗଲା ଆମ ଭାରତୀୟ ସଂସ୍କ ତି ଓ ପରଂପରା? ଯାହା ପାଟିରେ କହିଯାଉଛି ଓ କାମରେ କରିଯାଉଛି ସେଥିପାଇଁ ତା' ବିବେକ ଟିକେ ହେଲେ ବାଧା ଦେଉନ ? ଏକ ସୁପ୍ତ ଆଗ୍ନେୟଗିରି ଆଜି କାହିଁକି ବିସ୍ଫୋରଣ କରି ବାହାରି ଆସୁଛି ? ସେ' କ'ଣ ସତରେ ଏକ ମାୟାବିନୀ, ସ୍ୱାର୍ଥପର ଝିଅଟିଏ । ନିଜେ ଆମେରିକା ଅସିବ ବୋଲି ଶ୍ୟାମକୁ ଭଲପାଇବାର ବାହାନାକରି, ତା'ଠୁଁ ସମସ୍ତ ପ୍ରକାର ସାହାଯ୍ୟନେଇ ଏବେ ତା' ତଣ୍ଟିରେ ଛୁରୀ ମାରୁଛି ? ଏ' କ ନ୍ୟାୟ ! ଏ' ବିଗ୍ଭର ! ଏ' ସଂସାରରେ ଏମିତି ଝିଅ କେମିତି ଜନ୍ମ ନଅନ୍ତି ? ତାଙ୍କ ଡିଭୋର୍ସ କଥା ଭାବୁଥିଲି । ମୋ' ମନକୁ ଟିକଏ ଶାନ୍ତ୍ୱନା ଦେଉଥିଲି, ଯାହାହେଉ ଗୋଟିଏ ଦୃଷ୍ଟିରୁ ଭଲ ସେମାନଙ୍କର ପିଲାପିଲି ନଥିଲେ । ନହେଲେ ପିଲାମାନଙ୍କ ଉପରେ ଏହାର ବହୁତ ଖରାପ ପ୍ରଭାବ ପଡିଥାନ୍ତା । ମୋ' ପାଖରେ ଥିଲା ପ୍ରଶ୍ନ ଅନେକ, ଉତ୍ତର କମ୍ । ମୁଁ ଟିକଏ ବିଚଳିତ ହେଇଯାଇଥିଲି ।

ଶ୍ୟାମ ସହ ଆଉ ଦିନେ ହସ୍ପିଟାଲ କରିଡରରେ ଦେଖା ହେଇଗଲା । ସପ୍ତାହେ ଭିତରେ ଦିହେଁ କୋର୍ଟକୁଯାଇ ଡିଭୋର୍ସ କାଗଜପତ୍ରରେ ଦସ୍ତଖତ କଲେ ବୋଲି ଶ୍ୟାମଠୁଁ ଶୁଣିଲି । ଶ୍ୟାମ କହିଲା ଯେ ସେ' ତା' ଅଫିସ୍‌ରେ ବସିଥିଲା ବେଳେ ତା'ର କୌଣସି କାମ କରିବାକୁ ଆଗ୍ରହ ହେଲାନାହିଁ । ସେଥିପାଇଁ ସେ' ମୋ' ଅଫିସକୁ ଆସୁଥିଲା ଜଗନ୍ନାଥଙ୍କ ଫଟୋ ଓ ଭିଡିଓ ଦେଖିବାକୁ । ମୁଁ ସେହି ସମୟରେ "ରେଡିଏସନ ଅଙ୍କଲଜି' ଡିପାର୍ଟମେଣ୍ଟକୁ ଯାଉଥିଲି । ମୁଁ କହିଲି - "ମୁଁ ମାତ୍ର ପାଞ୍ଚ ମିନଟ୍ ପାଇଁ ଯାଉଛି । ଏଇ ଗଲି, ଏଇ ଆସିଲି। ତୁ ମୋ' ଅଫିସ୍‌କୁ ଆସିଯା" । ସେ' ମୋ' ଅଫିସ୍ ଆଡକୁ ଆସିଲା । ମୁଁ ମୋ' କାମରେ ଗଲି । ମୁଁ ଫେରିଲାପରେ ଖୋଜିଲାରୁ ଶ୍ୟାମକୁ ପାଇଲି ନାହିଁ । ସେ' ଦିନ ମଧ୍ୟ ଜଗନ୍ନାଥ ତାକୁ ଦେଖା ଦେଲେନାହିଁ ।

ଦିନକୁ ଦିନ ଶ୍ୟାମର ଦେହ ଖରାପ ହେବାକୁ ଲାଗିଲା । ସେତେବେଳେ ଶ୍ୟାମ ତା' ଆପାର୍ଟମେଣ୍ଟରେ ଏକା ରହୁଥିଲା । କେହି ନଥିଲେ ପାଖରେ । ତା' ସ୍ତ୍ରୀ ତାଙ୍କ

ଆପାର୍ଟମେଣ୍ଟ ଛାଡି ତା' ସଂପର୍କୀୟ ଭଉଣୀ ସହ ଭଉଣୀର ଆପାର୍ଟମେଣ୍ଟରେ ସେମାନଙ୍କ ଡିଭୋର୍ସ ପୂର୍ବରୁ ରହୁଥିଲା । ଶ୍ୟାମ ଦେହର ଓଜନ କମିବାକୁ ଲାଗିଲା । ଜୀବନ୍ତ କଙ୍କାଳଟିଏ ଭଳି ଦେଖାଗଲା । ସେତେବେଳକୁ ତା'ର ସମସ୍ତ ଭାଇଟାଲ ଅର୍ଗାନ୍ସ ଫେଲ୍ ମାରିଲେଣି । ଦିନେ କରିଡରରେ ଦେଖା ହେଇଗଲା । ବିକଳ ହେଇ ଗ୍ରହୁଁ ଥାଏ । ମୁଁ ପଗ୍ଭରିବାରୁ କଥା ନଲୁଗ୍ଭଇ ସେ' ମୋତେ ଖୋଲିକରି କହିଲା । "ଡଃ ଅରବିନ୍ଦ ଭର୍ଗିଜ' ବୋଲି ଜଣେ କଡ୍‌ନୀ ସ୍ପେସିଆଲିଷ୍ଟ ଓ ନେଫ୍ରଲଜି ଡିପାର୍ଟମେଣ୍ଟର ଡିରେକ୍ଟର ତା'ର ସବୁ ପରୀକ୍ଷା କରିଥିଲେ ଓ ତା'ର ଆୟୁଷ ମାତ୍ର ଛ'ମାସ ଭିତରେ ବୋଲି ତାକୁ କହିଥିଲେ। ଶ୍ୟାମକୁ ହାଇଦ୍ରାବାଦ ଫେରିଯାଇ ତା' ବଳକା କେଇଦିନ ତା' ବାପା-ମା, ପରିବାର ସହ କଟେଇବାକୁ ଉପଦେଶ ଦେଇଥିଲେ ବୋଲି ଶ୍ୟାମ ମୁଖରୁ ଶୁଣିଲି । କନ୍ତୁ, ସେ' କହି ଗ୍ଭଲିଥାଏ - "ସେ' ନଷ୍ଟୟ ବଞ୍ଚିବ, ତା'ର ସେ' ଦୃଢ ବିଶ୍ୱାସ ଅଛି, ସେ' ତା' ଠାକୁରଙ୍କୁ ନତି ଡାକୁଛି । ଠାକୁରେ ତା' ଡାକ ନଷ୍ଟେ ଶୁଣିବେ । ତା'ର ଏ' ସ୍ୱାସ୍ଥ୍ୟ ଅବସ୍ଥା କ୍ଷଣିକପାଇଁ" । କୁମ୍ଭୀର ନେଇ ମଝି ନଇରେ ବସେଇଲାଣି, ତଥାପି ସେ' ଭାବୁଥାଏ ତା'ର କଛି ହେଇନାହିଁ ବୋଲି । ମୁଁ ମନେମନେ ଭାବୁଥିଲି, ହଁ, ସେ' ବ୍ୟସ୍ତ, ବିବ୍ରତ । କନ୍ତୁ, ତା'ର ବଞ୍ଚିବାର ଆଶା ତ ଟିକଏ ହେଲେ ମଉଳନାହିଁ । ତା'ର ସେହି ଅଖଣ୍ଡ ବିଶ୍ୱାସ ନକଟରେ ମୁଁ ହାର ମାନ ଯାଇଥିଲି । ଶ୍ୟାମ କହିଲା - "ଡଃ ମହାପାତ୍ର, ତୁମେ ଦେଖିବ! ମୋ'ର କୌଣସି ଅସୁବିଧା ହେବନ" । ମୋ' ମନ ଭିତରେ ଏ'ସବୁ କଥା ସହଜରେ ହଜମ ନହେଉଥିଲେବି ମୁଁ କହିଲି - "ତୋ ତୁଣ୍ଡ ସୁତୁଣ୍ଡ ହେଉ । ଠାକୁରେ ତୋ' ପ୍ରାର୍ଥନା ଶୁଣନ୍ତୁ । ତୁ ଭଲ ହେଇ ଦାଣ୍ଡିଆ ମାରେ ବୋଲି କହି ମୁଁ ବିଦାୟ ନେଲି" । ଆଶ୍ୱାସନା ଦେବା ବ୍ୟତୀତ ମୋ' ନକଟରେ ଆଉ କ'ଣ ବା ଥି ! ମୁଁ ମନେମନେ ଭାବୁଥିଲି - ଭଗବାନ ତା'ର କେଉଁ ଗୁଣରେ କମ୍ କରିଛନ୍ତି ? କୁହନ୍ତି - ଲକ୍ଷ୍ମୀ ଓ ସରସ୍ୱତୀ ଦିହେଁ ଏକାଠି ରହିପାରନ୍ତି ନାହିଁ । କନ୍ତୁ, ତା' ନକଟରେ ବ୍ୟତିକ୍ରମ । ମାତା ଲକ୍ଷ୍ମୀ, ମାତା ସରସ୍ୱତୀ ସବୁ ତା' ପାଖରେ ବନ୍ଧା । ଜଣେ ପ୍ରତିଭାବାନ ବ୍ୟକ୍ତି । ସ୍ନେହ, ଶ୍ରଦ୍ଧା, ଭକ୍ତି, ମମତା, ପରକୁ ସାହାଯ୍ୟ କରିବା, ସହାନୁଭୂତି ଦେଖେଇବା, ସକାରାତ୍ମକ ଚନ୍ତାଧାରା, କେଉଁ ଭଲ ଗୁଣ ନାହିଁ ତା' ପାଖେ ? ଶ୍ୟାମ ଭଳି ଶାନ୍ତ, ସରଳ, ଅମାୟିକ, ନୀତିବାନ, ଭଦ୍ରଲୋକ ମୁଁ କ୍ୱଚତ୍ ଦେଖିଛି । ସବୁଥାଇ ପୁଣି କଛି ନାହିଁ । ଅଭାବବୋଧ, ଅସନ୍ତୋଷ, ବିଷର୍ଣ୍ଣତା ଯେମିତି ବହୁ ଦିନଧରି ପୁଞ୍ଜିଭୂତ ହେଇ ରହିଛି ତା' ମନ ଭିତରେ । ସେ' ଯେମିତି ନଃସ୍ୱ ମଣିଷଟିଏ । ହତାଶା, ବିଷାଦ ଛାଇ ହେଇ ତା' ମୁହଁରେ ଖେଳ ଖେଳୁଛି ।

ସେ'ଦିନ ଭାବୁଥିଲି କାହିଁକି ସେ' ଜଗନ୍ନାଥଙ୍କ ବିଷୟରେ ଜାଣିବାକୁ ଏତେ ଇଚ୍ଛୁକ ଥି ବୋଲି ? ସେ'ଯାଏ ମୁଁ ଜାଣିନଥିଲି ସେ' ଶିରିଡି ସାଇ ବାବାଙ୍କ ଭକ୍ତ ବୋଲି, ପରେ ଅପ୍ରତ୍ୟକ୍ଷଭାବେ ଜାଣିବାକୁ ପାଇଲି ।

ଦିନେ ହସ୍ପିଟାଲ ସେଣ୍ଟର କରିଡରେ "ଡଃ ଭରଗିଜ୍'ଙ୍କ ସହ ଦେଖା ହେଇଗଲା । ସେ' ମୋ'ର ବହୁତ ବର୍ଷ ଆଗରୁ ଚହ୍ନାଜଣା । ସେ' ଜଣେ ଭାରତୀୟ ଏବଂ ଆମେ ଦିହେଁ ଏକାଠି କାମ କରିବାର ସୁଯୋଗ ମୋତେ ମିଳିଥିଲା । "ପ୍ରଷ୍ଟେଟ କ୍ୟାନସର' ରୋଗୀଙ୍କୁ କ୍ୟାନ୍ସରରୁ ଭଲ କରିବାପାଇଁ ସେତେବେଳେ "ରେଡିଓ ଆକ୍ଟିଭ୍ ଆୟୋଡିନ-୧୨୫" "ରେଡିଓ ଆକ୍ଟିଭ୍ ପାଲ୍ଡିୟମ-୧୦୩" "ସିଡ୍ସ୍' (seeds) ପର୍ମାନେଣ୍ଟ ଇମ୍ପ୍ଲାଣ୍ଟ କରାଯାଉଥିଲା । ମୁଁ ସେଥିରେ ତାଙ୍କୁ ଓ "ଅନକୋଲଜିଷ୍ଟ'ଙ୍କୁ ସାହାଯ୍ୟ କରୁଥିଲି । ମୁଁ ଶ୍ୟାମ ବିଷୟରେ ତାଙ୍କୁ ପଚାରିଲି । ମୁଁ ତାଙ୍କୁ କହିଲି ଯେ ଶ୍ୟାମ ମୋ'ର ଜଣେ ଭଲ ସାଙ୍ଗ । ଶ୍ୟାମଠୁଁ ଆପଣ ଶ୍ୟାମକୁ ଦେଇଥିବା ଉପଦେଶ କଥା ଶୁଣିଲି । "ହିପ୍ପା" ରେଗୁଲେସନ ଯୋଗୁ ଏହା ସେ' ମୋତେ କହିବା କଥା ନ ହେଲେବି ସେ' ମୋତେ ଯେହେତୁ ଆଗରୁ ଜାଣିଥିଲେ ଓ ଶ୍ୟାମଠୁ ମୁଁ ଏକଥା ଶୁଣିଛି ବୋଲି ଜାଣିଲେ, ତାପରେ ସେ' ବିସ୍ତୃତ ଭାବେ ତା'ର ସମସ୍ୟା ଗୁଡିକ ମୋତେ କହିଲେ । ସେ' କହିଲେ ଯେ ତାହାର ବେଶୀ ଦିନ ବଞ୍ଚିବାକୁ ଆଉ ନାହିଁ । ସେ' ତାକୁ ଦେଶକୁ ଫେରିଯିବାକୁ ଓ ପରିବାର ସାଙ୍ଗରେ ସମୟ କାଟିବାକୁ କହିଥିଲେ ସୁଦ୍ଧା ସେ' ଶୁଣିବାକୁ ନାରାଜ । ସେ' କହୁଛି - "ସେ' ବଞ୍ଚିଯିବ । ମୁଁ ଭାବିପାରୁନାହିଁ କେମିତି ସେ' ବଞ୍ଚିଯିବ ? ଭଗବାନ ନିଜେ ଆସିଲେ ବି ତାକୁ ଭଲ କରି ପାରିବେନାହିଁ କି ବଞ୍ଚେଇପାରିବେ ନାହିଁ । ଶ୍ୟାମ ନିଜେ ଜଣେ ଡାକ୍ତର । ମୁଁ ଆଉ ତାକୁ କଣ କହିବି ? ମୋ'ର ପାଟିରେ ଆଉ ଭାଷା ନାହିଁ । ମୁଁ ତା' କଥାରେ ଆଉ ମୁଣ୍ଡ ଖେଳାଉନାହିଁ । ସିଏ ଯାହା ଭଲ ଭାବୁଛି କରୁ ପଛେ । ତୁମେ ଯଦି ପାରୁଛ ତାକୁ ଟିକେ ବୁଝାଅ । ସେ' ଦେଶକୁ ଶୀଘ୍ର ପଳାଉ" ।

ଦି' ଦିନ ପରେ ଖବର ପାଇଲି ଶ୍ୟାମ ହସ୍ପିଟାଲରେ ରୋଗୀଭାବେ ପୁଣି ଭର୍ତ୍ତି ହେଇଛି ରେଡିଏସନ ଟ୍ରିଟ୍ମେଣ୍ଟପାଇଁ । ସେ'ଦିନ ଥିଲା ଜୁନ ମାସ ୨୭ ତାରିଖ, ୨୦୧୧ ମସିହା । ମୋ'ର ଜଣେ ଟେକ୍ନସିଆନ ତା'ପାଇଁ ରେଡିଏସନ ରୁମ୍ ପ୍ରସ୍ତୁତ କରି ମୋତେ ଖବର କଲା। ଆମର କାମ ମଧ୍ୟ "ଥାଇରଏଡ କ୍ୟାନ୍ସର' ପେସେଣ୍ଟମାନଙ୍କୁ ଟ୍ରିଟମେଣ୍ଟରେ

ସାହାଯ୍ୟ କରିବା । ରୁମ୍‌ଟିକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଏ । ଟେକ୍‌ନସିଆନମାନେ ସେଥିପାଇଁ ଟ୍ରେନିଂ ପାଇଛନ୍ତି । ଆମ ହସ୍‌ପିଟାଲରେ ଆମରିକାରେ ସବୁଠୁ ବେଶୀ ଥାଇରଏଡ କ୍ୟାନସର୍ ରୋଗୀ ଆସନ୍ତି ଟ୍ରିଟ୍‌ମେଣ୍ଟ ହେବାପଇଁ । ଓ୍ୱାସିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟରର ସେଥିପାଇଁ ବହୁତ ଭଲ ନାଁ ଅଛି । ଏକ ନମ୍ବରରେ ଆସିଯାଏ । ଅନ୍ୟ ହସ୍‌ପିଟାଲ ଅପେକ୍ଷା ଏଠି ଟିକଏ ଅଲଗା ଧରଣର ଚକିତ୍ସା କରାଯାଏ । ମୁଁ ଦେଖିବାକୁ ଶ୍ୟାମକୁ ଗଲି । ଶ୍ୟାମ "୩ ନର୍ଥ-ଇଷ୍ଟ, ରୁମ୍-୧ ନମ୍ବର" ରେ ରହିଥାଏ । ଆମର ସେ' ୟୁନଟରେ ତିନୋଟି ରେଡିଏସନ ରୁମ୍ ଅଛି । ରୁମ୍‌ର କାନ୍ଥ ଓ କବାଟରେ (Lead Shieldig) କରାଯାଇଥାଏ ରେଡିଏସନ ବାହାରକୁ ଲିକ୍ ନକରିବାକୁ ଓ ଅନ୍ୟ କେହି ଏକ୍ସପୋଜ୍ ନହେବାକୁ । ଟ୍ରିଟ୍‌ମେଣ୍ଟ ପୂର୍ବରୁ ମୁଁ ଶ୍ୟାମକୁ ଦେଖା କରିବାକୁ ଗଲି । ସେତେବେଳକୁ ତା' ବାପା-ମା' ମଧ୍ୟ ଦେଶରୁ ଆସିସାରିଥାନ୍ତି । ଶ୍ୟାମ ତାଙ୍କୁ ଫୋନ୍‌କରି ଆଗରୁ ଡକାଇଥିଲା । ମଉସା, ମାଉସୀଙ୍କ ସହ ଶ୍ୟାମ ମୋତେ ଚହ୍ନା କରିଦେଲା । ମୁଁ ତା'ର ଅସୁସ୍ଥତା ଖବର ସବୁ ଜାଣିଥିଲେ ସୁଦ୍ଧା ସେମାନଙ୍କୁ ଭରସା ଦେଉଥିଲି । ମୋ' ଅଫିସ୍ ନମ୍ବର ଓ ଘର ନମ୍ବର ତାଙ୍କୁ ମଧ୍ୟ ଦେଲି । କୈାଣସି ଅସୁବିଧା ହେଲେ ଡାକବାକୁ କହିଥିଲି ।

ଶ୍ୟାମର ରେଡିଏସନ ଟି୍ରଟ୍‌ମେଣ୍ଟ କରାଗଲା । ରେଡିଓ ଆଇଓଡାଇନ (୧୫୫ ମିଲି କ୍ୟୁରିଜ) ଥେରାପି ଡୋଜ୍ ତାକୁ ଦିଆଯାଇଥିଲା । ମଉସା, ମାଉସୀ ସବୁଦିନ ସକାଳୁ ଆସି ସଞ୍ଜ ପଯ୍ୟର୍ନ୍ତ ରହି ପୁଅକୁ ଦେଖି ଫେରୁଥିଲେ । ସେମାନେ ବାହାରେ ବସିବାପାଇଁ ନର୍ସକୁ କହି ଚେୟାର ଦି'ଟା ମୁଁ ପକେଇଦେବାର ବ୍ୟବସ୍ଥା କରିଦେଇଥିଲି । କାରଣ ସେମାନେ ସେ' ଟ୍ରିଟ୍‌ମେଣ୍ଟ ରୁମ୍‌ରେ ରହି ପାରିବେନାହିଁ । ନଚେତ୍ ସେମାନେ ନଜେ ଅଯଥା ରେଡିଏସନର ଶୀକାର ହେବେ ଶ୍ୟାମ ପାଖରେ ରହିଲେ "ଗାମା ରେଡିଏସନ' ଯୋଗୁ । ତା'ଛଡା ଏ' ଦେଶରେ ବହୁତ ନୟମ, କାନୁନ, ରେଗୁଲେସନ ମାନବାକୁ ପଡିଥାଏ । ନମାନଲେ ସରକାରଙ୍କଠୁଁ ହସ୍‌ପିଟାଲ ଦଣ୍ଡ ପାଇବାର ବ୍ୟବସ୍ଥା ଅଛି । ଯେତେବେଳେ ମୋ' କାମରୁ ସମୟ ପାଏ ସେମାନଙ୍କ ସହ କଛି ସମୟ କାଟିବାକୁ ଯାଉଥିଲି । ମୋତେ ଦେଖିଲେ ମାଉସୀ ଲୁହ ନସମ୍ଭାଳପାରି କାନ୍ଦୁଥିଲେ । ମଉସା ଧୈର୍ଯ୍ୟ ଧରି ବସୁଥିଲେ କନ୍ତୁ, ତାଙ୍କ ମୁହଁ ଶୁଖିଯାଇଥି । କଏ ପିଲାପିଲି ସାଧାରଣତଃ ବୁଢା, ରୋଗୀଣା ବାପ-ମା'ଙ୍କ ସେବା କରିବା କଥା । ଏ' ଏକ ଓଲଟା କଥା ଥି ବାପ-ମା ତା'ର ଧାଇଁ ଆସିଛନ୍ତି ନଜ ଦେଶ ଭାରତ ଛାଡି ସୁଦୂର ଆମେରିକା ଦେଶ ତାଙ୍କର ଏକମାତ୍ର ପୁଅ ଯିଏକ

ହସ୍ପିଟାଲରେ ପଡିଛି, ତା'ର ସେବା କରିବାପାଇଁ । ଶୁଣିଲି ଓ ଦେଖିଲି ତା' ଆପାର୍ଟମେଣ୍ଟରୁ ଆସିଲାବେଳେ ତା'ପାଇଁ "ଦହିଭାତ' "ଟାମରିଣ୍ଡ ରାଇସ୍' "ବିସ୍ମି ଭାତ' କ ତା' ପ୍ରିୟ ସବ୍‌ଜି ଆଣି ତାକୁ ଲୁଚେଇ ଖାଇବାକୁ ଦେଉଥିଲେ, ହସ୍ପିଟାଲ ଖାଦ୍ୟ ଶ୍ୟାମକୁ ଭଲ ଲାଗୁନଥିଲା ବୋଲି । ମୁଁ ସେ' କଥା ଜାଣିଥúଲେ ସୁଦ୍ଧା ଆଖି ବୁଜି ଦେଉଥିଲି । ଚହ୍ନା ନର୍ସମାନଙ୍କୁ କହି ଦେଇଥିଲି ତା' ଉପରେ ନରାଗିବାକୁ କ କଛି ନକହିବାକୁ । ନର୍ସମାନେ ମୋ' କଥା ମାନୁଥିଲେ । ଶ୍ୟାମ ମୋ'ର ଜଣେ ଅତି ଘନଷ୍ଠ ସାଙ୍ଗ ବୋଲି ସେମାନେ ଜାଣିଥିଲେ । ନର୍ସମାନେ ମଧ ଶ୍ୟାମର ରିପୋର୍ଟରୁ ଜାଣି ଯାଇଥିଲେ ଯେ ସେ' ଆଉ ବେଶୀ ଦିନ ବଞ୍ଚିବ ନାହିଁ ବୋଲି । ତେଣୁ ସେମାନେ ତା' ଉପରେ କଠୋର ହେଉନଥିଲେ ।

ମଉସାଙ୍କୁ ଡ୍ରାଇଭିଂ ମଧ ଜଣା ଥିଲା । ଦେଶରେ ତାଙ୍କର କାର୍‌ଟିଏ ଥିଲା ଓ ସେ' ଡ୍ରାଇଭିଂ ଶିଖିଥିଲେ ଓ କରୁଥିଲେ ବୋଲି ଜାଣିଥିଲି । ଏ' ଦେଶରେ ସେଇଟା ତାଙ୍କୁ ବଡ ସାହାଯ୍ୟ କରୁଥିଲା । ଶ୍ୟାମର ଗାଡି ସେ' ନଜେ ଡ୍ରାଇଭ୍ କରି ଆସୁଥିଲେ । ନହେଲେ ସବୁଦିନେ ତାଙ୍କୁ ହସ୍ପିଟାଲ ନେବା ଓ ଆଣିବା ଏକ ବିରାଟ ସମସ୍ୟା ସୃଷ୍ଟି କରିଥାନ୍ତା । ଏହି ସମୟରେ ଶ୍ୟାମର ସାନ ଭଉଣୀ (ମଧୁ), ତା'ର ସ୍ୱାମୀ (ରବି) ଓ ପୁଅ (ବିବେକ) ଲଠନରୁ ଆସି ପହଞ୍ଚି ଯାଇଥିଲେ । ସେମାନେ ସମସ୍ତେ ସକାଳୁ ସାଙ୍ଗ ହେଇ ଆସୁଥିଲେ ଶ୍ୟାମକୁ ଦେଖିବାପାଇଁ ଓ ସଞ୍ଜ ବେଳେ ଫେରିଯାଉଥିଲେ ଶ୍ୟାମର ଆପାର୍ଟମେଣ୍ଟକୁ ବିଶ୍ରାମ ନେବାକୁ । ଏମିତି କଛି ଦିନ ଗାଲିଲା । ଶ୍ୟାମର ଦିନ ସରିସରି ଆସୁଥିଲା । ତା'ର ରୁଗ୍‌ଣ ଶରୀର (ଜିଅନ୍ତା ଶବ) ଯେମିତି ଇସାରା ଦେଉଥିଲା ଯେ ଆଉ ବେଶୀ ଦିନ ବାକ ନାହିଁ । ଉପରୁ ତା'ପାଇଁ ଯେମିତି ଡାକରା ଆସିଯାଉଥିଲା ଶୀଘ୍ର ଆସିଯାଅ ବୋଲି ।

ଦିନେ ଦେଖିଲି ଶ୍ୟାମ ବେଡ୍ ଉପରେ ଶିରିଡି ସାଇବାବାଙ୍କ ଏକ ଫଟୋ । ଶୁଣିଲି ସେ' ତା' ବାପା-ମା'ଙ୍କୁ କହି ସେ' ଫଟୋଟି ତା' ଆପାର୍ଟମେଣ୍ଟରୁ ମଗେଇଥିଲା ବୋଲି । ସେ'ଦିନ ଜାଣିଲି ସେ' ଶିରିଡି ସାଇବାବାଙ୍କୁ ବହୁତ ମାନେ ବୋଲି, ବାବାଙ୍କର ସେ' ଜଣେ ବଡ ଭକ୍ତ ବୋଲି । ଫଟୋଟିକୁ ମୋତେ ଦେଖେଇ ସେ' କହୁଥି - "ଡଃ ମହାପାତ୍ର ! ଦେଖ କେମିତି ବାବା କେତେ ସୁନ୍ଦର ଦେଖାଯାଉଛନ୍ତି ଆଜି । ମୋତେ ଦେଖି ହସୁଛନ୍ତି । ମୁଁ ତା' କଥାରେ 'ହଁ' ଭରିଲି । କହୁଥାଏ - "ବାବାଙ୍କର ଆର୍ଶିବାଦ ଅନେକ ମୋ'ପାଇଁ ଅଛି, ମୋ'ର କଛି

ହେବନ, ମୁଁ ଶୀଘ୍ର ଭଲ ହେଇଯିବି" । ମୁଁ ତଥାପି 'ହଁ' ମାରୁଥିଲି । ନିଶ୍ଚୟ ଭଲ ହେଇଯିବୁ ବୋଲି କହି ଫେରିଆସିଥିଲି । ତା' ରୁମ୍‌ରୁ ଫେରିଲା ବାଟରେ ମୋ' ଆଖି ଓଦା ହେଇଯାଇଥିଲା । ପୋଛି ଦେଇଥିଲି ।

ଜୁଲାଇ ମାସ ୭ ତାରୀଖରେ ଶ୍ୟାମସୁନ୍ଦର ଗଣପତି ନାମ୍ନୀ ଜଣେ ମହାପୁରୁଷଙ୍କର ମହାପ୍ରୟାଣ ଘଟିଲା । ଆକାଶରୁ ଉଲ୍‌କାଟିଏ ହଠାତ୍ ଖସପଡିଲା । ଏ' ଖବର ମୁଁ ମୋ'ର ଜଣେ ଟେକ୍‌ନସିଆନଠୁଁ ଶୁଣି ସେ' ରହୁଥିବା ରୁମ୍‌ରେ ପହଞ୍ଚିଲି । ସେହି ଶୁଖିଲା, ବିଷର୍ଣ୍ଣ ବଦନଟିକୁ ଶେଷଥରପାଇଁ ଦେଖି ତା'ର ଆତ୍ମାର ସଦ୍‌ଗତି ପାଇଁ ହାତଯୋଡି ଜଗନ୍ନାଥଙ୍କୁ ପ୍ରାର୍ଥନା କଲି । ସବୁଦିନ ଭଳ ମଉସା, ମାଉସୀ, ତା' ସାନ ଭଉଣୀ ଓ ତା' ସ୍ୱାମୀକୁ ବୁଝେଇଲି । ମନେମନେ ଦୁଃଖ କରୁଥିଲି, ପ୍ରଭୁଙ୍କୁ ଗାଳ ଦେଉଥିଲି । ମନେମନେ କହୁଥିଲି - "ହେ ଜଗନ୍ନାଥ ମହାପ୍ରଭୁ ! ତୁମକୁ ଦେଖିବାକୁ ତା'ର ଏତେ ଇଚ୍ଛା ଥିଲା ଅଥଚ ତୁମେ ତାକୁ ଥରେ ଦେଖା ଦେଲ ନାହିଁ । ଏ' କ ଅବିଗ୍ଭର ତୁମର ପ୍ରଭୁ ! ଏ' କ ମାୟା ତୁମର ମାୟାଧର ! ତୁମେ ନିଶ୍ଚେ ଜାଣିଥିବ ତୁମେ କଣ କରୁଛ !" ସିରିଡି ସାଇ ବାବାଙ୍କ ଫଟୋଟି ତା' ପେଟ ଉପରେ ପଡିଥିବାର ଦେଖିଲି । ଦେଖିଲି ସମସ୍ତଙ୍କ ଆଖି ଛଳଛଳ, କେତେ ଲୁହଧାର ଅମାନିଆ ହେଇ ବହି ଗ୍ଭଲିଛି । ଏମିତିକ ତା ସାନ ଭଣଜାଟି ସମ୍ଭାଳନପାରି ତା'ର ନିଜ ମା' ଓ ବାପା କାନ୍ଦୁଥିବାର ଦେଖି କାନ୍ଦୁଥିଲା । ମାତ୍ର ପାଞ୍ଚ ବର୍ଷର ପିଲାଟିଏ କେମିତି ଜାଣିବ ଜୀବନ କଣ ? ମୃତ୍ୟୁ କଣ ? ମୃତ୍ୟୁ କାହିଁକି ଆସେ ? ହସ୍‌ପିଟାଲ "ଗ୍ଭପେଲ୍' ରୁ "ଫାଦର ଜେମ୍‌ସ' ଆସି ତା' ପରିବାର ଲୋକଙ୍କୁ ବୁଝାଉଥିଲେ । ହସ୍‌ପିଟାଲ ସେଣ୍ଟରରେ ଗୋଟିଏ ଛୋଟିଆ କିନ୍ତୁ, ସୁନ୍ଦର "ଗ୍ଭପେଲ୍' ଅଛି । କିଛି ପୁରୁଷ ଓ କିଛି ମହିଳା "ଗ୍ଭପ୍ଲାନ' କାମ କରନ୍ତି । କେହି ଜଣେ ହସ୍‌ପିଟାଲରେ ମରିଗଲେ ସେମାନେ ସାଧାରଣତଃ ରୋଗୀର ପରିବାର ଲୋକଙ୍କୁ କାଉନ୍‌ସେଲିଂ କରିଥାନ୍ତି । ସେମାନଙ୍କର ଏ' ହେଉଛି କାମ । ଏମିତିକ ହସ୍‌ପିଟାଲରେ ଥିବା ଗ୍ଭପେଲ୍‌ର ଶୋକ ସଭା ମଧ୍ୟ କରନ୍ତି ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକମାନଙ୍କ ପାଇଁ । ଏ' ସମୟରେ ନର୍ସଟିଏ ଆସି ଧଳା ଗ୍ଭଦରଟିଏ ତା' ଶରୀର ଉପରେ ଘୋଡାଇ ଦେଇଗଲା ।

ଶ୍ୟାମର ମର ଶରୀରକୁ ଆମ ହସ୍‌ପିଟାଲରେ ଥିବା "ମର୍ଗ' କୁ ନେବାର ବ୍ୟବସ୍ଥା କଲି, ଯେଉଁଠି ମୃତ ଶରୀରକୁ ରେଫ୍ରିଜିରେଟେଡ୍ ରୁମ୍‌ରେ କିଛି ଦିନପାଇଁ ରଖାଯାଇଥାଏ

ପୋଷ୍ଟମର୍ଟମ କରିବାକୁ । ସେତେବେଳେ ତା' ଦେହରେ ପ୍ରାୟ ୩ ମିଲି କ୍ୟୁରିଜ୍ ପରିମାଣର ରେଡିଓଆକ୍ଟିଭ ଆଇଓଡାଇନ ଥିଲା । ଏ' ପରିମାଣ ସେତେ ବିପଦଜନକ ନଥିଲା ତା' ଶବକୁ ଭାରତ ପଠାଇବାକୁ । ତା' ବାପା-ମା' ଚାହିଁଥିଲେ ତା' ଶବକୁ ହାଇଦ୍ରାବାଦ ସହରରେ ଥିବା ତାଙ୍କ ଘରକୁ ପଠାଇବାକୁ । ଜଣେ ରେଡିଏସନ ପେସେଣ୍ଟ ମରିଯିବାରୁ ଏଠିକା ନିୟମ ଅନୁଯାୟୀ "ଓ୍ୱାସିଙ୍ଗଟନ୍ ଡିସି ଡିପାର୍ଟମେଣ୍ଟ ଅଫ୍ ହେଲ୍‌ଥ" ଓ "ନ୍ୟୁକ୍ଲିୟର ରେଗୁଲେଟରି କମିସନ୍" କୁ ମଧ୍ୟ ମୁଁ ଜଣାଇ ଦେଲି । ଜୁଲାଇ ୯ ତାରୀଖରେ ମର୍ଗରୁ ତା' ଶବକୁ "ମେଟ୍ରୋପଲିଟାନ ଫ୍ୟୁନେରାଲ ସର୍ଭିସେସ୍' କୁ ନିଆଗଲା ଯେଉଁଠି ମୁଁ ଏବଂ ମୋ'ର ଜଣେ ଷ୍ଟାଫ୍ ଉପସ୍ଥିତିରେ "ଏମ୍‌ବାଲ୍‌ମିଂ' କରାଗଲା । "ଏମ୍‌ବାଲ୍‌ମିଂ' ପ୍ରସେସ ଚାଲିଥି ବେଳେ ଯେଉଁମାନେ ସେ' ପ୍ରକ୍ରିୟା କରୁଥିଲେ ସେମାନଙ୍କର ରେଡିଏସନ ଏକ୍ସପୋଜର ମଧ୍ୟ ମନିଟର କରାଗଲା । "ଡେଥ୍ ସାର୍ଟିଫିକେଟ', "ଏମ୍‌ବାଲ୍‌ମିଂ ସାର୍ଟିଫିକେଟ', "ଇନଫେକ୍ସନ ଫ୍ରି ସାର୍ଟିଫିକେଟ', "ରେଡିଏସନ କ୍ଲିଅରାନ୍ସ ସାର୍ଟିଫିକେଟ', "ଫ୍ୟୁନେରାଲ ଡିରେକ୍ଟର ଡିକ୍ଲାରେସନ', "କଷ୍ଟମ ଡିକ୍ଲାରେସନ' ଇତ୍ୟାଦି ସବୁ ପ୍ରକାର କ୍ଲିଅରାନ୍ସ ପରେ ଏକ ସ୍ପେସିଆଲ ଭ୍ୟାନରେ ନ୍ୟୁଜର୍ସି ରେ ଥିବା "ହିନ୍ଦୁ ଫ୍ୟୁନେରାଲ ହୋମ୍' କୁ ପଠାଗଲା ଓ ସେଠାରୁ ଏକ ସ୍ପେସିଆଲ କଫିନରେ "ଏୟାର ଇଣ୍ଡିଆ' ବିମାନରେ ହାଇଦ୍ରାବଦକୁ ପଠାଗଲା। ଶବ ଠିକ୍ ସମୟରେ ବିନା କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ହାଇଦ୍ରାବାଦରେ ପହଞ୍ଚିଥିଲା । ପରିବାରକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା ଶବକୁ ନପୋଡି ପୋତି ଦିଆଯିବାପାଇଁ ହାଇଦ୍ରାବାଦରେ । ଖବର ଆସିଲା ଯେ ସେମାନେ ନିର୍ଦ୍ଦେଶ ଅନୁଯାୟୀ ସବୁ କାମ କରିଥିଲେ ବୋଲି ।

ରାତି ଅଧରେ ନିଦ ଭାଙ୍ଗିଗଲେ ଶ୍ୟାମ ମୋ' ମନ ଭିତରକୁ ଧସେଇ ଧସେଇ ପଶି ଆସେ । ମୁଁ ମାନସ ମନ୍ଥନ କରେ, ଟିକଏ ଗଭୀର ବିଶ୍ଳେଷଣ କରେ । ଏତେ କମ୍ ବୟସରୁ ଠିକ୍ ଯୁବାବସ୍ଥାରେ ତା' ଜୀବନ ଶେଷ ହେଇଯିବବୋଲି କିଏ କଳ୍ପନା କରିପାରିଥି ? ଠିକ୍ ରେସିଡେନ୍‌ସି ସାରିଲାପରେ ମାତ୍ର ଦି' ମାସ ଭିତରେ ସେ' ଏହି ଇହଧାମରୁ ବିଦାୟ ନେଲା। ଏହାଠାରୁ ଆଉ ବେଶୀ ଦୁଃଖର ବିଷୟ କ'ଣ ହେଇପାରେ ? ଶ୍ୟାମ ପରିବାର ବିଷୟରେ, ତା' ବାପା-ମା', ଭଉଣୀ ଓ ତା'ର ସ୍ୱାମି ଓ ପୁଅ ବିଷୟରେ ମୋ' ପାଖରେ ଆଉ କିଛି ଖବର ନାହିଁ । ବିଶେଷ ସୂତ୍ରରୁ ଶୁଣିଲି ତା' ସ୍ତ୍ରୀ ମଧ୍ୟ ରେସିଡେନ୍‌ସି ସାରି ହସ୍‌ପିଟାଲ ସେଣ୍ଟର ଛାଡି ଚାଲିଗଲାଣି । ବେଳେବେଳେ ହସ୍‌ପିଟାଲ ସେଣ୍ଟରରୁ ଘରକୁ

ଡ୍ରାଇଭିଂ କରି ଫେରୁଥିଲାବେଳେ ଅଗ୍ନକ ତା' କଥା ମନେପଡିଯାଏ କ ତାଙ୍କ ଡିପାର୍ଟମେଣ୍ଟରେ ଥିବା ମୋ'ର ଜଣେ ଘନଷ୍ଠ ସାଙ୍ଗ ଯିଏକ ଜଣେ ଭାରତୀୟ ମହିଳା ଡାକ୍ତର ଓ ଶ୍ୟାମ ଜୀବନ କାହାଣୀ ବିଷୟରେ ବେଶ୍ ଜାଣିଛନ୍ତି ସେ' ସେ'କଥା ମନେ ପକାଇ ଦିଅନ୍ତି । ଆମେ ଦିହେଁ ବେଳେବେଳେ ଆଲୋଚନା କରି ମନଦୁଃଖ କରୁ । କେମିତି ଏ' ଦୁନଆ ବଗିଚ୍ଛରେ ଏତେ ସୁନ୍ଦର, କୋମଳ ଫୁଲଟିଏ ଫୁଟି ତା'ର ସୁରଭୀ ବିତରଣ କରିବା ପୂର୍ବରୁ ଏତେ ଶୀଘ୍ର ମଉଳଗଲା, ଝଡିଗଲା !

(ଏହି କାହାଣୀଟି ଏକ ସତ୍ୟ ଘଟଣା ଉପରେ ଆଧାରିତ । ଚରିତ୍ରମାନଙ୍କର ନାଁ' ଗୁଡିକ କେବଳ ଏଥିରେ ବଦଳାଯାଇଛି ।)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭଲ ପାଇବାର ଅଛି ଯଦି



ନୂତନ କୁମାର ବେହେରା

ଭଲ ପାଇବାର ଅଛି ଯଦି
ଭଲ ପାଅ ଆଗେ ନିଜକୁ,
ନିଜ ବୁଦ୍ଧି ବିବେକ ବିଚାର ନେଇ
ଭଲ କରି ଚହ୍ନ ଅନ୍ତରାତ୍ମାକୁ ।
ଭଲ ପାଇବାର ଅଛି ଯଦି
ଭଲ ପାଅ ମାଆ ମାଟି ମାତୃଭୂମିକୁ,
ଯାହାର କୋଳେ ବଢୁଛି
ଯା' ପାଣି ପବନ
ବଞ୍ଚାଇ ରଖିଛି ଏ ଜୀବନକୁ ।
ଭଲ ପାଇବାର ଅଛି ଯଦି
ଭଲ ପାଅ ନିଜ ଭାବ ଭାଷାକୁ,
ଯାହା ହୃଦୟର ସବୁ କଛି
ବିନମୟ କରୁଥାଏ
ସାରା ସଂସାରକୁ ।
ଭଲ ପାଇବାର ଅଛି ଯଦି
ଭଲ ପାଅ ଏ ସୁନ୍ଦର ପ୍ରକୃତିକୁ,
ଯା' ନିଜ ପ୍ରଭାବରେ ପ୍ରତିଭାର
ବିକାଶ ଘଟାଇ
ପହଞ୍ଚାଇ ଦିଏ ସଫଳତାକୁ ।

ଭଲ ପାଇବାର ଅଛି ଯଦି
ଭଲ ପାଅ ନ୍ୟାୟ ନୀତି ଆଦର୍ଶକୁ,
ଯା' ପ୍ରାରବ୍ଧର ବଳକା ରାଶି
ସୁଖେ ଅବା ଦୁଃଖେ
ହୁଏ ଭୋଗିବାକୁ ।
ଭଲ ପାଇବାର ଅଛି ଯଦି
ଭଲ ପାଅ ସତ୍ୟ ଶିବ ସୁନ୍ଦରକୁ,
ସୃଷ୍ଟି ସ୍ଥିତି ପ୍ରଳୟରେ
ଯିଏ ସହାୟତା କରିଥାନ୍ତି
ସାରା ଜଗତକୁ ।
ଭଲ ପାଇବାର ଅଛି ଯଦି
ଭଲ ପାଅ ଜୀବନକୁ,
ହସ କାନ୍ଦର ବଳୟ ଭିତରେ
ଘୋଡାଇ ରଖିଥାଏ
ଆଗାମୀ କାଲିର ସପନକୁ ।

କୋହି, ଗଡ଼ିଆ, ମୟୂରଭଞ୍ଜ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ପାଣି ଫୋଟକାର ଏକ ......ଫାଙ୍କା ସ୍ୱାଭିମାନ

ତପନ ଦୀକ୍ଷିତ

ଶବକୁ ଘୋଡାଇ ଦିଅ...
ଧଳା ଚଦରରେ,
ର୍‌ାମ ନାମ  ଲେଖିଦିଅ
କୋକେଇ ଉପରେ,
ଛଡା ତୁଳସୀ ରୁ ଟିକେ
ନିର୍ମାଲ୍ୟ ମୂର୍ତ୍ତିଏ
ବିଦାୟ ଜଣାଇ ଆସ
ତିନ୍ତିମୁଣ୍ଡ ପାରି ହେବା ଯାଏ ...,
ଜଳବାକୁ ଦିଅ ତାକୁ  ଶ୍ମଶାନ  ଛାତିରେ
ହଜିବାକୁ ଦିଅ ଧୁଆଁ କୁଣ୍ଡଳୀ ଭିତରେ
ଅହଂତ୍ୱ  କୁ  ମିଶିବାକୁ  ଦିଅ
ସେଇ ଅନ୍ତହୀନ ମହାଶୂନ୍ୟତାରେ
ଏଇ ତ!... ଦର୍ଶନ ...
ସବୁ କହି ମୋର ମୋର
ପାଣି ଫୋଟକାର ଏକ
ଫାଙ୍କା ସ୍ୱାଭିମାନ .......।।

ନାସିକେଶ୍ୱର, କାକଟପୁର, ପୁରୀ

# ଦୁରାଗ୍ରହୀ ଦୁର୍ଜନ ଦୁର୍ଯ୍ୟୋଧନ



ରାଜଶେଖର ସି "ଚମା"

ମହାକାବ୍ୟ ମହାଭାରତ ଯେ ବ୍ରହ୍ମର୍ଷି ବେଦବ୍ୟାସଙ୍କ ଅବଦାନ,
ଅନେକ ପାତ୍ର ଚରିତ୍ର କରନ୍ତି ବିଭିନ୍ନ ଭାବନାର ଆଦାନପ୍ରଦାନ,
ଧୃତରାଷ୍ଟ୍ର ଗାନ୍ଧାରୀନନ୍ଦନ ଦୁର୍ଯ୍ୟୋଧନ ରଖିଥିଲା ମାତ୍ର ଅଜ୍ଞାନ,
ମାମୁଁ ଶକୁନ ଠାରୁ ପାଇଥିଲା କେବଳ ଛଳ କପଟର ଅନୁଦାନ |୧|

ଈର୍ଷାରେ ସମ୍ପୂର୍ଣ୍ଣ ଭରିଯାଇଥିଲା ଯାହାର ଅନିଶ୍ଚିତ ମନ,
ଚାହୁଁଥିଲା ସଦା ପାଣ୍ଡବ ସହୋଦରଙ୍କ ଅପମାନ ଦମନ,
ଲାକ୍ଷାଗୃହ ଷଡ଼ଯନ୍ତ୍ର ଦ୍ୱାରା ରଚିଲା କୌନ୍ତେୟଙ୍କ ଦହନ,
ଦ୍ୟୁତକ୍ରୀଡା ଦ୍ୱାରା କରିଲା ପାଞ୍ଚାଳୀଙ୍କର ମାନର ହନନ |୨|

ନିର୍ଦ୍ଧନ ଦୁର୍ଯ୍ୟୋଧନ କେତେ ଯେ ଥିଲା ଅବାଧ୍ୟ,
କେବେ ବୁଝିଲାନି ତର୍କଶାସ୍ତ୍ରର ସମୁଚିତ ରହସ୍ୟ,
ନିଜ ମାତା-ପିତାଙ୍କ ବୋଧନକୁ ଭାବିଲାନି ପୂଜ୍ୟ,
ଗୁରୁଜନଙ୍କର ଧର୍ମଶିକ୍ଷାକୁ ପାଇଲା ସଦା ଅସହ୍ୟ |୩|

ଅଧାର୍ମିକ ଦୁର୍ଯ୍ୟୋଧନ ପିତାମହ ଭୀଷ୍ମଙ୍କର କରିଲା ଅବମାନନା,
ମାନଲନ ମହାରଥୀ ମିତ୍ର କର୍ଣ୍ଣଙ୍କର କୌଣସି ହିତକର ପ୍ରସ୍ତାବନା,
ଅସମ୍ମାନ କରିଲା ଭଗବାନ ଶ୍ରୀକୃଷ୍ଣଙ୍କର ସର୍ବ ଶାନ୍ତି ଅବତରଣିକା,
ଅହଙ୍କାର ଯୋଗୁଁ ନିଜ ଭବିଷ୍ୟତକୁ କରିଲା ମରୀଚିକା ବିଭୀଷିକା |୪|

ଏହି ସଂସାରରେ ଅଛନ୍ତି ଅନେକ ଦୁରାଗ୍ରହୀ ଦୁର୍ଜନ ଦୁର୍ଯ୍ୟୋଧନ,
ନ୍ୟାୟଶାସ୍ତ୍ର ନୀତିବାଣୀ ବିବେକ ବିଦ୍‌ବତ୍ତାରେ ଯିଏ ନିରନ୍ତର ନିର୍ଦ୍ଧନ,
ସ୍ୱାର୍ଥପରାୟଣ ସ୍ୱାର୍ଥସାଧନ ବ୍ୟତୀତ କାହା ସହ ନାହିଁ ଯାହାର ବନ୍ଧନ,
ଏ ଦୁଷ୍ଟଚରିତ୍ରଙ୍କ ସ୍ୱଭାବରୁ ଆଣିବାକୁ ହେବ ନିଜ ମେଧାରେ ସଂଶୋଧନ |୫|

chvrajasekhar@gmail.com

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଫୁଲରେ ଫୁଲରେ ଧରା



ଲକ୍ଷ୍ମୀକାନ୍ତ ପଟ୍ଟନାୟକ

ଗିରୀଷମ ଯେବେ ଆସେ ମରତେ
ତପନ ତାପରେ ଧରଣୀ ତୋତେ
ମହୀ ମୁଖ ସିନା ଦିଶେ ବିରସ
ନାନା ଫୁଲ ଫୁଟି ଛୁଟଇ ବାସ
ହସଇ ମାଧବୀ ମଲ୍ଲୀ
ସମ୍ପା ଯୁଇ ହେନା ବାସ ବିତରନ୍ତି
ପବନ ଦୋଳାରେ ଝୁଲି ।
ବରଷା ଆସିଲେ ମହୀ ମଣ୍ଡଳେ
ହସଇ ଧରଣୀ ଆନନ୍ଦ ଭେଳେ
କେଳ କଦମ୍ବ ଓ କଆ ସେବତୀ
ଯୁଇ ଜାଇ କାଠ ଚମ୍ପା ମାଳତୀ
ମାଧବୀ ହରଗଉରା
ତରାଟ ନଆଳ କନଅର ଫୁଟି
ଦିଶଇ ସତେ କ ତୋରା !
ମନ୍ଦାର କେତକୀ ଗୋଲାପବାସେ
ମହକାଇ ଧରା ବରଷା ଶେଷେ
ଆସଇ ଶରତ ଧରଣୀ ପରେ
କାଶତଣ୍ଡୀ ହସେ ନଈ ପଠାରେ
ପଦ୍ମ କଦମ୍ବ ବଧୁଲି
ଫୁଟଇ ଅପରାଜିତା ଓ ଟଗର

ହସଇ ଗଙ୍ଗଶିଉଳ ।
ହେମନ୍ତ ଆସିଲେ ପୋଖରୀ ଜଳେ
ହସେ କଇଁଫୁଲ ଆନନ୍ଦ ଭେଳେ
ଥିରି ଥିରି ଆସେ ଶୀତ ମାଉସୀ
ଫେରେ ଧରା ପରୁ ହେମନ୍ତ ହସି
ଫୁଟଇ ସୋରିଷ ଫୁଲ
ଗେଣ୍ଡୁ ମଣ୍ଡା ଫୁଟି ଦିଶେ କ ସୁନ୍ଦର
କଏ ଦେବତାର ମୂଲ ।
ବସନ୍ତ ଆସିଲେ ଧରା ବୁକୁରେ
ହସେ ବନଲତା ନୂଆ ରୂପରେ
ଫୁଟଇ ବାସଙ୍ଗ ଗୋଲାପ କଳ
ଅଶୋକ କାଞ୍ଚନ ନମ୍ର ନଆଳୀ
ଫୁଟେ ଶିମିଳ ପଳାଶ
ଆମ୍ବ ଗଛ ଡାଳେ ଦିଶଇ ବଉଳ
ଚହଟାଇ ତାର ବାସ ।
ଫୁଲରେ ଫୁଲରେ ହସଇ ଧରା
ଋତୁ ସବୁ ଗୋଟି ଗୋଟିକ ପରା
ଆସି ମରତରେ ଦେଇଣ ଖୁସି
ଗ୍ଲଲିଯାନ୍ତି ଧିରେ ଧରାରୁ ହସି
କହିଯାନ୍ତି କାନେ କାନେ
ଫୁଲ ସବୁ ବିଭୁ ପାଦରେ ଅରପି
ଭଜ ତାଙ୍କୁ ମନେ ମନେ ।

ଅବସରପ୍ରାପ୍ତ ଶିକ୍ଷକ,
କୁରୁମବାଙ୍ଗତରା, ଓଡଗାଁ, ନୟାଗଡ

# ଏଇ ମୋ ଗାଁ



ବୈଦ୍ୟନାଥ ପଣ୍ଡା.

ମୋ ଗାଁଆ ଏଇ ମୋ ଗାଁଆ
ମଧୁର ଠାରୁ ମଧୁର ଅତି
ଯାହାର କୋଳେ ମୁଁ ଜନ୍ମି ଅଛି
ଏଇ ମୋହର ଗାଁଆ ।
ପାହାନ୍ତି ତାର୍ ଗଲେତ ଲୁଚ
ପକ୍ଷୀ ଗ୍ଵବନ୍ତି ଖୁଚରି ମିଚ
କୋଇଲି ଡାକେମଧୁର ସୂରେ
କାଉ ଗ୍ଵବଇ କାଆ
ମୋ ଗାଁଆ ଏଇ ମୋ ଗାଁ ।
ପୂରୁବ ଦିଗୁ ସୂରୁଜ ଉଠେ
ନାଲି ରଙ୍ଗରମୁରୁଜ ବାଣ୍ଟେ
ନାନା ରଙ୍ଗର ଫୁଲତ ଫୁଟେ
ଦିଶେ କେଡେ ସୁନ୍ଦରିଆ
ମୋ ଗାଁଆ ଏଇ ମୋ ଗାଁଆ ।
ତା ବିଲ ବଣ ପାହାଡ଼ ନଇ
ମନକୁ ମୋର ନଏ ଗ୍ଵେଗ୍ଵଇ
କାଶତଣ୍ଡି ର ପବନ ଖେଳ
ଗାଁଆ ତୋଟାରେ ପିଲ୍ଙ୍କ ମେଳ
ନାଚ ନାଚକା  ଖେଳନ୍ତି କେତେ
କେତେ କହିବି ତାର ନାଆଁ

ମୋ ଗାଁଆ ଏଇ ମୋ ଗାଁଆ ।
ବେଳ ବୁଡ଼ିଲେଶୁଭଇ ଏଠି
ଗାଇଆଳ ର ବଡ଼ ପାଟି ଟି
ଗାଁଆ ଦାଣ୍ଡରେ ଉଡ଼ଇ ଧୂଳ
ପକ୍ଷୀଏ ଯାନ୍ତିବସାକୁ ଚଳ
ମାଆ ଡାକଇ ଛୁଆକୁ ତାର
ବେଳ ବୁଡ଼ିଲ୍ ତୁ, ଘରକୁ ଆ
ମୋ ଗାଁଆ ଏଇ ମୋ ଗାଁଆ ।
କୁଳବଧୂ ଟି ଓଢଣା ଦେଇ
ଚଉଁର୍ ମୂଳେ ଦୀପ ଜାଳଇ
ମନ୍ଦିରେ ଶୁଭେ ଘଣ୍ଟ ଆଳତୀ
ଘରେ ଜଳଇ ଡିବିରୀ ବତୀ
ବୁଢୀମା ମୋର ଜୁହାର କରେ
ଧରି ପ୍ରଭୁଙ୍କ ନାଆଁ
ମୋ ଗାଁଆ ଏଇ ମୋ ଗାଁଆ ।
ଟୁଙ୍ଗିକ ଯାଇଁ ଗୋସେଇଁ ନନା
ଆରମ୍ଭ କରେବିଷ୍ଣୁ ପ୍ରାର୍ଥନା
ଗାଁଆ ର ଲୋକେ ଶୁଣନ୍ତି ମିଶି
ଭାଗବତ ର କଥାକୁ ବସି
ସବୁରି ମୁଖେ ଥାଏ ପ୍ରଭୁଙ୍କ ନାଆଁ
ମୋ ଗାଁଆ ଏଇ ମୋ ଗାଁଆ ॥

ଅବଦଲ ପୁର, ଯାଜପୁର

# କିଛି ସତ କିଛି ଗପ



ବିନୟ ମହାପାତ୍ର

ଅଫିସରୁ ଫେରି ରମାକାନ୍ତ ବାବୁ ଗୁମମାରି ସୋଫାଟା ଉପରେ ବସିଗଲେ । ଯେପରି କିଛି ଗୋଟାଏ ବଡ ମାନସିକ ବୋଝ ତଳେ ଚାପିହୋଇ ପଡିଛନ୍ତି, ବଡ କ୍ଳାନ୍ତ ଅନୁଭବ କରୁଥିଲେ ସେଦିନ । ସବୁଦିନ କିନ୍ତୁ ଏମିତି ହୁଏନ । ଅଫିସରୁ ଫେରିଲା ପରେ ସୁରମା କବାଟ ଖୋଲିଦେଇ ସିଧା ରୋଷେଇ ଘରକୁ ଚାଲିଯାଆନ୍ତି ଆଉ ରମାକାନ୍ତ ବେଡରୁମକୁ । ଡ୍ରେସ ବଦଳେଇ ଖୋର୍ଦ୍ଧା ନାଲିଆ ଗାମୁଛା ଖଣ୍ଡେ ପିନ୍ଧି ରମାକାନ୍ତ ବାଥରୁମରେ ପଶିଯାଆନ୍ତି ଅଧଘଣ୍ଟାକ ପାଇଁ । ଫ୍ରେସ ହୋଇ ବାହାରନ୍ତି, ଦେଶୀ ଖୋର୍ଦ୍ଧା ବ୍ରାଣ୍ଡ ନେଳଆ ଲୁଙ୍ଗିଟିଏ ପିନ୍ଧି ଲିଭିଙ୍ଗରୁମରେ ଆସି ସୋଫାରେ ବସିଯାଆନ୍ତି । ରିମୋଟ ଖୋଜୁ ଖୋଜୁ ପାଞ୍ଚ ସାତ ଥର ସୁରମାଙ୍କୁ ଡାକପକାନ୍ତି, ରିମୋଟଟା କୋଉଠି ରଖିଲ ? ସେ ସମୟରେ ସୁରମା ଦି'କପ୍ ଗରମା ଗରମ୍ ଚାହା ଏବଂ ପାଣିପାଗ ହିସାବରେ କେବେ ସଦ୍ୟ କଡେଇରୁ ବାହାରିଥିବା ଗରମ ପକୁଡି, କେବେ ଦୁଇ, ଚାରୋଟି ବ୍ରିଟାନିଆ ମେରୀ ବିସ୍କୁଟ ନହେଲେ କଟକ ବାରମଜା । ଚା ପିଉ ପିଉ ଟିଭିରେ ନଉଜ୍ ଦେଖିବା ସହିତ ଦିନଯାକର ଖବର ଆଦାନ ପ୍ରଦାନ ହୋଇଯାଏ ଦୁଇଜଣଙ୍କ ଭିତରେ । ବଡଝିଅ ସୁଧାର ବାହାଘର କରିଦେଇଛନ୍ତି ଗଲାବର୍ଷ ଫେବୃଆରୀ ମାସର, ସରସ୍ୱତୀ ପୂଜାଦିନ ଭଲ ତିଥି ଥିଲା ବୋଲି ପଣ୍ଡିତେ ସେଇ ଦିନଟି ବାହାଘର ପାଇଁ ଠିକ୍ କରିଥିଲେ । ଗୋଟିଏ ବୋଲି ପୁଅ ସୁବୋଧ, ଭୂବେଶ୍ୱରରେ ହଷ୍ଟେଲରେ ରହି ମେନେଜମେଣ୍ଟ ପଢୁଛି, ଏଇଟା ତାର ସେକେଣ୍ଡ ଇୟର ।

ରମାକାନ୍ତ ଅଫିସ ଚାଲିଗଲାପରେ ସୁରମା ଦିପହରରେ ଘଣ୍ଟାଏ ଶୋଇବା ବ୍ୟତିତ ବାକି ସମୟ ଟିଭିରେ ସିରିଆଲ ଦେଖି କଟେଇଦିଅନ୍ତି । କେବେ କେବେ ପଡୋଶି ମହାନ୍ତିବାବୁ, ପଣ୍ଡାବାବୁ କି ସାମଲବାବୁଙ୍କ ମିସେସ୍ ଆସିଯାଆନ୍ତି । ଛୋଟ ମୋଟର କିଟି ପାର୍ଟିଟିଏ ହୋଇଯାଏ ଲିଭିଂରୁମରେ । ଚାହା ବିସ୍କୁଟ ଖାଉଖାଉ ସାରା କଲୋନୀର ଖବର ମିଳିଯାଏ । କାହା ଘରେ କଣ ନୂଆ କଣାହୋଇ ଆସିଲା, କାହାର ପୁଅ ଫେଲ କି ପାଶ କଲା, କାହା

ଝିଅର ବୟଫ୍ରେଣ୍ଡ ସାଙ୍ଗେ ବ୍ରେକଅପ ହୋଇଗଲା ଠାରୁ ଆରମ୍ଭ କରି ଦେଶ ଦୁନିଆର ଖବର ବି ଟିକିଏ ଆଲୋଚନା ହୋଇଯାଏ । ସଂଧ୍ୟାହେଲେ ରମାକାନ୍ତ ଅଫିସରୁ ଫେରନ୍ତି, କଲିଂବେଲ ବଜାନ୍ତି ଆଉ ସୁରମା କବାଟ ଖୋଲିଦିଅନ୍ତି । ଆଜିବି ସେମିତି ହେଲା, ରମାକାନ୍ତ ଅଫିସରୁ ଫେରି କଲିଂବେଲ ବଜେଇଥିଲେ, ସୁରମା କବାଟ ଖୋଲିଦେଇ ପୁଣି ଚାହା ବସେଇବା ପାଇଁ ରୋଷେଇଘରକୁ ଚାଲିଗଲେ । ଚାହା ତିଆରି ସରିଲାଣି, କପରେ ଚାହା ଢାଳୁଢାଳୁ ସୁରମା ଭାବୁଥିଲେ ରମାକାନ୍ତ କଣ ପୁଣି ବାହାରକୁ ଚାଲିଗଲେନା କଣ ? ଏବେଯାଏ ବାଥରୁମର କବାଟ ଖୋଲାହେବା ଅବା ବନ୍ଦ ହେବାର ଶବ୍ଦ ଶୁଭିନ କି ଟଏଲେଟ ଫ୍ଲସର ଶବ୍ଦ ମଧ୍ୟ ଶୁଣାଯାଇନ । ଏତିକି ବେଳକୁ ସେ ଫ୍ରେସହୋଇ ଲିଭିଙ୍ଗରୁମରେ ରିମୋଟ ଖୋଜି, ଚାରି ପାଞ୍ଚଥର ଡାକ ପକାଇ ସାରନ୍ତେଣି । କଣ ହେଲା କିଛି ସୋର ଶବ୍ଦ ଶୁଭୁନ ।

ସୁରମାଙ୍କ ମନରେ ଛନକା ପଶିଲା । ବ୍ୟସ୍ତହୋଇ ଲିଭିଙ୍ଗରୁମକୁ ଆସି ଦେଖନ୍ତି ତ ରମାକାନ୍ତ ଗୋଡଲମ୍ବାଇ ସୋଫାଟା ଉପରେ ଅଧାଶୋଇବା ପୋଜିସନରେ ଷ୍ଟାଚ୍ୟୁଟିଏ ପରି ବସିଛନ୍ତି । ଏତେ ଗରମରେ ଏ.ସି କି ଫ୍ୟାନ ବି ଅନ କରିନାହାନ୍ତି । ସୁରମାଙ୍କର ଚିନ୍ତା ବଢିଗଲା, କଣ ହେଲା ଆଜି ? ପାଖକୁ ଆସି ରମାକାନ୍ତଙ୍କ ପାଖରେ ବସିପଡିଲେ, ଦେହରେ ହାତମାରି ଦେଖିଲେ, ପଚାରିଲେ ଦେହ କିଛି ଖରାପ ଲାଗୁଛିକି ? ତଥାପି ରମାକାନ୍ତ ଚୁପ ବସିଥାଆନ୍ତି, ସୁରମାଙ୍କର ଚିନ୍ତା ଆହୁରି ବଢିଗଲା, ବ୍ୟସ୍ତହୋଇ ପଚାରିଲେ, କଣ ହେଲା, କିଛି କହୁନ ଯେ ? ଅଫିସରେ କଣ କିଛି ବେଶି ଟେନସନ ବଢି ଯାଇଛି କି? ଏମିତି କଣ ଏତେ ଚିନ୍ତା କରୁଛ, କଣ ହେଲା ? ଦେଖ ଖରାପ ଲାଗୁଛି ଯଦି ଡାକ୍ତରକୁ ଫୋନକରି ଆପଏଣ୍ଟମେଣ୍ଟ ନେଇଯାଉଛି ! ଚାହା ପିଇ ସାଙ୍ଗେ ସାଙ୍ଗେ ବାହାରିଯିବା । ଏଇ ସିଜନ ଚେଞ୍ଜ ସମୟରେ ସବୁବେଳେ ତୁମର ଦେହ ଖରାପ ହୋଇଯାଏ । ଆଉ କଣ ସେ ବୟସ ଅଛି ? ଏବେ ଟିକେ ଦେହପ୍ରତି ଧ୍ୟାନରଖ, ସନ୍ଧ୍ୟାବେଳେ ଅଫିସରୁ ଫେରି ଟିଭିଦେଖା ଛାଡ, କିଛି ଯୋଗା ପ୍ରାଣାୟମ କର । ସୁରମାଙ୍କର ବ୍ୟସ୍ତତା ଦେଖି ରମାକାନ୍ତ ସିଧାହୋଇ ବସିପଡିଲେ । ହାତ ପାପୁଲିରେ ମୁହଁ ପୋଛୁ ପୋଛୁ କହିଲେ ଆରେ ନାହିଁ, ସେମିତି କିଛି ହୋଇନ, ମୁଁ ଠିକ୍ ଅଛି । ଆଜି ଚାରିଟାବେଳେ ସୁବୋଧ ଫୋନ କରିଥିଲା । ତାର ଫୋନ ପରେ ଟିକେ ଚିନ୍ତା ଲାଗୁଛି ତା'ପାଇଁ, ପିଲାଟା ସେଠି ଏକୁଟିଆ ହଷ୍ଟେଲରେ ରହି ପଢୁଛି ! ପିଲାଏ ପାଖରେ, ଆଖି ସମ୍ନାରେ ଥିଲେ କଥା ଅଲଗା, ଦୂରରେ ରହିଲେ ମାଆ

ବାପାଙ୍କ ଚନ୍ତା କେତେଯେ ବଢିଯାଏ, ପିଲ୍‌ମାନେ କଣ ସେକଥା ଭିବନ୍ତି ନା ବୁଝନ୍ତି । ସେମାନେ ସବୁ ମନେମନେ ବଡ ପିଲ୍, ସମଝଦାର ହୋଇଯାଆନ୍ତି ।

ସୁରମା ସଙ୍ଗେ କଥାକାଟି ପଗ୍ଚରିଲେ, ତାର ଦେହପା ଠିକ୍ ଅଛିଟି ? ତୁମ ଚନ୍ତାଦେଖି ମୋ ମନ ଛାନଆ ହେଲ୍‌ଣି, କଣ ହୋଇଛି ତାର ? ରମାକାନ୍ତ ସୁଖିଲ୍ ହସଟାଏ ହସି କହିଲେ, ଆରେ କଛି ହୋଇନ ତାର, ସିଏ ସେଠି ମଜାରେ ଅଛି । ଆଜି ଫୋନକରି କହୁଥିଲ୍ ଆଉ ପନ୍ଦର ହଜାର ଟଙ୍କା ପଠାଇବାକୁ । ସୁରମା ସଙ୍ଗେ ସଙ୍ଗେ କହିଲେ, ଏମାସରେ ଆହୁରି ପନ୍ଦର ହଜାର ଟଙ୍କା ? କଲେଜ ଫି, ହଷ୍ଟଲ ଫି ସବୁକଛି ବର୍ଷକ ପାଇଁ ଆଗୁଆ ଜମା ସରିଛି । ହାତ ଖର୍ଚ୍ଚପାଇଁ ପ୍ରତିମାସରେ ଦଶହଜାର ତୁମେ ପଠାଉଛ, ଏ ମାସ ପାଇଁ ବି ଦଶହଜାର ତୁମେ ଦୁଇତାରିଖ ଦିନ ତା ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଇଥିଲ । ସେ ପଇସା କଣ ତାକୁ ଏଯାଏ ମିଳନ କ ? ତୁମେ ଟିକେ ବ୍ୟାଙ୍କରୁ ବୁଝି ନେଉନ । ଆଜିକାଲି ଅନଲାଇନ ଟ୍ରାନ୍ସଫରରେ ବି ବହୁତ ଗଡବଡ ହୋଇଯାଉଛି । ରମାକାନ୍ତ କହିଲେ କେମିତି କଥା କହୁଛ ତୁମେ ? ଏଇଟା କଣ ପୋଷ୍ଟାଲ ମନଅର୍ଡର ହେଇଛି ଯେ ମାସକ ପରେ ଯାଇ ମିଳବ, ନହେଲେ ବାଟ ମାରଣା ହୋଇଯିବ ? ତାକୁ ଦୁଇତାରିଖରେ ସେ ପଇସା ମିଳଯାଇଛି । ସୁରମା ଆଶ୍ଚର୍ଯ୍ୟ ହୋଇ ପଗ୍ଚରିଲେ ତାହେଲେ ପୁଣି କଣ ହେଲ୍। ଆଜି କେତେ ତାରିଖ ହେଲ୍‌କ, ସତର ନା ଅଠର ? ରମାକାନ୍ତ ଟିକେ ନର୍ମାଲହୋଇ କହିଲେ ଆଜି ଅଠର ତାରିଖ । ସୁରମା କହିଲେ, କଲେଜରେ ଦୁଇ ସପ୍ତାହରେ ଦଶହଜାର ଖର୍ଚ୍ଚ ହୋଇଗଲ୍ ତାର ? ତାକୁ ପଗ୍ଚରିଲନ ଏତେ ପଇସା ପୁଣି କାହିଁକ ଦରକାର ପଡୁଛି । ରମକାନ୍ତ କହିଲେ, ହଁ ପଗ୍ଚରିଥିଲି । ଜାଣିଛ ତୁମ ଗେହ୍ଲାପୁଅ କଣ କହିଲେ ? କହିଲ୍ ପୁଲିସ ପରି ଏମିତି ଜେର୍‌ା କରନ, ମୁଁ କୋଉ ଲକ୍ଷେଟଙ୍କା ମାଗୁଛି ଯେ ତୁମ ମୁଣ୍ଡ ବୁଲେଇ ଯାଉଛି ? ମୋର ଦରକାର ଅଛି ବୋଲିତ ମାଗୁଛି, କଣପାଇଁ ମାଗୁଛି ସେକଥା ଜାଣିବା ତୁମପାଇଁ କଣ ନହାତି ଦରକାର ? ପଠେଇବ ଯଦି ପଠାଅ, ନହେଲେ ମୁଁ ଏଠି ଆରେଞ୍ଜ କରିନେବି । ମୋତେ ଏତେକଥା ପଗ୍ଚରି ବ୍ୟସ୍ତକରନ କହି ଫୋନ କାଟିଦେଲ୍ । କୋଉଠୁ ଆରେଞ୍ଜ କରିବ ସିଏ ? ଟଙ୍କା କଣ ଗଛରେ ଫଳୁଛି ସେଠି? ପିଲ୍‌ଟି ଦିନରୁ ତୁମେ ଗେହ୍ଲା କରିଦେଇଛ, ସେଇଥି ପାଇଁ ସବୁବେଳେ ଏମିତି ଧମକଉଛନ୍ତି ।

ବୁଝିଲ **1975** ମସିହାରେ ମୁଁ ଯେତେବେଳ ଅନୁଗୁଳ କଲେଜରେ ଇଣ୍ଟରମିଡିଏଟ ପଢୁଥିଲି ସେତେବେଳେ ହଷ୍ଟେଲରେ ସିଟ୍ ମିଳଲ୍‌ନ ବୋଲି ଗୋଟିଏ ବର୍ଷ ମେସରେ ରହୁଥିଲି ।

ଜାଣିଛ, ସେତେବେଳେ ଆମକୁ ମାସକ ଖର୍ଚ୍ଚ ପାଇଁ କେତେଟଙ୍କା ମିଳୁଥିଲା ? ସମୁଦାୟ ଏକଶତ ମୁଦ୍ରା, ତାରି ଭିତରେ କଲେଜ ଫି, ମେସରେ ରହିବା ଭଡା, ଖାଇବା ଖର୍ଚ୍ଚ, ସାବୁନ୍ ତେଲ ସବୁକିଛି ହୋଇଯାଉଥିଲା । ତାଛଡା ସେଇ ଶହେ ଟଙ୍କାରୁ କିଛି ଟଙ୍କା ବଳେଇ ଆମେ ମାସରେ ଗୁରି ଛଅଟା ସିନେମା ବି ହଲରେ ଯାଇ ଦେଖୁଥିଲୁ । ଫାଷ୍ଟ କ୍ଲାସ ଟିକଟ ଦେଢଟଙ୍କା ଥିଲା ସେତେବେଳେ । ଭାତ ଡାଲି ତରକାରୀର ମିଲ୍ ଦୁଇଟଙ୍କାରେ ମିଳି ଯାଉଥିଲା । ଦୁଇଟା ଅଣ୍ଡାର ଝୋଳ ଟଙ୍କାଏ, ହାପପ୍ଲେଟ ଆଠଣା । ଗୋଟେ ମଜାକଥା ଶୁଣିବ? ମଝିରେ ଥରେ ଆମ ମେସର ରୋଷେୟା ଦୁଇଦିନ ପାଇଁ କହି ଛୁଟିରେ ଗ୍ଲଲିଗଲା, ପୁରା ମାସେଯାଏ ତାର ଦେଖା ଦର୍ଶନ ନାହିଁ । ସେଇ ମାସ ଗୋଟାକଯାକ ଆମେ ଆମ କଲେଜ ପାଖରେଥିବା ଗୋଟିଏ ହୋଟେଲରେ ଖାଇଲୁ । ହୋଟେଲର ଗୋଟିଏ ପିଲା, ଯିଏ ମିଲ୍ ପରଶେ, ସେ ଆମକୁ ଗୋଟାଏ ପ୍ରସ୍ତାବ ଦେଲା । କହିଲା ବାବୁମାନେ, ତୁମେ ଯଦି ହାପ୍ ପ୍ଲେଟ ଅଣ୍ଡା କମ୍ବା ମଟନ ଅର୍ଡର କରିବୁ ତେବେ ମୁଁ ତୁମକୁ ପୁରାପ୍ଲେଟ ଦେଇଦେବ, କେହି କିଛି ଜାଣି ପାରିବେନ, ବିଲ ଡାକଲା ବେଳେ ମୁଁ ହାପପ୍ଲେଟର ହିସାବ ଲଗେଇ କହିଦେବି, ତୁମକୁ କମ୍ ପେମେଣ୍ଟ କରିବାକୁ ପଡିବ । ମାସ ଶେଷରେ ଆମେ ଦଶଜଣ ମିଶି ତାକୁ ଶହେଟଙ୍କା ତା ହାତଖର୍ଚ୍ଚ ଦେବୁ । ପ୍ରସ୍ତାବଟା ମନ୍ଦ ନଥିଲା । ମାତ୍ର ଦଶଟଙ୍କା ଅଧିକ ଦେଇ ମାସସାରା ଅଧାଦାମ୍ ରେ ଫୁଲ ପ୍ଲେଟ ମଟନ, ଚକେନ କ ଅଣ୍ଡାକରି ଖାଇବା କିଏ ଗ୍ଲହିଁବନ ? ଆମେ ଖୁସିରେ ହଁ କରିଦେଲୁ । ତା ପରଦିନ ଠାରୁ ପ୍ରତି ମିଲ୍ ରେ ଆମେ ଆଇଁଷ ଖାଇବା ଆରମ୍ଭ କରିଦେଲୁ । ମାସ ଶେଷରେ ତାକୁ ଶହେଟଙ୍କା ମଧ ଦେଇଦେଲୁ ସେ ଖୁସିଥିଲା ଆଉ ଆମେ ବି ।

ତା ପରେ ଆମେ ଯେତେବେଳେ ହିସାବକରି ବସିଲୁ, ମାସସାରା ପ୍ରତିଦିନ ଆଇଁଷ ଖାଇବାରେ କେତେ ଖର୍ଚ୍ଚହେଲା ବୋଲି, ସେ ହିସାବ ଦେଖି ଆମେ ମାସ ସାରା ଖାଇଥିବା ସବୁଯାକ ମଟନ, ଚକେନରୁ ଯେତିକି ରକ୍ତ ତିଆରି ହୋଇ ଆମ ଦେହରେ ମିଶି ନଥିଲା, ତାଠାରୁ ଅଧିକ ରକ୍ତ ସୁଖିଗଲା । ସମସ୍ତଙ୍କ ମୁହଁ ସେତା ପଡିଗଲା, ହୋଟେଲ ଖାଇବା ଖର୍ଚ୍ଚ ଜଣକା ତିନଶହ ଟଙ୍କାରୁ ଅଧିକ । ଯାହା ଆମର ମାସିକ ଖର୍ଚ୍ଚର ତିନଗୁଣାରୁ ଅଧିକ କେବଳ ଆମର ଖାଇବା ଖର୍ଚ୍ଚ । କଣ କହି ଘରୁ ଏତେ ଟଙ୍କା ମଗାଇବୁ ସମସ୍ତଙ୍କ ପାଇଁ ବଡ ଚନ୍ତାର ବିଷୟ ହୋଇ ଯାଇଥିଲା । ମୁଁ ଘରକୁ ଯାଇ ବଡ କଷ୍ଟରେ ମାଆକୁ ସବୁକଥା ବୁଝେଇ କହିଲି, ମାଆ ଟିକଏ ହସିଲା, କହିଲା ତୋର ଏ ଆଇଁଷ ଟକଳା ପ୍ରକୃତି ଏବେ କେତେ ଭରିପଡିଲା ବୁଝିଲୁତ । ମାଆ ଓକଲତି କରି ବାପାଙ୍କୁ କହି ଟଙ୍କା ଆଣିଥିଲା ମୋ

ପାଇଁ । କଲେଜ ଫେରିଲା ଦିନ ବାପା ମାଆଙ୍କୁ କହିଲେ ପୁଅକୁ ଟିକଏ ବୁଝେଇ ଦିଅ, 'ଏମିତି ଶସ୍ତାରେ, ସୁବିଧାରେ ମିଳୁଥିବା ଜିନଷ ପ୍ରତି ସାବଧାନ ରହିବ । ଯାହା କଛିବି କରିବ ନଜ ପଇସାର ଆଉ ନଜ କ୍ଷମତା ଭିତରେ ରହି ନଜର ସାମର୍ଥ୍ୟ ଅନୁଶାରେ କରିବ। ଯେତେ ଯାହା ମାଗଣାରେ ମିଳେ, ଆଉ ଆମେ ଖୁସିହୋଇ ନଜ ନଜ ମୁଣାରେ ଭରିନେଉ, ପ୍ରକୃତରେ ସେସବୁ ମାଗଣା ମିଳେନା, ପରେ ମଣିଷକୁ ତାପାଇଁ ବହୁତ ବଡ ମୂଲ୍ୟ ଦେବାକୁ ପଡିଥାଏ' ।

ସେବେଠାରୁ କାନଧରି ନୟମ କରିଥିଲି, ମାଗଣା ଲୋଭ ଚକରରେ କେବେବି ପଡିବିନ । ତା'ପର ମାସ ଠାରୁ ଦିନରେ ଦୁଇଟଙ୍କାର ସାଧା ମିଲ ଆଉ ରାତିରେ ଖାଇବାପାଇଁ, ହଷ୍ଟେଲ ସାମ୍ନାରେ ଗୋଟିଏ ପଞ୍ଜାବୀ ବୁଢା ଦୋକାନଥିଲା । ସେ ରାତିରେ ରୁଟି ଏବଂ ହରଡ ଡାଲି କରେ, ଜାଣିଚ ସେ ଡାଲି କେମିତି ଲାଗେ ? ଗାଆଁରେ ତ ଆମେ ସବୁବେଳେ ଦେଶୀ ଭଜା ହରଡ କ ମୁଗଡାଲି ଖାଉ, କନ୍ତୁ ସେ ପଞ୍ଜାବୀ ବୁଢା କାନପୁରୀ ହରଡ ଡାଲି ତିଆରିକରେ। ଡାଲି କଣ ତାକୁ ହଳଦିଆ ଡାଲିପାଣି କହିଲେ ଭୂଲ ହେବନ । ଆଠ ଦଶଟା ଡାଲି ଗିନାତଳେ ଜୁଳୁଜୁଳୁ କରି ଚାହିଁ ରହିଥିବେ, ଆଉ ସେଇ ଡାଲି ପାଣିରେ ପହଁରୁଥିବେ ଦୁଇ ତିନ ଖଣ୍ଡ ଲମ୍ବାକଟା ଆଳୁ । କନ୍ତୁ ସେଇ ଡାଲି ପାଣି ବି ଭୋକ ସମୟରେ ବଡ ସୁଆଦ ଲାଗୁଥିଲା । ଗୋଟିଏ ଟଙ୍କାରେ ଚାରିଟା ରୁଟି, ଗିନାଏ ଡାଲିପାଣି ଖଣ୍ଡେ କଟା ପିଆଜ ଆଉ ଗୋଟେ ବଡ କଞ୍ଚାଲଙ୍କା । ସେମିତି ସମୟ ଥିଲା ଆମର ପାଠପଢା ବେଳ, ଗାଆଁର ପିଲା ଆମେ ସହରକୁ ପଢିବାକୁ ଯାଉଥିଲୁ । କନ୍ତୁ ଆଜି ଆମ ପିଲାଏ ଛୋଟ ସହରରୁ ବଡ ସହରକୁ ପଢିବାକୁ ଯାଉଛନ୍ତି । ଆମେ ସାତ ଭାଇଭଉଣୀ ସ୍କୁଲ କଲେଜରେ ପଢୁଥିଲୁ ସେତେବେଳେ, ବାପାଙ୍କ ଉପରେ ବୋଝ ପଡିବ ବୋଲି ଖୁବ୍ ସାବଧାନ ରହୁଥିଲୁ । ବାପାଙ୍କର ସୀମିତ ରୋଜଗାରରେ ସେ କେତେ କଷ୍ଟରେ ସବୁକଛି ମ୍ୟାନେଜ କରୁଥିଲେ ଆମକୁ ଜଣାଥିଲା । ଆମେ ଟଙ୍କାଏ ମଧ ବାଜେଖର୍ଚ୍ଚ କରିବାକୁ ଦଶଥର ଭାବୁଥିଲୁ । କନ୍ତୁ ଆଜି ଛୋଟ ପରିବାର, ପିଲାଙ୍କୁ ଲାଗୁଛି ବାପା ଏତେ ଦରମା ପାଉଛନ୍ତି କଣ କରିବେ ଏତେ ଟଙ୍କା ? ବିଚରା ବାପା ସତେ ଯେମିତି ଟଙ୍କାର ଗଛଟାଏ, ଯେତେଥର ହଲେଇବ ସେତେଥର ଟଙ୍କା ଗଳପଡିବ । ବଡଲୋକ ଦେଖେଇ ହେବା କେତେ ମହଙ୍ଗା ପଡୁଛି ସେକଥା କଣ ପିଲାଏ ବୁଝୁଛନ୍ତି ?

ସୁରମା କଥାକାଟି କହିଲେ, ହଁ ଗଲାଣି ସେକାଳ ପଖାଳ, ଆଜି ସବୁକଛି କେତେ ମହଙ୍ଗା ହୋଇଗଲାଣି । ଆଜି ପ୍ଲେ ସ୍କୁଲରେ ପିଲାଙ୍କୁ ଆଡମିଶନ କରେଇବାକୁ ପଚାଶହଜାର ଲାଗୁଛି, ତା ଉପରେ ମାସକୁ ଦୁଇ, ଚାରି ହଜାର ଟଙ୍କା ଫିସ ସବୁ ମାସରେ । ଲୋକଙ୍କର ରୋଜଗାର, ତମର ଦରମାବି ତ ବଢୁଛି । କିନ୍ତୁ ମୁଁ ସୁବୋଧ କଥା ଭାବୁଛି ତା ଫୋନ କଥା ଶୁଣି ମୋତେ ମଧ ଚିନ୍ତା ହୋଇଗଲାଣି । ଭୁବନେଶ୍ୱର ପରି ସହର, ସେଠାରେ କେତେ ଆଉର କେତେ ପ୍ରକାରର ପିଲା ସବୁ ଆସି ପାଠ ପଢୁଛନ୍ତି । ପୁଅ ଖରାପ ପିଲାଙ୍କ ସାଙ୍ଗରେ ମିଶୁନ ତ ? ସିଗାରେଟ କ ମଦ ପିଉନ ତ ? ପୁଣି କଣ ଟିକଏ ଭାବି ସୁରମା କହିଲେ, ମୋତେ ସେମିତି ଲାଗୁନ, ଗଲାଥର ଯେତେ ବେଳେ ସେ ଘରକୁ ଆସିଥିଲା ଏପରି କଛି ତ ମୁଁ ନୋଟିସ କରିନ । ରମାକାନ୍ତ ଟିକେ ବ୍ୟସ୍ତହୋଇ କହିଲେ, ଆଜିକାଲି କେତେ ପ୍ରକାରର ନଶା, ଡ୍ରଗସ୍ ସବୁ ରାସ୍ତାରେ ମିଳୁଛି, ପୁଅ ଯଦି କୁସଙ୍ଗରେ ମିଶି କଛି ଡ୍ରଗ ନେଉଥିବ ତାହେଲେ ତ ସତ୍ୟାନାଶ । ସୁରମା କହିଲେ ନା, ନା ମୋ ପୁଅ ସେମିତି କଛି କରୁନଥିବ, ମୋତେ ଯାହା ଲାଗୁଛି ବୋଧହୁଏ ପୁଅ ଆମର କାହା ପ୍ରେମରେ ପଡି ଗଲାଣି, କଛି ଗାର୍ଲ ଫ୍ରେଣ୍ଡ ଚକ୍କର ପରି ଲାଗୁଛି ।

ସେଦିନ ପଣ୍ଡାବାବୁଙ୍କ ମିସେସ୍ କହୁଥିଲେ, ମିଶ୍ରବାବୁଙ୍କ ପୁଅ, ତୁମେ ମିଶ୍ରବାବୁଙ୍କୁ ଜାଣିଛନା', ଆରେ, ସେ ଏବିସି ବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଅଛନ୍ତି । ପାଖ ବିଲଡିଙ୍ଗର ସେକେଣ୍ଡ ଫ୍ଲୋରରେ ରହନ୍ତି । ତାଙ୍କରି ପୁଅ ରଞ୍ଜନ ବାଙ୍ଗାଲୋରରେ ଇଞ୍ଜିନୟରିଂ କରୁଥିଲା । କୋଉ ଗୋଟେ ଝିଅର ପ୍ରେମରେ ପଡିଗଲା, ମାସକୁ ଏମିତି ପଚଶ ତିରିଶ ହଜାର ଟଙ୍କା ତା ପଛରେ ଉଡେଇଲା । ଚାରି ଛ ମାସ ଏମିତି ପ୍ରେମ ରହିଲା, ତାପରେ ଶେଷକୁ ସେ ଝିଅକୁ ମେଡିକାଲ କଲେଜର ଆଉ ଗୋଟେ ପୁଅ ସାଙ୍ଗରେ ପ୍ରେମ ହୋଇଗଲା । ମିଶ୍ରବାବୁଙ୍କ ପୁଅ ସାଙ୍ଗରେ କଟି କରିଦେଲା ସେ ଝିଅ । ରମାକାନ୍ତ ଟିକେ ହସି କହିଲେ ଆରେ କଟି ନୁହେଁ, ତାକୁ ବ୍ରେକଅପ୍ କହନ୍ତି, ଆଚ୍ଛା ତାପରେ କଣ ହେଲା । ସୁରମା ଟିକେ ରାଗିଯାଇ କହିଲେ, ସବୁବେଳେ କଥା ମଝିରେ କଛିନାକଛି କହିବା ତମର ଗୋଟେ ଖରାପ ଅଭ୍ୟାସ । ମୁଁ ଯେମିତି ଜାଣିନ ସେଇଟାକୁ ବ୍ରେକକ୍ କହନ୍ତି ବୋଲି- ହୁଁ, କହି ଚୁପ୍ ହୋଇଗଲେ । ରମାକାନ୍ତ ଟିକଏ ହସିଦେଇ କହିଲେ, ହଉ ବାବା ହେଲା, ମୋର ଭୁଲ ହୋଇଗଲା, ଏବେ କୁହ ତାପରେ କଣ ହେଲା । ସୁରମା କହିଲେ, ଆଉ ହେବ କଣ, ପୁଅ ହଷ୍ଟେଲ ଛାଡି ଘରକୁ ଚାଲି ଆସିଲା, ଖିଆ ନାହିଁ, ପିଆ ନାହିଁ କାହା ସାଙ୍ଗରେ କଥାବାର୍ତ୍ତା ନାହିଁ, ଦାଢି ବଢେଇ ପାଗଳାଙ୍କ ପରି ନିଜ ରୁମରେ କବାଟ ବନ୍ଦ କରି

ପଡିରହିଲା । ଦି'ଦିନ ଗଲା ଚାରିଦିନ ଗଲା ବାପା ମାଆ ଉଭୟେ ପୁଅକୁ ଏମିତି ଅବସ୍ଥାରେ ଦେଖି ବଡ ବ୍ୟସ୍ତ, ଯାହା ପଚାରିଲେ ପୁଅ କିଛି କହିଲାନି । ଆଉ କିଛି ବାଟ ନଦେଖି ଶେଷରେ ମିଶ୍ରବାବୁ ତାଙ୍କ ବଡଝିଅ ରଶ୍ମୀକୁ ଦିଲ୍ଲୀରୁ ଡକେଇ ପଠେଇଲେ ।

ଝିଅ ଜୋଇଁ ମିଶ୍ରବାବୁଙ୍କ ଠାରୁ ସବୁକଥା ଶୁଣି, ସେଇଦିନ ସଂଧ୍ୟାରେ ଫ୍ଲାଇଟରେ ଆସି ଘରେ ହାଜର । ଭାଇ ଭଉଣୀ ଦୁଇଜଣ ବସି କଥାହେଲେ, ଭଉଣୀ ଯେତେବେଳେ ପଚାରିଲା କଣ ହେଇଛି କହ, କିଛି କହିଲେ ସିନା ଯାହାକିଛି କରିବା, ଏମିତି ଚୁପଚାପ୍ ରହିଲେ କଣ ସବୁ ଠିକ୍ ଠାକ୍ ହେଇଯିବ ? ରଶ୍ମୀର କଥାଶୁଣି, ରଞ୍ଜନ ଆଉ ନିଜର ଭଙ୍ଗାହୃଦୟକୁ ସମ୍ଭାଳି ପାରିଲାନି । ଭଉଣୀ କାନ୍ଧରେ ମୁଣ୍ଡରଖି ଭେ ଭେ ହୋଇ କାନ୍ଦିଉଠିଲା। ସବୁକଥା ମୂଳରୁ ଶେଷଯାଏ ଗୋଟି ଗୋଟିକରି ରଶ୍ମି ଆଗରେ କହିଗଲା । ଭଉଣୀ ଭେଣେଇ ତାକୁ ବହୁତ ବୁଝେଇ ସୁଝେଇ ସାଙ୍ଗରେ ଦିଲ୍ଲୀ ନେଇଗଲେ । ଏବେ ବାଙ୍ଗାଲୋରରୁ ନାଆଁ କଟେଇ ସେ ଦିଲ୍ଲୀରେ ପଢୁଛି । ବୁଝିଲ, ସେଇଥି ପାଇଁ ମତେ ଡର ଲାଗୁଛି । ଆଜିକାଲିକା ପୁଅ ଝିଅଙ୍କର କିଛି ଭରସା ନାହିଁ । ପ୍ରେମ ଏମାନଙ୍କ ପାଇଁ ସତେ ଯେମିତି ଗୋଟେ ଟାଇମପାଶ ଖେଳ । ରମାକାନ୍ତ ଟିକେ ସିରିୟସ ହୋଇ କହିଲେ, ନାହିଁ କଥାଟା ସେମିତି ନୁହେଁ, ଆଜି କାଲିକା ପିଲା ଟିକେ ବେଶି ଆଡଭାନ୍ସ । ଏଇ ବୟସରେ ସବୁ ପୁଅ ଝିଅ ପ୍ରେମ କରନ୍ତି, ପୁଅକୁ ଯଦି କାହା ସାଙ୍ଗରେ ପ୍ରେମ ହୋଇ ଯାଇଛି, ସେଇଟା କିଛି ଖରାପ କଥା ନୁହେଁ । କିନ୍ତୁ, କେବଳ ଏତିକି ଡର, ସୁବୋଧ ପ୍ରେମ କରୁକରୁ ଦେବଦାସ ହୋଇ ନଯାଉ । କାଲି ତୁମେ ତା ସାଙ୍ଗରେ କଥାହୁଅ, ମୋତେ ସିନା କିଛି କହେନି, କିନ୍ତୁ ତୁମ ସହିତ ସେ ବହୁତ ଫ୍ରି ଫିଲ୍ କରେ । ମୋତେ ଲାଗୁଛି ତୁମକୁ ସବୁ ସତ କହିଦେବ । ନହେଲେ ତାକୁ ଘରକୁ ଡକାଅ, ଆମେ ଏକାଠି ବସି ସବୁକଥା କ୍ଲିୟର କରିନେବା । ଆମେ ବାପା ମାଆ ପିଲାଙ୍କୁ ଜନ୍ମ ଦେଇଛେ, ଆମେ କଣ ତାଙ୍କର ଖରାପ ଚାହିଁବା ? ଆମେତ ଚାହୁଁଛେ ସେ ଖୁସିରେ ରହୁ କେବେ ବି କିଛି ଅସୁବିଧାର ନପଡୁ । ହେଲେ ପିଲାଏ କଣ ସେକଥା ଭାବୁଛନ୍ତି ? ସେମାନଙ୍କୁ ତ ଲାଗୁଛି ସେମାନେ ସବୁ ବଡ ହୋଇଗଲେଣି, ନିଜ ପ୍ରୋବ୍ଲେମ ସେମାନେ ନିଜେ ସମାଧାନ କରିପାରିବେ । କିନ୍ତୁ କିଏ ବୁଝେଇବ ସେମାନଙ୍କୁ ଯେ 'ମାଆ ବାପାଙ୍କ ପାଇଁ ତାଙ୍କ ପିଲାଏ କେବେବି ବଡ ହୁଅନ୍ତି ନାହିଁ ।'

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ହେ ଜୀବନ



ସଂଯୁକ୍ତା ମହାପାତ୍ର

ହେ ଜୀବନ,
ଟିକେ ଆସ, ମୋ ପାଖେ ଦଣ୍ଡେ ବସ,
ଦି ଘଡି ସୁଖ, ଦୁଃଖ ହେବା ।
କଛି ମୁଁ କହିବି, କଛି ତୁମ କହିବ,
ଏଇ କୁହା ଶୁଣାରେ,
ମନ ଟିକେ ହାଲୁକା ହୋଇଯିବ ।

ତୁମ ସାଥେ ଗ୍ଭଲୁ ଗ୍ଭଲୁ,
କେତେ ଲୋକ, କେତେ କଥା,
ଏଇ ଚଲା ପଥେ ସାଙ୍ଗରେ ଆସିଲେ,
କଛି ସାଥେ ରହିଗଲେ,
ଆଉ କଛି ଅଧା ବାଟେ,
ବାଟ ଭଙ୍ଗି ଗ୍ଭଲିଗଲେ ।

ଯିଏ ଗଲା ଆଉ ଯାହା ନମିଳଲା,
ତା ପାଇଁ, ଲୁହ ତ ଆସିଛି ଆଖିରେ ।
ହେଲେ, କେବେ ଅଭିଯୋଗ କରିନ କାପାଖେ
ଅଭିମାନ କରିନ ବି କେବେ ।
ହେ ଜୀବନ, ତୁମେଇ ତ ଏକା
ସବୁ ଠାରୁ ଅନ୍ତରଙ୍ଗ ମୋର,

ତୁମ କାନ୍ଧେ ମଥା ରଖି କାନ୍ଦି ତ ପାରିବି !
ମୋ ଦୁଃଖ ତୁମକୁ କହିବିନି ତ
ଆଉ କା' ଆଗେ କହିବି ?

ହେ ଜୀବନ, ବେଳେ ବେଳେ
ମନ ହଜିଯାଏ ଭାବନାରେ,
ଯାହା କଛି ଦେଇଅଛ ତୁମେ
ସେତିକ ବି ମିଳନ କାହାକୁ,
ଯାହା କଛି ମିଳଅଛି ତୁମ ସଙ୍ଗତରେ
ଅନେକ ସନ୍ତୁଷ୍ଟି ମିଳଛି ମନରେ ।

ହେ ଜୀବନ ବହୁତ ଧନ୍ୟବାଦ !
ତୁମେ ସଦା ଅଛ ସାଥେ ମୋର,
ତୁମ ବିନା ଅବା କାହିଁ ଅସ୍ତିତ୍ୱ ମୋହର ?
ଯେବେ ତୁମେ ଯେବେ ଯିବାକୁ ଭାବିବ,
ମୋତେ ବି ତୁମ ସାଥି କରି ନେବ
ତୁମ ବିନା ମୋର କ କାମ ଆଉ ବାକ ?
ହେଲେ, ଗୋଟିଏ ବୀନତି,
ସାଥି ହୋଇ ଆମେ
ଏଇମିତି କଛି ଦେଇ ଯିବା
ଆମେ ଗଲା ପରେ,
ଆମ କଥା ଭାବି ଦେଲେ ଥରେ,
କାହା ଓଠେ ହସ ଟିକେ ଖେଳ ଯିବ,
ଅବା ନୟନରେ ଲୁହ ଟୋପେ ଆସି ଯିବ ।

ପଟିଆ, ଭୁବନେଶ୍ୱର

# ରୌପ୍ୟମୁଦ୍ରା

ମୂଳ ରଚନା (ବଙ୍ଗଳା):
ରକ୍ତିମ ଇସଲାମ
ଓଡିଆ ଭାଷାନ୍ତର:
ସନାତନ ମହାକୁଡ



ସନାତନ ମହାକୁଡ

ମୁଁ ଦାଗ ନୁହେଁ ଯେ ପୋଛି ଦେବ
ଏବଂ ଖାତାର ପୃଷ୍ଠା ନୁହେଁ ଯେ ଲେଖିଯିବ ।
ବର୍ତୀଖୁଣ୍ଟ ନ ହୋଇ ବି ଛିଡା ହୋଇଛି
ଶବ୍ଦ ପରେ ଶବ୍ଦ ସଜାଇ ଲେଖେ କବିତା ।
ବିଜ୍ଞାପନ ମାରିବେ ନାହିଁ – ବୁଝେ ଓ ମାନେ
କୁକୁର ପ୍ରତି ସାବଧାନ – ତାହା ।
ଦେଖିବୁ ଆଉ ଲୁଚ ଭଳ ଫୁଲିବୁ
ଏବଂ ବୁଝେ ମୁଁ ସିସି ଟିଭିର ନଜରରେ ।
କେବେ ଉପେକ୍ଷା କର ଆଉ ଭାଙ୍ଗ ଢେଉ
ଆଉ ସେ ସମୟେ ଘୃଣାରେ ଝୁଲେ ହୃଦୟ – ବୁଝେ ।
ବୋକା ପ୍ରେମିକ ଉପହାର ପଠାଏ ଗୋଲାପ
ଗୋଲାପର କଣ ଦୋଷ ଥାଏ, କହ !
ରୌପ୍ୟମୁଦ୍ରା ହରାଇଛି, ସଙ୍ଗେ ତାର ପ୍ରତିଭା
ଗୋଟେ ଦୁଇଟା ସକାଳ ସଙ୍ଗେ ଆଲୋକର ଠିକଣା, ତାହା.....

ବେରୁଆଁବାରୀ, ନୟାଗଡ, ଓଡିଶା

# ଶାଶ୍ୱତ ପ୍ରେମର ଗୀତି



ଅନାମ ଚରଣ ସାହୁ

ନିଜ ଶିଶୁଲାଗି ମାଆର ମମତା
ପ୍ରକୃତି ସଞ୍ଚରି ଥାଏ
ଅନାବିଳ ସ୍ନେହ ଶରଧା ସଉଧ
ସମର୍ପଣ ଗୀତି ଗାଏ।
ସରୋବରରେ କଇଁ ଗଗନେ ଅନାଇଁ
ଜହ୍ନ ମୁଖ ଚୁହିଁ ହସେ
ପ୍ରତିଦାନେ ଶଶୀ ଜୋଛନା ପରଶି
ସତ୍ୟ, ପ୍ରେମରାଗେ ଭାଷେ।
ସୂରୁଜ ଉଇଁଲେ ପଙ୍କଜ ବିକଶେ
କି କାଉଁରୀ ସ୍ପର୍ଶ ଲଭି
ସ୍ୱର୍ଗୀୟ ସୁନ୍ଦର ସଜ୍ଜଳ ସ୍ମୃତି ର
ନୟନେ ଭାସେ ତା ଛବି।
ମଳୟ ପରଶେ ପଲ୍ଲବ ହରଷେ
ପ୍ରୀତିରାଗେ ତୋଳେ ଛନ୍ଦ
ଧେନୁ ପଛେ ବତ୍ସା ମାତା କୋଳେ ଶିଶୁ
ପ୍ରକୃତି ଲଭେ ଆନନ୍ଦ।

ପ୍ରେମ ଅଟେ ସତ୍ୟ ଶାଶ୍ୱତ ଚନ୍ଦନ
ଚରନ୍ତନ ଦୁନଆରେ
ଦବାନବା ଭ୍ବ ସର୍ବଥା ଅଭ୍ବ
ମନେରଖ ଗୁଣୀ ବାରେ ।
ପ୍ରତ୍ୟାଶା ନରଖ଼ି ଗ୍ଲୁଥ଼ିବା ସଖୀ
ମନ ନ ଛୁଇଁବ ପାପ
ଶାଶ୍ୱତ ପ୍ରେମର ବିଶ୍ୱ ଗନ୍ତାଘର
ଆନନ୍ଦେ ବିଭୁଙ୍କୁ ଜପ ।

ବିଭୁତିପୁର, କାକଟପୁର, ପୁରୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ତମେ ହିଁ କେବଳ ତମେ



ମନୋଜ କୁମାର ପଣ୍ଡା

କ୍ଷଣିକ ପାଇଁ ଭୁଲି ପାରୁଥିଲେ ସିନା
ତମକୁ କହି ପାରନ୍ତି
ତମେ ମୋର ବେଶୀ ମନେପଡ
ମୋର ପ୍ରତି ଲକ୍ଷ୍ୟ ମୂଳରେ ତ ତମେମୟ
ଆକାଶରେ ଯେମିତି ଖୋଦି ହୋଇଯାଏ
କୋଟି କୋଟି ତାରା।
ତମେ ସବୁଦିନ ଦେବିଟିଏ ପରି ଦିଶୁଥାଅ।
ଅସୁଥାଅ ଜହ୍ନ ପାଲିଙ୍କି ରେ
ତମ ରସେ ରକ୍ତିମ ପାଦକୁ ଗୁପି
ମୋ ଧୂସର ଛାତିରେ
ଗ୍ଭଲୁଥାଅ ଗ୍ଭଜହଂସୀ ଗ୍ଭଲି।
ମୋ ମନ ଅଗଣାର ହୃଦ ଡାଳରେ ତମେତ
ସଦ୍ୟ ପ୍ରସ୍ଫୁଟିତ ରକ୍ତିମ ଗୋଲାପ ଟିଏ।
ତୁମକୁ ଆଉ ତୁମର ସେ ନୀଳ ଚକ୍ଷୁ
ମୋ ଆଶାର ଆକାଶ ତଳେ
ମୁଁ ତୁମକୁ ଦେଖୁଥାଏ ନିତି
ଏ ରକ୍ତ ମାଂସର ଶରୀର ଥିବା ଯାଏଁ କାଳ କାଳ।

ମୁଖ୍ୟ ସମ୍ପାଦକ, ସୂର୍ଯ୍ୟୋଦୟ ସାରସ୍ୱତ ପ୍ରତିଭା ପରିବାର

# ଲଳିତା



ଡକ୍ଟର ବିଜ୍ଞାନୀ ଦାସ

ସୁକାନ୍ତ ବାବୁଙ୍କ ମନ ଆଜିକାଲି ଭଲ ରହୁନ । ପିଲ୍ ଦୁଇଟି ତିରିଶି ବର୍ଷ ଲେଖାଏଁ ଟପିଲେଣି, ହେଲେ ଏପର୍ଯ୍ୟନ୍ତ କାହାର ବାହାଘର ହୋଇନ । ତାଙ୍କ ସାଙ୍ଗମାନଙ୍କର ପିଲ୍ମାନେ ପ୍ରାୟ ସମସ୍ତେ ବାହାସାହା ହୋଇ ଭଲରେ ଅଛନ୍ତି । ଏବେ କାହାର କାହାର ନାତିନାତୁଣୀ ମଧ ହେଲେଣି । ସୁକାନ୍ତ ବାବୁ ସେମାନଙ୍କର ବାହାଘର ସବୁରେ ଯୋଗଦେଇଛନ୍ତି । ଅନ୍ୟ ସାଙ୍ଗମାନେ ପଗ୍ଭରିଛନ୍ତି, "ଆଉ ଆପଣଙ୍କ ପିଲ୍ମାନଙ୍କ ଖବର କଣ ? କେମିତି ଅଛନ୍ତି ସେମାନେ ? କେବେ ବାହାଘର କରୁଛନ୍ତି ?"

ସୁକାନ୍ତ ବାବୁ ଉତ୍ତର ଦିଅନ୍ତି, "ସେମାନେ ତ ନିଜନିଜ କାମରେ ଖୁସି ଅଛନ୍ତି । ହେଲେ ଏପର୍ଯ୍ୟନ୍ତ ଜୀବନସାଥୀ ପାଇନାହାନ୍ତି । ଯେବେ ପାଇ ଖବରଦେବେ, ସେତେବେଳେ ଆପଣମାନଙ୍କୁ ଆମେ ଖବର ଦେବୁ ।"

କିଛି ସାଙ୍ଗ ସବୁ କେତେକେତେ ପଗ୍ଭମର୍ଶ ଦିଅନ୍ତି । କେଉଁକେଉଁ ସଂପର୍କୀୟ ମାନଙ୍କ ପିଲ୍ମାନଙ୍କ ସହିତ ଯୋଗାଯୋଗ କରାଇବାର ପ୍ରସ୍ତାବ ଦିଅନ୍ତି । ହେଲେ କେଉଁଠି ଏପର୍ଯ୍ୟନ୍ତ କିଛି ଠିକ୍ଠାକ୍ ହୋଇପାରିନ ।

ସୁକାନ୍ତ ବାବୁଙ୍କଠାରୁ ବଳି ସୁମିତ୍ରାଙ୍କ ଅବସ୍ଥା । ସିଏ ବି ପିଲ୍ମାନଙ୍କ ବାହାଘର ବିଷୟ ନେଇ ଅତ୍ୟନ୍ତ ମାନସିକ ଚିନ୍ତାରେ ରହୁଛନ୍ତି । ବିଶେଷତଃ ସାନ ଝିଅକୁ ଯେବେଠାରୁ ତିରିଶି ବର୍ଷ ହେଲ୍ଣି, ସେବେଠାରୁ ତାଙ୍କ ଚିନ୍ତା ଅଧିକ ବଢିଲ୍ଣି । ୨୦୧୭ ମସିହାର ମାର୍ଚ୍ଚମାସରେ ଦୋଳପୂର୍ଣ୍ଣମୀ ପରଦିନ ହଠାତ୍ ଓଡିଶାରୁ ଜଣେ ଫୋନ୍ କଲେ । ନିଜ ପରିଚୟ ଦେଇ କହିଲେ, "ମୁଁ ଅରୁନ୍ଧତୀ । ଆପଣଙ୍କ ହାଇସ୍କୁଲ୍ ଶିକ୍ଷୟିତ୍ରୀ ସୁନନ୍ଦା ମାଡାମ୍

ଆମର ବନ୍ଧୁବାନ୍ଧବ । ସିଏ ଆପଣଙ୍କ ବିଷୟରେ କହୁଥିଲେ ଯେ ଆପଣଙ୍କର ଦୁଇଟି ଝିଅ ଅଛନ୍ତି । ମୋ ପୁଅଟି ଏବେ ନିଉଜର୍ସୀରେ ଚାକରି କରୁଛି । ଆପଣଙ୍କ ଝିଅ ସହିତ ଯଦି ପ୍ରସ୍ତାବ କାମ କରନ୍ତା ।"

ସୁମିତ୍ରାଙ୍କୁ ଭଲ ଲାଗିଲା । ସିଏ ସେ ଅରୁନ୍ଧତୀଙ୍କ ପୁଅ ବିଷୟରେ ଟିକନିଖି ପଚାରିଲେ । ତାପରେ କହିଲେ, "ଠିକ୍ ଅଛି । ଆଜିକାଲିଆ ପିଲାମାନଙ୍କ ଉପରେ ତ ଆମର ନିୟନ୍ତ୍ରଣ ନାହିଁ ଯେ ଆମ ମନ ଇଚ୍ଛାରେ ବାଛି ସେମାନଙ୍କୁ ବାହା କରେଇଦେବା । ତାପରେ ଭାରତରେ ଓ ଆମେରିକାରେ ବଢିଥିବା ପିଲାମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଏଠି ଝିଅମାନେ ଅତ୍ୟନ୍ତ ସ୍ୱାଧୀନ । ଭାରତରେ ପୁଅମାନେ ନିଜ ପତ୍ନୀମାନଙ୍କ ଠାରୁ ଯେଉଁସବୁ ବ୍ୟବହାର ଆଶାକରନ୍ତି, ଏଠି ବଢୁଥିବା ଝିଅମାନଙ୍କଠାରୁ ସେସବୁ ପାଇବା ସ୍ୱପ୍ନ। ହେଲେ ଆମେମାନେ ଯୋଗସୂତ୍ର ତ ସ୍ଥାପନ କରାଇପାରିବା । ଆପଣ ଆପଣଙ୍କ ପୁଅର ଫୋନ୍ ନମ୍ବର୍ ଦିଅନ୍ତୁ । ମୁଁ ମୋ ଝିଅକୁ କହି ଦେଖେ ।"

ଅରୁନ୍ଧତୀଙ୍କର ପ୍ରସ୍ତାବ ବି ଥିଲା ନିଆରା । ତାଙ୍କ ପୁଅଟିର ଭିସା ଅସୁବିଧା ଥିଲା । ସିଏ ଭାବୁଥିଲେ ଯଦି କେହି ଆମେରିକାନ୍ ନାଗରିକଙ୍କ ସହିତ ତାଙ୍କ ପୁଅର ବାହାଘର ହୋଇଯାଆନ୍ତା, ତେବେ ସେ ଭିସା ସମସ୍ୟା ଦୂର ହୋଇଯାଆନ୍ତା ।

ବଡ ଝିଅର ବୟସ ସେ ପୁଅର ବୟସରୁ ଅଧିକ । ତେଣୁ କେବଳ ସାନଝିଅ ସହିତ ହିଁ ସେ ପ୍ରସ୍ତାବ ଲାଗିପାରିବ । ହେଲେ ସୁମିତ୍ରା ଯେତେବେଳେ ସାନ ଝିଅ ସହିତ ଏ ବିଷୟରେ କଥାହେଲେ, ସିଏ କହିଲା, "ମୁଁ ଭାରତରେ ବଢିଥିବା ପୁଅମାନଙ୍କୁ କେବେବି ବାହା ହେବିନି। ସେମାନେ ସ୍ତ୍ରୀ ମାନଙ୍କୁ ମାରନ୍ତି ।"

"ଇଏ କେମିତି କଥା କହୁଛୁ ? ସବୁ ଭାରତୀୟ ପୁଅ କଣ ପାଇଁ ସ୍ତ୍ରୀ ମାନଙ୍କୁ ମାରିବେ ? ତତେ ସେକଥା କିଏ କହିଲା ?"

"ମୁଁ ଜାଣିଛି ।"

ଏମିତି କରି ସେ ଝିଅ ଶୁଣିଲାନ । ସୁମିତ୍ରା ଆଉ କଣ କରିବେ ବୁଝିପାରିଲେନ । ଏମିତି ହୋଇ ଦିନ ଗଡିଗଡି ଗଲା । କେଉଁଠି କଛି ଜୁଟୁନଥିଲା ।

୨୦୧୮ ମସିହା, ଫେବୃଆରୀ ୧୪ ତାରିଖ । ଭ୍ୟାଲେଣ୍ଟାଇନ୍ସ୍ ଡେ । ବୁଧବାର ଥାଏ । ସୁକାନ୍ତ ବାବୁ ଓ ସୁମିତ୍ରା ଉଭୟ ଏ ଦିନଟି ଛୁଟି ନଅନ୍ତି ଓ ନୂଆନୂଆ ପ୍ରେମ କରୁଥିବା ଦଂପତିଙ୍କ ଭଳ ଜୋଡି ହୋଇ ସବୁ ସମୟ ବୁଲନ୍ତି, ରେଷ୍ଟୁରାଣ୍ଟରେ ଖାଆନ୍ତି, ସିନେମା ଦେଖନ୍ତି ଓ ପରସ୍ପରକୁ ଗୋଲାପ ଫୁଲ ଓ ଅନ୍ୟସବୁ ଉପହାର ଦିଅନ୍ତି । ଏଇଟା ସେମାନେ ଏଇଥିପାଇଁ କରନ୍ତି କାରଣ ସେମାନଙ୍କର ପ୍ରେମକରୁଥିବା ଦିନ ସବୁ ଅନେକ ଦୁଃଖ ଓ ଭୟରେ ବିତିଥିଲା । ସେମାନଙ୍କର ବିବାହ ବି ସେମିତି ସମାଜର ବିନା ସ୍ୱୀକୃତିରେ ହୋଇଥିଲା । ଏବେ ନଜ ପିଲାମାନେ କଲେଜ ଯିବାଦିନଠାରୁ ସେମାନେ ନଜ ମନତଳର ରହିଥିବା ଅପୂରଣ ଇଚ୍ଛା ସବୁକୁ ପୂର୍ଣ୍ଣ କରିବାକୁ ଚାହାନ୍ତି । ଜୀବନରେ ଯେଉଁ ରୋମାଞ୍ଚ ସବୁ ସ୍ୱପ୍ନ ହୋଇ ରହିଗଲା, ସେସବୁକୁ ପୂରଣ କରିବାର ଉଦ୍ୟମ କରନ୍ତି ।

ସେମାନେ ସେଦିନ କଲମ୍ବିଆର ଭାରତୀୟ ଭୋଜନାଳୟ, "ରୟାଲ୍ ତାଜ୍ ରେଷ୍ଟୁରାଣ୍ଟକୁ ଲଞ୍ଚ୍ ଖାଇବାକୁ ଗଲେ । ସେମାନଙ୍କ ପାଖ ଟେବୁଲରେ ସବୁ ଜୋଡିଜୋଡି ହୋଇ ବସିଥାନ୍ତି କେତେକେତେ ଦଂପତି । ସମସ୍ତେ ଭାରି ଖୁସି । ହେଲେ ସେମାନେ ସମସ୍ତେ ପ୍ରାୟତଃ ଯୁବକ-ଯୁବତୀ । ସେମାନଙ୍କୁ ଦେଖି ଉଭୟ ସୁକାନ୍ତ ବାବୁ ଓ ସୁମିତ୍ରାଙ୍କ ମନ ହଠାତ୍ ଦୁଃଖିତ ହୋଇଗଲା । ସେମାନଙ୍କର ଦୁଇଟି ଝିଅ ଏବେ ତିରିଶି ପାର ହେଲେଣି, ହେଲେ ଅବିବାହିତ ଅଛନ୍ତି । ସେଇକଥାଟା ଏବେ ସେମାନଙ୍କୁ ଭାରି ଦୁଃଖିତ କରାଉଛ । ତେବେ ସୁମିତ୍ରା କହିଲେ, "ହୋଉ ଛାଡ ସେକଥା, ଭଗବାନ ଚାହିଁଲେ ସବୁ ଠିକ୍ଠାକ୍ କରିଦେବେ।"

ସୁକାନ୍ତ କହିଲେ, "ଭଗବାନ କେବଳ ଏକା ସେକଥା କରିପାରିବେନ । ଏସବୁ ସଂପର୍କ ଘଟାଇବା ପାଇଁ ଲଳତା, ବିଶାଖାଙ୍କ ଭଳ ସଖୀ ମାନଙ୍କର ମଧ୍ୟ ଅନେକ ଭୂମିକା ରହିଛି ।"

ଏମିତି କଥା ପଡୁପଡୁ ନଜ ଜୀବନର ଅତୀତର ଦିନ କେଇଟା ଆଖି ଆଗରେ ଭାସି ଆସିଲା। ସୁକାନ୍ତ ପଚାରିଲେ, "ଆଚ୍ଛା,ସେ ଲଳତାଙ୍କ ସହିତ ତମର ଯୋଗାଯୋଗ ଅଛି ନା ନାହିଁ ?"

"ଲଳତା, କୋଉ ଲଳତା ? ମୋର ତ ସେମିତି କେହି ସାଙ୍ଗ ନଥିଲେ ।" - ସୁମିତ୍ରା ସତରେ ଆଶ୍ଚର୍ଯ୍ୟ ହୋଇଗଲେ ।

"ଆରେ ସେଇ ମ, ତମ ସାଙ୍ଗ । ଯିଏ ଆମ ଚୁପାଚୁପି ପ୍ରେମ କରିବା ସମୟରେ ଚଠିପତ୍ର ଦେବାନେବା କରୁଥିଲା । ତା' ନା ତ ଆମେ ଲଳତା ଦେଇଥିଲେ ନା । ମନେ ପଡୁଛି ।" - ସୁକାନ୍ତ କହିଲେ ।

ଏତେବେଳେ ମନେପଡିଲା ସୁମିତ୍ରାଙ୍କର । "ଆରେ ହଁ, ସବିତା କଥା ତମେ କହୁଛ । ନା, ତା' ସହିତ କଛି ଯୋଗାଯୋଗ ନାହିଁ । ହେଲେ ହଁ, ସତକଥା । ସିଏ ନଥିଲେ ଆମର ବାହାଘର ତ ହୋଇନଥାନ୍ତା ।"

ଏବେ ସବୁ ସ୍ମୃତି ମନ ଭିତରକୁ ଆସୁଥିଲା । କେତେ କଠିନ ଗାଁ ଗହଳରେ ରହି ହାଇସ୍କୁଲ୍‌ରୁ ପ୍ରେମ କରିବା । ସୁକାନ୍ତ ଆସୁଥିଲେ ସୁମିତ୍ରାଙ୍କ ଗାଁକୁ, ତାଙ୍କ ମାମୁଁଘର ସେ ଗାଁରେ । ସେଠି କେମିତି କେଜାଣି ସୁମିତ୍ରାଙ୍କୁ ପ୍ରଥମେ ଦେଖାରେ ଭଲପାଇ ବସିଥିଲେ । ହେଲେ କହିପାରୁନଥିଲେ । ସଙ୍କୋଚ ରହିଥିଲା, ଭୟ ବି ଥିଲା । କାଳେ ଫଳାଫଳ ଭୟାବହ ହେବ । ସେତେବେଳେ ସୁମିତ୍ରା ଓ ସବିତା ସବୁବେଳେ ସାଙ୍ଗ ହେଉଥିଲେ । ସୁମିତ୍ରା ବି ସୁକାନ୍ତଙ୍କୁ ଦେଖିଥିଲେ । ସୁକାନ୍ତ ତାଙ୍କୁ ଭଲ ଲାଗୁଥିଲେ । ହେଲେ ତାଙ୍କ ମନରେ ମଧ୍ୟ ସଙ୍କୋଚ ଥିଲା । କେମିତି କହିବେ । ତାପରେ ଫଳାଫଳ ମଧ୍ୟ ଭୟାବହ ହୋଇପାରେ । ସୁମିତ୍ରା ବ୍ରାହ୍ମଣ ଘର ଝିଅ ଓ ସୁକାନ୍ତ ଖଣ୍ଡାୟତ ପରିବାରର । ଏମିତି ଦିନେ ପୋଖରୀକୂଳରେ ଥରେ ଦୁଇ ସାଙ୍ଗ ବସି ଗପଶପ କରୁଥିବା ବେଳେ, ଲଳତା, ମାନେ ସବିତା ସୁମିତ୍ରାଙ୍କୁ ଦେଇଥିଲେ ସୁକାନ୍ତଙ୍କର ଚଠି । ଚଠିରେ କେବଳ ଦୁଇଧାଡି ଲେଖା ଥିଲା, "ତମ ସହିତ ଟିକେ କଥା ହେବି । ତମକୁ ମୁଁ ବହୁତ ଭଲପାଉଛି । - ସୁକାନ୍ତ ।"

"ଇଏ କ ଥଟ୍ଟା ?" - ରାଗିଥିଲା ସୁମିତ୍ରା ସବିତା ଉପରେ ।

"ଆରେ ସିଏ ତତେ ସତରେ ବହୁତ ଭଲପାଉଛି । ଟିକେ କଥା ହୋଇଗଲେ କଣ ହୋଇଯିବ ?"

"ତୋ ମୁଣ୍ଡ ଠିକ୍ ଅଛି ତ ? ବାପା ଆଉ ସାଆନ୍ତ ଜାଣିଲେ ମୋ ମୁଣ୍ଡ ଦିଗଡ କରିଦେବେ।" - ଡରି କହିଥିଲା ସୁମିତ୍ରା ।

"ସିଏ ଜାଣିଲେ ତ । ମୁଁ ଜଗିଥିବି । ଆମେ ସ୍କୁଲ୍ ପଛପଟେ ତାଙ୍କୁ ଦେଖା କରିପାରିବା । ତୁ ତାଙ୍କୁ ଖଣ୍ଡେ ଚଠି ଲେଖେ ।"

ଲଳତାର ସାହାଯ୍ୟରେ ସୁମିତ୍ରା ଓ ସୁକାନ୍ତଙ୍କ ପ୍ରେମ ଆରମ୍ଭ ହୋଇଥିଲା । ସୁକାନ୍ତ ତାପରେ କଲେଜ ଗଲେ । ସିଏ ଦୁଇଶ୍ରେଣୀ ଆଗରେ ଥିଲେ । ସେତେବେଳେ ସୁମିତ୍ରାଙ୍କର ଯେତେ ଚଠିପତ୍ର ସବୁ ସୁକାନ୍ତଙ୍କ ଠାରୁ ଆସୁଥିଲା, ସବୁ ସେଇ ସବିତାର ଠିକଣାରେ । ସୁମିତ୍ରା ହାଇସ୍କୁଲ୍ ସାରି କଟକରେ ଯାଇ କଲେଜରେ ପଢିଲେ । ହଷ୍ଟେଲରେ ରହୁଥିଲେ । ସବିତା ସେତେବେଳେ ତା' ମାଉସୀ ପାଖରେ ରହି ସେଇ ଏକା କଲେଜରେ ପଢୁଥିଲା । ସେତେବେଳେ ମଧ୍ୟ ସବୁ ଚଠିପତ୍ର ତାର ସବିତା ମାଧ୍ୟମରେ ଆସୁଥିଲା । କାରଣ ହଷ୍ଟେଲରେ ଚଠିପତ୍ର ବେଳେବେଳେ ଯାଞ୍ଚ ହେଉଥିଲା । ସୁକାନ୍ତ ଆମେରିକା ଗଲେ ଉଚ୍ଚଶିକ୍ଷା ପାଇଁ । ସେତେବେଳେ ସୁମିତ୍ରା ବାଣୀବିହାରରେ ପଢୁଥଲେ । ସବିତା ବି ସେ ସମୟରେ ହଷ୍ଟେଲରେ ରହୁଥିଲା । ସୁକାନ୍ତଙ୍କ ଚଠିପତ୍ର ପାଇବାରେ ଅନେକ ଅସୁବିଧା ହେଉଥିଲା । ହେଲେ ତାର ସମାଧାନ କରିଥିଲା ସବିତା । ତାର ଜଣେ ଭୁବେନଶ୍ୱରରେ ରହୁଥିବା ସାଙ୍ଗ ଘର ଠିକଣାରେ ସୁକାନ୍ତଙ୍କ ଚଠିପତ୍ର ସୁମିତ୍ରା ପାଖରେ ପହଞ୍ଚୁଥିଲା । ଆଉ ଯେତେବେଳେ ସୁମିତ୍ରା ଓ ସୁକାନ୍ତଙ୍କର ପ୍ରେମ ବିଷୟରେ ଜଣାପଡିଲା, ସେତେବେଳେ ସତେକ ବିସ୍ଫୋରଣ ଘଟିଗଲା । ହେଲେ ସବିତା ସେସବୁକୁ ସମ୍ଭାଳଥିଲା । ସୁକାନ୍ତ ଆମେରିକାରେ ପ୍ରଥମେ ଗ୍ରକରି ପାଇସାରି ତାଙ୍କ ପରିବାରକୁ ନ ଜଣେଇ ଓଡିଶା ଆସିଲେ। ସେମାନେ ପରିବାରର ସ୍ୱୀକୃତି ବିନା ସମସ୍ତଙ୍କ ଅଜାଣତରେ ଯାଇ ଗ୍ରାମ ମନ୍ଦିରରେ ବାହା ହୋଇପଡିଥିଲେ ଓ ବାହାଘର ରେଜେଷ୍ଟ୍ରି କରେଇଥିଲେ । ସବିତା ସାକ୍ଷୀ ହୋଇ ଦସ୍ତଖତ କରିଥିଲା । ତାପରେ ସୁମିତ୍ରାଙ୍କ ପାସପୋର୍ଟ, ଭିସା ସବୁ ଯୋଗାଡ କରି ତାଙ୍କୁ ଧରି ସୁକାନ୍ତ ଆସିଥିଲେ ଆମେରିକା । ଘରେ ଅନେକ ଦିନ ଧରି ମାନ, ଅଭିମାନ ଗ୍ଲିଥିଲା । ୬-୭

ବର୍ଷ ପର୍ଯ୍ୟନ୍ତ କଛି ଯୋଗାଯୋଗ ବି ନଥିଲା । ତାଙ୍କଠାରୁ ପାଞ୍ଚବର୍ଷ ସାନ ଭାଇ ବାବୁଲା ଯେତେବେଳେ ଚାକରି କରି ସ୍ୱାଧୀନ ହେଲା, ସିଏ ସବୁ ଯୋଗାଯୋଗ କରେଇଲା । ପରେ ସେସବୁ ଟିକେଟିକେ କୋହଳ ହେଲା । ହେଲେ, ସେଇ ଅବଶୋଷ ଯାହା ସେମାନଙ୍କ ମନରେ ରହିଯାଇଥିଲା, ସେମାନେ ସ୍ୱପ୍ନ ଦେଖିଥିଲେ ସେମାନଙ୍କର ଝିଅ ମାନଙ୍କର ବାହାଘର ବଡ ଧୁମ୍‌ଧାମରେ କରି ପୂରଣ କରିବେ । ହେଲେ ସେ ସ୍ୱପ୍ନ ଆଜି ପର୍ଯ୍ୟନ୍ତ ସ୍ୱପ୍ନ ହୋଇ ରହିଗଲା ।

ସେଇ ଲଳତା କଥା ମନେ ପଡିଗଲା ପରେ, କେମିତି ଏକ ଖୁସିର ପ୍ରବାହ ଉଭୟ ସୁକାନ୍ତ ଓ ସୁମିତ୍ରାଙ୍କ ମନରେ ଖେଳଗଲା । ସୁମିତ୍ରା କହିଲେ, "ମୁଁ ତା'ର କଛି ଖୋଜଖବର ରଖିନ ସତ, ହେଲେ ବାବୁଲାକୁ ପଚାରି ତା' ଫୋନ୍ ନମ୍ବର୍ ପାଇଯିବି ।" ସେଦିନ ରାତିରେ ବାବୁଲାକୁ ଫୋନ୍ କରି ସୁମିତ୍ରା ସବିତା ବିଷୟରେ ପଚାରିଲେ । ବାବୁଲା ଏବେ ମୁମ୍ବାଇରେ ରହେ । ସିଏ ସବିତାର ଫୋନ୍ ସଂଗ୍ରହ କରି ତା' ପରଦିନ ପଠେଇଲା ।

ସବିତା ଏତେଦିନ ପରେ ସୁମିତ୍ରାଙ୍କର ଫୋନ୍ ପାଇ ବିଶ୍ୱାସ ବି କରିପାରିଲାନ । ହେଲେ ପ୍ରଥମେ ଯେତେବେଳେ ସବିତାର ଝିଅ ଫୋନ୍ ଧରିଥିଲା, ସୁମିତ୍ରା ପଚାରିଥିଲେ, "ଟିକେ ଲଳତାଙ୍କ ସହିତ କଥା ହୋଇପାରିବି ।" ସବିତାର ଝିଅ ଫୋନ୍ ରଖିଦେଇଥିଲା । ପୁଣି ଦ୍ୱିତୀୟ ଥର ପାଇଁ ଯେତେବେଳେ ଡାକଲେ, ଲଳତା ହିଁ ଫୋନ୍ ଧରିଲା । ପଚାରିଲା, "କାହାକୁ ଖୋଜୁଛନ୍ତି **?**" ସୁମିତ୍ରା କହିଥିଲେ, "ମୁଁ ସୁମିତ୍ରା ତ୍ରିପାଠୀ, ଆମେରିକାରୁ କହୁଛି । ଲଳତାଙ୍କର ଏଇ ନମ୍ବର ମୋତେ ମୋ ଭାଇ ସୌମେନ୍ଦ୍ର ତ୍ରିପାଠୀ ଦେଇଥିଲେ ।" ସେପଟୁ ସବିତା କହିଲା, "ଆବେ, ତୁ ସୁମିତ୍ରା । ସେଇକଥା କହୁନୁ । ମୋ ଝିଅ କହିଲା, କଏ ଭୁଲରେ ଡାକଦେଇଛି । କୋଉ ଲଳତାକୁ ଖୋଜୁଛି ।"

ସୁମିତ୍ରା କହିଲେ, "ତତେ ଆମେ ଲଳତା କହିକହି ତୋ ନଜ ନା ଟା ପାଟିରେ ଆସିବାକୁ ସମୟ ଲାଗୁଛି । କହ, କେମିତି ଅଛୁ **?**" ଲଳତା ସେପଟୁ କହିଲା, "ଭଲ ଅଛି । ଏବେ ଝିଅ ପାଖରେ ରହୁଛି । ତାର ଛୋଟଛୋଟ ଦୁଇଟି ପିଲା ତ । ସେମାନେ ଦୁଇଜଣ ଚାକରି କରୁଛନ୍ତି । ଆଉ ତୋର କେମିତି ମନେପଡିଗଲା **?**"

ସୁମିତ୍ରା କହିଲେ, "ଆମେ ଯେ ତତେ ଭୁଲିଯାଇଥିଲୁ ସେକଥା ନୁହେଁ ଲଳତା, ହେଲେ ଏ ପିଲାଛୁଆ, କାମ ଧନ୍ଦାରେ ମୁଣ୍ଡ ତ ନିଜ ମୁଣ୍ଡ ହୋଇ ରହେନି ନା । ଏବେ ପିଲାମାନେ ନିଜନିଜ ଜାଗାରେ । ତେଣୁ ଟିକେ ନିଶ୍ୱାସ ନେବାକୁ ବେଳ ମିଳୁଛି । ଏବେ ଭାଲେଣ୍ଟାଇନ୍ସ୍ ଡେ ଥିଲା ତ, ସୁକାନ୍ତଙ୍କର ହଠାତ୍ ତୋ କଥା ମନେପଡିଲା । ସେଇଠୁ ତ ବାବୁଲାକୁ ଲଗେଇ ତୋ ଫୋନ୍ ନମ୍ବର୍ ଆଣିଲି ।"

ସେପଟୁ ସବିତା ପଚାରିଲା, "ଆଚ୍ଛା, କାହିଁକି ଆମ ଶ୍ୟାମସୁନ୍ଦରଙ୍କର ଲଳତା କଥା ମନେପଡିଲା । ରାଇକିଶୋରୀଙ୍କୁ ତ ପାଇଗଲେ । ଏବେ କଣ ଦରକାର ? ଆଚ୍ଛା କହ, ତୋ ପିଲାମାନଙ୍କ ଖବର କଣ ?"

ସୁମିତ୍ରା ନିଜ ପିଲାମାନଙ୍କ ବିଷୟରେ ଗପିବା ପରେ, ଲଳତା କହିଲା, "ଏବେ ଜାଣିଲି, ଶ୍ୟାମସୁନ୍ଦର ମୋ କଥା କାହିଁକି ମନେପକେଇଲେ । ଏବେ ଲଳତାର ଆବଶ୍ୟକତା ପଡିଲା । ଜମା ଚିନ୍ତା କରନା, ମତେ ଖାଲି ତୋ ଝିଅମାନଙ୍କ ଫଟୋ ପଠା ଓ ତାଙ୍କ ଠିକଣା ଦେ । ମୁଁ ଯୋଗାଡ କରିଦେବି ।"

ସୁକାନ୍ତ ପାଖରେ ବସି ଶୁଣୁଥିଲେ । କହିଲେ, "ଲଳତା ଦେବୀ, ତମେ କଣ ସେ ଲଳତା ଭୂମିକାରେ ତଥାପି ଅଭିନୟ ଜାରି ରଖିଛ ନା କଣ ?"

ଲଳତା ସେପଟୁ କହିଲା, "ଆପଣଙ୍କଠାରୁ ତ ଆରମ୍ଭ ହୋଇଥିଲା ଭାଇ । ହେଲେ ବିଶ୍ୱାସ କରିପାରିବେନି, କୋଡିଏ କୋଡିଏଟା ବାହାଘର ମୁଁ ଜୁଟେଇ ସାରିଛି । ସେଥିରୁ କେତେ ପୁଣି ବିଦେଶରେ, ଅଷ୍ଟ୍ରେଲିଆରେ, ସାଉଦି ଆରବରେ, ଲଣ୍ଡନରେ, ଆମେରିକାରେ ।"

ସୁକାନ୍ତଙ୍କୁ ବଡ ମଜାଲାଗିଲା । ସିଏ ଥଟ୍ଟା କରି ପଚାରିଲେ, "ଆଚ୍ଛା, ଆମେରିକାରେ କାହା ବାହାଘର ଜୁଟେଇଛ ?"

ଲଳତା କହିଲା, "ଗୋଟିଏ ନୁହେଁ ଭାଇ, ଦୁଇଟା ବାହାଘର ଆମେରିକାରେ ଜୁଟେଇଛି । ଟେକ୍ସାସରେ ରହୁଛନ୍ତି ଅରବିନ୍ଦ ମିଶ୍ର, ତାଙ୍କ ଝିଅକୁ ମୋ ପୁଅର ଜଣେ ସାଙ୍ଗ ସହିତ

ଜୁଟେଇଦେଲି । ସେ ପିଲାଟି ବି ରହୁଛି ଆମେରିକାରେ । ଆଉ ମିନଆପୋଲିସରେ ରହୁଛନ୍ତି, ଆଦିତ୍ୟ ପଟେଲ୍ । ତାଙ୍କ ପୁଅ ସହିତ ଜୁଟେଇଲି ମୋ ଭଣିଜୀକୁ । ମୋ ନଣନ୍ଦ ତ ରୁହନ୍ତି ନା ସେଠି ।"

ସୁମିତ୍ରାଙ୍କୁ ବଡ ଅଜବ ଲାଗୁଥିଲା । ସବିତା କଥା ଏମିତି କହୁଛି, ଯେମିତି ସିଏ ନିଜେ ପ୍ରଜାପିତା । ସମସ୍ତଙ୍କ ଘଟସୂତ୍ର କରେଇବା ତାର ଗୋଟିଏ ଗୋଟିଏ ଆଙ୍ଗୁଳ ଗୁଳନାର ଖେଳ । ସିଏ ପଚାରିଲେ, "ଆଚ୍ଛା, ତୁ ଏସବୁ କେମିତି କରୁଛୁ ? ଆମେ ତ ଏତେଦିନ ହେବ ଖାଲି ଚିନ୍ତା କରିକରି ରହୁଛୁ । କିଛି କରିପାରୁନୁ । ତାପରେ ଆଜିକାଲିକା ପିଲା, ପୁଣି ବିଦେଶରେ ବଢିଥିବା ପିଲା, ସେମାନେ ଏ ଜୁଟାଜୁଟିକୁ ଗ୍ରହଣ କରୁଛନ୍ତି ?"

ଲଳିତା କହିଲା, "ବୁଝିଲୁ ନା ସୁମି, ତୁଟା ଗୋଟିଏ ଓଲି । ଖାଲି ରୂପଟା ପାଇଛୁ ଯାହା । ସାରାଜୀବନ ତ ଗ୍ରନ୍ଥକୀଟ ହୋଇ ରହିଲୁ । ମୁଁ କଣ ଜାଣିନି ଆଜିକାଲିଆ ପିଲାଙ୍କୁ । ସେମାନଙ୍କ ପସନ୍ଦ, ଅପସନ୍ଦକୁ ନେଇ ମୁଁ ଜୁଟୋଉଛି ନା ।"

ଉଭୟ ସୁକାନ୍ତ ଓ ସୁମିତ୍ରା ଚମତ୍କୃତ ହେଲେ । ଲଳିତାଙ୍କୁ କହିଲେ, "ହେଉ, ଦେଖେ ତ ଆମ ଝିଅମାନଙ୍କ ପାଇଁ ।"

ଲଳିତା କଣ ଚମତ୍କାର କଲା କେଜାଣି, ଆଠମାସ ଭିତରେ ବଡଝିଅର ବାହାଘର ଜୁଟିଗଲା। ସିଏ ରହୁଥିଲା ଟେକ୍ସାସର ଅଷ୍ଟିନ୍ ସହରରେ । ସେଠି ଲଳିତା ଜୁଆଁଇର ମାମୁଁ ରହୁଥିଲେ। ତାଙ୍କର ଜଣେ ସାଙ୍ଗଥିଲେ, ଯାହାଙ୍କର ଜଣେ ଅବିବାହିତ ପୁତ୍ର ଥିଲେ । ବଡଝିଅ ଡାକ୍ତରାଣୀ ଥିଲା । ସେ ପିଲା ବି ଡାକ୍ତର । ଲଳିତା କଣ ମନ୍ତ୍ର ଫୁଙ୍କିଦେଲା, ସେମାନେ ପରସ୍ପରକୁ ଭେଟିଲେ, କିଛିଦିନ ଡେଟିଙ୍ଗ୍ କଲେ ଓ ଶେଷରେ ବାହାହେବାପାଇଁ ନିଷ୍ପତ୍ତି ନେଲେ । ବିଶ୍ୱାସ ବି ହେଉନଥିଲା ଯେ ଏମିତି କିଛି ଘଟଣା ଘଟିପାରେ ।

ସୁକାନ୍ତ ଓ ସୁମିତ୍ରାଙ୍କର ଅନେକ ଆଗ୍ରହ ରହିଲା, ଲଳିତା ନିଶ୍ଚୟ ବାହାଘରକୁ ଆସିବ ଓ ତାଙ୍କ ଝିଅ ଓ ଜୁଆଁଇକୁ ଆଶୀର୍ବାଦ କରିବ ।

ଝିଅ, ଜୁଆଁଇ ମଧ୍ଧ ସେତେବେଳକୁ ଜାଣିନଥିଲେ ଯେ ସେମାନଙ୍କର ଯୋଗାଯୋଗର ମୂଳରେ ଏମିତି ଜଣେ ଲଳତାଙ୍କର ହାତ ଅଛି ବୋଲି । ଯେତେବେଳେ ରିସେପ୍ସନରେ କଥା ସୁକାନ୍ତ ବାବୁ ସମସ୍ତଙ୍କୁ ଜଣେଇଲେ ଓ ଲଳତାଙ୍କୁ ଧନ୍ୟବାଦ ଦେଲେ, ସେତେବେଳେ ସମସ୍ତ ଅତିଥି ସ୍ତବ୍ଧ ହୋଇ ଗ୍ଚହିଁ ରହିଥିଲେ ।

ଆମେରିକାରେ ବଢ଼ିଥିବା ସମସ୍ତ ପିଲ୍ମାନେ ତ ପାଟି ଆଁ କରି ରହିଗଲେ । "ଆଣ୍ଟି ତ ଜଣେ ହ୍ୟୁମାନ୍ ଡେଟିଙ୍ଗ୍ ଆପ୍" - ସେମାନେ କୁହାକୁହି ହେଉଥିଲେ । ଲଳତା ବି ବଡ ମଜ୍ଜା ନେଉଥିଲ୍ । ଝିଅମାନଙ୍କୁ କହିଲ୍, "ଜାଣିଲ, ତମ ବାପା, ମା'ଙ୍କର ଯୋଗାଯୋଗ ବି ମୁଁ କରେଇଛି । ପଗ୍ଚର ସେମାନଙ୍କୁ ।" ତାପରେ ସାନଝିଅକୁ କହିଲ୍, "ତୋର କଣ, କଭଳ ସ୍ୱାମୀ ଦରକାର, କହିଦେ ମତେ । ଦେଖିବୁ କେମିତି ଚମତ୍କାର କରିଦେବି ।"

ସାନଝିଅ ଆମୋଦିତ ହୋଇ ପଗ୍ଚରିଲ୍, "ଆଉ ମୁଁ ଯଦି ବାହାହେବାକୁ ନ ଗ୍ଚହେଁ ?"

"ଗ୍ଚହିଁବୁନ କେମିତି ? ଜବରଦସ୍ତ ଗ୍ଚହିଁବୁ । ସେ ସମୟ ଆସିଲେ, ମନ ଆପେଆପେ ଟାଣି ହୋଇ ଏମିତି ବାଟରେ ଗ୍ଚଲିବ ଯେ, ଯେତେ ଅଟକେଇଲେ ବି ଅଟକ ରହିପାରିବୁନ ।" - ଲଳତା ବି ଗ୍ଚଲେଞ୍ଜ୍ ଦେଇ କହୁଥିଲ୍ ।

ଲଳତା ତାପରେ ଯେତେଦିନ ସୁକାନ୍ତ ଓ ସୁମିତ୍ରାଙ୍କ ସହିତ ରହିଥିଲ୍, ସବୁଦିନ କେତେକେତେ ଫୋନ୍ ଆସୁଥିଲ୍ । କଏ ଅନୁରୋଧ କରି କହୁଥିଲ୍, "ଲଳତା ଦେବୀ, ଆମ ପିଲ୍ ପାଇଁ ଟିକେ ଜୁଟେଇ ଦିଅନ୍ତୁ ନା ।" କେହିକେହି ପଗ୍ଚରୁଥିଲେ, "ଆପଣଙ୍କ ଫିସ୍ କେତେ ?"

ରଦରେ୍ଫାର୍ଡ ୱେ, ଡେଟନ୍, ମେରୀଲ୍ୟାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଆଜିର କବିତାଟିଏ



ରୋହିତ ସେଠୀ

ହେ ତ୍ରିକାଳଜ୍ଞ ଦ୍ୱିତୀୟ ବ୍ରହ୍ମା
ଲେଖନୀକୁ ଧରି କରେ,
କଳ୍ପନା ରାଇଜେ ଯାହା ସବୁ ଅଛି
ରୂପ ଦିଅ କବିତାରେ ।୧।

ଚର ସୌନ୍ଦର୍ଯ୍ୟର ରୂପକାର ତୁମେ
ଭାବନାରେ ଆଙ୍କ ଛବି,
ଅତୀତ ଭବିଷ୍ୟ ବର୍ତ୍ତମାନର
କଥା ସବୁ ମନେ ଭାବି ।୨।

କାବ୍ୟ କବିତା ଚରନ୍ତନ ଗାଥା
ଅତୀତର ସ୍ମୃତି ଯେତେ
ତବ ଲେଖନୀର ପରଶ ପାଇଲେ
ପରାଣ ଲଭଇ ସତେ ।୩।

ସମାଜକୁ ଦିଏ ଦିଗ ଦର୍ଶନ
କବିତାର ପ୍ରତି ପଂକ୍ତି,
ଆଧ୍ୟାତ୍ମିକ କ୍ଷେତ୍ରେ ଅଗ୍ରସର କରେ
ଶିଖାଏ ସେ ଭାବ ଭକ୍ତି ।୪।

ଜ୍ଞାନ ବିଜ୍ଞାନ ସୃଷ୍ଟି ଦର୍ଶନର
ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଇ,
ତୁମ୍ଭ ହୃଦୟର ଗଭୀର ପ୍ରଦେଶେ
ଚରଦିନ ଛ'ନ୍ତି ରହି ।୫।

ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ
ଦିବ୍ୟ ପ୍ରେରଣା ଦିଏ,
ଧୈର୍ଯ୍ୟ ସାହସର ଉତ୍ସ ସେ ବୋଧେ
ଆଜିର କବିତାଟିଏ ।୬।

ଦୁତୀମେଣ୍ଡି (ମଲିକସାହି)
ଖଜୁରୀପଡା, କନ୍ଧମାଳ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କ'ଣ ତୁମେ ଏକା ସବୁ ମୋର ...?

ସର୍ମିଷ୍ଠା ଭଗ୍ସାଗର

କାହିଁକି କେ ଜାଣେ
ତୁମ କଥା ଆଜି ଖୁବ୍ ମନେ ପଡ଼ୁଛି,
ଅନ୍ତର ବେଦନା କେ ଜାଣିବ କୁହ
ସବୁ ମୁଁ ଗୁପ୍ତି ରଖିଛି ....।

ହସ ହସ ମୁହଁ ତୁମର ଆଜି ମୋ
ଆଖିରେ ନାଚ ବୁଲୁଛି,
ଦେଖିବାକୁ ଯେତେ ଗୁହିଁଲେ ମଧ୍ୟ ମୁଁ
ତୁମକୁ ନ ପାଉଛି ....।
କାହିଁକି କେ ଜାଣେ
ତୁମ କଥା ଆଜି ଖୁବ୍ ମନେ ପଡ଼ୁଛି ....।

କାହିଁକି କେ ଜାଣେ
ଅବୁଝା ଏ ମନ ମାନୁ ନାହିଁ ଯମା ମତେ,
ଲାଗୁଛି ଏମିତି ସତରେ ଯେମିତି
ପାଖରେ ଥାଇ ଦେଖା ଦେଉ ନାହିଁ ମତେ .....।

ଜାଣିଛ କ ତୁମେ

ଆଜିବି ଏ ପାଦ ବୁଲୁ ନାହିଁ କାହା ସାଥେ,

ଗୃହିଁଛି ଆଜିବି ତୁମରି ବାଟକୁ

ଫେରିବ କ ଏହି ପଥେ ....।

ଜାଣି ମୁଁ ପାରୁନ କାହିଁକ କେ ଜାଣେ

ଝରି ଯାଉଛି ଲୁହ ଧାର ଧାର,

ଜାଣା ମୁଁ ପାରୁନ କାହିଁକ

ଭୁଲି ଯାଉଛି ଘର ସଂସାର ....।

କ'ଣ ତୁମେ ଏକା ସବୁ ମୋର ....?

କ'ଣ ତୁମେ ଏକା ସବୁ ମୋର.....?

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ସାମ୍ପ୍ରତିକ କାଳେ ସଭ୍ୟତାର ଆଳେ ଭୂଲନାହିଁ ମାତୃଭାଷା



ସନ୍ତୋଷ ପଟ୍ଟନାୟକ

ଆସ ଆସ ମୋର ଭ୍ରାତୃ ଭଗ୍ନୀ ଗଣ ମନକୁ କରିବା ଟାଣ
ମାତୃଭାଷାଟିକୁ କରିବା ସମୃଦ୍ଧ ଦେଇ ଆମ ମନପ୍ରାଣ
କଳା ସଂସ୍କୃତି ରେ ଉତ୍କର୍ଷ ଅଟଇ ଆମରି ଉତ୍କଳ ଏଇ
ଶୋକ ସନ୍ତପରେ ଐତିହ୍ୟ ସୁମରେ କବି ସମ୍ରାଟର ଭୂଇଁ.....

ଉତ୍କଳ ଗୌରବ, ମଧୁବାରିଷ୍ଟର ତ୍ୟାଗପୁତଙ୍କର ଦାନ
ଶାସ୍ତ୍ରୀୟ ମାନ୍ୟତା ଲଭିଅଛି ସିନା ଚେତନା ପର୍ଣ ହୀନ
ସାମ୍ପ୍ରତିକ କାଳେ ସଭ୍ୟତାର ଆଳେ ଭୁଲନାହିଁ ମାତୃଭାଷା
ଗରବେ କୁହହେ ଓଡ଼ିଆ ପୁଅ ମୁଁ ଓଡ଼ିଆ ମୋ ମାତୃଭାଷା .....

ମାତାର ମମତା ହୃଦୟର ଭାଷା ରସଧାର୍ ମଧୁଭାଷା
ଯାହାର ପବନ ପ୍ରତି ନିଶ୍ୱାସରେ ପାଣି ଯା ଶୋଣିତେ ମିଶା
ସୁଗନ୍ଧ ସୁମନ ପ୍ରତି ଶବ୍ଦ ମାନ ଭକ୍ତିରସ କାବ୍ୟଧାର୍
ସୁରଭି ସାହିତ୍ୟେ ବୈଚିତ୍ର ମଣ୍ଡିତ କେବେ ପ୍ରେମରସ ଧାର୍....

ଜାଗ ଭାଷାପ୍ରେମୀ ଜାଗ ଭ୍ରାତା, ଭଗ୍ନୀ ଉଠରେ ପୁତା ତୁ ଉଠ
ଆନ ଯେତେ ଭାଷା ଶିଖୁଛ ଶିଖ ନିଜ ମାତୃଭାଷା ମହତ ରଖ

ତନ ମନ ଧ୍ୟାନ କରି ଏକାକାର ମନରେ ସଂକଳ୍ପ ଧର
ସୁଧି ଜ୍ଞାନୀ ଆଉ ଭ୍ରାତା-ଭଗ୍ନୀ ମିଶି ମାତୃଭାଷା ବନ୍ଦନା କର.....

ଜନ ମନର ଆଶା ଓ ସଂକଳ୍ପ ଏଇ ଜନ ମନର ଭାଷା
ଯୁଗପରେ ଯୁଗ ଜ୍ଞାନଧନ ବର୍ଷୁ ଏଇ ମୋର ମାତୃଭାଷା
ସ୍ଥିତି ଓ ସଂସ୍କୃତି ଐତିହ୍ୟ କୀରତି ସ୍ମର ତୁମେ ବାରମ୍ବାର
ପରଭାଷା ମୋହେ ମାତୃଭାଷା ଆମ କରନାହିଁ ହତାଦର.....

ବେଗୁନଆପଡା ବ୍ଲକ୍, ତିରିଡା, ଗଞ୍ଜାମ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନ୍ୟାୟର ପ୍ରତିକ୍ଷାରେ



ନିବେଦିତା ମହାପାତ୍ର

ଶୁଭ୍ର ତୁଷାରାଚ୍ଛନ୍ନ ସେଇ ଶୀତର ରାତିରେ
ନିସ୍ତବ୍ଧ ହୋଇଥିବା ରାଜପଥର ଛାତିରେ
ଯନ୍ତ୍ର ଚାଳିତ ଯାନର ଘର୍ଘର ନାଦରେ
ବହି ଯାଉଥିଲା ସମୟ ଗତି ଧୀରେଧୀରେ ॥ ୧
ନିର୍ଜନତାର ବକ୍ଷକୁ କରିଦେଇ ବିଦୀର୍ଣ୍ଣ
ଦାନବର ଅଟ୍ଟହାସ୍ୟରେ ଥରୁଥିଲା କର୍ଣ୍ଣ
ମୁହୂର୍ତ୍ତକେ ବଦଳିଗଲା ସବୁ ଚିହ୍ନ ବର୍ଣ୍ଣ
ନିରିମାଖୀର ସ୍ୱପ୍ନ ସବୁ ହେଲା ଜୀର୍ଣ୍ଣଶୀର୍ଣ୍ଣ ॥ ୨
ସରଳତାକୁ କରି ଯିଏ ନିଜ ଅଳଙ୍କାର
ବନ୍ଧୁଙ୍କ ସହ ଗଢିଥିଲା ସୁନ୍ଦର ସଂସାର
ନିମିଷକେ ତା' ଭାଗ୍ୟାକାଶେ ଘୋଟିଲା ଅନ୍ଧାର
ଆକାଂକ୍ଷିତ ପ୍ରତିଟି ଆଶା ହେଲା ଛାରଖାର ॥ ୩
ବିବେକ ପଣିଆକୁ ଜାଳି କାମନା ବହ୍ନିରେ
ବାସନା ସଜେଇ ହୃଦୟ ରଙ୍ଗ ମହଲରେ
ବର୍ବରତାର ସୀମା ଡେଇଁ ଗଲେ କ୍ଷଣିକରେ
ଚରିତାର୍ଥ କରିଲେ ଲାଲସାକୁ ପଲକରେ ॥ ୪
ନର ଦୈତ୍ୟ ତା' ତନୁକୁ କରି କ୍ଷତବିକ୍ଷତ
ଜୀବନକୁ କରିଦେଲା ଯନ୍ତ୍ରଣା ଜର୍ଜରିତ

ହୃଦୟ କଳ୍ପନା ସବୁ ହେଲା ଅନ୍ତର୍ହିତ
ସମାଜ ସମ୍ମୁଖେ ହୋଇଗଲା ସେ କଳଙ୍କିତ ॥୫
ନାରକୀୟ ପ୍ରତିହିଂସାର ପ୍ରତିରୋଧ କରି
ବାହାରିଲେ ଛାତ୍ର ହାତେ ମହମବତୀ ଧରି
ପହଞ୍ଚିଲେ ନ୍ୟାୟ ମନ୍ଦିରେ ମନେ ଆଶା ଭରି
ନ୍ୟାୟ ଦେବେ ନର୍ଭୟା ଦୋଷୀଙ୍କୁ ଦଣ୍ଡିତ କରି ॥୬
ଧର୍ମ ଦେବୀ ସାଜିଛନ୍ତି ସତେ କ ଦୃଷ୍ଟିହୀନ
ପ୍ରତିକ୍ଷାରେ ବିତିଯାଉଛି ବର୍ଷ, ମାସ, ଦିନ
ସ୍ୱାର୍ଥମେଧ ଯଜ୍ଞେ ସତ୍ୟ ଦିଅଇ ବଳଦାନ
ନ୍ୟାୟପାଳକା ଠାରୁ ଭରସା ହେଲାଣି ଛିନ୍ନ ॥୭
ବଦଳ ଯାଉଛି ତାରିଖ ସମୟ ଧାରରେ
ଦୁଷ୍କର୍ମ କରି ଦୋଷୀ ଏଠି ନିର୍ଦ୍ୱନ୍ଦ୍ୱରେ ଘୁରେ
ଛଳନା ରଙ୍ଗେ ରାଜକ୍ଷମା ଆବେଦନ କରେ
ଅତୃପ୍ତ ପୀଡିତାର ଆତ୍ମା ନ୍ୟାୟ ପାଇଁ ଝୁରେ ॥୮
ଅସତ୍ୟର ଚକ୍ରବ୍ୟୂହେ ସତ୍ୟ ଯାଇଛି ଫସି
ଆଇନର ଶକ୍ତ ପଞ୍ଝାରୁ ମିଛ ଯାଏ ଖସି
ଅଧର୍ମ କରେ ରାଜୁତି ଧର୍ମ ଆସନେ ବସି
ଅନ୍ୟାୟ ବିଗ୍ରର ପାଖେ ବିଶ୍ୱାସ ପାଏ ଫାଶି ॥୯
ଅଦିନରେ ଝରିଯାଏ କେତେ କୋମଳ ଲତା
ନର୍ଦ୍ଦୋଷରେ ଯାତନା ପୁଣି ସହୁଛି ଦୁହିତା
ନରାଶ କରେ ଦେଶର ନ୍ୟାୟିକ ଦୁର୍ବଳତା
ଲୌହ ଶୃଙ୍ଖଳେ ବନ୍ଧା ଆଜି ନାରୀ ସ୍ୱାଧିନତା ॥୧୦

ମୁକୁନ୍ଦ ମିଶ୍ର ନଗର,ପୁରୀ

# ସୁନ୍ଦରବନରେ ଯାତ୍ରା-୬



ଅଶୋକ ବିଶ୍ୱାଳ

ତପନ ତାଙ୍କ ମୁହଁକୁ ଅନାଇ ରହିଥିଲା । ଗାୟନବାବୁ ବୁଢା ହୋଇଗଲେଣି । ହାତ, ଦେହ ଥର ଥର ହେଉଛି । ଏତେ ବୟସରେ ତାଙ୍କୁ କଏ ଦୁଇଲକ୍ଷ ଟଙ୍କା ଦେବା ଅର୍ଥ ହେଉଛି ବୟସରେ ତାଙ୍କର ବହୁତ ନାମ ଥିବ । ସବୁ ଯାଗା ତାଙ୍କର ନଖ ଦର୍ପଣରେ ଥିବ । କିନ୍ତୁ ବୋଟରେ ଦିନ ଦିନ ଧରି ବସି ବୋଟ ଚଲାଇବା କିଛି ସାମାନ୍ୟ କଥା ନୁହେଁ । ଖାଲି ହୁଇଲ ଉପରେ ପେଟେଇପଡି ଜଣେ ବୋଟ ଚାଳକ ହୋଇପାରିବ ନାହିଁ । ବୋଟ ଚାଳକ ବା ଓସ୍ତାଦ ମାଝି ହେବା ପାଇଁ ଧୈର୍ଯ୍ୟ, ବିଚାରବୁଦ୍ଧିର ଆବଶ୍ୟକତା ଅଛି ।

"ଆଜିକାଲି ଖଲାସୀ ଟୋକାଗୁଡା ବୋଟକୁ ଠିକ ଭାବେ ସଫା ବି କରିପାରୁ ନାହାନ୍ତି କିନ୍ତୁ ବୋଟର ପ୍ରଥମ ଦିନରୁ ମାଝି ହେବାପାଇଁ ସ୍ୱପ୍ନ ଦେଖୁଛନ୍ତି ।"– ଗାୟନବାବୁ କହିଲେ । ଟୋକାଗୁଡା ସାଧାରଣତଃ ଖଲାସୀକାମରେ ନିଯୁକ୍ତ ହୁଅନ୍ତି । ଧୀରେ ବୋଟର ସବୁ କାମ ବୁଝନ୍ତି । ବୋଟ ବିଷୟରେ ଜ୍ଞାନ ହୁଏ । ବୋଟ ଚଳାଇବା ସାଧାରଣ ଲାଗିଲେ ମଧ୍ୟ ବୋଟକୁ ସୁଚାରୁରୂପେ ଚଲାଇବାକୁ ହେଲେ ବୋଟ ବିଷୟରେ ଆମୂଳଚୂଳ ଜ୍ଞାନ ହେବା ଆବଶ୍ୟକ ।

କଥାଟା ଏକଦମ ସତ । ମାଝିର ଦାୟିତ୍ୱ ସବୁଠାରୁ ବେଶୀ । ବୋଟର ସବୁ ଭଲ ମନ୍ଦ ମାଝିର ଦାୟିତ୍ୱ । ମାଲିକ କେଉଁ ଦୂରରେ ଅଛି । ମାଲିକକୁ ଲାଭ ଦେବାକୁ ପଡିବ । ମାଝିକୁ ସବୁ ମାଛଧରା ଯାଗା ଭଲଭାବରେ ଜଣା ହେବା ଆବଶ୍ୟକ । କେଉଁ ବେଳେ ଭଲ ମାଛ ମିଳିବେ ସେଇଟା ମାଝିକୁ ଭଲଭାବେ ଜଣା ହେବା ଆବଶ୍ୟକ । ମାଛରୁ ଭଲ ଉପାର୍ଜ୍ଜନ ହୁଏ । ଟୁରିଷ୍ଟକାମ ସବୁବେଳେ ମିଳେନା । ତା'ଛଡା ଯେତେ ଟୁରିଷ୍ଟ ବୋଟ ଅଛି ତା'ର କେତେ କେତେ ଗୁଣା ମାଛ ବୋଟ ବା ଡଙ୍ଗା ଅଛି । ଗାୟନବାବୁଙ୍କୁ ବଡ ବୋଟ ପାଇଁ ଲୋକେ ଯାଚୁଯାଚ ହେଉଥିଲେ ।

"ଭେକଟି ମାଛ ଦର ଆଜି ୬୦୦ ଟଙ୍କ କଲୋ ହେଲାଣି । ଚିଙ୍ଗୁଡି ତ ଦୁର୍ମୂଲ୍ୟ । ଏଣୁ ମାଝିର ଏତେ ମୂଲ୍ୟ ହେବାର କାରଣ ଅଛି ।"– ଗାୟନବାବୁ କହୁଥିଲେ ।

ତପନକୁ ମାଛ ଖାଇବା କଥା ଭଲଲାଗେ । ପାଓଲି ମଧ ପାଣି ଉପରେ କଥା ଶୁଣିଲେଣି ।

"ଆପଣ କେତେ ବଡ ମାଛ ଦେଖିଛନ୍ତି?"- ତପନ ପଚାରିଲା । କଲିକତାର ବଜାରରେ ଆଉ ବଡ ମାଛ ଆସୁନାହିଁ । ତପନର ମାଛ ଦେଖାମାଛ ବଜାରରେ ସୀମିତ । ଦଶ କଲୋର ମାଛ ଆଜି ଦେଖିବା ସ୍ୱପ୍ନ । ପାଓଲିଙ୍କୁ ମଧ ମାଛ ଭଲଲାଗେ । ଇଲିଶି, ଭେକଟି, ବାଗଦା ଚିଙ୍ଗୁଡି ଖାଇଲେ ପାଟିରୁ  ଲାଳ ମନକୁ ମନ ଗଡେ ।

"୨୬ କଲୋର ଭେକଟି ମାଛ ଧରା ହୋଇଥିଲା ।"– ଗାୟନବାବୁ ପାଣିକୁ ଅନାଇ କହିଲେ।

"ଏତେ ବଡ ମାଛ!"- ପାଓଲି ଏକ ଛୋଟ ଝିଅ ଭଳ କହୁଥିଲେ । ଏକ ଛୋଟ ଝିଅକୁ ସବୁକଥା ବେଶ ବଡ ଲାଗେ । ସବୁକଥାରେ ତା'କୁ ମଜା ଲାଗୁଥାଏ ।

"ଆଗରୁ ବଡ ମାଛ ମିଳୁଥିଲା । ଆଜିକାଲି ଆଉ ବଡ ମାଛ ପ୍ରାୟ ମିଳୁ ନାହାନ୍ତି । କେବେ କେମିତି ଦଶ କଲୋରୁ ଅଧିକା ମାଛ ମିଳଯାଉଛନ୍ତି ।"– ଗାୟନବାବୁ କହିଲେ ।

"ଏ ନଦୀରେ କ କ ମାଛ ଅଛନ୍ତି?"- ତପନ ପଚାରିଲା ।

"ଡଲଫିନ ବା ଶିଶୁମାର । ସେଗୁଡାକ ବଡ ସୁନ୍ଦର ଲାଗନ୍ତି । ଉଠୁଥିବେ ବୁଡୁଥିବେ । ସତେ ଯେମିତି ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।"- ପାଓଲି ଗାୟନବାବୁଙ୍କୁ ଅପେକ୍ଷା ନକରି କହିଲେ । ସେମାନେ ଏ ଯାତ୍ରାରେ ଡଲଫିନ ଦେଖିସାରିଲେଣି । ସେ ମାଛଗୁଡା କ ସୁନ୍ଦର ଭାବେ ପାଣିରେ ଲୁଚକାଳ ଖେଳୁଥାନ୍ତି । ଛୁଆମାନେ ଦୌଡୁ ଦୌଡୁ ଟିକଏ ଡେଇଁପଡିଲାଭଳ ସବୁବେଳେ ଉପରକୁ ହାଲୁକା ଡେଇଁବାକୁ ପ୍ରସ୍ତୁତ ହୋଇଥାଆନ୍ତି ।

"ନଦୀରେ ବାଳଆ ଆଉ ଚଉଳ ମାଛ ମିଳେନା?"- ତପନ ପଚାରିଲା । ଚଉଳ ଏକ ବିରଳ ସୁଆଦିଆ ମାଛ । ଚଉଡା ଓଜନଆ ଚଉଳମାଛର ସୁଆଦ ଭେକଟିକୁ କାଟିଦେବ । ଇଲିଶି କଥାଟା ଅବଶ୍ୟ ଅଲଗା । କନ୍ତୁ ଆଜିକାଲି ବଡ ଇଲିଶି ବା କେଉଁଠି ମିଳୁଛି? ବଡ ନଦୀରେ ଭଲ ଚଉଳ ମିଳୁଥିବା ଏତେ ପାଣି ।

"ସେଗୁଡାକ ମିଠାନଦୀର ମାଛ । ଲୁଣା ନଦୀର ମାଛ ନୁହଁନ୍ତି । ସୁନ୍ଦରବନରେ ବାଳଆ ଆଉ ଚଉଳ ମିଳନ୍ତିନି । ସୁନ୍ଦରବନର ପାଣିଯେ ଲୁଣିଆ ।"– ଗାୟନବାବୁ କହିଲେ ।

ଏକ ଡଙ୍ଗା ବୋଟ ଦେହରେ ପ୍ରାୟ ଘଷିହୋଇ ଆଗକୁ ଯାଉଥିଲା । କିଛି ଆଗରେ ଯେ ମହାସମୁଦ୍ର ଭଳ ପାଣି । ଏ ଲୋକଙ୍କର ସତରେ କଣ ଡର ନାହିଁ ? ସେମାନେ କଣ ସତରେ ସେ ପାଣିକୁ ମାଛ ଧରିବାକୁ ଯାଉଛନ୍ତି? ପାଓଲିଙ୍କୁ ସେ ଲୋକମାନଙ୍କପାଇଁ ଟିକଏ ଡର ଲାଗୁଥିଲା ।

ଡଙ୍ଗାଟା ଖୋଲା । ପାଲ ଲାଗିନ । ସେଥିରେ କିଛି ଲୋକଥିଲେ । ସେମାନେ ବହୁତ ଜୋରରେ ଆହୁଲା ମାରୁଥିଲେ । ଡଙ୍ଗାଟା ଇଞ୍ଜିନ ଡଙ୍ଗା ଭଳ ଜୋରରେ ସୁଆକାଟି ଆଗେଇ ଯାଉଥିଲା । ବେଶ ତାଳର ସହ ଆହୁଲାମର ଚାଲୁଥିଲା । ଏକାସଙ୍ଗରେ ୪ଟା ଆହୁଲା ପାଣିକୁ ଜୋରରେ ଠେଲି ଦେଉଥିଲା । ସେ ଲୋକମାନେ ଆଗକୁ ନଇଁ ଯାଉଥିଲେ ଆଉ ପାଣିକୁ ଜୋରରେ ଆହୁଲାରେ ଠେଲି ପଛୁଆ ହୋଇଯାଉଥିଲେ । ସେମାନଙ୍କ ଦେହର ମାଂସପେଶୀ ସବୁ ସ୍ପଷ୍ଟ ବାରି ହୋଇପଡୁଥିଲା ।

ବୋଟର ବର୍ତ୍ତମାନ ଚାଲିବା ଯାଗାର ସବୁଆଡେ ଛୋଟ ବଡ ଦ୍ୱୀପ, ପାଣି ଅପେକ୍ଷାକୃତ ଶାନ୍ତ। ଜୁଆର ଉଠିନ ଆଉ କେଇ ଘଣ୍ଟା ବିଳମ୍ବ ହେବ । ତଥାପିବି ସେମାନେ ଜୋରରେ ଚାଲିଯାଉଥିଲେ ।

"କୁଆଡେ ଯାଉଛ?"- ହାଲଦାରବାବୁ ପଚାରିଲା ।

"ସମୁଦ୍ରକୁ ।"- ମଝିରୁ ଏକ ବୟସ୍କ ବ୍ୟକ୍ତି କହି ଉଠିଲା ।

"ଏ ଡଙ୍ଗାରେ!"- ତପନକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସମୁଦ୍ରରେ ବଡ ଲହଡି । ଏମିତିଆ ଛୋଟ ଡଙ୍ଗା ନେଇ ସମୁଦ୍ରକୁ ଯିବା ବିପଦରେ ଭରା । ଡଙ୍ଗାଟା ଏକ ବଡ ଢେଉ ଆଘାତରେ ବୁଡି ଯାଇପାରେ ।

"କଣ ଅଛି । କିଛି ଅସୁବିଧା ନାହିଁ ।" – ଡଙ୍ଗା ମଝିରୁ ସେଇ ସ୍ୱର ଭାସିଆସିଲା ।

ତପନ ଲୋକମାନଙ୍କୁ ଅନାଇଲା । ମଝିରେ ଏକ ବୟସ୍କ ବ୍ୟକ୍ତି ବସିଛନ୍ତି । ନାକତଳେ ନଶ ଖିଅର ହୋଇଛନ୍ତି । ଗାଲରେ ଆଉ ଥୋଡିରେ ବେଶଲମ୍ବା ଧଳା ଦାଢୀ । ଗୋଟାଏ କଳା

ଦାଢ଼ୀ ନାହିଁ । ତାଙ୍କ ମୁଣ୍ଡ ପଛପଟେ ଆକାଶ ମିଶିଗଲାପରି ଲାଗୁଥିଲା । ମୁଣ୍ଡରେ ଛୋଟ ଛୋଟ ବାଳ । ଖାଲି ଦେହ। ଏକ ନୀଳ, ଧଳା ଚେକ ଲୁଙ୍ଗି ପିନ୍ଧିଛନ୍ତି ।

"ଦେଖୁନ ସେମାନେ ମଝି ସମୁଦ୍ରକୁ ଯାଇ ମାଛ ଧରିବେ ।"- ତପନ କହିଲା ।

"ଖୋଲା ସମୁଦ୍ରକୁ ଏମିତି ଡଙ୍ଗାରେ ଯିବେ! ଆମ ମାଝିତ ପୁରା ଡରି ଯାଇଥିଲା ।"- ତପନ ହାଲଦାରବାବୁଙ୍କୁ କହୁଥିଲା । ତା'ର କଥାଟା ଅବଶ୍ୟ ଡଙ୍ଗାର ଲୋକମାନେ ଶୁଣି ପାରି ନଥିବେ । ବୋଟଟା ଏକ ଚଡାରେ ଅଟକ ଯାଇଥିଲା ।କାତମାରି ବି ଠେଲି ହେଉନଥିଲା । ଇଞ୍ଜିନ ଚଲାଇବାରୁ ବୋଟ ବୁଲିଯାଇଥିଲା । ବେଶ କିଛି କସରତ କଲାପରେ ସେ ଚଡାରୁ ବୋଟକୁ ଗଭୀର ପାଣିକୁ ଆଣି ହୋଇଥିଲା । ଗାୟନବାବୁ ମଧ୍ୟ ଗୌତମକୁ ଠିକ କହିଥିଲେ। କିନ୍ତୁ ଏ ଲୋକାମନେ ଏକ ଖୋଲା ଡଙ୍ଗାରେ ସମୁଦ୍ରଭଳଆ ପାଣିକୁ ଯାଉଛନ୍ତି ।

ଗୌତମ ପାଖରେ ଠିଆହୋଇ ସେ ଲୋକମାନଙ୍କୁ ଅନାଇଥିଲା । ସେ ହେଉଛି ବୋଟର ମାଝି । ଗୌତମ ପାଣି ଭିତରେ ଲୁଚରହିଥିବା ଚଡାରେ ବେଶ ହଇରାଣ ହୋଇଥିଲା ।

"ନା ।"– ଗୌତମ ମୁହଁରେ ସାମାନ୍ୟ ହସ । ଗୌତମ ଏକ ପତଳା ଲୋକ । ଝରଖାଲିରେ ଘର । ଏ ବୋଟ ତା' ନିଜର । ଦେହରେ ଟିକିଏ ଚର୍ବି ନାହିଁ । ଅଣ୍ଟାରେ ଏକ ଲୁଙ୍ଗି । ଆଗରୁ ସେ ଯାତ୍ରୀଙ୍କ କଥା ଉପରେ କିଛି କହିନଥିଲା । ସାଧାରଣତଃ ବୋଟର କର୍ମଚ୍ଚାରୀମାନେ ଯାତ୍ରୀଙ୍କ କଥାରେ ମନଦେବା କଥା ନୁହେଁ । କିନ୍ତୁ ନା ଟା ତା' ମନକୁ ମନ ବାହାରି ଆସିଲା ।

"ଖୋଲା ସମୁଦ୍ରକୁ ତମ ଡଙ୍ଗା ନଯାଇପାରି ଫେରି ଆସିଲା ଆଉ ଏମାନେ ଭିତରକୁ ଯିବେ।"- ତପନ କହିଲା

ଗୌତମ ଟିକେ ହସିଲା । ତପନ ନଦୀ ଆଉ ସମୁଦ୍ର ବିଷୟରେ ଜାଣେ ବା କଣ? ଏ ନଦୀରେ କେତେ ପ୍ରକାର ଜୁଆର ଉଠେ । ପାଣିରେ ଭଉଁରି ବୁଲୁଥାଏ । ଉପୁଡି ପଡିଥିବା ଗଛ ପାଣିତଳେ ଅନେକ ସମୟରେ ବୁଡି ରହିଥାଏ । ଏ ସବୁ ତପନ ବା ଅନ୍ୟମାନେ କେବେ ଦେଖି ନଥିବେ । ସେମାନେ ବୁଝିପାରିବେନ । ନିଜ ଆଖିରେ ସୁନ୍ଦରବନକୁ ଆଉ ଟିକେ ବୁଝନ୍ତୁ ।

ସୁନ୍ଦରବନରେ କାଳବୈଶାଖୀ ବାତ୍ୟା ମୌସୁମୀର ଆରମ୍ଭ (ମାର୍ଚ୍ଚ-ଜୁନ) ମସିହାରେ ହୋଇଥାଏ । ଏହା ସୁନ୍ଦରବନରେ କେବେକେବେ ପ୍ରଳୟ କରିଥାଏ ଆଉ ଏମିତି ପାଗ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଗ୍ଭଲିପାରେ । ସୁନ୍ଦରବନର ପାଗକୁ ତିନ ମୁଖ୍ୟ ଭ୍ଭଗରେ ବିଭକ୍ତ କରାଯାଇପାରେ । ମୌସୁମୀର ଆରମ୍ଭ (ମାର୍ଚ୍ଚ-ଜୁନ), ମୌସୁମୀ (ଜୁଲାଇ-ଅକ୍ଟୋବର) ଆଉ ମୌସୁମୀର ପରବର୍ତ୍ତୀ ପାଗ (ନଭେମ୍ବର-ଫେବୃୟାରୀ) । ପ୍ରତି ସମୟର ପାଗ ଅନ୍ୟସମୟର ପାଗଠାରୁ ଭିନ୍ନ । ଜାନୁଆରୀ ଆଉ ଫେବୃୟାରୀ ମାସରେ ପାଗ ଭଲ ରହେ। ଏହି ସମୟରେ ପବନ ଉତ୍ତର ବା ଉତ୍ତର-ପୂର୍ବ ଭ୍ଭଗରୁ ବୋହିଥାଏ । ଏହି ସମୟରେ ପବନର ଗତି ଧୀର, ପ୍ରାୟ ୩.୫ କ.ମି ପ୍ରତି ଘଣ୍ଟା ଥାଏ । ଏହି ସମୟରେ ବାତାବରଣ ଶାନ୍ତ ରହେ ।

୨୦୦୯, ମେ ୨୫ ତାରିଖରେ ଆଇଲା ବାତ୍ୟା ସୁନ୍ଦରବନରେ ତାଣ୍ଡବଲୀଳା କରିଥିଲା । କାଳବୈଶାଖୀ ସମୟରେ ପବନର ଗତି ୧୦୦ କିଲୋମିଟର ପ୍ରତି ଘଣ୍ଟା ପର୍ଯ୍ୟନ୍ତ ହୋଇପାରେ । ଯଦି ଏହି ବାତ୍ୟାର ସମୟ ଜୁଆର ସମୟ ସହ ମେଳ ଖାଇଲା ତେବେ ୫ ମିଟରରୁ ଅଧିକା ଲହଡି ସୁନ୍ଦରବନର ପାଣିରେ ହୋଇଯାଏ । କିନ୍ତୁ ନଭେମ୍ବର, ଡିସେମ୍ବର ଆଉ ଜାନୁଆରୀ ମାସରେ ଲହଡିର ଆକାର ଅତି ଛୋଟ, ପ୍ରାୟ ୦.୨ ରୁ ୦.୩ ମିଟର ପର୍ଯ୍ୟନ୍ତ ହୁଏ ଆଉ ସୁନ୍ଦରବନର ପାଣି ଅନେକ ଯାଗାରେ ପୋଖରୀ ପାଣିଭଳି ଶାନ୍ତ ମନେହୁଏ । ଅପ୍ରେଲରୁ ଅଗଷ୍ଟ ମାସରେ ବଡ ବଡ ଲହଡି ଆରମ୍ଭ ହୁଏ । ଏହି ସମୟରେ ଲହଡି ସାଧାରଣତଃ ୨ ମିଟର ପର୍ଯ୍ୟନ୍ତ ହୁଏ ଆଉ ଏହି ଲହଡି କ୍ରମାଗତଭ୍ଭବେ ଉପକୂଳର କୂଳ କ୍ଷୟ କରିଗ୍ଭଲେ ।

"ଏମିତି ଢେଉରେ ବାଡେଇ ହୋଇ ଛୋଟ ଡଙ୍ଗାର ଲୋକମାନେ ନିଜକୁ କେମିତି ସମ୍ଭାଳୁଥିବେ? ଲୋକମାନେ ଅସୁସ୍ଥ ହୋଇପଡୁଥିବେ ।"– କୌଶିକ କହିଲା ।

"ନା । ଅଭ୍ୟାସ ହୋଇଯିବଣି ।"- ପାଓଲି କହିଲେ । ସୁନ୍ଦରବନର ଏ ସବୁ ଥରୁଥିବା ଡଙ୍ଗା ଆଉ ଡେଉଁଥିବା ଢେଉ ଦେଖିଦେଖି ତାଙ୍କର ଧାରଣା ବହୁତ ବଦଳ ଗଲାଣି । ଅନ୍ୟଥା ସେ ଏ କଥା କହିନଥାନ୍ତେ । ତାଙ୍କର ପୂର୍ବବନ୍ଧୁମାନେ ସବୁବେଳେ ଲଜିକ ଖୋଜନ୍ତି। ଲଜିକ ବା ତର୍କ କହୁଛି ଶରୀର ଭିତରେ ଯଦି ସବୁବେଳେ ଖାଦ୍ୟ ପାନୀୟ ଉପର ତଳ ହେବ ତାହେଲେ ଶରୀରର ଅସୁସ୍ଥ ହେବା ହଜମ ଠିକଭ୍ଭବରେ ହେବାପାଇଁ

ଶରୀର ହିସାବରେ ଖାଦ୍ୟପାନୀୟର ଗତି ସନ୍ତୁଳତ ହେବା ଦରକାର । କନ୍ତୁ ଏଠିକାର ମାଝିମାନଙ୍କୁ ଦେଖି ଆଉ ବୋଟରେ ସମୟ ବିତାଇବା ଦେଖି ତାଙ୍କର ମତ ବଦଳଯାଉଛି ।

"ଏମିତି ପବନରେ କୌଶିକ ତୁମେ ବୋଟର ମଙ୍ଗ ଉପରେ ଠିଆ ହୋଇଯାଅ । ତେବେ ତୁମେ ପ୍ରକୃତରେ କେତେ ରୋଲିଙ୍ଗ ଆଉ ପିଚଙ୍ଗ ହେଉଛି ଜାଣି ପାରିବ ।"- ନଳୟ କହିଲା ।

"ଆରେ ଏହିତ ମୌକା । ଏମିତି ସୁଯୋଗ ବାରବାର ଆସିବନ ।"- ତପନ କହିଲା

"ବାଃ ବେଶ ମଜା ହେବ ।"- ପାଓଲି କହିଲେ ।

ପବନ ଜୋରରେ ବୋହିଲା ଆଉ ସେମାନଙ୍କର ବାଟଟା ଜୋରରେ ପାଣିରେ କଗ୍ଡି ହୋଇ ପଡିଲା । ବୋଟର ଡେକ ଉପରକୁ ପାଣି ଛିଟକ ପଡୁଥିଲା ।

"ଏମିତି ଯାଗାରେ ମାଛ ଧରିବାରେ ବହୁତ ସାହାସ ଦରକାର । ଖାଲି ଚେଷ୍ଟା ହେଲେ ହେବନ । ଦୁଇଟାଯାକ ମିଳବା ଦରକାର । ଏସବୁ ପାଣି ସବୁବେଳେ ଚ୍ୟାଲେଞ୍ଜ ।"- ପାଓଲି କହିଲେ ।

"ଏତିକ ମାଛପାଇଁ ଏ ଲୋକମାନେ ଏତେ କଷ୍ଟ କରୁଛନ୍ତି । ଦିନ ଦିନ ଧରି ପାଣିରେ ପଡୁଛନ୍ତି । ଦୁନଆ କୁଆଡେ ପହଞ୍ଚିଲାଣି ।"- ନଳୟ କହିଲା ।

ମାଛ ଧରିବାଟା ଏକ ନଶା । – କୌଶିକ ପାଣିକୁ ଅନାଇ କହୁଥିଲା । କୌଶିକର ଘର ମାତଲା ନଦୀଠାରୁ ବେଶିହେଲେ ପଗ୍ଶରୁ ଷାଠିଏ କଲୋମିଟର ଦୂରରେ । ଘରେ ମାଛ ପୋଖରୀ । ପାଖରେ ନାଳ । ଲୋକେ ପ୍ରତିଦିନ ଭାତ ମାଛ ଖାଇବାକୁ ବଗ ଭଳ ଅନାଇ ରହିଥାଆନ୍ତି । ମାଛ ଟିକଏ ନହେଲେ ଖାଇବା ପାଟିରେ ରୁଚେନା ।

"ବୋଟଟା ଅବଶ୍ୟ ଏତେ ଦୂର ଆଣିବା କଷ୍ଟ । କନ୍ତୁ ଥରେ ପହଞ୍ଚିଗଲେ ପାଣିକୁ ଜାଲ ଓହ୍ଲାଇଦେଇ ଅପେକ୍ଷା କରିବାର କଥା । ତେଣିକ ଫଳ ଆଉ ମଜା ।"- କୌଶିକର ମୁହଁରେ ଖୁସି ବାରି ହୋଇପଡୁଥିଲା । ଏକ ଭଲ ଚନ୍ତା ମନକୁ ପ୍ରଫୁଲ୍ଲିତ କରିଦେଇଥାଏ ।

"ମାଛ ଧରିବା ଭଳ ମଜା ଆଉ କେଉଁ ଶିକାରରେ ପ୍ରାୟ ନାହିଁ । ଏକ ବଢିଆ ଥ୍ରୀଲ, ବଢିଆ ରୋମାଞ୍ଚ ।"- କୌଶିକ କହୁଥିଲା ।

"ସୁନ୍ଦରବନକୁ ଆସିଲୁ । ଏପର୍ଯ୍ୟନ୍ତ କଙ୍କଡା ଆଉ ଚଙ୍ଗୁଡି ଖାଇନୁ ।"- ତପନ କହିଲା । ମାଛ କଥା ଶୁଣି ତା' ଖାଇବା କଥା ମନେ ପଡିଗଲା ।

କଥାଟା ସତ । ଏ ପର୍ଯ୍ୟନ୍ତ ସେମାନେ ଚଙ୍ଗୁଡି ଆଉ କଙ୍କଡା ଖାଇନାହାନ୍ତି । ସୁନ୍ଦରବନର ତାଜା କଙ୍କଡାର ସ୍ୱାଦଟା ବେଶ ଭଲ । କଲିକତାରେ ପହଞ୍ଚିଲାବେଳକୁ ମାଛ ଆଉ ତାଜା ନଥାଏ । ତାଜା ମାଛର ସ୍ୱାଦ ଅଲଗା । ତପନର ପାଟିରୁ ଯେମିତି ଲାଳ ଗଡିପଡୁଥିଲା । ଏ ପାଣି ଆଉ ପବନ କଥା ଶୁଣି କଣ ଲାଭ । ସେମାନେ ବଡ ବୋଟରେ ବେଶ ନିରାପଦରେ ଅଛନ୍ତି ।

ପାଖରେ କେତେଟା ଛୋଟ ଡଙ୍ଗା ଥିଲା । ମାଛଧରା ଡଙ୍ଗା । ତପନ ଏକଧ୍ୟାନରେ ସେ ଡଙ୍ଗାଗୁଡାକୁ ଅନାଇଥିଲା ।

"ଆରେ ଦେଖ କାହାପାଖରେ ଚଙ୍ଗୁଡି କି କଙ୍କଡା ଥିବ?"– ତପନ କହିଲା । ପାଓଲି ମଧ୍ୟ ଡଙ୍ଗାଗୁଡାକୁ ଅନାଇଥିଲେ ।

କିଛି ଛୋଟ ଡଙ୍ଗା ପାଖେଇ ଆସିଲା । ଗୌତମ ସମସ୍ତଙ୍କୁ ପଚାରିଲା । କାହା ପାଖରେ ଏପର୍ଯ୍ୟନ୍ତ କିଛି ମାଛ ବା କଙ୍କଡା ନାହିଁ । ଏଇ କିଛି ବେଳା ହେଲା ସେମାନେ ପହଞ୍ଚିଛନ୍ତି । ସମସ୍ତେ ଜାଲ ବି ତଳକୁ ଓହ୍ଲାଇ ନାହାନ୍ତି । ତପନର ମୁହଁ ଶୁଖିଗଲା । ଏକ ବଢିଆ ଭୋଜନ ମିଳଲା ନାହିଁ । ବାହାରେ ପବନ ସେମିତି ଜୋରରେ ବୋହୁଥିଲା । ଗୌତମ ତପନକୁ ଅନାଇଲା । ତପନର ଶୁଖିଯାଉଥିବା ମୁହଁ ଦେଖି ତା'କୁ କିଛି ସାନ୍ତ୍ୱନା ଦେବାପାଇଁ ଇଚ୍ଛା ହେଲା ।

"ଆଜିକାଲି ଭିତରେ ନିଶ୍ଚିତ ଭାବରେ ଚଙ୍ଗୁଡି, କଙ୍କଡା ମିଳିବ । ଫେରୁଥିବା ଲୋକଙ୍କପାଖରେ ଥିବ ।"- ଗୌତମ କହିଲା ।

ଗୌତମର ମୁହଁ ଖରାରେ ଉଜ୍ଜ୍ୱଳ ଲାଗୁଥିଲା । ବୋଟଟା ଅନେକ ପଛକୁ ଚାଲିଯାଇଥିଲା । ରାଇମଙ୍ଗଳର ଧାର ହରିଣଭଙ୍ଗା ସହ ମିଶି ତଳକୁ ବୋହି ଯାଇଛି । ତଳକୁ ଭାରତ ଆଉ ବାଙ୍ଗଲାଦେଶର ସୀମାନ୍ତ ହେଉଛି ଏଇ ହରିଣଭଙ୍ଗା, ବହୁତ ଚଉଡା । ଏ ଭିତରେ ସମୁଦ୍ରକୁ ଯାଉଥିବା ଡଙ୍ଗା କେଉଁ ଦୂରକୁ ଚାଲିଗଲାଣି । ସେ ଡଙ୍ଗାଟା ପାଣି ଉପରେ ଏକ ବିନ୍ଦୁ ପରି ଲାଗୁଥିଲା ।

ସେମାନଙ୍କ ବୋଟ ଅନ୍ୟଏକ ସରୁ ଧାରକୁ ଆସିଲା । ଏକଦମ ପତଳା କାଦୁଅ । ବହୁତ ପତଳା ପାଣିଧାର ବୋହିଆସିଛି । ସେପଟକୁ ଛୋଟ ନାଳ । କନ୍ତୁ ପାଣି ଶୁଖିନ । ତଥାପି ବେଶ କଛି ପାଣି ଅଛି । କାଦୁଅରୁ ଏକ ସରୁ ପାଣିଧାର ସେମିତି ବୋହୁଥିଲା ।

ସମସ୍ତେ କଥାରେ ବ୍ୟସ୍ତ ଥିଲେ । ସୁନ୍ଦରବନର ଜଙ୍ଗଲ ଅପରାହ୍ନରେ ସୁନ୍ଦର ଲାଗୁଥିଲା । ଖରା ନପଡୁଥିବା ଗଛଗୁଡିକରେ କଳା ବୁଲିଆସିଲାଣି । ସବୁଜ ରଙ୍ଗ କନ୍ତୁ ଅନେକ ଗାଢ଼ା ।

"ବାଘ ପାଦଚହ୍ନ ।"- ହାଲଦାରବାବୁ ଧିରେ କହିଲେ । ସେ ନକହିଥିଲେ ଅନ୍ୟମାନେ କଛି ଜାଣିପାରି ନଥାନ୍ତେ । ସବୁ କାଦୁଅ ଏକାଭଳ ଲାଗେ । କେଉଁଠି କଛି ଜୀବଙ୍କର ଯିବା ଆସିବା ଥିବ । ହାଲଦାରବାବୁ ବାଘ ଟ୍ରାକଙ୍ଗରେ ଓସ୍ତାଦ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଫକୀର ମୋହନ



ନନ୍ଦିନୀ ରାଉତ

ଓଡ଼ିଆ ଭାଷାର ଜାଗ୍ରତ ପ୍ରହରୀ
କୋଟି ଜନ ମନ କଣି,
ଭାଷା ସୁରକ୍ଷା ର ଜଣକ ରୂପରେ
ତୁମେ ତ ଅଗ୍ର ବିନ୍ଧାଣି ।
ଦାରିଦ୍ର୍ୟ ନିକଟେ ହାରି ଯାଇ ନାଁହ
ରଖିଅଛ ସ୍ୱାଭିମାନ,
ଝୁରୁଛି ରେବତୀ ଝୁରେ ପ୍ରାୟଶ୍ଚିତ
ଓଡ଼ିଆ ଅସ୍ମିତା ମନ ।
ଏ ଶୁଭ ଦିନ ରେ ଜାତ ହୋଇ ଥିଲ
ହେ ପରିଡା ସିଦ୍ଧେଶ୍ୱର,
ଉତ୍କଳ ମାତା କୁ ଧନ୍ୟ କରି ଦେଲ
ରଖି ସଂମାନ ତାହାର ।
ଜେଜେ ମାଙ୍କ ଦ୍ୱାରା ଲାଳିତ ପାଳିତ
ଶିକ୍ଷା ବିଭାଗରେ କାମ,
ସବୁ ଦିଗେ ତୁମ ହାତ ରହି ଥିଲା
ତୁମେ ତ ଚିର ଅମ୍ଳାନ ।
ରାଜା ମହାରାଜା ତୁମ ବୁଦ୍ଧି ପାଇଁ
ତୁମରି ସାହାଯ୍ୟ ନେଲେ,
ମାଟିର ମହକ ମଲ୍ଲିକାଶ ପୁର
ତୁମ ପାଇଁ ଧନ୍ୟ ହେଲେ ।

ଶକଟ ପ୍ରମାଣ ପୁସ୍ତକ ତିଆରି
ଓଡ଼ିଆ ଭାଷା ସୁରକ୍ଷା,
ଆହେ ବରପୁତ୍ର ଓଡ଼ିଆ ଭାଷା କୁ
କରି ଥିଲ ତୁମେ ରକ୍ଷା।
ଆଜି ଶୁଭ ଦିନେ ତୁମରି ସମ୍ମାନେ
ହେ ଉତ୍କଳ ମାତା ସୁତ
ଆହେ ସେନାପତି ତୁମ ନିକଟରେ
କରୁଅଛି ପ୍ରଣିପାତ।

ବାଲିପଗା, ଅନୁଗୁଳ



# ଏଇ ପ୍ରେମ ମୋତେ



ସତ୍ୟବ୍ରତ ସାହୁ

ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନ ପ୍ରେମ କଲି ସିନା ଜିତିଲି କି ଗଲି ହାରି । (୦)

ପ୍ରେମ ସିନା ମୋର ଜୀବନେ ଗଢିଲା ନୂଆ ଏକ ଇତିହାସ,
ତଥାପି କାହିଁକି କେଜାଣି ସେ ମୋତେ କରେ ଆଜି ପରିହାସ,
ଜାଣି ପାରିଲିନି ପ୍ରେମର ନିଆଁରେ
ଜାଳିଲି ବା ଗଲି ଜଳି... । (୧)

ପ୍ରେମର ନାବରେ ବଣିକ ସାଜିଲି ପ୍ରେମର କାଳରେ କବି,
ପ୍ରେମ ମାରିପାରେ ଜୀଇଁବାର ରାହା ମୁଁ ତା'ର ଅନୁଭବୀ,
ଆଜିଯାଏଁ ମୋତେ ନିହାତି ଅବୁଝା
ପ୍ରେମର ରଙ୍ଗ କପରି... । (୨)

ଏଇ ପ୍ରେମ ମୋତେ କବି କଲା ଅବା କଳଙ୍କିତ ଦେଲା କରି,
ବୁଝି ପାରିଲିନ ପ୍ରେମ କଲି ସିନା ଜିତିଲି କି ଗଲି ହାରି । (୦)

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ତୁମେ ମହେଶ୍ୱର



ପୂର୍ଣ୍ଣଚନ୍ଦ୍ର ରଣା

ତୁମେ ସୃଷ୍ଟିର ସମ୍ଭାର

ତୁମେ ଅନ୍ୟାୟର ବିଗ୍ଭର

ତୁମେ ଶକ୍ତିର ପ୍ରକାର

ତୁମେ ମହେଶ୍ୱର ତୁମେ ମହେଶ୍ୱର

ଅନ୍ତରର ନିଶ୍ୱାସ ତୁମେ

ମନର ବିଶ୍ୱାସ ତୁମେ

ତୁମେ ପ୍ରବେଶ ପଥର ମାର୍ଗ ଦର୍ଶକ

ତୁମେ ଏ ସୃଷ୍ଟିର ରକ୍ଷକ

ତୁମ ବିନା ଏ ପୃଥିବୀରେ

ହୁଏ ନାହିଁ ଦିବାର୍ତ୍ରି

ସୂର୍ଯ୍ୟ, ଚନ୍ଦ୍ର ଦିଶନ୍ତିନି ଗଗନ ବକ୍ଷରେ,

ତୁମେ ଆରମ୍ଭର ସମ୍ଭାବନା

ତୁମେ ବେଦନାର ଆଶ୍ୱାସନା

ତୁମେ ଦୀପର ପ୍ରଦୀପ

ଆଲୋକିତ କର ତୁମେ

ଏ ଧରା ଧାମକୁ

ଆଲୋକିତ ହୁଏ ଧରା

ତୁମ ଆଶିଷରେ

ତୁମ ପାଇଁ ଆଜି ଧରା ପୂର୍ଣ୍ଣ ଉଜାଗର

ପାଇବାକୁ ତୁମ ଠାରୁ ଟିକଏ ଆଶିଷ

ବିଞ୍ଚିଦିଅ ପ୍ରଭୁ ତୁମ ଆଶିଷକୁ

ତୁମର ସେ ଭକ୍ତର ବିଗ୍ରହ ଉପରେ

ହେବ ସେ ପାପ ମୁକ୍ତ

ଖୁସିରେ ସେ ହେବ ବିଭୋରିତ

ଆହା କି ସୁନ୍ଦର ତୁମ

ଭକ୍ତି ଭାବ ସ୍ପର୍ଶ ।

ହାଟସିଂହାପୁର, ଯାଜପୁର



# କର୍ମ



ରମେଶ ଚନ୍ଦ୍ର ବେହେରା

ଚରିତ୍ର ସୁନ୍ଦର କାମରେ କଲେ
ସମୃଦ୍ଧି ସମ୍ଭବ ସଭିଙ୍କୁ ନେଲେ
ଧନ ଦଉଲତ ମାନ ଠିକଣା
କପଟ କୁଚକ୍ରୀ ଭଳି ଯନ୍ତ୍ରଣା
କଥା ବିକା ଧନ ଦିନକୁ ସୁଖ
ସେ ଦିନ ସରିଲେ ପାଇବ ଦୁଃଖ
କର୍ମ ସ୍ୱଭାବରେ ବଢିବ ମାନ
ସୁଖରେ କଟିବ ସବୁରି ଦିନ
ଅଧିକ କହିବା ନୁହଁ ଜରୁରୀ
କେବେକେବେ ଏତ ପଡିବ ଭାରି
ସଭିଙ୍କୁ କରିଲେ ସ୍ନେହ ସମ୍ମାନ
ଭଲ ପାଇବେ ଆମ ପ୍ରିୟଜନ

ବାଟି, ସିମୁଳିଆ, ବାଲେଶ୍ୱର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)

**ପ୍ରଶ୍ନ - ୧୯ : ଲୋକମୁଖରୁ ଶୁଣାଯାଏ ଯେ ବର୍ତ୍ତମାନ କଳିଯୁଗ ଚାଲିଛି । ଏହାପରେ ପୁନର୍ବାର ସୃଷ୍ଟିଚକ୍ରର ନିୟମ ଅନୁଯାୟୀ ସତ୍ୟଯୁଗଆସିବ । ଏହା କେତେଦୂର ସମ୍ଭବ?**

**-ଉତ୍ତର-**

- ଗ୍ରହଚକ୍ରର ଆବର୍ତ୍ତନ ପରି ମନୁଷ୍ୟ ସମାଜର ଆବର୍ତ୍ତନ ହୋଇଥାଏ । ଦିନ ପରେ ରାତ୍ରିର ଅନ୍ଧକାର ଯେପରି ଘୋଟିଯାଏ, ସେପରି ମନୁଷ୍ୟ ସମାଜରେ ଉତ୍‌ଥାନ ପତନ ହେଉଛି ପ୍ରକୃତିର ଏକ ଅନିବାର୍ଯ୍ୟ ବ୍ୟବସ୍ଥା । ଏଣୁ କଳିଯୁଗ ପରେ ସତ୍ୟ ଯୁଗର ସୃଷ୍ଟି ସମ୍ଭବ ବୋଲି ଆମେ ବିଶ୍ୱାସ କରିପାରୁ ।

[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ହଁ, ଏହା ଘୋର କଳିକାଳ । ସତ୍ୟ ସଂକୁଚିତ ହେଲେ ହେଁ ସତ୍ୟର ପ୍ରଭାବ ରହିଛି। କ'ଣ କଲେ କଳିର ପ୍ରଭାବ ଧୀରେ ଧୀରେ ହ୍ରାସ ପାଇ ସତ୍ୟ ବିଶ୍ୱବ୍ୟାପକ ହେବ ଓ ପ୍ରତ୍ୟେକଙ୍କ କାର୍ଯ୍ୟକୁ ପୂର୍ଣ୍ଣମାତ୍ରାରେ ପରିଚାଳିତ କରିବ - ସେଥିପାଇଁ ସମସ୍ତଙ୍କୁ ସାବଧାନ ହେବାକୁ ପଡ଼ିବ ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ମୋର କୌଣସି ବକ୍ତବ୍ୟ ନାହିଁ ।

[ଡ. ସଚ୍ଚି ରାଉତରାୟ]

- ଏ ଯୁଗ ପ୍ରକରଣ କାଳ୍ପନିକ, ବାସ୍ତବ ନୁହେଁ । ସତ୍ୟ, ଦ୍ୱାପର ଓ ତ୍ରେତୟା ଯୁଗ ବିଷୟରେ କାହାରି ଅଭିଜ୍ଞତା ନାହିଁ । ତେଣୁ କଳିଯୁଗ ଉପରେ ଆସ୍ଥା ରଖିବାର ଯୁକ୍ତଯୁକ୍ତିତା କେଉଁଠି?

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ସତ୍ୟ, କିନ୍ତୁ କାଳ କଳନାରେ ମତଭେଦ ପ୍ରକାଶ ପାଇଛି । ଦିନ ପରେ ରାତି ଆସିଲା ପରି ଏହା ଏକାନ୍ତ ସତ୍ୟ ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ଏ ବିଷୟରେ ମୋର କିଛି ଧାରଣା ନାହିଁ ।

[ଜଷ୍ଟିସ୍ ନବକୁମାର ଦାସ]

- କଳିଯୁଗ ଇତ୍ୟାଦିରେ ମୋର ବିଶ୍ୱାସ ନାହିଁ । କିନ୍ତୁ ମନୁଷ୍ୟ ପୃଥିବୀ ସାରା ନୂତନ ମାନବୀୟ ସଭ୍ୟତା ପ୍ରତି ଆକୃଷ୍ଟ ହୋଇଚାଲିଛି । ନୂତନ ମାନବୀୟ ଯୁଗର ଆଭାଷ ମିଳୁଛି । ସତ୍ୟଯୁଗ କେବେ ନ ଥିଲା - ବରଂ ଭବିଷ୍ୟତରେ ଆସିପାରେ ।

[ପ୍ରଫେସର ରାଧାନାଥ ରଥ]

- ମୁଁ କହିପାରିବି ନାହିଁ । ସେ 'ଗହନ ଗବେଷଣା' ମୋର ନାହିଁ ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ଯୁଗ ପରେ ଯୁଗ ଚାଲିଥାଏ, କାଳଚକ୍ର ଗତିକରେ, ତଦନୁସାରେ କଳିଯୁଗ ପରେ ସତ୍ୟଯୁଗ ଆସିବ, ଏହା ଅସମ୍ଭବ ନୁହେଁ । ପ୍ରଳୟ କାଳ ମଧ୍ୟରେ ୧୪ ମନୁ ଭୋଗ କରନ୍ତି । ଗୋଟିଏ ମନୁ ୭୧ ଯୁଗ ଭୋଗ କରନ୍ତି, ଅର୍ଥାତ୍ ସତ୍ୟ, ତ୍ରେତା, ଦ୍ୱାପର, କଳି ଏହିପରି ୭୧ ୧/୫ ବା ୭୨ ଯୁଗ ଭୋଗ କରନ୍ତି ବୋଲି କଥିତ ଏବଂ ଶାସ୍ତ୍ର ସିଦ୍ଧାନ୍ତ । ଆମେ ବର୍ତ୍ତମାନ ବୈବସ୍ୱତ ମନୁଙ୍କର ୨୮ ଯୁଗରେ ପରିଚାଳିତ । କଳିର ଏକ-ଚତୁର୍ଥାଂଶ କାଳ ଚାଲିଛି ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଭାରତୀୟ ଆଧାତ୍ମର ଏକ ଶାସ୍ତ୍ର ଉପାଖ୍ୟାନରେ ରହିଛି, ମଣିଷ ଶୋଇ ରହିଥିବାବେଳେ କଳିଯୁଗ, ନିଦ ଭାଙ୍ଗିଲେ ଦ୍ୱାପର, ଉଠି ଛିଡ଼ାହେଲେ ତ୍ରେତା ଏବଂ ଚାଲିଲେ ସତ୍ୟଯୁଗ ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ମୁଁ କଳିଯୁଗ ଆଦିରେ ବିଶ୍ୱାସ କରେନାହିଁ । କେବଳ ଏତିକି ବିଶ୍ୱାସ କରେ ଯେ ସୃଷ୍ଟି ବିବର୍ତ୍ତନଶୀଳ ଓ ଉତ୍ତରଣମୁଖୀ, ଯାହା ଏକ ବୈଜ୍ଞାନିକ ତଥ୍ୟ ବୋଲି ପ୍ରମାଣିତ ହୋଇସାରିଛି ।

[କିଶୋରୀ ଚରଣ ଦାସ]

- ସୁପ୍ରାଚୀନ କାଳର ମୁନି ଋଷିମାନେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଏହି ଚାରି ଯୁଗର କଳ୍ପନା କରିଥିଲେ । ଏ ଯୁଗର ପାପପୂର୍ଣ୍ଣ ରୀତି ନୀତି ପ୍ରମାଣ କରୁଛି ଯେ ଆମେ ଏବେ କଳିଯୁଗର ମନୁଷ୍ୟ । ବିବର୍ତ୍ତନ ପଥରେ ପୁଣି ଥରେ ମନୁଷ୍ୟ ଜାତିର ମାନସିକ ପୁନରୁତ୍ଥାନ ଘଟିବ ଏବଂ ଶୁଭ ସମୟ ଆସିବ, ଏହା ସମ୍ଭବ ହୋଇପାରେ।

[ଡ. ମନ୍ମଥ ନାଥ ଦାସ]

- ଏହି ବିଶ୍ୱାସ ହିଁ ଆଶାର ସଂଚାର କରେ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ବିଶ୍ୱାସ ଉପରେ ନିର୍ଭର କରେ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ସମ୍ଭବ, ପ୍ରତ୍ୟେକ ଅବସ୍ଥାର ଶେଷ ଅଛି । ସମସ୍ୟା ରହିଲେ ସମାଧାନ ନିଶ୍ଚୟ ମିଳିବ । ସମୟର କୌଣସି ସୀମାଖୁଣ୍ଟ ତିଆରି ହୋଇନାହିଁ । ବୁଝିବାର ସୁବିଧା ପାଇଁ ମଣିଷ ଯୁଗର ନାମକରଣ କରିଛି ସିନା!

[ପ୍ରଫେସର ପଠାଣି ପଟ୍ଟନାୟକ]

- ଏହାହିଁ ସୃଷ୍ଟିର ନିୟମ ।

[ଡ. ଲଡୁକେଶ୍ୱର ଶତପଥୀ]

- କହିପାରିବି ନାହିଁ ।

[ହରିହର ବାହିନୀପତି]

- ଏହା ସୃଷ୍ଟି ଆବର୍ତ୍ତନର ଚିରନ୍ତନ ନିୟମ । କଳିଯୁଗ ପରେ ଅବଶ୍ୟ ସତ୍ୟଯୁଗ ଆସିବ । ଏ ବିଷୟରେ ପୁରାଣ ଶାସ୍ତ୍ରରେ ପ୍ରମାଣ ରହିଛି । ଯୁଗମାନଙ୍କର ସ୍ଥିତିକାଳର ପରିମାଣ ଦିଆଯାଇଛି । ଏଣୁ ଏହା ଅସମ୍ଭବ କାହିଁକି?

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୁଁ ଏଥିରୁ ଏଇଆ ବୁଝେ ଯେ ଆମ ଅବସ୍ଥା ସୁଧୁରିବ । ମଣିଷଣ ଅଗ୍ରଗତି ନଷ୍ଟୟ ହେବ । ସତ୍ୟ, ଶାନ୍ତି, ମୈତ୍ରୀ ଆଦି ମୂଲ୍ୟବୋଧମାନ ପ୍ରତିଷ୍ଠିତ ହେବ । ଏହାକୁ ଆପଣ ସତ୍ୟଯୁଗ କହିପାରନ୍ତି ।

[ପ୍ରଫେସର ହୃଦାନନ୍ଦ ରାୟ]

- ଯୁଗରେ ମୁଁ ବିଶ୍ୱାସ କରେନା । ଯେତେବେଳେ ଯାହା ହେବାର ଥିବ ତାହା ହେବ ବୋଲି ମୁଁ ବିଶ୍ୱାସ କରେ । ସମାଜ ଦିନକୁ ଦିନ ଖରାପ ନ ହୋଇ ଭଲ ଦିଗରେ ଗତି କରିବ ବୋଲି ମୁଁ ଆଶା କରେ ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- କଳି, ସତ୍ୟ, ଦ୍ୱାପର, ତ୍ରେତା - ମାନସିକ କଳନା ମାତ୍ର ।

[ଗିରିଜା ଭୂଷଣ ପଟ୍ଟନାୟକ]

- ସପ୍ତାହ, ମାସ, ବର୍ଷ ପରି ଯୁଗ କାଳ ବିଭାଗ । କଳିଯୁଗର ଅବଧି ଚାରିଲକ୍ଷ ବତିଶ ହଜାର ବର୍ଷ । ଦ୍ୱାପର, ତ୍ରେତା ଓ ସତ୍ୟ ଯୁଗର ଅବଧି କଳିର ଅବଧିର ଯଥାକ୍ରମେ ଦୁଇ, ତିନ ଓ ଚାରିଗୁଣା । ଚାରି ଯୁଗରେ ଏକ ଚତୁର୍ମୁଖୀ । ହଜାରେ ଚତୁର୍ମୁଖୀରେ ଏକ ସୃଷ୍ଟି । ସେତକ ସମୟ ମଧ୍ୟ ଏକ ପ୍ରଳୟ କାଳ, ଚଳନ୍ତ କଳିଯୁଗର ପ୍ରାୟ ପାଞ୍ଚ ହଜାର ବର୍ଷ ଅତୀତ ହୋଇଛି । ଅବଶିଷ୍ଟ କାଳ ଅତୀତ ହେଲେ ପରବର୍ତ୍ତୀ ଚତୁର୍ମୁଖୀର ସତ୍ୟଯୁଗ ଉପସ୍ଥିତ ହେବ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ମୋର ବିଶ୍ୱାସ ଯୁଗଚକ୍ର ରହିଛି । History repeats itself। ସବୁ ଗତିଶୀଳ ହୋଇଥିବାରୁ ଏ ବିଶ୍ୱର ନାମ ଜଗତ୍ (ଗମ୍ ଧାତୁରୁ ନିଷ୍ପନ୍ନ) । ସୃଷ୍ଟିରେ ପ୍ରତ୍ୟେକ ଗତିଶୀଳ ବସ୍ତୁ ସରଳରେଖାରେ ଗତି ନ କରି ବକ୍ର ପଥରେ ଗତି କରିବା ବିଜ୍ଞାନସମ୍ମତ । ଅଧିକାଂଶ ବକ୍ରପଥ ଚକ୍ରାକାର ବା rhythm କୁହାଯାଏ । ଏହି ଛନ୍ଦରେ କଳିଯୁଗ ପରେ ଯେଉଁ ଯୁଗ ଆସେ ତାହାର ପୌରାଣିକ ନାମ 'ସତ୍ୟଯୁଗ'।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- କୌଣସି ବିଷୟ ଚରମରେ ପହଞ୍ଚିବା ପରେ ପରିବର୍ତ୍ତନ ଅନିବାର୍ଯ୍ୟ । ସେମିତି ଅସତ୍ୟ, ଅଧର୍ମ ଯେତେବେଳେ ଶେଷ ସୀମାରେ ଉପନୀତ ହେବ, ସେତେବେଳେ ସତ୍ୟ, ଧର୍ମ, ନ୍ୟାୟ ଆଡ଼କୁ ମୁହଁ ଫେରିବ ।

[ଡ. ରେଖା ମହାନ୍ତି]

- ଏଥିରେ ମୋର ବିଶ୍ୱାସ ନାହିଁ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏହା କେବଳ ସମ୍ଭବ ନୁହେଁ - ଏଇ ପୃଥିବୀରେ ଚରନ୍ତନ ସତ୍ୟଯୁଗର ଆବିର୍ଭାବ 'ଅବଶ୍ୟମ୍ଭାବୀ' । ଏଥିପାଇଁ ଶ୍ରୀଅରବିନ୍ଦଙ୍କର 'ଦିବ୍ୟ-ଜୀବନ' ଓ 'ସାବିତ୍ରୀ' ପ୍ରଭୃତି ମହାନ୍ ଗ୍ରନ୍ଥ ପାଠ କଲେ ଅନେକ ରହସ୍ୟ ଉଦ୍‌ଘାଟିତ ହୋଇପାରିବ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ବୋଧହୁଏ ସମ୍ଭବ, କନ୍ତୁ ଉଭୟ ବୈଜ୍ଞାନକ ଓ ପୌରାଣିକ ମତ ଏବଂ ବିଶ୍ୱାସରୁ, ସବୁ ଧର୍ମର ବିଗ୍ଚର ଦୃଷ୍ଟିରୁ ନଶ୍ଚିତ ଭାବେ କହିବା କଷ୍ଟକର ।

[ଡାକ୍ତର କବିପ୍ରସାଦ ମିଶ୍ର]

- ସମ୍ପୂର୍ଣ୍ଣ ଭାବେ ସମ୍ଭବ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- କଳଯୁଗ ଗ୍ଲିଛି, ପୁଣି ସତ୍ୟଯୁଗ ଆସିବ, ଏହା କେବଳ ଲୋକୋକ୍ତି ନୁହେଁ, ବହୁ ପୂର୍ବରୁ ଶାସ୍ତ୍ରରେ ମଧ୍ୟ ଏକଥା ଉଲ୍ଲେଖ ଅଛି । ସୂର୍ଯ୍ୟସିଦ୍ଧାନ୍ତ, ବାୟୁପୁରାଣ ଓ ମହାଭାରତ ବର୍ଣ୍ଣନା ଅନୁସାରେ ସତ୍ୟ, ତ୍ରେତା, ଦ୍ୱାପର ଓ କଳ ଏହି ଗ୍ଚରିଯୁଗର ପରମାୟୁ ବାରହଜାର ବର୍ଷ । ଏଥିମଧ୍ୟରୁ ସତ୍ୟଯୁଗ ୧୨୦୦, ତ୍ରେତାଯୁଗ ୨୪୦୦, ଦ୍ୱାପରଯୁଗ ୩୬୦୦ ଓ କଳଯୁଗ ୪୮୦୦ ବର୍ଷ ମାତ୍ର । ପଞ୍ଜିକାରଣ କଳଯୁଗର ପରମାୟୁ ୪,୩୨,୦୦୦ ବର୍ଷ ବୋଲି ଯାହା ମତ ଦିଅନ୍ତି ତାହା ଶାସ୍ତ୍ରୀୟ ବିରୋଧୀ ନୀତି । ମନୁ କହନ୍ତି ବାରହଜାର ବର୍ଷ ସଂଖ୍ୟକ ମାନୁଷୀ ଗ୍ଚରିଯୁଗକୁ ଏକ ଦିବ୍ୟଯୁଗ କୁହାଯାଏ ଏବଂ ଏହି ୧୨,୦୦୦ ବର୍ଷ ଦେବତାଙ୍କର ୧୨ ବର୍ଷକୁ ବୁଝାଏ। ମନୁଷ୍ୟ ପକ୍ଷରେ ଏହା ୧୨୦୦୦ ବର୍ଷ ବୋଲି ବୁଝିବାକୁ ହେବ । ଭାଗବତରେ ଅଛି, ଯେତେବେଳେ ଏକ ରାଶିସ୍ଥ ପୁଷ୍ୟା ନକ୍ଷତ୍ରରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତି ସମାନ୍ତରାଳ ଭାବେ ଏକ ଅଂଶ ମଧ୍ୟରେ ଯୁକ୍ତ ହୁଅନ୍ତି, ସେତେବେଳେ ସତ୍ୟଯୁଗ ଆରମ୍ଭ ହୁଏ । ପ୍ରତି ୧୨୦୦୦ ବର୍ଷ ପରେ ଏହିପରି ଯୋଗ ପଡ଼ିଥାଏ । ଏ ଯୋଗ ଆସିଥିଲା ୧.୮.୧୯୪୩ ମସିହାରେ । ପୂର୍ଣ୍ଣ ସତ୍ୟର ପ୍ରଭାବ ପଡ଼ିବ ଏକଶତ ବର୍ଷ ସତ୍ୟଯୁଗୀୟ ସନ୍ଧ୍ୟାଂଶର ଭୋଗ ପରେ, ଅର୍ଥାତ୍ ୨୦୪୩ ମସିହାରେ।

[ଡ. ରତ୍ନାକର ସାହୁ]

- ପ୍ରକୃତିର ଚକ୍ର ରହିଛି । ଦୁର୍ଦ୍ଦଶା ପରେ ଭଲ ଦିନ ଆସେ ।

[ଶ୍ରୀ ଅନାଦି ସାହୁ, ଆଇ.ପି.ଏସ୍]

- ସତ୍ୟଯୁଗ ଯଦି ଆନନ୍ଦ ଓ ଶାନ୍ତିର ଯୁଗ ହୁଏ, ତେବେ ସେ ଯୁଗ ବିଜ୍ଞାନ ମାଧ୍ୟମରେ ଆସୁଛି ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଏହା ସତ୍ୟ, ବର୍ତ୍ତମାନ ଯୁଗରେ କ୍ରମଶଃ ମଣିଷ ଜୀବନରେ ବିପଦ ଘନୀଭୂତ ହେବାରେ ଲାଗିଛି । ଯେତେବେଳେ ମନୁଷ୍ୟ ଅତ୍ୟନ୍ତ ବିପଦଗ୍ରସ୍ତ ଅବସ୍ଥାରେ ସମୟ କଟାଇବ ସେତେବେଳେ 'ସର୍ବେ ହୋଇଣ ଏକ ମୁଖ, ଡାକିବେ ନାରାୟଣ ରଖ'; ଯାହା ସତ୍ୟଯୁଗର ପରିପ୍ରକାଶ । ଏବେ ଯାହା ଚାଲିଛି 'ସର୍ବେ ହୋଇବେ ଏକାକାର, ନ ଥିବ ବେଦର ବିଚାର' - ଏହାକୁ କଳି ବୋଲି ଧରନ୍ତୁ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ଏହା ଲୋକକଥା । କିଏ ଜାଣିଛି ଏ ଜନ୍ମରେ ଆମେ ସତ୍ୟଯୁଗ ଦେଖିବା କି ନାହିଁ? ଏହାର କିଛି ବୈଜ୍ଞାନିକ ସତ୍ୟତା ନାହିଁ ।

[ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ]

- ଏହା ନିଶ୍ଚୟ ସମ୍ଭବ, କାରଣ ସୂର୍ଯ୍ୟୋଦୟ ପରେ ମଧ୍ୟାହ୍ନ, ମଧ୍ୟାହ୍ନ ପରେ ସୂର୍ଯ୍ୟାସ୍ତ, ପୁଣି ସୂର୍ଯ୍ୟାସ୍ତ ପରେ ମଧ୍ୟରାତ୍ର, ପୁନଶ୍ଚ ସୂର୍ଯ୍ୟୋଦୟ ଅବଶ୍ୟ ସୃଷ୍ଟିଚକ୍ରର ନିୟମ ଅନୁଯାୟୀ ଘଟିଯାଉଛି ବା ଘଟିବ ମଧ୍ୟ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଯୁଗ ବିଭାଜନରେ ମୁଁ ବିଶ୍ୱାସ କରେନାହିଁ । କିନ୍ତୁ ସମୁଦାୟ ବିଶ୍ୱ ଏକ ସମୟରେ ରୂପାନ୍ତରିତ ହୋଇ ଯୁଗାନ୍ତ ହେବ ବା ଯୁଗର ଏବଂ ମଣିଷ ସମାଜର ଅବସାନ ଘଟିବ । ଶେଷରେ ବାଇବେଲ୍‌ର ମତ ଅନୁସାରେ ପୃଥିବୀର ସମସ୍ତ ମୃତ ବ୍ୟକ୍ତିର ଆତ୍ମା ପୁନରୁତ୍ଥିତ ହୋଇ ମହାବିଚାରର ସମ୍ମୁଖୀନ ହେବେ । ଧାର୍ମିକ ବ୍ୟକ୍ତିମାନେ ଈଶ୍ୱରଙ୍କ ସହ ଜୀବନ କଟାଇବେ ଏବଂ ଅଧାର୍ମିକମାନେ ଦଣ୍ଡିତ ହେବେ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ବର୍ତ୍ତମାନ ମନୁଷ୍ୟ ସମାଜ ବିଭିନ୍ନ ଅଧୋଗତିର ସମ୍ମୁଖୀନ ହୋଇଛି । ଏହାକୁ ଲୋକେ କହନ୍ତି କଳିଯୁଗ । ଏହାର ମୂଳରେ ରହିଛି ଧର୍ମର ଗ୍ଲାନି । ଯଦି ନୈତିକତା ସ୍ଥାପିତ ହେବ ତେବେ ସମାଜ ଶୃଙ୍ଖଳିତ ଭାବରେ ଚାଲିବ । ଏହାକୁ

ଲୋକେ ସତ୍ୟଯୁଗ କହନ୍ତି । କିନ୍ତୁ ସୃଷ୍ଟି ପରିଚାଳିତ ହୋଇଥାଏ ଈଶ୍ୱରଙ୍କ ଇଙ୍ଗିତରେ । ସୁତରାଂ ଈଶ୍ୱରଙ୍କ ନିର୍ଦ୍ଦେଶକୁ ମାନି ମନୁଷ୍ୟ ନିଜ ଜୀବନକୁ ଓ ସମାଜକୁ ଗଢ଼ିଲେ ସେ ମର୍ତ୍ତ୍ୟରେ ସତ୍ୟଯୁଗ ଗଢ଼ିପାରିବ । ଯୁଗ ପରିବର୍ତ୍ତନ କୌଣସି ଯାନ୍ତ୍ରିକ ନିୟମ ଦ୍ୱାରା ନିୟନ୍ତ୍ରିତ ହୁଏନାହିଁ । ବାଇବେଲ୍ ମତରେ, ଜଗତର କେବଳ ଗୋଟିଏ ଯୁଗ ଅଛି । ଏଇ ଯୁଗ ଦିନେ ଶେଷ ହେବ । ଏହି ଯୁଗର ଶେଷରେ ଖ୍ରୀଷ୍ଟ ବିଚାରପତି ଭାବେ ଆସି ସମସ୍ତଙ୍କ ବିଚାର କରିବେ । ସାଧୁ ଲୋକଙ୍କୁ ପୁରସ୍କାର ଓ ମନ୍ଦ ଲୋକଙ୍କୁ ଅନନ୍ତ ଶାସ୍ତି ଦେବେ । (ମାଥିଉ : ୨୫ ଅଧ୍ୟାୟ) ଜଗତରେ ପ୍ରଳୟ ହେବ । କିନ୍ତୁପରମେଶ୍ୱର ନୂତନ ସ୍ୱର୍ଗ ଓ ନୂତନ ପୃଥିବୀ ଗଢ଼ିବେ, ଯହିଁରେ ଦୁଃଖ, ଶୋକ ଓ ମରଣ ରହିବ ନାହିଁ (୨ୟ ପିତର, ୩/୧୦-୧୩ ପ୍ରକାଶିତ ବାକ୍ୟ ୨୧ ଅଧ୍ୟାୟ) ବାସ୍ତବରେ ତାହା ହେବ ଅନନ୍ତ ପରମାର୍ଥିକ ସତ୍ୟଯୁଗ । ଏହି ଯୁଗ କେବେ ଆସିବ ତାହା ସଠିକ୍ ଭାବେ କହିହେବ ନାହିଁ ଏବଂ ଏଇ ସତ୍ୟଯୁଗ ଥରେ ମାତ୍ର ଆସିବ ।

[ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ସତ୍ୟଯୁଗ କୌଣସି କାଳରେ ଆସିବ ନାହିଁ । କଳିଯୁଗ ଉତ୍କଟରୁ ଉତ୍କଟତର ହୋଇ ଶେଷରେ ମାନବ ସମାଜର ଧ୍ୱଂସ ସାଧନ ହେବ । ଶେଷରେ ଅଳ୍ପ ଯେତେକ ବଞ୍ଚିରହିବେ, କଳିଯୁଗର ରୂପାନ୍ତରକୁ ସତ୍ୟଯୁଗ ଭାବି ଆତ୍ମସନ୍ତୋଷ ଲାଭ କରିବେ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ପୃଥିବୀର ବହୁ ଦେଶ ଭ୍ରମଣ କରିଥିବା ସାଂସଦ ଶ୍ରୀଯୁକ୍ତ ପ୍ରସନ୍ନ ପାଟ୍ଟଶାଣୀ 'ସତ୍ୟଯୁଗ ଆସିବ କି' ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଏହା ଲୋକକଥା । କିଏ ଜାଣିଛି ଏ ଯୁଗରେ ଆମେ ସତ୍ୟଯୁଗ ଦେଖିବା କି ନା? ଏହାର କିଛି ବୈଜ୍ଞାନିକ ସତ୍ୟତା ନାହିଁ । ଶ୍ରୀଅରବିନ୍ଦଙ୍କର ଜଣେ ପରମ ଭକ୍ତ, ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ତଥା ଅରୋଭିଲର ଅବସରପ୍ରାପ୍ତ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ଦେ ଏଇ ପ୍ରଶ୍ନର ଉତ୍ତର 'ଅରବିନ୍ଦଙ୍କ ଦିବ୍ୟଜୀବନ' ଓ 'ସାବିତ୍ରୀ' ପ୍ରଭୃତି ମହାନ୍ ଗ୍ରନ୍ଥର ଆଦର୍ଶ ଉଦ୍ଧାର କରି କହନ୍ତି ଯେ ଏଇ ପୃଥିବୀରେ ଚିରନ୍ତନ ସତ୍ୟଯୁଗର ଆବିର୍ଭାବ ଅବଶ୍ୟମ୍ଭାବୀ । ବାଇବେଲ୍ ମତ ଅନୁସାରେ ପୃଥିବୀର ସମସ୍ତ ମୃତ ବ୍ୟକ୍ତିଙ୍କ ଆତ୍ମା ପୁନରୁଜ୍ଜୀବିତ ହୋଇ ମହାବିଚାରର ସମ୍ମୁଖୀନ

ହେବେ । ଧାର୍ମିକ ବ୍ୟକ୍ତିମାନେ ଈଶ୍ୱରଙ୍କ ସହ ଜୀବନ କଟାଇବେ ଏବଂ ଅଧାର୍ମିକମାନେ ଦଣ୍ଡିତ ହେବେ । ଯୁଗ ବିଭାଜନରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବିଶ୍ୱାସ ନ କରି ମଣିଷ ସମାଜ ବା ଯୁଗର ଅବସାନ ଘଟିବା ଉପରେ ଆସ୍ଥା ରଖନ୍ତି । ବାସ୍ତବିକ ଏହା ଏକ ଗହନ କଥା । ମାତ୍ର ଲୋକମୁହଁରୁ ଶୁଣି ଏ ପ୍ରଶ୍ନର ପରିକଳ୍ପନା କରାଯାଇଛି । ସର୍ବତ୍ର ସେଇ ଗୋଟିଏ କଥା - ପାପଭାର ବଢ଼ିଗଲାଣି, ଯୁଗ ପରିବର୍ତ୍ତନ ହେବ, ହାଣକାଟ ଲାଗିବ । ମାତ୍ର ଶେଷରେ କ'ଣ ହେବ ତାହା ଆକଳନ କରିବା ଅସମ୍ଭବ । ମାଳିକା ବାଣୀକୁ ସେଇଥିପାଇଁ କେତେକ ବିଶ୍ୱାସ କରୁଥିବାବେଳେ ଆଉଇ କେତେକଙ୍କ ମନରେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ।

କଳିଯୁଗ ପରେ ସତ୍ୟଯୁଗ ଆସିବା କଥାଟା ଯଦି ବେଶୀ ଚର୍ଚ୍ଚା ହେବ ତେବେ ସତ୍ୟ ନିରୂପଣ ହୋଇପାରିବ । ମାତ୍ର ସେ ଦିଗରେ ଯେପର୍ଯ୍ୟନ୍ତ ଜନତାଙ୍କ ଆଗ୍ରହ ପରିଲକ୍ଷିତ ହୋଇନାହିଁ, ସେ ପର୍ଯ୍ୟନ୍ତ ସତ୍ୟ ଦୂରେଇ ରହିଥିବ ଓ ସାମ୍ପ୍ରତିକ ସମୟରେ କେଉଁ କର୍ମକୁ ଆପଣେଇବା ଏ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଗ୍ରହି ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ । ନଚେତ୍ ବିଶ୍ୱାସ ଅବିଶ୍ୱାସ ମଧ୍ୟରେ ମଣିଷ ସମାଜ ଉବୁଟୁବୁ ହୋଇ ବିପଥଗାମୀ ହେବାକୁ ବାଧ୍ୟ ହେବ ।

(ଲେଖକ)

ଯୁଗ୍ମ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା

# ଦୂର ଆକାଶର



ଅଜୟ କୁମାର ବେହେରା

ଦୂର ଆକାଶର
ଟିକି ତାରା ତୁମେ
ଚକମିକ ଦିଶୁ ଥାଅ
ଟିକିଏ କଥାରେ
ମନ ଖୋଲି ତୁମେ
କାହିଁ ଏତେ ହସି ଦିଅ ।୧।

ନିରବ ରହୁଛି
ଜାଣିକି ପାରୁନି
ମୋ ମନର ଯେତେ କଥା
ଭଲ ପାଅ ବୋଲି
ଖୋଲିକି କହିଲେ
ଦୂର ହେଇ ଯିବ ବ୍ୟଥା।୨।

ଅସୁମାରୀ ଆଶା
କେତେ ଯେ ସପନ
ଦେଖି ଅଛି ଏଇ ମନେ
ତୁମ ହାତ ଥରେ
ଛନ୍ଦିଲେ ହାତରେ
ଖୁସି ହୋଇବି ଜୀବନେ।୩।

ତୁମ ବିନା ମୋର
ଜୀବନର ମାନେ
ବେସହର୍ସ ଗୁଡି ପରି
କେତେ ବେଳେ ଅବା
ଛିଡି ଯିବ କାଳେ
ବେଳକୁ ହୁଏ ମୁଁ ଝୁରି ।୪।

ବସନ୍ତେ ବଉଳ
ଗଛରେ କୋଇଲି
ଦେଲେଣି ଶୁଭ ବାରତା
ସୁଲୁ ସୁଲୁ ବାଆ
ବହିଲାଣି ଏବେ
ଖୋଲି କୁହ ମନ କଥା ।୫।

ଶୁଭର ଲଗନେ
ଖୁସିର ଦିନରେ
ହେବ ଆମ ଏଇ ମେଳ
କାଳ ବେଳ ଦେଖି
ଗଢିବା ସଂସାର
ଆସିଲେ ଶୁଭର ବେଳ ।୬।

ମୋରଡ଼ା, ମୟୂରଭଞ୍ଜ

# ଫେରିଛି ଫଗୁଣ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଫଗୁଣ ତୋ ପହିଲି ଛୁଆଁ
କରିଦିଏ ଧରାକୁ ଆଜି କମିଆ
ନା ବହେ ଝାଞ୍ଜି ନା ଉତ୍ତରା
କେବଳ ବହେ ମଳୟ ବାଆ
ମହକେ ଆମ୍ବତୋଟାରେ ସୁବାସ
ବଉଳର ଦୃଶ୍ୟରେ ମନ ହୁଏ ଆନନ୍ଦ ଉଲ୍ଲାସ
ହସିଉଠେ ଆଜି ଏ ବସୁଧା
ଫଗୁଣ ତୋ ପହିଲି ଛୁଆଁ
କରିଦିଏ ଧରାକୁ ଆଜି କମିଆ
ହାତ ଧରି ଆସିଛୁ ନେଇ
ଋତୁରାଜ ବସନ୍ତକୁ
ଖୁସି କରାଅ ଦୁହେଁ ମିଶି
ସଭିଁଙ୍କ ମନକୁ
କୋଇଲିର କୁହୁକୁହୁ ତାନ ସହ
ଭଅଁରର ଗୁଣୁଗୁଣୁ ଗାନ
ଆନନ୍ଦେ ଭରିଦିଏ ସଭିଁଙ୍କର ମନ
ଫଗୁଣ ତୋ ପହଲି ଛୁଆଁ
କରିଦିଏ ଧରାକୁ ଆଜି କମିଆ ॥

ମଠସାହି, ତୁଳସିପୁର

# ହେ ପ୍ରହେଳିକା



ନରେଶ ତ୍ରିପାଠୀ

ହେ ପ୍ରହେଳିକା
ମୁଁ ଏକ କୁସୁମ କଳିକା
ବିଶ୍ୱାସର ସୂକ୍ଷ୍ମ ସୂତଳିକା
ବୁଣି ଏକ ପ୍ରୀତିର ଜାଲିକା
ବିରହରେ ଛାଡିଯିବ ଏକା ॥
ଝଡିହେବି ଅକାଳେ ବାଲୁକା
ପ୍ରୀତି ବାଆ ପରଷି ହାଲୁକା
ହୃଦେ ଦେଇ ଅଦେଖା ଜଳକା
ଦେଖାଇବ ମାୟା ମରୀଚିକା ॥
ମୋ ପ୍ରଥମ ପ୍ରୀତିର ନାୟିକା
ମୋ ପ୍ରାଣର ପ୍ରଚ୍ଛଦ ଗାୟିକା
ହୃଦବନେ ମଳୟ ଗାୟିକା
ହୃଦବନେ ମଳୟ ବାହିକା
ରଚିଯିବ ଭୀମ ବିଭୀଷିକା ॥

ଅନାୟାସେ ମୋ ସ୍ମୃତିର ଲେଖା
ବିସ୍ମରିବ ଭୁବି ଶେଫାଳିକା
ହେଲେ ଥିବ ମୋ ରକ୍ତର ଶିଖା
ଦେହେ ବହି ଲୋହିତ କଣିକା
ହେ ପ୍ରହେଳିକା
ପ୍ରୀତିରୂପା ଜହ୍ନର ଥାଳିକା
ନରେ୍ଳାରେ ନଷ୍ଟେ ଦିନେ ଏକା
ସାଉଁଟିବ ମୋ ସ୍ମୃତି ଶାମୁକା ॥
ସତେକଗୋ ଏଇ ସ୍ମରଣିକା
ତୋ ମନରେ ରଚୁନାହିଁ ରେଖା**?**
ଥିଲି କଗୋ ତୋ କ୍ରୀଡାର ସଖା**?**
ହେ ପ୍ରହେଳିକା ହେ ପ୍ରହେଳିକା ହେ
ପ୍ରହେଳିକା ॥

# ଅଟଇ ସେହି ମହତ



ହରେରାମ ପଣ୍ଡା

ଧନ ଲୋଭେ ପାଗଳ ପ୍ରାୟ ହୋଇ
ମନ୍ଦକାର୍ଯ୍ୟ କରି ଧନ ଅର୍ଜଇ,
ପାପ ଶକ୍ତିରେ ହୋଇ ବଳୀୟାନ
ଶକ୍ତିଶାଳ ଭାବେ ମନକୁମନ-
ସବୁଠାରୁ ଭୀରୁ ବଡ଼ ସେ-
ଜୀବନ ଧରି ସେ ବଞ୍ଚିଥାଏ ସିନା
ମରୁଥାଏ କେତେଥର ସେ ।୧।

ଯେ ଜନ କେବେ ବି(କାହାକୁ)ଦାନ ନ ଦିଏ-
ସାଧୁସଙ୍ଗ ଠାରୁ ଦୂରରେ ରହେ,
ଗୁରୁଜନେ ଦିଏନାହିଁ ସମ୍ମାନ-
ବଞ୍ଚିବା ବିଫଳ ତାର ଜୀବନ,
ସାର୍ଥକତା ହିନ ଜନ ସେ,
ବଞ୍ଚିବା ମରିବା ତା ପାଇଁ ସମାନ-
ଶବ ସହିତ ସମାନ ସେ ।୨।

ଯେ ଜନ ମଣିଷ ମନ ଚହ୍ନେନା-

ଅନ୍ତର ଭାଷାକୁ ବୁଝି ପାରେନା,

ଅଶୁଦ୍ଧ ଜୀବନେ କାଳ ବିତାଏ-

କେବେ ସେହି ନର ସଜ୍ଜନ ନୁହେଁ,

ଜାଣ ଅଟେ ଏହା ସତ୍ୟ ଯେ-

ଅନ୍ୟପାଇଁ ଯାର ଅନ୍ତର କାନ୍ଦଇ

ଅଟଇ ସେହି ମହତ ଯେ ।୩।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ମେର୍ଦ୍ଦା କାଟିଆ ଛକ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ପରୀଙ୍କ ହ୍ରଦରେ ନୌକା ବିହାର

ପ୍ରିୟବ୍ରତ ପାଢ଼ୀ

ହଂସ ଆକୃତିର ପେଡେଲ୍ ମର୍ ବୋଟ୍ ରେ ଆମେ ନୈନୀ ହ୍ରଦର ନୟାଞ୍ଚନ ଇଲାକା ଆଡେ ଚାଲିଥିଲୁ । ହ୍ରଦରେ ଡଲଫିନ୍, କୁମ୍ଭୀର, ମତ୍ସ୍ୟ, ଏପରିକି ସିଂହ ଆକୃତି ଦିଶୁଥିବା ଆହୁରି ଅନେକ ବୋଟ୍ ଭାସି ଚାଲିଥିଲେ । କେଉଁଠି ପୁଣି କାତ ବା ଆହୁଲା ମର୍ ଡଙ୍ଗା ଚାଲିଥିଲା ତ କେଉଁଠି କୁଟୀର ପରି ଦିଶୁଥିବା ବୋଟ୍ ଭିତରେ କିଏ ରାଜା-ରାଣୀ ଭଳି ବସି ଅୟସ କରୁଥିଲେ । ହଂସ ପିଠିରେ ସରସ୍ୱତୀଙ୍କ ବ୍ୟୋମବିହାରର କଳ୍ପିତ୍ ଅନୁଭୂତିରେ ଆମେ ଉଲ୍ଲସିତ ଥିଲୁ । ନବ ବିବାହିତ ମାନେ ଅନ୍ୟ ସମସ୍ତଙ୍କଠୁ ଦୂରକୁ ଦୂରକୁ, ମାଲରୋଡ୍ ରେ ହାଉଯାଉ ହେଉଥିବା ପାଗଳ ଜନତାଙ୍କ ଠାରୁ ବହୁ ଦୂରକୁ ଚାଲି ଯାଉଥିଲେ, ନୁଆଁ ନୁଆଁ ସ୍ୱପ୍ନ ଓ ରୋମାଞ୍ଚକତାର ଡେଣା ତାଙ୍କୁ ଉଡାଇ ନେଉଥିଲା । ପିଲାକବିଲା ନେଇ ଅପେକ୍ଷାକୃତ ଜଞ୍ଜାଳ ଦମ୍ପତ୍ତିମାନେ ନାଉରୀ ଥିବା ଡଙ୍ଗାରେ ପିଲାଙ୍କୁ ବୁଲାଉଥିଲେ, କାରଣ ଏ ସମସ୍ତ ପେଡେଲ୍ ମାରି ବୋହିବାରେ ସେମାନଙ୍କର ସାମର୍ଥ୍ୟ ବା ଆଗ୍ରହ ନଥିଲା । ଦେହରେ ତେଲ ଲଗାଇ କିଛି ସ୍ଥାନୀୟ ଯୁବା ଚଡି ପହଁରାରେ ମଗ୍ନ ଥିଲେ, କିଏ ପୁଣି ଦାନା ଫୋପାଡି ସହସ୍ର କଳରବ ବତକଙ୍କ ଗହଣରେ ନିଜକୁ ମୋଗଲ ସମ୍ରାଟଙ୍କ ଝିଅବୋଲି ଭାବୁଥିଲେ । ଏକ ଭୟଙ୍କର ଦର୍ଶନ ଜାହାଜ ଆକୃତିର ଜଳଯାନଟିଏ ଅନବରତ ଶବ୍ଦକରି, ହ୍ରଦତଳେ ଜମିଯାଉଥିବା ପଟୁକୁ ସ୍ଥାନାନ୍ତରୀତ କରୁଥିଲା, ପ୍ରକାରାନ୍ତରେ ଗଭୀରତାକୁ ବଜାୟ ରଖୁଥିଲା । ହ୍ରଦର ଦୁଇ କଡେ ଥିବା ମାଲରୋଡ ଓ ଶ୍ରୀ ଅରବିନ୍ଦ ରୋଡରେ ଧିରେଧିରେ ଭିଡ ଜମୁଥିଲା । ଏବଂ ସାରା ନୈନୀତାଲ ସହରର ଲୋକେ ଆସି ଜମା ହେଉଥିଲେ । ହ୍ରଦରେ ଥିବା ବୋଟ୍ କ୍ଲବ୍ କାଠ ଘରଟି ପାଖରେ ଡଜନେ ସରିକି ଲମ୍ବା ଲମ୍ବା ଆହୁଲାମର୍ ଦେଶୀ ଡଙ୍ଗା ଫୁଲ ଓ ରଙ୍ଗୀନ ଜରିରେ ସଜା ହୋଇ ପ୍ରସ୍ତୁତ ହେଉଥିଲେ । ବଛାବଛା ତରୁଣମାନେ ହାତଗୋଡ ଛାଟି, ଆଉ କିଛି ଘଣ୍ଟାପରେ ଆରମ୍ଭ ହେବାକୁ ଥିବା ନୌକା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଥିଲେ । ହ୍ରଦକଡରେ କ୍ରମବର୍ଦ୍ଧମାନ ଭିଡ, ଟ୍ରାଫିକ୍ ପୋଲିସ୍ ଙ୍କ ଘନଘନ ହୁଇସିଲ୍ ଶବ୍ଦ ତଥା ବୋଟ କ୍ଲବ୍ ରୁ ଭାସି ଆସୁଥିବା ପୁନଃ ପୁନଃ

ମାଇକ୍ ପରୀକ୍ଷାର ହାଲୋ ହାଲୋ ଶବ୍ଦ.... ଏସବୁ ସୂଚାଉ ଦେଉଥିଲା ଆଗାମୀ ନୌକା ପ୍ରତିଯୋଗିତା ଖୁବ୍ ସରଗରମ ହେବ । ସହର ବାସୀଙ୍କ କରତାଳ ଓ ଚିତ୍କାରରେ ବନଭୂମି କମ୍ପି ଉଠିବ – ଏ କଥା ସହଜରେ ଅନୁମାନ କରାଯାଉଥିଲା ।

ଏମିତି ହିଁ ନୈନୀ ହ୍ରଦବକ୍ଷରେ ଦୈନନ୍ଦିନ ଜୀବନ ଚାଲିଥାଏ । ନୈନୀ ହ୍ରଦରେ ନୌକାବିହାର ସମସ୍ତଙ୍କ ପାଇଁ ଉପଭୋଗ୍ୟ । ଉତ୍ତରାଞ୍ଚଳରେ ପର୍ଯ୍ୟଟନ ଓ ତୀର୍ଥାଟନ ଦୃଷ୍ଟିରୁ ନୈନୀତାଲ ଏକ ଗୁରୁତ୍ୱପୂର୍ଣ୍ଣ ଜାଗା । ଏହି ସହରରେ ପାଦ ରଖୁରଖୁ ନୌକାବିହାର ପାଇଁ ନିମନ୍ତ୍ରଣର ବହୁଳତା ଭିତରେ ସାଧାରଣ ମଣିଷଟିଏ ଅଯାଚିତ ନିଜକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିବାକୁ ଲାଗେ । ୧୩୦୦ ମିଟର ଦୈର୍ଘ୍ୟ, ୩୫୦ ମିଟର ପ୍ରସ୍ଥ ଓ ସର୍ବାଧିକ ୨୯ ମିଟର ଗଭୀରତା ଥିବା ଏହି ହ୍ରଦ, ଦୀର୍ଘ ଦିନର ମାନବକୃତ ଅତ୍ୟାଚାରରେ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଥିଲା । ଏବେ କିନ୍ତୁ ତାକୁ ରୋକିବା ପାଇଁ ଚେଷ୍ଟା ଚାଲିଛି । ହ୍ରଦକୁ ସଂଯୋଗ କରୁଥିବା ଜଳ-ଆଗମନ ରାସ୍ତା ବା ନାଳ ସବୁରେ ଏକାଧିକ ଲୌହ-ଜାଲିର ବ୍ୟବସ୍ଥା ଯୋଗୁଁ ପଲିଥିନ୍ ତଥା ଅନ୍ୟ ଉଦବାକ୍ୟ ବସ୍ତୁକୁ ରୋକାଯାଇ ପାରୁଛି ।

ନୈନୀ ହ୍ରଦ କୂଳରେ ବହୁ ପ୍ରାଚୀନ ଦେବୀ ନାରାୟଣୀଙ୍କ ମନ୍ଦିର । କୁହାଯାଏ ତିନି ମହାନ୍ ଋଷି – ଅତ୍ରୀ, ପୁଲହ ଓ ପୁଲସ୍ତ୍ୟ ଏଠାରେ ବସି ତପସ୍ୟା କଲାବେଳେ ସୁନ୍ଦର ଜଳାଶୟର ଅଭାବ ଅନୁଭବ କଲେ । ତିନି ଋଷି ଏଠାରେ ତିନିଟି ଗର୍ତ୍ତ କଲେ ଏବଂ ମାନ ସରୋବରରୁ ଜଳର ଏକ କ୍ଷୀଣଧାରା ଆସି ଏହି ତିନି ଗର୍ତ୍ତକୁ ପୂରଣ କରିବା ପରେ ଉପରକୁ ଉଛୁଳି ପଡିଲା ଏବଂ ଏକ ହ୍ରଦରେ ପରିଣତ ହେଲା । ବଣ୍ୟଜନ୍ତୁଙ୍କ ବର୍ଷବ୍ୟାପୀ ତୃଷା ନିବାରଣ, ସାଧୁସନ୍ଥଙ୍କ ସ୍ନାନ ତଥା ତୀର୍ଥଯାତ୍ରୀଙ୍କ ସ୍ନାନ-ଦର୍ଶନ ପାଇଁ ଏହି ହ୍ରଦ ବ୍ୟବହାରରେ ଲାଗିଲା । ଏବେ ମଧ୍ୟ ଆକୃତି ଦୃଷ୍ଟିରୁ ଏହା ମୁଖ୍ୟତଃ ତିନି ଭାଗରେ ବିଭକ୍ତ ଏବଂ ଇଂରେଜଙ୍କ ଅମଳରେ ଏହା ପରୀକ୍ଷାସିଦ୍ଧ ହୋଇଥିଲା ଯେ ସ୍ୱଚ୍ଛତା ଓ ନୀରୁତା ଦୃଷ୍ଟିରୁ ଏହା ମାନସରୋବର ସହ ସମାନ । ଆଜକୁ ଦେଢଶ ବର୍ଷ ତଳ ପର୍ଯ୍ୟନ୍ତ, ଏହି ଜାଗା ସମ୍ପୂର୍ଣ୍ଣ ଅଗମ୍ୟ ଥିଲା । ଏଠାକୁ ତୀର୍ଥଯାତ୍ରୀମାନେ କେବଳ ଆସୁଥିଲେ ଏବଂ ଏଠାରେ ସ୍ନାନ କରି ମାନସରୋବରରେ ସ୍ନାନର ଏକ ବିକଳ୍ପ ଅନୁଭୂତିରେ ପୁଲକିତ ହେଉଥିଲେ । ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ, ସତୀଙ୍କ ଅଗ୍ନି ଦଗ୍ଧ ଶରୀରରୁ ପତିତ ହୋଇଥିବା ଅପୂର୍ବ ନୟନରୁ

ସୃଷ୍ଟ ଏହି ହ୍ରଦ ନଜର ପୌରାଣିକ ଐତିହ୍ୟ ଯୋଗୁଁ ଏକ ଶକ୍ତିପୀଠ ରୂପେ ବିଖ୍ୟାତ । ଆକାଶ ମାର୍ଗରୁ ବା ଦୂର ପର୍ବତ ଶିଖରରୁ ନିମ୍ନରେ ଜଙ୍ଗଲଘେରା ଏହି ହ୍ରଦଟି ସତରେ ଦେବୀଙ୍କ ଅପୂର୍ବ ନୟନ ପରି ଦେଖାଯାଏ । ପ୍ରବାଦ ଅଛି ସ୍ୱର୍ଗର ଦେବତା, ଗନ୍ଧର୍ବ ଓ ପରୀମାନେ ଅବଗାହନ ଓ ସନ୍ତରଣ ପାଇଁ ଏହି ହ୍ରଦକୁ ଆସିଥାନ୍ତି ।



ନୈନୀତାଲ ପାଖାପାଖି ଆହୁରି କିଛି ହ୍ରଦ ରହିଛି, ଯାହାକୁ ବୁଲିବା ପାଇଁ ଗୋଟିଏ ପୁରାଦିନ ଦାବୀ କରିଥାଏ । ଆମେ ଉତ୍ତରାଞ୍ଚଳ ପର୍ଯ୍ୟଟନ ବିଭାଗର ଗାଡିରେ ବାହାରି ପଡିଲୁ – ଉଦ୍ଦେଶ୍ୟ ଥିଲା ପାଖାପାଖି ଅନ୍ୟ ହ୍ରଦସବୁକୁ ମନଭରି ଦେଖିବା । ଏଠାରେ ସବୁ ହ୍ରଦର ନାମ ପଛରେ ତାଲ୍ ଲାଗିଥାଏ, କାରଣ ତାଲ୍ ର ଅର୍ଥ ହେଲା ହ୍ରଦ । ପ୍ରଥମେ ଗାଡି ପହଞ୍ଚେ ନଉକୁଚିଆ ତାଲ୍, ଯାହାର ଆକ୍ଷରିକ ଅର୍ଥ ହେଲା ନଅ କୋଣିଆ ହ୍ରଦ । ଆକାଶ ମାର୍ଗରୁ ଏହା ଭାରତ ମାନଚିତ୍ର ପରି ଦେଖାଯାଏ । ମାନସ ଖଣ୍ଡରେ ଏହା ସନତ କୁମାର ସରୋବର ବୋଲି ଉଲ୍ଲେଖିତ ରହିଛି । କଥିତ ଅଛି ଯେଉଁ ଭାଗ୍ୟବାନ ବ୍ୟକ୍ତି କୂଳରେ କୌଣସି ଜାଗାରେ ଠିଆହୋଇ ଏକା ଥରକେ ୯ଟି ଯାକ କୋଣକୁ ଦେଖିପାରିବ – ଭାଗ୍ୟଲକ୍ଷ୍ମୀ ତାକୁ ନିଶ୍ଚୟ ପ୍ରସନ୍ନ ହେବେ । ହ୍ରଦ ଚାରିକଡେ ବୁଲିବୁଲି କିଛି ପର୍ଯ୍ୟଟକ ସେଇ ଅଜଣା ସ୍ଥାନର

ଖୋଜ ଲଗାନ୍ତି – କନ୍ତୁ କେବେହେଲେ ସଫଳ ହୁଅନ୍ତି ନାହିଁ । ଫଳ ଏତିକ ହୁଏ, ହ୍ରଦ ଗ୍ଭରିପଟେ ବୁଲୁବୁଲୁ ସୁନ୍ଦର ପ୍ରକୃତିର ଦର୍ଶନ ହୋଇଯାଏ । ପ୍ରକାରାନ୍ତରେ ତାହାହିଁ ତା ସାରାଜୀବନ ପାଇଁ ସାଇତା ହେବା ସ୍ମୃତି, ତାହା ହିଁ ତ ଭାଗ୍ୟଲକ୍ଷ୍ମୀ !

ନଉକୁଚଆ ହ୍ରଦର ଗୋଟିଏ କଣକୁ ପୋଲଟିଏ ଅଛି, ଯାହାକ ସିଧା ଅପର ପାର୍ଶ୍ୱକୁ ସଂଯୋଗ କରୁଛି । ପୋଲର ଉଚ୍ଚତା ଜଳ ପତନଠାରୁ ମାତ୍ର ଦୁଇଫୁଟ ଉଚ୍ଚରେ, ପୋଲର ଗୋଟିଏ ପାଖରେ ପଦ୍ମବନ, ଅପର ପାର୍ଶ୍ୱରେ ନୌକାବିହାର ପାଇଁ ବିସ୍ତୀର୍ଣ୍ଣ ଜଳଧାର । ଲକ୍ଷଲକ୍ଷ ପଦ୍ମର ସମ୍ଭାରରେ ପ୍ରହେଳକା ମୟ ପଦ୍ମବନ, ଟେକାଟିଏ ଫୋପାଡି ଦେଲେ ପାଣିରେ ପଡିବାକୁ ଖାଲି ଜାଗା ନାହିଁ । ବିରଳ ଦର୍ଶନ ପଦ୍ମବନ ଓଡିଶାର ଲୋକପ୍ରିୟ ଗୀତ – "ଆହେ ନୀଳଶୈଳ ... ନଳନୀ ବନକୁ କଲ ଦଳନ" କୁ ମନେ ପକେଇଦିଏ, ଯାହାର ଅର୍ଥ ହେଲା – ହେ ପ୍ରଭୁ, ମୋ ଆର୍ତ୍ତମୟ ଦୁଃଖି ମନର ପଦ୍ମବନକୁ ତୁମେ ପାଗଳା ହାତୀ ପ୍ରାୟେ ଦଳନ କରି ମୋତେ ଦୁଃଖ ମୁକ୍ତ କଲ । ସତରେ ଆଖି ଆଗରେ ଏମିତି ପଦ୍ମବନଟିଏ ଦେଖିଲେ ହିଁ ସେଇ ଲୋକପ୍ରିୟ ଗୀତର ମାଧୁର୍ଯ୍ୟ ଅନୁଭବ କରିହୁଏ । ହ୍ରଦର ସେକଡେ, ଅପେକ୍ଷାକୃତ ନର୍ଜନ ଜାଗାରେ, ଏକାନ୍ତ ଭାବେ ଠିଆ ହୋଇଛି ଏକ ବହୁକୋଟି ଟଙ୍କାର ସୁରମ୍ୟ ପ୍ରାସାଦ, ଯାହାର କାଚ ବେଢା ବାରଣ୍ଡାରେ ବସି ସାମନାର ସଂପୂର୍ଣ୍ଣ ହ୍ରଦକୁ ଅବଲୋକନ କରିହୁଏ । ନୌକାରେ ବସି ବୁଲିଲାବେଳେ ସବୁ ଜାଗାରୁ ସେହି ପ୍ରାସାଦ ଦିଶିଯାଏ । ବୁଢା ନାଉରୀ କଥାଛଳରେ ଅନେକ ସତ୍ୟ ଓ ଅର୍ଦ୍ଧସତ୍ୟ କାହାଣୀର ପସରା ମେଲାଏ, ନୌକା ବିହାର ଅଧିକ ରୋମାଞ୍ଚକର ହୁଏ । କେଉଁ ଆଦିମ କାଳରୁ କଥା ରହିଛି ଯେ, ଗଭୀର ନଶାର୍ଦ୍ଧରେ ସ୍ୱର୍ଗର ଅପସରା, ଗନ୍ଧର୍ବ ଓ କନ୍ନର ମାନେ ଅବଗାହନ ପାଇଁ ଏହି ହ୍ରଦକୁ ଆସନ୍ତି, ପୋଷ୍ଣିତ ନୌକାରେ ପ୍ରଦୀପ ଜାଳ ସଂଗୀତ ଓ ନୃତ୍ୟ କରି ବୁଲନ୍ତି । ଜଳମଧ୍ୟରୁ ସ୍ୱପ୍ନ ସୁନ୍ଦରୀ ଜଳକନ୍ୟାମାନେ ବାହାରି ଆସି ସେମାନଙ୍କ ସହ ଯୋଗଦାନ କରନ୍ତି । ଯିଏ ଏହି ଅଭାବନୀୟ ଦୃଶ୍ୟ ଦେଖିବ, ନୃତ୍ୟକଳା ଓ ସଂଗୀତ ଭଳ ପ୍ରତିଭାର ଗଙ୍ଗା ତା ଉପରକୁ ପ୍ରବାହିତ ହେବ । ରୂପେଲି ପରଦାରେ ନାମ କମାଇବା ପାଇଁ ଗନ୍ଧର୍ବ ଓ ଅପସରାଙ୍କ ଆଶୀର୍ବାଦ ଅପରିହାର୍ଯ୍ୟ, ଅତଏବ ଚନ୍ଦ୍ରତାରକାମାନେ ସାରାରାତି, ବିଶେଷକରି ପୂର୍ଣ୍ଣମୀ ରାତିରେ ପୁରା ଉଜାଗର ରହି, ପୂର୍ବ ବର୍ଣ୍ଣିତ ସେଇ ଉଆସର କାଚଲଗା ବାରନ୍ଦାରେ

କଟେଇ ଦିଅନ୍ତି । ଆଜିକାଲି କଚ୍ଛି ଖିଆଲି ଲୋକ, ମୁଣ୍ଡରେ COW-MAN ଟୋପି ବିନ୍ଧି, ପାଣିରେ ବନସି କଣ୍ଟା ପକେଇ ସାରାଦିନ ହ୍ରଦକୂଳେ ବସି ରହିବା ଦେଖାଯାଉଛନ୍ତି ।

ଉତ୍ତରାଞ୍ଚଳ ହ୍ରଦ – ଦର୍ଶନ ଗାଡି ନଉକୁଚଆ ପରେ ସିଧା ଗଲେ ଭୀମତାଲକୁ । ଏହା ହେଉଛି ଏହି ଅଞ୍ଚଳର ସବୁଠୁ ବଡ ହ୍ରଦ । ହ୍ରଦ ମଝିରେ ଏକ ପର୍ବତ ଢିମିରର ଟାପୁ, ତା ଉପରେ ଏକ ବହୁପ୍ରଚୀନ ମନ୍ଦିର । ସମ୍ଭବତଃ କେବେ ସମୁଦ୍ର ଦେଖି ନଥିବା ପାହାଡୀ ଲୋକଙ୍କୁ ସମୁଦ୍ର ଓ ତନମଧ୍ୟସ୍ଥ ଦ୍ୱୀପର ନମୁନାଟିଏ ଦେଖେଇବା ପାଇଁ ପ୍ରକୃତି ଏପରି କରିଛି । ଭୀମତାଲ ନିକଟରେ ଭୀମେଶ୍ୱର (ଭୀମ ପରି ବିରାଟ ଓ ଭୟଙ୍କର ରୂପନେଇ ଈଶ୍ୱର ଯେଉଁଠି ପୂଜା ପାଆନ୍ତି) ମନ୍ଦିର, ଏବଂ କର୍କଟୋକ ମନ୍ଦିର ଅଛି । ଏଠାରେ ସ୍ଥାନୀୟ ଲୋକେ ନାଗପଞ୍ଚମୀରେ ପ୍ରବଳ ଭାବେ ସମାଗମ ହୋଇ ନାଗଦେବତାଙ୍କ ପୂଜା କରନ୍ତି । କୁହାଯାଏ ଏହି କର୍କଟୋକ ମନ୍ଦିର ପ୍ରଭାବରେ ଯଦିଓ ଏହି ଅଞ୍ଚଳ ପ୍ରବଳ ସର୍ପରାଜିଙ୍କ ଦ୍ୱାରା ଆକ୍ରାନ୍ତ, ମଣିଷ ସମାଜ କ୍ୱଚତ୍ ଏମାନଙ୍କ ବିଷଜ୍ୱାଳାରେ ପରାଭୂତ ହୋଇଥାନ୍ତି । ଭୀମତାଲ ହ୍ରଦ ଏକ କନ୍ତୁ ଅସୁମାରୀ କାହାଣୀ କମ୍ବଦନ୍ତୀ ଦ୍ୱାରା ବହୁ ଚର୍ଚ୍ଚିତ । ଭୀମତାଲ୍ ରେ ନୌକା ଚଳେଇ କେନ୍ଦ୍ରସ୍ଥ ଟାପୁ ମନ୍ଦିରରେ ପହଞ୍ଚିଗଲେ ଲୋକେ ଫେରିବାର ନାମ ନିଅନ୍ତି ନାହିଁ । ତେଣୁ ନାଉରୀଆ ବା ବୋଟ ମାଲିକ ଆଗରୁ ସମୟର ପ୍ରତିବନ୍ଧ ଲଗେଇ ଦେଇଥାନ୍ତି ।



କମ୍ବଦନ୍ତୀ କହେ ଭୀମଙ୍କ ପୁତ୍ର ଘଟୋତ୍କଚ ନିଜ ହାତରେ ଏହି ବିଚିତ୍ର ହ୍ରଦଟି ନିର୍ମାଣ କରିଥିଲେ ଏବଂ ବାପାଙ୍କୁ ଉପହାର ଦେଇଥିଲେ । ମଝିରେ ଥିବା ଟାପୁରେ ବସି କକା, ଦାଦା ଓ ମାତା ଦ୍ରୌପଦୀ ନିର୍ଦ୍ଦପଦରେ ସମୟ କାଟି ପାରିବେ ବୋଲି ତାର ମଧ୍ୟ ବ୍ୟବସ୍ଥା କରିଥିଲେ ।

ଆଜି ଭୀମତାଲର ରୂପ କ୍ଷିପ୍ରଗତିରେ ବଦଳିବାରେ ଲାଗିଛି । ବମ୍ବେ ପରି ଏଠାରେ ମଧ୍ୟ ଏକ ଫିଲ୍ମସିଟି ନିର୍ମାଣର ଯୋଜନା ଅଛି । ଆଜି ଭୀମତାଲ କହିଲେ ଏଠାକାର ଲୋକ ବୁଝନ୍ତି ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଭିଡ ବଢିଲେ କେତେଟଙ୍କା ରାଜସ୍ୱ ଆସିବ, କେତେ କର୍ମ ନିଯୁକ୍ତି ବଢିବ, ଅଲୋଡା ହୋଇ ପଡିଥିବା ଜଙ୍ଗଲରେ ବର୍ଗଫୁଟ୍ ଜାଗାର ଦାମ୍ କେତେ ହେବ ଇତ୍ୟାଦି ଇତ୍ୟାଦି । ସେପରି ହେଲେ ହୁଏତ ଅନ୍ୟ କିଛି ହୋଇପାରେ, ଭୀମତାଲ୍ ହୋଇ ରହିବ ନାହିଁ ।

ଉତ୍ତରାଞ୍ଚଳକୁ ଭାରତରେ ଦେବ ସାମ୍ରାଜ୍ୟ କୁହାଯାଏ । ଏହି ଦେବ ସାମ୍ରାଜ୍ୟର ସବୁଠୁ ବଡ ହ୍ରଦ ହେଉଛି ଏହି ଭୀମତାଲ । ନୌକା ଚଳାଇଲାବେଳେ କ୍ଲାନ୍ତିର ବା ଅବସାଦର ପ୍ରଶ୍ନ ଉଠେନା । ଦୂରରୁ ଟ୍ୟୁଲିପ୍ ଫୁଲର ବଗିଚା ଓ ଆହୁରି ଦୂରରେ ଗଲଫ୍ ଖେଳ ପାଇଁ ପ୍ରସ୍ତୁତ ଘାସ ପଡିଆ – ସବୁ କିଛି ସ୍ୱପ୍ନ ପରି ଲାଗେ । ଗାଇଡ୍ ଓ ଡଙ୍ଗା ବାଲାର କଡା ପ୍ରତିବନ୍ଧ ସତ୍ତ୍ୱେ ଆମେ ସମସ୍ତେ ଖୁବ୍ ଡେରିରେ ପହଞ୍ଚିଲୁ । କାରଣ ଭୀମତାଲର ଆକର୍ଷଣ ଦୁର୍ବାର, ସେଥିରୁ ମୁକୁଳିବା ଏକ ରକମ ଅସାଧ୍ୟ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ତମେ ଆସିଲ୍ ପରେ



ନବକଶୋର ଦୀପ

ତମେ ଆସିଲ୍‌ପରେ
କେଜାଣି କେଉଁଠି ହଜି ଯାଇଛି
ନଦାଘର ଝାଂଜି, ଜାଡର ମାଡ
ଧାର୍ ବରଷାକୁ ଖାତିର ନକରି
ଖାକ ପୋଷାକ ପିନ୍ଧି
ହୁଡାବାଡି ଅଙ୍କାବଙ୍କା
ଧୂଳଧୂସର ରାସ୍ତା ପାର ହୋଇ
ଘର ଘର ବୁଲି ଡାକୁଥିବା
ଡାକବାଲ୍ ର ସେ ଘଣ୍ଟି ଶବ୍ଦ...
ତମେ ଆସିଲ୍ ପରେ
କେଜାଣି କେଉଁଠି ହଜି ଯାଇଛି
ଅଝଟିଆ ଶିଶୁକୁ ଖୁଆଇବା ପାଇଁ
ଅନନ୍ୟୋପାୟ ହୋଇ
ମା ତାର କଅଁଳ ଆଙ୍ଗୁଠି
ଦେଖେଇ ଗାଉଥିବା
ଆ ଜହ୍ନମାମୁଁ ସରଗ ଶଶୀର
ସେ ମନ ଲୋଭ୍ ସ୍ୱର...
ତମେ ଆସିଲ୍ ପରେ
କେଜାଣି କେଉଁଠି ହଜି ଯାଇଛି
ଟେଲିଗ୍ରାମ୍, ଟେଲିଫୋନ୍
ପୋଷ୍ଟକାର୍ଡ ଓ ମନଅର୍ଡର ର ଅସ୍ତିତ୍ୱ,

ଘର, ପ୍ରିୟା, ପତ୍ନୀ
ବୃଦ୍ଧ ପିତାମାତାଠାରୁ
ବହୁଦୂରରେ ଥିବା ବୀର ସୈନକର
ହାତଲେଖା ଅନ୍ତର୍ଦେଶୀୟ ପତ୍ର...
ତମେ ଆସିଲା ପରେ
କେଜାଣି କେଉଁଠି ହଜି ଯାଇଛି
କୃଷକର ମନ ମତାଣିଆ ହଳିଆ ଗୀତ;
ଆଉ ଶୁଣିବାକୁ ଇଚ୍ଛା ନାହିଁ
ଅଜାଆଇ ଠାରୁ ବୁଢୀ ଅସୁରୁଣୀ କାହାଣୀ
ଖେଳବାକୁ ମନ ଲାଗୁନ
ବୋହୁଚ୍ଚୋରୀ, କବାଡୀ, କୁତୁକୁତୁ ଓ ଲୁକଲୁକାନ...
ପ୍ରଭାବ ବିସ୍ତାରି ରହିଚ ପବଜି
କେହି କାହାକୁ ସମୟ ଦେବାକୁ ଅରାଜି
ଯନ୍ତ୍ର ପିତୁଳାଟି ଅତି ନଜର
ଜୀବନ୍ତ ମଣିଷ ସାତ ପର..
ଲାଗେ ସତେ ଯେମିତି
ଆବେଗ ସ୍ନେହ ପ୍ରେମ
କଡ ଲେଉଟେଇ
ଶୋଇ ଯାଇଛି
ମୋବାଇଲ ବେଡ ର
ଲଚଲଚଆ ଗଦି ଉପରେ.....

ବୌଦ୍ଧ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ପରୋପକାର



ନରେନ୍ଦ୍ର ପ୍ରସାଦ ବେହେରା

ପରୋପକାରରେ ଜୀବନ ବିତିଲା
ପାଇଲିନ ଟିକେ ସୁଖ
ଅକ ମୋର ଆଜି ବଢ଼ିତ ଗଲାଣି
କଏବା ଗ୍ରହିଁବ ମୁଖ ।୧।

ଏ ଜୀବନକୁ ମୁଁ ଦେଇଛି ହଜେଇ
କେବଳ ସଭିଙ୍କ ପାଇଁ
ନୁହେଁ ମୁଁ ଅଂଶେଇ ଅଟେ ଅକଲିଆ
ବୁଝିତ ପାରିବ ନାହିଁ ।୨।

ଗ୍ରହେଁନାହିଁ ମୁହିଁ ଘରକୋଣେ କେହି
ସର୍ବଦା ରୁହନ୍ତୁ ବସି
ଲେଖନୀ ମୁନରେ ସାହିତ୍ୟ ଗ୍ରଳନେ
ସମସ୍ତେ ଲଭନ୍ତୁ ଖୁସି ।୩।

ପରହିତ ପାଇଁ ଚନ୍ତାକରି ଆଜି
ମଥାଯାଏ ମୋର ଘୁରି
କେମିତି ବଞ୍ଚିବ ସାହିତ୍ୟ ଜଗତ
ପଡୁଅଛି ଆଜି ବୁରି ।୪।

କବି କବୟିତ୍ରୀ ଅଘର ଦୁଆରି
ହୁଅନ୍ତୁ ବେଗେ ତିଆରି
ସାହିତ୍ୟ ଆସରେ ସଭା ମଣ୍ଡପରେ
ପଢନ୍ତୁ କବିତା ଧରି ।୫।

ପାଞ୍ଚ ଜଣକରେ ଜଣେ ସେ ହୁଅନ୍ତୁ
ମାନ ତାଙ୍କ ଉଚ୍ଚ ହେଉ
ଉଚ୍ଚ ଚନ୍ତା କରି ବଇରୀ ସାଜିଲି
ଲୋକେ ଦେଖାଇଲେ ଭାଉ ।୬।

ଅକଲସଲ୍ମୀ ପାଇବି ଦିନେ ମୁଁ
ମନରେ ଅଛି ଧାରଣା
କରିନାହିଁ କେବେ କାହାଠାରେ ଋଣା
ଏକଥା ସଭିଙ୍କୁ ଜଣା ।୭।

ତଥାପି ମନରେ ନାହିଁ ଅବହେଳା
କରିବାକୁ ଉପକାର
ଆସୁପଛେ ଯେତେ ବାଆ ଓ ବତାସ
ହେବିନ କେବେ କାତର ।୮।

ଆଳଦା, ଖଇର୍, ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମାଟି ମା



ପ୍ରକାଶ ଚନ୍ଦ୍ର ପଣ୍ଡା

କେଉଁଦିନ ଆଉ ବୁଝିବୁରେ ବାବୁ
କେଉଁ ମାଟି ତୋର ମାଆ
କେଉଁଦିନ ଆଉ ଜାଣିବୁରେ ଧନ
କାହା କୋଳ ତୋର ସାହା ।
କେତେ ତୋତେ ଆଉ କହିବିରେ କାନେ
ତୋ ପୂର୍ବ ପୁରୁଷ କଥା
କାହାର ଦାୟଦ ହୋଇ ଜନମିଛୁ
ଶୁଣିଲେ ଘୁରିବ ମଥା ।
କେଉଁଦିନ ବାବୁ ଶୁଝିବୁରେ ଋଣ
କଷଣ ହୋଇବ ଦୂର
ଦୁଃଖେ ଜର୍ଜରିତ ମାଆ ସମ୍ମୀଭୂତ
ନୟନେ ତା ଅଶ୍ରୁଧାର ।
ଯେଉଁ ମାଟିରେ ଜନ୍ମ ନେଇଥିଲେ
ସୁବାଷ, ସୁରେନ୍ଦ୍ର ବୀର
ବକ୍ସି ଜଗବନ୍ଧୁ, କବି ଗୋପବନ୍ଧୁ
ଆଜି ବି ସିଏ ଅମର ।

ତୋ ଦେହେ ବହୁଛି ସେଇ ରକ୍ତବିନ୍ଦୁ
ଯାହାର ସନ୍ତାନ ତୁହି
ତେଜି ହେ ଭିରୁତା ଜାଗିଉଠ ବୀର
ଏହି ମାଟି ମାଆ ପାଇଁ ।
ଅକ୍ଷତ ରହୁ ସ୍ଥାବର ଜଙ୍ଗମ
ଗିରୀ ନଦୀ ନାଳ ଯେତେ
ହସିଉଠୁ ଏହି ମାଟିର ଭୂଷା
ଭଲ ମୁଁ ପାଉଛି ଯାହାକୁ ଏତେ
ଯାହାକୁ ଏତେ.....

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଆଶ୍ରମ ସ୍କୁଲର ଅବସ୍ଥା



ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ

ଦୀର୍ଘଦିନ ହେଲା ବିଦେଶରେ ରହି ମଧ୍ୟ ମୁଁ ଦେଶମାଟିକୁ ଭୁଲିପାରିନାହିଁ । ବରଂ କିଛି ଅଘଟଣ ଘଟିବା ଖବର ପଢି ବେଶିବେଶି ଘାରି ହୋଇଛି । ସେମିତି ଖବରକାଗଜରେ ପଢିଲି ଆଶ୍ରମ ବିଦ୍ୟାଳୟରେ ତେର ବର୍ଷର ଝିଅ ଅନ୍ତସତ୍ୱା । ଆଉ ଗୋଟିଏ ଘଟଣା ମୋତେ ଚକିତ କରିଥିଲା । ତାହା ହେଉଛି ପ୍ରଧାନଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଙ୍କୁ ଗୋଟିଏ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀମାନେ ଏକ କୋଠରୀରେ ତାଲା ପକାଇ ଜିଲ୍ଲା ଅଧିକାରୀ ମାନଙ୍କ ପାଖରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି । ସେମାନେ ସ୍କୁଲ ସମୟରେ ପ୍ରେମାଳାପରେ ବ୍ୟସ୍ତ ରହନ୍ତି ଓ ଛାତ୍ରୀମାନଙ୍କୁ ଗୃହର ଭୃତ୍ୟ ଭଳି ବ୍ୟବହାର କରନ୍ତି । କିନ୍ତୁ ଛାତ୍ରଛାତ୍ରୀ ସେମାନଙ୍କୁ ସ୍କୁଲରୁ ବାହାର କରାଯାଉ ବୋଲି ଦାବୀ କରିଛନ୍ତି । ଏହା ଏକ ଦୃଷ୍ଟାନ୍ତ ମାତ୍ର । କିନ୍ତୁ ପ୍ରକୃତରେ ଆଶ୍ରମ ସ୍କୁଲମାନଙ୍କରେ ଅନେକ ବିଶୃଙ୍ଖଳା । ଝିଅମାନଙ୍କ ଅବସ୍ଥା ବଡ ଶୋଚନୀୟ । ମୁଣ୍ଡରେ ଉକୁଣି ଅଛି କହି ସେମାନଙ୍କୁ ଲମ୍ବାବାଳ କାଟିବାକୁ ବାଧ କରାଯାଏ । ସେମାନଙ୍କର ଘର ଖାଦ୍ୟକୁ ନାକଚ କରାଯାଏ । ପଢା ନାମରେ ନାନା ଭେଦଭାବ ମଧ୍ୟ ସୃଷ୍ଟି କରାଯାଏ । ଏବେ ଭାରତ ଯାଇଥିବାବେଳେ ରାୟଗଡା ଯିବାର ସୁଯୋଗ ହୋଇଥିଲା । ସେଠାରେ ଶୁଣିଲି ଯେ ଆଶ୍ରମ ବିଦ୍ୟାଳୟରେ ପଢିଥିବା ପୁଅ ଝିଅମାନେ ବିଶେଷ କିଛି ଶିଖୁ ନାହାନ୍ତି । ବରଂ ଗାଈ ଚରାଉଛନ୍ତି ବା ବେକାର ହୋଇ ବୁଲୁଛନ୍ତି ।

ଏଠାରେ ଉତ୍ତର ଆମେରିକା ଏବଂ ଅଷ୍ଟ୍ରେଲିୟା ଦେଶର କିଛି ତଥ୍ୟ ତୁଳନାତ୍ମକଭାବେ ରଖୁଛି । ଊନବିଂଶ ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେମାନଙ୍କର ସ୍ଥାନୀୟ ଲୋକମାନଙ୍କୁ ବହୁ ଅତ୍ୟାଚାର ସହିବାକୁ ପଡୁଥିଲା । ସେମାନଙ୍କ ଛୁଆମାନଙ୍କୁ ଘରୁ ନେଇ ଆବାସିକ

ବିଦ୍ୟାଳୟ ମାନଙ୍କରେ ରଖାଯାଉଥିଲା । ସେମାନଙ୍କୁ ନିଜର ଭାଷା, ଧର୍ମ ଏବଂ ରହିବାର ପ୍ରଣାଳୀକୁ ଭୁଲିଯିବାପାଇଁ ଅନେକ ପ୍ରକାର ଚେଷ୍ଟା କରାଯାଉଥିଲା । ସେମାନଙ୍କ କେଶ କାଟି ଦିଆଯାଉଥିଲା । ନାଁ ବଦଳାଇ ଭିନ୍ନ ଧର୍ମର ନାମ ଦିଆଯାଉଥିଲା ଏବଂ ନିଜ ଭାଷା ବ୍ୟବହାର କଲେ ମଧ୍ୟ ଦଣ୍ଡ ମିଳୁଥିଲା । ସେମାନଙ୍କର ସ୍ୱାତନ୍ତ୍ର୍ୟ ଲୋପ କରିବାପାଇଁ ଏସବୁ ପ୍ରୟାସ ହିଁ ଥିଲା ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିଶ ଲୋକମାନେ ଓଡ଼ିଶା ଆସି କେତେଗୁଡ଼ିଏ ମିଶନ ବସାଇଲେ । ମିଶନାରୀମାନେ ଧର୍ମାନ୍ତରର ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟ ଆରମ୍ଭ କଲେ। ଜଣେ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଭେରିବାର ଏଲଭ୍ୱିନ ଆଦିବାସୀ ପିଲାଙ୍କ ପାଇଁ ଆଶ୍ରମ ସ୍କୁଲକୁ ଖୁବ୍ ପ୍ରୋତ୍ସାହନ ଦେଇଥିଲେ । କେନ୍ଦ୍ର ସରକାରଙ୍କର ଆଦିବାସୀ କଲ୍ୟାଣ ଯୋଜନାର ସେ ଜଣେ ପରାମର୍ଶଦାତା ଥିଲେ । ତାଙ୍କର ମତଥିଲା ଯେ ଆଶ୍ରମ ବିଦ୍ୟାଳୟ ଆଦିବାସୀ ପିଲାମାନଙ୍କୁ ମୌଳିକଶିକ୍ଷା ପ୍ରଦାନ କରିବ ଏବଂ ସେମାନଙ୍କୁ ଅନେକ ସାମାଜିକ ଶୋଷଣରୁ ରକ୍ଷା କରିବ । ଆଦିବାସୀଙ୍କ ଉପରେ ସାହୁକାର ଓ ଧୋବଧାଉଳିଆ ଲୋକମାନଙ୍କର ଅତ୍ୟାଚାର ବିଷୟ ଆପଣମାନେ ଗୋପୀନାଥ ମହାନ୍ତିଙ୍କ ପରଜାରୁ ଅବଗତ ହୋଇଥିବେ ନିଶ୍ଚୟ । ଅବଶ୍ୟ ପରଜା ରଚନାପରଠାରୁ ଦୀର୍ଘଦିନ ଅତିବାହିତ ହୋଇଗଲାଣି । କିନ୍ତୁ ଏତେ ସବୁ ଅର୍ଥ ଖର୍ଚ୍ଚ, ସରକାରୀ ଯୋଜନା ସତ୍ତ୍ୱେ ସତରେ କ'ଣ ସେମାନେ ସୁରକ୍ଷିତ**?** ବିଶେଷ କରି ଆଦିବାସୀ ଝିଅମାନେ ତ ଖୁବ୍ କଷ୍ଟରେ ଅଛନ୍ତି ।

ଆମେରିକାରେ ଆମେରିକୀୟ ଆଦିବାସୀ ପିଲାମାନଙ୍କୁ ଦୂରଦୁରାନ୍ତ ଆବାସିକ ବିଦ୍ୟାଳୟରେ ରଖିବାର କାରଣ ଅଲଗାଥିଲା । ଯୁକ୍ତରାଷ୍ଟ୍ର ଆମେରିକାରେ ଊନବିଂଶ ଓ ବିଂଶ ଶତାବ୍ଦୀରେ ସରକାର ତାଙ୍କ ଆଦିବାସୀମାନଙ୍କ ସହିତ ୪୦୦ ଚୁକ୍ତିପତ୍ର କରାଇଥିଲେ । ଏହାର ଅର୍ଥଥିଲା ଯେ କେନ୍ଦ୍ର କରକାର ଆଦିବାସୀମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ଭରଣପୋଷଣର ଦାୟିତ୍ୱ ନେବେ । କିନ୍ତୁ ଦୁଃଖର ବିଷୟ ଯେ ଏହା କାର୍ଯ୍ୟରେ ସମ୍ପାଦିତ ହୋଇପାରିଲା ନାହିଁ । ଖାଦ୍ୟ ଦେବା ନାମରେ ଆମେରିକା ସରକାର ଆଦିବାସୀଙ୍କ ଜାଗାରେ କଳ କାରଖାନା ଓ ଖାଦ୍ୟ ବିକ୍ରି କାମ ଆରମ୍ଭ କଲେ । ବ୍ୟବସାୟୀମାନେ ନିଜ ନିଜ

ଦୋକାନ ବସାଇ ଆମ୍ବର ପନ୍ଥା ବାହାର କଲେ । ଅପର ପକ୍ଷରେ ଆଦିବାସୀଙ୍କର ଖାଦ୍ୟ ଯୋଗାଡ଼ ପ୍ରଣାଳୀ ମଧ୍ଧ ଶିକାର ଓ ଅନ୍ୟସମସ୍ତ ପ୍ରକାର ଗୃଷ କାର୍ଯ୍ୟ ବନ୍ଦ ହୋଇଗଲା ।

ଆଦିବାସୀମାନଙ୍କର ଶିକ୍ଷାର ଦାୟିତ୍ୱ କନ୍ତୁ ଚର୍ଚ୍ଚ ହାତରେ ରହିଲା । ଖ୍ରିଷ୍ଟିୟାନ ଶିକ୍ଷାଳୟ ଗୁଡ଼ିକ ଆମେରିକାର ଆସିବାସୀଙ୍କୁ ଘୃଣା କରୁଥିଲେ ଓ ନମ୍ନସ୍ତରରେ ରଖିଥିଲେ । ଏହିଭଳ ଶିକ୍ଷାଦ୍ୱାରା ସେମାନେ ତାଙ୍କର ନଜର ଭାଷା ଏବଂ ସଂସ୍କୃତି ଗୃହିଦା ଭୁଲିବାକୁ ଲାଗିଲେ । ଯାହା ଦ୍ୱାରା ଶିକ୍ଷିତ ହୋଇ ସେମାନେ ସଂପୂର୍ଣ୍ଣ ଆମେରିକୀୟ ହୋଇ ପାରିଲେ ନାହିଁ କମ୍ବା ନଜ ସଂସ୍କୃତିକୁ ଆଦରି ପାରିଲେ ନାହିଁ । ସେମାନଙ୍କୁ ବାରମ୍ବାର ଅବଗତ କରାଗଲା ଯେ ତୁମେ ଆଦିବାସୀ । ତେଣୁ ଆଦିବାସୀ ଭଳ ବ୍ୟବହାର କରି ଶିଖ । ବର୍ତମାନ ସେଠାକାର ଆଦିବାସୀମାନେ ମଦ୍ୟପାନ ତଥା ଡାଇବେଟିସ୍ (ମଧୁମେହ) ହୃଦରୋଗ ଏବଂ ମାନସିକ ରୋଗରେ ପିଡୀତ ।

ଏଠାରେ କେତୋଟି ପୁରାତନ ତଥ୍ୟ ଉପସ୍ଥାପନ କରୁଛି । ୧୮୭୦ ଏବଂ ୧୮୮୦ ବେଳକୁ ଆମେରିକାର କେନ୍ଦ୍ର ସରକାର ୩ଟି ଆବାସିକ ବିଦ୍ୟାଳୟ ଆରମ୍ଭ କରିଥିଲେ । ଗୋଟିଏ ପେନସିଲଭେନଆରେ କାର୍ଲାଇଲ ବିଦ୍ୟାଳୟ, ଦ୍ୱିତୀୟଟି ଲରେନ୍ଓ କସାସର ବିଦ୍ୟାଳୟ ଓ ତୃତୀୟଟି ରିଭରସାଇଡ କାଲିଫର୍ଣ୍ଣିଆ ପ୍ରଦେଶରେ ଥିଲା । ତାଙ୍କର ପାଠ୍ୟକ୍ରମରୁ ଜଣାପଡ଼େ ଯେ ତାଙ୍କର ଶିକ୍ଷା ପ୍ରଣାଳୀ ଦେଶର ଧଳା ଓ କଳା ଲୋକଙ୍କଠାରୁ ଅଲଗାଥିଲା । ସେମାନଙ୍କୁ କେବଳ (ଶ୍ରମ ଉପଯୋଗୀ) ଭୋକେସନାଲ ଟ୍ରେନଂ ଦିଆଯାଉଥିଲା । ସେଠାରୁ ଉତୀର୍ଣ୍ଣ ହେଲେ ସେମାନେ କେବଳ ଛୋଟକାଟିଆ ଗ୍ରକରି କରିବାକୁ ଯୋଗ୍ୟ ହେଉଥିଲେ । ବର୍ତ୍ତମାନ ସେହି ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଯାଉଛି । ସେହି ଶିକ୍ଷାର ଭବିଷ୍ୟତ ପିଢି ଉପରେ ପ୍ରଭାବ କଳ୍ପନା କରିବା ସମ୍ଭବନୁହେଁ ।

ଏହା ଉପରେ ଅନେକ ଆଲୋଚନା ହୋଇଛି । ବିଭିନ୍ନ ସମୟରେ ଅଭିଜ୍ଞ ବ୍ୟକ୍ତିମାନେ ବିଭିନ୍ନ ରିପୋର୍ଟ ଦେଇଛନ୍ତି । ସେମିତି ଆମେରିକାର ଆଦିବାସୀମାନଙ୍କର କେଶ କାଟିଦେଇ, ନାମ ପରିଚତ କରିଦେବା ପ୍ରଭୃତି ଆମେ ଆଗରୁ ଆଲୋଚନା କରିଛୁ । ନଜର ଭାଷା ଉଚ୍ଚରଣ କରିଦେଲେ ସେମାନଙ୍କ ଜିଭରେ ଲଂକା ଲଗାଇ ଦିଆଯାଉଥିଲା ଏବଂ ପାଟିକୁ

ସାବୁନରେ ଧୋଇବାପାଇଁ ନିର୍ଦ୍ଦେଶ ଦିଆଯାଉଥିଲା । ଏଭଳି ଏକଲାପଣ ଆଦିବାସୀ ପିଲାଙ୍କୁ ନିସଙ୍ଗ କରି ଦେଉଥିଲା ଓ ସେମାନେ ଅନ୍ୟମାନଙ୍କଠାରୁ ଭିନ୍ନ ଏକଥା ସେମାନଙ୍କୁ ବାରମ୍ବାର ମନେ ପକାଇ ଦିଆଯାଉଥିଲା । ବର୍ତ୍ତମାନ ଆମେରିକାର ଆଦିବାସୀ ଅଞ୍ଚଳରେ ଆତ୍ମହତ୍ୟା ବିଭିନ୍ନ ମାନସିକ ରୋଗ ତଥା ପରିବାରିକ ହିଂସା ପ୍ରଭୃତି ଏହି ଶିକ୍ଷାର ସୁଦୂରପ୍ରସାରୀ ବିଷମୟ ଫଳ ।

ବର୍ତମାନ ଆମେ ଓଡ଼ିଶାର ଆଶ୍ରମ ବିଦ୍ୟାଳୟମାନଙ୍କ ସଂପର୍କରେ ଆଲୋଚନା କରିବା । ଏହି ଆଶ୍ରମ ବିଦ୍ୟାଳୟ ଗୁଡ଼ିକ ପ୍ରାୟ ଆମେରିକା ଏବଂ କାନାଡା ଦ୍ୱାରା ଅନୁପ୍ରାଣିତ । ଏହି ବିଦ୍ୟାଳୟଗୁଡ଼ିକରୁ ଉତୀର୍ଣ୍ଣ ହୋଇଥିବା ଆଦିବାସୀ ପିଲାମାନେ ସମାଜରେ ବଡ଼ ନାମ କରିବାର ଆମେ ଶୁଣୁନାହୁଁ । କାରଣ ନାନା ପ୍ରକାର ଦୁର୍ନୀତି, ଅପକର୍ମ ଏବଂ ଆଦିବାସୀ ଝିଅମାନଙ୍କ ଉପରେ ହେଉଥିବା ଶାରିରୀକ ଅତ୍ୟାଚ୍ଚର ସଂପର୍କରେ ବାରମ୍ବାର ଖବରକାଗଜରୁ ପଢିବାକୁ ପଡୁଛି।

ଟିକିଏ ଆତ୍ମୀୟତା ଦେଖାଇ ଆମେ ସେମାନଙ୍କ ନିକଟକୁ ଯାଇପାରୁଛେ କି? ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବାକୁ ଆପଣହିଁ ଲୋଡା ବୋଲି ମୁଁ ଭାବୁଛି । ଏହି ବିଦ୍ୟାଳୟର ପାଠ୍ୟ ପ୍ରଣାଳୀ ଉପରେ ଗବେଷଣା ହେବା ଉଚିତ । ଏହିଭଳି ଏକାଧିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର ପ୍ରତିଦିନର ଅଭିଜ୍ଞତା । ସେମାନଙ୍କର ଅନୁଭବ ତଥା ଘରଠାରୁ ଏବଂ ସମାଜଠାରୁ ଦୂରରେ ରହିବାର ଅନୁଭବକୁ ମଧ୍ୟ ସମ୍ବେଦନଶୀଳ ହୋଇ ସମୀକ୍ଷା କରିବା ଆବଶ୍ୟକ ।

ପ୍ରଫେସର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ୟୁଏସଏ

# ଖୁସି



ଉଦୟ କୁମାର ପଣ୍ଡା

ଖୁସି ଆଜି ମୋ ପାଇଁ
ପୂର୍ଣ୍ଣ ରଜନୀର ଜୀର୍ଣ୍ଣ ଅଭିଳାସର ସ୍ୱପ୍ନଟିଏ ।
ଖୁସି ଆଜି ମୋ ପାଇଁ
ଅମାବାସ୍ୟା ରଜନୀର ମରିଚିକା ପରି ଗ୍ରହଣଟିଏ ।
ମୁଁ ତା' ମାର୍ଗର ପଥିକ କି ପ୍ରେମିକ ନୁହେଁ
ତଥାପି ଜାଣେନା କାହିଁକି ଏତେ ମୁଁ ।
ଖୋଜୁଥାଏ ତାକୁ ଗାଁ ରୁ ସହର ଯାଏଁ
ଜାଣେନା କାହିଁକି ଖୁସି ଟିକେ ଖୋଜୁଥାଏ ।
ଶାନ୍ତମୟୀ ପ୍ରକୃତିର ବକ୍ଷଠାରୁ
ଅଶାନ୍ତ ସମୁଦ୍ରରେ ଶାମୁକାର ଗର୍ଭ ଯାଏଁ ।
ସକାଳରୁ ସଞ୍ଜଯାଏଁ ଅନ୍ୱେଷଣ କରୁଥାଏ
ସଞ୍ଜ ଯେବେ ନଇଁଯାଏ ରଜନୀ ଆସି ଉଭାହୁଏ ।
ପୁଣି ସ୍ୱପ୍ନରେ ଖୋଜିବାକୁ ବାହାରିଯାଏ
ଅଜସ୍ର ମୋତି ମାଣିକ୍ୟରେ ବିମଣ୍ଡିତ ।
ସେଇ ସମୁଦ୍ର କୋଳକୁ
ସ୍ୱପ୍ନସାଗରରେ କଛିକ୍ଷଣ ।
ଖୋଜିବୁଲେ ଖୁସିର ମାର୍ଗକୁ
ସ୍ୱପ୍ନ ଯେବେ ଭାଙ୍ଗିଯାଏ ।

ପାଗଳ ମୁଁ ହୋଇଯାଏ କାହିଁକି**?**

ପ୍ରଶ୍ନର ଉତ୍ତର ନଥାଏ ମୋ ପାଖେ।

ତଥାପି ମୁଁ ନିରାଶ ହୋଇନାହିଁ କେବେ।

ସହରରେ ନ ପାଇଲେ ଗାଁରେ ମୁଁ ଖୋଜେ।

ସମୁଦ୍ରରେ ନ ପାଇଲେ ପାହାଡ଼-ପର୍ବତରେ ଖୋଜେ।

ମୁଁ ତାକୁ ବହୁତ ଖୋଜେ ସିଏ ଜାଣିନି ବୋଧେ।

ସେଥିପାଇଁ ସେ ମୋ ପାଇଁ ମରୀଚିକା ପ୍ରାୟ ବୋଧେ।

ପ୍ରକୃତିରେ ନ ପାଇ ଆଧୁନିକ ନିର୍ଜୀବ ବସ୍ତୁରେ ଖୋଜେ।

କେତେବେଳେ ମଟରସାଇକେଲ ତ

ପୁଣି କେବେ ଗୀତାର୍ ଆଉ ମୋବାଇଲ୍ ରେ**...**।

ବହୁତ ଖୋଜେ ହେଲେ କାହିଁକି କେଜାଣି ତା'ର

ଆଭାସ ମଧ୍ୟ ଟିକେ ମିଳେନି ମୋତେ।

ଆଉ କେବେ ଖୋଜିବାର ପ୍ରୟାସ ବି କରିବିନାହିଁ।

ଜାଣିଗଲି ଆଜି ସିଏ  କେବେ ମୋ ପାଇଁ ନୁହେଁ

ଆଉ କାହାପାଇଁ ବୋଧେ**..........**

ବୁଦାଖୁଣ୍ଟା, ବଡପୋଖରୀ, ଔପଦା,
ବାଲେଶ୍ୱର, ଓଡିଶା

# ଫୁଲ ଆଉ ପୁଜାରିଣୀ



ସଙ୍ଗୀତା ମହାନ୍ତି

ତୁ ଥିଲୁ ମୋର ଫୁଲ ମୁଁ ଥିଲି ପୁଜାରିଣୀ
ନଇତି ଆବଶ୍ୟକ ପଡିଥାଏ ପୁଜାରିଣୀର ଫୁଲ
ସକାଳୁ ଉଠିଲେ ପୁଜାରିଣୀ ଆଗ ଦେଖେ ତାର ଫୁଲକୁ
କାହିଁକି ନା ପ୍ରଭୁଙ୍କ ପାଖକୁ ନଏ ସେ ଫୁଲ
ତେଣୁ ଫୁଲ ନଥିଲେ ସେ କଣ ଦବ ପ୍ରଭୁଙ୍କୁ
ମୋ ଜୀବନରେ ତତେ ମୁଁ ଫୁଲ ପରି ଦେଖୁଥିଲି
ନଇତି ସକାଳୁ ଉଠି ତତେ ନଦେଖିଲେ ମୋ ମନ ପୁରୁ ନଥିଲାଲୋ
ତୋ ବିନା ମତେ ଦୁନିଆଟା ଅନ୍ଧକାର ଲାଗୁଥିଲା
ହେଲେ ତୁ ମୋ ଭାବନା ଆଉ ଭଲପାଇବାକୁ ବୁଝିପାରିଲୁନି
ମତେ ଭୁଲ ବୁଝି ଭାବିଦେଲୁ ମତେ ତୋ ହାତର ଖେଳନା
ଛୋଟ କଥା ପାଇଁ ମତେ କେତେ ଯେ କଥା କହିଲୁ
ତୋ ଠାରୁ କରିଦେଲୁ ବି ପର
ସମ୍ପର୍କ ଶବ୍ଦ ଟି ତିନି ଅକ୍ଷର ତାକୁ ସାଇତି ରଖିପାରିଲୁନି
ହେଲେ ଅହଂକାର ଶବ୍ଦଟି ଚାରି ଅକ୍ଷର, ତାକୁ ସାଇତି ରଖିପାରିଲୁ
ହଉ ଲୋ ଫୁଲ ଆଜି ସିନା ବୁଝିପାରିଲୁନି ମତେ
କିନ୍ତୁ ଦିନେ ତୁ ମତେ ନିଶ୍ଚୟ ଅନ୍ଧ ଭଳି ଖୋଜିବୁ
ହେଲେ ଆଖି ଥାଇବି ଆଉ ମତେ ପାଇବୁନି

କେବେ ଆଉ କଳ୍ପନା କରିବୁନ ମତେ ତୁ କେବେ ଦେଖିବୁ..

ନା ଆଉ ମୋ ଛାଇ ତୋ ଉପରେ ପଡିବ ନା କେବେ ତୁ ଆଉ ମତେ ସ୍ପର୍ଶ କରିବୁ...

ନା ମତେ ଧରିକ କାନ୍ଦିକ କହିବୁ ଧନ ମୋର ଭୁଲ ହେଇଯାଇଛି

ମତେ କ୍ଷମା କରିଦେ ପଛ କଥାତୁ ସବୁ ଭୁଲିଯା...

ଆଉ ରାଗେନ ମୋ ସୁନା ଧନଟା ମୋ ଗେହ୍ଲିଟା

କନ୍ତୁ କେବେବି କଳ୍ପନା କରିନଥିଲି ସେଇ ଫୁଲଟି ମୋ ପାଇଁ ଫୁଲ ନଥିଲା

ତୁଳସୀପୁର, ମଠସାହି

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ବର୍ଷା....ଖର୍....ଶୀତ

ନିରଞ୍ଜନ ସାହୁ

ଝରଝର ହୋଇ ଝରିଯାଏ ଯେବେ
ଅମାନିଆ ହୋଇ ବରଷା
ମନ ଖୋଜୁଥାଏ ତୁମରି ପରଶ
ତୁମ ଛୁଆଁ ଲାଗେ ସରସା ॥
ଦିନ ଛୋଟ ହୁଏ ରାତି ଲମ୍ବିଯାଏ
ଆସିଯାଏ ଯେବେ ଶୀତ
ଗୋରା ଦେହ ତୁମ ମଳିନ ଦିଶଇ
ସାଜ ଓ ମନର ମିତ
ଶୀତ ପାହାନ୍ତାରେ ଉଷୁମ ଶେଷରେ
ତୁମ ପୀରତିକୁ ଭରସା ॥
ଡାହାଣୀଆ ଖରା ଗୁହାଣି ଦେଖାଇ
ଉତ୍ତପ୍ତ କରଇ ଧରା
ଯେତେ ଅନୁନୟ ମୁଁ ହେଲେ ତୁମକୁ
ଧରା ଦିଅନାହିଁ ପରା
ମନ ଗୁହୁଁଥାଏ ଶାଗ ପଖାଳ ଗୋ
ତୁମେ କରୁଥାନ୍ତ ପରସା ॥

ନିହାଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ

# କ'ଣ ନକରେ ଏ ଭେଅଟ



ସୁଷମା ପରିଡ଼ା

ମକର୍ ମୁହଁ ଫୁଲେଇ ବସି ରହିଥିଲା ଘରେ, ବାରମ୍ବାର ଆଖି ଦୁଇଟା ତା'ର ଟାଣି ହୋଇ ଯାଉଥିଲା ଦାଣ୍ଡ ଦୁଆର ଆଡକୁ| ସତେ ଯେମିତି କାହାକୁ ଅପେକ୍ଷା କରି ବସି ରହିଛି ସିଏ| ମନଟା ଜମା ଭଲ ଲାଗୁ ନଥିଲା, ମନେମନେ ରାଗ ଆସୁଥିଲା ନିଜ ଉପରେ, କାହିଁକି ସେଦିନ ସେ ଏମିତି ଟାଣ କଥା କହିଲାଟି ବଟିଆକୁ ? ଟିକିଏ ଟିକିଏ କଥାରେ ହାତାହାତି ଯାଏଁ କଥା ଗଲିଗଲା, ଏତେଦିନର ବନ୍ଧୁତା ପାଶୋରି ଦେଇ ଦିହେଁ ଗଡାଗଡି ହେଲେ ଗାଁ ଦାଣ୍ଡରେ, ଗାଆଁ ଲୋକେ ଟଣାଟଣି କରି ଦୁହିଁଙ୍କୁ ଅଲଗା କରି ନଥିଲେ ହୁଏତ ଦୁଇଜଣଙ୍କ ଭିତରୁ ଜଣେ କିଏ ମରି ସାରିଥାନ୍ତା ସେଦିନ|

ହରିଦାସପୁର ଗାଆଁର ମକର୍ ଆଉ ବଟିଆ ପିଲାଟି ଦିନରୁ ସାଙ୍ଗ| ସାଙ୍ଗ ହୋଇ ନଈପଠାରୁ କଣ୍ଢେଇ କୋଳି ତୋଳିବାଠାରୁ ଆରମ୍ଭକରି ବଇଁଶୀ ଦାଦିର ଆମ୍ବତୋଟାରୁ ଆମ୍ବ ଗୋରେଇବା ଯାଏଁ ପିଲାଦିନରୁ ଆଜିଯାଏଁ କରି ଆସିଛନ୍ତି, ହେଲେ ଆଜି କିବା କଥାଟାରେ ଏମିତି ଉତକ୍ଷିପ୍ତ ହୋଇ ତା' ଉପରକୁ ହାତ ଉଠେଇବାକୁ ବି ପଛେଇଲା ନାହିଁ ବଟିଆ, ସେଇକଥା ଭାବିଭାବି ମୁଣ୍ଡ କାମ କରୁନାହିଁ ମକରର । ଆଗରୁ ଯେତେଥର ଦୁହିଁଙ୍କ ଭିତରେ କିଛିବି ମନୋମାଳିନ୍ୟ ହେଉଥିଲା, ବଟିଆ ଆଗ ଆସି ସାକୁଲାସାକୁଲି କରି ମନୋଇଥିଲ ମକରକୁ । ସକାଳ କଳ ସଞ୍ଜଯାଏଁ ଯାଉନଥିଲା । ଏଥର ତିନିଦିନ ପୁରି ଚତୁର୍ଥ ଦିନ ଆରମ୍ଭ ହେଲାଣି, ହେଲେ ବଟିଆ ଆଜିଯାଏଁ ଆସିଲାନି ତା'କୁ ମନେଇବାକୁ, ନିଜେ ଆସିବାତ ଦୂରର କଥା, ଆଉ କାହା ହାତରେ ଖବର ଟିକିଏ ବି ପଠେଇଲାନି, ଥରେ ବୁଝିବାକୁ ଚେଷ୍ଟା ବି କଲାନି ମକର୍ କେମିତି ଅଛି ବୋଲି । କ'ଣ ବଡ କଥାଟାଏ ହୋଇଗଲା ଯଦି ସେ

ନଜ ଗାଁର ସ୍ୱାଧୀନ ପ୍ରାର୍ଥୀ ବିକ୍ରମ ଶତ୍ରୁଶଲ୍ୟଙ୍କ ସପକ୍ଷରେ ଭୋଟ ପ୍ରଚାର କରିଦେଲା କ କଛି ଲୋକଙ୍କୁ ପ୍ରବର୍ତ୍ତେଇ ଦେଲା ମାଛଚନ୍ଦ୍ରରେ ଭୋଟଦେଇ ତାଙ୍କୁ ଜିତେଇଦେବା ପାଇଁ । ଭୋଟବେଳେ ଏମିତି ହେବାଟା ଗୋଟାଏ ସାଧାରଣ କଥା । ହେଲା ଏବେ ଆଉ ଗାଁର କୁଜିନେତା ଲଡୁକେଶ୍ୱର ସାହୁ, ଯିଏ ବଟିଆର ଲେଖାଯୋଖାରେ ଭିଣେଇ ହେବେ, ସିଏ ମୁଖ୍ୟକାର ପଟଦାର ମାଠିଆ ଚହ୍ନରେ ଠିଆ ହୋଇଥିବା ବିଶିଷ୍ଟ ନେତା ଶ୍ରୀ ଧୁର୍ଜଟୀ ନାୟକଙ୍କର । କ'ଣ ହୋଇଗଲା ସେଇଠୁ ଯଦି ମକର୍ ତାଙ୍କ ଦଳରେ ନରହିଲା କ ଧୁର୍ଜଟୀ ନାୟକଙ୍କୁ ଭୋଟ ନଦେବାଲାଗି ଲୋକମାନଙ୍କୁ କହିଲାତ । ଆରେ ବାବୁ, ଭୋଟ ପର୍ ନଜ ପସନ୍ଦର ଲୋକଙ୍କୁ ଦେବ, ଯିଏ ସଚ୍ଚୋଟ ଭାବରେ ଦେଶର ସେବା କରୁଥିବ, ଦେଶର ଉନ୍ନତି କରିପାରିବ, ସେମିତି ଲୋକକୁ ଦେବବୋଲି ସରକାରୀ, ବେସରକାରୀ, ସବୁ ସମ୍ବାଦପତ୍ରରେ, ଟିଭିରେ ରେଡିଓରେ ବାରମ୍ବାର ଘୋଷଣା ହେଉଛି । ବିକ୍ରମ ଶତ୍ରୁଶଲ୍ୟ ପାଠପଢୁଆ ଲୋକ, ଗାଆଁ ଲୋକମାନଙ୍କ ସୁବିଧା ଅସୁବିଧା, ଭଲମନ୍ଦରେ ଡାକଲେ ବି ଆସି ପାଖରେ ଠିଆ ହୁଅନ୍ତି, ଯଥାଶକ୍ତି ସାହାଯ୍ୟ କରନ୍ତି, ଗାଆଁରେ ପ୍ରାଇମେରି ସ୍କୁଲଟି ହୋଇଛି ତାଙ୍କରି ଚେଷ୍ଟାରେ, ସ୍ତ୍ରୀ ଲୋକ ଆଉ ଝିଅମାନଙ୍କୁ ନେଇ ଏସ୍‌ଏଚଜି କରି ତାଙ୍କୁ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟସବୁ ଶିକ୍ଷାଦେବାର ବ୍ୟବସ୍ଥା କରିଛି । ଆମ ଗାଆଁର ଉନ୍ନତି ଏଥିରେ ହେଉନ କ?

ଯଦି ସେ ଭୋଟ୍ ଦେଇ ମନ୍ତ୍ରୀ କ ନେତାଟାଏ ହେବ ଆହୁରି କେତେକ'ଣ କରିବ ଆମ ଗାଆଁ ପାଇଁ । ଏଇ ଛୋଟ କଥାଟି କ'ଣ ବଟିଆ ମୁଣ୍ଡରେ ପଶୁନ ଯେ ସେ ଏମିତି ଉଲୁକୁମତା ହଉଛି । ଧୁର୍ଜଟୀ ନାୟକ ଜଣେ ସବାଖିଆ ନେତା ବୋଲି ଜଗତ ବିଦିତ । ପାଞ୍ଚବର୍ଷରେ ଥରେ ସେ ଆସନ୍ତି ଗାଁକୁ ଏଇ ଭୋଟ ବେଳକୁ । ବା ଦିନତକ ତାଙ୍କ ଛାଇ ପଡେନାଇଁ ଗାଁରେ । ଗାଁ ଲୋକଙ୍କ ଭଲରେ ମନ୍ଦରେ ସିଏ ଦିନେ ଠିଆହେବାର କେହି ଦେଖିନାହିଁ, କାହାର କଛି ଜରୁରୀ କାମପଡିଲେ ଏଇ ଲଡୁକେଶ୍ୱର ତା'ଠୁ ଜବରଦସ୍ତି ଟଙ୍କା ପକେଇ ସାଥିରେ ନେଇଯାଏ ଭୁବନେଶ୍ୱର, ଯିବାଆସିବା ଖାଇବାପିଇବା ଖର୍ଚ୍ଚ କରିକରି ବିଚରା ଲୋକଟିର ଅବସ୍ଥା ଢିଲାହୁଏ ସିନା କାମକଛି ହୁଏନାହିଁ । ସେଇ ଲଡୁକେଶ୍ୱରର ପେଟ ଆଉ ତା'ର ସମ୍ପତ୍ତି ବଢୁଥାଏ ଯାହା । ଭୋଟବେଳ ଆସିଲେ ଖୁବ ବଦଳଯାଏ ଲଡୁକେଶ୍ୱର,

ଗାଆଁଯାକ ଟୋକାଟାକଳଆ, ମାମଲତକାର ମାନଙ୍କୁ ଟଙ୍କାପଇସା, ଖାଇବା ପିଇବା ଦେଇ ଗୋଟାପଣେ ନଜର କରି ରଖିଥାଏ। ତା'ରି ଆଦେଶରେ ସବୁଯାକ ଗୁଣ୍ଡା ବଦମାସ ଚଳପ୍ରଚଳ ହୁଅନ୍ତି, ତା'ରି ହାତରେ ଗାଆଁଟାଯାକ ଭୋଟ୍ ଦିଅନ୍ତି। ତେଣୁ ଧୂର୍ଜଟୀ ନାୟକ ତା'କୁ ଡାହାଣ ହାତକରି ରଖିଥାନ୍ତି।

ମକର୍ ଦେହରେ ଏସବୁ ଯାଏନା। ଧୂର୍ଜଟୀ ନାୟକ ମନ୍ତ୍ରୀ ହେଲେ କାହାର କ'ଣ କରିବେ? ନିଜର, ନିଜ ପରିବାରର ଉନ୍ନତି କରିବା ଛଡା ଆଉ କାହାରି ଉନ୍ନତି କେବେ ଚିନ୍ତାକରି ପାରନ୍ତି ନାହିଁ। ସେଇଥିପାଇଁ ସେ ବଟିଆକୁ ସବୁବେଳେ ବୁଝାଏ ଏଇ ଗୁଣ୍ଡା ବଦମାସଙ୍କ ସହିତ ମିଳାମିଶା ନକରିବାଲାଗି। ହେଲେ ସବୁ ଭଲଗୁଣ ଥାଇ ବି ବଟିଆର ମଦପାଇଁ ଟିକଏ ଅଧିକ ଦୁର୍ବଳତା। ଲଡୁକେଶ୍ୱର ସେଇ ଦୁର୍ବଳତାର ଫାଇଦା ଉଠାଇ ତା'କୁ ନିଜଆଡକୁ ଟାଣି ନେଇଛି। ବଟିଆ ତାଆରି କଥାରେ ପଡି ଅବାଟକୁ ଯାଉଛି, ସତମିଛ କହି ଲୋକଙ୍କୁ ଡରି ଧମକାଇ କରୁଛି, ଏଗୁଡାକ ଭଲଲାଗୁନି ମକର୍‌କୁ। ମକର୍ ଯେତେ ବୁଝେଇଲେ ବି ସେକଥା ବଟିଆ ବୁଝୁନି। ମକର୍ ଜାଣେ କାଲି ଭୋଟ ସରିଗଲେ ଲଡୁକେଶ୍ୱର ବଟିଆକୁ କଦଳୀ ଚୋପା ପରି ଫିଙ୍ଗିଦେବ, ଆଉ ପାଖ ପୁରେଇବନି। ହେଲେ ସେତେବେଳକୁ ବଟିଆର ମଦପିଇବାଟା ଆଦୃତରେ ପଡିଯାଇଥିବ, ମାଗଣା ଖାଇବା ନିଶାରେ ସେ କାମଚୋର ହୋଇଯାଇଥିବ, ସେତେବେଳେ ତା'ର କଣ ହେବ, ତା' ପରିବାରର କ'ଣ ହେବ, ସେଇକଥା ଭାବୁଥିଲା ମକର୍। ଏବେ ବଟିଆ ମାଗଣା ମାଉଁସଭାତ ମାଗଣା ବିଦେଶୀ ମଦ ଲୋଭରେ ପଡିଛି। ଲଡୁକେଶ୍ୱରର ଚାମଚା ସାଜି ଧୂର୍ଜଟୀ ନାୟକର ଗୁଣମାନ କରି ଲୋକଙ୍କୁ ଭୁଆଁ ବୁଲାଉଛି। ଦିନେ ଗାଁବାଲା ବୁଝିବେ, ଭଲ କରି ପାନେ ଦେବେ ଲଡୁକେଶ୍ୱର ଆଉ ଧୂର୍ଜଟୀକୁ। ହେଲେ ବଟିଆଟା ମିଛଟାରେ ଖାଲି ତାଙ୍କରି ପାଇଁ ମାଡ ଖାଇବ ନା। ସେଇ କଥାପଦକ କହିଦେଲା ବୋଲି ଗାଆଁ ମଝିଟାରେ ତା' ସାଙ୍ଗରେ ଭିଡିଗଲା ବଟିଆ। କହିଲା "ତୁ ମୋର ସୁଖ ଦେଖି ସହି ପାରୁନୁ, ସେଇଥିପାଇଁ ଏମିତି ଗାରୁଗାରୁ ହେଉଛୁ, ମୁଁ ବି' ପଇସା ଉପୁରି ପାଉଛି, ଭଲମନ୍ଦ ଖାଇବାକୁ ପାଉଛି, ଭଲଭଲ ଲୋକମାନଙ୍କ ସହିତ ବସାଉଠା କରୁଛି, ସେଇଟା ତୋ ଦିହରେ ଯାଉନି, ତୁ' ଟା ମୋର କ ସାଙ୍ଗବେ? ମୋ ସହିତ ମିଳମିଶି କାମ କରିବା ଛାଡି ତୁ ଆମ ବିରୋଧୀଦଳ ପାଇଁ ପ୍ରଚାର

କରୁଛୁ? ଆମ ଭୋଟ ଭାଙ୍ଗୁଛୁ? ଶଃ ବେଇମାନୀ କରୁଛୁ ସାଙ୍ଗସାଥୀରେ। ମୁଥମାରି ତୋ ଦାନ୍ତ ଭାଙ୍ଗି ଘାଇଲା କରିଦେବି ଯେ ପୁଅ ବୋପାକୁ ମଉସା ଡାକ ଘରେ ପଡିଥିବୁ, ଆଉ ଉଠିବୁ ନା ସେ ବିକ୍ରମ ଶତ୍ରୁଶଲ୍ୟ ପାଇଁ ପ୍ରଗ୍ଚର କରିବୁ" । ମକରାକୁ ତଳେପକେଇ ଦେଇ ଲାତ, ଘୁଷି, ମାରିମାରି ସତରେ ଘାଇଲା କରି ଦେଇଥିଲା ବଟିଆ, ଦୁଇ ସାଙ୍ଗଙ୍କର ଏମିତି ଯୁଦ୍ଧ ଦେଖି ଗାଁବାଲା ହସୁଥିଲେ। ଗାଁ ଦାଣ୍ଡରେ ସେମିତି ରକ୍ତାକ୍ତ ହୋଇ ପଡିଥାଏ ମକରା। ବହୁତ ସମୟ ପରେ ଜଣେ କିଏ ଯାଇ ଖବରଦେଲା ତାଙ୍କ ଘରେ। ଘରଲୋକେ ଆସି ତା'କୁ ଘରକୁ ନେଇ ସେବାଶୁଶ୍ରୁଷା କଲେ। ସେଇଦିନଠାରୁ ଆଉ ବଟିଆର ଦେଖାନାହିଁ। ତା'ଠାରୁ ମାଡଖାଇ ମଧ୍ୟ ତା'କୁ ମନେମନେ ଖୋଜୁଛି ମକରା, କୁଆଡେ ଗଲା ? କେମିତି ଅଛି ବଟିଆ ବୋଲି ଭାବି ହେଉଛି, ଯେତେ ହେଲେ ବି ପିଲାଦିନର ସାଙ୍ଗସିଏ। ରାଗଟାଗରେ ସାଙ୍ଗ ଉପରକୁ ହାତ ଉଠେଇ ଦେଇଛି, ନିଜେ ଆସି ଭୁଲଟାଏ ମାଗିଦେଇଥିଲେ କ'ଣ ମକରା ତା'କୁ କ୍ଷମାକରି ଦେଇନଥାନ୍ତା? ମକରାର ମନ ଖାଲି ଛଟପଟ ହେଉଥାଏ ବଟିଆକୁ ଦେଖିବାକୁ।

ବଟିଆ ସିନା ମଦନିଶାରେ ଚୁର ହୋଇ ପିଟି ପକେଇଥିଲା ମକରାକୁ, ହେଲେ ନିଶା ଛାଡିଲାବେଳକୁ ତା'ର କିଛି ମନେ ନଥିଲା। ସକାଳୁ ଉଠି ଯେତେବେଳେ ସେ ବାହାରିଲା ମକରା ପାଖକୁ, ସେତେବେଳେ ବୋଉ କହିଥିଲା ରାତିରେ ଘଟିଥିବା ଘଟଣା। କେମିତି ସେ ମକରାକୁ ଗାଆଁ ଲୋକମାନଙ୍କ ସାମନାରେ ମାରିପିଟି, ଲହୁଲୁହାଣ କରି ଫୋପାଡିଦେଇ ଆସିଥିଲା ଗାଆଁଦାଣ୍ଡରେ। ନିଜର କୃତକର୍ମ ପାଇଁ ଅନୁତାପ କରୁଥିଲା ବଟିଆ, ସତରେ କେଡେବଡ ଭୁଲଟାଏ କଲା ସେ ! ତା'ର ପିଲାଦିନ ରସାଙ୍ଗ, ତା'ର ସୁଖଦୁଃଖର ସାଥୀ, ତା'ର ଭାଇ ସମାନ ମକରା ଉପରକୁ ସେ ହାତ ଉଠେଇ ପାରିଲା? ପୁଣି କାହାପାଇଁ? ଏଇ ଲଡୁକେଶ୍ୱର ପାଇଁ? ଯିଏ ଏଇମାତ୍ର ତା'ର ଜୀବନକୁ ଆସିଛି ନିଜର ସ୍ୱାର୍ଥହାସଲ କରିବା ପାଇଁ? ତା'କୁ ମଦମାଂସ ଖୁଆଇ ତା'କୁ ଗୁଣ୍ଡା, ଅମଣିଷ ସଜେଇ ବୋଲକରା ଗ୍ଚକରଭଳି ଖଟାଉଥିବା ସ୍ୱାର୍ଥୀ ଲୋକଟାକୁ ପାଇଁ ତା'ର ହିତୈଷି ବନ୍ଧୁଟାକୁ ଦରମରା କରିଦେଲା ସିଏ। ଜଗନ୍ନାଥେ ତା'କୁ ମୋଟେ କ୍ଷମା କରିବେ ନାହିଁ ଏଇ ସାଙ୍ଘାତିକ ଭୁଲଟି ପାଇଁ। କ'ଣ କରିବ ସିଏ ? କେମିତି ଯାଇ ମୁହଁ ଦେଖେଇବ ମକରାକୁ? ଗାଆଁସାରା ଲୋକ ବସିଥିବା ତା'କୁ

ଦେଖି, ସେମାନଙ୍କୁ କ'ଣ କହି ଭୁଲ୍ ମାଗିବ? କେମିତି ପ୍ରାୟଶ୍ଚିତ କରିବ ସିଏ ତା' ପାପର? କିଛି ଚିନ୍ତା କରିପାରୁ ନଥିଲା ବଟିଆ, ଅସହ୍ୟ ଦୁଃଖରେ ଛାତି ଫାଟି ଯାଉଥିଲା, ଆଖିରୁ ଧାରଧାର ଲୁହ ବୋହି ଯାଉଥିଲା, କବାଟ କଣକୁ ସେମିତି ଆଉଜି ବସି ରହିଥିଲା, ତିନ ଦିନ ତିନ ରାତି ସେମିତି ଅଖିଆଅପିଆ ବସିବସି କାଟିଦେଲା ବଟିଆ । ଲଜ୍ଜାରେ ମୁଣ୍ଡ ନଇଁ ଯାଉଥିଲା ତା'ର ନିଜର କୁକର୍ମ ପାଇଁ । ମନ ଛଟପଟ ହେଉଥିଲା ଥରେ ମକର୍ ପାଖକୁ ଯାଇ ତା' ସହିତ ଦି'ପଦ ଦୁଃଖସୁଖ ହୋଇ ଆସିବା ପାଇଁ, ନିଜର ଅପରାଧ ପାଇଁ ତା'ଠୁ କ୍ଷମାମାଗି ନିଜର ଆତ୍ମା ଉହକବିକଳ ହେଉଥିଲା । କିନ୍ତୁ ନିଜ ଅନ୍ତରର ପାପବୋଧ ତା'କୁ ଆଗକୁ ବଢିବାକୁ ଦେଉନଥିଲା । ଚୁପ୍ ହୋଇ ଶୋଇରହିଲା ସେ ।

ଦିନ ଯାଇ ରାତି ହେଲା, ଆଉ ନିଜକୁ ଅଟକାଇ ପାରିଲାନି ବଟିଆ, କାନ୍ଧରେ ପକାଇଥିବା କୋତରା ଗାମୁଛା ଖଣ୍ଡିକରେ ମୁଣ୍ଡ ଆଉ ମୁହଁକୁ ଭଲଭାବରେ ଗୁଡେଇ ପକେଇ କବାଟଖୋଲି ମକର୍ ଘରଆଡକୁ ବାହାରିଗଲା ସିଏ । ଛାପିଛାପିକା ଜହ୍ନ ଆଲୁଅ ପଡିଛି, ହାତରେ ଠେଙ୍ଗାଟିଏ ଧରି ଗୋହିରୀ ରାସ୍ତାରେ ଧୀରେଧୀରେ ପାଦ ପକାଉଥାଏ ବଟିଆ, ତିନିଦିନ ଉପାସିଆ ଶରୀରରେ ବଳ ପାଉନଥାଏ, ତଥାପି ଏକାନିହସରେ ଚାଲିଥାଏ । ବାଟରେ ଗାଁ ମଝିରେ ଗାଁର ଭାଗବତ ଘର, ସେଇଠି କିଛି ଖୁସ୍ ଖୁକ୍ ଆବାଜ୍ ସହିତ କିଛି ଟୁପଟାପ୍ କଥା ଶୁଣି ଅଟକିଗଲା ବଟିଆ, ଭାବିଲା ଏତେରାତିରେ ଭାଗବତ ଘରେ କିଏ ପଶିଛି, ନିଶ୍ଚୟ ଚୋର ହୋଇଥିବ, ରାଧାକୃଷ୍ଣଙ୍କର ପିତ୍ତଳମୂର୍ତ୍ତି ଚୋରେଇବାକୁ ଆସିଛି ବୋଧହୁଏ, ଏଇକଥା ଭାବି ପାଦ ଚପିଚପି ସେଇ ଆଡକୁ ଆଗେଇଗଲା ବଟିଆ, ଚୋରକୁ ଠେଙ୍ଗାରେ ଦିପାହାର ଦେବବୋଲି । ଆଉ ଟିକିଏ ଆଗେଇଗଲା ପରେ ଶୁଭିଲା କାହାର ଗୁପାହସ, ଆଉ କାହାର ଧୀର କଥା । ଭାଗବତ ଘରର ପଛପଟ ଝରକା ଟିକିଏ ଫାଙ୍କଅଛି, ସେଇଠି ଆଖି ଲଗାଇ ଦେଖିବା ପାଇଁ ଚେଷ୍ଟାକରି ଯାହା ଦେଖିଲା, ସେଥିରେ ବଟିଆର ପାଦତଳୁ ଭୂଇଁ ଖସିଗଲା । ଭାଗବତ ଘର ଭିତରେ ସାମନା ସାମନା ହୋଇ ବସିଛନ୍ତି ଧୂର୍ଜଟୀ ନାୟକ ଆଉ ବିକ୍ରମ ଶତ୍ରୁଶଲ୍ୟ, ପାଖରେ ଅଛି ଲଡୁକେଶ୍ୱର ଆଉ ବିକ୍ରମ ଶତ୍ରୁଶଲ୍ୟର ପାଖଲୋକ ବୋଲାଉଥିବା ମହନ ଦାଶ, ଛୋଟ ଲଣ୍ଠନଟିଏ ଜଳୁଛି, ମଝିରେ ବିଡାଏ ଟଙ୍କା ଥୁଆ ହୋଇଥିବାର ଦେଖିଲା ବଟିଆ । ସଭିଙ୍କ ମୁହଁରେ ହସ ଲାଖିରହିଛି ।

କ'ଣ ସବୁ ଅନୁଚ୍ଚ ସ୍ୱରରେ କହିଲେ ଧୁର୍ଜଟୀ ନାୟକ, ଖିଁ, ଖିଁ ହସି ଟଙ୍କା ବିଡାକ ଉଠେଇ ପକେଟରେ ପୁରେଇଲେ ବିକ୍ରମ ଶତ୍ରୁଶଲ୍ୟ, ଉଠିପଡି ଠିଆ ହୋଇ କହିଲେ, "ଏବେ ମୁଁ ଉଠୁଛି ବଡଭାଇ, ଯେମିତି ଆପଣ କହିବେ ସେମିତିହିଁ ହେବ, ଆପଣଙ୍କ କଥା କ'ଣ କେବେ ମୁଁ ଭାଙ୍ଗିଛି ନା ଭାଙ୍ଗିପାରିବି, ଆପଣ ଏମିତି ଆଶୀର୍ବାଦର ହାତ ରଖିଥାନ୍ତୁ ମୋ ଉପରେ" । ଏତିକ କହି ଧୁର୍ଜଟୀ ନାୟକଙ୍କର ପାଦ ଛୁଇଁ ମୁଣ୍ଡରେ ହାତ ଲଗେଇଲେ ବିକ୍ରମ ଶତ୍ରୁଶଲ୍ୟ । ମହନ ଦାଶେ ଟର୍ଚ୍ଚ ଆଲୁଅ ପକେଇଲେ ଦୁଆରମୁହଁ ଆଡକୁ ଯେଉଁଠି ସେମାନଙ୍କ ଚପଲ ସବୁ ଥୁଆ ହୋଇଥିଲା । ଝରକା ପଛପଟେ ଠିଆ ହୋଇଥିବା ବଟିଆର ଆପାଦମସ୍ତକ ଥରୁଥିଲା, ରାଗରେ କି ଅପମାନରେ ସେ ବୁଝିପାରୁନଥିଲା କିନ୍ତୁ ଧୁର୍ଜଟୀ ନାୟକ ଆଉ ଲଡୁକେଶ୍ୱରର ମୁହଁରେ ଉକୁଟି ଆସୁଥିବା କୁଟିଳ ହସ ଯେମିତି ଛିଗୁଲେଇ ହୋଇ କହୁଥିଲେ ବଟିଆକୁ "ଟଙ୍କାର କରାମତି ଦେଖରେ ବଟିଆ, କ୍ଷଣିକ ଛେଳକୁ ବାଘ ଆଉ ବାଘକୁ ଛେଳ ବନେଇ ଦେଇପାରେ, ପୈସା କ୍ୟା ନକରେ କାମ୍?" । ବଟିଆର କାନମୁଣ୍ଡ କଏ ଠାଏକନା ଚଟକଣୀଟାଏ ବସେଇ ଦେଲା ଭଳି ଲାଗୁଥିଲା । ତା' ଅନ୍ତରାତ୍ମାରୁ ଶବ୍ଦ ଶୁଭୁଥିଲା "ରେ ପାଷାଣ୍ଡ, ମୁର୍ଖ, ନରାଧମ ! ଏଇମାନଙ୍କ ପାଇଁ ତୁ ଦେବପ୍ରତିମ ତୋ'ର ବାଲ୍ୟବନ୍ଧୁକୁ ମାଡମାରି ଦରମରା କରିଦେଲୁ? ଧିକ୍, ଶତଧିକ୍, ତୋ ମଣିଷ ପଣିଆକୁ, ଯାଆ ଆଞ୍ଜୁଳାଏ ପାଣିରେ ବୁଡି ମର, ନହେଲେ ମୁହଁରେ ଚୂନକାଳି ବୋଲି ହୋଇ ଯା' ଭୁଲ ମାଗିବୁ ମକରାକୁ । ଯଦି ସେ ତା'ର ବଡପଣରେ ତତେ ମାଫ୍ କରିଦେଲା ତ ଜାଣିବୁ ତୋର ଭାଗ୍ୟ ଭଲ ନଚେତ ନର୍କରେ ପଡିବୁ ତୁ" । ସେ ଦୌଡିଦୌଡି ଯାଇ ପହଞ୍ଚିଲା ମକରାର ଘରେ ଆଉ ଭେଁଭେଁ କରି କାନ୍ଦିକାନ୍ଦି ପାଦତଳେ ପଡିଗଲା ତା'ର । ଦୁଇବନ୍ଧୁଙ୍କ ଆଖିରୁ ଝରି ପଡୁଥିବା ଲୁହର ଧାର ସବୁ ମନୋମାଳିନ୍ୟକୁ ଧୋଇନେଇ ଫିଙ୍ଗି ଦେଉଥିଲା ଦୂରକୁ ଦୂରକୁ ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

# ଅବିବେକୀ ମଣିଷ



ବାସନ୍ତୀ ଲତା ଜେନା

କେତେ ପୁଣ୍ୟ ବଳେ ମଣିଷ ଜନମ
ହୋଇ ଅଛ ଧରା କୋଳେ
ଜ୍ଞାନ ବୁଦ୍ଧି ଆଉ ବିବେକ ପାଇଛ
ଭୁଲ ନାହିଁ ରସାତଳେ ॥
ସବୁ କାମ ତୁମେ ବୁଝି ବିସ୍ତାରିକି
କରୁଥାଅ ନିରନ୍ତର
ତରତର ହୋଇ କାମ କରିଗଲେ
ବିଫଳତା ହେବ ସାର ॥
ଭଗବାନ ସୃଷ୍ଟି ପ୍ରକୃତିର ଶୋଭା
ତାକୁ ନଷ୍ଟ କରୁ ଅଛ
ଗଛ କାଟୁ ଅଛ ମାଟି ଖୋଳୁଅଛ
ପ୍ରକୃତି ନଷ୍ଟ କରୁଛ ॥
ଗଛ କାଟିବାରୁ ବିପତ୍ତି ପଡୁଛି
ଧ୍ୱଂଶା ମୁଖୀ ପରିବେଶ
ରୋଗ ବୈରାଗ ମାଡି ଆସୁଅଛି
ବାୟୁ ହୋଇ ଯାଏ ବିଷ ॥
ଫସଲ କରୁଛ ବିଷ ପକାଉଛ
କରୁଛ କୀଟ ନାଶନ
ସେହି ଖାଦ୍ୟ ଖାଇ ରୋଗରେ ପଡୁଛ
ତଥାପି ନ ବୁଝେ ମନ ॥

ନିଜ କର୍ମ ଫଳ ଭୋଗୁ ଅଛ ନିତି
ଭାଗ୍ୟକୁ ଦେଉଛ ଦୋଷ
ବିଜୟ ହୋଇଲେ ଶକ୍ତି ଦେଖାଉଛ
ହାରିଲେ ନୁହେଁ ସନ୍ତୋଷ ॥
ଲାଞ୍ଚ ନେଉଅଛ ଠକାମୀ କରୁଛ
ବିବେକ ବିକି ଦେଇଛ
ଚାତା ଚାତି ଧନୀ ହେବାକୁ ଚାହୁଁଛ
ଅକର୍ମ ଯେତେ କରୁଛ ॥
ଚିନ୍ତା ନ କରୁଛ ଅନ୍ୟ କଥା କେବେ
ନିଜ ସ୍ୱାର୍ଥରେ ଚାଲୁଛ
ମିଛ କଥା କହି ନ୍ୟାୟ କିଣୁଅଛ
ଧନ ପୁଳେ ଦେଉଅଛ ॥
ଭାଗ୍ୟ ସବୁ ବେଳେ ଅନୁକୂଳ ନୁହେଁ
ଦିନେ ଧରା ପଡି ଯିବ
ଅବିବେକୀ ହୋଇ କାର୍ଯ୍ୟ କରିବାଟା
ପରିଣାମ ଭୋଗୁ ଥିବ ॥
ନିନ୍ଦା ପାଇବ ଧିକାର ଶୁଣିବ
ମାନ ସମ୍ମାନ ତୁଟିବ
ସତ ପଥରେ ଗଲେ ସମ୍ମାନ ପାଇବ
ଯଶ ଖ୍ୟାତି ରହି ଥିବ ॥

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧିନଗର, ନବରଙ୍ଗପୁର

# ପାଷାଣୀ ସାଥୀ

ଶିଶିର ସାମଲ

ଜୀବନରୁ ଯଦି ଲିଭିଇ ପାରନ୍ତି
ଅତୀତର ସବୁ ସ୍ମୃତି,
ତୁମକଥା ଭାବି ଏକାନ୍ତରେ ବସି
ଲୁହ ଗଡାନ୍ତିନି ନିତି ।।
ସଂସ୍ପର୍ଶରେ ତୁମ ଭରି ରହିଥିଲା
ଛଳନା ର ମିଛ ଆଶା,
ଏମିତି ଭ୍ରମିତ କରିଲ ଗୋ ସାଥି
ମିଛେ ହେଲି ଲୋକହସା ।।
ହାତଧରି ମୋର ବାଟ ଚାଲୁଥିଲ
ସମୟକୁ କରି ସାଥି,
ନୂଆ ସାଥି ପାଇ ବାଟ ଭାଙ୍ଗିଗଲ
ବଦଳାଇ ନିଜ ମତି।।
ହୃଦୟ ମନ୍ଦିରେ ସାଜିଥିଲ ଦେବୀ
ପୂଜା କରୁଥିଲି ନିତି,
ହୃଦୟକୁ ମୋର ଭାଙ୍ଗି ଚାଲିଗଲ
ପାଷାଣୀ ସାଜିଲ ସାଥୀ।।
ନିଜଠୁ ଅଧିକ ଭଲପାଇବାର
ଦେଲ ମିଠା ଉପହାର,
ଅତି ଆନନ୍ଦରେ ପାନ କରିଥାନ୍ତି
ଦେଇଥିଲେ ବି ଜହର।।

# ଝର୍ ଶେଫାଳି



ବିଦ୍ୟାଧର ପଣ୍ଡା

ସିଏ ମୋର ପିଲା ଦିନର ବନ୍ଧୁ । କିଶୋର ସମୟରେ ନିଜକୁ ଅନ୍ୟର କରିବା ପାଇଁ ବା ଅନ୍ୟକୁ ନିଜର କରିବା ପାଇଁ ଜୋରଦାର ଉଦ୍ୟମ କରିଥିଲେ । ପ୍ରେମରେ ସଫଳତା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ । ଏବେ ଯେମିତି ସୈନିକମାନେ ପ୍ରାଣ ହରାଇଲେ ବଳିଦାନ ବୋଲି କୁହାଯାଉଛି କହି ପାରନ୍ତି ଠିକ୍ ସେହିପରି । ଅବଶ୍ୟ ରକ୍ତପାତ ହୋଇ ନଥିଲା ।

କଲେଜ ପାଠ ପଢିବାବେଳେ ହଷ୍ଟେଲ୍ ବାଲ୍‌କୋନିରେ କେତେ ପ୍ରଗଳଭ ଗଳ୍ପ ଶୁଣାଇଥିଲେ ବନ୍ଧୁ । ଅନେକ ଅବିଶ୍ୱାସ୍ୟ କାହାଣୀ । କେତେ ରସାଳ ଉପାଖ୍ୟାନ । ସୋମବାର ସକାଳେ ଶିବମନ୍ଦିର ବେଢାରେ ଚୁପିଚୁପି କେତେ କଥା । କେଉଁ କୁମାର ପୂର୍ଣ୍ଣମୀରେ କେତେ କାଇଦାରେ କାହା ସହ କେମିତି ମନ ଦିଆନିଆ । କଥାରେ କଥାରେ କେତେ ମଧୁଝର୍ ଜହ୍ନରାତି । କେତେ ପ୍ରାଣଭରା ପ୍ରୀତି । ମିଠାମିଠା ଶବ୍ଦ ଆଦାନପ୍ରଦାନ ।

ଶୁଣିଶୁଣି ପେଟ ପୁରି ଯାଉଥିଲା ହେଲେ ମନ ରହୁଥିଲା ଅଧୁରା । କାହାଣୀରେ ବଲିଉଡ୍ର ରଙ୍ଗରସ । ଆକର୍ଷକ କାହାଣୀରେ ପୁଟଦିଆ କଥାର କୁହୁକ କୋମଳ କପଟ ପରି ଲାଗୁଥିଲେ ବି ବେଳେବେଳେ ଜୀବନଠୁ ବଳି ବାସ୍ତବ ଲାଗୁଥିଲା । ବନ୍ଧୁଙ୍କ ଖୁସିରେ ଇର୍ଷା ହେଉଥିଲା । ପ୍ରେମବତୀର ଦିପ୍ତୀରେ ତାଙ୍କ ମୁହଁ ଜଳି ଉଠୁଥିବାବେଳେ ଲାଗୁଥିଲା ଯେମିତି ମୁଁ ଜଣେ ପୂରା ଇତର ଇର୍ଷାତୁର!

ଅନେକ ବର୍ଷ ପରେ ଦିନେ ଦେଖା ହେଲେ କୈଶୋରର ସେଇ କଳ୍ପନା-ନାୟକ ବନ୍ଧୁ । କେମିତି ଦିଶୁଥିଲେ ଅଲଗା ଅଲଗା । ସବୁ ନିଦାଘରେ ନିଜର ଏକ ନୂଆ ସଙ୍କଳନ ପ୍ରକାଶ

କରୁଥିବା ଗ୍ରୀଷ୍ମର ବିଷାଦିତ ବୃକ୍ଷ ପରି । କିଛି କାରଣ ପଗ୍ଭରିବା ପୂର୍ବରୁ ସେ ବହିଗଲେ ତୀଖ ପାହାଡ଼ରୁ ଖସୁଥିବା ଝରଣାର ସରୁଧାର ପରି ।

ବିଗିଡ଼ି ଯାଇଥିଲା ତାଙ୍କର ସବୁ କିଛି । କରଛଡ଼ା ଦେଇଥିଲା ବାନ୍ଧବୀ ସାମୟିକ ସଂପର୍କ ପରେ । ପ୍ରେମର କାଗଜ ଡଙ୍ଗାକୁ ସେମିତି ଅଧା ନଇରେ ଭସାଇ ଦେଇ ଖସି ଯାଇଥିଲା କଳ୍ପନାର ଏକ ବୃହତ ଜାହାଜର ସବାରୀ ହେବାକୁ । ଜାହାଜର ସୁଶୋଭିତ କ୍ୟାପ୍ଟେନ୍ ସାଜିଥିବା ଅନ୍ୟ ଏକ ସୁଦର୍ଶନ ସହ କରୁଥିଲା ଆଳାପ । ଦେଖାଇ ଦେଖାଇ ସେଇ ସହରର ଗ୍ଭଜଗ୍ଭସ୍ତା ଉପରେ ଚକ୍କର କାଟୁଥିଲା ।

ଦିନ କେଇଟାରେ ନିତାନ୍ତ ବିଷର୍ଣ୍ଣ ଦିଶିଥିଲେ ବନ୍ଧୁ । ହଜି ଯାଇଥିଲା ଜୀବନର ସବୁ ସରସତା । କିଛି ଦିନ ପରର ଖବର । ବନ୍ଧୁ ଗୁଡ଼ାଏ ନିଦବଟିକା ଏକସଙ୍ଗେ ଗିଳି ପକାଇଥିଲେ । ପ୍ରେମରେ ବିଫଳତା ଜନିତ ଯନ୍ତ୍ରଣାକୁ ହଜମ କରି ନପାରି ଆତ୍ମବଳିଦାନ ଉଦ୍ୟମ!

ଆଶଂକା ମୋଚନ ପାଇଁ ବନ୍ଧୁଙ୍କୁ ଖୋଜିଲି । ମୋବାଇଲ୍ ସୁଇଚ୍ ଅଫ୍ । ବୁଝିବୁଝି ଜାଣିଲି ଯାହା ସବୁ ଶୁଣାଇଥିଲେ ସବୁକିଛି ଥିଲା ବୟସର ଗ୍ଭେଗ୍ଭବାଲିର କାହାଣୀ । ବାସ୍ତବରେ ସେ ନା କାହାକୁ ହୃଦୟ ଦେଇଥିଲେ ନା କାହାର ମନ ତଳର ଜାଗା ଟିକିଏ ଦଖଲ କରି ପାରିଥିଲେ । ଯେତେ ସବୁ ଗପ ଶୁଣାଇଥିଲେ ସବୁଗୁଡ଼ିକ ଥିଲା ନିଜ କଳ୍ପନାର ଗ୍ଭଜମହଲ। ମନର ଭାବନାକୁ ପ୍ରସାରିତ କରି ଆନନ୍ଦ ଆହରଣ କରିବାର ଖୁସିରେ ମସଗୁଲ୍ ହେଉଥିଲେ । ବିନା ବର୍ଷାରେ ଭିଜୁ ଥିଲେ । ବିନା ଶୀତରେ ଥରୁଥିଲେ । ପ୍ରେମ ଶୂନ୍ୟତାର ପୀଡ଼ାକୁ ଦୂରେଇ ଥିଲେ କଳ୍ପିତ କାହାଣୀର ମଲମ ଲେପନରେ!

ତାଙ୍କର ସେଇ ତଥାକଥିତ କଳ୍ପନା ଗ୍ଭଜ୍ୟର ନାୟିକା ଜଣକ ଅବଶ୍ୟ ଥିଲେ ଏଇ ଜୀବନ୍ତ ପୃଥିବୀର ଚରିତ୍ର । ସେ ବି ଆକ୍ରାନ୍ତ ହୋଇଥିଲେ ଯୁବା ବୟସର ଏଇ ଜଳନ ଜ୍ୱରରେ ।

ବନ୍ଧୁଙ୍କ ମନରେ ସେ ସୃଷ୍ଟି କରିଥିଲେ ଆକର୍ଷଣର ଝଲକ । ସେଇ କଳ୍ପନାର ଗଭୀରତା ବନ୍ଧୁଙ୍କ ମନରେ ଗଭୀର କ୍ଷତଟିଏ ସୃଷ୍ଟି କରିଥିଲା । କଳ୍ପନାରେ ସେ ସାଜିଥିଲେ ବିରହୀ । ଏବେ ମାନସିକ ବିକୃତିରେ ଆକ୍ରାନ୍ତ ବନ୍ଧୁଙ୍କର ମନୋ ଚିକିତ୍ସକଙ୍କ ପାଖରେ ଚାଲିଛି ଚିକିତ୍ସା। ସେ ଧୀରେ ଧୀରେ ସୁସ୍ଥ ହେଉଥିଲେ, କଳ୍ପନାର ରାଜ୍ୟରୁ ବାସ୍ତବତା ଆଡ଼କୁ ଫେରୁଥିଲେ । ମୁଁ ଆଉ ତାଙ୍କୁ କେବେ କିଛି ପଚାରୁ ନଥିଲି । ପ୍ରେମ ବା କିଛି ରୋମାଂଟିକ ପ୍ରସଙ୍ଗ ପଡ଼ିବାର ଅବକାଶ ବି ନଥିଲା । ସେ ବି ବୋଧହୁଏ ଔଷଧର ପ୍ରଭାବରେ ଭୁଲି ଯାଇଥିଲେ ଯାହା ସବୁ ପ୍ରେମ କାହାଣୀ ଗପିଥିଲେ ମୋ ଆଗରେ ।

ହଠାତ ଦିନେ ଦେଖା ହେଲେ ସେହି ମହିଳା ଯାହାଙ୍କୁ ମୋ ବନ୍ଧୁ ମନେ ମନେ ଚାହାଁ ନଜର କରିଥିଲେ ଓ ସେମିତି ମନେ ମନେ ହରାଇବାର ଦୁଃଖରେ ଭାଙ୍ଗି ପଡ଼ିଥିଲେ । କେଉଁ ଏକ ଦୂରସ୍ଥ କଲେଜରେ ସେ ଓଡ଼ିଆ ଅଧ୍ୟାପିକା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସମ୍ମିଳନୀ ସରିବା ପରେ ଅବସର ଟିକେ ପାଇ ପଚାରିଥିଲି- ଆପଣ କ'ଣ କଲେଜରେ ପଢ଼ିବାବେଳେ କେଉଁ ସିନିୟର୍‌ଙ୍କ ସହ ଘନିଷ୍ଠ ହୋଇଥିଲେ । ପ୍ରେମର ମୀନାର ଗଢ଼ିବାକୁ ସ୍ୱପ୍ନ ଦେଖିଥିଲେ କି ଦେଖାଇଥିଲେ ।

ଖୋଲା ଖିଲ୍‌ଖିଲିଆ ହସର ପାଖୁଡ଼ା ଝରାଇ ସେ କହିଲେ - ନା ନା! ପ୍ରେମ ପୁଣି ମୁଁ । ନାରେ ବାବା ନା । କଠୋର ଅନୁଶାସନରେ ବିତିଗଲା ସମଗ୍ର ଯୌବନ । ଚାକିରି ସନ୍ଧାନରେ ପେଶି ହୋଇଗଲା ତାରୁଣ୍ୟ । ଶିକ୍ଷଣ, ପ୍ରଶିକ୍ଷଣରେ ଛନ୍ଦା ହୋଇଗଲା ଜୀବନ ।

ହଁ, ଜଣେ ଯୁବକବିଙ୍କ ଲେଖା ଅବଶ୍ୟ ତାଙ୍କ ତାରୁଣ୍ୟକୁ ଖୁବ୍ ପ୍ରଭାବିତ କରିଥିଲା । ତାଙ୍କ ମନଛୁଆଁ ରଚନାର ପ୍ରଶଂସା କରି ଚିଠିଟିଏ ଲେଖିଥିଲି । ସେ ବି ସ୍ନେହଭରା ଚିଠିଟିଏ ପଠାଇଥିଲେ । ସେଇ ଗୋଟିଏ ମାତ୍ର ଚମତ୍କାର ଅନୁଭବରେ ପୁରା ପଢ଼ା ସମୟଟା କଟି ଯାଇଥିଲା । ଯୌବନରେ ଅନଙ୍ଗର ରଙ୍ଗ ଆସିଥିଲା କହିଲେ ସମୁଦାୟ ସେତିକ ।

କାହାକୁ ଭଲ ପାଇ ପାରି ନଥିବାର ଅପ୍ରାପ୍ତିଜନତ ବେଦନା ଅଧାପିକାଙ୍କ ମୁହଁକୁ ଆଛନ୍ନ କରି ପକାଇବା ଭଳି ଲାଗିଲା । ଭିନ୍ନ ଏକ ବେଦନାରେ ନିଜକୁ ବି ଉଦ୍‌ବ୍ରାନ୍ତ ଲାଗିଲା । ହେଲେ ମୁଁ ଯେମିତି ପାଇ ଯାଇଥିଲି ତାଙ୍କ ଛାତିତଳର ଗୋପନ ଅଭ୍ୟନ୍ତରର ଗୁବିକାଠି । ମନ ବ୍ୟବଚ୍ଛେଦର ସରଳ କାରଣ । ଅନ୍ୟନ୍ୟ ଅପ୍ରକାଶିତ ଏହି ସଂକ୍ଷିପ୍ତ ସାକ୍ଷାତକାର ପରେ ମଧୁଛନ୍ଦା ମାଡାମ୍ ଗ୍ଲି ଯାଇଥିଲେ ।

ମଧୁଛନ୍ଦା ର ସେଇ ଚଠିଟି ବୋଧହୁଏ ଥିଲା ମୋ ବନ୍ଧୁଙ୍କର ବୀରତ୍ୱପୂର୍ଣ୍ଣ ବ୍ୟଞ୍ଜନାର ସୁନେଲୀ ସନ୍ତକ । ବୟସର ସେଇ ମଧୁର ବେଳାଭୂମି କଡ଼ରେ ବନ୍ଧୁ ଚମତ୍କାର କବିତା ଲେଖୁଥିଲେ । ତାଙ୍କ କଲମରୁ ଝରୁଥିବା ପ୍ରତିଟି କବିତାର ନାୟିକା ଥିଲେ 'ଶେଫାଳି' । ସେ କବିତା ଯିଏ ବି ପଢୁଥିଲେ ଶେଫାଳିର ସରସ ବର୍ଣ୍ଣନାରେ ତଲ୍ଲୀନ ହୋଇ ଯାଉଥିଲେ। ମହକତ ହୋଇ ଉଠୁଥିଲା ମନମନ୍ଦିର । ତାରୁଣ୍ୟର ମହକରେ ମାଦକତ ବୟସରେ କଳ୍ପନାର ଇନ୍ଦ୍ରଜାଲ ସୃଷ୍ଟି କରୁଥିଲା ଅପୂର୍ବ ବନ୍ଧନର ବିଳାସ ।

ପ୍ରେମ କରି ନ ପାରିବାର ଦୁଃଖ କ'ଣ ଜୀବନକୁ ହରାଇ ଦେବାକୁ ସାହସ ଦିଏ? କବିବନ୍ଧୁଙ୍କ କଲମର ନାୟିକାଙ୍କୁ ଦେଖିବା ପରେ, ତାଙ୍କ ଛାତି ତଳର ସଂଗୁପ୍ତ ସ୍ପନ୍ଦନକୁ ଶୁଣିବା ପରେ, ତାଙ୍କ ଖୋଲାମେଲା ହସରେ ତାଙ୍କ ଅକୁହା ବେଦନାକୁ ମାପିବା ପରେ ମୋର ବିଶ୍ୱାସ ଦୃଢ ହୋଇ ଯାଇଥିଲା ।

ଦୁଇ ତିନି ବର୍ଷ ପରେ ବନ୍ଧୁ ମୋର ମାନସିକ ଅସୁସ୍ଥତାରୁ ମୁକୁଳି ପୁଣି ସ୍ୱାଭାବିକ ଜୀବନ ଯାପନ କରିବାକୁ ଆରମ୍ଭ କରିଥିଲେ । ସଂସାରର ରାଜପଥରେ ଆଗେଇ ଗ୍ଲିଥିଲା ତାଙ୍କ ଗାଡ଼ି । ପୁଣି ଚଳଚଂଚଳ ହୋଇ ଉଠିଥିଲା ତାଙ୍କ କଲମ । ପତ୍ରପତ୍ରିକାରେ ଏଣିକି ଲଗାତର ବାହାରି ଗ୍ଲିଥିଲା ସାରସ୍ୱତ ସର୍ଜନା ।

ହଠାତ ଦିନେ ତାଙ୍କଠାରୁ ଆମନ୍ତ୍ରଣ ପାଇ ଚକିତ ହେଲି । ତାଙ୍କର ନୂଆ କବିତା ସଙ୍କଳନର ହେବ ଉନ୍ମୋଚନ । ପୁଲକିତ ହେଲି । ଯାହା ହେଉ, କଲମର ଶକ୍ତି ତାଙ୍କୁ ପୁନର୍ଜୀବନ ଦେଲା ।

କଥା ରଖି ଠିକଣା ସମୟରେ ପହଂଚଲି ଠିକଣା ସ୍ଥାନରେ । ଜୟଦେବ ଭବନରେ ପହଂଚବା ମାତ୍ରେ ଫୁଲ ତୋଡ଼ାଟିଏ ଧରାଇ ଦେଇ ଯିଏ ମତେ ସ୍ୱାଗତ କରି ଏକପ୍ରକାର ଟାଣି ଟାଣି ହଲ୍ ଭିତରକୁ ନେଇଗଲେ ସିଏ ଥିଲେ ବିସ୍ମୟର ଅନ୍ୟନାମ ମୋର ପୂର୍ବ ପରିଚିତ ସେଇ ମଧୁଛନ୍ଦା ମାଡାମ୍ । ସେ ତ ସୁନ୍ଦରୀ ହେଲେ ସେଦିନ ତାଙ୍କ ସୌନ୍ଦର୍ଯ୍ୟରେ ଥିଲା ଭିନ୍ନ ଏକ ମାଧୁରୀ ।

ତେବେ କ'ଣ ବନ୍ଧୁଙ୍କ ସହ ଏହା ଭିତରେ ତାଙ୍କର ବିବାହ ହୋଇ ଯାଇଛି? ଏତେ ବଡ଼ ଘଟଣାଟେ ପୁଣି ମୋର ଅଜ୍ଞାତରେ ଘଟି ଯାଇଛି । ମୋ ଛାତିତଳେ ଖଟାମିଠା ଚକୋଲେଟ୍‌ର ସ୍ୱାଦ । ଜାଣି ନ ପାରିଥିବାର ଯନ୍ତ୍ରଣା ଓ ବନ୍ଧୁସୁବ୍ୟବସ୍ଥିତ ଜୀବନଧାରାର ପଥିକ ସାଜିଥିବାର ଅନୁମାନକୁ ନେଇ ଖୁସିର ଏକ ମିଶ୍ରିତ ଅନୁଭବ ମତେ ହଲଚଲ କରୁଥିଲା । ମଧୁଛନ୍ଦା ମତେ ଏକପ୍ରକାର ଟାଣି ନେଉଥିଲା ହଲ୍ ଭିତରକୁ । ପରେ ପରେ ଆରମ୍ଭ ହୋଇ ଯାଇଥିଲା ସାରସ୍ୱତ ଉତ୍ସବ ।

ମୋ ବନ୍ଧୁଙ୍କ କଲମରୁ ବାହାରି ଏଇ କିଛି କ୍ଷଣ ମଧ୍ୟରେ ଉନ୍ମୋଚିତ ହେବାକୁ ଅପେକ୍ଷା କରିଥିବା ପୁସ୍ତକଟିର ପ୍ରାରମ୍ଭିକ ସମୀକ୍ଷା କରିଥିଲା ମଧୁଛନ୍ଦା । ସୌମ୍ୟ ଚେହେରା ସହିତ ମଧୁର କଣ୍ଠ ସମଗ୍ର ହଲ୍‌କୁ ଆଚ୍ଛନ୍ନ କରି ରଖିଥିଲା । ହେଲେ ମୁଁ ଏକ ବିଚିତ୍ର ପ୍ରଶ୍ନ ଓ ତାହାର ସମାଧାନର ଦ୍ୱନ୍ଦ୍ୱ ଭିତରେ ନିଜ ସହ ଲଢୁଥିଲି । ବାତାବରଣ ପୁରା ସରସ ଓ ମଧୁର ଥିବା ବେଳେ ମୁଁ କେମିତି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଲଗାଟିକୁ ବାଛ ବିକଳ୍ପରେ ପରିଣତ ହୋଇ ଯାଇଥିବା ପରି ଅନୁଭବ କରୁଥିଲି ।

ପୁସ୍ତକଟିର ରୂପକଳ୍ପର ଚିତ୍ର ଥୋଇ ସାରିବା ପରେ କବିଙ୍କ ଲେଖକୀୟ ଦମ୍ଭ, ସାରସ୍ୱତ ଯାତ୍ରାପଥର ଛବି ଆଙ୍କୁଥିଲା ରାଜ୍ୟର ଅନ୍ୟତମ ଲୋକପ୍ରିୟ ତଥା ସୁନ୍ଦରୀ କବୟିତ୍ରୀ ମଧୁଛନ୍ଦା । ତା'ର ଲୋଭନୀୟ କଣ୍ଠସ୍ୱରର ସୁଷମା ପୁସ୍ତକଟିର ଆବେଦନକୁ ବହୁଗୁଣିତ କରି ସାରିଥିଲା ସେତେବେଳକୁ ।

ମୁଁ ମୋର ପ୍ରିୟ ବନ୍ଧୁର ମୁହଁକୁ ଚାହିଁଲି । ସେ ସେମିତି ବସିଥିଲେ ଡାଏସ୍ ଉପରେ । ମଧୁଛନ୍ଦାଙ୍କୁ ଚାହୁଁଥିଲେ ମଝିମଝିରେ । ସ୍ମିତହାସ୍ୟ ବି ଛିଟିକ ଆସୁଥିଲା, ହେଲେ ସ୍ୱାଭାବିକ ଗାମ୍ଭୀର୍ଯ୍ୟ ବି ଲାଖି ରହିଥିଲା । ଜଣା ପଡୁ ନଥିଲା ସେ ଏଇ ପରିବେଶର ମଧୁରିମାକୁ ଉପଭୋଗ କରୁଛି ନା ଏକ ନିର୍ବିକାର ଲେଖକୀୟ ଭାବନା ନେଇ କେବଳ ଅନୁଭବ କରୁଛି। ମଧୁଛନ୍ଦାର ମଧୁର ଉଦ୍‌ଘୋଷଣା ପରେ ମୁଖ୍ୟ ଅତିଥି ଉନ୍ମୋଚନ କଲେ ପୁସ୍ତକ ଝରା ଶେଫାଳି । ଏଥର ଝଲସି ଉଠିଥିଲା କବିବନ୍ଧୁଙ୍କ ମୁହଁ । ମଧୁଛନ୍ଦା ବି ଉଲ୍ଲାସର ଏକ ନିଆରା ଚେତନାରେ ଉଦ୍‌ବୁଦ୍ଧ ହେବା ଭଳି ଜଣା ପଡୁଥିଲା । ଲାଗୁଥିଲା ଯେମିତି ଏବେ ଆଉ କଳ୍ପନା ନୁହେଁ ବାସ୍ତବତାର କାନ୍‌ଭାସ୍ ଉପରେ ସେ ଦୁଇ ଜଣ ଉଭୟଙ୍କ ଛବିକୁ ମିଶାଇ ଆଙ୍କୁଥିଲେ!

ଏ ଚିତ୍ରର ଭବିଷ୍ୟତ କ'ଣ ହୋଇପାରେ ମୁଁ କଳ୍ପନା କରି ପାରୁ ନଥିଲି । କୌଣସି ଶୁଷ୍କ ଆଧୁନିକ କବିତା ସଂକଳନ ନୁହେଁ ଛନ୍ଦମୟ ଜୀବନର ଏକ ସଜ ସଂକଳନ ଯେମିତି ଲେଖି ହୋଇ ଯାଉଥିଲା ଆପେ ଆପେ ଆଉ ପରକ୍ଷଣରେ ଉନ୍ମୋଚିତ ହୋଇ ଯାଉଥିଲା ।

ଅଢେଇଗୁଣ୍ଠି, କାନପୁର, କଟକ



# ତୁମେ ଆଉ ମୁଁ



ପ୍ରକାଶ ସାହୁ

ତୁମେ କୁହ, "ଭଲ ପାଅ ମତେ"?
ମୁଁ ପଚାରେ,"କେତେ ବେଶି ନା ଟିକଏ"?
ତୁମେ ମୁଁହ କୁ ଟିକେ ତଳକୁ କରିଦିଅ
ଗୋଲାପି ଓଠ ର ଧାରେ
କୋଇଲି ର ସୁମଧୁର ସ୍ୱର ରେ
ତୁମେ କୁହ ହୁଁ ବହୁତ ବେଶି,
ତୁମେ ତ ମୋ ନିଜ ଠୁ ବି ଅଧିକା ନିଜର

ମୁଁ ପୁଣି ପଚାରେ, "ତେବେ ତୁମେ କିଏ"?
କାହିଁକି ନିଜ କୁ ଭଲ ପାଅ ଆଉ
ନିଜ ଠୁ ଅଧିକା ମୋତେ ଭଲ ପାଅ?
ମୁଁ ଜାଣି ଥାଏ ଉତ୍ତର ତଥାପି
ସେହି ମଧୁର କଣ୍ଠ ପାଇଁ ମୋ ହୃଦୟ
ଆଘାତ କରେ ମନକୁ, ହୃଦୟ ଏବଂ ମନ ର
ଅଭିଳାଷ କୁ ସମ୍ଭାଳି ପାରେନି ବିବେକ

ତୁମେ ସାମାନ୍ୟ ଝାଳେଇ ଯାଅ
ମୁଁହ ରୁ ବିବ୍ରତ ର ଛାପ କୁ ଲୁଚାଇ
ତୁମେ ପୁଣି ଥରେ ହସି ହସି ପ୍ରେମ ର
ସଂଜ୍ଞା କୁ ପରିବେଷଣ କର।
ତୁମେ କୁହ "ମୋ ପ୍ରେମ ର ନାହିଁ ପଟାନ୍ତର

ତୁମ କୁ ପାଇବାର ହିଁ ଅଛି
ସାର୍ଥକତା ମୋ ଜୀବନ ର

ମୁଁ ବି ମୋ ପୂର୍ବ ପ୍ରବୃତ୍ତି କୁ
ପୁନରାବୃତ୍ତି କରିଦିଏ ଆଉ ହସି ହସି
ପଚ୍ଚରି ବସେ କୁହ ଦେଖି
ପ୍ରେମ ମାନେ କଣ**?**
ତୁମ ପ୍ରେମ ର ଗଭୀରତା କେତେ**?**
ତୁମ ପ୍ରେମ ର ଆୟୁଷ କେତେ**?**
ପୁଣି ହସି ଦିଅ ତୁମେ ଆଉ କୁହ,
"ମୋ ପ୍ରେମ ଦେହ ମନ, ହୃଦୟ, ସମୟ
ଠୁ ବହୁ ଊର୍ଦ୍ଧ୍ୱ ରେ"

କହି ଦେଇ ତୁମେ ତୁମ କୋମଳ ବାହୁ ରେ
ମୋତେ ଆବଦ୍ଧ କରିଦିଅ
ତୁମ ଦେହ ରେ ଜଡାଇ ହୋଇ ଭାବୁଥାଏ
ସତ ରେ କ ତୁମ ପ୍ରେମ
ସ୍ଥାନ କାଳ ପାତ୍ର ଠାରୁ ବି ଆହୁରି ଉଚ୍ଚ ରେ
ଯାହା ଖୋଜୁ ଥାଏ ସାର୍ଥକତା
ତୁମ ପ୍ରେମ ର ଆଲିଙ୍ଗନ ରେ

ଶେଷ ରେ ଭାବି ବସେ
ତା ହେଲେ ତୁମେ ମତେ କେବଳ
ଭଲ ପାଅ, ପ୍ରେମ କର, ପୁଣି ପ୍ରେମ ର
ଗଭୀରତା ମାପି ବସ ବିଭିନ୍ନ ସ୍କେଲ ରେ.....

ନଭି ମୁମ୍ବାଇ, ମହାରାଷ୍ଟ୍ର

# କ୍ରିକେଟ କୋଇଲି




ଉଦୟନ ସୂପକାର

କୋଇଲି କ୍ରିକେଟ ଯେ କଲ୍ ଏତେ ସରି
କଷ୍ଟ ପାଇ ଦୁଃଖୀ ସର୍ବେ ଗଲେ ଆହା ହାରି ଲୋ୍ କୋଇଲି||
କୋଇଲି  ଖେଳବାକୁ ଯେତେ ଗଲେ ଅତି ଦମ୍ଭେ
ଖସି ଗଲେ  ଗୋଟି ଗୋଟି ଏ ବୀର ପୁଙ୍ଗବେ ଲୋ୍ କୋଇଲି||
କୋଇଲି ଗରବେ ଦେଖିଲୁ ଫାଟି ପଡୁଥଲେ
ଗଡି ଗଲେ ଗୋଟି ଗୋଟି କ ଦଶା ହୋଇଲେ ଲୋ୍ କୋଇଲି ||
କୋଇଲି ଘଟ ଫମ୍ପା ବେଶୀ କରଇ ଲୋ୍ ଶବଦ
ଘରକୁ ବାହୁଡି ଆସିଲେ ସବୁ ପୋତି କରି ମୁଣ୍ଡ ଲୋ୍ କୋଇଲି ||
କୋଇଲି ଉଆଁସ ଜହ୍ନ ର  ସମ ଶ୍ରୀମୁଖର ଶୋଭା
ଉଦାସ ମନ କାନ୍ଦଇ  ସତେ କେତେ ଦୁଃଖେ ଆହା ଲୋ୍ କୋଇଲି||
କୋଇଲି ଚମତ୍କାର  କରିବା  ଯେ ନୋହିଲ୍ ସମ୍ଭବ
ଚକ୍ଷୁ  କୁଟିବା ଭାଗ୍ୟରେ ତ ଥିଲ୍ ନୋହିବ ଅଥୟ ଲୋ୍ କୋଇଲି||
କୋଇଲି ଛକ୍କା ଓ ଚଉକା କାଲି ବରଷିଲ୍  ନାହିଁ
ଛପନ ଇଞ୍ଚି ର  କରିଷ୍ମା ବି ତ କାମ ଦେଲ୍ ନାହିଁ  ଲୋ୍  କୋଇଲି||
କୋଇଲି ଜଗତ ଜନେ ହସିବା ତ ହେଲ୍ ଲୋ୍ ସାର
ଯବନ ଯେତକ  ଉତଫୁଲ୍ଲ ମନେ ଆନନ୍ଦ ଜୁଆର ଲୋ୍ କୋଇଲି ||

ଭୁବନେଶ୍ୱର, ଓଡିଶା

# @ ରେଡିଓ.କମ୍



ଆରତୀ ସାହୁ (ଆଶା)

"ଆକାଶବାଣୀ , ଖବର ପଢୁଛନ୍ତି ଉପେନ୍ଦ୍ର କୁମାର ପାହାଡ଼ ସିଂ ।"

ଓହୋ  ସେଇ ମେଘଗମ୍ଭିର, ଭରି ଭରି କଣ୍ଠସ୍ୱର । ପାଗଳୀ ହୋଇ ଯାଉଥିଲା ଅତସୀ । ସେ ଯେଉଁଠି ଥାଉ ନା କାହିଁକି ଧାଇଁ ପଳେଇ ଆସିବ ସେହି କଣ୍ଠସ୍ୱର ଶୁଣିବା ପାଇଁ । ବାପା ଭାଇ ଖୁସି ହେଉଥିଲେ । ଅତସୀ ତାର ଦେଶ ଦୁନଆ ଖବର ଜାଣିବାରେ ଭାରି ଆଗ୍ରହ । କନ୍ତୁ ସେ ଖବର ଶୁଣୁଥିଲା ଗ୍ଭେପା । ସେହି ଆକର୍ଷଣୀୟ ସ୍ୱର ସହିତ ଭସି ଭସି ଗ୍ଭଲି ଯାଉଥିଲା କେଉଁ ଏକ ପରୀଗ୍ଭଇଜକୁ । ସ୍ୱରଟା ସାଜୁଥିଲା ପକ୍ଷୀଗ୍ଭଜ ଘୋଡ଼ାର ଗ୍ଭଜକୁମାର ଆଉ ସେ ବଣରେ ଏକୁଟିଆ ବାଟବଣା ହୋଇଥିବା ନହୁଲି ବୟସୀ ସୁକୁମାରୀ ଗ୍ଭଜକୁମାରୀ ।

ମାତ୍ର ତେରଟି ବସନ୍ତ ଅତିକ୍ରମ କରି ଆସିଥିବା ଅନୁଢ଼ା କଶୋରୀ ଅତସୀ । ସାଙ୍ଗ ସରିସାଙ୍କ ସାଙ୍ଗରେ, କଣ୍ଢେଇ ଖେଳ, ନଈ ପୋଖରୀ ରେ ବୁଡ଼ା ପହଁଗ୍ଭ, ଦୂର୍ଗାମେଳା ପଡ଼ିଆରେ କତି କତି, ବହୁଗ୍ଭେରୀ, ଆଉ ଦୋଳରେ ଆକାଶ ପେହୁଞ୍ଚା ଏତିକରେ ତାର ପ୍ରତ୍ୟକ୍ଷ ଦୁନଆ । ପଗ୍ଭେକ୍ଷରେ ଯେ ସେ ସ୍ୱପ୍ନଦୁନଆରେ ବିଚରଣ କରେ ସେଇ ଗୁରୁଗମ୍ଭୀର କଣ୍ଠସ୍ୱର ସହିତ ଏକଥା କେହି ଟେର୍ ସୁଦ୍ଧା ପାଉ ନଥିଲେ ।

ସେହି ସ୍ୱର ଓ ସ୍ୱପ୍ନ ଥିଲା ତାର ଏକାନ୍ତ ନଜର । ଆଉ ସେହି ସ୍ୱରଟି ତାର ସାଗ୍ଭଦିନର ଗତିବିଧିର ଖୋଗ୍ଭକ ।

ସାଗ୍ ସାଗ୍‌ଦିନ ପୋଖରୀ ହୁଡ଼ାରେ ବିତେଇ ଦେବାର ସାହସ ରଖୁଥିଲ୍ ସିଏ ସେ ସ୍ୱରଟି ସହ । ବିଭୋର ହୋଇ ତା ସହିତ ଦୋଳ ଖେଳୁଥିଲ୍, ମିଛିମିଛିକା ବାଲିଘର ତୋଳୁଥିଲ୍ । ତା ହାତରୁ ବଉଳ ମାଳ ପିନ୍ଧୁଥିଲ୍ । ତା ପାଇଁ ଠାଁ ପାଣି ସଜାଡୁଥିଲ୍ । ଆଉ ଅଧିକା କଛି ଚନ୍ତା କରିବାର ବୟସ ବା ଶକ୍ତି ନଥିଲ୍ ତାର ।

ଆଜି ନଜେ ନଜେ ହସେ ସିଏ । ରେଡିଓ ଆଜି କାଳଗର୍ଭରେ । ଆମରି କଥା, ଯୁବବାଣୀ, ଦିନ ନଅଟାର ଓଡ଼ିଆ ସିନେମା ଗୀତ ।

"ଜୀବନ ଜମୁନାରେ, ଜୁଆର ଉଠେ ରେ"

"ମୋ ପ୍ରିୟା ଠାରୁ କଏ ଅଧିକ ସୁନ୍ଦର"

"ହେ ଫଗୁଣ, କାନ୍ଦନାରେ"

ଆହା ! ଫେରି ଆସନ୍ତା କ ସେ ସମୟ । ପଞ୍ଜୁରୀରେ ଶୁଆ ପକ୍ଷୀକୁ ରଖିଲ୍ ପରି ରଖି ଦିଅନ୍ତା ସେ । ସେମିତି ନଷ୍ପାପ  ବିଭୋର ହେଉଥାନ୍ତା ସିଏ ।

ଅତସୀ ଘରେ ଗୋଟେ ରେଡ଼ିଓ ଆଉ ଶିଶିର କାକା ଘରେ ଗୋଟେ ରେଡ଼ିଓ ।

ବେଳେବେଳେ ଅତସୀର ଭାଇ ରେଡ଼ିଓ ନେଇ ଥୋଇ ଦେଉଥିଲେ ଦାଣ୍ଡ ପିଣ୍ଡାରେ । ପାଲ୍, ଦାସକାଠିଆ ଶୁଣିବାର ସେ ଯେଉଁ କ୍ରେଜ୍ । ଲୋକଙ୍କ ଭିଡ଼ରେ ପିଣ୍ଡାରେ ଜାଗା ଧରୁ ନଥିଲ୍। ଆଉ ଗୀତିନାଟ୍ୟ ଗୋପାଳ ଛୋଟରାୟଙ୍କ ।

ବାବୁ ଚନ୍ଦ୍ରମଣୀଙ୍କ, "ଏପାଖେ ଦଶ ସେପାଖେ ଦଶ"

ତା ସହିତ ଶୁଣୁଥିବା ଲୋକଙ୍କ ପାଳଆ

ସୁଲୋଚନାଙ୍କ ଅଥାର ମଣ୍ଡା, ସତରେ, ଅତସୀ ଆଉ ତା ସାଙ୍ଗ ମାନଙ୍କ ପାଟିରୁ ଲାଳ ଗଡୁଥିଲ୍ ।

"କୃଷ୍ଣ ଜନ୍ମ" ଶୁଣି ସ୍ତ୍ରୀ ଲୋକ ଓ ଝିଅ ମାନଙ୍କ ଆଖିରୁ ଲୁହର ଧାର ବୋହି ଯାଉଥିଲ୍ ।

ଯୁଦ୍ଧ କାଳୀନ ସଂଗୀତରେ ଟୋକା ମାନେ ନିଜକୁ ସ୍ଥିର ରଖି ପାରୁ ନଥିଲେ ।

ବାଣା ପରାଜୟ, ନପାହୁ ରାତି ନମରୁ ପତି, ବାଣ ହରଣ ଏମିତି ଆହୁରି ଅନେକ । ରେଡ଼ିଓ ରେ ଏସବୁ ଶୁଣି ଶୁଣି ଛୁଆମାନେ ରାମାୟଣ ମହାଭାରତ ପୁରାଣ ସବୁ ଜାଣି ଯାଉଥିଲେ । ଆଜି ଛୁଆଙ୍କୁ ପଢେଇବାକୁ ପଡୁଛି ସେ ସବୁ ।

ଆମରି କଥା ସରିବା ବେଳକୁ ଲୋକଙ୍କ ମୁହଁରେ ସମବେତ ଶୁଣା ଯାଉଥିଲା ,

"ହେଲେ, ଆପଣ କଣ କହୁଛନ୍ତି କୁହନ୍ତୁ ନା ।'

ବଡ଼ିଭୋରରୁ ବଂଶୀ ସ୍ୱନ ସହ ଆକାଶବାଣୀ ଖୋଲୁଥିଲା । ସେ କ ମଧୁର ସ୍ୱନ ! ତାପରେ ବନ୍ଦେ ମାତରଂ । ବିବିଧ ଭାରତୀ, ରେଡ଼ିଓ ସିଲୋନ ଆହୁରି କେତେ କେତେ ସେଣ୍ଟର । ରାତି ବାରଟା ପର୍ଯ୍ୟନ୍ତ ରେଡିଓ ରୁସିଆରେ ହିନ୍ଦୀ ସିନେମା ଗୀତ ସରିଲା ଯାଏ ଗୀତ ଶୁଣୁଥିଲା ଅତସୀ, ଛାତ ଉପରେ, ଧୀର ଭଲ୍ୟୁମରେ ରେଡିଓ କାନ ପାଖରେ ଥୋଇ । ଏବେ ବି ସେ କଲିଜାଚିରା ଗୀତ ସବୁ ନେଇଯାଆନ୍ତି ତାକୁ ତାର ପ୍ରିୟ ଛାତ ଉପରର କାକର ପଡ଼ି ଥିବା ମସିଣା କମ୍ବା କନ୍ଥା ଉପରକୁ । ତାର ଛାତିରେ ଏବେ ବି ଆଘାତ ହୁଏ,

"ମୁଝକୋ ଇସ୍ ରାତ କ ତନହାଇ ମେ ଆବାଜ ନ ଦୋ"

"ମେରେ ମହବୂବ ନ ଯା, ଆଜ କ ରାତ ନ ଜା"

ସେହି କଣ୍ଠସ୍ୱରକୁ ଅନୁସରଣ କରୁ କରୁ ସେ ଛନ୍ଦି ହୋଇଗଲା ଆଉ ଏକ କଣ୍ଠସ୍ୱର, ଆଉ କଣ୍ଠସ୍ୱରର ଅଧିକାରୀ ସହିତ । ତାର ସମସ୍ତ ଅଧିକାର ମାନେ ପାଲଟିଗଲେ କର୍ତ୍ତବ୍ୟ । ଅପରିଚିତ ଦୁନିଆର ସର୍ବଥା ଅପରିଚିତ କଣ୍ଠସ୍ୱର ମାନଙ୍କ ଭିତରେ ସେ ପାଲଟି ଗଲା ସର୍ବେସର୍ବା । ନଈ, ପୋଖରୀ, ଆମ୍ବତୋଟା, କଆଗୋହିରୀ, ତାଳବଣ, ସମସ୍ତଙ୍କୁ ପଛରେ ଛାଡ଼ି ଦେଇ ବହୁତ ଦୂରକୁ ଗ୍ଲି ଆସିଲାଣି ସିଏ । ଆଜି ତା ପାଖରେ ସେହି ପୁରୁଣା ରେଡ଼ିଓ ନାହିଁ କ ସେ ସ୍ୱର ଭି ନାହିଁ । ଅଛି ମୋବାଇଲ ଆଉ ତାର ନିଶବ୍ଦ କଥା । ଆବୋରି ବସିଲାଣି ବିଶ୍ୱସତ୍ତାକୁ । ତାକୁ ସନ୍ଦେହ ହୁଏ ଦୁନିଆ ମୁକ ପାଲଟି ଯିବନି ତ ।

ନିଜକୁ ରେଡିଓ ସହ ଆଉ ଗୀତ ସହ ଜଡ଼ିତ ରଖିବା ପାଇଁ ସେ ନିଜ ଝିଅକୁ ଗୀତ ଶିଖେଇଲା ।

ଝିଅ ଆଜି ସ୍ୱନାମଧନ୍ୟା ଗାୟିକା, ରେଡିଓ ଜକି । ଏଫ୍ ଏମ୍ ରେ ସେ ଆଜି ମଧ୍ୟ ଗୀତ ଶୁଣେ । କିନ୍ତୁ ସେହି ମାଧୁର୍ଯ୍ୟ ପାଏନା । କି ଦେହରେ ସେହି ଶୀହରଣ ଅନୁଭବ କରେ ନା ।

ୟୁ ଟ୍ୟୁବରେ ଭି ଗୀତ ଶୁଣିହୁଏ । କିନ୍ତୁ ରେଡ଼ିଓ ଗୃର୍ମ ଭି ପ୍ରକାରର ।

ଝିଅ ଆସି ହଲେଇଦେଲା ଅତସୀକୁ । ତାର ଭାବନା ଚହଲିଗଲା ।

- ଗୁଲ୍, ଆଜି ତୋତେ ରେଡ଼ିଓ ଷ୍ଟେସନ୍ ନେଇଯିବି ।

ରେଡ଼ିଓ ଷ୍ଟେସନ ରେ ପ୍ରଥମ ପାଦ ଅତସୀର । ତାର କୁଆଁରୀ ଜୀବନର ସ୍ୱପ୍ନ ଦୁନିଆ । ତାର ଛାତି ପଡୁଥିଲା ଉଠୁଥିଲା । ସତେ ଯେମିତି ସେ ସେହି ତେର ବର୍ଷର କିଶୋରୀଟିଏ । ଏହି ତାର ନିଷ୍ପାପ ପ୍ରେମର ପ୍ରଥମ ପାହାଚ । ଏହି ଦୁନିଆରେ ଥିଲେ ତାର ଅଦେଖା ଅଚିହ୍ନା ସ୍ୱପ୍ନ ପୁରୁଷ ।

- ହେଇ ଦେଖ୍, କିଏ ସେ । ଚିହ୍ନି ପାରୁଛୁ ? ତୋର ଉପେନ୍ଦ୍ର କୁମାର ପାହାଡ଼ ସିଂ !!! ଆଜି ତାଙ୍କ ସହିତ ସାକ୍ଷାତକାର ଅଛି ମୋର ।

ବୟସର ପ୍ରୌଢ଼ତାରେ ପହଞ୍ଚି ଯାଇଥିବା ଅତସୀ ନିର୍ନିମେଷ ଦୃଷ୍ଟିରେ ଦେଖୁଥିଲା ସେହି ସ୍ୱପ୍ନିଳ ସ୍ୱରର ଅଧିକାରୀ ବ୍ୟକ୍ତି ବିଶେଷଙ୍କୁ ତାଙ୍କର ବାର୍ଦ୍ଧକ୍ୟ ରେ । ସମୟ ତା ପାଇଁ ଶିଥିଳ ହୋଇ ଯାଉଥିଲା ନା ପଛ ଆଡ଼କୁ ଗତି କରୁଥିଲା ସେ ଜାଣି ପାରୁ ନଥିଲା ।

ତାର କାନରେ ବାଜୁଥିଲା ରହି ରହି,

"ଆକାଶବାଣୀ, ଖବର ପଢୁଛନ୍ତି ଉପେନ୍ଦ୍ର କୁମାର ପାହାଡ଼ ସିଂ"

ଗୁରିପଟେ ତାର କଥା ଫୁଟୁଥିଲା । ତାରି ବାସ୍ନାରେ ବାସ୍ନାରେ ଆଜି ବି ବିଭୋର ହୋଇ ଉଠୁଥିଲା ଅତସୀ ।

ବସନ୍ତ ବିହାର, ନୂଆ ଦିଲ୍ଲୀ




ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଫଗୁଣ ଛିଟା



ସରୋଜ ସାହୁ

ପସରା ମେଲେଇ ଧରାକୁ ଲୋଟିଛି
ଫୁଲ ଆବାହନୀ ହୋଇ
ଗଗନ ପବନ ମୁଖରିତ କରି
ବାସ ତାର ଯାଏ ଛୁଇଁ ।
ସଙ୍ଗରେ ଆଣିଛି ଫଗୁଣର ଛିଟା
ମୋତିଝରା ଋତୁରାଣୀ
କାନନବନରେ ସାଜିବ ରୂପସୀ
ଦେହେ ତୋରଣ ଟାଣି ।
ଉଷ୍ମତାରେ ଭରି ବନତରୁରାଜି
କଅଁଳ ପରସ୍ତ ଖୋଜେ
ବର୍ଣ୍ଣମାଳା ପରି ଦିଶେ ଶୋଭାମୟ
ଆମ୍ବରେ ବଉଳ ସାଜେ ।
କୋଇଲିର ତାନ ମୋହିନଏ ମନ
ସତେ ଅବା ଆଭୂଷଣ
ସ୍ୱର୍ଗପୁରୀ ଆଜି ମର୍ତ୍ତ୍ୟକୁ ଫେରିଛି
ଅଙ୍ଗେ ନେଇ ଛଳ କ୍ଷଣ ।
ଭ୍ରମର ଛୁଟନ୍ତି ମଧୁ ବାହାନାରେ
ଫୁଲଦେଶେ ଭ୍ରମିଭ୍ରମି
ଆନନ୍ଦାସ୍ରୁ ଜଳେ ପଲକ ଭିଜେଇ
ଅଧରକୁ ଦିଏ ଚୁମି ।

ଆଠଗଡ, କଟକ

# ମକର ସଂକ୍ରାନ୍ତି



ମହେଶ୍ୱର ସାହୁ

ମକର ପାଖରୁ, ଚକରେ ଚକରେ,
ଦିନ ହୋଇଥାଏ ବଡ଼ ।
ଅମର ସଂସ୍କୃତି ନଆର୍ ପରବ,
ସ୍ନେହ ସମ୍ପର୍କର ଜଡ ।।
ସଂକ୍ରାନ୍ତି ଦିନରେ, ଘର ଦ୍ୱାର ଦାଣ୍ଡ,
କର୍‌ଯାଏ ପରିଷ୍କାର ।
ଆମରି ପରବ, ଦିଅଇ ଆହ୍ୱାନ,
ସ୍ୱଚ୍ଛ ଶାନ୍ତି ମୈତ୍ରୀର ।।
ସ୍ନାହାନ ସଉଚ, ହୋଇଣ ସଭିଏଁ,
ମୁନଙ୍କୁ ଦେଇ ମୂର୍ତ୍ତିକା ।
ଉଷୁମ ନଅନ୍ତି, ଜାଳ ଶୁଷ୍କ ପତ୍ର,
ଉଜ୍ଜ୍ୱଳ ହେଉ ଜୀବିକା ।।
ମାନବ ଜୀବନ, ପରବ ବନ୍ଧନ,
ସ୍ନେହ ପ୍ରୀତି ଭକ୍ତି ସାଥେ ।
ମକର ସଂକ୍ରାନ୍ତି, ଶୀତୁଆ ଦାଢ଼ରେ,
ଧାର୍ମିକ ମହତ୍ତ୍ୱ ପଥେ ।।
ନାନା ମୁନ ଋଷି, ହୁଅନ୍ତି ପୂଜିତ,
ଆମରି ଉତ୍କଳ ଧାମେ ।
ମକର ବଢାରେ, ହୁଏ ଭୋଗ ରାଗ,
ସର୍ବ ଦେବାଦେବୀ ନାମେ ।।

କଦଳୀ ଓ ଗୁଡ଼,    ନୂଆ ଧାନ ଚୁନା,
ମକର ବଢ଼ାର ପାଇଁ ।
ହୁଅଇ ସ୍ୱାଦିଷ୍ଟ,    ଚୁଡା ଖଜା ସାଥେ,
ଗଗନେ ଗୁଡି ଉଡାଇ ।।
ଗୃଷୀ ଭାଇ ଖୁସି,  ଶସ୍ୟ ଅମଳରେ,
ବଣ୍ଟାଇ ଭାତୃତ୍ୱ ପ୍ରୀତି ।
ଧରା ଧାମ ଆଜି,    ସ୍ୱଚ୍ଛ ଓ ପବିତ୍ର,
ଗୃଷୀକୁଳ ହେଉ ଶାନ୍ତି ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)



# ହେ ମୋ ଜଗତ ଠାକୁର

ସରସ୍ୱତୀ ପଣ୍ଡା

ସୁଖ ଦୁଃଖ ସବୁ ଅଟେ ତୁମ ଦାନ
ହେ ଜଗତ ଠାକୁର
ତୁମରି ଆଜ୍ଞାରେ ଆତ ଜାତ ସିନା
ଚନ୍ଦ୍ର ତାର୍‌ ଦିବାକର ।

ମଳୟ ପବନ ବହୁଅଛି ସିନା
ତୁମରି ଆଜ୍ଞା ପାଇଁ
ଦିନରାତି ହୁଏ ତୁମରି ଆଜ୍ଞାରେ
ହେ ଜଗତ ସାଇଁ ।

ହାତ ଗଢା ତୁମ ଏ ମର୍ତ୍ତ୍ୟ ମଣ୍ଡଳେ
କ୍ଷୁଦ୍ର ନରଟିଏ ମୁହିଁ
କେମିତି ବୁଝିବି ଗୂଢ ତତ୍ତ୍ୱ ତୁମ
ବୁଦ୍ଧି ମୋର ପାଏ ନାହିଁ ।

ହାତ ଧରି ତୁମେ ପାରି କରି ଥାଅ
ଯେ ତୁମ ଆଶ୍ରା ଲୋଡ଼ଇ,
ନରାଶ ନ କରି ନଅ କୋଳ କରି
ଖୁସିରେ ତା ଦିନ ଯାଇ ।

ଭାବେ ବନ୍ଧା ତୁମେ ହେ ଭାବଗ୍ରାହୀ
କଏ ତୁମ ପରି ହେବ
ତୁମ କୃପା ବିନା ଏ ମର୍ତ୍ତ୍ୟ ମଣ୍ଡଳେ
ଜୀବନ ନୁହେଁ ସମ୍ଭବ ।
ହେ କାଳଆ ଠାକୁର
ଅପାର କରୁଣା ତୁମର----

ମଙ୍ଗଳପୁର, କନକପଡା, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଭାଇ ମୋ ଭାଇ

କୁମୁଦିନୀ ବେହେରା

ନୁହେ ବନ୍ଧୁ ଅବା    ବାନ୍ଧବୀଟିଏ ମୁଁ
ନୁହେ ସ୍ମୃତିର ସଙ୍ଗାତ
ସତ୍ୟ ପବିତ୍ରର    ବନ୍ଧନରେ ବନ୍ଧା
ଭଗ୍ନୀ ସମ୍ପର୍କ ମୋ' ସତ ।୧।

କି ସମ୍ପର୍କ ଡୋରେ    ବାନ୍ଧି ଦେଲ ଭାଇ
ଆଉ ସବୁ ହେଲା ଫିକା
କେଉଁ ଶ୍ରଦ୍ଧା ପଣେ    ଆଦର କରିଲ
ସମୟ ଖାଇଲା ଧୋକା ।୨।

ଭଗ୍ନୀ ସମ୍ଭାଷଣେ    ସମ୍ବୋଧନ କରି
ରହିଗଲ ହୃଦ କୋଣେ
ସଂସାର ଭିତରେ    କୋଟିଏ ଜନରେ
ନିଆର୍ ବ୍ୟକ୍ତିତ୍ୱ ଜଣେ ।୩।

ଜୀବନ ମୋହର    ନିତ୍ୟ ଅନିଶ୍ଚିତ
ସମ୍ପର୍କ ମୋ' ଅନ୍ତରଙ୍ଗ
ନିର୍ମାଲ୍ୟ ପବିତ୍ର    ବନ୍ଧନ ଭିତରେ
ନ' ହେବ ବିଶ୍ୱାସ ଭଙ୍ଗ ।୪।

ଅଭାବ ଅଙ୍କକୁ ଦେବି ମୁଁ ଲିଭେଇ
ଦେଇ ସ୍ନେହ, ଭକ୍ତି ନୀର
ବୟସରେ ଛୋଟ ସେନେହ ରଙ୍କୁଣି
ଗେହ୍ଲି ଭଉଣୀ ତୁମର ।୫।

ତୁମ ମୋ' ସମ୍ପର୍କ ନୁହଁଇ ସାମାନ୍ୟ
ଈଶ୍ୱରଙ୍କ ବରଦାନ
ସର୍ବାଗ୍ରେ ସମ୍ମାନ ଅଧିକାରୀ ହୋଇ
ପାଅ ସଦା ଉଚ୍ଚ ସ୍ଥାନ ।୬।

ଭାଇ ତୁମ ନମ୍ର ନୈସର୍ଗିକ ଗୁଣ
ସାବଲୀଳ ଚନ୍ତାଧାର୍
ଅମୃତ ଅକାଂକ୍ଷା ହସର ଅଧରେ
ବଚନାମୃତ ନଆର୍ ।୭।

ନଷ୍ଠାପର ତୁମ ମଣିଷ ପଣିଆ
ସାରଥି ତୁମେ ସତ୍ୟର
ମୋ ଜୀବନେ ତୁମେ ଆଶାୟୀ ଅରୁଣ
ଶୁଦ୍ଧ ମାହେନ୍ଦ୍ର ବେଳାର ।୮।

ମିଛ ମାୟା ଏହି ସଂସାର ଭିତରେ
ଭ୍ରାତୃତ୍ୱ ସମ୍ପର୍କ ସତ୍ୟ
ତୁମ ମହାନତା ମାନବିକତାରେ
ହୋଇ ଅଛି ମୁଁ ଆଶ୍ରିତ ।୯।

ମଣିଷ ଜନ୍ମର ସାର୍ଥକ ଚରିତ୍ର
ସର୍ବ ଗୁଣେ ଗରୀୟାନ

ଭକ୍ତ ଭବ ତୁମ ବାସ୍ତବ ବଳଷ୍ଠ
ଧର୍ମ ବଳେ ତେଜୀୟାନ ।୧୦।

ସତ୍ୟ ନ୍ୟାୟ ତ୍ୟାଗ ଉଦାର ପଣରେ
ତ୍ରିଲୋକେ ଶ୍ରେଷ୍ଠ ସମ୍ମାନ
ଯୁଗେ ଯୁଗେ ସାଜି ଭଗ୍ନୀର ରକ୍ଷକ
ଭାଇ ରଖି ଥାନ୍ତି ମାନ ।୧୧।

ତୁମ ବିଶାଳତା ବୃକ୍ଷ ଆଗେ ଭାଇ
ମୁଁ ଯେ ସୂକ୍ଷ୍ମ ଶାଖାଟିଏ
ଭାଗୀଦାର ତୁମେ ଭଗ୍ନୀ ସୁଖେ ଦୁଃଖେ
ତାକୁ ବା' କନ୍ଦିବ କଏ ?। ୧୨।

ଶିକ୍ଷୟିତ୍ରୀ, ଅନୁଗୋଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ପ୍ରତୀକ୍ଷା

ବିନୟ ମିଶ୍ର

ଭୁମା କାନ୍ଦୁଥିଲ୍ ମାଠିଆଏ ଲୁହ
ଭୂମି ହୋଇବକ ଓଦା,
ଚେନାଏ ହସକୁ ଫଡାଏ କରିକ
ଜହ୍ନ ହୋଇଗଲ୍ ଅଧା।

ଅଧା ଜହ୍ନ ଗଲ୍ ଜଗା ଅଧରକୁ
ଚଉଠେ ରଖିଲ୍ ସିନା,
ସେ ଚଉଠ ନେଇ ଚଉଠି କରିବ
ଉଆଁସୀ ମଙ୍ଗୁଳା କନ୍ୟା।

ତାର୍ ଫୁଲ ସେଜେ ବିଛାଇବ ନେଇ
ବାସନା ତାହାର କାହିଁ,
ମାଘୁଆଣି ପାଣି ବସନ୍ତ ହରିଲ୍
ମାଦକତା ଟୋପେ ନାହିଁ।

ଫଗୁଣ ଆସିଲ୍ କୋଇଲି ଆସିଲ୍
ବଉଳଲ୍ କୁଞ୍ଜବନ,
କାହ୍ନୁ ଫେରିଗଲ୍ ଗାଇ ଗୋଠ ସାଥେ
କେ ଭଙ୍ଗିବ ରାଇ ମାନ?

ଉରଗ ରଗଡା ନକୁଳ ପର୍ଏ
ଫେରି ଫେରି ପ୍ରଣୟିନୀ,

କହୁଛି ମିଳନ କବା ପ୍ରୟୋଜନ
ବୈଧବେ କ ସୋହାଗିନୀ?

କେତକୀର କନ୍ଦା ଫୁଟି ଦିଶିଲାଣି
ବରଷକ ଅନ୍ତ କରି,
ଶିବାଳୟେ ଯିବ ଭଅଁସ ଆଗୁ ସେ
ହୃଦେ ସୌରଭ ଭରି।

କଅ। ପାଲିଙ୍କିରେ ପ୍ରିୟାକୁ ବସାଇ
ହଳଦୀ ସିନ୍ଦୁର ଚୁଆ,
ମାଖୀ ଶ୍ରୀକର୍ପୂରେ କସ୍ତୁରୀ ଗନ୍ଧରେ
ସଜାଇଛି ତାର ହିଆ।

ଛମ ଛମ ନାଚେ ମୟୁର ଏଇଠି
ଅଦିନରେ ମେଘ ଦେଖି
ବୁଝେନା ଏ କଥା ଆଷାଢ ନୁହଁଇ
ଅଭିମାନୀ ହରୀମାଖି।

ଅଭିଲ ଅଭିଲ ଭୁଲାଣିଆ ଆଖି
ଅଲିଭ ଅଲିଭ ଦୀପ,
ମୋ ପ୍ରିୟା ଆସିବ ସିନ୍ଦୁର ନାଇ ଲୋ
ଜଳୁଥିବ ସାତ ଦୀପ ।

ନଆଳ, ଖୋର୍ଦ୍ଧା

# ଔଷଧ ଦୋକାନୀ

ଦୀନବନ୍ଧୁ ପୋଇ

ଔଷଧ ଦୋକାନୀ ଘରମଣି କହେ
ଶୁଣ ଶୁଣ ଦିଶା ବାପା
ପିଆଜ ଘରକୁ ଆଣିବା ପାଇଁ କ
ଜମା ହୁଅ ନାହିଁ ଖାପା ।୧।
ଯାଇଥିଲି ଆଜି ପଡୋଶୀ ଘରକୁ
ଶୁଣିଲି ଯା 'ତାଙ୍କ କଥା
ପିଆଜ ଆସୁନ ତାଙ୍କରି ଘରକୁ
ଘୁରୁଛି ତାଙ୍କରି ମଥା ।୨।
ବାରମଜା ସହ ଉଲି ଗ୍ରେବାଇକ
ପିଉଥିଲେ ସିଏ ମଦ,
ପିଆଜ ଦାମ ବଢି ଯାଉଅଛି
ଆଖିରେ ଆସୁନ ନଦ ।୩।
ମଦ ଉଲି ପାଇଁ ସ୍ୱାମୀ ସ୍ତ୍ରୀ ଦୁହେଁ
ଝଗଡ଼ା ଲାଗନ୍ତି ନତି
ନଜେ ପିଇ ବିଷ ପିଆଇବେ ବିଷ
ଶିଶିର ପଦ୍ୟେ କହନ୍ତି ।୪।
ଅଭାବେ ଦରବ କଣି ନ ପାରିକ
ବିଷ ପିଇବେ ସରବେ
ଗ୍ରହିଦାକୁ ଦେଖି ଦରବୃଦ୍ଧି କରି
ବିକବ ତୁମେ ନରବେ ।୫।
ଘରଣୀ ଚତୁରୀ ଆଦେଶକୁ ମାନ
ବିକ ଗ୍ଧଲେ ଏଇ ବିଷ

ଦିନ କେତେ ମୁହିଁ ପାଇଗଲି ଲାଭ
ମଲେ ଯେ କେତେ ମଣିଷ ।୬।
ଦରବୃଦ୍ଧି ବିଷ ହୋଇବାରୁ ଶେଷେ
ନ ପିଇଲେ କେହି ବିଷ
ନଜେପିଇ ଦେଇ ଦୋକାନୀ ଶୋଇଲା
ତା ସ୍ତ୍ରୀ ହେଲା ନିରାଶ ।୭।
କାହା ମନ ଭୁଇ ପାଞ୍ଚ ନାହିଁ କେବେ
ହୋଇ ବାରେ ଆସ ମେଳ,
କୃଷକ ହାତକୁ ଟାଣ କରି ଦେଲେ
ବିପଦକୁ ଦେବା ଟାଳ ।୮।

ଶିକ୍ଷକ, ଗୋରଡା ପାଳ, କରମୂଳ, ଢେଙ୍କାନାଳ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଜୀବନ

ଗୁଣନିଧି ଭୋଇ

ଜୀବନଟା ଯଦି ହୁଏ ଏକ ଗୀତ
ଗାଇଯିବା ସୁର ଦେଇ,
ଜୀବନଟା ଯଦି ହୁଏ ଏକ ବାଟ
ଚାଲିବା ଆଗକୁ ଚାହିଁ ।

ଜୀବନଟା ଯଦି ହୁଏ ଟିକେ ହସ
ହସିଯିବା ମନ ଭରି,
ଜୀବନଟା ଯଦି ହୁଏ କିଛି ଆଶା
ପୂରା ହେବ କାମ କରି ।

ଜୀବନଟା ଯଦି ହୁଏ ଏକ ଯୁଦ୍ଧ
ଲଢିବା ଜିତିବା ପାଇଁ,
ଜୀବନଟା ଯଦି ହୁଏ ଏକ ଖେଳ
ଖେଳିବା ଆନନ୍ଦ ହୋଇ ।

ଜୀବନରେ ଯଦି ଆସେ କିଛି ଦୁଃଖ
ଡରିଯିବା ନାହିଁ କେବେ,
ଜୀବନକୁ ଆମେ ନିଶ୍ଚେ ଜିତିଯିବା
ଏ ସବୁ ହୋଇବ ଯେବେ ।

ବେହେରାପାଲି, ଘେଁସ, ବରଗଡ଼

# ଧର୍ମ



ହୃଦୟାନନ୍ଦ ପଧାନ

ଧର୍ମ ପ୍ରଗ୍ଚରଇ ସତ୍ୟ ଶିବ ବାଣୀ
ବିଲୁପ୍ତ କରଇ କୁକାର୍ଯ୍ୟତ୍ୱ ପ୍ରାଣୀ ।
ଧର୍ମ ପ୍ରକାଶଇ ବିଶ୍ୱେ ମୈତ୍ରୀଭ୍ବ
ଦୁର୍‌ଏ ସମାଜେ ସେ କାଳଭୈରବ ।
ଧର୍ମରୁ ସୃଷ୍ଟି ଯେ ପୁର୍‌ଣ ଯୁଗରୁ
ଜାଣି ନାହଁ କେହି ନର ଅବା ତରୁ ।
ଧର୍ମ ଗ୍ରନ୍ଥ ଭ୍‌ଗବତ ର୍‌ମାୟଣ
ଏ ସୃଷ୍ଟି ଧର୍ମର ପ୍ରାଞ୍ଜଳ ପ୍ରଣାମ ।
ଧର୍ମର ମଧୁର ମହତ୍ୱ ବାଣୀ
ପ୍ରଗ୍ଚର କରିଲେ ଅନେକ ମୁନ ।
ଧର୍ମ ରକ୍ଷା କରେ ବିଦବଂନସ ମୁଖରୁ
ବଞ୍ଚା ଏ ପ୍ରାଣୀଙ୍କୁ ପାପର ଗର୍ତ୍ତରୁ ।
ଧର୍ମ ପ୍ଲାବେ ପାଷାଣେ ପ୍ରେମଭ୍‌ବ
ହିଂସ୍ର ହୃଦେ ଦିଏ  କୋମଳ ସ୍ୱଭ୍‌ବ  ।
ଧର୍ମ ପରିଣତେ ଦସ୍ୟୁରୁ ବାଲ୍ମୀକ
ରୂପାନ୍ତରେ ଗ୍ଚଣ୍ଡାଶୋକରୁ ଧାର୍ମୀକ ।
ଧର୍ମ ପ୍ରେରେ ତମ ସାରୁ ଆଲେ୍‌କ
ଅସତ୍ୟରୁ ସତ୍ୟ, ମୃତ୍ୟୁରୁ ଜୀବନ୍ତ  ।

ଆମର ପାଲି, ବୀରମହାର୍‌ଜପୁର, ସୁବର୍ଣ୍ଣପୁର

# ମୋଚ



ସୁଧାଂଶୁ ଶେଖର ଦ୍ୱିବେଦୀ

ବାବୁରାମ ପୁଅର ବାହାଘର ସରିଲା । ପୁଅ ବୋହୂ ଘର ଧରିଗଲେ । ବିଧି ବିଧାନ ଅନୁଯାୟୀ ସବୁ କାମ ଶେଷ ହେଲା । ବିବାହର ଠିକ୍ ୫ ଦିନ ପରେ ପୁଅର ସ୍ତ୍ରୀ ଝଗଡା ଆରମ୍ଭ କରିଦେଲା । ସହରୀ ଝିଅ, ସହର ସଭ୍ୟତାରେ ପିଲାଦିନୁ ବଢି ଆସିଛି । ଅବଶ୍ୟ ସହରର ଗୋଟେ ସାଇଡରେ ଥିବା ମୋଚ ବସ୍ତିରେ ବାପା, ମା, ଭାଇ-ଭଉଣୀ ସହ ରହୁଥିଲା । ସେଥିପାଇଁ ସହରୀ ହାଓ୍ୱା ତା ମନ ଭିତରେ ନେସି ଯାଇଛି ।

ବାବୁରାମ ମଫସଲ ଗାଁରେ ଚମଡା ଜୁତା ତିଆରି କରି ବିକ୍ରି କରେ । ଘର ସଇଡାରେ ଛୋଟ ଦୋକାନଟିଏ କରିଛି । ତା ହାତ ତିଆରି ଜୁତା ଖଣ୍ଡ ମଣ୍ଡଳରେ ପ୍ରସିଦ୍ଧି ପାଇଛି । ଜୁତା ତିଆରି କାମରେ ତା ସ୍ତ୍ରୀ ଓ ପୁଅ ବହୁତ ସାହାଯ୍ୟ କରନ୍ତି । କୌଳିକ ବୃତ୍ତି, ଫୁରସତ୍ ପାଇଲେ ତା ସ୍ତ୍ରୀ ଜୁତାରେ ପିଲିଶ ମାରେ, ଦୋକାନ ଥାକରେ ଜୁତା ସଜେଇ ରଖେ । କଞ୍ଚା ଚମଡା ସିଝେଇ ଖରାରେ ଶୁଖାଏ । ପୁଅ ବି ଆଖ-ପାଖ ଗାଁ ରୁ ଖୋଜି ଖୋଜି ମଲା ପଶୁ-ଜନ୍ତୁ ମାନଙ୍କର କଞ୍ଚା ଚମଡା ଉତ୍ତାରି ଆଣେ । ତେଣୁ ଘରେ ସବୁବେଳେ ଚମଡାର ଦୁର୍ଗନ୍ଧ ହୁଏ । ମୋଚ କାମ କରି ଯାହା ରୋଜଗାର ହୁଏ ସେଇଥିରେ ଦିନ ବିତିଯାଏ ।

ସେଦିନ ନୂଆ ବୋହୂଟା ବାବୁରାମର ପୁଅକୁ କହିଲା, "ଦେଖ ତୁମ ବା ଙ୍କୁ କହି ଅନ୍ୟ କୋଉଠି ଘର କର । ନହେଲେ ମୁଁ ମୋ ବାପଘରକୁ ପଳେଇବି । ଏମିତି ଦୁର୍ଗନ୍ଧ ଜାଗାରେ ମଣିଷ ରହନ୍ତି? ଛି...ଛି...ଛି... ।

ତା ପରଦିନ ପୁଅ ତା ବାକୁ ସବୁକଥା ଜଣେଇ ଅଲଗା ରହିବ ବୋଲି କହିଲା । ବାବୁରାମ ପୁଅ କଥା ଶୁଣି ସ୍ତବ୍ଧ-ଚକିତ ହୋଇ ପଡିଲା । ଜଣେ ବୋଲି ପୁଅ ତାର । ସେ ଯଦି ଅଲଗା ଘର-ଦ୍ୱାର କରି ରହିବ, ତାହେଲେ ସବୁ ଧନ୍ଦା ଶେଷ ହୋଇଯିବ । କଣ କରିବ ତାକୁ କଛି ବୁଦ୍ଧି-ବାଟ ଦେଖାଯାଉ ନଥାଏ ।

ରାତିରେ ଶୋଇବାବେଳେ ବାବୁରାମ ତା ସ୍ତ୍ରୀକୁ ଏ ବିଷୟରେ ଜଣେଇଲା । ସ୍ୱାମୀର କଥା ଶୁଣି ତା ସ୍ତ୍ରୀ ର ଅତୀତ ସ୍ମୃତି ମନେ ପଡି ଯାଉଥାଏ । ସେ ବି ଯେତେବେଳେ ନୂଆ ବାହା ହୋଇ ଏ ଘରକୁ ଆସିଥିଲା, ଚମଡାର ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଯାଉଥିଲା । ହେଲେ ଧିରେଧିରେ ସେସବୁ ଦେହସୁହା ହୋଇଗଲା । ଦୁର୍ଗନ୍ଧ ତା ନାକପୋଡାରେ ପଶି ଅଟକଗଲା । ଭଲ କ ଖରାପ ସେ ଆଉ କଛି ଅନୁଭବ କରିପାରିଲାନ । ନଜ ଅତୀତ କଥା ଭାବୁଭାବୁ ବାବୁରାମର ସ୍ତ୍ରୀ ଅର୍ଥପୂର୍ଣ୍ଣ ହସଟିଏ ହସି କହିଲା, “ତୁମେ ମୋ ପାଇଁ ଆଦୌ ବ୍ୟସ୍ତ ହୁଅନ । ବୋହୂକୁ ମୁଁ ବୁଝେଇଦେବି ।”

“ଆରେ ତୁ କଣ ବୁଝେଇବୁ? ସେ ପରା ଜିଦ୍ ଧରିଛି ଅଲଗା ଘର କରି ରହିବ, ନହେଲେ ତା ବାପ ଘରକୁ ଚାଲିଯିବ । ତୁ କହ ତ, ଆଖପାଖର ଲୋକମାନେ ଜାଣିଲେ କଣ କହିବେ? ମାନ-ମହତ ସବୁ ପଦାରେ ପଡିବ ।” ବାବୁରାମ ଆଶ୍ଚର୍ଯ୍ୟ ମିଶ୍ରିତ ସ୍ୱରରେ କହିଲା ।

“ଠିକ୍ ଅଛି, ମୁଁ ତାକୁ ଏଇୟା କହିବି ଯେ ଆମେ ବହୁତ ଆଗରୁ ସହରରେ ଗୋଟେ ଫ୍ଲାଟ୍ କଣି ରଖିଛେ । ଏଇ ଦୁଇମାସ ଭିତରେ ବ୍ୟବସ୍ଥା କରି ସେଠିକୁ ସମସ୍ତେ ପଳେଇବା ।”

“ମିଛ କହିବୁ? ଯଦି ତୋ ମିଛକୁ ସେ ଜାଣିଦିଏ?” ବାବୁରାମ ପୁଣି ଆଶ୍ଚର୍ଯ୍ୟ ହେଲା ।

“କଛି ହେବନ । ସେତେବେଳକୁ ଦୁଇମାସ ବିତି ଯାଇଥିବ । ଆଉ ବୋହୂ ମଧ୍ୟ ଆମ ଘରର ଚମଡା ଦୁର୍ଗନ୍ଧ ସହ ପରିଚିତ ହୋଇଯାଇଥିବ ।”

କ୍ରମଶଃ ଦିନ ବିତି ଚାଲିଥାଏ । ବାବୁରାମର ବୋହୂ କେବେ ଆଉ ତା ପୁଅ ପାଖରେ ଅଲଗା ଘର କରି ରହିବା କଥା ଉଠେଇନ । ଠିକ୍ ଦୁଇମାସ ପରେ ବାବୁରାମର ସ୍ତ୍ରୀ ବୋହୂକୁ ପାଖକୁ ଡାକ ପଚାରିଲା, "ଦୁଇମାସ ବିତି ଗଲାଣିରେ ମା, ନୂଆ ଘରେ ରହିବା କଥା ମନେ ପଡୁନ କି?

"ନା ମା, ଏଇଠି ମୁଁ ଭଲରେ ଅଛି । ଏଇ ଗାଁ, ଗାଁର ଲୋକମାନେ, ସକାଳର ସୂର୍ଯ୍ୟ, ରାତିର ଜହ୍ନ ସବୁ ଏଠି ମୋର ଆପଣାର ହୋଇଗଲେଣି । ଏମିତି ଆପଣାତ୍ୱକୁ ଛାଡି ମୁଁ ଆଉ କୋଉଠିକୁ ଯାଇପାରିବିନ ।"

ବୋହୂ ମୁହଁରୁ ଏଭଳ କଥା ଶୁଣି ଦୁହେଁ ବିସ୍ମୟ ହେବା ସହ ଆସ୍ୱସ୍ତିର ନିଃଶ୍ୱାସ ମାରିଲେ ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା



# ଦିନ ଦୁଃଖିନୀ ନନ୍ଦିନୀ



କରଣ ବାଳା ଦାଶ

ନାଁଟି ରାଜନନ୍ଦିନୀ, କିନ୍ତୁ ସେ ଦିନ ଦୁଃଖିନୀ,
ତା ଦୈନ୍ୟତାର ସିମାହିନ ଆକାଶରେ
କେବଳ ଅନ୍ଧକାର ହିଁ ଅନ୍ଧକାର,
କେବେ କେମିତି ଯଦି ବିଜୁଳିଟିକେ ଆଖିମାରି ଦିଏ ତାହାଲେ ଯଥେଷ୍ଟ,
ନିରିମାଖି ପରଶ୍ରୀକାତର ମନା,
ତାହାହିଁ ତା ଦୁଖର କାରଣ ,
ସମସ୍ତଙ୍କୁ ଆପଣାର କରି ଆଗଚଲ୍ ହୋଇ
ଭବିଷ୍ୱତ ଗଢ଼ିଦେବା ପରେ ସମସ୍ତେ ପର କରିଦେଇ ମୁହଁ ଫେରାନେଲେ
ଅଚହ୍ନାଙ୍କ ପରି,
ତଥାପି ସେ ଭାଗିଂ ପଡିନି କି ପ୍ରତିବାଦର
ସ୍ୱର ତୋଳି ଦୂରେଇ ଦେଇନି କାହାକୁ,
ଏ କ୍ଷଣଭଂଗୁର ଦୁନିଆଁରେ କେଉଁଟା ଚୀରସ୍ଥାୟୀ ଯେ,
ମୁଁ ଅଭିମାନ କରିବି କାହାପରେ,
ସମସ୍ତେ ଆସିଚେ ଦିନେଗ୍ଲିଯିବା,
କେବଳ ରହିଯିବ ପଦଚହ୍ନ ଓ କିଛି କାହାଣୀ ନିନ୍ଦା ପ୍ରସଂଶାର,
ଏଇତ ପ୍ରତିଛବି ଜୀବନ ଯନ୍ତ୍ରଣାର ।

ବ୍ରାହ୍ମଣୀଗାଁ, ଅରେଇ, ଯାଜପୁର

# ଦୁହିତା

ପ୍ରଭାସିନୀ ସେନାପତି

କାହିଁକ କାନ୍ଦୁଛୁ ଆଖିକୁ ମଳ
କେହି ଶୁଣିବେନ ଗୋହରି ଅଳ,
ପର ଘର ପାଇଁ ଜନମ ତୋର
ନିଜ ଘର ହେବ ଆଖିରୁ ଦୂର ।
ବାପା ଭାଇ ସାଙ୍ଗ ସାଥୀଙ୍କୁ ଛାଡି
ଗ୍ଲଲି ତୁ ଯାଉଛୁ ଘରୁ ବାହୁଡି,
ଝିଅ ଜନମ ତ ପର ଘରକୁ
ତଥାପି ଦୁହିତା ଦୁଇ କୁଳକୁ ॥
ଦୁଇ କୁଳର ତୁ ରଖିବୁ ମାନ
ସାର୍ଥକ କରିବୁ ଦୁହିତା ଜନ୍ମ
ନାରୀର ଜନମ ଦୀପାଳ ଭଳ
ଅନ୍ୟ ସୁଖ ପାଇଁ ଯାଏ ସେ ଜଳ ।
କେବେ ଖୋଜିବୁନ ହଜିଲ୍ ଦିନ
ବାପା ଅଗଣା ର ସୁନା ସପନ
ଆଖିର ଲୁହକୁ ଆଖିରେ ମାରି
ଆଜିଠୁ ବଞ୍ଚିବୁ ଭାଗ୍ୟ ଆଦରି ।

# ନାରୀ

ପ୍ରକାଶ ରଞ୍ଜନ ସ୍ୱାଇଁ

ଜନନୀ ଯାୟା ଭଗିନୀ
ପୁଣି କେବେ କାଳୀ ସିଏ
କେବେ ମହିଷାନାଶିନୀ ସିଂହବାହିନୀ ।
କେବେ ସିଏ ଶାନ୍ତ ରୂପ ଧରି
ଶିବଙ୍କର ଅର୍ଦ୍ଧାଙ୍ଗିନୀ ଶକ୍ତି ତ
ଆଉ କେବେ ସିଏ ବିଷ୍ଣୁଙ୍କର
ପାଟରାଣୀ ରୁକ୍ମିଣୀ ସାଜେ
ସିଏ ନାରୀ, ଯାହାକୁ ସଂସାର ଖୋଜେ ।
କେବେ ସିଏ ଫୁଲ ଶେଜ କରି
ଧୋରେ ବାୟା ଗୀତଗାଇ ଶୁଆଇଦିଏ
ତ ଆଉ କେବେ ସିଏ ତ୍ରିଶୂଳ ଧରି
ବିନାଶ କରିବା ପାଇଁ ଆଗେଇ ଆସେ ।
ସେଇଥିପାଇଁ ତ ସଭିଏଁ କହନ୍ତି
ବିଭିନ୍ନ ରୂପରେ ସିଏ ଏକାକୀ ନାରୀ ।
କେବେ ସିଏ ମାଆ ସାଜି
ପଣତ କାନରେ ଘୋଡାଇ ଦିଏ
ଆଉ କେବେ ସିଏ ସରସ୍ୱତୀ ସାଜି
ବିଦ୍ୟା ଦାନ କରାଇଥାଏ ।
ସବୁ ଦୁଃଖକୁ ନଜ ଛାତିରେ ଗୁପିଧରି
ସଂସାରକୁ ଉନ୍ନତି ପଥରେ ଆଗେଇନଏ
ସିଏ ନାରୀ, ଯିଏ ଏକାକୀ ସହେ
ଯିଏ ଜୀବନ କଷ୍ଟକୁ ଅଙ୍ଗେ ଲିଭାଏ ।

ଅବାଟରେ ଗଲେ ହାତ ଧରି ଆଣେ
ସଂସାର ଯାହାକୁ ବିଭିନ୍ନ ରୂପରେ
ଧୂପ ଦୀପ ଆଉ ଚନ୍ଦନରେ ପୂଜା କରିଥାଏ ।
ଯିଏ ମୃତ୍ୟୁ ସହ ଲଢେଇ କରି
ଜୀବନ ଟିଏ ସୃଷ୍ଟି କରିଥାଏ
ସିଏ ଏକାକୀ ନାରୀ, ଆଉ କେହି ନୁହେଁ ।
କେବେ ସିଏ ଦ୍ରୌପଦୀ ସାଜି,
ପାଣ୍ଡବଙ୍କ ମଧ୍ୟରେ ବାଣ୍ଟି ହେଇଯାଇଛି ତ!
ପୁଣି ଜୁଆରେ ହରାଇ
ଲଜ୍ଜିତ ହେବାକୁ ପଡିଛି ।
ଆଉ ପୁଣି କେବେ ସତୀ ସୀତା ସାଜି
ଶ୍ରୀ ରାମଚନ୍ଦ୍ରଙ୍କ ପାଇଁ ବନବାସ
ବରଣ କରିଛି ତ ଆଉ ପୁଣି
କେବେ ରାବଣ ହାତରେ ଚୋରି ହୋଇ
ସତୀତ୍ୱ ପ୍ରମାଣ ପାଇଁ ଅଗ୍ନିପରୀକ୍ଷା ଦେଇଛି ।
ତଥାପି ସିଏ ସବୁ ଦୁଃଖକୁ
ନିଜ ଛାତିରେ ଜାବୁଡି ଧରି
ଓଠରେ ଗୋଟେ ହସ ନେଇ ବଞ୍ଚିଛି
ସିଏ ନାରୀ, ଯିଏ ଏକାକୀ ସହିଛି
ସମାଜକୁ ଗୋଟେ ନୂଆ ଶିକ୍ଷା ଦେଇଛି ।
କେବେ ତା'କୁ ମୀରା ସାଜି
ପ୍ରେମର ମୂର୍ଚ୍ଛନାରେ, ଭକ୍ତିର ଭାବରେ
ସାରା ଜୀବନ ବଞ୍ଚିବାକୁ ପଡିଛି
ତ ଆଉ ପୁଣି କେବେ ରାଧା ସାଜି
ପ୍ରେମର ବିରହ ଅଗ୍ନିରେ ଜଳିବାକୁ ପଡିଛି ।
କେବେ ସିଏ ପତିଙ୍କ ଅଭିଶାପରୁ
ବିନା ଦୋଷରେ ପାଷାଣୀ ସାଜି

ଯୁଗ ଯୁଗ ଧରି ଅପେକ୍ଷା କରିଛି ।
କେବେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଆସିବେ
ଆଉ ତାଙ୍କ ପାଦ ସ୍ପର୍ଶରେ ତା'କୁ ଉଦ୍ଧାର କରିବେ ।
ତଥାପି ସିଏ ଅନନ୍ୟକୁ ଏକ କରି
ସହନଶୀଳତାର ପରିଚୟ ଦେଇଛି
ସିଏ ନାରୀ, ଯିଏ ଏକାକୀ ସହିଛି
କେବେ ସିଏ ଟେରେସା ସାଜି
ସର୍ବସ୍ୱ ଦେଇ ଦିନ ରାତି ସେବା କରିଛି ।
ଆଉ ଟେରେସାରୁ ମଦର ଟେରେସା ହେଇଛି
ଯିଏ କେବେ ଦିନେ କାହାର ଝିଅ ଥିଲା
ସିଏ ଆଜି ସାରା ପୃଥିବୀର
"ମା' ର ସମ୍ମାନ ପାଇଛି"
ଯିଏ କେବେ କଛି ପାଇବାର ଆଶା
ମନରେ ନ ରଖି ସେବା କରିଆସିଛି ।
ଆଉ ପୁଣି କେବେ ସିଏ
ରାଜ୍ୟ ପାଳନକୁ ଆଖିରେ ରଖି
ସାହସୀକତାର ପରିଚୟ ଦେଇ
ରଣ କ୍ଷେତ୍ରକୁ ଓହ୍ଲାଇ ଆସିଛି
ଯାହାକୁ ସଂସାର ଆଜି ବି
'ଝାନ୍ସୀ ରାଣୀ ଲକ୍ଷ୍ମୀବାଇ' ନାମରେ ଜାଣିଛି
ସିଏ ନାରୀ, ଯିଏ ଏକାକୀ ଲଢ଼ିଛି ।
ସଂସାର ଯାହାକୁ ଅବଳା, ଦୁର୍ବଳା କହି
ଘରର ଚାରିକାନ୍ଥ ଭିତରେ ଅଟକାଇବାକୁ
ଶତ ଚେଷ୍ଟା କରିଆସିଛି
ଆଉ ଯାହାକୁ କଛି ରକ୍ଷସ ରୂପୀ ନର
ଏକ ପାପ ଦୃଷ୍ଟିରେ ଦେଖିଛି ।
ପରିବାର ଯାହାକୁ ବୋଝ କହି

ନର୍ଯ୍ୟାତନା ଦେଇ ଆସିଛି
ଆଉ କନ୍ୟା ଶିଶୁର ହତ୍ୟା କରିଆସିଛି
ତଥାପି ସିଏ ତା'ର ସବୁ କର୍ତ୍ତବ୍ୟକୁ
ଯୁଗେ ଯୁଗେ ପ୍ରତିପାଦନ କରିଛି
ସିଏ ନାରୀ, ଯିଏ ଏକାକୀ ସହିଛି ।

କୁଣ୍ଡଳା, ଭଦ୍ରକ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ

ଅଶ୍ୱିନୀ କୁମାର

ହେ ରବି ସିଂ
ଘେନ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ
ହେ କବି ଚର ପୂଜ୍ୟ ତୁମେ ।
ଚର ଅମର ହୋଇ
ରହିବ ଓଡ଼ିଆ ସାରସ୍ୱତ ଧାମେ ।।

ଛିଣ୍ଡାଇ ଦେବା ପାଇଁ
ଶୋଷଣ କଷଣ ର ରଜ୍ଜୁ
ଲିଭେଇ ଦେବା ପାଇଁ
ସ୍ୱର୍ଗ ନର୍କ ପାପ ପୁଣ୍ୟ
ନାନାବିଧ କାଲ୍ପନକ ପ୍ରଥା
ତୁମ ଲେଖନୀରୁ ଝରିପଡ଼େ
ବିଦ୍ରୋହ ର ଗାଥା ।।

ତୁମ କାବିତାର
ପ୍ରତିଟି ପୃଷ୍ଠାରେ
ପ୍ରତିଫଳନ ହେଉଥିଲା
ବିପ୍ଳବର ବହ୍ନି
ବଖାଣୁ ଥିଲ ଶୋଷିତ
ଖଟିଖିଆ ଦରିଦ୍ର
ଶୋଷଣ ର ମର୍ମକଥା ।।

ମାତୃପିତୃ ହୀନ ଭାବେ
କଟିଥିଲା ଶୈଶବ ଜୀବନ
ଫୁଟପାଦ ଥିଲା ଆଶ୍ରୟସ୍ଥଳୀ
ବିଦ୍ୟାଳୟ ଥିଲା
କଟକର ରାଜ ରାସ୍ତା ।।

ସେଇଠୁ ଶିଖିଲ
ଜୀବନର ସଂଗ୍ରାମ
ଦେଖିଲ କଷଣ
ଶୋଷଣ ର ବାସ୍ତବ ରୂପ
ଅଙ୍ଗେ ନଭାଇଲ ଦରିଦ୍ର ଓ ଅସମାନତା ।।

ସେଉଠୁ ଭାବିନେଲ
ବିପ୍ଲବ ହି ବଞ୍ଚିବାର
ଏକା ମାତ୍ର ପନ୍ଥା ।
ଏ ବିପ୍ଲବ ଧନୀକ ଶାସକ ବିରୋଦ୍ଧରେ
ସେଇଠୁ ଧରିଲ ଲେଖନୀ ରୂପି ତରବାରି
ସଂଗ୍ରାମ ର କଥା କହିଲା
ତୁମ କାବିତାର ପ୍ରତିଟି ପୃଷ୍ଠା ।।

ତୁମ ଦୃଷ୍ଟିରେ
ଭାଗ୍ୟ ଭଗବାନ
ଜାତି ଧର୍ମ କାଲ୍ପନକ ସବୁ
ଧନୀକ ଶାସକ
କଲ୍ପନା ଦ୍ୱାରା ଚନ୍ତିତ ।।
ସାଧରଣ ଜନତାକୁ
ଶୋଷଣ କରିବାର ଏସବୁ ମାଧ୍ୟମ,

ସ୍ୱର୍ଗ ନର୍କ ପାପ ପୁଣ୍ୟ
ମନ୍ଦିର ମଠ
ସବୁ ତାଙ୍କ ଦ୍ୱାର୍ ନୟନ୍ତ୍ରିତ ।।

ହେ ବିପ୍ଳବୀ କବି
ଘେନ ଶ୍ରଦ୍ଧାଞ୍ଜଳୀ ଭକ୍ତିପୂତ ।
ଚର ପୂଜ୍ୟ ଚର ଅମର ତୁମେ
ଯେତେ ଦିନ ଥିବ
ଓଡ଼ିଆ ସାରସ୍ୱତ ।।

ସହକାରୀ ଶିକ୍ଷକ, ଝରିଗ୍ରାମ, ନବରଙ୍ଗପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସ୍ମାର୍ଟ୍ ସିଟି

ଓଜସ୍ୱିନୀ ଏସ୍.

ଲୁହ ର କୌଣସି ଓଜନ ନ ଥାଏ। ତଥାପି ଆଖିରୁ ଦି ଧାର ଲୁହ ଝରିଗଲା ପରେ ମନ, ପ୍ରାଣ, ଶରୀର ଏପରି କ ଆତ୍ମା ବି ହାଲକା ଲାଗେ। କଛି ଲୁହ ବହି ଗଲା ପରେ ମନ ରେ ସାହସ ଆସେ। ଇଏ ହେଲା ଲୁହ ର side effect। ରୁମାଲ ରେ ଆଖି ପୋଛି ଚଷମା ପିନ୍ଧିଲା ମିତାଲି । ଅନେକ ବର୍ଷ ପରେ, ବୋଧ ହୁଏ ଦୀର୍ଘ ୭ ବର୍ଷ ପରେ ନଜ ସହରକୁ ଆସି ଥିଲା ମିତାଲି । ସହର ଆଉ ସମ୍ପର୍କ ସବୁ କଛି ପରିବର୍ତ୍ତିତ ହେଇ ଯାଇଥିଲା। ଯୋଉ ସହର ଦିନେ ହାତ ପାପୁଲିରେ ଥିଲା ସେଇ ସହର ଆଜି ପ୍ରଚଣ୍ଡ କାୟା ବିସ୍ତାର କରିଥିଲା। ଆଉ ସମ୍ପର୍କ ରେ ବି ଯଥେଷ୍ଟ ବ୍ୟବଧାନ ଆସି ଯାଇଥିଲା। ନଜ ଘର ର ଗଳ ମୁଣ୍ଡରେ ଠିଆ ହୋଇ କ ବି ମିତାଲି କାହାକୁ ଚହ୍ନି ପାରୁ ନ ଥିଲା। ମନ ରେ ଖୁସି ଆଉ ଶିହରଣ ବଦଳରେ ଏକ ଅଜଣା, ଅହେତୁକ ବ୍ୟସ୍ତତା ତଥା ଭୟ ସଞ୍ଚାର କରୁଥିଲା। ଘରେ ପହଞ୍ଚି ନଜକୁ ଆସ୍ୱସ୍ତ ମନେ କଲା ମିତାଲି। ଯଦିଓ ଘର ଭିତରେ ସବୁ କଛି ଶାନ୍ତ, ନସ୍ତବ୍ଧ ଲାଗୁଥିଲା। ବାଲକୋନ ରେ ବସି ଫଗୁଣ ର ଉଷ୍ମ ଖରା ରେ ନଜକୁ ହଜାଇ ଦେଇ ମିତାଲି ର ଆଖି ଖୋଜୁଥିଲା କଛି ଚର ପରିଚତ ମୁହଁ, ଯେମିତି କ ଆପା ଗ୍ରଓ ଗୁପଚୁପ ବାଲା, ମିହିର ଦାନା ଆଉ ଥଣ୍ଡା ସିଙ୍ଗଡ଼ା ବିକୁଥିବା ପେଟା ଗୁଡିଆ, ଖଲିପତ୍ର ରେ ଡହଡହ ଗରମ ଗରମ ଘୁଗୁନ ବରା, କଖାରୁ ଫୁଲ ଚପ ବାଲା ଆହୁରି ଏମିତି କଛି ଚହ୍ନା ଚହ୍ନା ମୁହଁ । କାହାର ସ୍ୱର ନ ଶୁଣି, କାହାକୁ ନ ଦେଖି ବଡ଼ ବ୍ୟସ୍ତ ହେଇ ଉଠିଲା ମିତାଲି। ସାମ୍ନା ଘର ମାଉସୀ ମିତାଲି ର ବ୍ୟସ୍ତତା ଦେଖି ପଚ୍ଚାରିଲେ "କାହାକୁ ଖୋଜୁଛୁ ମିତୁ ଆଉ କେହି ଆସୁ ନାହାନ୍ତି। ସମସ୍ତେ ବଡ଼ ବଡ଼ ହୋଟେଲ ଖୋଲିକ ବେଶ୍ ବଢ଼ିଆ ରୋଜଗାର କରୁଛନ୍ତି। ଆପା ଗ୍ରଓ ତ ଦେଖିଲେ ଚହ୍ନି ପାରୁନ ଆମକୁ।" "ହଁ ମାଉସୀ,

ସମୟ ବହୁତ ବଦଳ ଗଲାଣି, ହସିଦେଇ ମିତାଲି ମୁଣ୍ଡ ଟୁଙ୍ଗାରି ହଁ ମାରିଲା"। ସମୟ ସତରେ ସବୁଠୁ ଅଧିକ ବଳବାନ। ସମୟ ର ସ୍ରୋତରେ ସମସ୍ତେ ଭାସି ଯାଆନ୍ତି। ଏମିତି କୌଣସି ଯନ୍ତ୍ର, ଅଥବା ବୈଜ୍ଞାନିକ ପଦ୍ଧତି ନାହିଁ ଯାହା ସମୟ କୁ ଅଟକାଇ ଦେବ, ଏମିତି କିଛି ମନ୍ତ୍ର ବି ନାହିଁ ଯାହା ଜପ କଲେ ସମୟ ଫେରି ଆସିବ। ଗୁହୁଁ ଗୁହୁଁ ମିତାଲି ର ବାଙ୍ଗାଲୋର ଫେରିବାର ସମୟ ବି ଆସିଗଲା। ନିଜ ବ୍ୟାଗ୍ ପତ୍ର ସଜାଡି ଓଲା ଟ୍ୟାକ୍ସି ବୁକ୍ କଲା ମିତାଲି।

ଷ୍ଟେସନ ରେ ପହଞ୍ଚି ମନେ ପକାଉ ଥିଲା ମିତାଲି । ଲାଷ୍ଟ ଟାଇମ୍ ଯେତେବେଳେ ସେ ବାଙ୍ଗାଲୋର ଫେରୁଥିଲା ଷ୍ଟେସନ କୁ କକେଇ, ଖୁଡ଼ୀ, ଭଉଣୀ, ଭିଣେଇ, ରୂପାଲୀ ଆଉ ତା ହଜବେଣ୍ଡ ଛାଡ଼ିବାକୁ ଆସିଥିଲେ। ସମସ୍ତ ଙ୍କ ହାତ ରେ ଗୋଟିଏ ଗୋଟିଏ ଗୋଟିଏ ଡବା ଥିଲା। କିଏ କେକ୍ ଆଣିଥିଲା, କିଏ କାକରା ପିଠା, କିଏ ମୁଡ଼କୀ, ଆମ୍ବ ଆଗୁର, ଆହୁରି ଅନେକ ଅନେକ ଖାଇବା ଜିନିଷ। ସମସ୍ତ ଙ୍କ ସ୍ନେହ ଶ୍ରଦ୍ଧା ଆତ୍ମୀୟତା ଦେଖି ମନେ ମନେ ଭାବୁଥିଲା ମିତାଲୀ" ଏ ସୁଖ କେବଳ ନିଜ ସହର ରେ ହିଁ ମିଳବ।

ବାଙ୍ଗାଲୋର ର ଫାଷ୍ଟ ମେକାନିକାଲ ଜୀବନ ରୁ କିଛି ସମୟ ନିଜକୁ ମୁକୁଳେଇବା ପାଇଁ ମିତଲୀ ଆସିଥିଲା ନିଜ ସହର ଭୁବନେଶ୍ୱର, ଯେଉଁଠି କଟିଛି ତା'ର ଶୈଶବ, କୈଶୋର। କେତେ ଅମୂଲ୍ୟ ସେ ସ୍ମୃତି ଓ ଅନୁଭୂତି। ବାହାଘର ପରେ ବାଧ୍ୟ ହୋଇ ବାଙ୍ଗାଲୋର ଆସିବାକୁ ପଡ଼ିଥିଲା। କିନ୍ତୁ ନିଜ ମନ, ପ୍ରାଣ ଛାଡ଼ି ଆସିଥିଲା, ଭୁବନେଶ୍ୱର ରେ ମିତାଲୀ। ମଝିରେ ମଝିରେ ଯେତେ ଥର ମିତାଲୀ ଭୁବନେଶ୍ୱର ଆସିଛି ଫେରିବା ବେଳେ ସବୁବେଳେ ହୃଦୟ ଭାରିହେଇ ଯାଏ। ବଡ଼ କଷ୍ଟରେ ମନକୁ ବୁଝେଇ ଫେରିଯାଏ। କିନ୍ତୁ ଆଜି......... ଆଜି ବାଙ୍ଗାଲୋର ଫେରିଲା ବେଳକୁ ମନରେ କୌଣସି ଦ୍ୱନ୍ଦ୍ୱ ଅଥବା ହୃଦୟ ରେ କୌଣସି ବୋଝ ଅନୁଭବ କରୁ ନ ଥିଲା ମିତାଲୀ। ଷ୍ଟେସନ ପ୍ଲାଟଫର୍ମ ରେ କୌଣସି ଚିହ୍ନା ମୁଁହ ଠିଆ ହୋଇ ହାତ ହଲାଇ ତାକୁ ବିଦାୟ ସମ୍ବର୍ଦ୍ଧନା ଜଣାଉ ନଥିଲେ। କେହି ପଚାରୁ ନଥିଲେ "ପୁଣି କେବେ ଦେଖାହେବ? ଘରୁ ଆସିଲା ବେଳେ ଓଲା ଟାକ୍ସି ବୁକ୍ କରି ଆସିଥିଲା ମିତାଲୀ। ସେଥିପାଇଁ, ଷ୍ଟେସନ ରେ ଓଲା ଡ୍ରାଇଭର ଛଡ଼ା ଅନ୍ୟ କେହି ନ ଥିଲେ। ଟ୍ରେନ

ର ସିଟ୍ ଉପରେ  ଥକା ମାରି ବସି ପଡିଲା ମିତାଲୀ। ମନ ଟା ଘାଣ୍ଟି ହେଇ ଯାଉଥିଲା। ଆଉଟୁ  ପାଉଟୁ ହେଇ ବିଗତ ଦିନର ସ୍ମୃତି କୁ ସାଉଁଟୁ ଥିଲା। ଧୀରେ ଧୀରେ ଟ୍ରେନ ଛାଡ଼ିଲା।  ଝରକା କାଚ ଦେଇ ଦୂର ରୁ ଦେଖୁଥିଲା ମିତାଲୀ "smart city wishes you a happy journey." ।

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସ୍ମୃତି



ସୁଦାମ ଲେଙ୍କା

ନୀଳ ପ୍ରଜାପତି କର୍‌ଳ ଉକ୍ତୋକ୍ତି
ପ୍ରେମ ଫୁଲେ ଯେବେ ବସେ ।
ମନ ବଗିଚ୍ଛର ପ୍ରେମ ଫୁଲ ତାର
ମଳୟ ପବନେ ଭାସେ ॥

ହୃଦୟ ମାଳକୁ ପରିଚୟ ଦେଇ
ବଗିଚ୍ଛକୁ ଯେବେ ଆସେ ।
କୁହ ହେଁ ମୟୂରୀ ତୁମେ ଯେ ସୁନ୍ଦରୀ
କାହିଁ ମୋତେ ପ୍ରେମ ବାସେ ॥

ତୁମ ଅପେକ୍ଷାରେ ମନ ମୋ ଅଧିରେ
ଦିଗହର୍‌ ଅବଶୋଷେ ।
ମୁହୂର୍ତ୍ତ ମୁହୂର୍ତ୍ତ ଲୁହ ପର୍‌ଜିତ
କୋହରେ ମୁଁ ଆଜି ଭାସେ ॥

କଥା ଦେଇଅଛ କଥା ନ ରଖିଛ
ମନରେ ଜୁଆର ଆସେ ।
ସେ ଜୁଆର ସ୍ରୋତେ ପ୍ରେମର ପ୍ରପାତେ
ତୁମେ ରହିଅଛ କୋଷେ ॥

ଆଖି ତୁମ କଇଁ ରହିଛି ଅନେଇ
ଭଅଁର ତ ଆସି ଶୋଷେ ।
ପ୍ରେମର ଉଷ୍ମତା ତୁମ ନୀରବତା
ସ୍ମୃତି ଭର୍‌ ଅବକାଶେ ॥

ଅଧ୍ୟାପକ,
ଗୋନାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
କେନ୍ଦୁଝର

# ତୁମେ ଗଲାପରେ



ପ୍ରଶାନ୍ତ କୁମାର ନାଥ

କହିଥିଲ ବାଟ ଚାଲିବ ମୋ ସାଥେ
ଛାତିକୁ ପଥର କରି
ଅଧବାଟେ ମୋତେ ଛାଡି ଚାଲିଗଲ
ପଛକଥାକୁ ପାସୋରି ।
ମୋ ସୁଖଦୁଃଖର ସାଥି ହେବ ବୋଲି
କଥା ଦେଇଥିଲ ମୋତେ
ଦେଇଗଲ ଯେଉଁ ଦୁଃଖର ଜହର
କାହାକୁ କହିବି ସତେ ।
କାହାକୁ କହିବି ମନକଥା ମୋର
କଏ ସେ ଶୁଣିବ ବସି
କାହା ସାଥେ କୁହ ଥଟା ମଜା କରି
ହେବି ମୁହିଁ ହସ ଖୁସି ।
ଜିଇବା ମାରିବା ସବୁମୋ ସମାନ
ତୁମେ ଛାଡି ଗଲାପରେ
ମରିମରି ଆଜି ଜିଇଁଛି ସତେ ମୁଁ
କେବଳ ତୁମ ସ୍ମୃତିରେ ।

ଇଚ୍ଛାପୁର, ଡୁନୁରିପାଲି, ସୋନପୁର

# ଦୁର୍ବଳତା



ସିଦ୍ଧେଶ୍ୱର ତ୍ରିପାଠୀ

ତୁମ କଥା ଯେବେ ମନେ ପଡିଯାଏ
ଓଦା ହୁଏ ଆଖି ପତା
ଅଭୁଲା ଅତୀତ କୁହୁଳ କୁହୁଳ
ହୃଦୟରେ ଭରେ ବ୍ୟଥା ।

ରାତି ପାହିଯାଏ ଆସେନାହିଁ ନିଦ
ଦିନରେ ଭାବନା ଜାଳେ
ଦୁଇ ପକ୍ଷୀ ହୋଇ ବସିପାରିଲେନି
ଏ ଦୁନିଆ ଗଛ ଡାଳେ ।

ଭାରି କଷ୍ଟଦେଲା
ଶେଷଦେଖା ବେଳେ
ତୁମ ଓଠ ନୀରବତା
ତୁମକଥା ଯେବେ ମନେପଡି ଯାଏ
ଓଦାହୁଏ ଆଖିପତା ।

ମୋ ଏରୁଣ୍ଡି ତୁମେ ଡେଇଁ ପାରିଲନି
ରହିଗଲା ଅବଶୋଷ
ତୁମେ ନାହଁ ବୋଲି ଜୀବନ ଓଠରୁ
ଲିଭିଗଲା ସବୁ ହସ ।

ତୁମରି ଭାବନା ମୋ ଭିତରେ ଥିବ
ଜଳଲା ଯାଏ ମୋ ଚତା
ତୁମ କଥା ଯେବେ ମନେପଡିଯାଏ
ଓଦାହୁଏ ଆଖିପତା ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପ୍ରଭୁ ପୂଜା, ଜନନେତା ଓ ଲୋକ ସେବା



ବରଦା ପ୍ରସନ୍ନ ଦାସ

ପରମାତ୍ମାଙ୍କ ଶାସନର ସଂବିଧାନ ହେଉଛି ବେଦ । ଭୋଗବିଳାସ ବସ୍ତୁଗୁଡିକ ଶ୍ରେଷ୍ଠ ସଂପଦ ମଧ୍ୟରେ ବିବେଚନା କରାଯାଏ ନାହିଁ । ବାସ୍ତବିକ ମନୁଷ୍ୟର ଶେଷ୍ଠ ସମ୍ପଦ ହେଉଛି – ସ୍ୱାସ୍ଥ୍ୟବାନ ଶରୀର ଓ ଉତମ ଚରିତ୍ର । ଭାଗବତରେ ଲେଖାଅଛି-ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତଯାତ । ବିଶ୍ୱାସ ଆଧାରରେ ସବୁକାମ ଚାଲେ । କେତେକ ପୂର୍ବପୁରୁଷ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ । ଆଉ କେତେକ ପୂର୍ବପୁରୁଷ ଅନୁଯାୟୀ ପ୍ରଚଳତ । ସମାଜ, ଜାତି, ସଂପ୍ରଦାୟ, ଦେଶ ଦେଶ ମଧ୍ୟରେ ଏହାର ଭିନ୍ନତା ପରିଲକ୍ଷତି ହୋଇଥାଏ । ଏହାର କାରଣ ହେଲା, ଭିନ୍ନ ଭାଷା, ବିଭିନ୍ନ ପରମ୍ପରା, ଧର୍ମ ଓ ଧର୍ମ ନରପେକ୍ଷତା । ଧର୍ମ ଧାରଣାର ସ୍ୱାଧୀନତା । ବିଭିନ୍ନ ସଂପ୍ରଦାୟର ଧର୍ମ ଶାସ୍ତ୍ର ଆଧାରରେ ମଣିଷର ବିଶ୍ୱାସ ଚନ୍ତନ ପରଂପରା ଗତିକରେ । ଏ ସବୁରି ମଧ୍ୟରେ ଆମର ସର୍ବ ପୁରାତନ ଶାସ୍ତ୍ରକୁ ପରାଧୀନତାର ବନ୍ଧନ ଭିତରେ ରଖି ଆମେ କ୍ରମେ ବହୁ ମାତ୍ରାରେ ଭୁଲିଯିବାକୁ ବାଧ ହେଉଛୁ । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ହେଲା ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କଲା । ଏହା ପୂର୍ବରୁ ବିଦେଶୀ ଶାସନ ଚାଲିଥିଲା । ଆମ ଶାସ୍ତ୍ରକୁ ଘରକୁ ଘର ବୁଲି ନଷ୍ଟ ଭ୍ରଷ୍ଟ କରିଦିଆ ଯାଇଥିଲା । ତେଣୁ ସେଥିରୁ ଆମେ ଦୁରେଇ ଯିବାକୁ ବାଧ ହୋଇଛୁ । ମହାନ୍ ବ୍ୟକ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆମ ସର୍ବପୁରାତନ ସନାତନ ଧର୍ମଶାସ୍ତ୍ର ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ହୋଇଛି । ଅତୀତରେ ପୁରାଣ, କୋରାନ ଓ ବାଇବେଲର ଅନ୍ଧବିଶ୍ୱାସଗୁଡିକୁ ଖଣ୍ଡନ କଲେ ବୋଲି ବୈଜ୍ଞାନକ ଗାଲିଲିଓଙ୍କୁ ଦିଆଗଲା ଆମରଣ ଜେଲ ଯାତନା, ବୈଜ୍ଞାନକ ବ୍ରୁନୋଙ୍କୁ

କରେ୍ସିକ ଢାଳ ମାରି ଦିଆଯାଇଥିଲା ଓ ମହର୍ଷି ଦୟାନନ୍ଦଙ୍କୁ ବିଷ ଦେଇ ହତ୍ୟା କରାଗଲା ଓ ମହାତ୍ମା ସକ୍ରେଟିସଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

ଏ ମାନବ ଜାତି ଏକ ଜାତି ଓ ଏକ ପରିବାର ହୋଇଥିଲେ ମଧ୍ୟ ଏ ଅନ୍ଧ ବିଶ୍ୱାସଗୁଡିକ ଯୋଗୁଁ ଏ ମାନବ ଜାତି ଭିତରେ ଭେଦଭାବ ବଢି ଚାଲିଛି । ଫଳରେ ଆମ୍ଭେମାନେ ଅସହ୍ୟ ଦୁଃଖ ଦୁର୍ଦ୍ଦଶା ଭୋଗକରି ଅଶାନ୍ତି ମଧ୍ୟରେ ଗତି କରିଚାଲିଛୁ । ଏସବୁଥିରୁ ଉଦ୍ଧାର ପାଇବାକୁ ହେଲେ ବେଦର ସାରକଥାକୁ ଆମକୁ ମାନିବାକୁ ହେବ ।

ପ୍ରଥମେ ଆସନ୍ତୁ; ପ୍ରଭୁ ପୂଜା କଥା ବିଚାର କରିବା । ବେଦର ମମାର୍ଥ ହେଲା, ଜୀବଗଣଙ୍କୁ ସାହାଯ୍ୟ କରିବା ଦ୍ୱାରା ପରମପିତା ପ୍ରସନ୍ନ ହୋଇଥା'ନ୍ତି । ଅର୍ଥାତ୍ ଦୁଃଖୀର ଦୁଃଖ ନିବାରଣ, ରୋଗୀକୁ ଔଷଧ ବଣ୍ଟନ, କ୍ଷୁଧାର୍ଥକୁ ଅନ୍ନଦାନ, ତୃଷାକୁ ଜଳଦାନ, ନିବସ୍ତ୍ରକୁ ବସ୍ତ୍ର ଦାନ, ଅଜ୍ଞାନକୁ ଜ୍ଞାନଦାନ, ଅସହାୟତାକୁ ସହାୟତା ପ୍ରଦାନ, ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଓ ପର ଉପକାର ଇତ୍ୟାଦି । ଏସବୁ କାର୍ଯ୍ୟ ହେଲା ପ୍ରଭୁ ପୂଜା । ଜୀବ ଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ । ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡି ଜୀବିତ ମୂର୍ତିମାନଙ୍କର ସେବା ଛାଡି ଫଟୋ ଓ କାଠ ପଥରର ମୂର୍ତିମାନଙ୍କର ପୂଜା କରିବା ଦ୍ୱାରା କିଛି ଲାଭ ହୋଇନ'ଥାଏ । ତେଣୁ ସନ୍ଥକବି ଭୀମ ଭୋଇ ଲେଖିଥିଲେ- "ମୂର୍ତି ପାଷାଣ ଶୁଷ୍କ କାଷ୍ଠ, ସେ କେବେ ନେବକି ବୈକୁଣ୍ଠ । କାଷ୍ଠ ପାଷାଣ୍ଡ ଗଛଲତା, ଏ ସବୁ ଅଜ୍ଞାନ ଦେବତା ।"

ସକାଳେ ସଂଧ୍ୟାରେ ଘଣ୍ଟାଏ ଲେଖାଏଁ ଈଶ୍ୱର ଚିନ୍ତନ ଏକାଗ୍ର ମନରେ ଓ ନିଷ୍ଠାପୂର୍ଣ୍ଣ ଅନ୍ତରରେ କରିବା ଉଚିତ । ଏହାକୁ ହିଁ ଧ୍ୟାନ କୁହାଯାଏ । ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚିନ୍ତନ ହିଁ ପ୍ରଭୁପୂଜା । ଏହା ନକରି ଫଟୋ ବା କାଠ ପଥରର ମୂର୍ତିକୁ ଭୋଗଦେଇ ପୂଜା କରିବା ବାସ୍ତବ ପ୍ରଭୁପୂଜା ନୁହେଁ । ବେଦ ହେଉଛି ବିଶ୍ୱ ପାଠାଗାରର ସର୍ବପ୍ରାଚୀନ ପ୍ରଥମ ପୁସ୍ତକ । ବେଦଠାରୁ ମଣିଷ ସମାଜ ଦୁରେଇ ଯିବାର କାରଣଗୁଡିକ ହେଲା ଏହାକୁ

ନିୟମିତ ପାଠ କରୁଥିବା ବ୍ରାହ୍ମଣମାନେ ଏଥିରୁ ନିବୃତ ହୋଇ ବିଭିନ୍ନ ମେଳା ଭାଗବତ ଆଦି ପାଠ ଦିଗରେ ଆଗ୍ରହ ପ୍ରକାଶ କଲେ । ସଂସ୍କୃତ ଶୃଙ୍ଗାରଯୁକ୍ତ କାବ୍ୟ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ପାଇଲା । ସାଂପ୍ରଦାୟିକ ଗୁରୁମାନେ ନିଜ ନିଜର କାୟା ବିସ୍ତାର କରି ସମାଜରେ ଆଧିପତ୍ୟ ଜାହିର କଲେ । ପ୍ରାଦେଶିକ ଭାଷା ପ୍ରଚଳନ ଫଳରେ ସଂସ୍କୃତଭାଷା ଅଧ୍ୟୟନ ପ୍ରତି ଆଗ୍ରହ କମିଲା । ଫଳରେ ସଂସ୍କୃତ ଭାଷାରେ ରଚିତ ବେଦ ଅଧ୍ୟୟନ ଲୋକମାନଙ୍କଠାରୁ ଦୂରେଇଗଲା । ସଂପ୍ରତି କେତେକ ମହାନ ବ୍ୟକ୍ତିଗଣ ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଜାତିର ପିତା ମହାତ୍ମାଗାନ୍ଧୀଙ୍କଠାରୁ ଆରମ୍ଭ କରି ଭାରତ ରତ୍ନ ମଦର ଟେରେସା, ଓଡିଶାର ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୋରବ ମଧୁସୂଦନ ଦାସ, ମା' ରମାଦେବୀ ଚୌଧୁରୀ, ପାର୍ବତୀ ଗିରି ଆଦି ନିଷ୍କାମ ଭାବେ ଦୁଃଖୀର ଦୁଃଖ ନିବାରଣ, ଗରିବ ଅବହେଳିତ ଅସହାୟ ମଣିଷମାନଙ୍କୁ ସହାୟତା ପ୍ରଦାନ କରି ସ୍ମରଣୀୟ ହୋଇପାରିଛନ୍ତି । ଏବେ ପର୍ଯ୍ୟନ୍ତ ସମାଜରେ ବହୁ ନେତା ଜନତା ଜନାର୍ଦ୍ଦନଙ୍କ ସେବାରେ ନିଜକୁ ନିୟୋଜିତ କରିଚାଲିଛନ୍ତି । ସେମାନେ ଯେପରି ସେବା କରିଯାଇଛନ୍ତି, ତାହାହିଁ ବେଦର ପ୍ରଭୁପୂଜା ସଙ୍ଗେ କେତେକାଂଶରେ ସମାନତା ଆଣିଥିବା ମନେହୁଏ । ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥା'ନ୍ତି । ଏଣୁ ଏହାହିଁ ଅର୍ଦ୍ଧାଧିକ ସତ୍ୟ; କହିବାକୁ ଗଲେ ବାସ୍ତବ ପ୍ରଭୁ ପୂଜା ଅଟେ । ଏହାହିଁ ବେଦର ଆଦେଶ ଓ ମର୍ମାର୍ଥ ଅଟେ ।

ସେହିପରି ଭାବେ ସେବା । ଲୋକମାନଙ୍କର ସେବା କରିବା ପାଇଁ ସମସ୍ତ ଯୋଜନା ପ୍ରଣୟନ କରାଯାଇଛି । ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାର ଚେଷ୍ଟିତ । ଓଡିଶା ରାଜ୍ୟ ପ୍ରଶାସନର କେନ୍ଦ୍ରସ୍ଥଳୀ ସଚିବାଳୟଠାରେ ନିୟନ୍ତ୍ରଣ ଚାବିକାଠି ରହିଛି । ଲୋକମାନଙ୍କର ସେବା କରିବାକୁ ପ୍ରାଧାନ୍ୟ ଦିଆଯାଇ ପ୍ରଥମେ ରାଜ୍ୟ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ "ଲୋକସେବା ଭବନ" ରଖାଯାଇଛି । ଯାହାକି ବେଦର ଆଦର୍ଶକୁ ଯଥାର୍ଥ ସମ୍ମାନ ମିଳିଛି । ପ୍ରତ୍ୟକ୍ଷ ଓ ପରୋକ୍ଷରେ, ଜାଣିତ ହେଉ ବା

ଅଜାଣତରେ ପ୍ରଭୁପୂଜାର ଅର୍ଥ ଲୋକସେବାକୁ ହିଁ ବୁଝାଇଥାଏ । ଯେଉଁ ହିନ୍ଦୁ ଧର୍ମ ଶାସ୍ତ୍ର ବେଦ ଏପରି ସତ୍ୟ ଏବଂ ଯଥାର୍ଥ ବିଗ୍ଧରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅଜ୍ଞାନତାର ମହାରୋଗରେ ପୀଡିତ । ଅଜ୍ଞାନତାର ଘନ ଅନ୍ଧକାରରେ ଆଚ୍ଛନ୍ନ ଭ୍ରମ ଏବଂ ଅନ୍ଧ ବିଶ୍ୱାସର ଅନ୍ଧକୂପରେ ନପୀଡିତ । ଏଣୁ ଆସନ୍ତୁ, ଆମ ପୁରାତନ ଉପାଦେୟ ଶାସ୍ତ୍ର ବେଦକୁ ଉଦ୍ଧାର ପାଇଁ ଉଦ୍ୟମ କରିବା ଓ ପ୍ରକୃତ ଜ୍ଞାନର ପରଚୟ ପାଇଁ ଜାତି ଦଳମତ ନର୍ବିଶେଷରେ ଏକାଠି କାର୍ଯ୍ୟକରିବା । ଏହାର ସରଳୀକରଣ ଏବଂ ଓଡିଆ ଅନୁବାଦ କରାଇ ସମସ୍ତ ଜିଲ୍ଲା ଏବଂ ଉପଖଣ୍ଡସ୍ତ ରରେ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବା। ଏ ଦିଗରେ ସର୍ବାଗ୍ରେ ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଇବା ଆଜିର ସବୁଠୁ ବେଶୀ ଆବଶ୍ୟକତା । ଅତୀତରେ ଦେବଭୂମି ଭାରତରେ ଗୁରୁକୂଳ ଶିକ୍ଷା ଆଶ୍ରମମାନଙ୍କରେ ସଂସ୍କୃତଭାଷା ସହ ଅଧ୍ୟୟନ କରାଯାଉଥିଲା । କାଳକ୍ରମେ ସେଗୁଡିକ ଲୋପ ପାଇବା ପରେ ସଂସ୍କୃତଭାଷା ସହ ବେଦପାଠ ଲୋପ ପାଇଥିଲା । ସଂପ୍ରତି ପୁନର୍ବାର ଭାରତରେ ଏକଶହରୁ ଊର୍ଦ୍ଧ୍ୱ ଗୁରୁକୂଳ ଶିକ୍ଷା ଆଶ୍ରମ ଗ୍ଧଲୁଅଛି । ଏହାର ସଂଖ୍ୟା ବୃଦ୍ଧି ପାଇଲେ ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ହେଲେ ବେଦପାଠର ଗ୍ଧହିଦା ବୃଦ୍ଧି ପାଇବ ।

କେଶରପୁର(ମହାନ୍ତି ଲେନ୍), କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୁକ୍ତି ପତ୍ର

ନବ କୁମାର ଦାସ

ଜଗନ୍ନାଥ ଜଗନ୍ନାଥ
ମୋ ଶରୀର ପ୍ରାଣନାଥ
ଘେନ ମୋର ମୁକ୍ତି ପତ୍ର
ପାରିକର ଭବ ସୂତ୍ର
ଜଗନ୍ନାଥ ଜଗନ୍ନାଥ ....

ବଞ୍ଚିବାକୁ ଇଚ୍ଛା ନାହିଁ
ବଞ୍ଚାଅଗୋ କାହିଁ ପାଇଁ
ହସ ନାହିଁ ଖୁସି ନାହିଁ
ଶାନ୍ତି ଦୀପ ଲିଭୁ ଥାଇ
ଜଗନ୍ନାଥ ଜଗନ୍ନାଥ ....

ଜୀବନ କାନ୍ଦେରେ ଏଠି
ଦୁର୍ଦଶାରେ ସେ ଲେଉଟି
ସମ୍ପର୍କରେ ଦାଗ ଲଗେ
ସୁସମ୍ପର୍କ ଭିକ୍ଷା ମାଗେ
ଜଗନ୍ନାଥ ଜଗନ୍ନାଥ .....

କ୍ଷଣେ  କ୍ଷଣେ ପ୍ରତି କ୍ଷଣେ
ଜାଗିଛନ୍ତି ଶତ୍ରୁ ମାନେ
କାମ କ୍ରୋଧ ଲୋଭ ମୋହ
କୁକର୍ମେ ଭରି ଆଗ୍ରହ

ଜଗନ୍ନାଥ ଜଗନ୍ନାଥ ....

ଏମିତି ଏଠି ଜୀବନ
କେଉଁ ଗୁଣେ ସେ ମହାନ
ନେଇଯାଅ ନେଇଯାଅ
ଯଥାଶୀଘ୍ର ମୁକ୍ତି ଦିଅ
ଜଗନ୍ନାଥ ଜଗନ୍ନାଥ ....

ବାଲିଆପାଳ, ବାଲେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733



ନବୀନ କୁମାର ପଧାନ

# ଅଭୁଲା ସ୍ମୃତି

ବୀଚମାଳା ପରି ସେ ଅଭୁଲା ସ୍ମୃତି
ଭାସେ ମାନସ ସାଗରେ
ଅକୁହା ବେଦନା ଯନ୍ତ୍ରଣା ଦିଏ ସେ
ନୟନ ପୁରେ ଅଶ୍ରୁରେ ‖
ସାଗର କୁଳରେ ନିର୍ଜନ ସ୍ଥାନରେ
ବୁଲୁଥିଲେ ଦିନେ ଆମେ
ଉତ୍ତାଳ ତରଙ୍ଗ ଶବଦକୁ ଶୁଣି
ଡରି ଯାଇଥିଲ ତୁମେ ‖
ହାତ ଢାଙ୍କିଥିଲ ମୁହଁକୁ ତୁମର
ବୁଜି ଦେଇଥିଲ ଆଖି
ତାଣ୍ଡବ କରଇ ହୃଦୟରେ ଭୟ
ସାଗର ତ ଥିଲା ସାକ୍ଷୀ ‖
ଝୁଣ୍ଟି ପଡୁଥାଅ ବାରମ୍ବାର ତମେ
ସେ ତ ଥିଲା ଅଭିନୟ
ମୋ ଆଙ୍ଗୁଳ ଧରି ଦେଉଥାଅ ସଖା
ବନ୍ଧୁତ୍ୱର ପରିଚୟ ‖
ଗୋଲାପର କଣ୍ଟା ଉପହାର ଦେଇ
ଅତି ଶୀଘ୍ର ଭୁଲିଗଲ
ସମୟ ସ୍ରୋତରେ ଠେଲି ଦେଇ ମୋତେ
ନୂଆଁ ବନ୍ଧୁ ପାଇଗଲ ‖

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁଫାସଡ଼, ବଲାଙ୍ଗୀର

# ପ୍ରେମ ତତ୍ତ୍ୱ



ରାଜେଶ ଦୀପ

ସଂଯୋଗେ ଯାହା ଆସେ ଆଚମ୍ବିତେ
ତାକୁ ଯେ ବୋଲନ୍ତି ପ୍ରେମ ।
ନାହିଁ ଏଥେ ବାଛ ବିଗ୍ଭର ଜାଣ
ଆକର୍ଷଣ କରେ ମନ ।
ଯେଉଁ ପ୍ରେମ ର ପ୍ରାପ୍ତ ପାଇଁ ନତ୍ୟ
ଧାଉଁଥିଲେ ବୃନ୍ଦାବନେ ।
ସେହି ତତ୍ତ୍ୱର ଅପାର ମହିଁମା
କେତେ ହେଁ କହିବ ଜନେ ।
ଜୀବନ ସ୍ରୋତେ ପ୍ରେମର ଗରିମା
ସୁନଶ୍ଚିତ ବାଞ୍ଛନୀୟ ।
ଏ ପ୍ରଣୟର ଗରିମା ଯେ ବୁଝେ
ଅଟେ ସଭିଙ୍କର ଗ୍ରାହ୍ୟ ।
ସଦା ସରବଦା ଜନେ ହେଁ ହସନ୍ତି
ନ ବୁଝି ଏହାର ମୂଳ ।
କଳଙ୍କର ଟୀକା ଲଗାଇ ଦିଅନ୍ତି
ଚରିତ୍ରରେ ଚରକାଳ ।
ପ୍ରେମକୁ ସଦା ମୁଖ୍ୟ ରୂପେ ଘେନ
ବର୍ଣ୍ଣନ୍ତି କବି ପଣ୍ଡିତ ।
ସାଧନା ରେ ସିଏ ଯଶ ଅରଜନ୍ତି
ସମାଜର ହିତେ ନତ୍ୟ ।

ସ୍ନାତକୋତ୍ତର ଓଡ଼ିଆ ବିଭ୍ରଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ସ୍ୱଚ୍ଛତା



କେଶରୀ ପ୍ରସାଦ ମହାନ୍ତି

ସ୍ୱଚ୍ଛତା ଏକ ଜଟିଳ ଶବ୍ଦ । ଦୈନ୍ୟଦିନ ଜୀବନରେ ସ୍ୱଚ୍ଛତା ର ମୂଲ୍ୟବୋଧ ଖୁବ୍ ଊର୍ଦ୍ଧ୍ୱରେ । ସ୍ୱଚ୍ଛତା ଗୋଟିଏ ଜାତି ର ପ୍ରଗତିର ପରିଚୟ ପ୍ରଦାନ କରେ । ମନେପଡେ ଗାନ୍ଧିଜି କହିଥିଲେ **"Sanitation is more vital than political independence"|** ହେଲେ ଏହି ସ୍ୱଚ୍ଛତା ଶବ୍ଦଟି କଣ କେବଳ ସମାଜର ଆବର୍ଜନା କୁ ପରିଷ୍କାର ଅର୍ଥକୁ ବୁଝାଏ କି? ସ୍ୱଚ୍ଛତା ଅନେକ ଅର୍ଥକୁ ବୁଝାଏ । ସ୍ୱଚ୍ଛତା ହିଁ ପ୍ରକୃତ ସଭ୍ୟତା । ତେଣୁ ମନୁଷ୍ୟ ସକଳ କ୍ଷେତ୍ରରେ ସ୍ୱଚ୍ଛ ରହିବା ଆବଶ୍ୟକ ।

ଭାଷା – ଯାହାର ଭାଷା ଯେତେସ୍ୱଚ୍ଛ, ସେ ଜାତି ସେତେ ଉନ୍ନତ ଓ ଶିକ୍ଷିତ ମଧ୍ୟ । କାରଣ ଭାଷା ଦୁର୍ବଳ ହେଲେ କୌଣସି ଜାତି କେବେ ସଫଳତା ପାଇପାରିବେନି । କବିଙ୍କ ମତରେ – "ଯା ଭାଷା ଦୁର୍ବଳ ସେ ନଷ୍ଟେ ଅଧମ, କାହିଁ ହେବ ଆନ ପ୍ରତିଯୋଗୀ କ୍ଷମ"

ଆଚରଣ – ମନୁଷ୍ୟ ନିଜର ଆଚରଣକୁ ମଧ୍ୟ ସ୍ୱଚ୍ଛ ରଖିବା ଆବଶ୍ୟକ । ସମାଜରେ ନିର୍ଭିକ ଭାବେ ସମ୍ମାନର ସହିତ ବଞ୍ଚିବାକୁ ହେଲେ ସ୍ୱଚ୍ଛ ଆଚରଣର ଆବଶ୍ୟକତ ରହିଛି । ଏତତ୍ ସହିତ ଉଚ୍ଚାରଣକୁ ମଧ୍ୟ ସ୍ୱଚ୍ଛ ରଖିବ ଆବଶ୍ୟକ ।

ଅନ୍ତରାତ୍ମା – ପ୍ରତ୍ୟେକ ବ୍ୟକ୍ତି ମୋହ, ମାୟା, କ୍ରୋଧ, ଲୋଭ, ହିଂସା ପରିତ୍ୟାଗ କରି ନିଜର ଅନ୍ତରାତ୍ମାକୁ ସ୍ୱଚ୍ଛ ରଖିବା ଆବଶ୍ୟକ । କାରଣ ଅନ୍ତରାତ୍ମା ହିଁ ମଣିଷର ବିଶ୍ୱର ଶକ୍ତି, ଏଣୁ ଉନ୍ନତିର ପଥରେ ସ୍ୱଚ୍ଛ ଅନ୍ତରାତ୍ମାର ଭୂମିକା ରହିଛି ।

ମନ – ଯାହାର ମନ ସ୍ୱଚ୍ଛ ତା ପାଇଁ ଗଡିଆ ଗଙ୍ଗା । ସ୍ୱଚ୍ଛ ମନ ହିଁ ପ୍ରେମ, ଭକ୍ତି, ଜ୍ଞାନର ଅଧିକେନ୍ଦ୍ର । ଜ୍ଞାନପ୍ରାପ୍ତି ନିମନ୍ତେ ନିର୍ମଳ ମନ ଓ ପ୍ରାଣ ରହିବା ଆବଶ୍ୟକ ।

ପ୍ରେମ – ପ୍ରତ୍ୟେକ ବ୍ୟକ୍ତି ନିଷ୍କାମ ଓ ସ୍ୱଚ୍ଛ ପ୍ରେମ କରିବା ଆବଶ୍ୟକ । ନିଷ୍କାମ ଓ ସ୍ୱଚ୍ଛ ପ୍ରେମ ହିଁ ଈଶ୍ୱର ପ୍ରାପ୍ତିର ଏକମାତ୍ର ମାଧ୍ୟମ ।

ପୋଷାକ – ଗୋଟିଏ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅନେକ ସମୟରେ ତାର ପୋଷାକ ହିଁ ପ୍ରକାଶ କରିଥାଏ । ସ୍ୱଚ୍ଛ ପୋଷାକ ହିଁ ପ୍ରକାଶ କରିଥାଏ ବ୍ୟକ୍ତିଟିର ସମାଜରେ ସ୍ଥାନ ।

ପରିବେଶ – "ପରିଷ୍କାର ପରିବେଶ ସୁସ୍ଥ ମଣିଷ, ପ୍ରଗତିର ପଥେ ଆଗାଏ ଦେଶ" । ଏଣୁ "ଆମ ପରିବେଶ ଆମରି ଘର, ରଖିବା ତାହାକୁ ସଫା ସୁତର" ।

ସ୍ୱଚ୍ଛ ପରିବେଶ ହିଁ ସଦା ସର୍ବଦା ସକଳ ଉନ୍ନତି ସୁଗମ କରିଥାଏ । ଏଣୁ ଜୀବନରେ ସ୍ୱଚ୍ଛତା ର ସ୍ଥାନ ଗୁରୁତ୍ୱପୂର୍ଣ୍ଣ ।

ବି.ଦ୍ର:- ଏହା ଲେଖକଙ୍କର ଏକ ଅଭିଭାଷଣର କେତେକ ଅଂଶ

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ବୀର ସହୀଦ
# ମାଧୋ ସିଂହ



ପୁସ୍ତମ୍ ଯୁଆଡି

ତମର୍ ହରେକ୍ ତୀର
ମାଗୁଥିଲ୍ ଇ ମାଟିର୍ ସ୍ୱାଧୀନ୍
ତମର୍ ହରେକ୍ ରକତ୍ ବୁନ୍ଦାଥି
ଲେଖିଥିଲ ଇ ମାଟିର୍ ସ୍ୱାଧୀନ୍
ହେ ମାଧୋ !
ତମେ ଛଁଚ ପାରିଥିତ ସୁଖ୍
ବୁନ ପାରିଥିତ ସିନ୍'ହୋ...
ମାତର୍, ତମେ ତ ତମର୍ ଲ୍‌ଗି ନ ବାଁଚ
ଏଡ୍'କ ଯାବର୍ ପରିବାର୍'କେ  ବଳଦାନ୍
ଦେଲ
ଇ ମାଟିର୍ ମୁକ୍ତି ଲ୍‌ଗି ।
ଇ ମାଏଟ୍ ହେଲେ କେନ୍ତା ପାସ୍'ରିବା,
ନାଇଁ ରହୁ ଇତିହାସ୍ ଫରଦ୍ ଥି ତମର୍ ନାଁ
ଆମର୍ ହୁରୁଦ ଭିନ୍ନେଁ ପୂଜା ପାଉଛ
ହର୍'ଘଡି ।
ଜାଲି ଦେଇଗଲ ଉଲ୍'ଗୁଲାନ୍ ର ବଏଠା
ହେତିର ଗୁନୁ କାଏଁନ
ଆଏଜ୍ ଆମେ ହେଇଛୁ ଠିଆ ।।

ଭୁତିବାହାଲ, ଗାଇସିଲାଟ

# କବିତା



ଦଲମ୍ବର ମହାନନ୍ଦ

ଲେଖିବି କବିତା ଗୁଣ ଦେଇଗଲ୍
ଏତିକ କହିଛି ମୋତେ
ଲେଖୁଛ ଲେଖିବ ସବୁଦିନ ପାଇଁ
ଛାଡ଼ିଦେବ ନାହିଁ କେବେ ।।
ଅଧା ରହିଯିବ ସପନ ମୋହର
ଭାଙ୍ଗିଯିବ ନରବତା
ଲେଖିବା ତୁମର ଜୀବନର ପଥେ
ବାଟ ରହିଯିବ ଅଧା ।।
ପ୍ରେମ କବି ଯଦି ଲେଖିବ ବସନ୍ତେ
କଅଁଳ ପବନ ନେଇ
ସମୁଦ୍ର କୂଳ ର ଢେଉ ସାଙ୍ଗେ ସାଙ୍ଗେ
ଗୁଣୁଗୁଣୁ କଥା ହୋଇ ।।
କବିତା ବୋଲି ଭାବିବନି କେବେ
ନୁହଇ ସହଜ ପାଠ
ପ୍ରାକୃତିକ ଦୃଶ୍ୟ ଦେଖି କହିଦେବ
ତୁମ ଓଠେ ଦୁଇପଦ ।।
ମୃତ୍ୟୁ ରୁ ଜନମ ସଂଘର୍ଷ ଜୀବନ
ହାରି ବନି ତୁମେ କେବେ
ଖରା, ବର୍ଷା, ଶୀତ ସହି ଲେଖି ଗ୍ଲଲ
ସଫଳ ହୋଇବ ତେବେ ।।

ଋଣ ଦେଇଗଲ୍ କେଉଁଆଡୁ ଆସି
ଜାଣି ମୁଁ ପାରିଲି ନାହିଁ
ଋଣ ଦେଇ ଅଛ ଲେଖୁଛି ଲେଖିବି
ମହିମଣ୍ଡଳରେ ଥାଇ ।।

ଆମ୍ବଗୁଡା ଗୋଲ୍‌ମୁଣ୍ଡା କଳାହାଣ୍ଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସଂପତି



ଫିରୋଜ କୁମାର ପଟେଲ

ଏବେ ଭୂତଡେର୍ ଗୌନ୍ତିଆର ଘର
କେତେ କେତେ ଭୂତ କଥା
ଲୋକର ତୁଣ ନୁ ଶୁଭସି କାଏଁନ
ଗଉଁତିପନ ର ଗାଥା ।୧।
ବୁଢା ଗଉଁତିଆ ବଡ ଦାନୀମାନ
ଅଞ୍ଚଲ ଗୁଟାର ରଜା
ମେଛା ମୁଡି ମୁଡି ବହାରଲେ ଘରୁ
ହାତ ଜୁଡୁଥିଲେ ପ୍ରଜା ।୨।
ପୋଓ ନାତି ଲାଗି ଛାଁଚ ଦେଇଥିଲା
ହୀରା ନଲା, ଖେତଖଲା
ସୁବୁ ଛାଡି ଗଲା ଧର୍ମ ଟିକେ ନେଇ
ବୁଢା ଯେତେବେଲେ ମଲା ।୩।
ଅଜନା ମନ୍ତୁର୍ ମନ୍ତ୍ର ଫୁଙ୍କ ଦେଲା
ବାହାଲେ ବନଲା ଘାଇ
ଲୋଭ ବାହାରିଲା ବିଶ୍ୱାସ ଭାଙ୍ଗଲା
ରାଗ ରିସେ ସବୁ ବାଇ ।୪।
ସଂପତିର ଲାଗି ଏଭେ ମାଡଗାଲି
ଭାବପ୍ରେମ ସବୁ ଭୁଲି
ଗଉତିଆ ଫଟୁ ମଉନେ ଦେଖୁଛେ
ନାତି ନାତେନର୍ କଲି ।୫।

କଚରି ଯାଇଛେ ସଂପତିର କଥା
ଭାଇଭାଇ ଭିନେ ଭିନେ
ଜଣେ ତ ସହରେ ଜଣେ ପରଦେଶେ
ଘରଖାଲି, କେହି ନନେ ।୬ ।
କକାବବା ସବୁ ପାଖେପାଖେ ହେଲେ
ମନେ ଦୂର କୋଶ୍ କୋଶ୍
ବୁଢା ଗଉଁତିଆ ସରଗୁ କାଏଁନ
କରୁଥିବା ଅବଶୋଷ ।୭ ।
ଖୁଦା ଜାର ଲ୍ଗି ଧନ ଦଉଲତ
ବନଥିଲ୍ ଏତେ ଘର
ସେଇ ସଂପତି ନ ଲେଢାଗୁଢା ଭଙ୍ଗି
କରଲ୍ ସମକୁ ତାର ।୮ ।
ଭାବର ସଂପତି ଉନା ହେଲ୍ ବଲି
ସୁନାଘର ଚୁନା ହେଲ୍
ସଂପତି ସବୁବି ଭୋଗ କାଶା ହେତା
ଭଙ୍ଗିରୁଜି ସରିଗଲ୍ ।୯ ।
ବିଶ୍ବାସେ ମୁନୁଷ ସ୍ନେହ ପ୍ରେମ ଭରି
ମନ କରିତିସି ମେଲ
ସବୁ ଭଙ୍ଗୀଯିସି ଲୋଭ ଟିକେ ଲ୍ଗି
ଦେଖ ସଂପତିର ଗେଲ ।୧୦ ।

ସୁନ୍ଦରଗଡ, ଓଡିଶା

ବେଦାନ୍ତୀର ହ୍ବାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନଜର ମତାମତ ଦିଅନ୍ତୁ ।

# ପରିଚୟ



ଅନଙ୍ଗ ମଞ୍ଜରୀ

ମୁଁ ଆଉ ମୋ ଭିତରେ ଅନେକ ପ୍ରଶ୍ନ । କେବେ କାହାକୁ ଉତ୍ତର କରିନଥଲି । ପ୍ରଶ୍ନ ଅନେକ ଶୁଣିଥିଲି। ହଜିଯାଇଥିଲି, ବୁଝିବାକୁ ଯାଇଥିଲି କଛି ପୁରୁଣା ଦିନରେ ନଜକୁ ହଜାଇ ଦେଇଥିଲି।

ଭାବିବାକୁ ପଡି ପାରେ ଏହା କେବେ ଭାବନା ରେ ହିଁ ନଥିଲା। ପଥ ଆଉ ପରିଚୟ ପତ୍ର ଦେଇ କହାକୁ ଡାକେନା । ପୁରୁଣା ସେହି ସମୟ କଥା ମୁଁ ଆଉ ମୋ ସଂସାର କଥାଚକ୍ରରେ କାର୍ଯ୍ୟରତ।

ଚନ୍ଦ୍ର ର ବିଷୟ ବସ୍ତୁ କଏ ଯେପରି ତୁମର ଅତି ନଜର ସୁଖ ଆଉ ଦୁଃଖ ର କାହାଣୀ ଧରି ପୁରୁଣା ଭାଷା ର ଉପାଖ୍ୟାନ କରି ଗ୍ଲଲା। ନଜର ପରି ପାଖେ ପାଖେ ରହୁଥାଏ।

ସତରେ ଭାଇ ବନ୍ଧୁ ଭୁଲି ଯାଇଛି। ସ୍ୱାଗତ ର ଦ୍ୱାର ଦେଶରେ ଆଦର ଓ ସତକାର ସହ ଜଡ଼ିତ ହୋଇ ଅନ୍ୟତମ କର୍ମ ପାଇଁ ଉତ୍କଣ୍ଠା ଜାଗ୍ରତ ହେଲା।

ବଡ଼ ଦିନ ର ଅଭିଳାଷା ପାଇଁ କଛି ସମୟ ଖୋଜି ଥିଲା ସେ। ଉପଶମ ନମନ୍ତେ ଦରକାର ଥିଲା ବାର୍ତ୍ତା ର ଆଦାନ ଆଉ ପ୍ରଦାନ।

ଆଉ ଖୋଜି ବୁଲୁଥିଲା ଏକ ପରିଚୟ ପତ୍ର ପ୍ରସ୍ତୁତି ହୋଇ ସାରିଥାଏ । ଚଢ଼ିବାର ଥାଏ କଛି ରଙ୍ଗ ଆଉ ବିଶ୍ୱାସ ର ପଟକଥା ।

ରାଜି ଓ ଅରାଜି ଭିତରେ ଆଶା ବାଣ୍ଟି ଗ୍ଲିଥିଲ୍ ।
ନରାଶ ହେବାକୁ ଦେଇନଥିଲ୍। ସ୍ୱପ୍ନର ଦୁନଆରେ ଡୁବେଇ ଗ୍ଲିଥିଲ୍ ।

ଆକାଶ ର ସୂର୍ଯ୍ୟ, ଚନ୍ଦ୍ର, ତାର୍ ପରି ପାର୍ଶେ ମଣ୍ଡରାଉଥିଲ, ଦିନ, ରାତ୍ରୀ ର ଜାଗ୍ରତ ପ୍ରହରୀ ପରି। ଦ୍ୱାରେ ଦେଉଥିଲ୍ ଦସ୍ତକ ପ୍ରହରୀ ପରି।

ସମୟ ଆଜି ବ୍ୟସ୍ତ କଛି ପୁରୁଣା ଇତିହାସ ରେ ଉଲ୍ଲେଖ ରହିଛି। ହଜାଇଦେବାକୁ ପଡ଼ିଛି ବର୍ତ୍ତମାନ ରେ ନଜକୁ। ଭୌଗଲିକ ଦିଗଦର୍ଶୀ ରେ।

ରହି ଯାରେ ପବନ। ଥମି ଜା ନୀଳ ଗଗନ ତଳେ।
ଉଡିବାକୁ ଦେ ପତଙ୍ଗ କୁ, ନ କଟିବା ଯାଏ।

ମନ ଖୁସି ଯେବେ ଉଡୁଥାଏ ଏହି ନୀଳ ଗଗନ ତଳେ । ତୋର ପରିଚୟ ପାଇବା ଯାଏଁ।

ହାଇଦରାବାଦ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ମୃତ୍ୟୁକୁ ପ୍ରଶ୍ନ



ଅମ୍ବିକା ସ୍ୱାଇଁ

ସତ ରେ ମୃତ୍ୟୁ ତୁମେ ବଡ଼ ନଷ୍ଠୁର
ତୁମ ଆସିବାକୁ ତ ମନା ନାହିଁ
ତୁମେ ଆସିବ ହିଁ ତ ଆସିବ
ଏହା ଚର ସତ୍ୟ, ବିଧିର ବିଧାନ
ହେଲେ; ମୃତ୍ୟୁ ତୁମେ କାହିଁକି ବା ଆସ ?
ଏମିତି ଅବେଳରେ, ଏମିତି ରୂପରେ, ଏପରି ଭାବରେ
କେତେବେଳେ ପ୍ରକୃତି ର କାଳ କରାଳ ରେ ତ
କେତେବେଳେ ଅକସ୍ମାତ୍ ଦୁଃର୍ଘଟଣା ର ଦୁର୍ଦ୍ଦିନରେ
କେତେବଳେ ମହା ବ୍ୟାଧି ଗ୍ରସ୍ତ ଯନ୍ତ୍ରଣା ରେ.....
ପାଚଲା କଞ୍ଚା କିଛି ଭାବ ନାହିଁ
ହଠାତ୍ ମନ ଇଛା ନେଇ ଯାଅ
ଆଉ କାହା ହାତରୁ କାହାକୁ ଛଡ଼ାଇ
ଲୋତକ ର ବନ୍ୟା ରେ ଭସାଇ
ଦୁଃଖ ସାଗର ରେ ଡୁବାଇ ଦେଇ
ଆନନ୍ଦର ଅମୃତ ପାନ କରି ଚାଲି ଯାଅ
ଖୁସିରେ.....!!
ଭାଗ୍ୟ ବିଡମ୍ବନା ର ଦୋଷ ର ଦୁହାଇ ଦେଇ
ଆତ୍ମୀୟ ଖେଳୁ ଥାଏ ବିଧାତା ର ଖେଳରେ.....
ଜୀବନ ଯନ୍ତ୍ରଣା ର ଜୁଇ ରେ ଜଳ ଜଳ

ଜବରଦସ୍ତି ଦେଖୁଥାଏ ଜୀବନ ଜିଇଁବାର ସ୍ୱପ୍ନ
ଭବିଷ୍ୟତ ଜୀବନର ଅନ୍ଧାରୀ କାର୍‌ଗାର ରେ
ବନ୍ଦୀ ରହି ତା" ଆଖି ଭିଜା ସ୍ୱପ୍ନ ରେ
ବିଗତ ସ୍ମୃତି କୁ ରୋମନ୍ଥ ନ କରେ...
କାନ୍ଧରେ କର୍ତ୍ତବ୍ୟ ର ଭାରକୁ ବହନ କରି
ଜିଇଁ ଥାଏ ନିଜ ମୃତ୍ୟୁ ର ଅପେକ୍ଷା ରେ....
ସତରେ ମୃତ୍ୟୁ ତୁମେ ବଡ଼ ନିଷ୍ଠୁର ନୁହେଁ କି....?????

ଶ୍ୟାମପୁର, ଭୁବନେଶ୍ୱର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କନ୍ୟାରତ୍ନ



ଶିବରାମ ଦଳେଇ

ହେଇଟି ଶୁଣୁଛ ଗାଁ ରୁ କୁନ ର ଫୋନ ଆସିଥିଲା । ସେ କହୁଥିଲା ଭାଇଙ୍କୁ କହିବେ ବସିବା ସ୍ଥାନରୁ ଉଠି ଆସିବେ । ତୁମ ବାପା କୁଆଡେ ଆଉ ବଂଚବେନାହିଁ । ସେ ତୁମକୁ ବହୁତ ଖୋଜୁଛନ୍ତି । ହେଇଟି ମୁଁ କହି ଦଉଛି ତୁମେ ଯଦି ଯାଉଛ ଯାଅ, ମୁଁ କନ୍ତୁ ଗାଁକୁ ଯାଇ ସେ ଗୁହ ମୁତ ହେଇ ଘାଣ୍ଟି ହେବିନ । ବାପା ତୁମ ପାଇଁ ଏମିତି କଣ ରଖିଛନ୍ତି ଯେ ଆମେ ଯାଇ ତାଙ୍କ ସେବା କରିବା ।ଏଇ ତୁମର ପଢା ପଢିରେ କଣ ଖର୍ଚ୍ଚ କରିଥିଲେ ଯେ ଆମେ ତ ତାହା ଠାରୁ ବେଶ ଅଧିକ ଦେଇ ସାରିଲେଣି । ବାପା ପଇସା ପାଇଁ ବୋଧେ ନାଟକ କରୁଥିବେ । ଯଦି ପାରୁଛ କିଛି ଟଙ୍କା ପଠେଇ କାମ ବାହାନା କରି ରହିଯାଅ ।

ହାତରେ ଦୁଇ କପ ଚାହା ଆଣି ଗୋଟେ କପ ସ୍ୱାମୀ ହାତକୁ ବଢେଇ ଦେଇ ରିତା ପୁଣି କହିବାକୁ ଲାଗିଲା ତୁମ ବାପା ଝିଅ ବାହାଘର ରେ ସବୁ ଜମିବାଡ଼ି ତ ବିକ୍ରି କରି ସାରିଛନ୍ତି। ବାକ ଯାହା ସେ ଘର ବାଡ଼ି ଖଣ୍ଡକ । ତାକୁ ବି ସେହି ଝିଅ ଚାହିଁ ରହିଛି । କୁନ କନ୍ତୁ ଏ ଘର ମାଉସୀ ସେ ଘର ପିଉଷୀ ହୋଇ ଧନ୍ଧି ହେଇ ଯାଉଥାଏ । ସୂର୍ଯ୍ୟୋଦୟ ଶାଶୂଘରେ ଦେଖିଲେ ଚନ୍ଦ୍ର ଉଦୟ ବାପ ଘରେ ଦେଖି ଗାଁ ନଧି ମଉସାଙ୍କୁ ବାପାଙ୍କୁ ଟିକେ ଚାହିଁଥିବେ କହି ପୁଣି ଶାଶୂଘର ଫେରିଥାଏ । ଏମିତି ରେ ତାହାର ଦିନ ଗଡି ଚାଲେ । ପ୍ରତିଦିନ ସେ ଫୋନ କରେ ଭାଇ ପାଖକୁ । କନ୍ତୁ ସେପଟୁ ଶୁଣେ ଭାଇ କମ୍ପାନୀ କାମରେ ବାହାରକୁ ଯାଇଛନ୍ତି ତ କେତେବେଳେ ଶୁଣେ କମ୍ପାନୀ ରେ ଏବେ ପ୍ରବଳ କାମ, ତୁମ ଭାଇ କାମରୁ

ଟିକଏ କୋହଳ ପାଇଲେ ଆମେ ଯାଇ ପହଂଚବୁ । ଆଉ କେତେବେଳେ ଫୋନ ରିଙ୍ଗ ହେଇ ହେଇ କଟିଯାଏ  କଛି ପ୍ରତି ଉତ୍ତର ଆସେନାହିଁ ।

କୁନ କନ୍ତ ଗ୍ରହିଁ ରହିଥାଏ ଖାଇର ଫେରିଲ୍ ବାଟକୁ । କୁନର ବାପା ସୁଧୀର ବାବୁ କନ୍ତ ବୁଝିସାରିଥିଲେ ସେ ଆଉ ପୁଅ ମୁଁହ ଦେଖିପାରିବେ ନାହିଁ । ଅତୀତରେ କରିଥିବା ଦୁଇ ଦୁଇଟା କନ୍ୟାଭ୍ରୁଣ ହତ୍ୟା ପାଇଁ ସେ ଆଜି ଦଣ୍ଡ ଭୋଗୁଛି । ସାରା ଜୀବନ କନ୍ୟା ସନ୍ତାନ କୁ ଘୃଣା କରୁଥିବା ମଣିଷ ଆଜି ନଜ ପାଖରେ ହାରି ଯାଇଛି । ଆଉ ତାଙ୍କର ଆଜି ମନେ ପଡୁଛି ମୃତ୍ୟୁ ପୂର୍ବରୁ ପତ୍ନୀ ରୁକ୍ମଣୀଙ୍କ କେଇପଦ କଥା । ସେତେବେଳେ ସେ କନ୍ୟା ସନ୍ତାନ କୁନକୁ ଜନ୍ମ ଦେଇ କହିଥିଲେ ଏ ହେଉଛି ମୋ ରତ୍ନ । ଆକୁ ଯତ୍ନର ସହ ବଡ଼ କରିବ । ଭବିଷ୍ୟତ ରେ ଦେଖବ ମୁଁ ୟାରି ଭିତରେ ମୁଁ ଜୀବିତ ଥିବି । ଏତିକ କହି ରୁକ୍ମଣୀ ଚର ନଦ୍ରାରେ ଶୋଇ ଯାଇଥିଲେ।

ଲେଖନପୁର, ସାଲେପୁର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ସମର୍ପଣ



ଭଜରାମ ସେଠୀ

ସୂରୁଯ ନଦାଘେ      ମେଘଗୁଚ୍ଛ ଜାତ
      ଏଇ ସୃଷ୍ଟି ରୀତି ନୀତି,
ରବି ଅହଂକାର      ମେଘନାଶି ଦିଏ
      ନ ଥାଏ ତା' ଅଗ୍ନି ଗତି ।

ମେଘ ଧର୍ ଛୁଇଁ      ପଲ୍ଲବୀ ହସିଲେ
      ମୁକ୍ତି ଲଭେ ରବି ସାଇଁ,
ଆକାଶ ପ୍ରକାଶେ      କିରଣ ଉଲ୍ଲାସେ
      ଗର୍ବ ହଜେ ଖର୍ବ ହୋଇ ।

ପ୍ରାର୍ଥନା ନଷ୍ଠାରେ      ଭକତି ପ୍ରକଟ
      ଭ୍ଵବପ୍ରେମ ନାମଧାରେ,
ଶୁଦ୍ଧ ଚତ୍ତ ଘେନ      ନ ପାରିଲେ ଚନ୍ତି
      ବିଭୂ , ଶୂନ୍ୟ ନେତ୍ର ଦ୍ଵାରେ ।

ଭକ୍ତ ଭକ୍ତି ବଳେ      ହ୍ନି ପାରେ
      ଘଟେ ଘଟୁଆ ନରେକ୍ଷୀ,
ବ୍ରହ୍ମରୁ ବ୍ରହ୍ମାଣ୍ଡ      ବ୍ରହ୍ମରେ ଅଖଣ୍ଡ
      ଯଜ୍ଞାଗ୍ନି କର୍ମ ପରକ୍ଷୀ ।

ଅହମ୍ ନାଶନେ ବ୍ରହ୍ମନାଦ ଶୁଭେ
ଓଁ-କାରେ ଜଗତେ ଧ୍ୱନ,
ସାତସୁର ସୁରେ ଝଙ୍କାର ନନାଦ
ଜଗନ୍ନାଥ ଶବ୍ଦ ବାଣୀ ।

ମରଣଶୀଳ ଏ ଜଟିଳ ଶରୀର
ମୁଁ-ମୋ'ର ପଦକୁ ନାଶ,
ବିଭୁକୃପା ଲଭି ଆତ୍ମା ଦରଶନେ
ମିଳେ ବ୍ରହ୍ମଡ଼ୋରୀ ଫାଶ ।

କର୍ତ୍ତାପଣ ତେଜି ବିଭୁ ପଦ ହେଜି
ଭକ୍ତିରେ ତନୁକୁ ମାଜି,
ଯେତେ କର୍ମମାନ ପଦ୍ମପାଦେ ଅର୍ପି
ନାଥପ୍ରେମେ ଗଲି ହଜି ।

ରୂପହୀନ ରୂପ ଦେଖ ପୁରୀନୃପ
ହସୁଛି ନୀଳକନ୍ଦରେ,
ହଲୁଛି ଝୁଲୁଛି ଝୁଲେଇ ହଲେଇ
ଭକତଙ୍କୁ ବାୟା କରେ ।

ଦୂପ- ଦୀପ- ପୁଷ୍ପ କର୍ପୂର -ଚନ୍ଦନ
ଦେଉଳେ ଝଲସି ଉଠେ,
ମନୁଆ ଠାକୁର ମନ ମାନଥିଲେ
ଭକତଙ୍କୁ ହସି ଡାକେ ।

ରଘୁନାଥ ପୁତ୍ର ଭଜରାମ ମୂଢ଼
ଅଛପ କ ଦେବ ଭକ୍ତି, !
ଅକଞ୍ଚନ ଠାରେ ଦୟା ହୁଅ ନାଥେ
ବେଦ ଶାସ୍ତ୍ରେ ଶୂନ୍ୟ ମତି ।

ନଗଳ, ଦେବଭୂମୀ, ଗଂଞ୍ଜାମ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ନଜେ ମୁଁ ଜଳୁଛି

ତାରିପ୍ରସାଦ ଜେନା

ନଜେ ମୁଁ ଜଳୁଛି କହୁନ କହାରେ
ବୁଝିବ କାଳେ ବା ସିଏ
ଜୀବନ ଖାତାରେ ଦୁଃଖକୁ ସୁଖ କ
ଏମିତି ଗାରଉଥାଏ !

ଆଖିର ଲୁହରେ ଏ ନଆଁ ଲିଭୁନ କୋହରେ ଜଳାଏ ବେଶୀ
ପୁଣ୍ୟର ମନ୍ତ୍ରରେ ପାପର ନାଆଁକୁ ନେଇ ମୁଁ ପାରୁନ ଖସି
ଘାଣ୍ଟୁଚ କେତେ ମୁଁ ସ୍ମୃ ତି ର ଚଟିକୁ
ନୀରବେ ପଢୁଚ ହାଏ !

ଆଖିକୁ ଛୁଉଁଚ ଆପଣା ଗୁଣକୁ ଲଗୁନ ଦୋଷକୁ କଛି
ଗୋଲାପ ପଥରୁ କଣ୍ଟାର ପଥଟା ଆବୋରି ପାରୁନ ବାଛି
ହାରିବା ଆସୁନ ଜିତିବା ଲୟକୁ
ଦରଦ ଦେଇ ମୁଁ ଗାଏ !

ରଣପୁର, ନୟାଗଡ, ଓଡିଶା

# ମାଆ



ଶରତ ଚନ୍ଦ୍ର ଜାଲି

ମାଆ ମାଆ ଯେବେ ଡାକଦେଲି ବାରେ
ଅମୃତ ଅମୃତ ଲଗିଲା
ସ୍ୱର୍ଗ ଭୁବନର ସ୍ୱର୍ଗୀୟ ଆନନ୍ଦ
ହୃଦପୁରେ ପୁରେ ଜାଗିଲା ॥
ମାଆକୁ ଆତୁରେ ଭେଟକଲା ପେଟରେ
ଅନ୍ନମୁଠେ ଯେବେ ମାଗିଲି
ମାଆର ଅନ୍ତର ଲୁହେ ଭିଜିଗଲା
ଗୁମୁରି ଗୁମୁରି କାନ୍ଦିଲି ॥
ସେଇ ମାଆ ଆଜି ପୁଅବୋହୂ ଆଗେ
ଦୁଃଖରେ କାଟୁଛି ରଜନୀ
ହସ ଲିଭିଛି ତା ମୁଖମଣ୍ଡଳରୁ
ମଧୁର କଥା ତା ଶୁଭୁନ ॥
ମଉଳ ଯାଇଛି ସପନ ତାହାର
ପୋଡି ଯାଇଛି ତା କପାଳ
ଆଶା କୁସୁମ ତା ଝଡିପଡିଅଛି
ଆସୁନ ଖୁସିର ସକାଳ ॥
ତଥାପି ମାଆର ତୁଟିନ ମମତା
ଶୁଖିନ ସ୍ନେହର ଝରଣା
ପୁଅକୁ ଦେଖିଲେ କହୁଛି ଜନନୀ
ତୁ ମୋର ନୟନ ପ୍ରତିମା ॥
ଆରେ ମୋ କୁମର ପରିବାର ତୋର

କୁଶଳେ,ମଙ୍ଗଳେ ରୁହନ୍ତୁ
ଅମଙ୍ଗଳ ବାଞ୍ଛା କରିନ କେବେରେ
ଯେତେ ଯାହା ଯିଏ କୁହନ୍ତୁ ।
ପୁଅବୋହୂ ସିନା କୁଳାଙ୍ଗାର ହୋନ୍ତି
ଜନନୀ କୁମାତା ନୁହନ୍ତି
ଧିକ୍କ ପୁତ୍ରପଣ ଧିକ୍କ ବୋହୂପଣ
ଶାନ୍ତି ତେଜି ଖୋଜ ଅଶାନ୍ତି ॥
ପୁଣି ଆଉଥରେ ମାଆ ମାଆ ଡାକ
ମାଆକୁ କରରେ ନଜର
ଶହେ ଜନ୍ମ ନେଇ ଜନମ ହୋଇଲେ
ସୁଝିନୁହେଁ ଋଣ ମାଆର ॥
ପରିବାରଠାରୁ ଉର୍ଦ୍ଧ୍ୱରେ ଉଡଇ
ମାଆର ପଣତ ପତାକା
ସୁଖଶିରୀ ଦେଇ ଦୁଃଖ ହରି ନଏ
କିଏ ହେବ ମାଆ ପରିକା ॥
ମାଆକୁ ଆଦର କରରେ ଏଥର
କୁନି ଶିଶୁ ପରି ସରବେ
ତେବେ ସିନା ପୁଅବୋହୂ ଭଲ ବୋଲି
କହିବ ଜନନୀ ଗରବେ ॥

ପଥର୍, ଖଲିକୋଟ, ଗଂଜାମ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ୧୯-ଉଚ୍ଚ ଶିକ୍ଷାର ପ୍ରୟାସ

କହନ୍ତି "ବିର୍ଡି କପାଳକୁ ଶିକା ଛିଡିଲା" । କେବଳ ଏମ୍.ବି.ବି.ଏସ୍ କରି ରହିବା ପାଇଁ ମୋର ଆଦୌ ଇଚ୍ଛା ନ ଲା । ଉଚ୍ଚ ଶିକ୍ଷା ପାଇଁ ଅଭିଳାଷା । ସେ ପୁଣି ପେଡିଆଟ୍ରିକ୍ସ ରେ ।

୧୯୭୧ ମସିହାରେ ଆମର ଇଣ୍ଟରନ୍‌ସିପ ଶେଷ ହେଲା । ଖୁବ୍ ଗର୍ବର ସହ ଆମେ ଓଡିଶା ମେଡିକାଲ୍ କାଉନ୍‌ସିଲ୍ ରେ ନିଜ ନିଜର ନାମ ପଂଜୀକରଣ କଲୁ । ବର୍ତ୍ତମାନ ଆମେ ସମସ୍ତେ ସାର୍ଟିଫାଇଡ୍ ଡାକ୍ତର ।

କେଉଁ କାରଣରୁ କେଜାଣି, ଏ ବର୍ଷ ଓଡିଶା ପି.ଏସ୍.ସି ପରୀକ୍ଷା ହେବନି ବୋଲି ସରକାରଙ୍କ ଠାରୁ ଚେତାବନୀ ଆସିଲା । ତେବେ ଓଡିଶାର ପାଞ୍ଚ ଶହରୁ ଉର୍ଦ୍ଧ ଡାକ୍ତର କ'ଣ ଘରେ ବସି ରହିବେ! କେତେଜଣ ଓଡିଶା ବାହାରକୁ ଗୁକରୀ ଉଦ୍ଦେଶ୍ୟରେ ବାହାରି ଗଲେ । ଅନ୍ୟ ମାନେ ନିଜ ନିଜର ଜନ୍ମସ୍ଥାନକୁ ଫେରି ଯାଇ ପ୍ରାକ୍ଟିସ୍ କରିବା ଆରମ୍ଭ କରିଦେଲେ । ବାକି କେତେଜଣ ଷ୍ଟୁଡିଅସ୍ ଷ୍ଟୁଡେଣ୍ଟ ନିଜ ନିଜ ଘରେ ବସି ଉଚ୍ଚ ଶିକ୍ଷା ପାଇଁ ପଢାପଢି କଲେ ।

ପେଡିଆଟ୍ରିକ୍ସରେ ପୋଷ୍ଟ ଗ୍ରାଜୁଏସନ୍ କରିବା ପାଇଁ ଭାରତର ବିଭିନ୍ନ ପ୍ରାନ୍ତର ମେଡିକାଲ୍ କଲେଜ ମାନଙ୍କର ଟିପ୍ପଣୀ ଏକାଠି କଲି । ଯାହା ଜାଣିଲି ସେ ହେଲା ସି.ଏମ୍.ସି ଭେଲୋର୍ ଏବଂ ଏ.ଆଇ.ଆଇ.ଏମ୍.ଏସ୍ ଭାରତର ସବୁଠାରୁ ଉଚ୍ଚକୋଟୀର । ସି.ଏମ୍.ସି ରେ ହାଉସ୍ ଜବ୍ ପାଇଁ ନିବେଦନ ପତ୍ର ପଠାଇଲି ଏବଂ ଅକ୍ଟୋବର ୧୮ ତାରିଖରେ ଇଣ୍ଟରଭିଉ ପାଇଁ କଲ୍ ଆସିଲା । ହେଲେ ବାପା ଏବଂ ସାନ ନିନାଙ୍କର ଏକାଜିଦି ଗାଁରେ କ୍ଲିନିକ୍ ଖୋଲେ । ଆଜ୍ଞା ଅବଜ୍ଞା କରିବାକୁ ସାହସ ନ ଥିଲା ।

ସେପ୍ଟେମ୍ବର ୨୫ ତାରିଖ । ଆମ ଘରେ ଗୋଟିଏ ଫଙ୍କସନ୍ ର ଆୟୋଜନ ଥିଲା । ସମସ୍ତ ଅତିଥି ମଧ୍ୟରେ ଜଣେବ ବିଶିଷ୍ଟ ଅତିଥି ଥିଲେ ଯେ କ ଓଡିଶା ବାହାରେ ରହନ୍ତି । ବାପାଙ୍କ ଠାରୁ ମୋର ଡାକ୍ତର ହେବା ଖବର ଶୁଣି ମୋ ବାହାଘର ସମ୍ବନ୍ଧରେ ପ୍ରଶ୍ନ କଲେ ମାତ୍ର ବାପାଙ୍କ ଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ଲଭ କଲେନ ।

ଘରେ ବସାଇ ରଖିବା ତ ଠିକ୍ ହେବନ !

ନାଁ, ସେ ଗାଁରେ ରହି ଗାଁ ବାସୀ ମାନଙ୍କର ସେବା କରିବ ।

ଓଃ---ଖୁବ୍ ଭଲ ପ୍ରସ୍ତାବ ।

ମାତ୍ର ସେ ଜମା ମଙ୍ଗୁନ । କହୁଛି ଉଚ୍ଚ ଶିକ୍ଷା ପାଇଁ ଓଡିଶା ବାହାରକୁ ଯିବ ।

ଏତିକରେ ଭଦ୍ରବ୍ୟକ୍ତି ଖୁବ୍ ଜୋର୍ ରେ ହସିବାକୁ ଲାଗିଲେ । ପରେ ପରେ କହିବା ଆରମ୍ଭ କଲେ "ଏ କୋଡିଏ କେଜି ଓଜନର ଲିଲି ପୁଟ୍ କୁ ଓଡିଶା ବାହାରେ ପାସଙ୍ଗରେ ପକାଇବେ?"

ଅତିଥିଙ୍କର କଟୁ ମନ୍ତବ୍ୟରେ ମୁଁ ବହୁ ଆଘାତ ପାଇଥିଲି ମଧ୍ୟ ମନରେ ସ୍ଥିର କରିନେଲି, "ଯେମିତି ହେଲେ ମୁଁ ସି.ଏମ୍.ସି, ଭେଲୋର୍ ଯିବି । କଏ ପାସଙ୍ଗରେ ପକାଉ କ ନାହିଁ ।

ଭେଲୋର୍ ରେ ପହଞ୍ଚି ଜାଣିବାକୁ ପାଇଲି ହିନ୍ଦୁ ଷ୍ଟୁଡେଣ୍ଟ ମାନଙ୍କ ପାଇଁ ଅପେକ୍ଷାକୃତ ଅଧିକ ପ୍ରତିବନ୍ଧକ । ସେ ଯାହା ହେଉ, ପେଡିଆଟ୍ରିକ୍ସ ରେ "ଭ୍ୟାକାନ୍ସି ନାହିଁ" କହି ସେଲ୍ ହସ୍ପିଟାଲ୍ (ଚକ୍ଷୁ ବିଭାଗ) ରେ ମତେ ବର୍ଷକ ପାଇଁ ଆପଏଣ୍ଟମେଣ୍ଟ ମିଳଲା ।

ଛଅମାସ ଚକ୍ଷୁ ବିଭାଗରେ କାମ କଲା ପରେ ମୁଁ ଡାଃ ଆନା ଥୋମାସ୍ ଙ୍କର ବହୁତ ନକଟରୁ ଆସିଯାଇଥିଲି । ମତେ ସେ ସମସ୍ତ ଆଇ କ୍ୟାରରେ ନେଇ ଯାଉଥିଲେ । ହସ୍ପିଟାଲ୍ ରେ ମଧ୍ୟ ଛୋଟ ମୋଟ ଅପରେସନ କରାଉଥିଲେ । ଚକ୍ଷୁ ବିଭାଗ ପ୍ରତି ମୋର ମଧ୍ୟ ଅଶେଷ ଏକାଗ୍ରତା ଆସି ଯାଇଥିଲା । ଛଅମାସ ପରେ । କେହି ଏକ ଭି.ଆଇ.ପି ଙ୍କ ପୁଅ, ଚକ୍ଷୁ ବିଭାଗ ପାଇଁ ଇସୁକ ଥିଲେ । ତେଣୁ ମତେ କୌଣସି ନନ୍ କ୍ଲିନକାଲ ବିଭାଗକୁ ଯିବା ପାଇଁ ଅର୍ଡର ଆସିଥିଲା । ହେଲେ ମୋ ଭାଗ୍ୟ ତେଜ ଥିଲା ବୋଧେ । ସଂପୂର୍ଣ୍ଣ ହସ୍ପିଟାଲ୍ ରେ

କେବଳ ପେଡିଆଟ୍ରିକ୍ କୁ ବାଦ୍ ଦେଲେ ଅନ୍ୟ କୌଣସି ବିଭାଗରେ ଭ୍ୟାକନ୍ସି ନ ଥିଲା । ମୁଁ ଭାରତ ପ୍ରସିଦ୍ଧା ପ୍ରଫେସର ମାଳତୀ ଯାଦବଙ୍କ ଅଧିନରେ ପେଡିଆଟ୍ରିକ୍ ଜଏନ୍ କଲି ।

ଓଡିଶା ପି.ଜିର ଅନୁଭୂତି:-

ଛଅମାସ ପେଡିଆଟ୍ରିକ୍ସରେ ଡିଉଟି କରିବା ପରେ ମୁଁ ମୋର ହାଉସ୍ ଜବ୍ ର ଡ୍ୟୁରେସନ୍ ବଢାଇଥିଲି । ସେଇ ସମୟରେ ଓଡିଶା ପେଡିଆଟ୍ରିକ୍ସ ପି.ଜି ଇଣ୍ଟରଭିଉ କଲ୍ ମିଳଲା ।

ମୋର ଭେଲୋର୍ ଛାଡିବାକୁ ଇଚ୍ଛା ନଥିଲା । ମାତ୍ର ପ୍ରଫେସର ମାଳତୀ ଯାଦବଙ୍କର ମନ୍ତବ୍ୟ ଥିଲା, "ଅନିଶ୍ଚିତ ବସ୍ତୁ ଉପରେ ଭରସା କରି ନିଶ୍ଚିତ ବସ୍ତୁକୁ ଅନାଦର କରିବା ବୁଦ୍ଧିମାନର ସୂଚନା ଦିଏନା ।"

ପ୍ରଫେସର୍ ମାଳତୀ ୟାଦବଙ୍କର ଅମୂଲ୍ୟ ଗାଇଡାନ୍ସ ମତେ ଥିଓରୀ ପରୀକ୍ଷାରେ ସର୍ବ ପ୍ରଥମ ସ୍ଥାନ ଅଧିକାର କରାଇ ପାରିଥିଲା । ଆଡମିଶନ୍ ପାଇଁ ଅର୍ଡର ମିଳଥିଲା ।

ଆଡମିଶନ୍ ପାଇଁ ବଡବାବୁଙ୍କ ପାଖେ ପହଞ୍ଚିଲି । ସେ ଆଡମିଶନ୍ ପାଇଁ ବହୁତ ବ୍ୟସ୍ତ ଅଛନ୍ତି, ତେଣୁ ନିଜ ରୋଲ୍ କଲ୍ ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିବାକୁ କହିଲେ । ସାଢେ ଗ୍ଯାରିଟା ବାଜି ଯାଇଥିଲେ ମଧ୍ୟ କେହି ଡାକ ନ ଥିଲେ ।

ସେଇ ସମାନ ଜବାବ୍ । ବାହାରକୁ ଆସିଲି ସତ ମାତ୍ର ମନରେ ସନ୍ଦୁଳନ । ଆଡମିଶନ୍ ରଦ୍ଦ କରି ଦେବେ ନ ତ! ଆଉଥରେ ଭିତରକୁ ଗଲି ।

"ଆଡମିଶନ୍ ଟାଇମ୍ ପାଞ୍ଚଟା ପର୍ଯ୍ୟନ୍ତ ଥିଲା । ତୁମେ ନ ଆସିବାରୁ ୱେଟିଙ୍ଗ୍ ଲିଷ୍ଟ କ୍ୟାଣ୍ଡିଡେଟ୍ କୁ ନିଆ ସରିଛି ।"

ଦୁଃଖରେ ଭାଂଗି ପଡିଥିଲି । ପୁଣି ମନକୁ ସାନ୍ତ୍ୱନା ଦେଲି କଟକର ବାତାବରଣ ମୋ ପାଇଁ ଅନୁକୂଳ ନୁହେଁ । ଏମ୍.ବି.ବି.ଏସ୍ ରେ ଟ୍ରାନ୍ସଫର ନେଇ ଯାଇଥିଲି ବୋଲି ଡିଗ୍ରୀ ପାଇବାର ସୌଭାଗ୍ୟ ଅର୍ଜନ କଲି ।

ହତୋତ୍ସାହା ନ ହୋଇ ସବୁଆଡକୁ ନିବେଦନ ପତ୍ର ପଠାଉଥିଲି । ଜିପ୍ମର୍ ରେ ମତେ ଡି.ସି.ଏଚ୍ ରେ ସିଟ୍ ମିଳଥିଲା ।

### ଏ. ଆଇ. ଆଇ. ଏମ୍. ଏସ୍ ଇଣ୍ଟରଭିଉ:-

ପୁଣି ଏକ ସନ୍ତୁଳନ । ଏମ୍ସରୁ କଲ୍ ଆସିଛି । ଶିଶୁ ବିଭାଗ ନୁହେଁ ଚକ୍ଷୁ ବିଭାଗ ପାଇଁ । ବହୁଜଣ ପ୍ରାର୍ଥୀ । ରୀତିମତ ପରୀକ୍ଷା । ସଂପୂର୍ଣ୍ଣ ୩ ଦିନ ପରୀକ୍ଷା ସକାଳେ ୩ ଘଣ୍ଟା ଲେଖାଏଁ ଥିଓରୀ ଏବଂ ଦୁଇ ପହରେ କ୍ଲିନକାଲ୍ ।

ଇଣ୍ଟରଭିଉ ପାଇଁ ବାରଜଣଙ୍କୁ ଡକାଯାଇଥିଲା । ଛଅଟି ସିଟ୍ । ଆଠ ଜଣ ଇଣ୍ଟରନାଲ୍ କ୍ୟାଣ୍ଡିଡେଟ୍ । ମୋ ନମ୍ବର ନଅରେ ଥିଲା । ସମସ୍ତଙ୍କ ଠାରୁ ସେଇ ହତୋତ୍ସାହ ବାଣୀ । ଛଅଟି ସିଟ୍ । ଆଠ ଜଣ ଇଣ୍ଟରନାଲ୍ କ୍ୟାଣ୍ଡିଡେଟ୍ । ସନ୍ଧ୍ୟା ସାତଟାରେ ତାମିଲ୍ ନାଡୁ (ବର୍ତ୍ତମାନ ଚେନାଇ) ପାଇଁ ଜି.ଟି ଏକ୍ସପ୍ରେସ୍ । ବେକାରରେ ସମୟ ନଷ୍ଟ କରିବା କଥା ।

ମନ ମାନ ନ ଥିଲା- ଯୁଦ୍ଧ କ୍ଷେତ୍ରରୁ ଫେରି ଯିବା ମଣିଷଟି କାପୁରୁଷ । ଇଣ୍ଟରଭିଉ ଦେଇ ସାରି ଫେରୁଥିଲି । ପ୍ରଫେସର ଦୟାଲ୍ ଚଫ୍ ଅଫିସରୁ ବାହାରକୁ ଆସୁଥିଲେ, ମତେ ଦେଖି କହିଲେ, "ଦୁଃଖ କରନା ମାତ୍ର ଛଅଟି ସିଟ୍ । ଆଠଜଣ ଇଣ୍ଟରନାଲ୍ କ୍ୟାଣ୍ଡିଡେଟ୍ । ହବ ଯଦି ଏଠାରେ ବର୍ଷଟାଏ ହାଉସ୍ ଜବ୍ କରି ଦେ । ଏବେ ସିନା ମନେହେବ ବର୍ଷେ ହଗ୍‌ଉଛୁ। ମାତ୍ର ଏମ୍ସ୍ ରେ ପିଜି ମିଳଗଲେ ସବୁ ଭୁଲି ହୋଇଯିବ ।

ପୁରା ଅଢେଇ ଦିନ ମୁଁ ପ୍ରଫେସର ଦୟାଲ୍ ଙ୍କ କଥା ଚନ୍ତା କରି ଗ୍ଲିଥିଲି । ଡିପ୍ଲୋମା, ଡିଗ୍ରୀ କୋର୍ସ ରେ ବହୁତ ଫରକ । ସାଉଥ୍ ରେ ଡିପ୍ଲୋମା ଦୁଇବର୍ଷ । ସେଇ ଅନୁସାରେ ଡିଗ୍ରୀ କୋର୍ସ ଗ୍ରିବର୍ଷ ହୋଇଯିବ । ଫରକ୍ କୋଉଠି ରହିଲା । ନାଁ, ଫରକ୍ ନିଶ୍ଚୟ ଅଛି। ସେ ଶିଶୁ ବିଭାଗ ।

ରୁମ୍ ଖୋଲି ଭିତରକୁ ପଶିଲି । ଟେଲିଗ୍ରାମ୍ ଟିଏ ପଡିଛି, ଛନକା ପଶିଲା । ଟେଲିଗ୍ରାମ ଅର୍ଥାତ କୌଣସି ପରୀକ୍ଷା କଂବା କୌଣସି ଅଶୁଭ ଜନକ ବହୁ କଷ୍ଟରେ ତଳୁ ଉଠାଇ ଖୋଲିଲି । "ସିଲେକ୍ଟେଡ୍ ଫର ପିଜି ଅପ୍‌ଥାଲ୍ମୋଲୋଜି ଯ୍ୟାଟ୍ ଏମ୍ସ୍ । ସେଣ୍ଡ ୟୋର କନସେଣ୍ଟ ଇମିଡିଏଟ୍ଲୀ ।"

ଓଡିଶା ଅନୁଭୂତି ମନକୁ ବାର ବାର ଆସୁଥିଲା । ନିଜକୁ ନିଜେ କହିଲି "ଫେଲିୟୋର ଇଜ୍ ଦ ପିଲର ଅଫ୍ ସକସେସ୍ ।" ତା ଛଡା ପ୍ରୟାସ କେବେ ହେଲେ ବୃଥା ଯାଏନା ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଅ ଆ'କାରେ ଆ



ବନଲତା ମିଶ୍ର

ଅ ଆ'କାରେ ଆ,,
କ ଆ'କାରେ କା,,
ବାଇ ଚଢ଼େଇ କହିଯାଇଛି
ଗୃଉଳ ମୁଠେ ରଖିଥା ,,,,,
ଗୃଉଳ ର ଦାନା
ଗୋଟି ଗଣିତା,,,
ଗୋଟିଏ କହେ ସେ
କୋଟିଏ କଥା,,
ଅ ଆ'କାରେ ଆ
କ ଆ'କାରେ କା
ମା ଟି ମୋର
କହିଯାଇଛି,,
ଦାଣ୍ଡ ଦୁଆରେ ବସିଥା,,,

ସମ୍ପର୍କ ର ଡୋର
ଭ୍ରି ଅଡୁଆ,,,,
ବାନ୍ଧି ଜାଣିଲେ ସେ
ଭ୍ରି ଟାଣୁଆ,,,
ନ ବୁଝିଲେ ଲ୍ଗେ
ପୁର୍ ଅଳଆ,,,,,
ସାମାନ୍ୟ ଆଘାତେ
ଛିଣ୍ଡିଯାଏ ସୁତା,,,,
ଯୋଡିବାକୁ ପୁଣି
ଭ୍ରି ଅଡୁଆ,,
ଅ ଆ'କାରେ ଆ
କ ଆ'କାରେ କା,,
ସ୍ନେହ ବିଶ୍ୱାସ ର
ସଶକ୍ତ ଡୋରିରେ
ସମ୍ପର୍କ କୁ ବାନ୍ଧି
ଧରିଥା,,,, ॥

ହସ୍ପିଟାଲ ସ୍କୋୟାର, ପୁରୀ

# ଘା



ଶୁଭସ୍ମିତା ବେହେରା

ସମୟବି ଭରି ଜାଣେ
ସତେଜ ଘା' କୁ
ଦିନ ସରିଛି, ମୁହୂର୍ତ୍ତ ବିତିଛି
ଜ୍ୱଳନର ପୀଡା ବି କମିଛି ....
ଦିନେ ସମୟ ନଷ୍ଟୁର ଥିଲା
ବାଟରେ ନ ଚଲେଇ ଅବାଟକୁ ନେଇଥିଲା,
ବାଟ ହୁଡିଥିଲି, ବିଗୁରି ସବୁଠି
ନେହୁରା ହେଇଛି
ଯାହା ମିଳବାର ଅଛି
କଏ ଅବା ମତେ ବଞ୍ଚିତ କରିବ....
ସଜ ଫରଫର ଘା' ଟି
ଧୀରେ ଧୀରେ ଶୁଖିବାକୁ ଲାଗିଲା
ଅବଶ୍ୟ ଦାଗ ଏଯାଏଁ ଲିଭିନ ....
ନ ଲିଭିବାର କାରଣ ବୋଧେ
ହେଇପାରେ ଜୀବନର
କେଉଁ ଏକ ଶିକ୍ଷା ।

ଜେନାପୁର, ଯାଜପୁର

# ~~ I will call you later ~~

ଚନ୍ଦନ କୁମାର

ସେଦିନ ତାରିଖ ଥିଲା ୨୯ ସେପ୍ଟେମ୍ବର ୨୦୧୯ ରବିବାର, ସମୟ ପାଖାପାଖି ସାଢେ ୪ ହେବ । ଗାଡି ମୋର ଗଡି ଚାଲିଥାଏ ସାନ ଭଉଣୀ ଗାଁ ଆଡେ। ସମ୍ପର୍କୀୟ ଭଣଜା ଗାଡି ଚଳାଉ ଥାଏ । ଅଧାବାଟରେ ଆସିଲା ଗାଁ "ନେଉଳ ପୋଇ" । ନେଉଳ ପୋଇ ଆସିଲେ ମନେ ପଡେ "ମାଧବ" । ମାଧବ ସାଙ୍ଗେ ସବୁବେଳେ ମନେପଡେ ଶାନ୍ତନୁ । ଆଠଗଡ ନୂଆପାଟଣା ଶାନ୍ତନୁର ଗାଁ । ମାଧବ ଓ ଶାନ୍ତନୁ ଦୁହେଁ ଖୁବ ଯୋଡି, combo pack । ଦୁହେଁ ମୋର ସ୍କୁଲ ଏବଂ ହଷ୍ଟେଲ ସାଙ୍ଗ । ମାଧବ ରହିଗଲା ଗାଁରେ ଛୋଟମୋଟ ଦୋକାନ ଟିଏ କରି, କିନ୍ତୁ ଶାନ୍ତନୁ ହେଇଗଲା software କମ୍ପାନୀର manager ।

ହଠାତ ଗୋଟେ idea ଆସିଲା ଯେ ଶାନ୍ତନୁ କୁ surprise ଦେବି, ଫୋନ ଲଗେଇକି କହିବି "କିରେ ତୋ ମିତ୍ର ସାଙ୍ଗେ କଥା ହବୁ ?" ତା ଘରବାଟେ ଯାଉଛିରେ ଏବେ । ଭାରି ଖୁସି ହେଇଯିବ, ଆଶ୍ଚର୍ଯ୍ୟ ବି । କିନ୍ତୁ ଆଶ୍ଚର୍ଯ୍ୟ ହେଲି ଓଲଟା ମୁଁ ନିଜେ, ଫୋନ ସିଆଡୁ କହିଲା Sorry, this number is not in service...ବ୍ୟସ୍ତ ଲାଗିଲା, ବିରକ୍ତ ବି । ଏ ଶଳା ବି ବୋଧେ jio ଫିଓ ଇତ୍ୟାଦି ବିଲିବିଲା ଦଶଟା ନମ୍ବର କଲାଣି ବୋଧେ (ମୋତେ ବିରକ୍ତ ଲାଗେ ଯିଏ ବାରମ୍ବାର ନମ୍ବର ବଦଳାଏ) । WhatsAppରେ ବାର୍ତ୍ତା ଦେଲି, ଫୋନ ବି କଲି ...ନିଷ୍ଫଳ । email କଲି ତାର ଦୁଇଟା ID କୁ କି Give me a call when you see this message...ସର୍ବଶେଷରେ Facebook wall ରେ ଲେଖିବାକୁ ଚେଷ୍ଟା କଲି ....କିନ୍ତୁ ଏ କଣ

??? ସେଠି ଯାହା ଦେଖିଲି ମୋର almost heart attack କରେଇଦେଲା । ସାଙ୍ଗେ ସାଙ୍ଗେ ଗାଡି ରଖିବାକୁ କହିଲି, ଏଇଠି, ଏବେ, ରାସ୍ତା ଉପରେ । AC ଭିତରେ ବି ସାରାଦେହ ଝାଳ...Facebook page ସାରା ଖାଲି ଶ୍ରଦ୍ଧାଞ୍ଜଳି, RIP.. ଇତ୍ୟାଦି। କିଛି ବୁଝି ହେଉନଥାଏ ହେଇଛି କଣ ? କିଛି କମେଣ୍ଟରୁ ଜାଣିଲି ଯେ ପାଖାପାଖି ବର୍ଷେ ହେଇଯିବ ତାର ଦେହାନ୍ତ ହେଲାଣି। ଧୀରେ ଧୀରେ ଆଗକୁ ବଢ଼ିଲୁ, ଗାଡି ଭିତରେ ପୁରା ଚୁପଚାପ ମାହୋଲ । ଭଣଜାର କୌଣସି ପ୍ରଶ୍ନର କିଛି ଉତ୍ତର ମୁଁ ଦେଉ ନଥାଏ, ବରଂ ବିରକ୍ତ ହେଉଥାଏ । ଭଉଣୀଘରେ ପହଂଚ ଗଲୁ, ସେଠି ବି ସେଇ ଅବସ୍ଥା ମୋର । ସମସ୍ତଙ୍କୁ ଖାଲି ଅଯଥାରେ ବିରକ୍ତ ହେଉଥାଏ ମୁଁ, ମନ ଭିତରେ ଗୋଟେ moral anguish ଚାଲିଥାଏ ଯେମିତି। ଘରକୁ ଫେରି ଆସିଲି ସତ, କିନ୍ତୁ ରାତିରେ ଶୋଇ ପାରିଲି ନାହିଁ, ସେଇ ଅବସ୍ଥା, ଖାଲି ଘାଣ୍ଟି ଗୋଳେଇ ହେଉଥାଏ ନିଜ ଭିତରେ । କେମିତି ରାତି ପାହିବ, ମୁଁ ଯିବି ଶାନ୍ତନୁର ଗାଁକୁ।

୪ ବର୍ଷେତଳେ ଥରେ ତା ସାଙ୍ଗେ ତାଙ୍କ ଗାଁକୁ ଯାଇଥିଲି, କିନ୍ତୁ ବେଶି କିଛି ମନେନାହିଁ। ସୋମବାର ଅଫିସକୁ ଜଣେଇଦେଲି ଜରୁରୀକାଳୀନ ଛୁଟିବୋଲି । ଆଉ ଜଣେ ସ୍କୁଲ ସାଙ୍ଗକୁ ସାଙ୍ଗରେ ଧରି ବାହାରିଲି ନୂଆପାଟଣା । ମନଭିତରେ ଶହ ଶହ ଅସମାହିତ ପ୍ରଶ୍ନ। କଣ ହେଲା, କେମିତି ହେଲା, କେବେ ହେଲା ଇତ୍ୟାଦି ଇତ୍ୟାଦି। ସଠିକ ଗାଁ ଏବଂ ଘର ଖୋଜିବା ପାଇଁ ଏ ଦୋକାନରୁ ସେ ଦୋକାନ ରାସ୍ତାଯାକ ପଚାରି ପଚାରି ନିଷ୍ଫଳ । ତା ବାପାଙ୍କ ନାଁ ମନେ ନାହିଁ, ଆଉ ଆମଭଳି ବାରବୁଲା ଚାକରିଆ ଯୁବକଙ୍କୁ କେହି ଚିହ୍ନନ୍ତି ବି ନାହିଁ। ଚିହ୍ନନ୍ତେ ବା କେମିତି ? ନା ଆମେ ଗାଁର ହେଇ ପାରିଲୁ, ନା ସହରର।

Voter helpline app ରୁ କସରତ କଲା ପରେ ଯୋଗକୁ ମିଳିଗଲା ତାଙ୍କ ପ୍ରକୃତ ଗାଁର ନାଁ ଏବଂ ବାପାଙ୍କ ନାଁ (thanks to digital India)..ସିଧାଯାଇ ତାଙ୍କ ଘରେ ହାଜର ଆମେ। ବାରମ୍ବାର କବାଟ ବାଡେଇବା ପରେ କିଛି ସମୟପରେ ମଉସା ପଚାରିଲେ କିଏ ? ଏବଂ ଖୋଲିଲେ। ପରିଚୟ ଦେଲି ଯେ ମୁଁ ଶାନ୍ତନୁ ର ସାଙ୍ଗ। ଆମକୁ ଦେଖି ମଉସା ମାଉସୀ ଦୁହିଁଙ୍କ ଆଖିରେ ଲୁହ ଆସିଗଲା, ବର୍ଷେ ଭିତରେ କେହିବି ସାଙ୍ଗ ଆସି ନାହାନ୍ତି ସଂଖୋଳବା

ପାଇଁ (ବାହାଘରରେ ତିରିଶି ପାଖାପାଖି ଭୁବନେଶ୍ୱର ଆସିଥିଲେ ଯାହା ମୁଁ ଦେଖିଥିଲି) । ଦ୍ୱିପ୍ରହର ସମୟରେ ବିଶ୍ରାମ କରୁଥିଲେ ବୋଧେ, ଆମକୁ ଦେଖି ଯେତିକ ଚଳଚଞ୍ଚଳ ହେଲେ ତା ଠାରୁ ବେଶି ବୋଧେ ବ୍ୟଥିତ ହେଲେ । ଜବରଦସ୍ତି ଗୁପିବାକୁ ଚେଷ୍ଟା କରିଯାଉଥିବା କୋହ ପୁଣି ଉଜ୍ଜୀବିତ ହେଇଗଲା ଆମକୁ ହଠାତ ଦେଖିକ। ମୋତେ ସେମାନେ ଆଗରୁ ଦୁଇଥର ଦେଖିଥିଲେ । ଗ୍ଭରିବର୍ଷ ତଳେ ଥରେ ଶାନ୍ତନୁ ସାଙ୍ଗେ ଯାଇଥିଲି ତାଙ୍କ ଘରକୁ, ସେଦିନର ସେ କଂସା ବାସନର ପଖାଳ ଆଉ ତରବରିଆ ଭାବେ ବାଡିରୁ ବାଇଗଣ, ଭେଣ୍ଡି ତୋଳ ଆଣି ମାଉସୀଙ୍କ ସେ ସ୍ନେହ ବୋଳା ପୋଡାପୋଡି ଚକଟା ଆଜି ବି ମନେ ଅଛି, ରହିବ ମଧ । ପ୍ରଥମେ ମୁଁ ନାରାଜ ହେବାରୁ ମୋତେ କହିଥିଲେ କ ପୁଅ ବ୍ରାହ୍ମଣ ବୋଲି ଆମ ଘରେ ବାରଣ କରୁଛ କ ? ଦ୍ୱିତୀୟ ଥର ଶାନ୍ତନୁ ର ବାହାଘରରେ ଭୁବନେଶ୍ୱରରେ । ତେଣୁ ମୁଁ ତାଙ୍କ ସହ କଛିଟା conversant ଥିଲି ଆଗରୁ।

ପୂର୍ବଦିନରୁ ଘାଣ୍ଟିଗୋଳେଇ ହେଉଥିବା ସବୁ ପ୍ରଶ୍ନ ପଗ୍ଭରିଯାଇଥିଲି, ଆଉ ସେମାନେ କହି ଗ୍ଭଲିଥିଲେ। ସାଧାରଣ ଜ୍ୱର ଯାହା ପରେ ନମୋନଆର ରୂପ ନେଇ କ ମୃତ୍ୟୁଦୂତ ସାଜିଲା। ନବବିବାହିତା ପତ୍ନୀ ଦଶାହ ପରଠାରୁ ବାପଘରେ ଅଛନ୍ତି ଏବଂ ଦ୍ୱିତୀୟ ବିବାହ କରି ଆଗକୁ ବଢିବା ପାଇଁ ମନସ୍ଥ କରିନେଇଛନ୍ତି। ଦୁଇ ଘଣ୍ଟା ବିତିଯାଇଥିଲା ଇତିମଧରେ ଆଉ ଶୁଖିଯାଇଥିଲା ଦୁହିଁଙ୍କର ଲୁହଧାର। ସ୍ଥାଣୁ ପାଷାଣ ପରି ଭୁଇଁ ଉପରେ ବସିଯାଇଥିଲେ ଦୁହେଁ ଆମକୁ ଚୌକିରେ ବସାଇ। ଏକମାତ୍ର ଏବଂ ନବବିବାହିତ ପୁଅକୁ ହରେଇ ସେମାନେ କେଉଁ ଅବସ୍ଥାରେ ଅଛନ୍ତି (ଏବେବି) ତାହା ଭାଷାରେ ଅବର୍ଣ୍ଣନୀୟ। ଏବେ ଆମେ ତାଙ୍କୁ ବୁଝେଇ ବାଝେଇ ବାହାରିବାକୁ ମନସ୍ଥ କଲୁ, କନ୍ତୁ ଏ କଣ ? ପୁଣି ସେ ଶୁଖିଯାଇଥିବା ଲୁହଧାର ବୋହିବା ଆରମ୍ଭ ହେଲା, ବୋଧେ ଏତେ ଜଲଦି ତାଙ୍କ ମନ ବୁଝି ନଥିଲା। ପୁଣି ବସିଲୁ ଆମେ, କହିଲି କ ଆପଣ ନ କହିବା ଯାଏଁ ଆମେ ଯିବୁନ । ଏଥର ତାଙ୍କୁ ଟିକେ ମନକୁ ପାଇଲା। ସାଙ୍ଗେ ସାଙ୍ଗେ ମାଉସୀ କଛି ଖେଚୁଡ଼ି ଆଉ ଡାଲମା ତିଆରି କଲେ ଆମ ପାଇଁ। କହିଲେ ବାପା, ଆମର ରୋଷେଇ ଠିକରେ ହେଉନାହିଁ ସେବେଠାରୁ..ଚୂଡ଼ାଗୁଣ୍ଡ, ମୁଢ଼ି, ପାଉଁରୁଟି ରେ ଚଳ ଯାଉଛି। ସାହି ଲୋକେ କଛିକଛି ଦେଉଛନ୍ତି ବେଳେବେଳେ।

ଘ୍ରେଷେଇ କଏ କରିବ ? କାହିଁକ କରିବ? କଲେ ବି କଏ ଖାଇବ ? ହେ ଭଗବାନ ! ନା ଥିଲା ଆମ ପାଖରେ ଏହାର ଉତ୍ତର, ନା ଅଧିକା ପଗ୍ଭରିବାର ସାହସ । ହଁ, ଅଧା ଖୋଲାହେଇଥିବା ଗୋଟେ ଶୁଖିଲା ପାଉଁରୁଟି ପ୍ୟାକେଟ ଉପରେ ନଜର ପଡିଯାଇଥିଲା ମୋର । ଆମର ଖାଇବା ବୋଧେ ଏକ ବାହାନା ଥିଲା, କନ୍ତୁ ସେମାନେ ଆମକୁ ଏତେଶୀଘ୍ର ହରେଇବାକୁ ଗ୍ଭହୁଁ ନଥିଲେ ବୋଧେ।

ଖାଇସାରିବା ପରେ ମୋର ଅନୁରୋଧ କ୍ରମେ ଶାନ୍ତନୁର କୋଠରୀକୁ ଗଲୁ ।ବର୍ଷେ ହେଲା ବନ୍ଦ ପଡିଥିଲା, ଆଜି ଖୋଲିବା ଖୋଲିଲା ସେ କୋଠରୀ, ଅଳନ୍ଧୁରେ ଭର୍ତ୍ତି। ବାହାଘର ବେଳର ସେରୱାନୀ ଅଛି, କୋଟ ଅଛି, AC ଅଛି, ଯୌତୁକଆ ଆସବାବପତ୍ର ଅଛି, ବାହାଘରିଆ ବଡ଼ ବଡ଼ ଫୋଟୋ ସବୁ ବି ଅଛି । ନାହିଁ କନ୍ତୁ ଭ୍ରାଇ ମୋର । ହଁ, ପାଇଲି ଆଉ କଛି ଅପୂର୍ବ ସମ୍ପତ୍ତି ମଧ୍ୟ । Dell, Oracle, Accenture ର ଗ୍ଭହାପିଆ କପ୍ ସବୁ। ପାଇଲି ତାର ସେ ରୁଦ୍ରାକ୍ଷ ମାଳା ଯୋଉଟା ସବୁବେଳେ ତା ବେକରେ ଥାଏ (ଆଉ ମୁଁ ଗାଉଁଲି ଭକତିଆ କହି ରହସ୍ୟ କରେ)। Technology ଆଉ ରୁଦ୍ରକୁ ଏକାଠି ବୁଝିପାରେ ନାହିଁ ବୋଧେ ମୁଁ, ତେଣୁ ଥଟ୍ଟା କରେ ତାକୁ । ହଁ, ଫୋନରେ ତାର ରିଙ୍ଗ ଟୋନ ବାଜେ "କର୍ପୂର ଗୌରଂ କରୁଣାବତାରଂ, ସଂସାର ସାରଂ ଭୁଜଗେନ୍ଦ୍ରହାରମ୍....ସଦା ବସନ୍ତଂ ହୃଦୟାରବିନ୍ଦେ ଭବଂ ଭବାନୀ ସହିତଂ ନମାମୀ" ।

ଗ୍ଭରି ଘଣ୍ଟାରେ ମଉସା ଅନେକଥର କାନ୍ଦିଛନ୍ତି, ପୁଣି ନଜକୁ ପ୍ରକୃତିସ୍ଥ ବି କରିଛନ୍ତି ଆମ ପ୍ରଶ୍ନର ଉତ୍ତର ଦେବାପାଇଁ। ମୋତେ ଗୋଟିଏ କଥା କହିଲେ ଯାହା ସାରାଜୀବନ ମୁଁ ଭୁଲିପାରିବି ନାହିଁ। ପୁଅ ଆମର କେତେ କମ୍ପାନୀ ଛାଡିଲା ପରେ ଶେଷରେ HSBC ରେ ମ୍ୟାନେଜର ହେଲା । ଗୁଡ଼ାଏ ପଇସା ରୋଜଗାର ବି କରେ କାଳେ। କଣ ନେଇକ ଗଲା ଆଉ କଣ ଛାଡିକ ଗଲା ଆମେ ବୁଢ଼ାବୁଢ଼ୀ ଦୁଇଟା ବୁଝିପାରୁ ନାହୁଁ। ନରୁତ୍ତର ଆମେ। ଅପରାଜେୟ ସେ ପ୍ରଶ୍ନ ତାଙ୍କର ।

ଜଣାନାହିଁ ଏ ଭିତରେ କେତେବେଳେ ବର୍ଷେ ବିତି ଯାଇଛି ବୋଲି । ଶେଷଥର ମୋତେ ସେ ଫୋନ କଲାବେଳେ ମୁଁ ମିଟିଂ ରେ ଥିଲି ଏବଂ ମେସେଜ ଦେଇଥିଲି **"I am in a meeting, will call you later"**। ସେ **later** ଆଉ ଆସି ନଥିଲା, ଆସିବ ନାହିଁ ଶତ ଚେଷ୍ଟାକଲେ ବି। ପ୍ରତି ମାସରେ ସେ ଫୋନ କରେ, ମୁଁ ପ୍ରାୟତଃ କରେ ନାହିଁ। ଘଣ୍ଟାଏ ଗପେ । ଅଫିସ, ଦରମା, ଗାଁ, ସ୍ତ୍ରୀ, ଇତ୍ୟାଦି ଇତ୍ୟାଦି। କାର୍ଯ୍ୟବ୍ୟସ୍ତତା **(??)** ଭିତରେ ମୁଁ ବି ତାକୁ ମନେ ପକେଇ ପାରିନାହିଁ **(call** କରିନାହିଁ**)**। ସେ ବି କରିନ। କରିବ ବା କେମିତି ଯେ **?** ସ୍ୱର୍ଗାସୀନ ବନ୍ଧୁ ମର୍ତ୍ତ୍ୟର ଏ ଛାର ମଣିଷ ଟାକୁ କାହିଁକି ମନେ ପକେଇବ ଯେ **?** ଆବଶ୍ୟକ ବି କଣ **?** ଲଜ୍ଜ୍ୟା ରେ ମୁହଁ ମୋର ପଡିଗଲା ଯେତେବେଳେ ଜାଣିଲି ଯେ ଆର ସପ୍ତାହରେ ତାର ବର୍ଷିକୀଆ । ଛିଃ, ଧିକ ମୁଁ ବନ୍ଧୁ, ଧିକ ମୋର ଏଇ କୃତ୍ରିମ ବନ୍ଧୁତା **!** ସେ ତ ଫୋନ କରିଥିଲା, କନ୍ତୁ ମୁଁ ମିଟିଂ ରେ ଥିଲି ନା **!!!!**

ସବୁବେଳେ ବେକରେ ରୁଦ୍ରାକ୍ଷ ପକେଇ ଭଜିହେଉଥିବା ମହାଭକ୍ତ କୁ ସୋମବାରରେ ନିଜ ପାଖକୁ ଡାକନେଲେ ବୋଧେ ସେହି ରୁଦ୍ର ରୁଦ୍ର ମହାରୁଦ୍ର ।

କିଛି ପ୍ରମାଣ କରିବାର ନାହିଁ, ନା ମୋର କୃତ୍ରିମ ବନ୍ଧୁତା ନା ଜବରଦସ୍ତି ନିଜକୁ ଲେଖକ କହିବାର ଉଦ୍ୟମ....କେବଳ ମନର କୋହ ଏବଂ ଆଖିର ଲୁହକୁ କାଗଜରେ ଛାପିଦେବାର ଏକ ବୃଥା ପ୍ରଚେଷ୍ଟା ଯାହା....

ସେତେବେଳେ ବି କିଛି କରି ପାରି ନଥିଲି, ଏବେ ବି ପାରିବି ନାହିଁ....ବନ୍ଧୁ କେବେଠୁ ଗ୍ଲିଯାଇଛି ଅଫେରା ସେ ଗାଇଜକୁ...ଏ ଅକଞ୍ଚନ ଝୁରିହେବ ଯାହା, ଯୋଉଠି ବି ଥାଅ ଶାନ୍ତିରେ ଥାଅ ହେ ବନ୍ଧୁ ଏତିକି ପ୍ରାର୍ଥନା ସେହି ମହାରୁଦ୍ରଙ୍କ ପାଖରେ....

ମିତ୍ରଭାନୁ ବିଶ୍ୱାଳ

# ସମୟ

ସମୟ  ସ୍ରୋତରେ ଛିନ୍ ଭିନ୍ ଆଜି
କୋଇଲିର କୁହୁତାନ
ଆମ୍ବ ତୋଟାମୂଳେ ଦେଖାଯାଏ ନାହିଁ
ପିଲ୍‌ଟିର ଆଗମନ !
ସମୟ ସ୍ରୋତରେ ଛିନ୍ ଭିନ୍ ଆଜି
ବାଇ ଚଢ଼େଇର ବସା
କରାଳ ଗର୍ଭରେ ଲୁଚଗଲେ କାହିଁ
ଦିଅନ୍ତିନ ଆଉ ଦେଖା !
ସମୟ ସ୍ରୋତରେ ଛିନ୍ ଭିନ୍ ଆଜି
ଭ୍ରାତର ସମ୍ପର୍କ ଯେତେ
ସ୍ୱାର୍ଥପଛେ ବୁଲେ ଆଜିର ମଣିଷ
କାହାକୁ କହିବ ସତେ !
ସମୟ ସ୍ରୋତରେ ଛିନ୍ ଭିନ୍ ଆଜି
ଯେତେଥିଲା ପିଲାଖେଳ
ଗାଆଁ ଦାଣ୍ଡେ ଧୂଳ ଧୂସର ହୋଇଣ
କଟୁଥିଲା କେତେ ବେଳ !
ସମୟ ସ୍ରୋତରେ ଛିନ୍ ଭିନ୍ ଆଜି
ଆରେ ଜହ୍ନ ମାମୁଁ ଗୀତ
ଆଧୁନକ ଗର୍ତ୍ତେ ଲୁଚଗଲା କାହିଁ
ବୁଢ଼ୀ ଅସୁରୁଣୀ ଗପ !
ସମୟ ସ୍ରୋତରେ ଛିନ୍ ଭିନ୍ ଆଜି
ସେଇ ତାଳ ବିଲବଣ

ମଣିଷ ହାତକୁ ସମୟ ସ୍ରୋତରେ
କରିଦେଲା ସମର୍ପଣ !
ସମୟ ସ୍ରୋତରେ ଶଗଡ଼ର ଚକ
ଗଡେନାହିଁ ଗାଁଆବାଟେ
କବଳତ କଲା ଯାନ୍ତ୍ରିକ ପଦ୍ଧତି
ବିଜ୍ଞାନର ମହାନାଟେ !!

ବ୍ରାହ୍ମଣ ଡ଼ିହି (ପାଇକମାଲ), ବରଗଡ଼

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବିରହ ପ୍ରେମ



ଆଶିଷ କୁମାର ସ୍ୱାଇଁ

ବୁଝିଲୁନ ପ୍ରିୟା
ମୋ ପ୍ରେମର ମୂଲ୍ୟ
ଅଧବାଟେ ମୋତେ
ଛାଡି ଗ୍ଲିଗଲ ।

ଛାତିରେ ଦରଜ
ହୃଦୟରେ କୋହ
ନୟନେ ଭରିଲୁ
ତୁ ଅଜସ୍ର ଲୁହ ।

ନିଶ୍ୱାସ ସ୍ପନ୍ଦନ
ଖୋଜୁଅଛି ମନ
ଯିବା ପରେ ବହେ
ବୈଶାଖୀ ପବନ ।

ଜାଣିବୁ କେମିତି
ଛାତି ତଳ ବ୍ୟଥା
ତୋର ଭାବନାରେ
ଥିଲା କପଟତା ।

ଯେଉଁଠି ଥାଆ ତୁ
ହସ ଖୁସିରେ ଥା
ଏବେବି ଝୁରୁଛି
ତୋର ମିଠା କଥା ।

ସିଆର୍‌, ବ୍ରହ୍ମଗିରି, ପୁରୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଦାଁ



ରାଜେଶ ପୂଜାରୀ

।୧।

ଝାରେ ଧରଲେ ଦାଁ
ହୁଲୁକ୍ ଯୁବୁକ୍ କାଁ...ଭ୍..
ଆହା..
ଇ ମାକର ବିହା
କେନ୍ତା ଢ଼ଂଗେ ମୂଲ ହେଲା ବଲି
ଜୀବଜଁତ ଗଛ ପତର ପୁଡିଯିବେ ଭାଲି
ହେଲେ ମନେ ଧରଲେ..
କହେ ନାଇଁ ପାରନ୍ ଜାନ
ଜାନସନ ଏକା ଜଲୁଥିଲା ରଜା ରାନୀ।

।୨।

ଇ ଦାଁ ଜାଲିଦେଲା ସବୁ
ଲେସ୍ ନବଁଚଲା କଛି ଥିର
ଏନ୍ତା ଜାଲି, ଜଲି
ଖାର ହେଇଯିବା
ଇ ମାଏଟ ପୁତଲି ଗୁଟକ ଭିଲ୍।

।୩।

ଜଳୁଥାଉ ଜୁଏ ରଗବଗାନୁ
କଛି କଥା ନାଇଁ
ବଞ୍ଚାଦ୍ ସୁରତା ମାନେ
ରଁଜାବେ ହେଲେ ଟିକେ ମିକେ।

କୁଶମେଲ, ଝାରସୁଗୁଡ଼ା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରଚଳତ ପ୍ରବଚନ ବନାମ ହେତୁବାଦୀ ବଚନ



ବାଲ୍ମୀକ ନାୟକ

ଅନ୍ୟାନ୍ୟ ଦେଶ ଭଳ ଆମ ଦେଶରେ ବି ଆଦିମ କାଳରୁ ବିଭିନ୍ନ ପ୍ରବାଦ ଓ ପ୍ରବଚନ ପ୍ରଚଳତ ହୋଇ ଆସିଛି । ଆମେ ଏଇଠି କଛି ପ୍ରଚଳତ ଲୋକ ପ୍ରବଚନକୁ ହେତୁବାଦୀ ମତରେ ବିଚାର କରିବା । ପ୍ରବଚନ ଗୁଡିକ ତର୍କ ସଂଗତ ଲାଗୁନାହିଁ କମ୍ବା ବିରୋଧାଭାସ ସୃଷ୍ଟି କରୁଛି କାହିଁକି**?**

**(୧)** "କପାଳ ଲିଖନ କେ କରିବ ଆନ" ଅର୍ଥାତ ପ୍ରତ୍ୟେକ ମନୁଷ୍ୟର କପାଳ ବା ଭାଗ୍ୟରେ ପୂର୍ବରୁ **(**ଜନ୍ମ ପୂର୍ବରୁ ନା ପରେ ଜଣାନାହିଁ**)** ଯାହା ନର୍ଦ୍ଧାରଣ କରି ତଥାକଥିତ ଇଶ୍ୱର ଲେଖିଦେଇଛନ୍ତି**,** ତାହାକୁ କେହି ବି ବଦଳେଇ ପାରିବ ନାହିଁ । ତାହା ଅବଶ୍ୟ ଫଳବ ।

ହେତୁବାଦୀ ମତ**:** ଏହା ଯଦି ସତ ବୋଲି ମାନବା ତେବେ ଆସନ୍ତୁ ଆଗେ କେତୋଟି ଉଦାହରଣକୁ ପରୀକ୍ଷା କରି ବିଚାର କରିବା ଯେ ଇଶ୍ୱରଙ୍କ ଦ୍ୱାରା ଭାଗ୍ୟ ନର୍ଦ୍ଧାରଣ କେତେ ଦୂର ସତ୍ୟ**?**

**(କ)** ଗୋଟିଏ ଶିଶୁ ଡାକ୍ତରଖାନାରେ ଜନ୍ମ ହେଲା । ସୁଯୋଗ ଦେଖି ଗୋଟିଏ ଚୋର ଶିଶୁଟିକୁ ନେଇ ଫେରାର ହୋଇଗଲା । ଏହି ଦୁର୍ଘଟଣା ପାଇଁ ଅନେକ ଲୋକଙ୍କୁ ଦାୟୀ କରାଯାଇପାରିବ । ପ୍ରଥମେ ଶିଶୁର ମାଆ କାହିଁକି ଏତେ ବେପରୁଆ ହେଲା କୁହାଯିବ । ଦ୍ୱିତୀୟରେ ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରାଯିବ । ତୃତୀୟରେ ଆମ

ସମାଜରେ ନୈତିକ ପତନକୁ ଦୋଷ ଦେଇ ହେବ । ଶେଷରେ ଚୋରକୁ ଦୋଷ ଦିଆଯିବ । ଚୋର ଓ ଶିଶୁଟିକୁ ଠାବ କରିବା ପାଇଁ ପୋଲିସ ଅନୁସନ୍ଧାନ ଆରମ୍ଭ କରିଦେବ ।

ଉପରୋକ୍ତ ଘଟଣାକ୍ରମରେ ଆମେ ଦେଖୁଛୁ ଯେ ଈଶ୍ୱରଙ୍କ ଭୂମିକା ତ କେଉଁଠି ବି ଅନୁଭୂତ ହେଉନାହିଁ ।

ଏଇଠି ପ୍ରଶ୍ନ ଉଠୁଛି – ଯଦି ଶିଶୁର ଭାଗ୍ୟରେ ଲେଖା ହୋଇଥିବ ଯେ ଜନ୍ମ ହେବାପରେ ମାଆଠାରୁ ଅଲଗା ହୋଇଯିବ ଏବଂ ଚୋରର ଭାଗ୍ୟରେ ଲେଖା ହୋଇଥିବ ଯେ ତୁ ସେହି ଶିଶୁଟିକୁ ମାଆଠାରୁ ଅଲଗା କରିବା କାମ କରିବୁ, ତେବେ ଚୋରର ଦୋଷ ରହିଲା କେଉଁଠି? ପୋଲିସ ଯଦି ଚୋରକୁ ଠାବ କରି ଦଣ୍ଡ ବିଧାନ କରିବ, ତେବେ ଈଶ୍ୱରଙ୍କ ଭାଗ୍ୟ ନିର୍ଦ୍ଧାରଣର ଅବମାନନା ହେବ କାହିଁକି?

**(ଖ)** ଜଣେ ବ୍ୟକ୍ତିର ହତ୍ୟା ଯୋଗୁଁ ମୃତ୍ୟୁ ଘଟିଲା । ଅନ୍ୟ ଜଣେ ବ୍ୟକ୍ତି ଉକ୍ତ ବ୍ୟକ୍ତିଟିକୁ ହତ୍ୟା କଲା? ଏହି ଅନୁସନ୍ଧାନ କରିବେ ମଣିଷମାନେ । ଏଇଠି ବି ଈଶ୍ୱରଙ୍କ ଭୂମିକା ରହୁଥିବା ଆମେ ଦେଖୁନାହୁଁ ।

ସେହି ଏକା ପ୍ରଶ୍ନ ଉଠୁଛି – ଯଦି ମୃତ ବ୍ୟକ୍ତି ଭାଗ୍ୟରେ ହତ୍ୟା ଯୋଗ ଏବଂ ହତ୍ୟାକାରୀ ଭାଗ୍ୟରେ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଲେଖାଥିବ, ତେବେ ମଣିଷ ଅଯଥା ନିଜର ସମୟ ଶକ୍ତି ଖର୍ଚ୍ଚ କରି ହତ୍ୟାକାରୀକୁ ଧରିଆଣି ଦଣ୍ଡ ଦେଉଛି କାହିଁକି?

ଶିଶୁକୁ ଚୋରି କରିବା ଏବଂ ମଣିଷକୁ ହତ୍ୟା କରିବା ଯଦି ଅପରାଧ ଶ୍ରେଣୀରେ ଗଣନା କରାଯିବ, ତେବେ ତଥାକଥିତ ଈଶ୍ୱର ହିଁ ଉଭୟ କ୍ଷେତ୍ରରେ ଅପରାଧି ହେବେ । କାରଣ ସେ ହିଁ ପୁର୍ବରୁ ଏହି ସବୁ ଘଟଣା ନିର୍ଦ୍ଧାରଣ କରି ସାରିଛନ୍ତି ଏବଂ ତାଙ୍କରି ନିର୍ଦ୍ଦେଶକ୍ରମେ ସବୁ ଘଟିଛି ।

**(୨)** "କରି କରାଯାଉଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।" ଏହି ପ୍ରବଚନ ଦ୍ୱାରା ଉପରେ ବର୍ଣ୍ଣିତ ଦୁଇଟି ଘଟଣାକୁ ଆହୁରି ସ୍ପଷ୍ଟଭାବେ ପ୍ରତିପାଦନ କରୁଛି ଯେ ଆମେ

ଯାହାକୁ ଭଲ ବା ମନ୍ଦକର୍ମ ବୋଲି କହୁଛୁ, ସେ ସବୁ କର୍ମ କେବଳ ଈଶ୍ୱର ହିଁ କରୁଛନ୍ତି କିମ୍ବା କରାଯାଉଛନ୍ତି । ମଣିଷ ନିମିତ୍ତ ମାତ୍ର ।

ଧର୍ମ ଶାସ୍ତ୍ରରେ ଲେଖାଅଛି – "ଈଶ୍ୱରଙ୍କ ଇଚ୍ଛା ବିନା ଗଛର ପତ୍ର ବି ହଲିବ ନାହିଁ ।" ଅନ୍ୟ ଏକ ଜାଗାରେ ଲେଖାଅଛି – "ଈଶ୍ୱର ମନୁଷ୍ୟର କର୍ମ ଅନୁସାରେ ଦଣ୍ଡ କିମ୍ବା ଫଳ ଦେଇଥାନ୍ତି ।" ଏହା ଏକ ବିରୋଧାଭାସ ନୁହେଁ କି? ଈଶ୍ୱରଙ୍କ ଇଚ୍ଛାରେ ଯଦି ସବୁ କର୍ମ ହେଉଛି ତେବେ ମଣିଷପାଇଁ କର୍ମ ରହିଲା କେଉଁଠି? ଈଶ୍ୱର ନିର୍ଦ୍ଧାରିତ କର୍ମପାଇଁ ମଣିଷ ଦଣ୍ଡ କିମ୍ବା ଫଳ ପାଇବାର ପ୍ରାବଧାନ ରହିବ କାହିଁକି?

ଏଇଠି ମଣିଷର କର୍ମବାଦ ଉପରେ ବି ପ୍ରଶ୍ନ ଉଠିଛି । ପୂର୍ବ ଜନ୍ମରେ କରିଥିବା କର୍ମର ଫଳ ଏହି ଜନ୍ମରେ ମିଳିବ ଏବଂ ଏହି ଜନ୍ମରେ କରିଥିବା କର୍ମର ଫଳ ଆସନ୍ତା ଜନ୍ମରେ ମିଳିବ କାହିଁକି?

ହେତୁବାଦୀ ମତ : ପ୍ରଥମକଥା ହେଉଛି ଯେ ପ୍ରାକୃତିକ ନିୟମ ଅନୁସାରେ ସଂସାରର ସମସ୍ତ କର୍ମ ସଂପାଦନ ହେଉଛି । ରାତି, ଦିନ, ଖରା, ବର୍ଷା, ଶୀତ, ଝଡ, ବନ୍ୟା, ଭୂମିକମ୍ପ ଆଦି ପ୍ରକୃତିର କର୍ମ । ସେଗୁଡିକ କୌଣସି ଦୈବୀଶକ୍ତି ଦ୍ୱାରା ନିୟନ୍ତ୍ରଣ ହୋଇ ନଥାଏ । ଦ୍ୱିତୀୟ କଥା ହେଉଛି ଯେ ପୁନର୍ଜନ୍ମ ତଥ୍ୟ ବିଜ୍ଞାନ ସମ୍ମତ ନୁହେଁ । ଏପରିକି ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଥିବା ପୁନର୍ଜନ୍ମବାଦ ବି ଅନେକ ବିରୋଧାଭାସ ସୃଷ୍ଟି କରୁଛି ।

କେଉଁଠି ୮୪ଲକ୍ଷ ଯୋନୀରେ ଆତ୍ମା ଜନ୍ମଗ୍ରହଣ କରୁଥିବା କଥା ଲେଖା ହୋଇଛି ତ କେଉଁଠି ମଣିଷ କେବଳ ମାତ୍ର ସାତଜନ୍ମ ପାଇଁ ସ୍ୱାମୀ ଓ ସ୍ତ୍ରୀର ବନ୍ଧନଲାଗି ରହୁଥିବା କଥା ଲେଖାଅଛି । ଏଇଠି ପ୍ରଶ୍ନ ଉଠୁଛି – ମଣିଷ ନିଜର କୃତକର୍ମ ଅନୁସାରେ ୮୪ ଲକ୍ଷ ଯୋନୀରୁ ଜନ୍ମ ହେବାର ଯଦି ବିଧାନ ଅଛି, ତେବେ ଜଣେ ପୁରୁଷ ବା ସ୍ତ୍ରୀଙ୍କ ସାତଜନ୍ମ କେବଳ ମଣିଷ ଜାତିରେ ହିଁ ହେଉଛି ନା ଅନ୍ୟ ପଶୁ, ପକ୍ଷୀ, କୀଟ, ପତଙ୍ଗ ଜାତିରେ

ହେଉଛି? ଯଦି ଜଣେ ବ୍ୟକ୍ତି ପୂର୍ବଜନ୍ମରେ ପଶୁ ଜାତିରେ ଜନ୍ମ ଗ୍ରହଣ କରି ମନ୍ଦ କର୍ମ କରିଥିଲା, ତେବେ ଏହି ଜନ୍ମରେ ମଣିଷ ଭାବେ ଜନ୍ମ ନେଇ ଦଣ୍ଡ ଭୋଗ କରିବ କାହିଁକି? କର୍ମବାଦରେ ଏହି ତଥ୍ୟ ବି ସ୍ପଷ୍ଟ ହୋଇପାରୁନାହିଁ ।

**(୩)** ବର କନ୍ୟାଙ୍କ ଯୋଡି ସ୍ୱର୍ଗରେ ନିର୍ଦ୍ଧାରିତ ହୋଇଥାଏ :-

ଏହା ଯଦି ସତ୍ୟ ହୋଇଥାଏ, ତେବେ ପ୍ରଶ୍ନ ଉଠୁଛି ଯେ ସ୍ୱର୍ଗରେ ଦେବତାଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଯୋଡିଙ୍କ ବିବାହ ଗଣନା ଭୁଲ ହୋଇଯାଉଛି କାହିଁକି? ବିବାହ ପୂର୍ବରୁ ପୁଣିଥରେ ଜ୍ୟୋତିଷମାନେ ଜାତକ ଗଣନା କରୁଛନ୍ତି କାହିଁକି? ସ୍ୱର୍ଗର ଦେବତା ଓ ମର୍ତ୍ତ୍ୟର ପଣ୍ଡିତମାନଙ୍କ ଦ୍ୱାରା ଗଣନା କରି ବିବାହ କରିଥିବା ଦମ୍ପତି ଆଜୀବନ ସୁଖ ଶାନ୍ତିରେ ବାସ କରି ପାରୁନାହାଁନ୍ତି କାହିଁକି? ବାସ୍ତବିକ ଜୀବନରେ ଅନେକ ପରିବାର ଦାମ୍ପତ୍ୟ କଳହ, ବିବାହ, ବିଚ୍ଛେଦ, ଅକାଳ ବୈଧବ୍ୟ ଆଦି ଦୋଷ ଦେଖିବାକୁ ମିଳୁଛି କାହିଁକି?

ହେତୁବାଦୀ ମତ :-ମଣିଷମାନେ ଆଦିମ କାଳରେ ବଣ ଜଙ୍ଗଲରେ ବାସ କରୁଥିଲେ । ଅନ୍ୟାନ୍ୟ ପଶୁମାନଙ୍କ ଭଳି ସେମାନେ ବି ମୁକ୍ତଭାବେ ଯେ କୌଣସି ସ୍ତ୍ରୀ ଓ ପୁରୁଷଙ୍କ ସହିତ ଯୌନ ଜୀବନ ଉପଭୋଗ କରୁଥିଲେ । ସେତେବେଳେ ଏକ ପତ୍ନୀ ବା ଏକ ପତିର ପ୍ରଥା ନଥିଲା । କାରଣ ସ୍ୱର୍ଗରେ କୌଣସି ଦାମ୍ପତ୍ୟ ଯୋଡି ତିଆରି ହେଉ ନଥିଲା କିମ୍ବା ତଥାକଥିତ ଈଶ୍ୱରଙ୍କ କୌଣସି ନିୟନ୍ତ୍ରଣ ନଥିଲା । ପରବର୍ତ୍ତୀ କାଳରେ ମଣିଷ ବିକାଶ ଲାଭ କରି ସମାଜକୁ ଶୃଙ୍ଖଳତ କରିବାପାଇଁ ଉନ୍ମୁକ୍ତ ଯୌନ ଜୀବନକୁ ନିୟନ୍ତ୍ରଣ କରି ବିବାହ ପ୍ରଥା ସୃଷ୍ଟି କରିଥିଲା । ପରିବାର ଗଠନ ହେବାରୁ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା ଓ ଉତ୍ତରଦାୟିତ୍ୱ ରହିଲା । ଯେଉଁ ପରିବାର ଲୋକମାନଙ୍କ ଭିତରେ ଉପରୋକ୍ତ ମାନବୀୟ ସଦଗୁଣ ଗୁଡିକର ଅଭାବ ରହିଲା, ସେଇଠି ସ୍ୱାର୍ଥପରତା ଓ ଅହଂଭାବ ଯୋଗୁଁ ମତାନ୍ତର ଘଟିଲା । ଯାହାର ପରିଣାମ ହେଉଛି ଗୃହଯୁଦ୍ଧ ଏବଂ ବିଘଟନ ।

**(୪)** ମାନଲେ ଠାକୁର ନ ମାନଲେ ପଥରେ ଏହି ପ୍ରବଚନ ଏକ ବିରୋଧାଭାସ ନୁହେଁ କ**?** ଯଦି ଠାକୁର ସତ୍ୟ ଏବଂ ଚିରନ୍ତନ, ତେବେ ଠାକୁରଙ୍କୁ ମାନିବା ନମାନିବାର ପ୍ରଶ୍ନ ଉଠୁଛି କେଉଁଠି**?**

ହେତୁବାଦୀ ମତ : ପ୍ରକୃତିର ବିଭିନ୍ନ ସ୍ୱରୂପ ଯଥା - ସୂର୍ଯ୍ୟ, ଅଗ୍ନି, ପାଣି, ପବନ ଇତ୍ୟାଦିର ଥିବା ଶକ୍ତିକୁ ଆମେ ଅସ୍ୱୀକାର କରିପାରିବା ନାହିଁ। କାରଣ ସେଗୁଡିକୁ କେହି ନମାନଲେ ବି ସେ ସବୁ ବିଦ୍ୟମାନ ରହିବେ। ତଥାକଥିତ ଠାକୁର ଯେହେତୁ ମଣିଷର କଳ୍ପନା ପ୍ରସୂତ ଶକ୍ତି ତେଣୁ ମନ୍ଦିର ଓ ଧର୍ମସ୍ଥଳମାନଙ୍କରେ କାଠ, ପଥର ଓ ଧାତୁ ନିର୍ମିତ ନିର୍ଜୀବ ମୂର୍ତ୍ତିକୁ ସ୍ଥାପନ କରି ମନସିକ ସ୍ତରରେ ମାନିବା ପାଇଁ ବାଧ୍ୟ କରାଯାଇଛି। ଏହି ପ୍ରଥା ଏତେ ସୁଚିନ୍ତିତ ଢଙ୍ଗରେ ତିଆରି ହୋଇଛି ଯେ ଏହାର ପ୍ରଭାବରେ ଯୁଗଯୁଗ ଧରି ଗୋଟିଏ ବୁଦ୍ଧିଆ ଗୋଷ୍ଠୀର ମଣିଷମାନେ ଅନ୍ୟ ସମସ୍ତ ଗୋଷ୍ଠୀର ମଣିଷମାନଙ୍କୁ ମାନସିକ ଦୋହନ ତଥା ଆର୍ଥିକ ଶୋଷଣ କରି ଆସୁଛନ୍ତି। ଅର୍ଥାତ ବିନା ପୁଞ୍ଜି ଓ ପରିଶ୍ରମରେ ଅଜସ୍ର ଧନ ସଂଗ୍ରହର ସୁଗମ ବାଟ ଖୋଲି ରଖିଛନ୍ତି। ଉଦାହରଣ ସ୍ୱରୂପ ଆଜି ଆମେ ଦେଖୁଛୁ ଦେଶର ହଜାର ହଜାର ଧର୍ମସ୍ଥଳମାନଙ୍କରେ ବେହିସାବ ମାତ୍ରାରେ ସୁନା, ରୁପା, ହୀରା ଓ ଟଙ୍କା ଜମା ହୋଇରହିଛି। ଅନ୍ୟ ଦିଗରେ ଦେଶର ଅଧିକାଂଶ ଜନତା ଦୁଃଖ ଓ ଦାରିଦ୍ର୍ୟ ଭିତରେ ସଢି ମରୁଛନ୍ତି। ଏହାର ଅର୍ଥ ହେଉଛି "ଧନୀ ଭଗବାନଙ୍କ ଗରିବ ଭକ୍ତ।" ଭକ୍ତମାନେ ପଥରକୁ ବିଶ୍ୱାସ କରି କଷ୍ଟ ଉପାର୍ଜିତ ଧନକୁ ଦାନକରି ସିଧାସିଧା ପ୍ରତିଦାନ କିଛି ନ ପାଇଲେ ବି ଭବିଷ୍ୟତରେ କିମ୍ବା ଆସନ୍ତା ଜନ୍ମରେ ପାଇବାର ଆଶ୍ୱାସନାକୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି। ଏହା ଏକ ବିଡମ୍ବନା ନୁହେଁ କ**?**

**(୫)** "ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର" କିମ୍ବା "ଯାହାର ବିଶ୍ୱାସ ଯେତେ, ତାହାର ଈଶ୍ୱର ସେତେ।"

ଏହି ଦୁଇଟି ପ୍ରବଚନର ଅର୍ଥ ଏକା। ବିଶ୍ୱାସ କଲେ ହରିଙ୍କ କୃପା ହେବ, ଅବିଶ୍ୱାସ କରି ତର୍କ କଲେ ହରି ଦୂରେଇ ଯିବେ।

ହେତୁବାଦୀ ମତ : ଏହି ଦୁନିଆରେ ଯାହା ପ୍ରତ୍ୟେକ୍ଷ ବା ପରୋକ୍ଷରେ ଅନୁଭୂତ ହେଉଛି, ତାହା ଉପରେ କାହାରି ସଂଦେହ ରହୁନାହିଁ । କିନ୍ତୁ ଯାହା ବିଦ୍ୟମାନ ଥିବାର ଦାବି କରାଯାଉଛି କିନ୍ତୁ ପ୍ରମାଣ କରାଯାଇ ପାରୁନାହିଁ, ତାହାରି ଉପରେ ତର୍କ ହେଉଛି ।

କେ.ଆର. ପୁରମ, ବାଙ୍ଗାଲୋର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଭୀର୍ନ ପ୍ରେମ

କୃଷ୍ଣ ଚନ୍ଦ୍ର ଡାକୁଆ

ପାରିବ ଯଦି
ଗୋଟଏ ରକ୍ତସ୍ନାତ ଯୁଦ୍ଧ କରି ଦେଖ
ଜଣାପଡିବ ତୁମ ପର୍‌କ୍ରମି
ମୁକାବିଲ୍ ଶୈଳୀ
ତୁମ ସାହସୀପଣର ପ୍ରତି ଫଳନ
ହେଲେ ତୁମେ କଣ ପାରିବ
କାହିଁ ବିଶ୍ୱାସ ନାହିଁ
କେଉଁ ଏକ ଅଜଣା ସ୍ୱପ୍ନର
ପଥେ ପଥେ ତୁମେ ପଥିକ
କଛି ଗୋଟଏ ପାଇଯିବାର ମୋହରେ
କନ୍ତୁ ଜାଣି ନାହଁ
ତାହା କେବଳ ମରୀଚକା ମୃଗତୃଷ୍ଣା
ଯାହା'ବି ହେଉନା କାହିଁକ
ସେଇ ସ୍ୱପ୍ନିଳ ଆକ୍ଷି ଗୁଡାକ
ଭୀର୍ନ କଥା କୁହନ୍ତି
ଠିକ୍ ତୁମ ଉଦାରପଣର ପରିପ୍ରକାଶ
ଏତିକବେଳେ କାହିଁ କେହି ଜଣେ କୁହେ
ତୁମେ ଚୁପ୍ ରହିଯାଅ
କଛି ଗୋଟଏ ପାଇବାର ମୋହରେ
ଭସୁଥିବା ଆକ୍ଷି ଦୁଇଟିକୁ ଛାଡ଼ି ଦିଅ
ସେଇ ନୀଳ ପୃଥିବୀରେ
ସେ'ମିତି ଭସିବୁଲୁ ସେଇ ସ୍ୱପ୍ନର ସହରରେ ....!!

କରଚୁଲି, ଗଞ୍ଜାମ

# ମାଁହାଁ ଜୀବନ ବହୁତ କଡା ଏ



ଜ୍ୟୋତିର୍ଦିତ୍ୟ ପୁଝାରୀ

ପିଆଜର ନାଁ ସୁନଲେ ଆଖିନୁ ବହେ ଝର୍
ଏୟାରଟେଲ୍ ଜିଓ ଯେଭେ ବଢେଇଦେଲେ ଦର୍
ଶସ୍ତାହେଲା ବାଇକ୍ ମହଙ୍ଗା ବସଭଡା ଏ
ମାହାଁଜୀବନ ବହୁତ କଡା ଏ ।୧।

କପିକରି ଫାଷ୍ଟକ୍ଲାସ୍ ଲ୍ଞ୍ଜ ଦେଇ ଗ୍ରକରୀ
ଆଇଫୋନ୍ କାଜେ କଡନୀ ଯୁଡେ ହେସି ବିକ୍ରି
ଗ୍ରଜଭେ୍ଗ କରେ ସିଏ ଯାର୍ ଥିସ୍ ଗ୍ରେକଡା ଏ
ମାହାଁ ଜୀବନ ବହୁତ କଡା ଏ ।୨।

ରଜାପରଜା ଗୁଟେ ଏ ନଏ ଦେବୀର ଆଖି
ଟଁକାପଏସା ବଲେ ଭ୍ଇ ଦୋଷ ହେସି ଢାଁକ
ସତ୍ କହବା ଯେନ୍ ସେ ବିଲକୁଲ୍ ବେଡା ଏ
ମାହାଁ ଜୀବନ୍ ବହୁତ କଡା ଏ ।୩।

ଝି ଜଉଛେ ବିୟୁଟିପାର୍ଲର୍ ପୋ ମଦଭ୍ଟି
ମା ର ମନ ଧକଧକ ବୁଆ ହଉଛେ ଘାଁଟି
ଯାହିଁ ଦେଖବ ମାଡ ଗୁଏଲ୍ ଆରୁ ଲଫଙ୍ଗା ଏ
ମାହାଁ ଜୀବନ ବହୁତ କଡା ଏ ।୪।

ଦୁଇଦିନଆ ଜୀବନଥି ପ୍ରେମ ହେସି ଥରେ
ଆଜିର୍ ଯୋଗେ ଗୁଟେ ପଟେ ମନ ନେଇଭରେ
ଇନେ ସେନେ ପଡି ଦିଲ୍ ଟୁକଡା ଟୁକଡା ଏ
ମାହାଁ ଜୀବନ ବହୁତ କଡା ଏ ।୫।

ପାର୍କ ହେଲା କୁଞ୍ଜବନ ଫୋନ୍ ମୋହନ ବଂଶୀ
ଇଠାନେ ଖଇ ନକଲି ରାଧାକୃଷ୍ଣ ବେଶି
ହୁରୁଦ କେଚ୍ କେଶ୍ୱ ସୁନ୍ଦର ଖାଲି ଚମଡା ଏ
ମାହାଁ ଜୀବନ ବହୁତ କଡା ଏ ।୬।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଶ୍ରୀମଦ୍ ଭଗବତ୍ ଗୀତାର ସପ୍ତମ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ସମସ୍ତ ପ୍ରାଣୀ ଓ ପରମାତ୍ମା ସତ୍ତା ବିଦ୍ୟମାନ-ଏହି ଉପଲବ୍ଧି ହିଁ ଜ୍ଞାନ । ସେହି ପରମାତ୍ମାଙ୍କର ଲୀଳା, ଐଶ୍ୱର୍ଯ୍ୟ ଓ ଅବତାରାଦି ବିଷୟରେ ସମ୍ୟକ୍ ଧାରଣା ବିଜ୍ଞାନ ଅଟେ-ବିଶେଷ ଜ୍ଞାନ । ଏ ଅଧ୍ୟାୟର ଆରମ୍ଭରେ ଭଗବାନ ନିଜେ ଏହାହିଁ ଅର୍ଜୁନଙ୍କୁ କହିଛନ୍ତି ଓ ଅଧ୍ୟାୟଟି କେବଳ ଏ ବିଷୟରେ ବୁଝାଇଅଛନ୍ତି । ତେଣୁ ଏ ଅଧ୍ୟାୟ ଜ୍ଞାନ-ବିଜ୍ଞାନ ଯୋଗ ନାମରେ ଅଭିହିତ । ହଜାର ହଜାର ମନୁଷ୍ୟଙ୍କ ମଧ୍ୟରେ ଜଣେ ସିଦ୍ଧିଲାଭ ନିମନ୍ତେ ଯତ୍ନ କରନ୍ତି । ପୁଣି ସେହି ସିଦ୍ଧମାନଙ୍କ ମଧ୍ୟରେ କେହି ଜଣେ ଭଗବାନଙ୍କର ସ୍ୱରୂପକୁ ଠିକ୍ ଭାବରେ ଜାଣିପାରିଛନ୍ତି । କ୍ଷିତି, ଆପ୍, ତେଜ, ମରୁତ୍, ବ୍ୟୋମ, ମନ, ବୁଦ୍ଧି ଓ ଅହଂକାର ଏହି ଆଠଟି ପରମାତ୍ମାଙ୍କର ଅପରା ପ୍ରକୃତି ଓ ଜୀବାତ୍ମା ପରାପ୍ରକୃତି । ସ୍ଥାବର ଜଙ୍ଗମାଦି ସମସ୍ତ ଭୂତ ଏହି ଉଭୟ ପ୍ରକୃତିର ସଂଯୋଗରେ ସୃଷ୍ଟ । ଭଗବାନ ସୃଷ୍ଟି ଓ ପ୍ରଳୟର ମୂଳ କାରଣ । ଯେପରି ସୂତାରେ ମଣି ସବୁ ଗୁନ୍ଥା ହୋଇ ହାର ତିଆରି ହୋଇଥାଏ ସେହିପରି ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କଠାରେ ଓତଃପ୍ରୋତ ଜଡିତ । ପରମାତ୍ମାଙ୍କଠାରୁ ସର୍ବୋତ୍କୃଷ୍ଟ ତତ୍ତ୍ୱ ଆଉ କିଛି ନାହିଁ । ସେହି ପରମାତ୍ମା ସର୍ବତ୍ର ପୂରି ରହିଛନ୍ତି । ଜଳରେ ରସ, ଚନ୍ଦ୍ରସୂର୍ଯ୍ୟଙ୍କଠାରେ ପ୍ରଭା, ବେଦରେ ଓଁକାର, ମନୁଷ୍ୟ ମଧ୍ୟରେ ପୌରୁଷ, ପୃଥିବୀର ପୁଣ୍ୟଗନ୍ଧ, ବୁଦ୍ଧିମାନ ବ୍ୟକ୍ତିମାନଙ୍କର ବୁଦ୍ଧି, ତେଜସ୍ୱୀ ମାନଙ୍କର ତେଜ ଇତ୍ୟାଦି ସେହି ପରମେଶ୍ୱରଙ୍କର ବିଭୂତି ।

ସତ୍ତ୍ୱ, ରଜଃ, ତମଃ-ଏହି ତ୍ରିଗୁଣ ଭଗବାନଙ୍କଠାରୁ ଉତ୍ପନ୍ନ ହେଲେ ହେଁ ପରମାତ୍ମା ତ୍ରୀଗୁଣାତୀତ । ସାଧାରଣ ମନୁଷ୍ୟ ଏହି ତ୍ରିଗୁଣ ବା ଦୈବୀମାୟା ଦ୍ୱାରା ମୋହିତ ହୋଇ ଭଗବାନଙ୍କୁ ଜାଣିପାରନ୍ତି ନାହିଁ । ସାଂସାରିକ ସୁଖ ସମୃଦ୍ଧି କାମନା କରି ସେମାନେ ଅନ୍ୟ

ଦେବତାମାନଙ୍କୁ ପୂଜା କରନ୍ତି । ପୂଜାରେ ସଫଳତା ହାସଲକଲେ ସେମାନେ ସେହି ସେହି ଦେବ ଲୋକ ପ୍ରାପ୍ତ ହୋଇଥାନ୍ତି । ମାତ୍ର ପୁଣି କଛି କାଳପରେ ସେମାନଙ୍କର ପୁନରାବର୍ତ୍ତନ ହୋଇଥାଏ । ଭଗବତ ଭକ୍ତ ଭଗବତ ପ୍ରାପ୍ତି ପରେ ଆଉ ପୁନର୍ଜନ୍ମ ଲାଭ କରନ୍ତି ନାହିଁ । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ -ଏହି ଚାରିପ୍ରକାର ଭକ୍ତ ଭଗବାନଙ୍କର ଅତ୍ୟନ୍ତ ପ୍ରିୟ ଅଟନ୍ତି, ଅନେକ ଜନ୍ମପରେ ସେହି ଜ୍ଞାନୀଭକ୍ତ ସଚ୍ଚିଦାନନ୍ଦ ପରମେଶ୍ୱରଙ୍କୁ ପାଇଥାନ୍ତି । ଅଳ୍ପବୁଦ୍ଧି ମନୁଷ୍ୟମାନେ ଭଗବାନଙ୍କ ବ୍ୟକ୍ତରୂପ ଦେଖି ତାଙ୍କୁ ଅବ୍ୟୟ, ସନାତନ, ସଚ୍ଚିଦାନନ୍ଦ ବୋଲି ଜାଣିପାରନ୍ତି ନାହିଁ । ଜନ୍ମ ସମୟରେ ରାଗଦ୍ୱେଷରୁ ଜାତ ସୁଖଦୁଃଖାଦି ଦ୍ୱନ୍ଦରେ ମୋହିତ ହୋଇଥିବା ହେତୁ ସେମାନେ ପରମାତ୍ମତତ୍ତ୍ୱ ବୁଝିବାରେ ଅସମର୍ଥ ହୋଇଥାନ୍ତି । ଯେଉଁମାନେ ଜନ୍ମପରେ ଜନ୍ମ ଭଗବାନଙ୍କର ଶରଣାଗତ ହୋଇଥାନ୍ତି, ସେମାନେ ପୁଣ୍ୟକର୍ମ ଦ୍ୱାରା ସମସ୍ତ ପାପ ବିନଷ୍ଟକରି ଜରାମରଣ ଦୁଃଖରୁ ଉଦ୍ଧାର ପାଇଥାନ୍ତି। ସେମାନେ ସର୍ବଦା ପରମେଶ୍ୱରଙ୍କର ଆଶ୍ରିତ ଥିବାରୁ ମୃତ୍ୟୁ ସମୟରେ ମଧ୍ୟ ସେମାନଙ୍କର ସେ ସ୍ମୃତି ଜାଗ୍ରତ ଥାଏ । ଫଳରେ ମୃତ୍ୟୁପରେ ସେମାନେ ସଚ୍ଚିଦାନନ୍ଦ ପରମେଶ୍ୱରଙ୍କୁ ଲାଭକରି ସଂସାରଚକ୍ରରୁ ମୁକ୍ତିପାଇଥାନ୍ତି, ଅର୍ଥାତ ଆଉ ପୁନର୍ଜନ୍ମ ପାଆନ୍ତି ନାହିଁ ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର



# ପିରତିର୍ ଚଠି



ରୂପେଶ ସାହୁ

ବଉଲିଆ ଧୁକା ସୁରସୁର୍ ହେଇ
ବାଜିଗଲା୍ ମନେ ଶିତାସି ଦିହି,
ଗୁମସୁମ୍ ମନ୍ ମୋର୍ ଅକୁହା କଥାକେ
ମୋର୍ ପିୟା କେ ଦେମି ଏଜ୍ କହି....
ମନର୍ ଧୋପ୍ ଫରଫର୍ କାଗଜ ଉପରେ
ଲେଖିଦେଇଛେ ତ ତାର୍ ନାଁଆ,
କହିମି ବାଦଲ କେ କହେମି ପବନକେ
ଯିବେ ଦୁହେଁ ତାର୍ ଗାଁଆ.....
କଲା୍ମେଘର୍ ସତେ ବରଷାର୍ ବୁନ୍ଦାକେ
ଗୁହେର୍ ସମୁଦରର୍ ଲହଢା,
ଭଅଁରେ କେ କହେମି ନୁରି ନୁରି ଦେବା
ପିରତିର୍ ବାସନା ଯେନ ଗଢା....
ର୍‌ତିର୍ ସପନ୍ ମୋର୍ ଡେଗି ଯାଏତାକେ
ଛନେକେ  ପକାତା ସେ ଜାନ,
ଯାହାକେ ଭ୍‌ବୁଛେ, ଯାହାକେ ନୁରୁଛେ
ଲଗେଇଛେ ସତେ କେଁ ମହନୀ...
ଆଖିର୍ ଝୁମୁର୍ ହଜିଯାଉଛେ
ଭେକ୍ ଶୋସ୍ ସବୁ ଉଡିଯାଉଛେ,
କହିଦେମି ସତେଁ ମନର୍ କଥା ଏଜ୍
ଚେହେର୍ ତାର୍ ଗା ଝୁଲିଯାଉଛେ...

ସଜେଇ ସଜେଇ ଗୁଟଗୁଟ୍ କରି ଦେଇଛେ ଲେଖି
ସାଧା କାଗଜେ ମନର୍ ଛଏଁରି,
ନେଇସେ ସେଟା କଲମ୍ ଲେଖା ଖାଲି
ମନର୍ ଏ ଗୁଟେଗୁଟେ ଭିବର୍ ପସରି...
ବାଉରି ମନର୍ ଅନମୋଲ୍ କଥାକେ
ପରସି ଦେଲି ଚଠି ଲେଖି,
କଏ ନେବ ମୋର୍ ପିରତିର୍ ଚଠିକେ
ବାଟଦେଖୁଥିବା ସେ ମତେଟାଖି
ବାଟ୍ ଦେଖୁଥିବା ସେ ମତେ ଟାଖି....

ଭେଲୁଆଁପଦର, ବୁଡାମାଲ (ପଦ୍ମପୁର)

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତମେ ଯିବ ନ



ଚିତ୍ତରଞ୍ଜନ ପଧାନ

କାଏଁ ଦୋଷ୍ କର୍‌ଲି କେଁ
କ ମନ୍ ଦୁଖାଲି କେଁ
ତମର୍ ଖୁସି ଥିନ୍ ତ
ମୁଇଁ ଖୁସ୍ ଥିଲି
ତମର୍ ହଁସି ଥିନ୍
ମୋର୍ ହଁସି
ଫେର୍ କାଣା ହେଲା...
ତମେ ଯିବ ନ ?
ସାତ୍ ଜନମର୍ କଥାଦେଇ
କେତେ ସପନ୍ ଦେଖେଇ
ଛାତି ତଲେ ଜାଗା ବନେଇ
ମତେ ଛାଡ଼ି ଦେଇ ତମେ
ଅଫେର୍ ବାଟେ ଯାଉଛ...
ତମେ ଯିବ ନ?
ତମର୍ ଆଏବାର୍ ଦେଖି
ପୁର୍‌ଥିର୍ ସବୁ ମୁଇଁ
ନାଇଁ ନାଇଁ ଇ ସଭେଁ
ତିହାର୍ କରିଦେଇ ଥିଲେ

ତମର୍ ରଙ୍ଗେ ରଙ୍ଗି ଯାଇଥିଲି
ଫେର୍ ପର୍ କରିଦେଲ ଯେ
ତମେ ଯିବ ନ ?
ଆମେ ପରେ ଗୁଟେ ହେମା
ସବୁ ଦୁଖ୍‌କେ ସାମ୍‌ନା କର୍‌ମା
ହେଟାକେ ପରିଦେଇ ତମେ
ଅବୁଝ୍ ହେଉଛ କେଁ...
ତମେ ଯିବ ନ ?

ଡୁଙ୍ଗୁରିପାଲି, ଜମଲ୍, ପଦମ୍‌ପୁର୍, ବରଗଡ଼

ବେଦାନ୍ତୀ ଇ-ପତ୍ରିକା ପଢିବା ସଙ୍ଗେ ସଙ୍ଗେ ପଢାନ୍ତୁ
ଆପଣଙ୍କ ପରିବାର ସଦସ୍ୟ, ବନ୍ଧୁ-ବାନ୍ଧବଙ୍କୁ ଏବଂ ଓଡିଆ
ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ସହଯୋଗ କରନ୍ତୁ ।

# କେତେ ଦେବୁ ଟିଆ



ଆଶୁତୋଷ ଠାକୁର

ଆଏମି ଆଏମି ବଲି ଆର୍
କେତେଦେବୁ ଟିଆ !
ମୋର ସାଙ୍ଗ ସରସା
ସଭେ ହେଲେନ ବିହା !
ଥେବି ଥେବି କରି ମୋର୍
ମନ୍ ଗଲ୍ନ ଭଙ୍ଗି !
କଏ କରିଛେ ତତେ ମନ୍ତର
କ କଏ ଦେଇଛେ ପାଙ୍ଗି !
ଛୁଆ ବେଲୁ ଗୁଟେ ଠାନେ
ପଢୁଥିନୁ ଦୁଉଁଝନ୍ !
ଜାନ ନାଇଁ ହେଲ୍ କେଭେ
ଘିନଲୁ ମୋର୍ ମନ୍ !
ମନର୍ କଥା ମନ କେ
କାଁ ବଲି ପଚର୍‌ମି !
ତତେ ଥେବମି କ
ଆର୍ କାଁଣା କରମି !
ସବୁ ଥାଇକରି ବି
ମୋର୍ କଛି ନାଇଁନ !
ମୁଇଁ ତ ବନେ କହେଁନ
ତୁଇ ବିତ କହନ !
ଦିନ୍ ଗଲ୍ ଗଲ୍ ର୍‌ଏତ

ବି ଗଲ୍ ନ ସରି !
ତୋର କଥା କେ ଭୁଲି
ମୁଇଁ ଜିଇଁ ଛାଁ ମରି ମରି !
ଜୁଆନ ସମିଆଁ ଯାଉଛେ
ସରି ସରି !
ତୁଇ ରସଭରି ମୋର
ନୁଆଁ ସୁନ୍ଦରି !
ତୁଇ ନାଇଁନ ମୋର୍ ପାଖେ !
ହେତିର୍ ଲାଗି ତୋର୍
ଫଟୁଥି ମୁଇଁ ଦେଖୁଁଛାଁ ତତେ

ବଲାଙ୍ଗିର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଶିଶୁ ବିଭାଗ



# ଆସ ଖେଳବା ହୋଲି



ସତ୍ୟବ୍ରତ ସାହୁ



ବରଷେ ଥରେ ଆସଇ ହୋଲି ରଙ୍ଗ ପସରା ନେଇ,
ସଭିଙ୍କୁ କହେ ଖେଳ ଅବିର ସାଥୀ ସଙ୍ଗାତ ହୋଇ ।୧।
ନାଲିଆ, କଳା, ହଳଦୀ, ନୀଳ, ଖଇରା ନନା ରଙ୍ଗ,
ସଭିଙ୍କ ସାଥେ ଖେଳ ମଜାରେ ହୋଇଣ ଏକ ସଙ୍ଗ ।୨।
ଖେଳ ସମୟେ ଆଖି, କାନ ଓ ପାଟିକୁ ଧ୍ୟାନ ଦେବ,
ରାସାୟନିକ ରଙ୍ଗ ନଖେଳ ଅବିର ଖେଳୁଥିବ ।୩।
ରାସାୟନିକ ରଙ୍ଗ ଦେହକୁ ଅଟେ ଅହିତକର,
ଅବିର ରଙ୍ଗେ ନଥାଏ ଦୋଷ କରେନା ଅପକାର ।୪।
ସଦଭାବନାର ବାରତା ନେଇ ଆସଇ ପର୍ବ ହୋଲି,
ଭାଇଚାରାର କାହାଣୀ କହେ ମନୁ ଯିବନ ଭୁଲି ।୫।
କା ସାଥେ ଥିଲେ ବଇରୀ ଭାବ ମନୁ ପାଶୋରୀ ଦେବ,
ସ୍ନେହ, ଶ୍ରଦ୍ଧାର ପରବ ହୋଲି ଏକଥା ହେଜିଥିବ ।୬।
ହୋଲି ଖେଳର ମଜା ଉଠାଅ ମନରୁଭୁଲି କଳ,
ସଭିଙ୍କୁ ଡାକ କହିବା ଆସ ଖେଳବା ଆମେ ହୋଲି ।୭।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଅଣ୍ଡା ଦେଉଥିବା ଉଦ୍ଭିଦ



ଡ଼ଃ ରଞ୍ଜିତ କୁମାର ସାହୁ

ଶୀତ ଦିନରେ ସ୍କୁଲ ଯିବାକୁ ଏମିତି ମଧ୍ୟ ଇଚ୍ଛା ହୁଏ ନାହିଁ, ଆଉ ତାପରେ ପ୍ରଥମ ପିରିଏଡ଼ରେ ବିଜ୍ଞାନ ! ନୂଆ ଦିଦି ଆସିଛନ୍ତି ସ୍କୁଲକୁ ଆଉ ସିଏ କୁଆଡେ ପିଲ୍ମାନଙ୍କର ବହୁତ ପ୍ରିୟ I ବହୁତ ଗପୁଡି କୁଆଡ଼େ, କିନ୍ତୁ ଗପନ୍ତି କେବଳ ପିଲ୍ଙ୍କ ସାଙ୍ଗରେ I ଗୁରୁଜୀ କି ଗୁରୁମା ଯେତେ ଭଲ ହେଲେ କଣ ହେବ? ବିଜ୍ଞାନ ଭଳି କଷ୍ଟ ପାଠ କଣ ଆଉ ଭଲ ଲାଗିବ? ଏଇଟା କଣ ଇତିହାସ ହୋଇଛି ଯେ, ରାଜା ରାଣୀ ଗପ ଭଳି ମନୋରଞ୍ଜନକର ଜିନିଷ ସବୁ ଶୁଣିବାକୁ ମିଳିବ? ପପୁନ ଟିକିଏ ଚଗଲା ପିଲା କିନ୍ତୁ ହୃଦୟରୁ ଭଲ I ତେଣୁ ବିଜ୍ଞାନ ଥିବା ଦିନ ନାନା ବାହାନା କରେ ସ୍କୁଲ ଯିବାକୁ ଆଉ ଜାଣି ଜାଣି ଡେରି କରେ I କିନ୍ତୁ ଫଟା କପାଳ କଥା କିଏ କଣ କରିବ? ଏଥର ବିଜ୍ଞାନ ପଢେଇବା ବାଲା ଦିଦି ଘର ସାମ୍ନାରେ ଥିବା ଗଳିରେ ଭଡ଼ା ନେଇକି ରହିଛନ୍ତି! ବାପା କୁଆଡେ ଟିଉସନ ପାଇଁ ମଧ୍ୟ କହିଲେ ପପୁନ ପାଇଁ, କିନ୍ତୁ ଦିଦି ମନା କରିଦେଲେ ଆଉ କହିଲେ, ସିଏ କେବଳ ସ୍କୁଲରେ ପଢାନ୍ତି ପିଲାଙ୍କୁ ଆଉ ବିଶ୍ୱାସ କରନ୍ତି ଦକ୍ଷ ଶିକ୍ଷକ ଜଣେ ସ୍କୁଲ ସମୟ ଭିତରେ ପିଲାଙ୍କୁ ତାଙ୍କର ପାଠ୍ୟକ୍ରମରେ ଥିବା ବିଷୟବସ୍ତୁ ସବୁ ପଢ଼େଇ ପାରେ ଆଉ ଅଧିକ ସମୟ ଦରକାର ପଡ଼େ ନାହିଁ I ରକ୍ଷା ହେଇଛି ଏକ ପ୍ରକାର, ନ ହେଲେ ଏବେ ଗଣିତ ସାଙ୍ଗକୁ ବିଜ୍ଞାନ ମଧ୍ୟ ଟିଉସନ ଯିବାକୁ ପଡନ୍ତା ! କିନ୍ତୁ ଦୁଃଖର ବିଷୟ ଦିଦିଙ୍କ ସହ ଆଜିଠୁଁ ସ୍କୁଲ ଯିବାକୁ ପଡ଼ିବ ଯେହେତୁ ବାପାଙ୍କର ଅନ୍ୟ ଜାଗାକୁ ବଦଳି ହେଇ ଯାଇଛି ଏବଂ ଦିଦି ମାଗିଛନ୍ତି ପପୁନକୁ ସାଥିରେ ନେଇକି ଯିବା ଲାଗି I ତେଣୁ ଆଉ ଡେରି କରିବାର କି ନ ଯିବାର ବାହାନା ଚଳିବନି !

ଥତ ମତ ହୋଇ ପପୁନ ସ୍କୁଲ ଯିବାକୁ ପ୍ରସ୍ତୁତ ହେଲା । ସ୍କୁଲ ବେଶୀ ଦୂର ନୁହଁ କିନ୍ତୁ ପପୁନ କୁ ଲାଗିଲା ଦିଦିଙ୍କ ସହ ଚାଲିଲା ବେଳକୁ ରାସ୍ତାଟି ଅଧିକ ଲମ୍ବା ହେଇଗଲା ଆଜି ! ଦିଦି ଯାହା ପଚାରିଲେ ଖାଲି 'ହଁ' ଆଉ 'ନା' ରେ ଉତ୍ତର ଦେଇ ଚାଲିଥଲା ।

ସ୍କୁଲରେ ଦିଦି ପୁରା ବଦଳଗଲେ । ପୁରା ପାଠ ପଢ଼ାଉଥିବା ଦିଦି ପାଲଟି ଗଲେ ଚଷମା ଲଗେଇଲା ପରେ ! ପିଲାମାନଙ୍କ ଶୁଖିଲା ମୁଁହ ଦେଖି ଦିଦି ଟିକେ ଆଶ୍ଚର୍ଯ୍ୟ ହେଲେ ପ୍ରଥମେ କିନ୍ତୁ ତା ପରେ କହିଲେ, "କହିଲ ପିଲେ ଶୀତ ଦିନେ ଆମ୍ଭେ ମାନେ ସିନା ଗରମ ପୋଷାକ ପିନ୍ଧୁ, ପଶୁ ପକ୍ଷୀ ମାନେ କେମିତି ଶୀତ ଦାଉରୁ ରକ୍ଷା ପାଆନ୍ତି?"

ଗୁଗୁଲି ଉତ୍ତର ଦେଲା, "ପଶୁମାନଙ୍କର ଲୋମ ଆଉ ପକ୍ଷୀ ମାନଙ୍କର ପର ସେମାନଙ୍କୁ ସାହାଯ୍ୟ କରେ ।" ଗୁଗୁଲିକୁ ସବୁ ଜଣା ସେଥି ଲାଗି ତା ବାପା ମାଆ ତାକୁ ଗୁଗୁଲି ବୋଲି ଡାକନ୍ତି !

ତା ପରେ ଦିଦି ପଚାରିଲେ, "ପଶୁ ଆଉ ପକ୍ଷୀ ମାନଙ୍କର ମଧ୍ୟରେ ଫରକ କଣ?" ଗୁଗୁଲି ପୁଣି କହିଲା, "ପକ୍ଷୀ ମାନେ ଅଣ୍ଡା ଦିଅନ୍ତି ଆଉ ସ୍ତନ୍ୟପାୟୀ ପଶୁ ମାନେ ଅଣ୍ଡା ଦିଅନ୍ତି ନାହିଁ, ପ୍ଲାଟିପସକୁ ବାଦ ଦେଲେ! ପ୍ଲାଟିପସ ଏକ ସ୍ତନ୍ୟପାୟୀ ପ୍ରାଣୀ ଯାହା ଅଣ୍ଡା ଦିଏ"।

କିନ୍ତୁ ପରବର୍ତ୍ତୀ ପ୍ରଶ୍ନଟି ଗୁଗୁଲି ପାଇଁ ମଧ୍ୟ ଗୁଗୁଲିଟିଏ ଥିଲା ! ଗୁଗୁଲି କ୍ଲୀନ ବୋଲଡ ହେଇଗଲା ଯେତେବେଳେ ଦିଦି ପଚାରିଲେ, "କହିଲ ପିଲେ, କେଉଁ ଉଦ୍ଭିଦ ଅଣ୍ଡା ଦିଏ ?" ପୁରା ଶ୍ରେଣୀରେ ନୀରବତା ! କେହି କେବେ ତ ଶୁଣିନ ଯେ ଅଣ୍ଡା ଗଛରେ କି ବୁଦାରେ କି ଲତାରେ ଫଳବାର ? ଦିଦି ପୁଣି ପଚାରିଲେ, କେଉଁ ଉଦ୍ଭିଦ କଥା କହୁଛନ୍ତି?

ଗୁଗୁଲି କିନ୍ତୁ ଛାଡିବାକୁ ନାରାଜ୍ । ସଙ୍ଗେ ସଙ୍ଗେ ପଚାରିଲା, "ଆମ ଦେଶରେ ଅଛି କି ଦିଦି ଏହି ଉଦ୍ଭିଦଟି?"

ଦିଦି ଉତ୍ତର ଦେଲେ, "ଏହି ଉଦ୍ଭିଦଟି ଆମ ଦେଶର ଏକ ଅତି ପ୍ରିୟ ଉଦ୍ଭିଦ । ଏହା ପ୍ରଥମେ ଏସିଆ ମହାଦେଶରେ ହିଁ ଚାଷ ହୋଇଥିଲା । ସମସ୍ତଙ୍କର ପସନ୍ଦ ଆଉ ପୁଷ୍ଟିକର ମଧ୍ଯ ଏହାର ଫଳ!"

"ମାନେ ଅଣ୍ଡା କି?" ଗୁଗୁଲି ପଚାରିଲା ।

ଏଥର ଦିଦି ହସିଲେ ଆଉ କହିଲେ, "ନା ଅଣ୍ଡା ନୁହଁ, କିନ୍ତୁ ଏହାର ଫଳଟି ଦେଖିବାକୁ ଅଣ୍ଡା ଭଳି ତେଣୁ ଏହାକୁ ଇଂରାଜୀରେ 'ଏଗପ୍ଲାଣ୍ଟ' ବା ଅଣ୍ଡାର ଉଦ୍ଭିଦ କୁହା ଯାଏ !

"କିନ୍ତୁ ଆମ୍ଭେମାନେ ତ ଦେଖି ନାହୁଁ?" ପପୁନ କହିଲା !


"ହଁ ସମସ୍ତେ ଦେଖିଛ କିନ୍ତୁ ଜାଣି ପାରି ନାହଁ, କାରଣ ତୁମ୍ଭେ ମାନେ ଧଳା ରଙ୍ଗରେ ଏହାକୁ ଦେଖିବାକୁ ପାଇନାହଁ ! କିନ୍ତୁ ଯେତେବେଳେ ଏହା ଧଳା ରଙ୍ଗର ହୋଇଥାଏ, ବେଳେ ବେଳେ ଏମିତି ଲାଗେ ଯେମିତି ବହୁତ ଗୁଡ଼ାଏ ଅଣ୍ଡା ଫଳିଛି !



ଦିଦି ତା ପରେ ଛବିଟିଏ ଦେଖେଇଦେଲେ ପିଲା ମାନକୁ ନିଜ ପାଖରେ ଥିବା ବହିଟିରୁ ।

" ଓଃ, ଦିଦି ଆମକୁ ବୁଦ୍ଧୁ ବନେଇ ଦେଲେ, ଏଇଟା ତ ବାଇଗଣ," ଗୁଗୁଲି କହିଲା ।

"ହଁ ବାଇଗଣକୁ ଲୋକେ ଏଗପ୍ଲାଣ୍ଟ ମଧ୍ଯ କୁହନ୍ତି," ଦିଦି କହିଲେ ।



ପିଲାମାନେ ଚୁପ ହୋଇ ସାରିଥିଲେ ଆଉ ଦିଦି ଆରମ୍ଭ କଲେ ତାଙ୍କର ପାଠ୍ୟକ୍ରମ ! ସେଦିନ ଫୁଲର ଆକାର ପ୍ରକାର ବିଷୟରେ ପଢେଇବାର ଥିଲା । ସ୍କୁଲର ମାଳି କିଛି ପେଟୁନିଆ ଆଉ କିଛି ବାଇଗଣ ଫୁଲ ଥୋଇ ଦେଇଗଲା ଦିଦି କହିବାରୁ । ଦିଦି ପିଲା ମାନଙ୍କୁ ଫୁଲ ବାଣ୍ଟି ଦେଲେ ଆଉ ନିରୀକ୍ଷଣ କରିବାକୁ କହିଲେ !

ଦିଦି ଆରମ୍ଭ କଲେ ତାଙ୍କର ପାଠପଢା, 'ଆଳୁ, ବାଇଗଣ, ପେଟୁନିଆ, ବିଲାତି ବାଇଗଣ ସବୁ ଉଦ୍ଭିଦ ବିଜ୍ଞାନୀ ମାନଙ୍କ ଅନୁସାରେ ଗୋଟିଏ ପରିବାରର ସଦସ୍ୟ ଯାହାକୁ 'ସୋଲାନାସି' ପରିବାର କୁହାଯାଏ ! ଏମାନଙ୍କ ଫୁଲର ଗଠନରେ ଅନେକ ସାମଞ୍ଜସ୍ୟ ରହିଛି ! ଏହି ଉଦ୍ଭିଦ ପରିବାରର ଫଳ ଗୁଡିକୁ "ବେରି" ବୋଲି କୁହା ଯାଏ ଯେହେତୁ ଏଥିରେ ଅନେକ ମଞ୍ଜି ଥାଏ ।

ତା ପରେ ଦିଦି ସେମାନଙ୍କୁ ଫୁଲର ଗଠନ ଏବଂ କିପରି ଏହା ଉଦ୍ଭିଦର ବଂଶ ପ୍ରସାରଣ ପାଇଁ କାର୍ଯ୍ୟ କରେ ସେ ବିଷୟରେ ବୁଝେଇଲେ ।

ଗୁଗୁଲି ପୁଣି କହି ଉଠିଲା, "ଯେମିତି କୁକୁଡ଼ା ଅଣ୍ଡା ଦେଇ ତାହାର ବଂଶ ବୃଦ୍ଧି କରେ, ସେମିତି ଏ ଗଛ ମଧ୍ୟ ଅଣ୍ଡା ଦେଇ ତାହାର ବଂଶ ବୃଦ୍ଧି କରେ ।"

ସବୁ ପିଲା ମାନେ ହସିଲେ ଆଉ ଦିଦି ମଧ୍ୟ !

ପିଲାମାନଙ୍କୁ ଦିଦି ବାଇଗଣ ବିଷୟରେ ଅନେକ ମଜା କଥା ମଧ୍ୟ କହିଲେ । ଏହା ଆମ ଦେଶରେ ଥିବା ଏକ ଲୋକପ୍ରିୟ ପରିବା ଏବଂ ଚୀନ ପରେ ସବୁଠାରୁ ଅଧିକ ଉତ୍ପାଦନ ଭାରତରେ ହୁଏ । ବାଇଗଣ ଏସିଆ ମହାଦେଶରେ ପ୍ରଥମେ ବ୍ୟବହୃତ ହୋଇଥିଲା। ବାଇଗଣରୁ ଅନେକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ ଏବଂ ଏହା ଧାତୁସାର ଏବଂ ତନ୍ତୁରେ ପରିପୂର୍ଣ୍ଣ ! କଛି ଲୋକଙ୍କର କିନ୍ତୁ ଏହାକୁ ଖାଇବା ଦ୍ଵାରା ଏଲଏରଜି ହୋଇ ପାରେ ।

ବିଜ୍ଞାନ ପିରିଏଡ଼ ଆଜି ବହୁତ ରୁଚକର ହୋଇ ସାରିଥିଲା । ପପୁନ ମନେମନେ ଖୁସି ହେଇ ଯାଇଥିଲା । ସ୍କୁଲ ରୁ ଫେରିଲା ବେଳେ ସିଏ ମଧ୍ୟ ଆଜି ଦିଦି ସହିତ ବହୁତ ଗପିବ!


୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଦେଖିବାକୁ ଯିବା ବନ



ରାଜଶେଖର ସି "ଚମା"

ଆସନ୍ତୁ ଦେଖିବାକୁ ଯିବା ଚିରହରିତ ବନ,
ସବୁଜ ରଙ୍ଗରେ ଦିଶେ ଯେ ନନ୍ଦନକାନନ,
ଗଛଗଛର ଛାୟାରେ ଶୀତଳ ଲାଗନ୍ତି ବନ,
ସୁନ୍ଦର ପରିବେଶ ଦେଖି ଆନନ୍ଦ ପାଏ ମନ|୧|



ଶୁଭେ ବିଭିନ୍ନ ପକ୍ଷୀଙ୍କର କୂଜନ,
ଶୁଭେ ଜଙ୍ଗଲୀ ଜନ୍ତୁଙ୍କର ଗର୍ଜନ,
ଯାହାର ପ୍ରତିଧ୍ୱନି କରାଏ ଗୁଞ୍ଜନ,
ବଣଥାଏ ସମ୍ପୂର୍ଣ୍ଣ ଭାବେ ନିର୍ଜନ|୨|

ରଙ୍ଗୀନ ଫୁଲରେ ସୁନ୍ଦର ଦିଶନ୍ତି ତରୁଲତା,
ପଲାଶ ଫୁଲର ଅଛି କେତେଯେ ସୌମ୍ୟତା,
କଳକଳ ନାଦରେ ବୋହି ଯାଉଛି ନଦୀ ସରିତା,
ନିରନ୍ତର ଆଧିକ୍ୟ କରୁଛି ଅରଣ୍ୟର ସୁନ୍ଦରତା|୩|

ଆମ ଓଡ଼ିଶାରେ ଅଛି କେତେଯେ ବିଶୁଦ୍ଧ ବଣ,
ସାତକୋଶିଆ ସୁନାବେଡ଼ା ଯେ ଅପୂର୍ବ ଆଭରଣ,
ଭିତରକନିକା ଶିମିଳିପାଳ ଯେ ଅମୁଲ୍ୟ ଆଭରଣ,
ବିପଦଗ୍ରସ୍ତ ବନ୍ୟପ୍ରାଣୀ ଯେଉଁଠି କରନ୍ତି ବିଚରଣ|୪|

chvrajasekhar@gmail.com

# ବିଲୁଆ ଖାଇଲା ଛେନା



ଅଙ୍କିତା ପାଢ଼ୀ

ବିସ୍ତୀର୍ଣ୍ଣ ପଡିଆ ମଧ୍ୟରେ କିଆ ଗଛ ମାନଙ୍କର ଜଙ୍ଗଲ । କିଆ ଜଙ୍ଗଲ ମଧ୍ୟରେ ରହୁଥାନ୍ତି ବିଲୁଆ ପଲ୍ଲ । ବିଲୁଆ ମାନଙ୍କର ଚାଲିଥାଏ ଜୋର ସୋର ଖାଦ୍ୟ ଅନ୍ୱେଷଣ ପାଇଁ ପ୍ରତିଯୋଗିତା । ଗେଣ୍ଡା କଙ୍କଡା ଚଙ୍ଗୁଡ଼ି ଆଦି ଶିକାର ଖୋଜିବାରେ ବ୍ୟସ୍ତ ରୁହନ୍ତି ରାତି ତମାମ । ବିଲୁଆ ମାନଙ୍କ ମଧ୍ୟରେ ହୁକେହୋ ନାମରେ ଜଣେ ବିଲୁଆ ଥିଲା । ନରମ ଖାଦ୍ୟ ଖାଇବାରେ ତାର ଭାରି ସଉକିନ । ଖୋଜି ବୁଲିଥାଏ ପୁରା ରାତି । ଯେ ଘରରୁ ସେ ଘର । ହେଲେ ଗାଁଆ ସାହିର କୁକୁର ଗୁଡାକ ଛାଡିବା ଲୋକ ନୁହେଁ । ବିଲୁଆ ଗାଁଆରେ ପଶିବା ମାତ୍ରେ ଝାମ୍ପି ପଡନ୍ତି କାଳିଆ ନାଲିଆ କୁକୁର ଗୁଡାକ ।

ଆଜି ପୂର୍ଣ୍ଣିମା ରାତିର ତୋଫା ଜହ୍ନଟା ପୁରା ବଜାର, ସହର, ସାହି ପଲ୍ଲୀ ଓ ଗାଁଆ ଦାଣ୍ଡକୁ ଆଲୋକିତ କରିଦେଇଥାଏ । ହୁକେହୋ ଗୋଟେ ଗୋପାଳ ସାହିରେ ପଶି ଗଲା । ବିଚରାକୁ ବହୁତ ଭୋକ ଲାଗିଥାଏ । କଣ ଖାଇବ ଖୋଜୁ ଖୋଜୁ ଦେଖିଲା ଗୋଟେ ଗାଈ ଗୁହାଳ । ଗାଈମାନେ ଆନନ୍ଦରେ କଟାଘାସ, ଗୋଳକଡ଼ ଓ ନଡ଼ା ଖାଇବାରେ ବ୍ୟସ୍ତ । ବିଲୁଆଟି ଆଖ ପାଖକୁ ଅନେଇ ଅନେଇ ଆଗକୁ ଆଗକୁ ଯାଉ ଯାଉ କୁଆଡେ ଥିଲା ଗୋଟିଏ କାଳିଆ କୁକୁର ! ବାପ ରେ ମାଡି ଆସିଲା ଅଦିନିଆ ବୈଶାଖୀ ପରି । ଭୋ ଭୋ ଶବ୍ଦରେ ଉଛୁଳି ପଡିଲା ପୁରା ଗାଁଆଟା । ତା ସାଙ୍ଗକୁ ତାଳ ଦେଇ ଅନ୍ୟ କୁକୁର ମାନେ ଭୋ ଭୋ ଶବ୍ଦରେ କମ୍ପେଇ ଦେଲେ ସେହି ଅଞ୍ଚଳକୁ । ହେଲେ ହୁକେହୋ ବିଚରା ଜୀବନ ବିକଳରେ ଗୁହାଳ ଭିତରକୁ ପଶିଗଲା ।

ହୁକେହୋ ଚନ୍ତା କଲା ମୁଁ ଅଧିକ ଲୋଭ କରି ଏତେ ବାଟ ଚାଲି ଆସିଲି । ହେଲେ ମୋତେ ଏଠୁ ବଞ୍ଚେଇବ କଏ । ଏମିତି ଭାବୁ ଭାବୁ ଗାଈ ମାନଙ୍କୁ ହେପାଯତ କରିବାକୁ ଗାଧି ମାଉସୀ ଟିକେ ଗୁହାଳକୁ ବୁଲିବାକୁ ଆସିଲା । ଗାଧି ମାଉସୀ ଶୁଣିଥିଲା କୁକୁର ମାନଙ୍କର ଭୋକବା ଶବ୍ଦ ଓ ସେ ମଧ୍ୟ ଗୁହାଳରେ ପ୍ରବେଶ କରି ଜାଣିପାରିଲା ଗାଈ ମାନେ ବହୁତ ବିଚଳତ ହେଉଛନ୍ତି । ତାକୁ ମଧ୍ୟ ସନ୍ଦେହ ହେଲା ଯେ ଏଇ ଗୁହାଳରେ କେହି ଅଛି କାରଣ ଗାଈ ମାନେ କାହିଁକି ଏତେ ଅନ୍ୟମନସ୍କ ହେଉଛନ୍ତି ଯେ । ଏମିତି ଭାବି ଭାବି ଭିତରକୁ ଯାଇ ଆଲୁଅ ଜଳେଇଲା । ଆଲୁଅ ଜଳବା ଦେଖି ହୁକେହୋ ସିଧା ଛୁ.....ଯାଇ ପଶି ଯାଇଥିଲା ଗାଧି ମାଉସୀର ଭଣ୍ଡାର ଘରେ, ଯେଉଁଠି ରହିଛି ମାଉସୀର ଘିଅ, ବସା, ଛେନା ଓ ଲବଣି । ଏବେ ଗାଧି ମାଉସୀ ଦେଖିଲା ଗୁହାଳରେ କେହି ନାହାନ୍ତି । ଗୁହାଳରେ ଗାଈ ମାନେ ଏବେ ଶାନ୍ତ ଅଛନ୍ତି । ହଉ, ମଶା ଧୂଆଁ ଦେଇ ଗୁହାଳ କବାଟ ଭଲ ଭାବେ ବନ୍ଦ କରି ମାଉସୀ ଘରକୁ ଆସିଲା ।

ହୁକେହୋର କୁଆଡେ ଯିବାର ବାଟ ନ ଥିଲା । କାରଣ ସେଇ ଘରୁ ବାହାରକୁ ବାହାରିଲେ କୁକୁର ମାନେ ଆମ୍ପୁଡ଼ି କାମ୍ପୁଡି ଜୀବନରୁ ମାରିଦେବେ । ତେଣୁ ଉପର ବାଲା ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ତେଣୁ ମାଉସୀ ଆସିବା ପୂର୍ବରୁ ଛପି ଯାଇଥିଲା ଦହି ହାଣ୍ଡିର ଆଢୁଆଳରେ । ଗାଧି ମାଉସୀ ଭଣ୍ଡାର ଘରକୁ ଆସିଲା କବାଟ ଦେବାକୁ । ଆସି ଦେଖିଲା ଘର ଭିତରଟା କଣ ଏମିତି ବାସ୍ନା ହେଉଛି । କଣ କଛି ଗୋଟେ ମରି ଯାଇଛି ବୋଧେ । ଏମିତି କଣ ଗୋଟେ ବାସ୍ନା ଆସୁଛି ଯେ । ସେ ଯାହା ହେଉ ଏତେ ରାତିରେ କଣ କରିବି ଯେ । ଯାଉଛି ଶୋଇବି ରାତି ପାହିଲେ ଦେଖା ଯିବ ।

ଗାଧି ମାଉସୀ ଭଣ୍ଡାର ଘର ଚାବି ଦେଇ ଶୋଇବାକୁ ଚାଲିଗଲା । ହୁକେହୋ ଦେଖିଲା ମାଉସୀ ଚାଲିଗଲେ । ଖାଦ୍ୟ ଖୋଜୁଥିବା ଲୋକ ପାଇଁ ଖାଦ୍ୟର ଭଣ୍ଡାର । ପେଟରେ ଭୋକର ଦାଉ । ଆଖି ଆଗରେ ନାନାବିଧ ସ୍ୱାଦିଷ୍ଟ ଆହାର । ବିଚରା ସବୁ ହାଣ୍ଡି ଗୁଡିକର ପଲମ ଖୋଲି ସ୍ୱାଦ ଚାଖିବାକୁ ଲାଗିଲା । ଏବେ ତା ଆଖି ଆଗକୁ ଆସିଲା ଛେନା ହାଣ୍ଡି । ହାଣ୍ଡିରେ ହାଣ୍ଡିଏ ଛେନା ରହିଛି । ମିଠା ଦୋକାନୀ ମାନେ ସକାଳେ ଆସି ନଅନ୍ତି ତଟକା

ଛେନା । ତେଣୁ ମାଉସୀ ରାତିରୁ ପ୍ରସ୍ତୁତ କରି ରଖିଦିଏ । ଏବେ ଛେନା ମୁଣ୍ଡାର ସ୍ୱାଦ ଯେତିକ ନରମ ସେତିକ ଉତ୍ତମ ସ୍ୱାଦ । ମନ ଭରି ଖାଇ ଯାଇଥିଲା ହୁକେହୋ । ପେଟ ଭରି ଖାଇ ହାକୁଟି ମାରିବାକୁ ଶୋଇଲା ବେଳକୁ ବାହାରୁ ଶୁଣା ଗଲା ବିଲୁଆ ମାନଙ୍କର ହୁକେ ହୋ ହୁକେ ହୋ । ବିଲୁଆ ଜାତି ଟିକେ ପେଟ ପୁରିଗଲେ ମନ ଖୁସିରେ ହୁକେହୋ ଶବ୍ଦ କରିଥାନ୍ତି । ପେଟରୁ ତାଙ୍କର ମିଥେନ ବାଷ୍ପ ବାହାରିଥାଏ । ସେହି ବାଷ୍ପ ବାୟୁ ସଂସ୍ପର୍ଶରେ ଆସିଲେ ଆଲୋକ ସୃଷ୍ଟି କରିଥାଏ । ହେଲେ ଆଲୋକ ସୃଷ୍ଟି କରିବାକୁ ସେମାନଙ୍କୁ ସେପରି ଖାଦ୍ୟ ଖାଇବା ଦରକାର । ଯେମିତି କି କଙ୍କଡା, ଗେଣ୍ଡା ଓ ଶାମୁକା ଆଦି । ହୁକେହୋ ବିଲୁଆ ମାନଙ୍କର ଶବ୍ଦ ଶୁଣି ନିଜକୁ ସମ୍ଭାଳି ପାରିଲା ନାହିଁ । ନିଜକୁ ବହୁତ ଆୟତ୍ତ କରି ମଧ୍ୟ ହୁକେ ହୋ କରିବାକୁ ଲାଗିଲା । ବାହାରେ ରାଧି ମାଉସୀର ନିଦ ଭାଙ୍ଗି ଯାଇଥିଲା ।

ଏତେ ରାତିରେ ମୋ ଘର ଭିତରୁ ବିଲୁଆର ଶବ୍ଦ ରାଧି ମାଉସୀକୁ ସ୍ତବ୍ଧ ଚକିତ କରିଥିଲା । ବିଲୁଆ ମୋ ଘରକୁ ଆସିଲା କେମିତି? ହେଲେ ଏତେ ରାତିରେ ମୁଁ କେମିତି ଆୟତ୍ତ କରିବି ଯେ !

ମାଉସୀ ମନେ ମନେ ଗୋଟିଏ ଉପାୟ ପାଞ୍ଚିଲା । ରାତି ପାହିଲେ ମିଠା ଦୋକାନୀ ମାନେ ଆସିବେ । ସେମାନଙ୍କୁ ଛେନା ନ ଦେଲେ ସେମାନେ ରାଗିଯିବେ ଓ ଆଉ ମୋ ପାଖକୁ ଆସିବେ ନାହିଁ । ହେଲେ ଘରେ ବିଲୁଆ ଅଛି ଦେଖିଲେ ସେମାନେ ଆଉ ଛେନା କି ଦୁଗ୍ଧ ନେବେ ନାହିଁ । କଣ କରିବି ଭାବି ସେଇ ରାତିରେ ନିଜ ବାଡିରୁ ଯାଇ ଗୋଟେ ପୁରୁଣା ଛିଣ୍ଡା ଜାଲ ଆଣିଲା । ଭଣ୍ଡାର ଘର ଠାରୁ ନିଜ ଘର ଦୁଆର ଯାଏ ପୁରା ଜାଲ ଘେରେଇ ଦେଲା । ଏବେ ଭଣ୍ଡାର ଘର ଖୋଲିଲେ ଜଣା ପଡିବ ବିଲୁଆ କି ଅନ୍ୟ କିଏ । ଓଃ ହଁ ! ଏଇଥିପାଇଁ ଘରୁ ଏମିତି ବାସ୍ନା ଆସୁଥିଲା ବୋଧେ । ଆଗରୁ ଟିକେ ଦେଖି ଦେଇଥିଲେ ମୋତେ ଏତେ ନଷ୍ଟ ସହିବାକୁ ପଡି ନ ଥାନ୍ତା ବୋଲି ମନେ ମନେ ଭାବିବାକୁ ଲାଗିଲା ।

ହୁକେହୋ ମନ ଭରି ଛେନା ଖାଇଯାଇଥିଲା ସିନା, ହେଲେ ଏଇନେ ତାର ଗୋଟିଏ ଚିନ୍ତା କେମିତି ବାହାରିବ ଏଇ ଘରୁ । ମାଉସୀ ରାତି ପାହିଲେ କୁକୁର ଲଗେଇ ମାରିଦେବ ।

ଭେକ ବିକଳରେ ପଶି ଯାଇଥିଲି ସିନା ହେଲେ ଏଇନେ କେମିତି ବଞ୍ଚିବି ଏଇ ଚନ୍ତାରେ ଏପଟ ସେପଟ ହେଉଥାଏ ବିଲୁଆ ହୁକେହୋ । ଠିକ ଏଇ ସମୟରେ ମାଉସୀ କବାଟ ଖୋଲି ଦେଇଥିଲା । ହେସ... ହେସ... କରି ବାଡ଼ି ଗୋଟେ ଆଣି ଭଣ୍ଡାର ଘରକୁ ଠକ... ଠକ... କରି ପଶୁଥିବା ସମୟରେ ହୁକେହୋ ଭୁସ କନା ଘରୁ ବାହାରି ଗଲା । ହେଲେ ଘରୁ ବାହାରିଗଲେ କଣ ହେବ ଯେ ! ବାହାରେ ଘେରା ହୋଇଥିଲା ଜାଲ । ଛନ୍ଦି ହୋଇ ଦୁମ କନା ପଡି ଯାଇଥିଲା ହୁକେ ହୋ । ଜାଲରେ ପଡି ହୁ-ହା ହେଉଥାଏ ହୁକେ ହୋ, ମାଉସୀ ବାହାରକୁ ଆସି ବିଲୁଆକୁ ଦେଖି ଏକଦମ ଖପା । "ତୋର ଏତେ ସାହସ ମୋ ଭଣ୍ଡାର ଘରକୁ ପଶି ମାରା କଲୁ । କାଲି ମୋର ଅବସ୍ଥା କଣ ହେବ ଯେତେବେଳେ ମିଠା ଦୋକାନୀ ମାନେ ଆସି ମୋ ପାଖରେ ପହଞ୍ଚିବେ । ଏମିତି କହି ଖାଲି ବିଳ... ବିଳ... ହେଉଥାଏ ବୁଧି ମାଉସୀ ।

ବୁଧି ମାଉସୀ ପାଖରେ ଗୋଟିଏ ଟାଣୁଆ ପାକଲା ବାଡ଼ି ଥିଲା । ଭାବିଲା, ହୁକେହୋକୁ ଆଖିବୁଜି ଲଦିଦେଇ ଯିବି ନିର୍ଦ୍ଦମ ପ୍ରହାର । ଏପଟେ ହୁକେହୋ ଜାଲରେ ପଡି ମାଡ ଡରରେ ଖାଲି ଆଉଁ... ଆଉଁ... ହେଉଥାଏ । ଯେତେ ଆଉଁ... ଉଁ... ହେଲେ ମଧ୍ୟ ମାଉସୀ ଛାଡିବାର ନାହିଁ । ଏପଟେ ହୁକେହୋ ଭାବୁଥାଏ କେମିତି ମାଉସୀ କବଳରୁ ଖସିବି ।

ମାଉସୀ ଯାଇ ସଙ୍ଗେ ସଙ୍ଗେ ଭଣ୍ଡାର ଘର ଦେଖେତ ପୁରା ହାଣ୍ଡି ମାରା ହୋଇ ଯାଇଛି । ସବୁ ଯାକ ହାଣ୍ଡିର ପଲମ ଖୋଲା ହୋଇ ପଡିଛି । ସବୁ ପଲମ ଗୁଡାକ ଘୋଡାଇ ଦେଇ ରାଗରେ ଗର ଗର ହୋଇ ପୁଣି ଧାଇଁ ଆସିଲା ବିଲୁଆ ପାଖକୁ । ବିଲୁଆ ମାଉସୀ କୁ ଦେଖି ଛଳନା କରି ଅଚେତ ହୋଇ ପଡିରହିଲା ସେମିତି ଜାଲରେ ଛନ୍ଦି ହୋଇ । ମାଉସୀ ଏବେ ସେମିତି ଜାଲକୁ ଗୋଡେଇ ଘାଡେଇ ବହୁତ କଷ୍ଟରେ ଟେକ ଟେକ ନେଇ ବାଡ଼ି ଆଡକୁ ଗଲିଲା । ବାଡ଼ିରେ ନେଇ ଦୁମ କନା ଫିଙ୍ଗି ଦେଇ ଘରକୁ ଆସି ସବୁ ଯାକ ହାଣ୍ଡି ଭଲ ଭାବେ ସଜାଡ଼ିଲା । ଗଙ୍ଗା ପାଣି ଛାରିଆଡ଼େ ଛିଞ୍ଚି ରାତି ପାହିବା ପୂର୍ବରୁ ଘରକୁ ପରିଷ୍କାର ପରିଛନ୍ନ କରିଦେଲା । ଏପଟେ ପୂରୁବ ଦିଗରେ ସୂର୍ଯ୍ୟ ଉଦୟ ନ ହେଉଣୁ କୁଆଡେ ଥିଲେ କୁକୁର ପଲ ଘେରିଗଲେ ହୁକେହୋ କୁ ଆମ୍ପୁଡା କାମ୍ପୁଡା କରିବାକୁ । ହୁକେହୋ କୁ ଆଉ

କଛି ବୁଦ୍ଧି ବାଟ ଦେଖା ଯାଉ ନଥିଲା । ଭାବୁଥିଲା, ଏବେ ମରିବା ଛଡା ଆଉ ବାଟ କଛି ନାହିଁ, କାରଣ ପୁରା ଶିଆଳ ଜାତି ତାର ଦିନରେ କଏ କୁଆଡେ ବୁଦା ତଳେ ଲୁଚ ଯାଇଥିଲେ । ଛେନା ଖାଇ ପରମ ଶାନ୍ତି ପାଇଥିବା ହୁକେହୋ ଆଜି ମରିବା ପାଇଁ ବାଧ ବୋଲି ଭାବୁଥିଲା । କନ୍ତୁ "ବିଲୁଆ ବଡ ଚତୁର" ଭଳ କଳେବଳେ କୌଶଳେ ହୁକେହୋ ନଜ ପ୍ରୟାସ କ୍ରମେ ଛନ୍ଦିହୋଇ ପଡିଥିବା ଜାଲରୁ ମୁକ୍ତି ପାଇ କଆବୁଦା ଆଡକୁ ଦୌଡି ପଳାଇ ଥିଲା ଯେଉଁଠି ତାର ଅନ୍ୟ ସାଥି ଲୁଚ ରହିଥିଲେ ହୁକେହୋର ଅପେକ୍ଷାରେ.....

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ



# ନେତାଜୀ ସୁବାସ



ଗ୍ରଜକଶୋର ସାଇଁ

ଜାଣିଛକି ପିଲେ କଏ କହିଥିଲେ
ରକ୍ତ ଦିଅ ଦେବି ମୁଁ ସ୍ୱାଧୀନତା,
ଗଢିଥିଲେ ସିଏ ଆଜାଦ୍ ହିନ୍ଦ ଫୌଜ
ମୁକ୍ତ କରିବାକୁ ଭାରତମାତା ।୧ ।
ଫିରିଙ୍ଗି ଶାସନ ଦମନ ଲୀଳାରେ
ଗଭୀର ଭାବରେ ହୋଇ ବ୍ୟଥିତ,
ଦେଶୁ ହଟାଇବା ପାଇଁ ବିଦେଶୀଙ୍କୁ
ନେଇଥିଲେ ସିଏ ବଜ୍ର ଶପଥ ।୨ ।
ଦେଶ ସ୍ୱାଧୀନତା ମହା ସଂଗ୍ରାମରେ
ଗାନ୍ଧୀଙ୍କ ଭୂମିକା କଲା ମୋହିତ,
ଜାତିର ଜନମ ଆଖ୍ୟା ଦେଲେ ତାଙ୍କୁ
ବାପୁଜୀ ନାମେ ଯେ ହୋଇଲେ ଖ୍ୟାତ ।୩ ।
ଲକ୍ଷ୍ୟ ଏକ ଆଉ ଅଭିନ୍ନ ଥିଲେ ହେଁ
ମାର୍ଗ ଦୁହିଁଙ୍କର ଥିଲା ଅଲଗା,
ବିରୋଧ କଲାରୁ ଗାନ୍ଧୀଙ୍କ ନୀତିକୁ
ତାଙ୍କପାଇଁ ପଡିଲା ଏ ମହଙ୍ଗା ।୪ ।
ପୂର୍ଣ୍ଣ ସ୍ୱାଧୀନତା ଅଖଣ୍ଡ ଭାରତ
ଥିଲା ସବୁଠାରୁ ବଡ ସଙ୍କଳ୍ପ,
ଏ ଲକ୍ଷ୍ୟ ହାସଲ ପାଇଁ ସବୁ ତେଜି
ଛାଡିଗଲେ ସିଏ ଅଲିଭା ଛାପ ।୫ ।

ଇତିହାସ ସିଏ ରଚବାକୁ ଯାଇ
ନିଜେ ଇତିହାସ ପାଲଟିଗଲେ,
ଅଭୁଲା ତାଙ୍କର ଦେଶପ୍ରେମ ଭାବ
ତାଙ୍କ ବୀରଗାଥା କିଏ ନ ଭୁଲିବେ ।୬।
ଜୀବନ ତାଙ୍କର ଥିଲା ସମର୍ପିତ
ମାଟି ମାଆ ସେବା କରିବାପାଇଁ,
ହୋଇଗଲେ ସିଏ ଏ ଜାତି ନମସ୍ୟ
ତାଙ୍କ ପରି ଆଉ କିଏ ବା ନାହିଁ ।୭।
ସାଲିସ ବିହୀନ ସଂଗ୍ରାମ କରି ସେ
ସାଜିଲେ ସଭିଙ୍କ ପାଇଁ ଦୃଷ୍ଟାନ୍ତ
ସିଏ ଆମ ପ୍ରିୟ ନେତାଜୀ ସୁବାସ
ତାଙ୍କ ମୃତ୍ୟୁ ଏବେ ରହସ୍ୟାବୃତ୍ତ ।୮।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ



# ବହି




ଅମ୍ବିକା ସ୍ୱାଇଁ

ବହି ଏକ ଏମିତି ଉପାଦାନ
ନାହିଁ ତାହାର ତୁଳନା
ଯେତେ ଘୋଷି ମାଜି ପଢିବ ତାକୁ
ଜ୍ଞାନ ବଢ଼ିବ ସିନା ।
ବହି କରେନ ଅନ୍ତର  ପାନ୍ତର
ସଭିଙ୍କ ପାଇଁ ସମାନ
ତାକୁ ଯେ କରି ପାରିଲା ଆୟତ୍ତ
ସେ ରଖେ ତାର ମାନ ॥
ପାଠ ବହିରେ ନ ରହି ସୀମିତ
ଅନ୍ୟ ବହି ମଧ ପଢ଼
ପ୍ରତେକ ବହିରୁ ଜ୍ଞାନ ପାଇ ତୁମେ
ଜୀବନ କୁ ତୁମ ଗଢ ॥
ପୁରାଣ, ଭାଗବତ ରାମାୟଣ
ସବୁ ଜ୍ଞାନ ର ଭଣ୍ଡାର
ସେଥିରୁ କେତେ କଥା ଶିଖା ହୁଏ
ପଢିବା ଯେ ଦରକାର ॥
ନୀତିଶିକ୍ଷା  ଆଉ ଗପ କାହାଣୀ
ପଢ଼ି ମନ ହୁଏ ତାଜା
ସେଥିରୁ ବି ମିଳେ ଜ୍ଞାନ ଆମକୁ
ପଢିଶୁଣି ଲାଗେ ମଜା ॥

ବହି ଅଟେ ଅନନ୍ୟ, ଅଜର, ଅମର
ନାହିଁ ତାର ପଟାନ୍ତର
କେତେ ଲିପିବଦ୍ଧ ଅଛି ସେଥିରେ
କର ତାକୁ ଆପଣାର ॥
ବହି ଶ୍ରେଷ୍ଠ ଧନ ଅଟେ ଆମର
ସଭିଙ୍କୁ ଦେଖାଏ ବାଟ
ଜୀବନକୁ ଗଢ଼େ କରି ସଫଳ
ପଢ଼ିବ ଯଦି ନକରି ମଠ ॥
ବହି ଅଟେ ଗୁଣୀ ଜ୍ଞାନୀ ଆମର
ତାକୁ କରୁଛି ନମନ
ବହିର କର ଜୟକାର ଧ୍ୱନ
ଯେ ରଖେ ସବୁରି ମାନ ॥

ଶ୍ୟାମପୁର, ଭୁବନେଶ୍ୱର



# ମାନବ ସେବା ହିଁ ଈଶ୍ୱର ଦର୍ଶନ



ଭଜରାମ ସେଠୀ

ରାମହରି ବର୍ମା ବହୁତ ଗରିବ କନ୍ତୁ ସ୍ୱାଭିମାନୀ ମଣିଷଟିଏ ଥିଲେ । ସେ ବହୁତ ପରିଶ୍ରମୀ ଏବଂ ତାଙ୍କ ଚନ୍ତାଶୀଳ ଉନ୍ନତ ଧରଣ; ମୁଁ ଭଲେ ଜଣେ ଶ୍ରମିକ ହୋଇପାରେ କନ୍ତୁ ଈଶ୍ୱର ମୋତେ ଦୁଇ ହାତ କଠିନ କର୍ମ କରିବା ପାଇଁ ଦେଇଛନ୍ତି, ଆଉ ଅବା କ'ଣ ଦରକାର .... । ତା'ଙ୍କ ସ୍ତ୍ରୀ ବି ନଜ ସ୍ୱାମୀଙ୍କ ହାତରେ ହାତ ମିଶାଇ ବହୁତ ପରିଶ୍ରମ କରୁଥିଲେ । ସେମାନେ ବୁଝିପାରିଥିଲେ "କର୍ମ ହିଁ ଈଶ୍ୱର ଦର୍ଶନର ଏକ ମାର୍ଗ " ।

ରାମହରି ବର୍ମାଙ୍କ ଏକଇରେବଳା ବିଶିକେଶନ ଦିନେଶ । ସେ କେବେ ମା' ବାପାଙ୍କୁ ମଧ୍ୟ ହକ୍ କରି କଛି ମାଗିନ, ସେମାନେ ଯାହା ଦିଅନ୍ତି ଦିନେଶ ଆନନ୍ଦରେ ଈଶ୍ୱର ଦାନ ବୋଲି ଭାବୁଥାଏ । ବିଦ୍ୟାଳୟରେ ଗୁରୁଜୀ ଗୁରୁ ମା' ମାନଙ୍କର ଦିନେଶ ଜଣେ ଉତ୍ତମ ଛାତ୍ର ଥିଲା, ଖେଳକୁଦରେ ମଧ୍ୟ ସେ ବହୁତ ଆଗୁଆ ଥିଲେ । ନଜ ଗାଁ ' ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀରେ ବୃତ୍ତି ହାସଲ କରି ନବୋଦୟ ପାଇଲା ତେଣୁ ସରକାର ତାଙ୍କୁ ଭୁବନେଶ୍ୱରର ନବୋଦୟ ସରକାରୀ ବିଦ୍ୟାଳୟରେ ପଢାଇଲେ । ସେଠି ସଫଳତା ସହ ଜ୍ଞାନ ହାସଲ କଲେ, ଏ ମେଧାବୀ ଛାତ୍ର ଜଣଙ୍କୁ ଦିନେ ସ୍କୁଲ ଶିକ୍ଷକ ପଚାରିଲେ, "ଦିନେଶ ତୁମେ କ'ଣ ହେବ ? ଏହା ଶୁଣି ଦିନେଶ ଉଲ୍ଲାସିତ ହୋଇଗଲେ ଏବଂ କହିଲେ ରୋଗୀଙ୍କ ସେବା କରିବି, ଯେଉଁ ସମାଜ ଡକ୍ଟରଙ୍କୁ ଭଗବାନ ଆଖ୍ୟା ଦିଏ, ସେଠି ମୁଁ ଏକ ସାଧାରଣ ମଣିଷଟିଏ ହୋଇ ରୋଗୀ ସେବାରେ ଜୀବନକୁ ଉତ୍ସର୍ଗିତ କରିଦେବି । ଆଉ ଯେଉଁଠି ବାପା ମା' ଙ୍କୁ ରୋଗ ହେଲେ ବୃଦ୍ଧ ବୃଦ୍ଧାର ପରିଚୟ ଦେଇ ଅଲୋଡ଼ା ମଣିଷ ବୋଲି ଘରୁ ତଡିଦିଅନ୍ତି ସେଇ ପରିସ୍ଥିତିରେ ସେମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରି, ସମାଜକୁ ସବୁ ଚିକିତ୍ସକ ପାଇଁ ନୂତନ ଦିଗଟିଏ ଦେଖାଇବି । ଏହା ଶୁଣି ଶିକ୍ଷକ ଅବାକ ହୋଇଗଲେ, ଶ୍ରେଣୀକକ୍ଷ ସତେ ଯେମିତି ନୀରବ ହୋଇଗଲା, କଏ ଦିବ୍ୟାଲୋକ ନେଇ ଦୃଶ୍ୟମାନ ହେଲାଭଳି ଦିନେଶ ଦେଖାଗଲା । ଶିକ୍ଷକମାନେ ଆଶୀର୍ବାଦ ଓ ଶ୍ରଦ୍ଧା ଦେଇ ଦିନେଶ ର

ପ୍ରତ୍ୟେକ ଜିଜ୍ଞାସାକୁ ସଠିକ ଉତ୍ତର ଦେଇ ଖୁସି କରାଉଥିଲେ । ବର୍ତ୍ତମାନ ଦିନେଶ ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶାର ପ୍ରଥମ ସ୍ଥାନ ରଖି ଉତ୍ତୀର୍ଣ୍ଣ ଲାଭ କଲେ ।

ରାମହରି ବର୍ମା ଖୁସିରେ ଗାଁ ' ସାରା ମିଠା ବଣ୍ଟନ କଲେ ମୋ' ଦିନେଶଟା ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶାର ପ୍ରଥମ ସ୍ଥାନ ରଖିଛି କହୁଥାନ୍ତି ଏବଂ ତାଙ୍କ ଆଖିରୁ ଖୁସିର ଲୁହ ଅନାମନା ହୋଇ ଝରିପଡୁଥାଏ ।

ଦିନେଶ କଛି ଦିନ ଫକର ମୋହନ ବିଜ୍ଞାନ ମହାବିଦ୍ୟାଳୟରେ ବି.ଏସ.ସି ରେ ଉତ୍ତୀର୍ଣ୍ଣ ହୋଇ ଡକ୍ଟର ପାଠ ପଢ଼ିବା ପାଇଁ ମନସ୍ଥ କରିଛନ୍ତି । ବାପା-ମା' ଦୁହେଁ ମଧ ପୁଅର ଇଛାକୁ ସମ୍ମାନ ଦେଇ ଘରକୁ ଜ୍ୟୋତିମଦନ ଶର୍ମା ପାଖରେ ବନ୍ଧକ ଦେଲେ । କଛି ଟଙ୍କା ନେଇ ଦିନେଶ ଇଂଲଣ୍ଡ ଡାକ୍ତରୀ ପାଠ ପଢ଼ିବା ପାଇଁ ଗଲେ, ସେଠାରେ ଦିନେଶ ଗରିବ ହୋଇଥିବାରୁ ଇଂଲଣ୍ଡର କେହି ସାଙ୍ଗସାଥି ହେଉ ନଥାନ୍ତି, ଯା'ହେଉ "ଅରକ୍ଷିତକୁ ଦଇବ ସାହା" ସେଠି ଜଣେ ଲେକଚର୍ ଦିନେଶ କୁ ସାହାଯ୍ୟ ଦେଲେ ଏବଂ ପାଠପଢ଼ା ପାଇଁ ମଧ ଅନେକ ବହି, ପରୀକ୍ଷା ନୀରିକ୍ଷା ପାଇଁ ନାନାପ୍ରକାର ଅତି ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଦେଲେ । ଇଂଲଣ୍ଡରେ ଚକତ୍ସା ଅଧ୍ୟୟନ ଚାରି ବର୍ଷ କରି ଭଲ ନମ୍ବର ରଖି ପ୍ରଥମ ସ୍ଥାନ ପାଇଲେ । ନଜର ମାତୃଭୂମିକୁ ଦିନେଶ ସରକାରୀ ଚକତ୍ସକ ଭାବେ ନଯୁକ୍ତି ହୋଇ ଆସିଲେ । ନଯୁକ୍ତିର ପ୍ରଥମ ଦିନ ହିଁ ଦିନେଶ ପାଇଁ ସ୍ମରଣୀୟ ରହିଲା କାରଣ ସେ ସାଧାରଣ ପେଣ୍ଟ, ସାର୍ଟ ପିନ୍ଧି ଆସିଥିବାରୁ ଅନ୍ୟ ଡାକ୍ତରମାନେ ଅଟହାସ୍ୟ ଶିକାର କରିଥିଲେ । ଚାକରୀର ପ୍ରଥମ ମାସ ଦରମା ପଚଶିହଜାର, ସେ ଦରମା ସେ ନଜ ବାପାକୁ ଦେଇ କହିଲେ, "ବାପା ଏ ଦରମା ଟଙ୍କା ନେଇ ବୃଦ୍ଧାଆଶ୍ରମରେ ଦେଇଦିଏ" । ଏତକ ଶୁଣି ରାମହରିଙ୍କ ଆଖିରୁ ଲୁହ ଥପ ଥପ ହୋଇ ଝରିବାକୁ ଲାଗିଲା, ପୁଅକୁ କୁଣ୍ଢେଇ ଧରି କହିଲେ ଧନରେ "ଭଙ୍ଗା କୁଡିଆର ତୁ ମୋ' ଉଦିଆ ଜହ୍ନ"।

ଦିନେଶ ଙ୍କ ସେବା ଓ ଚକତ୍ସା ଦ୍ୱାରା ଅନେକ ଅସାଧ ରୋଗୀ ବି ସୁସ୍ଥ ଅନୁଭବ କଲେ । ବାଃ......ଚମତ୍କାର ଏ ମହାନ ବ୍ୟକ୍ତି, ସତେ ଇଶ୍ୱର ଦର୍ଶନ ଦେଲାଭଳ । ରୋଗୀଙ୍କୁ ମିଠା ମିଠା ଭାଷା କହି ରୋଗୀର ରୋଗକୁ ଦୂର କରିଦେଉଥିଲେ । ମାନସିକ ଚନ୍ତା କାହାରି ମସ୍ତିଷ୍କରେ ରଖେଇ ଦେଉ ନଥିଲେ, ରୋଗୀ ଶରୀରକୁ ହାତ ବୁଲାଇ ସୁଖି କରିଥିଲେ

ସୁନ୍ଦର କେଉ ପଦ ଈଶ୍ବର ଭକ୍ତି କଥାରେ .....। ସେ କେବଳ କହୁଥିଲେ ଈଶ୍ବର ହିଁ ତୁମମାନଙ୍କୁ କଛି କ୍ଷଣ ଦୁଃଖ ଦେଇଛନ୍ତି କାହିଁକ ନା ସୁଖର ପାହାଡ଼ ଉପରେ ବସାଇବା ପାଇଁ, ତେଣୁ ଏ ଶରୀରର ଦୁଃଖ ସୁଖର ପାହାଚରେ ରହି ଈଶ୍ବରଙ୍କୁ ଦର୍ଶନ କରିବା ପାଇଁ, ଆସ ସଭିଏଁ ଈଶ୍ବରଙ୍କ ଭକ୍ତିରେ ମଜିଯିବା ।

କଛି ଦିନ ପରେ ଦିନେଶ ଭାରତ ସରକାରଙ୍କ ପାଖରେ ଉତ୍ତମ ଡାକ୍ତରଭାବେ ପୁରସ୍କୃ ତ ହେଲେ, ପିଲାବେଳେ ଗୁରୁ ଆଗରେ କହିଥିବା ଗୋଟି ଗୋଟି କଥା ପାଳନ କଲେ । ଦୁଃଖିରଙ୍କି ପାଇଁ **DOCTOR** ଦିନେଶ ଡକ୍ଟର ନୁହଁନ୍ତି ମଣିଷ ରୂପରେ ଈଶ୍ବରଟିଏ ହୋଇଗଲେ । ସେ ଡାକ୍ତରମାନଙ୍କ ପାଇଁ ଏକ ଉଦାହରଣ ହୋଇଗଲେ । ଦିନେଶ ଭଳ ଅନ୍ୟ ଡାକ୍ତରମାନେ ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କଲେ, ସମାଜ ସତରେ ବୈକୁଣ୍ଠ ଭୂବନ ପାଲଟି ଯିବ । ପଇସା ଅଭାବରେ ମରୁଥିବା ଦୁଃଖିରଙ୍କି ନୂତନ ଜୀବନ ପାଇପାରିବେ ।

ଶେଷରେ ଦିନେଶ ମୁଖରୁ କେଉ କଥା "ମଣିଷର ଉତ୍ତମ ବିଚାର, ଉତ୍ତମ କର୍ମ ତାକୁ ଦିଗଦର୍ଶନ ଦେଖାଉଥାଏ, ମାନବ ସେବା ହିଁ ଈଶ୍ବର ଦର୍ଶନର ଏକମାତ୍ର ରାସ୍ତା । ଯେକୌଣସି ମାଧ୍ୟମରେ ସମାଜରେ ଉତ୍ତମ ସେବା କଲେ ଈଶ୍ବରଙ୍କ ଦର୍ଶନ ନିଶ୍ଚୟ ଲଭିପାରିବ" ।

ଦିନେଶ ଭଳ ଡାକ୍ତର ହିଁ ପ୍ରକୃତ ଭଗବାନ ।

ନିରଳ, ଦେବଭୂମି, ଆସ୍କା, ଗଞ୍ଜାମ

# ଆମ ବଗିଚ୍ଚ



ପ୍ରଶାନ୍ତ କୁମାର ନାଥ

ବଗିଚ୍ଚ ଆମର ଦିଶଇ ସୁନ୍ଦର
ଫୁଟିଥାଏ ନାନାଫୁଲ
ଗେଣ୍ଡୁ ଚମ୍ପା ଆଉ ରଂଗଣୀ ମାଳତୀ
ଦିଶୁଥାଇ ଝଲମଲ ।

କସୁନ୍ଦର ଆହା ମହକ ଛୁଟଇ
ବସୁଥାଏ ମହମହ
ମଳୟ ପବନ ବାଜୁଥିଲେ ଆସି
ପ୍ରଫୁଲିତ ହୁଏ ଦେହ ।

ସେହି ବଗିଚ୍ଚକୁ ରଖିଛୁ ସଜେଇ
ଦେଉଛୁ ଗଛରେ ପାଣି
ଉର୍ବର ପାଇଁକି ମୂଳରେ ତାହାର
ଦେଉଅଛୁ ସାର ଆଣି ।

ଜତନ ତାହାର ନେଉଅଛୁ ବୋଲି
ହସୁଅଛି ସେ ବଗିଚ୍ଚ
ଫୁଲଫଳ ସାଥେ ସେଇଠି ରହିଛି
ସୁନ୍ଦର ଘାସଗଲିଚ୍ଚ ।

ସେହିଠାରେ ଆମେ ଖେଳୁଛୁ ବୁଲୁଛୁ
ଆନନ୍ଦମନରେ କେତେ
ଆମରି ପାଇଁକି ବଗିଚ୍ଚ ହସୁଛି
ସବୁଦିନ ଆମସାଥେ ।

ବଦ୍ରାହାଲି, ଜିଗନହୋବଲି,
ଅନେକଲତାଲୁକ, ବାଙ୍ଗାଲୋର

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୫/୦୩/୨୦୨୦ | ଫଗୁ ଦଶମୀ, ଦୋଳ ଯାତ୍ରାରମ୍ଭ ଓ ସୁଦଶା ବ୍ରତ |
| ୦୬/୦୩/୨୦୨୦ | ପାପନାଶିନୀ ଏକାଦଶୀ ଉପବାସ |
| ୦୭/୦୩/୨୦୨୦ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୦୮/୦୩/୨୦୨୦ | ବଗ୍ରହ ଦୋଳ ଓ ଓଅଳକଣା ବେଲଣ |
| ୦୯/୦୩/୨୦୨୦ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ |
| ୧୦/୦୩/୨୦୨୦ | ହୋଲି ଉତ୍ସବ |
| ୧୪/୦୩/୨୦୨୦ | ମୀନ ସଂକ୍ରାନ୍ତି |
| ୧୯/୦୩/୨୦୨୦ | ପାପମୋଚନୀ ଏକାଦଶୀ |
| ୨୧/୦୩/୨୦୨୦ | ମହାବାରଣୀ ସ୍ନାନ |
| ୨୨/୦୩/୨୦୨୦ | ୧୯୪୨ ଗ୍ରୀଷ୍ଟୀୟ ନବବର୍ଷ, ବାରଣୀ ସ୍ନାନ, ଶିବ ଚତୁର୍ଦ୍ଦଶୀ |
| ୨୩/୦୩/୨୦୨୦ | ସବେ-ମେରାଜ (ପୂର୍ବରାତ୍ରି), ସ୍ନହୀ ଚତୁର୍ଦ୍ଦଶୀ |
| ୨୪/୦୩/୨୦୨୦ | ମଧୁ ଅମାବାସ୍ୟା |
| ୨୫/୦୩/୨୦୨୦ | ସୃଷ୍ଟ୍ୟାରମ୍ଭ ଦିବସ,ତେଲୁଗୁ ନୂତନ ବର୍ଷ |
| ୨୬/୦୩/୨୦୨୦ | ଦ୍ୱିତୀୟାର ଚନ୍ଦ୍ର ଦର୍ଶନ |
| ୩୦/୦୩/୨୦୨୦ | ବାସନ୍ତୀକ ମୃଣୟି ଦେବୀଙ୍କ ବିଲ୍ୱବରଣ, ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚ୍ଚା ଯାତ୍ରା, ବୃହସ୍ପତି ଚଳନ |
| ୩୧/୦୩/୨୦୨୦ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଫେବୃୟାରୀ ମାସର ବିଜେତାଙ୍କ ନାମ



ଶ୍ୱାନଠାରେ ନାହିଁ କଳାଗୋରା ଅବା
ଶତ୍ରୁମିତ୍ର ଭେଦଭାବ।
ସୁଖରେ ଦୁଃଖରେ ରହନ୍ତି ସାଥିରେ
ସତରେ ମହାନୁଭବ।
ବିଶ୍ୱାସରେ ବିଷ ଦିଅନ୍ତିନ କେବେ
ସବୁପ୍ରାଣୀରେ ବିଶ୍ୱସ୍ତ।
ବିଶୃଙ୍ଖଳ ଏଇ ମଣିଷଜାତିର
"ଜୀବେଦୟା" ହେଉ ବ୍ରତ ।

ପ୍ରାଧାପିକା ଜ୍ୟୋସ୍ନା ରାୟ, ଆଜିମାବାଦ, ବାଲେଶ୍ୱର

କ ରାତି କ ଦିନ ତନ୍ଦ୍ରା ଯା' ସହଚର
ପରିଚୟ ପୋଷା ଅବା ବୁଲା କୁକୁର ।।
ସାଇକେଲ୍ ଅଛି ସ୍କୁଟି ବାଇକ୍ ଅଛି
କିନ୍ତୁ ହେଲମେଟର ନାହିଁଦେଖା
ନୂଆ ଟ୍ରାଫିକ୍ ଆଇନ ଅମାନ୍ୟ କରି
ବୋଧେ, ଧରା ପଡ଼ିଛନ୍ତି ଗ୍ରୁରି ସଖା ।।

ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ସିନାପାଲି

ଦିବସର ଶେଷ, କ୍ଲାନ୍ତ ଶ୍ରାନ୍ତ ବେଶେ, ଯେବେ ପ୍ରାଣୀ ଘରେ ଯାଏ,
ଛାଡି ତୂଳୀତଳ୍ପ, ମାଆ କୋଳ ଶେଜ,
ବିଶ୍ରାନ୍ତୀ କ ପୁର୍ ହୁଏ?
ବିଜେତା: ମୀନାକ୍ଷି ପାଢୀ, ଶିକ୍ଷୟିତ୍ରୀ, ଚକଟିପେଣ୍ଠ, ଗଞ୍ଜାମ

ଠେଲାଗାଡ଼ିରେ ଶୋଇଛନ୍ତି ବାରବୁଲା କୁକୁର,
ନିଦରୁ ଉଠେଇଲେ ଭୁକିବେ ବହୁ ଜୋର୍‌ଦାର,
ଚୁପ୍‌ଚାପ୍ ଗୁଲିଗୁଲି ପଳାଇବା ହୋଇ ହୁସିଆର,
କାମୁଡ଼ିଲେ ଶୁଭିବ କେବଳ କ୍ଷତିଗ୍ରସ୍ତଙ୍କର ହାହାକାର

**ବିଜେତା: ଶ୍ରୀ ରାଜଶେଖର ସି 'ଚମା'**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**